# ମାନବାଧିକାର ବିଧିବିଧାନ- ଏକ ନିର୍ବାଚିତ ସଂକଳନ

୧. ଭାରତର ସମ୍ବିଧାନ ଓ ମୌଳିକ ବିଧିବିଧାନରେ ମାନବାଧିକାର
୨. ଜାତୀୟ ଓ ରାଜ୍ୟ ସ୍ତରରେ ମାନବାଧିକାର ସୁରକ୍ଷା ଆଇନ୍
୩. ବଧୂ ନିର୍ଯ୍ୟାତନା ଓ ଘରୋଇ ହିଂସା ସଂପର୍କୀତ ବିଧିବିଧାନ
୪. ସ୍ୱତନ୍ତ୍ର ବିବାହ ଆଇନ୍ ୧୯୫୪
୫. ଅନୈତିକ ଚାଲାଣ ପ୍ରତିଷେଧ ଆଇନ୍ ୧୯୫୬
୬. ଯୌତୁକ ନିବାରଣ ଆଇନ୍ ୧୯୬୧
୭. ଜାତୀୟ ଓ ରାଜ୍ୟ ସ୍ତରରେ ମହିଳା କମିଶନ୍ ବ୍ୟବସ୍ଥା
୮. ବାଳୁତ ଶ୍ରମ ନିବାରଣ ପାଇଁ ବିଧିବିଧାନ
୯. ବାଲ୍ୟ ବିବାହ କଟକଣା ଆଇନ୍ ୧୯୨୯ ଓ ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬
୧୦.ବାଳୁତ ଅଧିକାରସମୂହର ସୁରକ୍ଷା ପାଇଁ କମିଶନ୍‌ସମୂହ ଆଇନ୍ ୨୦୦୫
୧୧. କିଶୋର ନ୍ୟାୟ (ବାଳୁତ ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୦୦
୧୨. ନାଗରିକ ଅଧିକାରସମୂହ ସୁରକ୍ଷା ଆଇନ୍ ୧୯୫୫
୧୩. ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି (ନିର୍ଯ୍ୟାତନା ନିବାରଣ) ଆଇନ୍ ୧୯୮୯
୧୪. ଓଡିଶା ରେଗୁଲେସନ୍-୨, ୧୯୫୬ ବା ଓଡିଶା ଅନୁସୂଚୀତ ଅଞ୍ଚଳମାନଙ୍କରେ ସ୍ଥାବର ସମ୍ପତ୍ତିର ହସ୍ତାନ୍ତରଣ (ଅନୁସୂଚୀତ ଜନଜାତିଙ୍କ ଦ୍ୱାରା) ରେଗୁଲେସନ୍ ୧୯୫୬
୧୫. ଜଙ୍ଗଲ ଅଧିକାର ଆଇନ୍ ୨୦୦୬
୧୬. ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ ୨୦୦୫
୧୭. ସୂଚନା ଅଧିକାର ଆଇନ୍ ୨୦୦୫ ଏବଂ ଓଡିଶାରେ ଏହାର ପ୍ରୟୋଗବିଧି - ଏକ ପୁନର୍ପୌନିକ ଜିଜ୍ଞାସା
୧୮. ଓଡିଶା ଗ୍ରାମ ପଞ୍ଚାୟତ (ଲଘୁ ବନସାମଗ୍ରୀ ପ୍ରଶାସନ) ନିୟମାବଳୀ, ୨୦୦୨
୧୯. ଓଡିଶା ଜମି ପାସ୍‌ବୁକ୍ ନିୟମାବଳୀ ୨୦୦୬
୨୦. ଓଡିଶା ସରକାରଙ୍କ 'ଭୂମି ମିଶନ୍' 'ବସୁନ୍ଧରା ଯୋଜନା' ଏବଂ 'ମୋ ଜମି ମୋ ଡିହ ଅଭିଯାନ'
୨୧. ଓଡିଶା ସରକାରଙ୍କ ଅବକାରୀ ନୀତି ୨୦୧୦-୧୧

## ୧ : ଭାରତର ସମ୍ବିଧାନ ଓ ମୌଳିକ ବିଧିବିଧାନରେ ମାନବାଧିକାର

୧୯୫୦ ଜାନୁଆରୀ ୨୬ ଠାରୁ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଆସୁଛି । ଏହି ସମ୍ବିଧାନ ବିଭିନ୍ନ କ୍ଷେତ୍ରରେ ସମସ୍ତଙ୍କ ପାଇଁ ସମାନ ଅଧିକାର ଘୋଷଣା କରିଛି । ଏଥିରେ ଥିବା ବିଧିବ୍ୟବସ୍ଥାକୁ ଭିତ୍ତିକରି ବିଭିନ୍ନ ଆଇନ୍‌କାନୁନ୍, ସରକାରୀ ନୀତିନିୟମ ଏବଂ ଯୋଜନାସମୂହର ପ୍ରଣୟନ କରା ହୋଇଆସୁଛି । ଏହି ସମ୍ବିଧାନରେ ମୋଟ ୨୨ଟି ଭାଗ, ୩୯୫ଟି ଧାରା ଏବଂ ୧୨ଟି ଅନୁସୂଚୀ ରହିଛି । ଉଲ୍ଲେଖନୀୟ ଯେ, ଏହାର ଭାଗ-୩ରେ ଧାରା ୧୨ ରୁ ୩୫ ଯାଏଁ ନାଗରିକମାନଙ୍କର ମୌଳିକ ଅଧିକାରସମୂହ ସ୍ଥାନିତ ହୋଇଛି ଏବଂ ଭାଗ-୪ରେ ଧାରା ୩୬ ରୁ ୫୧ ଯାଏଁ ରାଜ୍ୟମାନଙ୍କର ନୀତି ପ୍ରଣୟନ ପାଇଁ ନିର୍ଦ୍ଦେଶାବଳୀ ସୂଚୀତ ହୋଇଛି ତଥା ସଂବିଧାନର ସଂଶୋଧନ କ୍ରମେ ଯୋଡା ଯାଇଥିବା ଧାରା-୫୧(ଏ)ରେ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟାବଳୀ ସ୍ଥାନିତ ହୋଇଛି ।

**ମୌଳିକ ଅଧିକାର :**

| **ଧାରା ସଂଖ୍ୟା** | **ମୌଳିକ ଅଧିକାରର ନାମ** |
|---|---|
| ଧାରା ୧୪ | : ଆଇନ୍ ସମ୍ମୁଖରେ ସମାନତାର ଅଧିକାର ତଥା ଦେଶର ଯେ କୌଣସି ଅଞ୍ଚଳରେ ଆଇନ୍‌ର ସମାନ ପ୍ରୟୋଗ ପାଇଁ ଅଧିକାର । |
| ଧାରା ୧୫ | : ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ କାହାକୁ ବାଛବିଚାର କରାନଯିବାର ଅଧିକାର । |
| ଧାରା ୧୫(୩) | : ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ପ୍ରଣୟନ ପାଇଁ ରାଜ୍ୟକୁ କ୍ଷମତା ପ୍ରଦାନ । |
| ଧାରା ୧୬ | : ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ କୌଣସି ନାଗରିକଙ୍କୁ ବାଛବିଚାର କରାନଯିବାର ଅଧିକାର । |
| ଧାରା ୧୯ | : ଭାଷଣ ଓ ମତପ୍ରକାଶ, ସଭାସମିତି, ସଂଗଠନ, ଦେଶ ଭିତରେ ଚଳପ୍ରଚଳ ଓ ବସବାସ କରିବା, ତଥା ଯେ କୌଣସି ବୃତ୍ତି ଓ ବ୍ୟବସାୟ କରିବାର ସାଧିନତା । |
| ଧାରା ୨୧ | : ଜୀବନ ଓ ବ୍ୟକ୍ତିଗତ ସାଧୀନତାରୁ ବଞ୍ଚିତ ନହେବା ପାଇଁ ଅଧିକାର । |
| ଧାରା ୨୩ | : ମଣିଷ ଚାଲାଣ ଉପରେ ନିଷେଧ । |

ଯେଉଁ ସ୍ଥଳେ ସମ୍ବିଧାନ-ସ୍ୱୀକୃତ ଏକ ଅଧିକାରର ଉଲଂଘନ ଘଟେ, ବ୍ୟଥିତ ବ୍ୟକ୍ତି ହାଇକୋର୍ଟ କିମ୍ବା ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହୋଇପାରିବେ । ପୁଣି ଯେ କୌଣସି ବ୍ୟାପାରରେ ନିମ୍ନ ଅଦାଲତ ଦ୍ୱାରା ପ୍ରଦତ୍ତ ଏକ ରାୟରେ ଯଦି ଜଣେ ବ୍ୟକ୍ତି ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ଉଚ୍ଚତର କୋର୍ଟରେ ଆବେଦନ କରିପାରିବେ ଏବଂ ସେହି କ୍ରମରେ ହାଇକୋର୍ଟରେ ମଧ୍ୟ ଆବେଦନ କରିପାରିବେ । ଯଦି ହାଇକୋର୍ଟଙ୍କ ରାୟରେ ସେ ସନ୍ତୁଷ୍ଟ ନ ହୁଅନ୍ତି ତେବେ ସୁପ୍ରିମ କୋର୍ଟରେ ମଧ୍ୟ ଆବେଦନ କରିପାରିବେ । କେଉଁ ରାଜ୍ୟ ପାଇଁ କେଉଁ ହାଇକୋର୍ଟ ପ୍ରଯୁଜ୍ୟ ତହିଁର ଏକ ତାଲିକା ସମ୍ବିଧାନର ଏକ ପରିଶିଷ୍ଟରେ ସୂଚୀତ ହୋଇଛି । ସମଗ୍ର ଦେଶ ପାଇଁ ଉଦ୍ଦିଷ୍ଟ ଥିବା ସୁପ୍ରିମ କୋର୍ଟ ଭାରତର ରାଜଧାନୀ ନୂଆଦିଲ୍ଲୀରେ ଅବସ୍ଥିତ ।

**ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶାତ୍ମକ ନିୟମାବଳୀ :**

ଏକ ଜନହିତକାରୀ ରାଷ୍ଟ୍ରରେ ନାଗରିକମାନଙ୍କ ମଧ୍ୟରେ ତାରତମ୍ୟକୁ ଯଥାସମ୍ଭବ ଦୂର କରିବା ତଥା ସମାଜର ଦୁର୍ବଳ ଏବଂ ପଛୁଆ ଶ୍ରେଣୀମାନଙ୍କର ସର୍ବାଙ୍ଗୀନ ବିକାଶକୁ ଅଗ୍ରାଧିକାର ଦେବାର ଲକ୍ଷ୍ୟ ନେଇ କେତେ ଗୁଡ଼ିଏ ନୀତି ନିର୍ଦ୍ଦେଶନା ସମ୍ବିଧାନର ଭାଗ-୪ରେ ସ୍ଥାନିତ କରାଯାଇଛି । ଏହି ଭାଗରେ ଧାରା-୩୬ରୁ ଧାରା-୫୧ ସୂଚୀତ ହୋଇଛି । ଏହି ନୀତି ନିର୍ଦ୍ଦେଶନାଗୁଡିକର ଉଲ୍ଲଂଘନ ହେଲେ ଆମେ ଅଦାଲତରେ ଆବେଦନ କରିପାରିବା ନାହିଁ । କିନ୍ତୁ ଏହି ନୀତି ନିର୍ଦ୍ଦେଶନାଗୁଡ଼ିକ ରାଷ୍ଟ୍ର ପରିଚାଳନାରେ ଦିଗଦର୍ଶକ ଭାବେ କାର୍ଯ୍ୟ କରିବ ବୋଲି ସମ୍ବିଧାନ-ପ୍ରଣେତାମାନେ ଆଶା ପୋଷଣ କରି ଯାଇଛନ୍ତି । ଏହି ନୀତି ନିର୍ଦ୍ଦେଶନାଗୁଡ଼ିକ ସାହାଯ୍ୟରେ ଆମେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଉପରେ ଏକ ଲୋକାଭିମୁଖୀ ଆଇନ୍ ବା ନୀତି ପ୍ରଣୟନ ପାଇଁ ଅଥବା ସେସବୁକୁ କାର୍ଯ୍ୟକାରୀ କରିବା ପାଇଁ ଚାପ ପକାଇ ପାରିବା । ଏହି ନୀତି ନିର୍ଦ୍ଦେଶନାବଳୀ ସମ୍ବିଧାନର ବିବେକ ସ୍ୱରୂପ କାର୍ଯ୍ୟ କରିବ ବୋଲି ଆମେ ଆଶା କରିପାରିବା ।

**ସମ୍ବିଧାନର ନୀତି ନିର୍ଦ୍ଦେଶାବଳୀରେ ମହିଳାମାନଙ୍କ ନିମନ୍ତେ ବିଧିବ୍ୟବସ୍ଥା**

**ଧାରା ୩୯(ଏ) :** ପୁରୁଷ ଓ ମହିଳା ନିର୍ବିଶେଷରେ ଭାରତବର୍ଷର ସମସ୍ତ ନାଗରିକଙ୍କର ଉପଯୁକ୍ତ ଜୀବିକା ନିର୍ବାହ ପାଇଁ ସମାନ ଅଧିକାର ଅଛି ଏବଂ ଏହାକୁ ସୁରକ୍ଷା ଦେବା ସରକାରଙ୍କର ଦାୟିତ୍ୱ ଅଟେ ।

**ଧାରା ୩୯ (ଡ଼ି) :** ନିଯୁକ୍ତି କ୍ଷେତ୍ରରେ ପୁରୁଷ ଓ ମହିଳା ଉଭୟ ସମାନ କାର୍ଯ୍ୟ ପାଇଁ ସମାନ ମଜୁରୀ ପାଇବା ସକାଶେ ହକଦାର ଅଟନ୍ତି ।

**ଧାରା ୩୯(ଇ) :** କୌଣସି ବ୍ୟକ୍ତି (ମହିଳା, ପୁରୁଷ ବା ଶିଶୁ)ଙ୍କର ସ୍ୱାସ୍ଥ୍ୟ ଓ ଶକ୍ତି ଅପବିନିଯୁକ୍ତ ହେବ ନାହିଁ ଅବା ଆର୍ଥିକ ଅନାଟନ କାରଣରୁ ତାଙ୍କର ବୟସ ଓ ଶକ୍ତିର ପ୍ରତିକୂଳ ହେଉଥିବା କର୍ମକ୍ଷେତ୍ରରେ ନିଯୁକ୍ତ ହେବାପାଇଁ ସେମାନଙ୍କୁ ବାଧ୍ୟ କରାଯିବ ନାହିଁ ।

**ଧାରା ୩୯(ଏଫ୍):** ସ୍ୱାଧୀନ, ମର୍ଯ୍ୟାଦାପୂର୍ଣ୍ଣ ଏବଂ ସୁସ୍ଥ ବାତାବରଣରେ ଶିଶୁର ବିକାଶ ନିମନ୍ତେ ସୁଯୋଗ ଓ ସୁବିଧାର ବ୍ୟବସ୍ଥା କରାଯିବ। ଯୁବକ ଓ ଶିଶୁମାନେ ଶୋଷଣର ଶିକାର ହେବେ ନାହିଁ।

**ଧାରା ୩୯-ଏ:** ସମ୍ବିଧାନର ୪୨ତମ ସଂଶୋଧନ ଆଇନ୍, ୧୯୭୬ ବଳରେ ଏହି ପ୍ରାବ୍ଧାନ ଯୋଡା ଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଯେଉଁ ନାଗରିକ ଗୋଷ୍ଠୀ ଆର୍ଥିକ ବା ଅନ୍ୟ କାରଣରୁ ନ୍ୟାୟ ପଇବାରୁ ବଞ୍ଚିତ ହେଉଛନ୍ତି, ସେମାନଙ୍କୁ ମାଗଣା ଆଇନ୍ ସହାୟତା ପ୍ରଦାନ ପାଇଁ ରାଷ୍ଟ୍ର ଯଥୋଚିତ ସୁଯୋଗମାନ ସୃଷ୍ଟି କରିବ।

**ଧାରା ୪୨:** କାର୍ଯ୍ୟସ୍ଥଳୀରେ ଉପଯୁକ୍ତ ଏବଂ ମାନବୀୟ ପରିବେଶକୁ ସୁନିଶ୍ଚିତ କରବା ତଥା ମାତୃତ୍ୱ କାଳୀନ ସୁବିଧାସୁଯୋଗ ଯୋଗାଇଦେବା ପାଇଁ ରାଷ୍ଟ୍ର ପ୍ରଚେଷ୍ଟା କରିବ।

**ଧାରା ୪୪:** ଦେଶର ସମଗ୍ର ଅଞ୍ଚଳରେ ଗୋଟିଏ ସମରୂପ ଦେଓ୍ୱାନି ଆଇନ୍‌ର ପ୍ରଚଳନ ପାଇଁ ରାଷ୍ଟ୍ରର ଉଦ୍ୟମ ଅବ୍ୟାହତ ରହିବ।

**ଧାରା ୪୭:** ରାଷ୍ଟ୍ରର ପ୍ରାଥମିକ କର୍ତ୍ତବ୍ୟ ହେବ ଜନସାଧାରଣଙ୍କର ପୁଷ୍ଟିସାଧନ, ଜୀବନଧାରଣର ମାନଦଣ୍ଡ ଓ ସାର୍ବଜନୀନ ସ୍ୱାସ୍ଥ୍ୟର ଅଭିବୃଦ୍ଧି ଘଟାଇବା ତଥା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନିଶାଦ୍ରବ୍ୟକୁ ନିଷେଧ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା।

**ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟାବଳୀ-**

୧୯୭୬ରେ ସମ୍ବିଧାନର ୪୨ତମ ସଂଶୋଧନ ବଳରେ ଧାରା ୫୧-ଏ ଯୋଡାଗଲା, ଯେଉଁଥିରେ କି ନାଗରିକମାନଙ୍କର ୧୦ଟି ମୌଳିକ କର୍ତ୍ତବ୍ୟର ଅବତାରଣା କରାଯାଇଛି। ଏହାର କ୍ରମସଂଖ୍ୟା (ଇ) ରେ କୁହାଯାଇଛି ଯେ, ଧର୍ମୀୟ, ଭାଷାଗତ ଏବଂ ଆଞ୍ଚଳିକ ତଥା ସଂକୀର୍ଣ୍ଣ ବିଭେଦଗୁଡିକର ଉର୍ଦ୍ଧ୍ୱରେ ରହି ଭାରତର ସମସ୍ତ ଜନସାଧାରଣଙ୍କ ଭିତରେ ସଂହତି ଏବଂ ସମଭାବାପନ୍ନ ଭ୍ରାତୃଭାବର ଭାବଧାରାକୁ ପ୍ରୋତ୍ସାହନ ଦେବା ତଥା ମହିଳାମାନଙ୍କ ମର୍ଯ୍ୟାଦା ପ୍ରତି ଅବମାନନା ସୂଚକ ଆଚରଣସବୁକୁ ପରିହାର କରିବା।

## ଅଭିଯୁକ୍ତ ବ୍ୟକ୍ତିର ଅଧିକାର

ଆମର ବିଧିବ୍ୟବସ୍ଥାରେ ଅଭିଯୁକ୍ତ ବ୍ୟକ୍ତି, ବିଶେଷ କରି ମହିଳା ଅଭିଯୁକ୍ତଙ୍କ ମର୍ଯ୍ୟାଦା ରକ୍ଷା ଉଦ୍ଦେଶ୍ୟରେ କେତେକ ନିୟମାବଳୀ ସ୍ଥାନିତ ହୋଇଛି । କିନ୍ତୁ ଲୋକେ ଏବିଷୟରେ ସଚେତନ ନଥିବାରୁ ପୋଲିସ୍ ଏବଂ ପ୍ରଶାସକ ମାନଙ୍କଠାରୁ ସେମାନେ ବିଭିନ୍ନ ପ୍ରକାର ଅମର୍ଯ୍ୟାଦାପୂର୍ଣ୍ଣ ଅଥଚ ବେଆଇନ୍ ଆଚରଣର ଶୀକାର ହୋଇଥାନ୍ତି । ଉଦାହରଣ ସ୍ୱରୂପ, ଆଇନ୍‌ରେ ଅଛି ଯେ, ମହିଳାମାନଙ୍କୁ କେବଳ ଦିନବେଳା ଗିରଫ କରାଯାଇ ପାରିବ ଏବଂ ରାତ୍ରକାଳରେ ସେମାନଙ୍କୁ ଗିରଫ କରାଯାଇ ପାରିବ ନାହିଁ କି ଥାନାକୁ ନିଆଯାଇ ପାରିବ ନାହିଁ । ପୁଣି ତଦନ୍ତ ସମୟରେ ପୋଲିସ୍ ଅନ୍ୟମାନଙ୍କୁ ଥାନାରେ ହାଜର୍ ହେବା ପାଇଁ ଡାକି ପାରନ୍ତି, କିନ୍ତୁ ଏଥିପାଇଁ ଜଣେ ମହିଳାଙ୍କୁ ଥାନାକୁ ଡକାଯାଇ ପାରିବ ନାହିଁ।

ଜଣେ ସାଧାରଣ ଅଭିଯୁକ୍ତ, ପୁରୁଷ ବା ମହିଳା ହୁଅନ୍ତୁ, ତାଙ୍କ ସହିତ ପୋଲିସ୍ ଆଚରଣ କଲାବେଳେ ନିମ୍ନୋକ୍ତ ନୀତିନିୟମର ଅନୁପାଳନ କରିବେ।

୧) ଗିରଫ କରିବାକୁ ଆସିଥିବା ପୋଲିସ୍ ଅଧିକାରୀ ଖାକି ପୋଷାକ ପିନ୍ଧିଥିବେ ଏବଂ ତାଙ୍କର ନାମ ଏବଂ ବ୍ୟାଜ୍ ସୁଦୃଶ୍ୟ ହେଉଥିବ।

୨) ଜଜ୍‌ଙ୍କ ବିନାନୁମତିରେ ଅଭିଯୁକ୍ତଙ୍କୁ ହାତକଡ଼ି ପିନ୍ଧାଯିବ ନାହିଁ ।

୩) ଗିରଫ କରିବାର କାରଣ ଦର୍ଶାଇବାକୁ ପୋଲିସ ବାଧ୍ୟ ଏବଂ ଅଭିଯୁକ୍ତଙ୍କୁ ତାଙ୍କର ଓକିଲ ସହ ପରାମର୍ଶ ପାଇଁ ଅନୁମତି ଦିଆଯିବ।

୪) ଯେଉଁ ବ୍ୟକ୍ତି ଜାମିନ୍‌ଦାର ହେବାକୁ ଚାହିଁବେ, ସେ ତାଙ୍କର ବେତନ ଚିଠା ଓ ରେସନ କାର୍ଡ ଇତ୍ୟାଦିକୁ ପ୍ରାମାଣିକ ଦଲିଲ୍ ରୂପେ ଦେଖାଇ ପାରିବେ।

୫) ଯଦି ଜାମିନ୍ ନମିଳେ ଏବଂ ଜେଲ୍‌ଦଣ୍ଡର ସୀମା ୧୦ ବର୍ଷରୁ କମ୍ ହୋଇଥାଏ, ତେବେ ୬୦ ଦିନ ମଧ୍ୟରେ ତାଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଅଦାଲତାରେ ଦାଖଲ କରିବାକୁ ହେବ।

୬. ଯଦି ଜେଲ୍‌ଦଣ୍ଡର ସମୟସୀମା ୧୦ ବର୍ଷରୁ ଅଧିକ, ତେବେ ଅଭିଯୋଗ ଫର୍ଦ୍ଦ ୯୦ ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ।

୭. ଅଭିଯୁକ୍ତଙ୍କୁ ନିର୍ଯ୍ୟାତନା ଦେବା ଆଇନ୍-ସମ୍ମତ ନୁହେଁ।

୮. ଜଜ୍‌ଙ୍କ ବିନାନୁମତିରେ ଗିରଫ କରାଯାଇଥିବା ବ୍ୟକ୍ତିଙ୍କୁ ନିଃସଂଗ ଭାବେ ଅବରୁଦ୍ଧ କରି ରଖାଯାଇ ପାରିବ ନାହିଁ, କିମ୍ବା ତାଙ୍କୁ କଠିନ ପରିଶ୍ରମ କରିବାକୁ ବାଧ କରାଯିବ ନାହିଁ, କିମ୍ବା ତାଙ୍କୁ ଗୋଟିଏ ଜେଲ୍‌ଖାନାରୁ ଅନ୍ୟ ଜେଲ୍‌ଖାନାକୁ ସ୍ଥାନାନ୍ତର କରାଯିବ ନାହିଁ କିମ୍ବା ତାଙ୍କ ଖାଦ୍ୟପେୟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ।

୯. ହାଜତରେ ଥିବା ସମୟରେ ଅପରାଧ ସ୍ୱୀକାର କରିବା ପାଇଁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଯଦି ଅଭିଯୁକ୍ତଙ୍କୁ ନିର୍ଯ୍ୟାତନା ଦିଆଯାଉଥାଏ, ତେବେ ସେହି ସୂଚନାକୁ ତତ୍‌କ୍ଷଣାତ୍ ସଂପୃକ୍ତ ଜଜ୍‌ଙ୍କୁ ଅବଗତ କରାଇବା ଉଚିତ୍ ।

୧୦. ପୋଲିସ୍ ଦ୍ୱାରା ମକଦ୍ଦମା ଦାୟର ହେବା ସମୟରେ ଯେଉଁ ସବୁ ସାକ୍ଷ୍ୟପ୍ରମାଣକୁ ପୋଲିସ୍ ବ୍ୟବହାର କରିଥାଏ, ସେଗୁଡିକୁ ପାଇବା ପାଇଁ ଅଭିଯୁକ୍ତ ହକ୍‌ଦାର କରନ୍ତି ।

୧୧. ଗିରଫ ହେବାର ୨୪ ଘଣ୍ଟା ମଧ୍ୟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରିବାକୁ ପଡ଼ିବ; ଯଦି ନ କରାଯାଏ, ତେବେ ମାଜିଷ୍ଟ୍ରେଟ୍‌ଙ୍କୁ ଏକଥା ଜଣାଇବାକୁ ପଡ଼ିବ।

୧୨. କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୦୦ ଅନୁଯାୟୀ ୧୮ ବର୍ଷରୁ କମ୍ ବୟସର କିଶୋର ଅପରାଧୀଙ୍କୁ କୌଣସି ପରିସ୍ଥିତିରେ ବୟସ୍କ ବନ୍ଦୀଙ୍କ ସହ ଏକାଠି ରହିବାକୁ ଦିଆଯିବ ନାହିଁ। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପର୍ଯ୍ୟବେକ୍ଷଣ ଗୃହରେ ସେମାନଙ୍କୁ ରଖାଯିବ ।

୧୩. ଜେଲ୍‌ରେ ଥିବା ସମୟରେ ଅନ୍ୟମାନଙ୍କ ପାଖକୁ ପତ୍ର ଲେଖିବା ଓ ସେମାନଙ୍କ ଠାରୁ ପତ୍ର ପାଇବାର ଅଧିକାର ଅଭିଯୁକ୍ତଙ୍କର ଅଛି। ନିଜ ପରିବାରର ଲୋକ ଓ ବନ୍ଧୁବାନ୍ଧବଙ୍କୁ ସାକ୍ଷାତ କରିବା ତଥା ବହିପତ୍ର ଓ ଖବରକାଗଜ ପଢ଼ିବାର ଅଧିକାର ଅଭିଯୁକ୍ତଙ୍କର ରହିଛି।

୧୪. ହାଜତରେ ଥିବା ସମୟରେ ଆବଶ୍ୟକ ମତେ ଚିକିତ୍ସା ସହାୟତା ପାଇବା ପାଇଁ ଅଭିଯୁକ୍ତ ହକ୍‌ଦାର ଅଟନ୍ତି।

୧୫. କୌଣସି ଅପରାଧରେ ଦଣ୍ଡିତ ହୋଇ ଜେଲ୍ ଭୋଗୁଥିବା ଜଣେ ବ୍ୟକ୍ତି ପାରୋଲ୍ (ମୌଖିକ ଅଙ୍ଗୀକାର) ବଳରେ ଖଲାସ ହୋଇପାରନ୍ତି, ଯଦି ଆଇନତଃ ସେହି ଅପରାଧ ପାଇଁ ପାରୋଲ୍ ମିଳୁଥାଏ । କିନ୍ତୁ ପାରୋଲ୍ ସମୟ ଗଡିଯିବା ପରେ ସେହି ବ୍ୟକ୍ତି ପୁଣି ଜେଲ୍‌ରେ ନିଜକୁ ହାଜର କରାଇବେ।

**ହାତକଡି ପକାଇବା ଉପରେ ସୁପ୍ରିମ୍ କୋର୍ଟଙ୍କ କଟକଣା –**

ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଥାନା ବା ଜେଲ୍‌ରୁ ଅଦାଲତକୁ ବା ଅଦାଲତରୁ ହାଜତ୍ ବା ଜେଲ୍‌କୁ ନେବା ଆଣିବା ବେଳେ ତାଙ୍କୁ ହାତକଡି ପକାଇବା ସାଧାରଣତଃ ଅନୁଚିତ୍ । କେବଳ କେତେକ ସ୍ୱତନ୍ତ୍ର ସ୍ଥଳରେ ଲିଖିତ କାରଣ ଦର୍ଶାଇ ହାତକଡି ପକାଯାଇପାରେ; ଯଥା, ଅପରାଧୀ ଜଣକ ଗୁରୁତର ଜାମିନ୍ ବିହୀନ ଅପରାଧରେ ଜଡିତ, ପୂର୍ବରୁ ଏଭଳି ଗୁରୁତର ଅପରାଧ ଘଟାଇଛନ୍ତି, ଖସିଯାଇ ପାରନ୍ତି ବା ଆତ୍ମହତ୍ୟା ପାଇଁ ଉଦ୍ୟମ କରିପାରନ୍ତି। ପୁଣି ରାଜନୈତିକ ବନ୍ଦୀମାନଙ୍କୁ ହାତକଡି ପିନ୍ଧାଇ ରାସ୍ତାରେ ଚଲାଇଚଲାଇ ନେବା ନିଷିଦ୍ଧ ଅଟେ ***[ଦ୍ରଷ୍ଟବ୍ୟ: ପ୍ରେମ୍‌ଶଙ୍କର ଶୁକ୍ଳା ବନାମ ଦିଲ୍ଲୀ ପ୍ରଶାସନ ୧୯୮୦ ଏବଂ ସୁନୀଲ୍ ବାତ୍ରା (୨) ବନାମ ଦିଲ୍ଲୀ, ୧୯୮୦ କେଶ୍‌ରେ ସୁପ୍ରିମ୍ କୋର୍ଟଙ୍କ ରାୟ ]***

**ଫୌଜଦାରି କାର୍ଯ୍ୟବିଧିରେ ଜଣେ ମହିଳା ଅପରାଧୀର ଅଧିକାରସମୂହ**

ଜଣେ ବ୍ୟକ୍ତି ଅପରାଧୀ ହେଲେ ମଧ୍ୟ ପୋଲିସ୍ ଦ୍ୱାରା ଏବଂ ନ୍ୟାୟାଳୟରେ ତାଙ୍କ ପ୍ରତି ଯଥେଚ୍ଛା ବ୍ୟବହାର କରାଯାଇ ପାରିବନି ଏବଂ ଅପରାଧୀ ଜଣକ ଯଦି ମହିଳା ହୋଇଥାନ୍ତି, ତେବେ ତାଙ୍କ ପ୍ରତି କେତେକ ଅତିରିକ୍ତ ସତର୍କତା ଓ ଶାଳୀନତା ପ୍ରଦର୍ଶନ କରାଯିବ। ବିଶେଷ କରି ପୋଲିସ୍ ଦ୍ୱାରା ଜଣେ ମହିଳାଙ୍କୁ ଗିରଫ, ଅଟକ, ତଲାସି, ଜାମିନ୍ ଓ ଖଲାସ୍ ଇତ୍ୟାଦି କରାଯାଉଥିବା ବେଳେ ସେମାନଙ୍କୁ ଦିଆଯାଇଥିବା ସୁରକ୍ଷା ଏବଂ ଅଧିକାରଗୁଡିକର ଅନୁପାଳନ କରିବାକୁ ଇଂରେଜମାନେ ପ୍ରଥମେ ୧୮୯୮ରେ ଆମଦେଶ ପାଇଁ ଯେଉଁ ଫୌଜଦାରି କାର୍ଯ୍ୟବିଧି ସଂହିତା ପ୍ରଣୟନ କରିଥିଲେ ସେଥିରେ ମଧ୍ୟ ମହିଳା ଅପରାଧୀମାନଙ୍କ କ୍ଷେତ୍ରରେ କେତେକ ସ୍ୱତନ୍ତ୍ର ପ୍ରାବ୍‌ଧାନ ପ୍ରଯୁଜ୍ୟ ହେବ ବୋଲି କୁହାଯାଇଥିଲା। ୧୯୭୩ରେ ସଂସଦ ଦ୍ୱାରା ଗୃହୀତ ସଂଶୋଧନ ପରେ ଆହୁରି କେତେକ ପ୍ରାବ୍‌ଧାନ ଯୋଡାଗଲା। ବର୍ତ୍ତମାନ ଏହି ସଂହିତାକୁ ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ ବୋଲି କୁହାଯାଉଛି। ଏହାପରେ ୨୦୦୫ ମସିହାରେ ଏହି ସଂହିତାର ଆଉ ଏକ କେନ୍ଦ୍ରୀୟ ସଂଶୋଧନ କରାଯାଇ ମହିଳା ଓ ନାବାଳକ ଅପରାଧୀ ମାନଙ୍କ ପାଇଁ ଆହୁରି ଅଧିକ ନୂଆ ପ୍ରାବ୍‌ଧାନ ସ୍ଥାନିତ ହୋଇଛି। ଉଲ୍ଲେଖନୀୟ ଯେ, ଓଡିଶାରେ ମଧ୍ୟ ୧୯୯୭ରେ ଏହି ସଂହିତାର ଏକ ସଂଶୋଧନ ଗୃହୀତ ହୋଇଥିଲ. କିନ୍ତୁ ଏହା କେବଳ ମହିଳାମାନଙ୍କ ସଂପର୍କୀତ ନହୋଇ ଏକ ସାଧାରଣ ସଂଶୋଧନ ଥିଲା। ବଡ କ୍ଷୋଭର କଥା, ଫୌଜଦାରି କାର୍ଯ୍ୟବିଧି ସଂହିତାରେ ମହିଳାମାନଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧରେ ଥିବା ପ୍ରାବ୍‌ଧାନଗୁଡିକ ବିଷୟରେ ସାଧାରଣ ମହିଳାମାନେ ସଚେତନ ନଥିବାରୁ ବହୁ କ୍ଷେତ୍ରରେ ପୋଲିସ୍ କର୍ମଚାରୀମାନେ ସେମାନଙ୍କୁ ପୁରୁଷ ଅପରାଧୀ ଭଳି ବ୍ୟବହାର କରିଥାନ୍ତି, ଯାହାକି ସଂପୂର୍ଣ୍ଣ ବେଆଇନ୍

ଅଟେ । ବର୍ତ୍ତମାନ ଆମେ ଆଲୋଚନା କରିବା, ଏହି ସଂହିତାର ବିଭିନ୍ନ ଦଫାରେ କେଉଁସବୁ ଅଧିକାର ଓ ସୁରକ୍ଷା ଦିଆଯାଇଛି, ଯାହା ବଳରେ ଜଣେ ମହିଳା ଅପରାଧୀ ସଂପୃକ୍ତ ପୋଲିସ୍ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ସଭ୍ୟ ଏବଂ ମାର୍ଜିତ ବ୍ୟବହାର ତଥା ସ୍ୱତନ୍ତ୍ର ସୁବିଧାସୁଯୋଗ ଦାବୀ କରିପାରିବେ ।

**ଦଫା-୪୬. ଗିରଫର ସମୟ**

କେବଳ ଅସାଧାରଣ ପରିସ୍ଥିତି ବ୍ୟତିରେକ ସୂର୍ଯ୍ୟାସ୍ତ ପରେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ କୌଣସି ମହିଳାଙ୍କୁ ଗିରଫ କରା ଯାଇପାରିବ ନାହିଁ, ଏବଂ ଯେଉଁ ସ୍ଥଳେ ଅସାଧାରଣ ପରିସ୍ଥିତି ଦେଖାଦେବ, ସେପରି ସ୍ଥଳେ ଜଣେ ମହିଳା ପୋଲିସ୍ ଅଧିକାରୀ ସଂପୃକ୍ତ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଅଗ୍ରୀମ ଅନୁମତି ଆଣି ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିପାରିବେ ।

**ଦଫା-୪୭. ଗିରଫ ହେବାକୁ ଥିବା ବ୍ୟକ୍ତିର ସ୍ଥାନକୁ ତଲାସି କରାଯିବା**

ଯଦି ଗିରଫ ହେବାକୁ ଥିବା ଜଣେ ବ୍ୟକ୍ତି ଏଭଳି ଏକ ବାସଗୃହରେ ପ୍ରବେଶ କରିଥାନ୍ତି, ଯାହାକି ଜଣେ ମହିଳାଙ୍କର ପ୍ରକୃତ ଭୋଗଦଖଲ ଅଧୀନରେ ଥାଏ ଏବଂ ସେହି ମହିଳା ପରମ୍ପରା ଅନୁଯାୟୀ ବାହାରେ ଆତଯାତ କରନ୍ତି ନାହିଁ, ତେବେ ସେହି ଗୃହରେ ପ୍ରବେଶ କରିବା ପୂର୍ବରୁ ସଂପୃକ୍ତ ପୋଲିସ୍ ଅଧିକାରୀ ପ୍ରଥମେ ସେହି ମହିଳାଙ୍କୁ ଘରୁ ବାହାରି ଆସିବା ପାଇଁ ବିଜ୍ଞପ୍ତି କରିବେ ତଥା ସେହି ମହିଳାଙ୍କୁ ବାହାରି ଆସିବା ପାଇଁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବେ ।

**ଦଫା-୫୦. ଗିରଫ ବ୍ୟକ୍ତିଙ୍କୁ ଗିରଫର କାରଣ ଓ ଜାମିନ୍ ପାଇଁ ଅଧିକାର ସମ୍ବନ୍ଧରେ ଅବଗତ କରାଇବା**

କୋଣସି ବ୍ୟକ୍ତିଙ୍କୁ ବିନା ପରଓ୍ୱାନାରେ ଗିରଫ କରୁଥିବା ପ୍ରତି ପୋଲିସ୍ ଅଧିକାରୀ ବା ବ୍ୟକ୍ତି କେଉଁ ଅପରାଧ ପାଇଁ ଗିରଫ କରୁଛନ୍ତି ତହିଁର ସମୁଦାୟ ତଥ୍ୟାବଳୀ ବା ଉକ୍ତ ଗିରଫ ପଛରେ ଥିବା କାରଣଗୁଡିକ ସମ୍ବନ୍ଧରେ ତତ୍‌କ୍ଷଣାତ୍ ତାଙ୍କୁ ଅବଗତ କରାଇବେ । ଯେଉଁ ସ୍ଥଳେ ଜଣେ ପୋଲିସ୍ ଅଧିକାରୀ ଏଭଳି ଜଣେ ବ୍ୟକ୍ତିଙ୍କୁ ବିନା ପରଓ୍ୱାନାରେ ଗିରଫ କରିଥାନ୍ତି, ଯେ କି ଜାମିନ୍-ଅଯୋଗ୍ୟ ଅପରାଧରେ ଅଭିଯୁକ୍ତ ହୋଇନଥିବେ, ସେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ସୂଚନା ଦେବେ ଯେ, ସେ ଜାମିନ୍‌ରେ ଖଲାସ୍ ହେବା ପାଇଁ ହକ୍‌ଦାର ତଥା ସେ ତାଙ୍କ ପାଇଁ ଜାମିନ୍‌ଦାର ଯୋଗାଡ କରିପାରନ୍ତି ।

**ଦଫା-୫୦ଏ. ଗିରଫ ଇତ୍ୟାଦି ସମ୍ବନ୍ଧରେ ମନୋନୀତ ବ୍ୟକ୍ତିଙ୍କୁ ଜଣାଇବା ଗିରଫକାରୀ ବ୍ୟକ୍ତିଙ୍କର ଦାୟିତ୍ୱ**

ଏହି ସଂହିତା ଅଧୀନରେ ଗିରଫ କରୁଥିବା ପ୍ରତ୍ୟେକ ପୋଲିସ୍ ଅଧିକାରୀ ଉକ୍ତ ଗିରଫ ତଥା ଯେଉଁଠି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ରଖାଯାଇଛି, ସେ ସ୍ଥାନ ସମ୍ବନ୍ଧରେ ସୂଚନା ତାଙ୍କର କୌଣସି ବନ୍ଧୁ, ସଂପର୍କୀୟ ବା ଅନ୍ୟ ଏଭଳି କୌଣସି ବ୍ୟକ୍ତିଙ୍କୁ ତତ୍‌କ୍ଷଣାତ୍ ପ୍ରଦାନ କରିବେ, ଯାହାଙ୍କ ନାମ ଗିରଫ ହୋଇଥିବା ବ୍ୟକ୍ତି ଉକ୍ତ ସୂଚନା ପଠାଇବା ଉଦ୍ଦେଶ୍ୟରେ ଜଣାଇଥିବେ । ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପୋଲିସ୍ ଥାନାକୁ ଅଣାଯିବା ସଙ୍ଗେସଙ୍ଗେ ପୋଲିସ୍ ଅଧିକାରୀ ତାଙ୍କୁ ତାଙ୍କର ଅଧିକାରଗୁଡିକ ବିଷୟରେ ସୂଚନା ଦେବେ । ଉକ୍ତ ବ୍ୟକ୍ତିଙ୍କର ଗିରଫ ବିଷୟରେ କାହାଙ୍କୁ ସୂଚନା ଦିଆଯାଇଛି, ସେ ବିଷୟରେ ପୋଲିସ୍ ଥାନାରେ ରଖାଯାଇଥିବା ଏକ ଖାତାରେ ବିହିତ ପ୍ରଣାଳୀରେ ତଥ୍ୟ ଦରଜ କରାଯିବ । ଯେଉଁ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ଉକ୍ତ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ହାଜର କରାଯିବ, ସେହି ମାଜିଷ୍ଟ୍ରେଟ୍ ଗିରଫ ହୋଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ପୋଲିସ୍ ଏତାଦୃଶ ଦାୟିତ୍ୱ ପାଳନ କରିଛି କି ନାହିଁ, ତାହା ପଚାରି ବୁଝିବେ ।

**ଦଫା-୫୧. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ତଲାସି**

ଯେଉଁସ୍ଥଳେ ଜଣେ ମହିଳାଙ୍କୁ ତଲାସି କରାଯିବା ଆବଶ୍ୟକ ପଡିବ, ସେପରି ସ୍ଥଳେ ଶାଳୀନତା ପ୍ରତି କଠୋର ଧ୍ୟାନପ୍ରଦାନ ପୂର୍ବକ ତାଙ୍କୁ ଅନ୍ୟ ଜଣେ ମହିଳାଙ୍କ ଦ୍ୱାରା ତଲାସି କରାଯିବ ।

**ଦଫା-୫୩. ପୋଲିସ୍ ଅଧିକାରୀଙ୍କ ଅନୁରୋଧ କ୍ରମେ ଅଭିଯୁକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟରତ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା**

ଯେଉଁ ସ୍ଥଳେ ଏହି ଦଫା ଅଧୀନରେ ଜଣେ ମହିଳାଙ୍କର ଶରୀର ପରୀକ୍ଷା କରାଯିବ, ସେପରି ସ୍ଥଳେ ଜଣେ ପଞ୍ଜିକୃତ କାର୍ଯ୍ୟରତ ଡାକ୍ତର, ଯେ କି ଜଣେ ମହିଳା ହୋଇଥିବେ, ତାଙ୍କ ଦ୍ୱାରା ବା ତାଙ୍କ ତତ୍ତ୍ୱାବଧାନରେ ଏହା କରାଯିବ ।

**ଦଫା-୫୪. ଗିରଫ ହୋଇଥିବା ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ତାଙ୍କୁ କାର୍ଯ୍ୟରତ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା-**

ଗିରଫ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କଲାବେଳେ ଅଥବା ହାଜତରେ ଅଟକ ଥିବା ଭିତରେ ସେ ଯଦି ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଫେରାଦ୍ ହୁଅନ୍ତି ଯେ, ତାଙ୍କ ଶରୀରକୁ ପରୀକ୍ଷା କରାଗଲେ ସେଥିରୁ ପ୍ରାପ୍ତ ପ୍ରମାଣ ବଳରେ ସେ ଅପରାଧ ଘଟାଇଛନ୍ତି ବୋଲି ଆଗତ ଅଭିଯୋଗଟି ଅସିଦ୍ଧ ହୋଇଯିବ, ଅଥବା ତାଙ୍କ ବିରୁଦ୍ଧରେ ଆଉ ଜଣେ ବ୍ୟକ୍ତି ଅପରାଧ ଘଟାଇଥିବାର ତଥ୍ୟଟି ସାବ୍ୟସ୍ତ ହୋଇଯିବ, ଏବଂ ପୁଣି ଯଦି ମାଜିଷ୍ଟ୍ରେଟ୍ ବିବେଚନା କରନ୍ତି ଯେ, ଏଭଳି ଏକ ଫେରାଦ୍ ଜଟିଳତା ସୃଷ୍ଟି ଅଥବା କାଳକ୍ଷେପଣ ଅଥବା ନ୍ୟାୟବିଚାରର ଉଦ୍ଦେଶ୍ୟକୁ ପଣ୍ଡ କରିଦେବା ପାଇଁ ଅଭିପ୍ରେତ ନୁହେଁ, ତେବେ ସେ ଗିରଫ ହୋଇଥିବା ବ୍ୟକ୍ତିଙ୍କର ଅନୁରୋଧ କ୍ରମେ ତାଙ୍କର ଶରୀରକୁ ଜଣେ ପଞ୍ଜିକୃତ କାର୍ଯରତ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇବା ପାଇଁ ନିର୍ଦ୍ଦେଶ ଦେବେ । ଯେଉଁସ୍ଥଳେ ଉପରୋକ୍ତ ମତେ ଗୋଟିଏ ପରୀକ୍ଷା କରଯାଇଥାଏ, ଉକ୍ତ ପରୀକ୍ଷାର ବିବରଣୀର ଏକ ନକଲ ପରୀକ୍ଷାକାରୀ ଡାକ୍ତରଙ୍କ ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତି ନତୁବା ତାଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ଯୋଗାଇ ଦିଆଯିବ ।

**ଦଫା-୬୬. ଗିରଫ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍ ବା ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସାମନାରେ ହାଜର**

କୌଣସି ପୋଲିସ୍ ଅଧିକାରୀ ବିନା ପରଓ୍ୱାନାରେ ଗିରଫ କଲେ, ସେ ଅନାବଶ୍ୟକ ବିଳମ୍ବ ନକରି ଓ ଏହି ସଂହିତାରେ ଥିବା ଜାମିନ୍-ସଂକ୍ରାନ୍ତ ପ୍ରାବଧାନଗୁଡିକର ସାପେକ୍ଷତା ଅଧୀନରେ ରହି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ସଂପୃକ୍ତ ମାମଲାରେ କ୍ଷେତ୍ରାଧିକାର ଥିବା ଜଣେ ମାଜିଷ୍ଟ୍ରେଟ୍ ଅଥବା ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ନେଇଯିବେ ବା ପଠାଇଦେବେ।

**ଦଫା-୭୦. ଗିରଫ ପରଓ୍ୱାନାର ପ୍ରରୂପ ଓ କାଳାବଧି**

ଅଦାଲତ ଦ୍ୱାରା ଜାରି କରାଯାଉଥିବା ପ୍ରତି ଗିରଫ ପରଓ୍ୱାନା ଲିଖିତ ଆକାରରେ ଅଦାଲତର ପୀଠାସୀନ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ତଥା ଅଦାଲତର ମୋହର-ଯୁକ୍ତ ହୋଇଥିବ।

**ଦଫା-୭୧. ଜାମିନ୍ ପାଇଁ ନିର୍ଦ୍ଦେଶ ଦେବାର କ୍ଷମତା**

ଜଣେ ବ୍ୟକ୍ତିଙ୍କୁ ଗିରଫ ପାଇଁ ପରଓ୍ୱାନା ଜାରି କରୁଥିବା କୌଣସି ଅଦାଲତ ନିଜେ ଉଚିତ୍ ମନେ କରୁଥିବା ମତେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଜାମିନ୍‌ରେ ଖଲାସ ହେବା ପାଇଁ ନିର୍ଦ୍ଦେଶ ଦେଇପାରିବେ। ଏହି ନିର୍ଦ୍ଦେଶରେ ଏହିସବୁ ତଥ୍ୟ ସୂଚୀତ ହୋଇଥିବ, ଯଥା କେତେ ସଂଖ୍ୟକ ଜାମିନ୍‌ଦାର ଆବଶ୍ୟକ; ଜାମିନ୍‌ଦାରମାନେ କେତେ ପରିମାଣର ଅର୍ଥରାଶି ଦାଖଲ କରିବେ ତଥା କେଉଁ ସମୟରେ ଗିରଫ ହୋଇଥିବା ବ୍ୟକ୍ତି ଅଦାଲତ୍‌ଙ୍କ ସାମନାରେ ହାଜର୍ ହେବେ।

**ଦଫା-୭୫. ଗିରଫ ପରଓ୍ୱାନାର ସାରାର୍ଥକୁ ବିଜ୍ଞପ୍ତି କରିବା**

ଗିରଫ ପରଓ୍ୱାନାକୁ କାର୍ଯ୍ୟକାରୀ କରୁଥିବା ପୋଲିସ୍ ଅଧିକାରୀ ପରଓ୍ୱାନାର ସାରାର୍ଥକୁ ଗିରଫ ହେବାକୁ ଯାଉଥିବା ବ୍ୟକ୍ତିଙ୍କୁ ବିଜ୍ଞପ୍ତି କରିବେ ଏବଂ ଆବଶ୍ୟକ ସ୍ଥଳେ ତାଙ୍କୁ ପରଓ୍ୱାନା ଦେଖାଇବେ।

**ଦଫା-୭୬. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଅବିଳମ୍ବେ ଅଦାଲତଙ୍କ ସାମନାକୁ ଅଣାଯିବା**

ସଂପୃକ୍ତ ପୋଲିସ୍ ଅଧିକାରୀ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଅନାବଶ୍ୟକ ବିଳମ୍ବ ନକରି ଅଦାଲତଙ୍କ ସାମନାରେ ହାଜର କରାଇବେ, ଏବଂ ଗିରଫ ସ୍ଥାନଠାରୁ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ପର୍ଯ୍ୟନ୍ତ ଗସ୍ତ ପାଇଁ ଯେତିକି ସମୟ ଆବଶ୍ୟକ, ତାକୁ ଛାଡି ଏପରି ବିଳମ୍ବ କୌଣସି ପରିସ୍ଥିତିରେ ଚବିଶ ଘଣ୍ଟାରୁ ଅଧିକ ହେବନାହିଁ।

**ଦଫା-୧୦୦. ମହିଳାଙ୍କ ସ୍ଥାନ ବା ଶରୀର ତଲାସି ବେଳେ**

ଯଦି ଜଣେ ମହିଳା ନିଜ ସ୍ଥାନର ଆଖପାଖରେ ବା ନିଜ ଶରୀରରେ କୌଣସି ଏକ ବସ୍ତୁକୁ ଲୁଚାଇ ରଖିଛନ୍ତି ବୋଲି ଯଥାର୍ଥ ସନ୍ଦେହ ଉପୁଜିବ, ଏବଂ ତାଙ୍କୁ ତଲାସ୍ କରାଯିବ, ତେବେ ଶାଳୀନତା ପ୍ରତି କଠୋର ଧ୍ୟାନ ଦିଆଯିବ ସହିତ ଅନ୍ୟ ଜଣେ ମହିଳାଙ୍କ ଦ୍ୱାରା ତାଙ୍କର ତଲାସି ନିଆଯିବ।

**ଦଫା-୧୬୦. ମହିଳା ଓ ନାବାଳକ ସାକ୍ଷୀମାନଙ୍କୁ ହାଜର କରାଇବା କ୍ଷେତ୍ରରେ କଟକଣା**

ଜଣେ ତଦନ୍ତକାରୀ ପୋଲିସ୍ ଅଧିକାରୀ ପନ୍ଦର ବର୍ଷରୁ କମ୍ ବୟସର ଗୋଟିଏ ପୁଅ ପିଲା କିମ୍ବା କୌଣସି ଜଣେ ମହିଳାଙ୍କୁ ସେମାନେ ବାସ କରୁଥିବା ସ୍ଥାନ ବ୍ୟତିରେକ ଅନ୍ୟ ସ୍ଥାନରେ ସାକ୍ଷ୍ୟ ଦେବା ପାଇଁ ହାଜର୍ ହେବାକୁ ବାଧ୍ୟ କରିପାରିବେ ନାହିଁ।

## କେଶ୍ ଦାଏର୍ ପ୍ରଣାଳୀ

ଆଇନ୍‌ର ପ୍ରୟୋଗ କରିବା ପୂର୍ବରୁ 'ଆଇନ୍‌ର ଶାସନ' ସମ୍ବନ୍ଧରେ ଏକ ସୁସ୍ପଷ୍ଟ ଧାରଣା ଅର୍ଜନ କରିବାର ଆବଶ୍ୟକତା ରହିଅଛି। ଆଇନ୍ ଆଗରେ ସମସ୍ତେ ସମାନ। କିନ୍ତୁ ପ୍ରକୃତ ନ୍ୟାୟ ସେହି ପରିସ୍ଥିତିରେ ମିଳିପାରିବ, ଯେତେବେଳେ ବିଭିନ୍ନ ପଦପଦବୀରେ ଥିବା ଅଧିକାରୀ ଓ କାର୍ଯ୍ୟକର୍ତ୍ତାଗଣ ଉତ୍କୋଚ, କ୍ଷମତା ଲାଳସା ଏବଂ ଅନ୍ୟସବୁ ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି । କିନ୍ତୁ ଆମ୍ଭେମାନେ ଭଲ ଭାବେ ଜାଣୁ ଯେ, ବର୍ତ୍ତମାନ ସ୍ଥିତିରେ ଏହା ଏକ ଅସମ୍ଭବ ବ୍ୟାପାର। ଏହା ସହିତ ଏକଥା ମଧ୍ୟ ସତ୍ୟ ଯେ, ବର୍ତ୍ତମାନର ପରିସ୍ଥିତିକୁ ଯଦି ଆମେ ବଦଳେଇବାକୁ ଚାହୁଁ, ତେବେ ତାହା ମଧ୍ୟ ଆମର ଦାୟିତ୍ୱ । ବହୁ ସମୟରେ ଆମ ନିଜର ଅବହେଳା ଯୋଗୁଁ ଅନ୍ୟାୟ ବିରୁଦ୍ଧରେ ଆରମ୍ଭ ହୋଇଥିବା ଏକ ପ୍ରତିବାଦ ତା'ର ଚୂଡାନ୍ତ ପରିଣତିରେ ପହଞ୍ଚି ପାରେନା କି ପ୍ରକୃତ ଅପରାଧୀ ଦଣ୍ଡିତ ହୋଇପାରେନା । ଏପରି ମଧ୍ୟ ଶୁଣିବାକୁ ମିଳିଥାଏ ଯେ, ଆମେ ଯେଉଁ ଧାରାରେ ପ୍ରତିବାଦ କଲୁ ତାହା ବିଧିସମ୍ମତ ନଥିଲା । ପ୍ରକୃତ ପକ୍ଷେ ଆଇନ୍ ଓ ଆଇନ୍‌ର କାର୍ଯ୍ୟଧାରା ସମ୍ବନ୍ଧରେ ଆମର ଅଜ୍ଞତା ଏବଂ କୌଣସି ଏକ ମାମଲାକୁ ନିଷ୍ଠାପର ଭାବେ ଅନୁଧାବନ କରିବାରେ ଯତ୍ନଶୀଳତାର ଅଭାବ ଯୋଗୁଁ ଆମର ପ୍ରୟାସଗୁଡିକ ଅଧପନ୍ତରିଆ ହୋଇ ରହିଯାଏ । ସୁତରାଂ ଆମେ ଯେତେବେଳେ କୋଣସି ଏକ ଅନ୍ୟାୟ ବା ଅବିଚାର ବିରୁଦ୍ଧରେ ଏକ କେଶ୍ ରଜୁ କରିବାକୁ ଚାହୁଁ, ସେତେବେଳେ ପ୍ରଥମେ ଆମକୁ କୌଣସି ଜଣେ ପ୍ରଗତିଶୀଳ ଆଇନଜୀବି ବା ଅଭିଜ୍ଞ ସମାଜକର୍ମୀଙ୍କ ସହ ପରାମର୍ଶ କରି ଠିକ୍ କରିବାକୁ ପଡିବ, କେଉଁ ଆଇନ୍‌ର କେଉଁ ଧାରା ଅଧୀନରେ ଆମେ ଥାନାରେ, ଅଦାଲତରେ କିମ୍ବା ସଂପୃକ୍ତ ପ୍ରଶାସନିକ ଦପ୍ତରରେ ଅଭିଯୋଗ ପତ୍ର ଦାଖଲ କରିବୁ । ବିଶେଷ କରି ନିମ୍ନୋକ୍ତ ଆବଶ୍ୟକତା ପ୍ରତି ଦୃଷ୍ଟି ଦେବାକୁ ପଡିବ –

- ଯଦି ଥାନାରେ ଅଭିଯୋଗ କରିବାକୁ ପଡେ, ତେବେ ଲିଖିତ ଆକାରରେ ଏହାକୁ ଦାଖଲ କରିବାକୁ ପଡ଼ିବ।
- ଯେଉଁ ଲିଖିତ ଅଭିଯୋଗ ଦାଖଲ କରାଗଲା, ତହିଁର ଏକ ପ୍ରାପ୍ତି ସ୍ୱୀକାର ରସିଦ୍ ସେହି ଅଫିସ୍‌ରୁ ଆଣିବା ପାଇଁ ଆମେ ଯେମିତି ଭୁଲି ନଯାଉଁ।
- ଆମର ଅଭିଯୋଗ ପଂଜିକୃତ ହୋଇଗଲେ ଆମକୁ ଏହି ତିନୋଟି ବିଷୟରେ ସବୁବେଳେ ମନେ ରଖିବାକୁ ପଡିବ, ପ୍ରଥମତଃ ଆମର ଅଭିଯୋଗ ସଂଖ୍ୟାଟି କ'ଣ, ଏବଂ ଦ୍ୱିତୀୟତଃ କେଉଁ ଦଫା ବା ଦଫାସମୂହ ଅଧୀନରେ ଆମର ଅଭିଯୋଗ ପଂଜିକୃତ ହୋଇଛି ଏବଂ ତୃତୀୟତଃ ଆମେ ଦାଖଲ କରିଥିବା ଅଭିଯୋଗଟିକୁ ଉପଯୁକ୍ତ ଦଫା ଅନୁସାରେ ଲିପିବଦ୍ଧ କରାଯାଇଛି କି ନା।
- ଏହା ପରେ ସାକ୍ଷୀ ତଥା ପ୍ରମାଣଗୁଡିକର ତାଲିକା ପୋଲିସ୍‌କୁ ଦେବାକୁ ପଡ଼ିବ।
- ଅଭିଯୁକ୍ତଙ୍କ ବିରୁଦ୍ଧରେ ଥରେ ଅଭିଯୋଗ ଫର୍ଦ୍ଦ ଅଦାଲତରେ ଦାଖଲ ହେବାମାତ୍ରେ କେଶ୍ ସଂଖ୍ୟାର ପରିବର୍ତ୍ତନ ଘଟିଥାଏ । ଏପର୍ଯ୍ୟନ୍ତ ଥିଲା ଅପରାଧ ସଂଖ୍ୟା, ବର୍ତ୍ତମାନ ଠାରୁ ଏହା ପରିଚିତ ହେବ କେଶ୍ ସଂଖ୍ୟା ଦ୍ୱାରା। ଆମକୁ ଏହି କେଶ୍ ସଂଖ୍ୟା ମନେ ରଖିବାକୁ ପଡିବ।
- ଯଦି ଅଭିଯୁକ୍ତ କିମ୍ବା ତାଙ୍କ ତରଫରୁ କେହି ବ୍ୟକ୍ତି ଅଭିଯୋଗକାରୀ କିମ୍ବା ତାଙ୍କର ସହଯୋଗୀଙ୍କୁ ଆକ୍ରମଣ କରନ୍ତି ବା ଧମକଚମକ ଦିଅନ୍ତି, ତେବେ ଏ ବିଷୟରେ ସୂଚନା ତୁରନ୍ତ ବିଚାରପତି ଏବଂ ପୋଲିସ ଥାନାଙ୍କୁ ଜଣାଇବାକୁ ପଡ଼ିବ।

## ପ୍ରାଥମିକ ସୂଚନା ବିବରଣୀ (ଏଫ୍. ଆଇ.ଆର.)

ଅପରାଧର ଏକ ଘଟଣା ଘଟିବା ସଂଗେ ସଂଗେ ଆମେ ସ୍ଥାନୀୟ ପୋଲିସ୍ ଥାନାରେ ଏହା ଜଣାଇବାକୁ ପଡିଥାଏ। ଅଭିଯୋଗକାରୀର ବୟାନ୍‌କୁ ଭିତ୍ତିକରି ଥାନାରେ ଏକ ବିବରଣୀ ବିଧିବଦ୍ଧ ଭାବେ ଲିପିବଦ୍ଧ କରାଯାଏ । ଏହାକୁ ପ୍ରାଥମିକ ସୂଚନା ବିବରଣୀ ବା ଏଫ୍.ଆଇ.ଆର୍. କୁହାଯାଏ । ସମସ୍ତେ ଏକ ମାମଲା ସମ୍ବନ୍ଧରେ ଚର୍ଚ୍ଚା କଲା ବେଳେ ତାହା ଉପରେ ଏତଲା ବା ଏଫ୍.ଆଇ.ଆର୍. କରାଯାଇଛି କି ନା ପଚାରିଥାନ୍ତି।

### ଏଫ୍.ଆଇ.ଆର୍.ର ନମୁନା

(ଫୌଜଦାରୀ କାର୍ଯ୍ୟବିଧି ସଂହିତାର ୧୫୪ ଧାରା ଅନୁଯାୟୀ)

୧. ଜିଲ୍ଲା .......... ଥାନା ........ ବର୍ଷ ........

ଏତଲା ନମ୍ବର .......... ତାରିଖ ............

୨. (କ) ଆଇନ୍ ......... ଦଫା.......

(ଖ) ଆଇନ୍............ ଦଫା ...........

(ଗ) ଆଇନ୍............ ଦଫା ...........

(ଘ) ଅନ୍ୟାନ୍ୟ ଆଇନ୍‌ର ଦଫାସମୂହ . . . . . . . . . . . .

୩. (କ) ସାଧାରଣ ଡାଏରୀ ପଞ୍ଜିକରଣ ନମ୍ବର ...... ସମୟ .........

(ଖ) ଘଟିତ ଅପରାଧଟି କଣ ?

ଦିନ .............. ତାରିଖ ............ ସମୟ

(ଗ) ଥାନାରେ ବିବରଣୀଟି କେତେବେଳେ ଗ୍ରହଣ ପହଞ୍ଚିଲା

ତାରିଖ ........... ସମୟ ....... ସାଧାରଣ ଡାଏରୀ ପୃଷ୍ଠା ନମ୍ବର ..........

୪. ବିବରଣୀ ଟି କେଉଁ ରୀତିରେ ଦାଖଲ ହୋଇଛି - ମୌଖିକ / ଲିଖିତ

୫. ଅପରାଧର ସ୍ଥାନ :

(କ) ଥାନାଠାରୁ କେତେ ଦୂର ......... ଦିଗ .........

(ଖ) ଠିକଣା ......

ବିଟ୍ ନଂ. ............

(ଗ) ଯଦି ଥାନାର ଇଲାକା ବାହାରେ ହୋଇଥିବ, ତେବେ ସଂପୃକ୍ତ ଥାନା-

ନାମ ............. ଜିଲ୍ଲା ...............

୬. ଅଭିଯୋଗକାରୀ / ଏତଲାକାରୀ-

(କ) ନାମ :

(ଖ) ବାପା / ସ୍ୱାମୀଙ୍କ ନାମ :

(ଗ) ଜନ୍ମ ତାରିଖ . . . . .. . . ବର୍ଷ . . . . . . . . .

(ଘ) ଜାତୀୟତା :

(ଙ) ଠିକଣା :

୭. ଜଣା / ଅଜଣା / ସନ୍ଦେହାଧୀନ ଅଭିଯୁକ୍ତ ସମ୍ବନ୍ଧରେ ସବିଶେଷ ସୂଚନା :

୮. ଅଭିଯୋଗକାରୀ/ଏତଲାକାରୀଙ୍କ ଦ୍ୱାରା ଏତଲା ଦେବାରେ ବିଳମ୍ବର କାରଣ :

୯. ଚୋରୀ ହୋଇଥିବା ବା ସମ୍ପୃକ୍ତ ସମ୍ପତ୍ତି ସମ୍ବନ୍ଧରେ ସବିଶେଷ ବର୍ଣ୍ଣନ :
(ଆବଶ୍ୟକ ପଡିଲେ ଅତିରିକ୍ତ କାଗଜ ଯୋଡନ୍ତୁ)

୧୦. ହଜିଥିବା କିମ୍ବା ଚୋରି ହୋଇଯାଇଥିବା ସମ୍ପତ୍ତିର ମୋଟ୍ ମୂଲ୍ୟ :

୧୧. ଅସ୍ୱାଭାବିକଜ ମୃତ୍ୟୁର ମାମଲା, ପଞ୍ଚନାମା :

୧୨. ଏଫ୍.ଆଇ.ଆର୍.ର ବିଷୟବସ୍ତୁ, ଯଦି ଦରକାର ପଡ଼େ କାଗଜ ଯୋଡନ୍ତୁ :

୧୩. ଉଲ୍ଲିଖିତ ଏତଲା ଭିତ୍ତିରେ ତଦନ୍ତ ଆରମ୍ଭ ହୋଇଯାଇଛି/ ତଦନ୍ତ ପାଇଁ ଆଦେଶ ଦିଆଯାଇଛି, ସେହି ମାମଲାର ଯାହାକି ପଞ୍ଜିକୃତ ହୋଇଛି ଦଫା. . . . . . . . . ... ରେ ।
ମାମଲାଟି . . . . . . . . . . . . . . . . ଥାନାକୁ ତଦନ୍ତ ପାଇଁ ସ୍ଥାନାନ୍ତରଣ କରାଯାଇଛି ।

ଏତଲାଟିକୁ ବଡ ପାଟିରେ ଅଭିଯୋଗକାରୀ/ଏତଲାକାରୀକୁ ପଢ଼ାଇ ଶୁଣାଇ ଦିଆଯାଇଛି ଏବଂ ସେ ଏହା ଠିକ୍ ଅଛି ବୋଲି କହିବା ପରେ ସେହି ବ୍ୟକ୍ତିଙ୍କୁ ଏହାର ଏକ ଅବିକଳ ନକଲ ମାଗଣାରେ ପ୍ରଦାନ କରାଗଲା ।

ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସ୍ୱାକ୍ଷର

ନାମ :

ପଦବୀ :

ନମ୍ବର (ଯଦି ଥାଏ) :

ଅଭିଯୋଗକାରୀ/ ଏତଲାକାରୀ ଙ୍କ ଦସ୍ତଖତ / ଟିପଚିହ୍ନ . . . . . . .

# କେଶ୍‌ର କାର୍ଯ୍ୟବିଧି ପ୍ରକ୍ରିୟା

**ଅନୁସନ୍ଧାନ କାର୍ଯ୍ୟଆରମ୍ଭ**

↓

**ଅଭିଯୁକ୍ତଙ୍କର ଅଦାଲତରେ ହାଜର ହେବା ବାଧ୍ୟତାମୂଳକ**

↓

**ସରକାରୀ ସାକ୍ଷୀମାନଙ୍କୁ ଜେରା**

↓

| | |
|---|---|
| ଯଦି ପ୍ରାଥମିକ ଅନୁସନ୍ଧାନରେ ଅଭିଯୁକ୍ତ ନିର୍ଦ୍ଦୋଷ ପ୍ରମାଣିତ ହୁଅନ୍ତି, ତେବେ ସେ ଖଲାସ ହୁଅନ୍ତି । | ଯଦି ପ୍ରାଥମିକ ଅନୁସନ୍ଧାନରେ ଅଭିଯୁକ୍ତ ଦୋଷୀ ପ୍ରମାଣିତ ହୁଅନ୍ତି, ତାଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଏ । |

↓

| | |
|---|---|
| ଯଦି ଅଭିଯୁକ୍ତ ଏହି ପର୍ଯ୍ୟାୟରେ ଅପରାଧ ସ୍ୱୀକାର କରନ୍ତି ତେବେ ଦଣ୍ଡବିଧାନ ଘୋଷଣା କରାଯାଏ । | ଯଦି ଅଭିଯୁକ୍ତ ଅପରାଧ ସ୍ୱୀକାର ନକରନ୍ତି ତେବେ ସାକ୍ଷୀମାନଙ୍କୁ ଜେରା କରାଯାଏ । |

↓

**ପ୍ରତିବାଦୀ ପକ୍ଷର ସାକ୍ଷୀମାନଙ୍କୁ ଜେରା**

↓

**ଉଭୟ ଅଭିଯୁକ୍ତ ଓ ଅଭିଯୋକ୍ତାଙ୍କ ବୟାନ ଶୁଣାଯାଏ**

| | |
|---|---|
| ଯଦି ଅଭିଯୁକ୍ତ ଦୋଷୀ ପ୍ରମାଣିତ ନହେବେ, ତେବେ ସେ ଖଲାସ ହୋଇଯିବେ । | ଯଦି ଅଭିଯୁକ୍ତ ଦୋଷୀ ପ୍ରମାଣିତ ହେବେ, ତେବେ ସେ ଦଣ୍ଡିତ ହେବେ । |

↓

**ଏହା ଅଭିଯୁକ୍ତଙ୍କୁ ଜଣାଇ ଦିଆଯାଏ**

↓

**ଦଣ୍ଡ ବିଧାନ ଘୋଷିତ ହୁଏ**

## ୨ : ଜାତୀୟ ଓ ରାଜ୍ୟ ସ୍ତରରେ ମାନବାଧିକାର ସୁରକ୍ଷା ଆଇନ୍

ଦେଶ ଭିତରେ ପୁରୁଷ ଓ ମହିଳା ନିର୍ବିଶେଷରେ ସମସ୍ତ ନାଗରିକମାନଙ୍କର ମାନବାଧିକାରର ସୁରକ୍ଷା ଉଦ୍ଦେଶ୍ୟରେ ଜାତୀୟ ମାନାବାଧିକାର ସୁରକ୍ଷା ଆଇନ୍ ୧୯୯୩ ସଂସଦରେ ଗୃହୀତ ହୋଇ ୮ ଜାନୁଆରି ୧୯୯୪ ଠାରୁ ବଳବତ୍ତର ହୋଇଥିଲା। ଏହାପରେ ୨୦୦୬ ମସିହାରେ ଏହି ଆଇନ୍ ଥରେ ସଂଶୋଧନ ହୋଇଛି। ଏଥିରେ 'ମାନବାଧିକାର'ର ଏକ ସଂଜ୍ଞା ଦିଆଯାଇ ଲୁହାଯାଇଛି ଯେ, ଜୀବନ, ସ୍ୱାଧୀନତା, ସମାନତା ଓ ମର୍ଯ୍ୟାଦା ପାଇଁ ବ୍ୟକ୍ତିର ଅଧିକାରସମୂହ, ଯେଉଁଗୁଡ଼ିକ କି ସମ୍ବିଧାନରେ ଏବଂ ବିଭିନ୍ନ ଆନ୍ତର୍ଜାତିକ ଘୋଷଣାନାମାରେ ଗୃହୀତ ହୋଇଛି ଏବଂ ଯେଉଁଗୁଡ଼ିକୁ ବଳବତ୍ତର କରିବା ପାଇଁ ଭାରତର ନ୍ୟାୟାଳୟଗୁଡ଼ିକ ଅଙ୍ଗୀକାରବଦ୍ଧ।

### ଜାତୀୟ ମାନବାଧିକାର କମିଶନ୍‌ଙ୍କ ଗଠନ

ସୁପ୍ରିମ୍ କୋର୍ଟର ମୁଖ୍ୟ ବିଚାରପତି ପଦବୀ ତୁଲାଇ ସାରିଥିବା ଜଣେ ନ୍ୟାୟମୂର୍ତ୍ତୀଙ୍କ ଅଧ୍ୟକ୍ଷତାରେ କମିଶନ୍ ଗଠିତ ହେବ, ଯେଉଁଥିରେ ସୁପ୍ରିମ୍ କୋର୍ଟର ବଚାରପତି ପଦବୀ ତୁଲାଇଥିବା ଜଣେ ବ୍ୟକ୍ତି, ଗୋଟିଏ ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀ ତୁଲାଇଥିବା ଜଣେ ବ୍ୟକ୍ତି, ଏବଂ ମାନବାଧିକାର ସମ୍ବନ୍ଧରେ ବାସ୍ତବ ଅଭିଜ୍ଞତା ଥିବା ଦୁଇଜଣ ବ୍ୟକ୍ତି ସଭ୍ୟ ରହିବେ। ଏହାଛଡା ସଂଖ୍ୟାଲଘୁ ସଂପ୍ରଦାୟସମୂହ ପାଇଁ ଜାତୀୟ କମିଶନ୍‌ର ଅଧ୍ୟକ୍ଷ, ଅନୁସୂଚୀତ ଜାତି ପାଇଁ ଜାତୀୟ କମିଶନ୍‌ର ଅଧ୍ୟକ୍ଷ, ଅନୁସୂଚୀତ ଜନଜାତି ପାଇଁ ଜାତୀୟ କମିଶନ୍‌ର ଅଧ୍ୟକ୍ଷ ତଥା ଜାତୀୟ ମହିଳା କମିଶନ୍‌ର ଅଧ୍ୟକ୍ଷା ଏହି କମିଶନ୍‌ର ପଦପ୍ରଯୁକ୍ତ ସଭ୍ୟ ରହିବେ। ଏହାଛଡା କମିଶନ୍‌ର ଜଣେ ମହା-ସଚୀବ ରହିବେ, ଯେ କି କେବଳ ବିଚାର-ବିଭାଗୀୟ କ୍ଷମତାକୁ ଛାଡିଦେଲେ ଅନ୍ୟସବୁ ବ୍ୟାପାରରେ କମିଶନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟ କରିବେ। ଏକ ୬ଜଣିଆ ଉଚ୍ଚସ୍ତରୀୟ ଚୟନ କମିଟି ଦ୍ୱାରା କମିଶନ୍‌ଙ୍କ ଅଧ୍ୟକ୍ଷ ଓ ସଭ୍ୟବୃନ୍ଦ ମନୋନୀତ ହେବେ; ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଚୟନ କମିଟିରେ ଲୋକସଭାର ବାଚସ୍ପତି, କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ, ଲୋକସଭାର ବିରୋଧିଦଳ ନେତା, ରାଜ୍ୟସଭାର ବିରୋଧି ଦଳ ନେତା, ତଥା ରାଜ୍ୟସଭାର ଉପାଧକ୍ଷ ସଦସ୍ୟ ରହିବେ। ଜାତୀୟ କମିଶନ୍‌ଙ୍କ ମୁଖ୍ୟ କାର୍ଯ୍ୟାଳୟ ରାଜଧାନୀ ଦିଲ୍ଲୀରେ ଅବସ୍ଥିତ ହେବ।

### କମିଶନ୍‌ଙ୍କ କାର୍ଯ୍ୟାବଳୀ-

- ସ୍ୱୟଂଚାଳିତ ହୋଇ ଅଥବା କୌଣସି ବ୍ୟକ୍ତିଙ୍କ ପ୍ରତିବେଦନ ଆଧାରରେ ଯେ କୌଣସି ପ୍ରକାରର ମାନବାଧିକାର ଉଲ୍ଲଂଘନ ମାମଲାକୁ ଅନୁସନ୍ଧାନ କରିବା ;
- ଯେ କୌଣସି ନ୍ୟାୟାଳୟରେ ଚାଲୁଥିବା ମାନବାଧିକାର ସଂପର୍କୀତ ଏକ କେଶ୍‌ରେ ସେହି ନ୍ୟାୟାଳୟର ସମ୍ମତି କ୍ରମେ ପକ୍ଷଭୁକ୍ତ ହେବା ;
- ଯେ କୌଣସି ରାଜ୍ୟରେ ଥିବା ଜେଲ୍ କିମ୍ବା ତଦ୍ରୁପ ସ୍ୱତନ୍ତ୍ର ଗୃହକୁ ପରିଦର୍ଶନ କରି ଅନ୍ତେବାସୀମାନଙ୍କର ଜୀବନ-ଧାରଣ ଅବସ୍ଥା ଏବଂ ସମସ୍ୟାର ଅନୁଧ୍ୟାନ କରିବା ;
- ସମ୍ବିଧାନ ଏବଂ ଅନ୍ୟ କୌଣସି ଆଇନ୍‌ରେ ମାନବାଧିକାରସମୂହର ସୁରକ୍ଷା ପାଇଁ ଥିବା ବ୍ୟବସ୍ଥାସମୂହର ସମୀକ୍ଷା କରି ଆବଶ୍ୟକୀୟ ସଂସ୍କାର ଓ ସଂଶୋଧନ ପାଇଁ ସୁପାରିଶ୍ କରିବା ;
- ମାନବାଧିକାରସମୂହକୁ ପ୍ରତିହତ କରୁଥିବା ସନ୍ତ୍ରାସବାଦ ଭଳି ବିପଦକୁ ମୁକାବିଲା କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପମାନ ନେବା ପାଇଁ ସୁପାରିଶ୍ କରିବା ;
- ମାନବାଧିକାର ସମ୍ବନ୍ଧରେ ଆନ୍ତର୍ଜାତିକ ଚୁକ୍ତିନାମାଗୁଡିକର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ସୁପାରିଶ୍ କରିବା ;
- ମାନବାଧିକାର ସଂବନ୍ଧରେ ଗବେଷଣା, ସ୍ୱେଚ୍ଛାସେବୀ କାର୍ଯ୍ୟକଳାପ ତଥା ଜନସଚେତନତା ପ୍ରସାରଣକୁ ପ୍ରୋତ୍ସାହନ ଦେବା ; ଏବଂ
- କମିଶନ୍ ବାର୍ଷିକ ବିବରଣୀ ସହିତ କୌଣସି ବିଶେଷ ବ୍ୟାପାରରେ କେନ୍ଦ୍ର ସରକାର ଏବଂ ସଂପୃକ୍ତ ରାଜ୍ୟ ସରକାରଙ୍କୁ ପରାମର୍ଶ ପ୍ରଦାନ କରିବେ ଏବଂ ସେମାନେ ଏହାକୁ ଯଥାସ୍ଥିତି ସଂସଦ ଓ ରାଜ୍ୟ ଆଇନ୍ ସଭାରେ ଉପସ୍ଥାପନ କରିବେ।

### ମାନବାଧିକାର କମିଶନ୍‌ଙ୍କ ତଦନ୍ତ ଓ ଅନୁସନ୍ଧାନ କ୍ଷମତା-

ଦେଓ୍ୱାନି କାର୍ଯ୍ୟବିଧି ସଂହିତା, ୧୯୦୮ ଅଧୀନରେ ଗୋଟିଏ ଦେଓ୍ୱାନି କୋର୍ଟର ଯେଉଁସବୁ କ୍ଷମତା ଥାଏ, ସେଗୁଡିକୁ ଜାତୀୟ ମାନବାଧିକାର କମିଶନ୍ ପ୍ରୟୋଗ କରିପାରିବେ। କମିଶନ୍ ଯେକୌଣସି ବ୍ୟକ୍ତିଙ୍କୁ ଏକ ତଦନ୍ତାଧୀନ ବିଷୟ ସଂକ୍ରାନ୍ତରେ ସୂଚନା ଦେବାପାଇଁ ତଲବ କରିପାରନ୍ତି ଏବଂ ଯଦି ସେହି ବ୍ୟକ୍ତି ଭୁଲ୍ ସୂଚନା ଦିଅନ୍ତି, ତେବେ ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୧୭୬ ଓ ୧୭୭ ଅନୁଯାୟୀ ତାଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରାଯାଇପାରିବ। କମିଶନ୍ ଯେ କୌଣସି ସ୍ଥାନରେ ପ୍ରବେଶ କରି ଯେ କୌଣସି ଦଲିଲ୍ ସଂଗ୍ରହ କରିପାରନ୍ତି। ଯଦି କୌଣସି ବ୍ୟକ୍ତି କମିଶନ୍‌ଙ୍କୁ ତଦନ୍ତ କାର୍ଯ୍ୟରେ ସହାୟତା ନକରନ୍ତି, ତେବେ କମିଶନ୍ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଏହା ଜଣାଇଦେବେ ଏବଂ ମାଜିଷ୍ଟ୍ରେଟ୍ ଏ ବିଷୟ ବଚାର

କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଜାତୀୟ କମିସନ୍ ଚାହିଁଲେ ଗୋଟିଏ ଅଭିଯୋଗକୁ ସଂପୃକ୍ତ ରାଜ୍ୟ କମିଶନ୍‌ଙ୍କ ଦ୍ୱାରା ଶୁଣାଣି ଓ ଫଇସଲା ପାଇଁ ପଠାଇ ପାରନ୍ତି। କମିଶନ୍ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯେ କୌଣସି ଅଧିକାରୀଙ୍କ ସେବା ଉପଯୋଗ କରିପାରନ୍ତି ଏବଂ ସେମାନଙ୍କ ମାଧ୍ୟମରେ ଏକ ଅଭିଯୋଗର ତଦନ୍ତ କରାଇପାରନ୍ତି। ଯେ କୌଣସି ବିଷୟରେ ତଦନ୍ତ କଲାବେଳେ କମିଶନ୍ କେନ୍ଦ୍ର ସରକାର ବା ଯେ କୌଣସି ରାଜ୍ୟ ସରକାରଙ୍କ ଠାରୁ ବିଶଦ୍ ବିବରଣୀ ତଲବ କରିପାରନ୍ତି।

**ମାନବାଧିକାର କମିଶନ୍‌ଙ୍କ ଅନ୍ୟାନ୍ୟ କ୍ଷମତା-**

କୌଣସି ସରକାରୀ କର୍ମଚାରୀଙ୍କ ଦ୍ୱାରା ମାନବାଧିକାର ଉଲ୍ଲଂଘନ ଘଟିଥିଲେ, ତେବେ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ କ୍ଷତିପୂରଣ ଦେବାପାଇଁ କମିଶନ୍ ନିର୍ଦ୍ଦେଶ ଦେଇପାନ୍ତି। ଏପ୍ରକାର ସ୍ଥିତିରେ କମିଶନ୍ ସ୍ୱୟଂ ଏକ କାର୍ଯ୍ୟବିଧି ଆରମ୍ଭ କରିପାରନ୍ତି। ସଂପୃକ୍ତ ହାଇକୋର୍ଟଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେବା ପାଇଁ କହିପାରନ୍ତି। କମିଶନ୍ ନିଜ ଆଦେଶର ନକଲକୁ ସଂପୃକ୍ତ ରାଜ୍ୟ ସରକାର, କର୍ତ୍ତୃପକ୍ଷ ଏବଂ ପ୍ରତିବେଦକଙ୍କୁ ଯୋଗାଇଦେବେ। ଯଦି ସାମରିକ ବାହିନୀ ଦ୍ୱାରା କୌଣସି ଉଲ୍ଲଂଘନ ଘଟିଛି ବୋଲି ଅଭିଯୋଗ ପହଞ୍ଚେ, ତେବେ କମିଶନ୍ କେନ୍ଦ୍ର ସରକାରଙ୍କ ଠାରୁ ଏ ବିଷୟରେ ରିପୋର୍ଟ ତଲବ କରିବେ। କେନ୍ଦ୍ର ସରକାରଙ୍କ ଠାରୁ ରିପୋର୍ଟ ପାଇଲା ପରେ କମିଶନ୍ ହୁଏତ୍ ସଂପୃକ୍ତ କାର୍ଯ୍ୟବିଧିକୁ ସେଇଠି ବନ୍ଦ କରିଦେଇପାରନ୍ତି, ନଚେତ୍ ଏବିଷୟରେ ନିଜର ସୁପାରିଶ୍‌କୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇ ପାରନ୍ତି। ସରକାର କି ପଦକ୍ଷେପ ନେଇଛନ୍ତି ତାହା କମିଶନ୍‌ଙ୍କୁ ୩ ମାସ ଭିତରେ ଜଣାଇବେ। କମିଶନ୍ ସଂପୃକ୍ତ ବିଷୟରେ ନିଜର ସୁପାରିଶ୍ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ଗୃହୀତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ବିବରଣୀ ସର୍ବସାଧାରଣରେ ପ୍ରକାଶ କରିବେ।

**ଆଇନ୍‌ର ଅନ୍ୟାନ୍ୟ ବ୍ୟବସ୍ଥା**

ଏହି ଆଇନ୍ ଅନୁଯାୟୀ ମାନବାଧିକାର ଉଲ୍ଲଂଘନ ମାମଲାଗୁଡିକର ବିଚାର ପାଇଁ ପ୍ରତି ରାଜ୍ୟ ସରକାର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରି ସ୍ୱତନ୍ତ୍ର ମାନବାଧିକାର କୋର୍ଟ ପ୍ରତିଷ୍ଠା କରିପାରନ୍ତି ଏବଂ ସରକାରଙ୍କ ତରଫରୁ କେଶ୍‌ଗୁଡିକ ଲଢିବା ପାଇଁ ସରକାରୀ ଅଭିଯୋଜକ ନିଯୁକ୍ତ କରିପାରନ୍ତି। ଏହି ଆଇନ୍ ଅନୁଯାୟୀ ପ୍ରତି ରାଜ୍ୟରେ ରାଜ୍ୟ ମାନବାଧିକାର କମିଶନ୍ ପ୍ରତିଷ୍ଠା ହେବ। ରାଜ୍ୟ କମିଶନ୍‌ଙ୍କ ନିକଟରେ ଏକ ମାମଲା ବିଚାରାଧୀନ ଥିଲାବେଳେ ଜାତୀୟ କମିଶନ୍ ଏହାକୁ ବିଚାର କରିବେ ନାହିଁ । ଘଟଣା ଘଟିବାର ଗୋଟିଏ ବର୍ଷ ପରେ ଜାତୀୟ କିମ୍ବା ରାଜ୍ୟ କମିଶନ୍ ସେହି ସଂକ୍ରାନ୍ତୀୟ ମାମଲାକୁ ବିଚାର କରିବେ ନାହିଁ। କେନ୍ଦ୍ର ବା ରାଜ୍ୟ ସରକାର ଚାହିଁଲେ ଗୋଟିଏ ବିଷୟର ତଦନ୍ତ ପାଇଁ ପୋଲିସ୍ ଅଧିକାରୀମାନଙ୍କୁ ନେଇ ସ୍ୱତନ୍ତ୍ର ଅନୁସନ୍ଧାନ ଦଳ ଗଠନ କରିପାରନ୍ତି। ଉଭୟ ଜାତୀୟ ଏବଂ ରାଜ୍ୟ କମିଶନ୍‌ଙ୍କ ପ୍ରତ୍ୟେକ କର୍ମଚାରୀ ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦ର ସଂଜ୍ଞାୟନ ଅନୁଯାୟୀ ସର୍ବସାଧାରଣ କର୍ମଚାରୀ ରୂପେ ବିବେଚିତ ହେବେ। ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ହିଁ ଅଛି।

**ଓଡିଶା ମାନବାଧିକାର କମିଶନ୍**

ଜାତୀୟ ମାନବାଧିକାର କମିଶନ୍ ଆଇନ୍ ଅନୁଯାୟୀ ପ୍ରତି ରାଜ୍ୟ ସରକାର ଗୋଟିଏ ମାନବାଧିକାର କମିଶନ୍ ଗଠନ କରିବେ। ଗୋଟିଏ ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀ ତୁଲାଇ ସାରିଥିବା ଜଣେ ବ୍ୟକ୍ତି ଏହାର ଅଧ୍ୟକ୍ଷ ରହିବେ , ଏବଂ ଦୁଇଜଣ ସଭ୍ୟ ରହିବେ। ଜଣେ ସଭ୍ୟ ଅତୀତରେ ସଂପୃକ୍ତ ରାଜ୍ୟର ହାଇକୋର୍ଟର ବିଚାରପତି ଅଥବା ଅନ୍ୟୁନ ୭ବର୍ଷ ଧରି ଜିଲ୍ଲା ଜଜ୍ ପଦବୀ ତୁଲାଇଥିବେ। ଅନ୍ୟଜଣେ ସଭ୍ୟ ମାନବାଧିକାର ବ୍ୟାପାରରେ ଜଣେ ଅଭିଜ୍ଞ ବ୍ୟକ୍ତି ହୋଇଥିବା ଆବଶ୍ୟକ। ଏହାର ଜଣେ ସଚିବ ରହିବେ, ଯେ କି ରାଜ୍ୟ କମିଶନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ବିବେଚିତ ହେବେ ଏବଂ ସେହିସବୁ ଦାୟିତ୍ୱ ସମ୍ପାଦନ କରିବେ, ଯାହାକି ତାଙ୍କ ଉପରେ ନ୍ୟସ୍ତ କରାଯାଇପାରେ। ରାଜ୍ୟର ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ, ବିଧାନସଭାର ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ଏକ ଚୟନ କମିଟି ଦ୍ୱାରା ରାକ୍ୟ କମିଶନ୍‌ର ଅଧ୍ୟକ୍ଷ ଏବଂ ସଦସ୍ୟଗଣ ମନୋନୀତ ହେବେ। ସମ୍ବିଧାନର ଅନୁସୂଚୀ-୭ ଅଧୀନରେ ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକା ଅଧୀନରେ ଥିବା ବିଷୟ ଗୁଡିକ ରାଜ୍ୟ କମିଶନ୍‌ଙ୍କ ବିଚାରର ପରିସରଭୁକ୍ତ ରହିବ। କିନ୍ତୁ ଯଦି ଜାତୀୟ କମିଶନ୍ କିମ୍ବା ବିଧିମତେ ପ୍ରତିଷ୍ଠିତ ଅନ୍ୟ କୌଣସି କମିଶନ୍ ଏକ ମାମଲାକୁ ବିଚାର କରୁଥିବେ ରାଜ୍ୟ କମିଶନ୍ ତାହା ବିଚାର କରିବ ନାହିଁ। ଓଡିଶା କମିଶନ୍‌ଙ୍କ କାର୍ଯ୍ୟାଳୟ ଓଡିଶା ଷ୍ଟେଟ୍ ଗେଷ୍ଟ ହାଉସ୍, ଭୁବନେଶ୍ୱରରେ କାର୍ଯ୍ୟ କରୁଛି।

## ୩: ବଧୂ ନିର୍ଯ୍ୟାତନା ଓ ଘରୋଇ ହିଂସା ସଂପର୍କୀତ ଆଇନ୍

ପରିବାର ମଧ୍ୟରେ ଜଣେ ମହିଳା ବିଭିନ୍ନ ପ୍ରକାର ହିଂସା ଓ ନିର୍ଯ୍ୟାତନାର ସମ୍ମୁଖୀନ ହେଉଥିଲେ ହେଁ ସେ ପ୍ରକାର ଘଟଣା କ୍ୱଚିତ୍ ପଦାରେ ପ୍ରକାଶ ପାଇଥାଏ । ପାରିବାରିକ ହିଂସାର ବିବିଧ ରୂପ ଭିତରୁ ଯୌତୁକ ନିର୍ଯ୍ୟାତନା ଅନେକ ସମୟରେ ବାହାରକୁ ଜଣାପଡିଥାଏ; ପୁଣି ଜଣେ ମଦ୍ୟପ ସ୍ୱାମୀ ସ୍ତ୍ରୀକୁ ନିର୍ଯ୍ୟାତନା କରୁଥିବାର ଘଟଣା ମଧ୍ୟ ବାହାରକୁ ଜଣାପଡିଥାଏ । କିନ୍ତୁ ଦୈନନ୍ଦିନ ଜୀବନରେ ସ୍ତ୍ରୀକୁ ଗାଳିଗୁଲଜ, ଅପମାନ ଏବଂ କଥା କଥାରେ ପୁରୁଷ ତାଙ୍କୁ ଏକ ନୀଚ ସ୍ଥାନରେ ରଖି ମାନସିକ ନିର୍ଯ୍ୟାତନା ଦେବାର ଆଚରଣ ପଦାକୁ ଆସି ପାରିନଥାଏ । କିନ୍ତୁ ପରିବାର ମଧ୍ୟରେ ଏପରି ହିନିମାନିଆ ଆଚରଣ, ଯାହାକି ହିଂସାର ଅନ୍ୟନାମ, ତାହା ଫଳରେ ମହିଳାମାନଙ୍କ ମଧରେ ହୀନମନ୍ୟତା ବୃଦ୍ଧି ପାଇଥାଏ, ଏବଂ ନିଜକୁ ଅକ୍ଷମ ଏବଂ ଅଯୋଗ୍ୟ ବୋଲି ଜଣେ ମହିଳାଙ୍କ ଭିତରେ ଏକ ବିଶ୍ୱାସ ଜମାଟ ବାନ୍ଧିଚାଲେ ଏବଂ ଏପରି ଦୁର୍ବ୍ୟବହାର ପାଇବାର ପାତ୍ରୀ ବୋଲି ସେ ନିଜକୁ ମନେ

କରି ନେଇଥାଏ। କିନ୍ତୁ ନିର୍ଯ୍ୟାତନା ସହ୍ୟ କରିବାର ସୀମା ଅତିକ୍ରମ କଲାପରେ ଜଣେ ମହିଳା ଶେଷ ମୂହୁର୍ତ୍ତରେ ଆଇନ୍‌ର ଆଶ୍ରୟ ନେବାକୁ ବାଧ୍ୟ ହୋଇଥାଏ। ତେଣୁ ପାରିବାରିକ ହିଂସା କ୍ଷେତ୍ରରେ ଆଇନ୍ ସହାୟତା ଚାହୁଁଥିବା ମହିଳାର ସ୍ଥିତି ବୁଝିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ।

**ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ପାରିବାରିକ ହିଂସାର ସଂଜ୍ଞାୟନ:**

୧. ପ୍ରହାର କରି ଶାରୀରିକ ଆଘାତ ଦେବା।

୨. ପିତା, ମାତା ଓ ସନ୍ତାନଙ୍କ ସହ ସମ୍ପର୍କ ରଖିବା ପାଇଁ ଅନୁମତି ନଦେବା।

୩. ଘରେ ବନ୍ଦୀ କରି ରଖିବା ଏବଂ ସାମାଜିକ ସମ୍ପର୍କ ରଖିବାରେ ବାଧା ଦେବା।

୪. ବାରମ୍ବାର ସନ୍ତାନମାନଙ୍କ ସମ୍ମୁଖରେ ଅପମାନିତ କରିବା ଏବଂ ସର୍ବଦା ଆଶଂକିତ ଅବସ୍ଥାରେ ରଖିବା।

୫. ସନ୍ତାନମାନଙ୍କର ସେ ଜନ୍ମଦାୟୀ ପିତା ନୁହଁନ୍ତି ବୋଲି ବାରମ୍ବାର କହି ମାନସିକ ଆଘାତ ଦେବା।

୬. ତାଲା ପକାଇ କୋଠରୀରେ ବନ୍ଦକରି ରଖିବା।

୭. ଯୌତୁକ ନଆଣିଲେ ଛାଡପତ୍ରର ଧମକ ଦେବା।

୮. ସର୍ବଦା ଗାଳିଗୁଲଜ କରିବା ଓ ହୀନ ଦୃଷ୍ଟିରେ ଦେଖି ମାନସିକ ନିର୍ଯ୍ୟାତନା ଦେବା।

୯. ଘରର ଖର୍ଚ୍ଚପାଇଁ ଯଥେଷ୍ଟ ଅର୍ଥ ନଦେବା ଏବଂ ଭୋକିଲା ରହିବା ପାଇଁ ବାଧ କରିବା।

୧୦. ଅପ୍ରାକୃତିକ ଯୌନ ସମ୍ପର୍କ ପାଇଁ ବାଧ୍ୟ କରିବା।

### ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୪୯୮-ଏ

ଇଂରେଜମାନଙ୍କ ଦ୍ୱାରା ପ୍ରଣୀତ ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦ର ମୂଳ ଟୀକାରେ ମହିଳାମାନଙ୍କ ପ୍ରତି ଅନ୍ୟାନ୍ୟ ବହୁ ଅପରାଧ ସମ୍ବନ୍ଧରେ ବିଶଦ୍ ପ୍ରାବ୍ଧାନମାନ ସ୍ଥାନିତ ହୋଇଥିଲେ ହେଁ ୧୯୮୩ର ସଂଶୋଧନ ପର୍ଯ୍ୟନ୍ତ ଏଥିରେ ମହିଳାମାନଙ୍କ ପ୍ରତି ଅହୋରାତ୍ର ଘଟୁଥିବା ଘରୋଇ ହିଂସା ଉପରେ କୌଣସି ବ୍ୟବସ୍ଥା ନଥିଲା। ଉପରୋକ୍ତ ସଂଶୋଧନ ଫଳରେ ଏକ ନୂଆ ଦଫା (୪୯୮-ଏ) ଯୋଡାଗଲା। ଏଥରେ କୁହାଯାଇଛି ଯେ, ଜଣେ ବିବାହିତା ମହିଳା ଉପରେ ଯଦି ତାଙ୍କର ସ୍ୱାମୀ ବା ସ୍ୱାମୀଙ୍କ ସଂପର୍କୀୟଙ୍କ ଦ୍ୱାରା କ୍ରୁରତା ଆଚରଣ କରାଯାଉଥାଏ, ତେବେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ତଥା ଜୋରିମାନାରେଦଣ୍ଡିତ କରାଯିବ। ଏହି ଅପରାଧ ଧର୍ତ୍ତବ୍ୟ ଓ ଜାମିନ୍ ବିହୀନ ଅଟେ ଏବଂ ଏହାର ଫଇସଲା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ କରାଯିବ। ଏହି ଦଫାରେ 'କ୍ରୁରତା' ଶବ୍ଦର ବ୍ୟାଖ୍ୟା ଉଦ୍ଦେଶ୍ୟରେ ଦୁଇଟି ସ୍ପଷ୍ଟୀକରଣ ଦଆଯାଇଛି। ପ୍ରଥମ ସ୍ପଷ୍ଟୀକରଣ ଅନୁଯାୟୀ କ୍ରୁରତା କହିଲେ ଜଣେ ମହିଳାଙ୍କ ପ୍ରତି ଏପରି ଆଚରଣ, ଯାହା ଫଳରେ ସେ ଆତ୍ମହତ୍ୟା କରିବା ପାଇଁ ପଛେଇବେନି ଏବଂ ଯାହା ଫଳରେ ସେ ଗୁରୁତର ଭାବେ ଆଘାତପ୍ରାପ୍ତ ହେବା ବା ତାଙ୍କ ଜୀବନ ବା ଅଙ୍ଗପ୍ରତ୍ୟଙ୍ଗ ବା ଶାରିରୀକ ଅବା ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ଥାଏ। ଦ୍ୱିତୀୟ ସ୍ପଷ୍ଟୀକରଣ ଅନୁଯାୟୀ, କ୍ରୁରତା କହିଲେ କୌଣସି ସମ୍ପତ୍ତି ବା ମୂଲ୍ୟବାନ ପ୍ରତିଭୂ ପାଇବା ପାଇଁ ଏକ ଅବୈଧ ଦାବୀ ସକାଶେ ଅଥବା ଏପରି ଦାବୀ ସଂପୃକ୍ତ ମହିଳା ବା ତାଙ୍କର ସଂପର୍କୀୟଙ୍କ ଦ୍ୱାରା ପୂରଣ କରାନଯିବାରୁ ସେହି ମହିଳାଙ୍କୁ ଦିଆଯାଉଥିବା ନିର୍ଯ୍ୟାତନା।

ଅଭିଜ୍ଞତାରୁ ଦେଖାଗଲା ଯେ, ଦଫା-୪୯୮(ଏ)କୁ କେବଳ ଯୌତୁକ ନିର୍ଯ୍ୟାତନା କ୍ଷେତ୍ରରେ ବ୍ୟବହାର କରାଗଲା, ଯାହା ଫଳରେ କି ଜଣେ ବିବାହିତା ମହିଳା ଅନ୍ୟ ଯେତେ କାରଣରୁ ନିର୍ଯ୍ୟାତନାର ସମ୍ମୁଖୀନ ହୋଇଥାଏ ସେଗୁଡିକ ପୋଲିସ୍ କିମ୍ବା ଅଦାଲତ ସାମନାକୁ ଅସିଲା ନାହିଁ। ଏହାଛଡା ଯେଉଁସ୍ଥଳରେ ଅନ୍ୟକାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ବିବାଦ ଥାଏ, ସେପରି ସ୍ଥଳେ ମଧ୍ୟ ମହିଳା ପକ୍ଷ କପୋଳକଳ୍ପିତ ଯୌତୁକ କାରଣ ଦେଖାଇ ସ୍ୱାମୀଙ୍କ ପକ୍ଷ ବିରୁଦ୍ଧରେ କେଶ୍ ରଜୁ କରିଚାଲିଲେ। ଏହା ଫଳରେ ଯୌତୁକ ନିରୋଧ ଆଇନ୍ ୧୯୬୧ ଭଳି ଦଫା ୪୯୮(ଏ)ର ମଧ୍ୟ ବହୁଳ ଅପବ୍ୟବହାର ଘଟିଲା।

### ଯୌତୁକ ମୃତ୍ୟୁ (ଦଣ୍ଡବିଧି ସଂହିତାର ଧାରା ୩୦୪-ବି)

ଯଦି ଗଭୀର ଆଘାତ କାରଣରୁ ଜଣେ ବିବାହିତା ମହିଳାଙ୍କର ବିବାହର ସାତ ବର୍ଷ ମଧ୍ୟରେ ଅସ୍ୱାଭାବିକ ମୃତ୍ୟୁ ଘଟିଥାଏ ଏବଂ ସେ ସ୍ୱାମୀ ଓ ସ୍ୱାମୀଙ୍କ ପିତାଙ୍କ ସମ୍ପର୍କୀୟମାନଙ୍କ ଦ୍ୱାରା ଯୌତୁକ ନିମନ୍ତେ ନିର୍ଯ୍ୟାତିତା ହେଉଥିବାର ଘଟଣା ପ୍ରମାଣିତ ହୁଏ, ତେବେ ୧୯୮୬ ମସିହାରେ ସଂଶୋଧିତ ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୩୦୪ (ବି) ଅନୁସାରେ ଏହି ମୃତ୍ୟୁ ଯୌତୁକ ଜନିତ ମୃତ୍ୟୁ ରୂପେ ବିବେଚିତ ହୁଏ।

ଏଠାରେ ଉଲ୍ଲେଖନୀୟ ଯେ, ଯୌତୁକ ନିରୋଧ ଆଇନ୍, ୧୯୬୧ ବଳବତ୍ତର ଥାଇ ସୁଦ୍ଧା ଆମ ଦେଶରେ ଯୌତୁକ ଜନିତ ନିର୍ଯ୍ୟାତନା ଓ ମୃତ୍ୟୁ ଘଟଣା ବଢିବଢି ଚାଲିଥିଲା। ଏହାର କାରଣ ଅନୁଧ୍ୟାନ ଏବଂ ଦୂରୀକରଣ ଉଦ୍ଦେଶ୍ୟରେ ୧୯୮୦ ମସିହାରେ ଏକ ଯୁଗ୍ମ ସଂସଦୀୟ କମିଟି ଗଢାଯାଇଥିଲା। ଏହି କମିଟିର ସୁପାରିଶ୍ ତଥା ବିଧି କମିଶନ୍‌ଙ୍କ ୯୧ତମ ରିପୋର୍ଟ, ୧୯୮୩ ମତେ ଯୌତୁକ ନିରୋଧ ଆଇନ୍ ୧୯୬୧ରେ

ସଂଶୋଧନ ହେବା ସହିତ ଭାରତୀୟ ଦଣ୍ଡବିଧି ସଂହିତା ୧୮୬୦, ଭାରତୀୟ ସାକ୍ଷ୍ୟ-ପ୍ରମାଣ ଆଇନ୍ ୧୮୭୨ ଏବଂ ଫୌଜଦାରି କାର୍ଯ୍ୟବିଧି ସଂହିତା ୧୯୭୩ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନମାନ ଅଣାଯାଇଥିଲା। ଯୌତୁକ ନିରୋଧ ଆଇନ୍ ଅଦ୍ୟାବଧି ସଂସଦ ଦ୍ୱାରା ଦୁଇଥର ଯଥା ୧୯୮୪ ଏବଂ ୧୯୮୬ରେ ସଂଶୋଧିତ ହୋଇ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇପାରିଛି।

ସାଧାରଣତଃ ଭାରତୀୟ ଫୌଜଦାରୀ ବିଧିବ୍ୟବସ୍ଥା ଅଭିଯୁକ୍ତର ଦୋଷ ପ୍ରମାଣ ନହେବା ଯାଏଁ ଦୋଷୀ ସାବ୍ୟସ୍ତ କରେ ନାହିଁ। ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ଦାୟିତ୍ୱ ପ୍ରଥମେ ଥିଲା ନିର୍ଯ୍ୟାତିତାଙ୍କର; କିନ୍ତୁ ଫୌଜଦାରି ଆଇନ୍ (ଦ୍ୱିତୀୟ ସଂଶୋଧନ) ଆଇନ୍ ୧୯୮୩ ଅନୁଯାୟୀ ଭାରତୀୟ ସାକ୍ଷ୍ୟ-ପ୍ରମାଣ ଆଇନ୍ ୧୮୭୨ର ଏକ ସଂଶୋଧନ କରାଯାଇ ଏଥିରେ ଏକ ନୂଆ ପ୍ରାବଧାନ ଦଫା-୧୧୩(ବି) ଭର୍ତ୍ତି କରାଗଲା । ଏହି ଦଫା ୧୧୩-ବି ଅନୁଯାୟୀ ଯଦି ମୃତ ମହିଳା ଜଣକ ଜୀବିତାବସ୍ଥାରେ ଯୌତୁକ ଜନିତ କ୍ରୁରତା ବା ନିର୍ଯ୍ୟାତନାର ଶିକାର ହୋଇଥିବା ପ୍ରମାଣିତ ହୁଏ, ତେବେ ଭାରତୀୟ ଦଣ୍ଡ ସଂହିତାରେ ନୂତନ ଭାବେ ଯୋଡା ହୋଇଥିବା ଦଫା ୩୦୪-ବି ଅନୁସାରେ ସେହି ମୃତ୍ୟୁ ଯୌତୁକ ହତ୍ୟା ବୋଲି ପ୍ରମାଣିତ ହେବ ଏବଂ ଅଭିଯୁକ୍ତମାନେ ଏହି ଅପରାଧ ପାଇଁ ଦଣ୍ଡିତ ହେବେ। ଏବଂ ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଇବାର ପ୍ରମାଣ-ଭାର ଅଭିଯୁକ୍ତଙ୍କ ଉପରେ ନ୍ୟସ୍ତ ରହିବ। ଉପରୋକ୍ତ ସଂଶୋଧନ ଅନୁଯାୟୀ ଭାରତୀୟ ଦଣ୍ଡ ସଂହିତାରେ ଏକ ନୂତନ ଅଧ୍ୟାୟ-୨୦-ଏ ପ୍ରଣୟନ କରାଗଲା ଏବଂ ଏହା ଅଧୀନରେ ଏକ ନୂତନ ପ୍ରାବଧାନ ଦଫା-୪୯୮(ଏ) ସ୍ଥାନିତ କରାଗଲ। ଏହି ଦଫା ଅନୁଯାୟୀ କୌଣସି ସମ୍ପତ୍ତି ହାସଲ ପାଇଁ ଜଣେ ବିବାହିତା ମହିଳାଙ୍କୁ ଯଦି ତାଙ୍କର ସ୍ୱାମୀ ବା ସ୍ୱାମୀଙ୍କ ସଂପର୍କୀୟମାନେ ନିଷ୍ଠୁରତା ଆଚରଣ କରନ୍ତି, ତେବେ ତାହା ଦଣ୍ଡନୀୟ ହେବ। ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ର ଦଫା ୧୭୪କୁ ସଂଶୋଧନ କରି ବ୍ୟବସ୍ଥା କରାଗଲା ଯେ, ବିବାହର ୭ବର୍ଷ ଭିତରେ ମରୁଥିବା ପ୍ରତି ମହିଳାଙ୍କର ଶବ ବ୍ୟବଚ୍ଛେଦ ବାଧ୍ୟତାମୂଳକ।

ସୁତରାଂ ଯୌତୁକ ମୃତ୍ୟୁ ବୋଲି ସାବ୍ୟସ୍ତ କରିବା ପାଇଁ ନିମ୍ନୋକ୍ତ ୪ଟି ପ୍ରମାଣର ଆବଶ୍ୟକତା ରହିଛି-

- କୌଣସି ପୋଡାଜଳା ବା ଆଘାତ ଦ୍ୱାରା ବା କୌଣସି ଅସ୍ୱାଭାବିକ ପରିସ୍ଥିତିରେ ମହିଳାଙ୍କର ମୃତ୍ୟୁ ଘଟିଛି ;
- ବିବାହର ସାତବର୍ଷ ଭିତରେ ମୃତ୍ୟୁ ଘଟିଛି ;
- ମୃତ୍ୟୁର ଅବ୍ୟବହିତ ପୂର୍ବରୁ ମହିଳା ତାଙ୍କ ସ୍ୱାମୀ ବା ସ୍ୱାମୀଙ୍କ ସଂପର୍କୀୟମାନଙ୍କ ଦ୍ୱାରା ନିଷ୍ଠୁରତା ଓ ନିର୍ଯ୍ୟାତନାର ଶୀକାର ହେଉଥଲେ ;
- ଏପ୍ରକାର ନିଷ୍ଠୁରତା ବା ନିର୍ଯ୍ୟାତନା ଯୌତୁକ ପାଇଁ ଦାବୀକୁ କେନ୍ଦ୍ର କରି କରା ଯାଉଥିଲା।

**ଦଣ୍ଡ ବିଧାନ :**

ଯଦି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଅତି କମ୍‌ରେ ୭ବର୍ଷ ଜେଲ୍ କିମ୍ବା ଆଜୀବନ କାରାଦଣ୍ଡରେ ସେ ଦଣ୍ଡିତ ହେବେ। ଏହା ଏକ ଧର୍ତ୍ତବ୍ୟ ଅପରାଧ ଏବଂ ଦୌରା ଜଜ୍ କୋର୍ଟରେ ଏହାର ଶୁଣାଣି ହେବ। ଯୌତୁକ ହତ୍ୟାରେ ସ୍ୱାମୀ ଛଡା ଅନ୍ୟାନ୍ୟ ବ୍ୟକ୍ତିମାନେ ଜଡିତ ରହୁଛନ୍ତି ତଥା ଦଫା ୩୦୪(ବି) ଅନୁଯାୟୀ ଯୌତୁକ ହତ୍ୟାର ପ୍ରମାଣ ଅନୁମାନ-ସାପେକ୍ଷ ତଥା ସୁପ୍ରିମ୍ କୋର୍ଟ କହିଛନ୍ତି ଯେ, ମୃତ୍ୟୁଦଣ୍ଡ କେବଳ ଅତି ବିରଳ କ୍ଷେତ୍ରରେ ଦିଆଯାଇପାରେ।

## ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ୨୦୦୫

### ପୃଷ୍ଠଭୂମି

ଇଂରେଜ ମାନଙ୍କ ଦ୍ୱାରା ପ୍ରଣୀତ ଭାରତୀୟ ଦଣ୍ଡ ସଂହିତା, ୧୮୬୦ର ମୂଳ ଟୀକାରେ ମହିଳାମାନଙ୍କ ପ୍ରତି ଅନ୍ୟାନ୍ୟ ବହୁ ଅପରାଧ ସମ୍ବନ୍ଧରେ ବିଶଦ୍ ପ୍ରାବ୍ଧାନମାନ ସ୍ଥାନିତ ହୋଇଥିଲେ ହେଁ ୧୯୮୩ର ସଂଶୋଧନ ପର୍ଯ୍ୟନ୍ତ ଏଥିରେ ମହିଳାମାନଙ୍କ ପ୍ରତି ଅହୋରାତ୍ର ଘଟୁଥିବା ଘରୋଇ ହିଂସା ଉପରେ କୌଣସି ବ୍ୟବସ୍ଥା ନଥିଲା। ଉପରୋକ୍ତ ସଂଶୋଧନ ଫଳରେ ଏକ ନୂଆ ଦଫା, ୪୯୮-ଏ ଯୋଡାଗଲା। ଏଥରେ କୁହାଯାଇଛି ଯେ, ଜଣେ ବିବାହିତା ମହିଳା ଉପରେ ଯଦି ତାଙ୍କର ସ୍ୱାମୀ ବା ସ୍ୱାମୀଙ୍କ ସଂପର୍କୀୟଙ୍କ ଦ୍ୱାରା କ୍ରୁରତା ଆଚରଣ କରାଯାଉଥାଏ, ତେବେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ତଥା ଜୋରିମାନାରେ ଦଣ୍ଡିତ କରାଯିବ। ଏହି ଅପରାଧ ଧର୍ତ୍ତବ୍ୟ ଓ ଜାମିନ୍ ବିହୀନ ଅଟେ ଏବଂ ଏହାର ଫଇସଲା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ କରାଯିବ। ଏହି ଦଫାରେ 'କ୍ରୁରତା' ଶବ୍ଦର ବ୍ୟାଖ୍ୟା ଉଦ୍ଦେଶ୍ୟରେ ଦୁଇଟି ସ୍ପଷ୍ଟୀକରଣ ଦଆଯାଇଛି। ପ୍ରଥମ ସ୍ପଷ୍ଟୀକରଣ ଅନୁଯାୟୀ କ୍ରୁରତା କହିଲେ ଜଣେ ମହିଳାଙ୍କ ପ୍ରତି ଏପରି ଆଚରଣ, ଯାହା ଫଳରେ ସେ ଆତ୍ମହତ୍ୟା କରିବା ପାଇଁ ପଛେଇବନି ଏବଂ ଯାହା ଫଳରେ ସେ ଗୁରୁତର ଭାବେ ଆଘାତପ୍ରାପ୍ତ ହେବା ବା ତାଙ୍କ ଜୀବନ ବା ଅଙ୍ଗପ୍ରତ୍ୟଙ୍ଗ ବା ଶାରିରୀକ ଅବା ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ଥାଏ । ଦ୍ୱିତୀୟ ସ୍ପଷ୍ଟୀକରଣ ଅନୁଯାୟୀ, କ୍ରୁରତା କହିଲେ କୌଣସି ସମ୍ପତ୍ତି ବା ମୂଲ୍ୟବାନ ପ୍ରତିଭୂ ହାସଲ କରିବା ପାଇଁ ଅବୈଧ ଦାବୀ ଉଠାଇବା ଅଥବା ଏପରି ଦାବୀ ସଂପୃକ୍ତ ମହିଳା ବା ତାଙ୍କର ସଂପର୍କୀୟଙ୍କ ଦ୍ୱାରା ପୂରଣ କରାନଯିବାରୁ ସେହି ମହିଳାଙ୍କୁ ଦିଆଯାଉଥିବା ନିର୍ଯ୍ୟାତନା।

କିନ୍ତୁ ଅଭିଜ୍ଞତାରୁ ଦେଖାଗଲା ଯେ, ଦଫା-୪୯୮(ଏ)କୁ କେବଳ ଯୌତୁକ ନିର୍ଯ୍ୟାତନା କ୍ଷେତ୍ରରେ ବ୍ୟବହାର କରାଗଲା, ଯାହା ଫଳରେ କି ଜଣେ ବିବାହିତା ମହିଳା ଅନ୍ୟ ଯେତେ କାରଣରୁ ନିର୍ଯ୍ୟାତନାର ସମ୍ମୁଖୀନ ହୋଇଥାଏ ସେଗୁଡିକ ପୋଲିସ୍ କିମ୍ବା ଅଦାଲତ ସାମନାକୁ ଅସିଲା ନାହିଁ। ଏହାଛଡା ଯେଉଁସ୍ଥଳରେ ଅନ୍ୟ କାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ବିବାଦ ଥାଏ, ସେପରି ସ୍ଥଳେ ମଧ୍ୟ ମହିଳା ପକ୍ଷ କପୋଳକଳ୍ପିତ ଯୌତୁକ କାରଣ ଦେଖାଇ ସ୍ୱାମୀଙ୍କ ପକ୍ଷ ବିରୁଦ୍ଧରେ କେଶ୍ ରଜୁ କରିଚାଲିଲେ। ଏହା ଫଳରେ ଯୌତୁକ ନିରୋଧ ଆଇନ୍ ୧୯୬୧ ଭଳି ଦଫା ୪୯୮(ଏ)ର ମଧ୍ୟ ବହୁଳ ଅପବ୍ୟବହାର ଘଟିଲା। ସୁତରାଂ କହିବାକୁ ଗଲେ ୨୦୦୫ ମସିହା ଯାଏଁ ମହିଳାମାନଙ୍କ ପ୍ରତି ଘରୋଇ ହିଂସାର ପ୍ରତିକାର ପାଇଁ ଆମ ଦେଶରେ କୌଣସି ସାମଗ୍ରୀକ ଆଇନ୍ ନଥିଲା । ଏହାଛଡା ଘରୋଇ ହିଂସାର ଶିକାର ହୋଇଥିବା ମହିଳା ଓ ତା'ର ପିଲାପିଲିଙ୍କର ତୁରନ୍ତ ଆଶ୍ରୟ, ଖାଦ୍ୟପେୟ, ଆବଶ୍ୟକ ସ୍ଥଳେ ଚିକିତ୍ସା ତଥା ଦୀର୍ଘସ୍ଥାୟୀ ଥଇଥାନ ପାଇଁ ମଧ୍ୟ କୌଣସି ବୈଧାନିକ ବ୍ୟବସ୍ଥା ନଥିଲା । ଏହି ବିରାଟ ଅଭାବର ଦୂରୀକରଣ ନିମନ୍ତେ ସଂସଦ ଦ୍ୱାରା ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଆଇନ୍ ୨୦୦୫ ପ୍ରଣୟନ କରାଯାଇଛି ।

ମହିଳା ସଂଗଠନମାନଙ୍କର ଲଗାତାର ଆନ୍ଦୋଳନ ଫଳରେ ପ୍ରଥମେ ୨୦୦୧ରେ କେନ୍ଦ୍ର ସରକାର ଲୋକସଭାରେ ଘରୋଇ ହିଂସା ସମ୍ପର୍କୀତ ଏକ ଚିଠା-ବିଧେୟକ ଆଗତ କରିଥିଲେ। ତା'ପରେ ସଂସଦୀୟ କମିଟି ଏହି ଚିଠା ବିଧେୟକ ଉପରେ ସାରାଦେଶରୁ ମତାମତ ଲୋଡିଥିଲେ। ସେତେବେଳେ ବହୁ ମହିଳା ସଂଗଠନ ସଭାସମିତି, ବିକ୍ଷୋଭ ଓ ଶୋଭାଯାତ୍ରା ଇତ୍ୟାଦି ମାଧ୍ୟମରେ ଏକ ଶକ୍ତିଶାଳୀ ଘରୋଇ ହିଂସା ନିରୋଧ ଆଇନ୍ ଚାଲୁ କରିବା ପାଇଁ ଦାବୀ ଜଣାଇଥିଲେ । କିନ୍ତୁ ବିଧେୟକଟି ସଂସଦରେ ଗୃହୀତ ହେବା ପୂର୍ବରୁ ଲୋକସଭା ଭାଙ୍ଗି ଯାଇଥିଲା। ନୂତନ ୟୁ.ପି.ଏ. ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ୨୦୦୫ରେ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ସଂସଦରେ ଗୃହୀତ ହୋଇଥିଲା । କିନ୍ତୁ ଏହାର ନିୟମାବଳୀ ପ୍ରଣୟନ ହୋଇ ନଥିବାରୁ ଆଇନଟି ସଙ୍ଗେସଙ୍ଗେ ବଳବତ୍ତର ହୋଇପାରିନଥିଲା। କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ସରକାରଙ୍କ ଠାରୁ ନିୟମାବଳୀ ସମ୍ବନ୍ଧରେ ମତାମତ ଲୋଡିଥିଲେ । ତା'ପରେ କେନ୍ଦ୍ର ସରକାର ନିୟମାବଳୀ ପ୍ରଣୟନ କରିଥିଲେ ଓ ୧୭ ଅକ୍ଟୋବର ୨୦୦୬ରେ ଏହାର ବିଜ୍ଞପ୍ତି ଜାରି କରିଥିଲେ । ଏହି ବିଜ୍ଞପ୍ତି ଅନୁଯାୟୀ ୨୬ ଅକ୍ଟୋବର ୨୦୦୬ଠାରୁ ଘରୋଇ ହିଂସା କବଳରୁ ମହିଳାଙ୍କ ସୁରକ୍ଷା ଆଇନ୍ ସାରା ଦେଶରେ ବଳବତ୍ତର ହେଲା । ପ୍ରତି ରାଜ୍ୟ ସରକାର ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ପ୍ରତି ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ସୁରକ୍ଷା ଅଧିକାରୀ ଏବଂ ସେବା-ପ୍ରଦାନକାରୀ ଏବଂ ପରାମର୍ଶଦାତା ସଂସ୍ଥାଙ୍କୁ ନିଯୁକ୍ତ କରିବେ ବୋଲି ବ୍ୟବସ୍ଥା ରହିଛି । ଦେଓ୍ୱାନି ଆଇନ୍ ରୀତିରେ ସମୟବଦ୍ଧ ଢଙ୍ଗରେ ବ୍ୟଥିତା ମହିଳା ଓ ଶିଶୁଙ୍କୁ ଆଶ୍ରୟ ତଥା ତୁରନ୍ତ ଓ ଦୀର୍ଘସ୍ଥାୟୀ ଥଇଥାନର ବ୍ୟବସ୍ଥା କରିବା ଏହି ଆଇନ୍‌ର ପ୍ରମୁଖ ଉଦ୍ଦେଶ୍ୟ ।

**ଘରୋଇ ହିଂସା କବଳରୁ ସୁରକ୍ଷା ଆଇନ୍‌ର ବୈଶିଷ୍ଟ୍ୟମାନ**

ଏହି ଆଇନ୍‌ରେ ୫ଟି ଅଧ୍ୟାୟ ଓ ୩୭ଟି ଧାରା ରହିଛି। ଏହାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା-

୧- 'ବ୍ୟଥିତ ବ୍ୟକ୍ତି' ର ସଂଜ୍ଞା ଅତ୍ୟନ୍ତ ବ୍ୟାପକ । କେବଳ ବିବାହିତା ସ୍ତ୍ରୀ ନୁହେଁ, ବରଂ ଯେ କୌଣସି ମହିଳା ଯଦି ଗୋଟିଏ ପୁରୁଷ ସହ ଯୌନ ସଂପର୍କରେ ଜଡିତ ହୋଇଥିବେ, ତେବେ ସେ ମଧ୍ୟ ଏହି ସଂଜ୍ଞାର ପରିସରଭୁକ୍ତ ହେବେ। ପୁଣି ଝିଅ, ମା, ଭଉଣୀ, ଶିଶୁ (ପୁଅ ବା ଝିଅ), ବିଧବା, ବସ୍ତୁତଃ ଯେ କୌଣସି ମହିଳା ଯେ କି ପରିବାର ଭିତରେ ରହୁଥିବେ ଏବଂ କୌଣସି ନା କୌଣସି ପ୍ରକାରେ ଅଭିଯୁକ୍ତଙ୍କ ସହ ସଂପର୍କୀତ ହୋଇଥିବେ, ସେ ଏହି ସଂଜ୍ଞାର ପରିସରଭୁକ୍ତ ହୋଇପାରିବେ। **(ଧାରା ୨-ଏ)।**

୨- 'ଘରୋଇ ହିଂସା'ର ସଂଜ୍ଞାକୁ ଏପରି ବ୍ୟାପକ କରି ଦିଆଯାଇଛି, ଯାହା ଫଳରେ ସମସ୍ତ ପ୍ରକାର ହିଂସା ଏହା ଭିତରେ ପରିସରଭୁକ୍ତ ହୋଇପାରିବ। ଶାରିରୀକ, ଯୌନଗତ, ବାକ୍-ଜନିତ, ଆବେଗଗତ, ଅଥବା ଆର୍ଥିକ ଦୁର୍ବ୍ୟବହାର ଯାହା ଫଳରେ ଅଭିଯୋକ୍ତାଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା, ଜୀବନ, ଦୈହିକ ଅଙ୍ଗ ଅଥବା ଦୈହିକ ବା ମାନସିକ ସ୍ୱାଚ୍ଛନ୍ଦ୍ୟ କ୍ଷତିଗ୍ରସ୍ତ ହେଉଥିବ ବା ହେବାର ଆଶଙ୍କା ଥିବ, ତାହା 'ଘରୋଇ ହିଂସା'ର ସଂଜ୍ଞାର ପରିସରଭୁକ୍ତ ହୋଇପାରିବ। **(ଧାରା ୨-ଜି)।**

୩- 'ମାଜିଷ୍ଟ୍ରେଟ୍' ବୋଇଲେ ପ୍ରଥମ ଶ୍ରେଣୀ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଅଥବା ସ୍ଥଳ ବିଶେଷରେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଯାହାଙ୍କର ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩ ଅନୁଯାୟୀ ସଂପୃକ୍ତ ଅଞ୍ଚଳ ଉପରେ କ୍ଷେତ୍ରାଧିକାର ରହିଥିବ । ସଂପୃକ୍ତ ଅଞ୍ଚଳ କହିଲେ ସେହି ଅଞ୍ଚଳ, ଯେଉଁଠି ଅଭିଯୋକ୍ତା ଅସ୍ଥାୟୀ ବା ସ୍ଥାୟୀ ଭାବରେ ବାସ କରୁଥିବେ ବା ଅଭିଯୁକ୍ତ ବାସ କରୁଥିବେ ଅଥବା ଯେଉଁ ଅଞ୍ଚଳରେ ଘଟଣାଟି ଘଟିଛି ବୋଲି ଅଭିଯୋକ୍ତାଙ୍କ ଦ୍ୱାରା ଦର୍ଶୀତ ହୋଇଥିବ। **(ଧାରା ୨-ଆଇ)।**

୪- 'ଅଭିଯୁକ୍ତ' ବୋଇଲେ ଯେ କୌଣସି ବୟସ୍କ ପୁରୁଷ ବ୍ୟକ୍ତି ଯେ କି ଅଭିଯୋକ୍ତାଙ୍କ ସହ ଘରୋଇ ସଂପର୍କରେ ଆବଦ୍ଧ ଥିବେ, ଏବଂ ଯାହାଙ୍କ ବିରୁଦ୍ଧରେ ଅଭିଯୋକ୍ତା ଅଭିଯୋଗ କରିଛନ୍ତି। ଏହାଛଡା ଅଭିଯୋକ୍ତା ନିଜ ସ୍ୱାମୀଙ୍କ ସଂପର୍କୀୟଙ୍କ ବିରୁଦ୍ଧରେ ତଥା ପୁରୁଷ ଯୌନ-ସାଥୀଙ୍କ ବିରୁଦ୍ଧରେ ମଧ୍ୟ ଅଭିଯୋଗ ଆଣିପାରନ୍ତି। **( ଧାରା ୨- କ୍ୟୁ)।**

୫- ଘରୋଇ ହିଂସା ସଂବନ୍ଧରେ ଗୋଟିଏ ଅଭିଯୋଗ କେବଳ ଯେ ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ଦାଏର୍ ହେବା ଜରୁରୀ, ତାହା ନୁହେଁ। ବରଂ ଏହା ଯେ କୌଣସି ବ୍ୟକ୍ତି ଦ୍ୱାରା ଦାଏର୍ ହୋଇପାରିବ, ଯେ କି ବିଶ୍ୱାସ କରନ୍ତି ଯେ, ଘରୋଇ ହିଂସାର ଗୋଟିଏ ଘଟଣା ଘଟିଛି। ଏହାର ଅର୍ଥ, ଜଣେ ପଡୋଶୀ, ସମାଜକର୍ମୀ ଅଥବା ସଂପର୍କୀୟ ମଧ୍ୟ ଅଭିଯୋଗ ଦାଏର୍ କରିପାରିବେ । ଏଭଳି ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ଦେଓ୍ୱାନି କିମ୍ବା ଫୌଜଦାରୀ ଦାୟଦାୟିତ୍ୱ ପ୍ରଯୁଜ୍ୟ ହେବନି। **(ଧାରା ୪)।**

୬- ପୋଲିସ୍ ଅଧିକାରୀ, ସୁରକ୍ଷା ଅଧିକାରୀ, ସେବୀ-ସଂସ୍ଥା, ଅଥବା ମାଜିଷ୍ଟ୍ରେଟ୍, ଯେ କି ଘରୋଇ ହିଂସାର ଏକ ଘଟଣା ସମ୍ବନ୍ଧରେ ରିପୋର୍ଟ ପାଆନ୍ତି ଅଥବା ନିଜେ ସେଭଳି ଏକ ଘଟଣାକୁ ପ୍ରତ୍ୟକ୍ଷ କରନ୍ତି, ତାଙ୍କର କର୍ତ୍ତବ୍ୟ ହେବ ବ୍ୟଥିତ ହୋଇଥିବା ବ୍ୟକ୍ତିଙ୍କୁ ନିମ୍ନୋକ୍ତ ବିଷୟରେ ଜଣାଇବା-

(କ) ସେ ଯଦି ସୁରକ୍ଷା, ଆର୍ଥିକ ସହାୟତା, ନିରାପଦ ରହଣି, ବାସସ୍ଥାନ ବା କ୍ଷତିପୂରଣ ଚାହୁଁଥିବେ, ତେବେ ଏଥିପାଇଁ ଆବେଦନ କରିବାର ଅଧିକାର, (ଖ) ବିଭିନ୍ନ ସେବାସଂସ୍ଥା ଠାରେ ଉପଲବ୍ଧ ହେଉଥିବା ସହାୟତା, (ଗ) ସୁରକ୍ଷା ଅଧିକାରୀଙ୍କ ଠାରୁ ମିଳିବାକୁ ଥିବା ସହାୟତା, (ଘ) ମାଗଣା ଆଇନ୍ ସହାୟତା ପାଇବାର ଅଧିକାର, ଏବଂ (ଙ) ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮-ଏ ଅଧୀନରେ ଅଭିଯୋଗ କରିବା ପାଇଁ ଅଧିକାର। **(ଧାରା-୫)।**

୭- ପ୍ରତି ରାଜ୍ୟ ସରକାର ଗୋଟିଏ ଜିଲ୍ଲା ପାଇଁ ବିଜ୍ଞପ୍ତି ଦ୍ୱାରା ଆବଶ୍ୟକ ମତେ ଯଥେଷ୍ଟ ସଂଖ୍ୟକ ସୁରକ୍ଷା ଅଧିକାରୀ ନିଯୁକ୍ତ କରିବେ, ଯେଉଁମାନେ କି ଯଥାସମ୍ଭବ ମହିଳା ହୋଇଥିବେ। ପ୍ରତି ସୁରକ୍ଷା ଅଧିକାରୀ କେଉଁ ଅଞ୍ଚଳ ପାଇଁ ତାଙ୍କ ଉପରେ ନ୍ୟସ୍ତ କ୍ଷମତା ଓ ଦାୟିତ୍ୱକୁ ସଂପାଦନ କରିବେ ତାହା ମଧ୍ୟ ବିଜ୍ଞପ୍ତିରେ ସୂଚୀତ ହୋଇଥିବ । **(ଧାରା-୮)।**

୮- ଜଣେ ସୁରକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ ହେବ- (କ) ଗୋଟିଏ କେଶ୍ ଫଇସଲାରେ ମାଜିଷ୍ଟ୍ରେଟ୍‌ଙ୍କୁ ସହାୟତା ପ୍ରଦାନ କରିବା; (ଖ) ଘରୋଇ ଘଟଣା ବିବରଣୀ ପ୍ରସ୍ତୁତ କରି ଏ ବିଷୟରେ ପୋଲିସ୍ ଓ ସେବା-ସଂସ୍ଥାକୁ ଜଣାଇବା, (ଗ) ଯଦି ଅଭିଯୋକ୍ତା ନିଜ ପାଇଁ ସୁରକ୍ଷା ଆଦେଶ ଚାହୁଁଥାନ୍ତି, ତେବେ ଏ ବିଷୟରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବେଦନ କରିବା; (ଘ) ବ୍ୟଥିତ ବ୍ୟକ୍ତିଙ୍କୁ ଆଇନ୍ ସହାୟତା ଯୋଗାଇଦେବା; (ଙ) ଆଇନ୍ , ଚିକିତ୍ସା ଓ ରହଣି କ୍ଷେତ୍ରରେ ସହାୟତା ପ୍ରଦାନ କରୁଥିବା ବିଭିନ୍ନ ସେବା-ସଂସ୍ଥାମାନଙ୍କର ସୁପ୍ରସ୍ତୁତ ତାଲିକା ନିଜ ପାଖରେ ରଖିବା; (ଚ) ଅଭିଯୋକ୍ତା ଚାହିଁବା ମତେ ତାଙ୍କୁ ଏକ ଆଶ୍ରୟ ଗୃହରେ ଆଶ୍ରୟର ବ୍ୟବସ୍ଥା କରାଇବା ଏବଂ ସେହି ଆଶ୍ରୟ ଗୃହ ଯେଉଁ ଅଞ୍ଚଳରେ ଅବସ୍ଥିତ, ତହିଁର ସଂପୃକ୍ତ ମାଜିଷ୍ଟ୍ରେଟ୍ ଓ ପୋଲିସ୍ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଦେବା; (ଛ) ଆବଶ୍ୟକ ମତେ ବ୍ୟଥିତ ବ୍ୟକ୍ତିଙ୍କର ଡାକ୍ତରୀ ମାଇନା କରିବା; (ଜ) ଆର୍ଥିକ କ୍ଷତିପୂରଣ ପାଇଁ ଜାରି ହୋଇଥିବା ଆଦେଶର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା; ତଥା (ଝ) ଅନ୍ୟ ଯେଉଁ ଦାୟିତ୍ୱ ସବୁ ବିହିତ କରାଯିବ, ସେସବୁକୁ ସଂପାଦନ କରିବା। ନିଜର କର୍ତ୍ତବ୍ୟ ସଂପାଦନ କଲାବେଳେ ସୁରକ୍ଷା ଅଧିକାରୀ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ମାର୍ଗଦର୍ଶନ ଦ୍ୱାରା ପରିଚାଳିତ ହେବେ। **(ଧାରା -୯)।**

୯- ଯଦି ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କ ତରଫରୁ ସୁରକ୍ଷା ଅଧିକାରୀ କିମ୍ବା ସେବା ସଂସ୍ଥା କୌଣସି ଏକ ଆଶ୍ରୟ ଗୃହର ପରିଚାଳକଙ୍କୁ ଆଶ୍ରୟ ଯୋଗାଇଦେବା ସକାଶେ ଅନୁରୋଧ ଜଣାନ୍ତି, ତେବେ ସଂପୃକ୍ତ ଆଶ୍ରୟ ଗୃହର ପରିଚାଳକ ବ୍ୟଥିତ ନାଗରିକଙ୍କୁ ନିଜ ଆଶ୍ରୟ ଗୃହରେ ଆଶ୍ରୟ ଯୋଗାଇ ଦେବେ (ଧାରା-୬)। ସେହିପରି ଯଦି ଚିକିତ୍ସା ସେବା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏତାଦୃଶ ଅନୁରୋଧ କରାଯାଏ, ତେବେ ସେହି ଅଧିକାରୀ ତାଙ୍କ ସଂସ୍ଥା ତରଫରୁ ବ୍ୟଥିତ ବ୍ୟକ୍ତିଙ୍କୁ ଚିକିତ୍ସା ସେବା ଯୋଗାଇଦେବେ । **(ଧାରା ୭)।**

୧୦- ବ୍ୟଥିତ ବ୍ୟକ୍ତି ନିଜେ ବା ତାଙ୍କ ତରଫରୁ ଯେ କୌଣସି ବ୍ୟକ୍ତି ସିଧାସଳଖ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଯେ କୌଣସି ଧରଣର ପ୍ରତିକାର ପାଇଁ ଆବେଦନ କରିପାରିବେ । କିନ୍ତୁ ମାଜିଷ୍ଟ୍ରେଟ୍ ଏ ବ୍ୟାପାରରେ କୌଣସି ଆଦେଶ ଦେବା ପୂର୍ବରୁ ସୁରକ୍ଷା ଅଧିକାରୀ କିମ୍ବା ସେବା-ସଂସ୍ଥା ନିକଟରୁ ଯଦି କିଛି ବିବରଣୀ ପାଇଥାନ୍ତି, ତେବେ ତାହାକୁ ବିଚାରକୁ ନେବେ । ମାଜିଷ୍ଟ୍ରେଟ୍ ତାଙ୍କ ଆଦେଶରେ କ୍ଷତିପୂରଣ ଦେବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି । ଆବେଦନ ମିଳିବାର ୩ ଦିନ ଭିତରେ ଅଭିଯୋଗର ପ୍ରଥମ ଶୁଣାଣି ହେବ । ଏବଂ ପ୍ରଥମ ଶୁଣାଣିର ୩୦ ଦିନ ମଧ୍ୟରେ ଅଭିଯୋଗର ଫଇସଲା କରାଯିବ। **(ଧାରା ୧୨)।**

୧୧- ମାଜିଷ୍ଟ୍ରେଟ୍ ଶୁଣାଣି ପ୍ରକ୍ରିୟାର ଯେ କୌଣସି ପର୍ଯ୍ୟାୟରେ ଉଭୟ ପକ୍ଷଙ୍କୁ ଏକାବେଳେ ବା ପ୍ରତି ପକ୍ଷଙ୍କୁ ଅଲଗା ଅଲଗା ଭାବେ ସୁଯୋଗ୍ୟ ପରାମର୍ଶଦାତା ସଂସ୍ଥାଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି । ଏଭଳି ସ୍ଥିତିରେ ସେ ଶୁଣାଣିର ପରବର୍ତ୍ତୀ ତାରିଖ ଏଭଳି ନିର୍ଦ୍ଧାରଣ କରିବେ, ଯାହାକି ଉପରୋକ୍ତ ନିର୍ଦ୍ଦେଶନାମା ଦେବାର ତାରିଖଠାରୁ ଦୁଇମାସରୁ ଅଧିକ ବିଳମ୍ବ ହେଉନଥିବ। **(ଧାରା ୧୪)।**

୧୨- ବ୍ୟଥିତ ମହିଳା ସେ ପୂର୍ବରୁ ରହୁଥିବା ବାସଗୃହରେ ରହିବାର ଅଧିକାର ଉପଭୋଗ କରିବେ, ଏପରିକି ସେହି ବାସଗୃହରେ ତାଙ୍କର କୌଣସି ସ୍ୱତ୍ତ୍ୱ, ଅଧିକାର ବା ସ୍ୱାର୍ଥ ଥାଉ ବା ନଥାଉ । ଆଇନାନୁମୋଦିତ ପନ୍ଥା ବ୍ୟତିରେକ ତାଙ୍କୁ ଏକ ସହଭାଗୀ ବାସସ୍ଥଳୀରୁ ନିକାଲି ଦିଆ ଯାଇପାରିବ ନାହିଁ। **(ଧାରା ୧୭)।**

୧୩- ବ୍ୟଥିତ ବ୍ୟକ୍ତିଙ୍କୁ ଅସଦାଚାରୀ କବଳରୁ ସୁରକ୍ଷିତ ରଖିବା ପାଇଁ ମାଜିଷ୍ଟ୍ରେଟ୍ ଯେଉଁ ସୁରକ୍ଷା ଆଦେଶ ଜାରି କରିବେ, ସେଥିରେ ଅସଦାଚାରୀଙ୍କୁ ନିମ୍ନୋକ୍ତ ପ୍ରକାର ହିଂସା ଘଟାଇବାରୁ ବାରଣ କରିପାରିବେ, ଯଥା (କ) ଆଉ କୌଣସି ଘରୋଇ ହିଂସା ଘଟାଇବା; (ଖ) ଏପ୍ରକାର ହିଂସାକୁ ସହାୟତା ବା ଉସ୍କାନି ଦେବା; (ଗ) ବ୍ୟଥିତ ବ୍ୟକ୍ତି କାରବାର କରୁଥିବା କାର୍ଯ୍ୟସ୍ଥଳୀ ବା ଅନ୍ୟ କୌଣସି ସ୍ଥାନକୁ ପ୍ରବେଶ କରିବା, ଅଥବା ଯଦି ନିର୍ଯ୍ୟାତିତ ହୋଇଥିବା ବ୍ୟକ୍ତି ଜଣକ ଗୋଟିଏ ଶିଶୁ ହୋଇଥାଏ, ତେବେ ସେ ପଢୁଥିବା ବା ରହୁଥିବା ସ୍କୁଲ୍‌କୁ ପ୍ରବେଶ କରିବା; (ଘ) ନିର୍ଯ୍ୟାତିତ ବ୍ୟକ୍ତି ସହ କୌଣସି ପ୍ରକାର ଯୋଗାଯୋଗ କରିବା; (ଙ) ବ୍ୟାଙ୍କ ଡିପୋଜିଟ୍ ସମେତ କୌଣସି ସମ୍ପତ୍ତି, ଯାହାକି ନିର୍ଯ୍ୟାତିତ ବ୍ୟକ୍ତିଙ୍କ ଦ୍ୱାରା ଏକାକୀ ବା ଯୁଗ୍ମଭାବେ ପରିଚାଳିତ ହେଉଥିବ, ସେଥିରେ ନିର୍ଯ୍ୟାତିତାଙ୍କର ହାନି ହେଲା ଭଳି କୌଣସି ପ୍ରକାର ଅଦଳବଦଳ କରିବା; (ଚ) ଘରୋଇ ହିଂସା ବିରୁଦ୍ଧରେ ନିର୍ଯ୍ୟାତିତାଙ୍କ ଲଢେଇରେ ସହାୟତା କରୁଥିବା ତାଙ୍କର କୌଣସି ସଂପର୍କୀୟ ବା ଅନ୍ୟ କୌଣସି ବ୍ୟକ୍ତି ବିରୁଦ୍ଧରେ କୌଣସି ହିଂସାତ୍ମକ ଆଚରଣ କରିବା; (ଛ) ଏହାଛଡା ସୁରକ୍ଷା ଆଦେଶରେ ଆଉ ଯେଉଁ ପ୍ରକାର ବାରଣ ରହିପାରେ । **(ଧାରା ୧୮)।**

୧୪- ସଂପୃକ୍ତ ମାଜିଷ୍ଟ୍ରେଟ୍ ଯେଉଁ ବାସସ୍ଥଳୀ ଆଦେଶ ଦେବେ, ତଦ୍ୱାରା (କ) ସହଭୁକ୍ତ ବାସସ୍ଥଳୀରେ ଅଭିଯୋକ୍ତାଙ୍କ ଅଧିକାରକୁ କୌଣସି ପ୍ରକାରେ କ୍ଷୁର୍ଣ୍ଣ କଲାଭଳି କାର୍ଯ୍ୟରୁ ଅଭିଯୁକ୍ତଙ୍କୁ ନିବୃତ୍ତ କରାଯାଇପାରିବ; (ଖ) ସହଭୁକ୍ତ ବାସସ୍ଥଳୀରୁ ନିଜକୁ ଅଲଗା କରିବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ; (ଗ) ଅଭିଯୋକ୍ତା ସହଭୁକ୍ତ ବାସସ୍ଥଳୀର ଯେଉଁ ଅଂଶରେ ରହୁଛନ୍ତି, ସେଠାକୁ ଅଭିଯୁକ୍ତ କିମ୍ବା ତାଙ୍କର କେହି ସଂପର୍କୀୟ ଯେମିତି ପ୍ରବେଶ ନକରିବେ, ସେଥିପାଇଁ ନିର୍ଦ୍ଦେଶ ଦିଆଯାଇପାରିବ; (ଘ) ସହଭୁକ୍ତ ବାସସ୍ଥଳୀକୁ ବିଭାଜିତ କରିବା, ହସ୍ତାନ୍ତର କରିବା ଅଥବା ତାକୁ ବନ୍ଧକ ରଖିବା ଭଳି କାର୍ଯ୍ୟ କରିବାରୁ ଅଭିଯୁକ୍ତଙ୍କୁ ନିବୃତ୍ତ କରାଯାଇ ପାରିବ, (ଙ) ସହଭୁକ୍ତ ବାସସ୍ଥଳୀରେ ଥିବା ଅଭିଯୁକ୍ତଙ୍କ ଅଧିକାରକୁ

ମାଜିଷ୍ଟ୍ରେଟ୍‌ଙ୍କ ବିନା ଅନୁମତିରେ ସେ ଯେପରି ହସ୍ତାନ୍ତର ନକରନ୍ତି, ସେଥିପାଇଁ ନିର୍ଦ୍ଦେଶ ଦେବା; ଏବଂ (ଚ) ଅଭିଯୋକ୍ତା ପୂର୍ବରୁ ଭୋଗ କରୁଥିବା ବାସସ୍ଥଳୀର ସମତୁଲ୍ୟ ବିକଳ୍ପ ବାସସ୍ଥଳୀ ଅଥବା ଏହା ପରିବର୍ତ୍ତେ ସମାନୁପାତିକ ଘରଭଡା ଯୋଗାଇ ଦେବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ। ପରନ୍ତୁ ଗୋଟିଏ ମହିଳାର ସ୍ୱାର୍ଥ ଉପରେ ଆଞ୍ଚ ଆଣୁଥିବା କୌଣସି ବାସସ୍ଥଳୀ ଆଦେଶ ଦିଆଯାଇ ପାରିବନି। **(ଧାରା ୧୯-୧)।**

୧୫- ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କ ପିଲାର ନିରାପତ୍ତାର ସ୍ୱାର୍ଥରେ ମାଜିଷ୍ଟ୍ରେଟ୍ ଅନ୍ୟ କୌଣସି ଅତିରିକ୍ତ ସର୍ତ୍ତାବଳୀ ଆରୋପ କରିପାରନ୍ତି, ନତୁବା ଅନ୍ୟ କୌଣସି ନିର୍ଦ୍ଦେଶନାମା ଜାରି କରିପାରନ୍ତି; ଯଥା, ଘରୋଇ ହିଂସା ନଘଟେଇବା ପାଇଁ ଅଭିଯୁକ୍ତଙ୍କ ଠାରୁ ସନ୍ତକ ସହିତ ବା ସନ୍ତକ ବ୍ୟତୀତ ଏକ ଚୁକ୍ତିନାମା ଲେଖାଇ ନେଇ ପାରନ୍ତି; ସଂପୃକ୍ତ ଆଦେଶର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ବ୍ୟଥିତ ନାଗରିକ ବା ତାଙ୍କ ତରଫରୁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ସୁରକ୍ଷା ଯୋଗାଇ ଦେବା ବା ସହାୟତା ପ୍ରଦାନ ନିମିତ୍ତ ନିକଟତମ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ; ସଂପୃକ୍ତ ପକ୍ଷମାନଙ୍କର ଆବଶ୍ୟକତା ଏବଂ ସମ୍ବଳକୁ ଦୃଷ୍ଟିରେ ରଖି ଘରଭଡା ଓ ଅନ୍ୟାନ୍ୟ ଦେୟ ପ୍ରଦାନ ପାଇଁ ଅଭିଯୁକ୍ତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିପାରନ୍ତି; ସୁରକ୍ଷା ଆଦେଶର କାର୍ଯ୍ୟକାରିତାରେ ସହାୟତା କରିବା ପାଇଁ ସଂପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି; ସ୍ତ୍ରୀଧନ ଅଥବା ଅନ୍ୟ କୌଣସି ମୂଲ୍ୟବାନ୍ ସମ୍ପତ୍ତି ବା ବସ୍ତୁ, ଯେଉଁଥିରେ ବ୍ୟଥିତ ବ୍ୟକ୍ତିଙ୍କର ହକ୍ ରହିଛି, ସେସବୁକୁ ତାଙ୍କୁ ଫେରସ୍ତ ଦେବା ସକାଶେ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି । **[ଧାରା ୧୯ (୨-୮)] ।**

୧୬- ଗୋଟିଏ ଆବେଦନର ବିଚାର କରି ଘରୋଇ ହିଂସା ଫଳରେ ନିର୍ଯ୍ୟାତିତା ଅଥବା ତା'ର ପିଲା ସହିଥିବା କ୍ଷତି ଓ ଅର୍ଥବ୍ୟୟକୁ ଭରଣା ଉଦ୍ଦେଶ୍ୟରେ ମାଜିଷ୍ଟ୍ରେଟ୍ ସଂପୃକ୍ତ ଅଭିଯୁକ୍ତଙ୍କୁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି । ଏବଂ ଏହି କ୍ଷତିପୂରଣ ଭିତରେ ନିମ୍ନୋକ୍ତ ପାଉଣାମାନ ଅନ୍ତର୍ଭୁକ୍ତ ହୋଇପାରେ (କ) ରୋଜଗାର ହରାଇବା ଜନିତ କ୍ଷତି, (ଖ) ଚିକିତ୍ସା ଖର୍ଚ୍ଚ, (ଗ) ବ୍ୟଥିତ ବ୍ୟକ୍ତିର ନିୟନ୍ତ୍ରଣରେ ଥିବା ସମ୍ପତ୍ତିକୁ ନଷ୍ଟ, ଭଙ୍ଗାରୁଜା ବା ସ୍ଥାନାନ୍ତର କରିବା ଫଳରେ ଘଟିଥିବା କ୍ଷତି, ଏବଂ (ଘ) ବ୍ୟଥିତ ବ୍ୟକ୍ତି ଏବଂ ଯଦି ତାଙ୍କର ପିଲା ଥାଏ, ତେବେ ଉଭୟଙ୍କର ଭରଣପୋଷଣ । ଯେଉଁ ଆର୍ଥିକ କ୍ଷତିପୂରଣ ମଞ୍ଜୁର କରାଯିବ, ତାହା ପର୍ଯ୍ୟାପ୍ତ, ଓ ଯଥୋଚିତ ହୋଇଥିବା ବିଧେୟ ତଥା ତାହା ବ୍ୟଥିତ ବ୍ୟକ୍ତି ପୂର୍ବରୁ ଯେଉଁ ଜୀବନର ମାନଦଣ୍ଡରେ ଅଭ୍ୟସ୍ତ, ତାହା ସହିତ ସମତୁଲ୍ୟ ହେଉଥିବା ଆବଶ୍ୟକ। ଭରଣପୋଷଣ ବାବଦରେ ମଞ୍ଜୁର ହୋଇଥିବା ଯଥୋଚିତ ଅର୍ଥରାଶିକୁ ଏକାଥରେ ମୋଟା ଆକାରରେ ଅଥବା ଆବଶ୍ୟକ ପଡିଲେ ମାସିକ କିସ୍ତି ଆକାରରେ ଦିଆଯିବ ବୋଲି ଆଦେଶ ଦେବା ସକାଶେ ମାଜିଷ୍ଟ୍ରେଟ୍‌ଙ୍କର କ୍ଷମତା ରହିବ । ଆର୍ଥିକ କ୍ଷତିପୂରଣ ସମ୍ବନ୍ଧରେ ତାଙ୍କର ଆଦେଶକୁ ମାଜିଷ୍ଟ୍ରେଟ୍ ସଂପୃକ୍ତ ପକ୍ଷମାନଙ୍କୁ ତଥା ଏହାର ନକଲକୁ ସଂପୃକ୍ତ ପୋଲିସ୍ ଥାନାକୁ ପଠାଇବେ । ଅଭିଯୁକ୍ତ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ଭିତରେ ସେହି ଆର୍ଥିକ କ୍ଷତିପୂରଣକୁ ବ୍ୟଥିତ ବ୍ୟକ୍ତିଙ୍କୁ ପ୍ରଦାନ କରିବେ । ଯଦି ଅଭିଯୁକ୍ତ ସମୟୋଚିତ ଢଙ୍ଗରେ ଏହି ଅର୍ଥ ପ୍ରଦାନ କରିବାରେ ବିଫଳ ହୁଅନ୍ତି, ତେବେ ମାଜିଷ୍ଟ୍ରେଟ୍ ଅଭିଯୁକ୍ତଙ୍କ ନିଯୁକ୍ତିକର୍ତ୍ତା ବା ଋଣଗ୍ରହୀତାଙ୍କୁ ଏପରି ନିର୍ଦ୍ଦେଶ ଦେଇପାରିବେ, ଯଦ୍ୱାରା ସେମାନେ ଅଭିଯୁକ୍ତର ପ୍ରାପ୍ୟ ଯଥାସ୍ଥିତି ପାରିଶ୍ରମିକ ବା ଋଣ-ପରିଶୋଧ ବାବଦ କିଛି ଅର୍ଥକୁ ସିଧାସଳଖ ବ୍ୟଥିତ ବ୍ୟକ୍ତିଙ୍କୁ ଦେଇଦେବେ ନଚେତ୍ କୋର୍ଟ ପାଖରେ ଜିମା ରଖିବେ, ଏବଂ ଏହି ଅର୍ଥରାଶି ବ୍ୟଥିତ ବ୍ୟକ୍ତିଙ୍କୁ କ୍ଷତିଭରଣା ବାବଦ ମିଳିବାକୁ ଥିବା ଅର୍ଥରାଶି ଭିତରେ ଅନ୍ତର୍ଭୁକ୍ତ ହେବ । **(ଧାରା ୨୦)।**

୧୭- ବ୍ୟଥିତ ବ୍ୟକ୍ତି ବା ଅଭିଯୁକ୍ତଙ୍କ ଠାରୁ ଏକ ଆବେଦନ ପାଇଲା ପରେ ଯଦି ମାଜିଷ୍ଟ୍ରେଟ୍ ହୃଦବୋଧ କରନ୍ତି ଯେ, ପରିସ୍ଥିତିରେ ଏପରି କିଛି ପରିବର୍ତ୍ତନ ଘଟିଛି, ଯାହା ଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ବଳବତ୍ତର ରହି ଆସିଥିବା ଆଦେଶରେ କିଛି ପରିବର୍ତ୍ତନ, ସଂଶୋଧନ ବା ଅଦଳବଦଳ କରିବା ଆବଶ୍ୟକ, ତେବେ ସେ ଲିଖିତ କାରଣ ଦର୍ଶେଇ ଆଉ ଏକ ସମୁଚିତ ଆଦେଶ ଜାରି କରିପାରନ୍ତି । **(ଧାରା ୨୫)।**

୧୮- ଗୋଟିଏ କେଶ୍‌ର କାର୍ଯ୍ୟବିଧି ଏହି ଆଇନ୍ ଲାଗୁ ହେବା ପୂର୍ବରୁ ବା ପରେ ଆରମ୍ଭ ହୋଇଥିଲେ ବି ଏହି ଆଇନ୍ ଅଧୀନରେ ବ୍ୟଥିତ ବ୍ୟକ୍ତି ଓ ଅଭିଯୁକ୍ତଙ୍କୁ ପ୍ରଭାବିତ କରୁଥିବା ପ୍ରତିକାରଗୁଡିକ ଦେୱାନୀ ଅଦାଲତ, ପରିବାର ଅଦାଲତ ବା ଫୌଜଦାରି ଅଦାଲତରେ ଚାଲୁଥିବା ଯେ କୌଣସି କେଶ୍ ପରିପ୍ରେକ୍ଷୀରେ ମଧ୍ୟ ଉପଲବ୍ଧ ହୋଇପାରିବ । ଏହି ଆଇନ୍‌କୁ ଛାଡି ଅନ୍ୟ କୌଣସି ଆଇନ୍‌ର କାର୍ଯ୍ୟବିଧି ଫଳରେ ଯଦି ବ୍ୟଥିତ ନାଗରିକଙ୍କୁ କିଛି ପ୍ରତିକାର ମିଳିଥାଏ, ତେବେ ବ୍ୟଥିତ ବ୍ୟକ୍ତିଙ୍କର କର୍ତ୍ତବ୍ୟ ହେଉଛି, ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କୁ ଏ ବିଷୟରେ ଅବଗତ କରାଇବା । (ଧାରା ୨୬)।

୧୯- ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ ବିରୁଦ୍ଧରେ ସେସନ୍‌ସ କୋର୍ଟ ସମ୍ମୁଖରେ ଅପିଲ୍ ମଧ୍ୟ କରାଯାଇପାରିବ, କିନ୍ତୁ ବ୍ୟଥିତ ବ୍ୟକ୍ତି ଏବଂ ଅଭିଯୁକ୍ତଙ୍କୁ ଏହି ଆଦେଶ ମିଳିବାର ୩୦ ଦିନ ଭିତରେ ଏ ପ୍ରକାର ଅପିଲ୍ କରାଯାଇପାରିବ । **(ଧାରା ୨୯)।**

୨୦- ଅଭିଯୁକ୍ତଙ୍କୁ ଦିଆଯାଇଥିବା ଆଦେଶକୁ ଉଲ୍ଲଂଘନ କଲେ ତାଙ୍କ ବିରୁଦ୍ଧରେ ଏକ ବର୍ଷ ପର୍ଯ୍ୟନ୍ତ ସଶ୍ରମ ବା ଅଶ୍ରମ କାରାଦଣ୍ଡ ଅଥବା ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡପ୍ରଦାନର ବ୍ୟବସ୍ଥା ରହିଛି। ଯଦି ଲକ୍ଷ୍ୟ କରାଯାଏ ଯେ, ଅଭିଯୁକ୍ତ ବ୍ୟକ୍ତି ଏହି ଆଇନ୍‌କୁ ଛାଡି ଅନ୍ୟ ଆଇନ୍‌ର ଧାରାକୁ ଉଲ୍ଲଂଘନ କରିଛନ୍ତି, ତେବେ ଏହି ଆଇନ୍ ଅଧୀନରେ ମାଜିଷ୍ଟ୍ରେଟ୍ ଅପରାଧୀ ବିରୁଦ୍ଧରେ ଅଭିଯୋଗପତ୍ର ପ୍ରସ୍ତୁତ କଲାବେଳେ, ସେ ଭାରତୀୟ ଦଣ୍ଡ ସଂହିତା ୧୮୬୦ର ଦଫା ୪୯୮-ଏ ବା ଏହି ସଂହିତାର ଅନ୍ୟ କୌଣସି ଧାରା ନତୁବା ଯୌତୁକ ନିବାରଣ ଆଇନ୍ ୧୯୬୧ର କୌଣସି ଧାରାର ଉଲ୍ଲଂଘନ କରାଯାଇଛି ବୋଲି ତାଙ୍କ ଆଦେଶରେ ଦର୍ଶାଇପାରନ୍ତି । **(ଧାରା ୩୧)।**

୨୧- ମାଜିଷ୍ଟ୍ରେଟ୍‌ଙ୍କ ଆଦେଶର ଉଲ୍ଲଂଘନକୁ ଏକ ଧର୍ତ୍ତବ୍ୟ ଏବଂ ଜାମିନ-ବିହୀନ ଅପରାଧ ବୋଲି ଗଣାଯିବ । ଏତାଦୃଶ ଉଲ୍ଲଂଘନ ଅଭିଯୁକ୍ତଙ୍କ ଦ୍ୱାରା ଘଟିଛି କି ନାହିଁ, ତାହା ନିର୍ଣ୍ଣୟ କରିବା ବ୍ୟାପାରରେ କେବଳ ବ୍ୟଥିତ ନାଗରିକଙ୍କ କୋର୍ଟ ସମ୍ମୁଖରେ ବୟାନ ହିଁ ଯଥେଷ୍ଟ ହେବ । **(ଧାରା- ୩୨)।**

୨୨- ମାଜିଷ୍ଟ୍ରେଟ୍ ଦେଇଥିବା ସୁରକ୍ଷା ଆଦେଶକୁ ଅନୁପାଳନ କ୍ଷେତ୍ରରେ ଯଦି ସୁରକ୍ଷା ଅଧିକାରୀ ଯଥାର୍ଥ କାରଣ ନଥାଇ ବିଫଳ ହୋଇଥାନ୍ତି ନଚେତ୍ ଅମଙ୍ଗ ହୋଇଥାନ୍ତି, ତେବେ ତାଙ୍କ ବିରୁଦ୍ଧରେ ଏକ ବର୍ଷ ପର୍ଯ୍ୟନ୍ତ ସଶ୍ରମ ବା ଅଶ୍ରମ କାରାଦଣ୍ଡ ଅଥବା ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡ ପ୍ରଦାନ କରାଯାଇ ପାରିବ । (ଧାରା ୩୩)। କିନ୍ତୁ ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଆଇନ୍‌ଗତ ଦୋଷାରୋପ ବା କାର୍ଯ୍ୟବିଧି

ଆରମ୍ଭ ହୋଇପାରିବନି, ଯଦି ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ ଏତାଦୃଶ ଅଭିଯୋଗ ଦାଏର୍ ପାଇଁ ରାଜ୍ୟ ସରକାର ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଧିକୃତ ଅଧିକାରୀଙ୍କ ଠାରୁ ଅଗ୍ରୀମ ଅନୁମୋଦନ ଅଣାଯାଇ ନଥାଏ । **(ଧାରା ୩୪)।**

୨୩- ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ହିଁ ରହିଛି। ରାଜ୍ୟ ସରକାରମାନଙ୍କ ଭୂମିକା ହେଲା- ଏହି ଆଇନ୍‌ର ବିଭିନ୍ନ ସ୍ଥାନରେ ଯେଉଁ ସବୁ ବିଶେଷ ବ୍ୟାପାରରେ ବ୍ୟବସ୍ଥା ରହିବା ବିଧେୟ ବୋଲି ଦର୍ଶାଯାଇଛି, ସେହିସବୁ ବ୍ୟାପାରରେ ବିଜ୍ଞପ୍ତି ବଳରେ ବ୍ୟବସ୍ଥାଗୁଡ଼ିକୁ ସୁନିଶ୍ଚିତ କରିବା। କେନ୍ଦ୍ର ସରକାରଙ୍କ କର୍ତ୍ତୃକ ପ୍ରଣୀତ ନିୟମାବଳୀ ନିମ୍ନୋକ୍ତ ବ୍ୟାପାର ସହ ସଂପର୍କୀତ- (କ) ଜଣେ ସୁରକ୍ଷା ଅଧିକାରୀଙ୍କର କି ପ୍ରକାର ଯୋଗ୍ୟତା ଓ ଅଭିଜ୍ଞତା ରହିଥିବା ଜରୁରୀ, (ଖ) ସୁରକ୍ଷା ଅଧିକାରୀ ଓ ତାଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଚାକିରୀ ସର୍ତ୍ତାବଳୀ କ'ଣ ହେବ, (ଗ) କେଉଁ ଢାଞ୍ଚା ଓ ପଦ୍ଧତିରେ ଘରୋଇ ଘଟଣା ବିବରଣୀ ପ୍ରସ୍ତୁତ କରାଯିବ, (ଘ) କେଉଁ ଢାଞ୍ଚା ଓ ପଦ୍ଧତିରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସୁରକ୍ଷା ଆଦେଶ ପାଇଁ ଏକ ଆବେଦନ ଦାଖଲ କରାଯାଇପାରିବ, (ଙ) କେଉଁ ଫର୍ମରେ ଅଭିଯୋଗ ଦାଖଲ ହେବ, (ଚ) ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ସମ୍ପାଦିତ ହେବାକୁ ଥିବା ଅନ୍ୟାନ୍ୟ ଦାୟିତ୍ୱସମୂହ, (ଛ) ସେବା-ସଂସ୍ଥାଗୁଡ଼ିକର ପଂଜିକରଣ ପାଇଁ ଆବଶ୍ୟକ ନିୟମାବଳୀ, (ଜ) ପ୍ରତିକାର ପାଇଁ କରାଯିବାକୁ ଥିବା ଆବେଦନର ଢାଞ୍ଚା ଓ ପଦ୍ଧତି, (ଝ) କେଉଁ ଉପାୟରେ ନୋଟିସ୍ ପ୍ରେରଣ କରାଯିବ, (ଞ) ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ପ୍ରେରିତ ନୋଟିସ୍‌ର ଘୋଷଣାନାମାର ଢାଞ୍ଚା, (ଟ) ସେବା-ସଂସ୍ଥା ତରଫରୁ ପରାମର୍ଶ ଦେବା ପାଇଁ ମନୋନୀତ ହେବାକୁ ଥିବା ବ୍ୟକ୍ତିଙ୍କର କି ପ୍ରକାର ଯୋଗ୍ୟତା ଓ ଅଭିଜ୍ଞତା ରହିବା ବିଧେୟ, (ଠ) ଧାରା ୨୩(୨) ଅଧୀନରେ ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ ହେବାକୁ ଥିବା ସତ୍ୟପାଠ (ଆଫିଡେଭିଟ୍)ର ଢାଞ୍ଚା, (ଡ) ଅନ୍ୟ କୌଣସି ବ୍ୟାପାର ଯାହାକି ବିହିତ ହୋଇପାରେ। **(ଧାରା ୩୭)।**

**ଓଡିଶାରେ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍‌ର କାର୍ଯ୍ୟକାରିତା-**

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ବିଜ୍ଞପ୍ତି ସଂଖ୍ୟା ୭୬୨୧ ତାରିଖ ୨୦ ମାର୍ଚ୍ଚ ୨୦୦୭ ଅନୁଯାୟୀ ପ୍ରତି ଜିଲ୍ଲାରେ ଏହି ବିଭାଗର କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ସୁରକ୍ଷା ଅଧିକାରୀ ରୂପେ ନିଯୁକ୍ତି ଦିଆଯାଇଛି ଏବଂ ବିଜ୍ଞପ୍ତି ସଂଖ୍ୟା ୧୧୮୧୦ ତାରିଖ ୧୫ ମେ ୨୦୦୭ ଅନୁଯାୟୀ ପ୍ରତି ଜିଲ୍ଲା ସକାଶେ ସେବା-ଯୋଗାଣ ସଂସ୍ଥା ଏବଂ ପରାମର୍ଶଦାତାମାନଙ୍କ ତାଲିକା ମଧ୍ୟ ଘୋଷଣା କରାଯାଇଛି।

## ୪: ସ୍ୱତନ୍ତ୍ର ବିବାହ ଆଇନ୍, ୧୯୫୪

ସ୍ୱତନ୍ତ୍ର ବିବାହ ଆଇନ୍, ୧୯୫୪ ଜାତି ଓ ଧର୍ମ ନିର୍ବିଶେଷରେ ଯେ କୌଣସି ଦମ୍ପତିଙ୍କର ବିବାହର ବୈଧୀକରଣ ନିମନ୍ତେ ଉଦ୍ଦିଷ୍ଟ ଅଟେ। ନିଜ ଧର୍ମୀୟ ପରମ୍ପରା ଅନୁଯାୟୀ ଦମ୍ପତ୍ତିଙ୍କର ବିବାହ ଏହି ଆଇନ୍ ବଳରେ ପଂଜିକୃତ ହୋଇପାରିବ।

**ବିବାହ ପଂଜିକୃତ ହେବା ପାଇଁ ଉଦ୍ଦିଷ୍ଟ ପ୍ରକ୍ରିୟା:**

ପଂଜିକୃତ ବିବାହ ସାଧାରଣତଃ ଅଦାଲତ ବିବାହ ବା କୋର୍ଟ ମ୍ୟାରେଜ୍ ନାମରେ ପରିଚିତ। ଦମ୍ପତିଙ୍କର ଜାତି ବା ଧର୍ମରେ ଅମେଳ ଥାଇ ମଧ୍ୟ ସଂପୃକ୍ତ ଅଧିକାରୀଙ୍କ ଉପସ୍ଥିତିରେ ସେମାନେ ପରସ୍ପର ବେକରେ ଫୁଲମାଳ ପକେଇ ବିବାହ କରିଥାଆନ୍ତି। ଏହି ବିବାହ ସଂପୂର୍ଣ୍ଣ ରୂପେ ଆଇନ୍‌ସିଦ୍ଧ ଅଟେ। ଏହି ଆଇନ୍ ଅନୁଯାୟୀ ବିବାହ କରିବାକୁ ହେଲେ ଦମ୍ପତିଙ୍କୁ କେତେକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣ କରିବାକୁ ପଡିଥାଏ, ଯଥା ପ୍ରଥମେ ଉଭୟ ଦମ୍ପତି ମଧ୍ୟରୁ ଜଣେ ବିବାହ ନିମନ୍ତେ ଏକ ଲିଖିତ ଆବେଦନପତ୍ର ଦାଖଲ କରିବେ। ସ୍ଥିରୀକୃତ ହୋଇଥିବା ତାରିଖର ମାସେ ପୂର୍ବରୁ ଅନ୍ତତଃ ଆବେଦନ କରାଯିବ। ମାଜିଷ୍ଟ୍ରେରିଆଲ କ୍ଷମତା ଥିବା ସଂପୃକ୍ତ ଜିଲ୍ଲା ଅଧିକାରୀଙ୍କ ନିକଟରେ ଏହି ଆବେଦନ ପତ୍ର ଦାଖଲ କରିବାକୁ ହୁଏ।

ବିବାହ ରେଜିଷ୍ଟ୍ରେସନ୍ ଅଫିସ୍‌ର ନୋଟିସ୍ ବୋର୍ଡରେ ବିବାହ ପାଇଁ ଇଚ୍ଛୁକ ଦମ୍ପତିଙ୍କର ନାମ ଉଲ୍ଲେଖ କରାଯିବ। ଏହି ନୋଟିସ୍ ଲଗାଯିବାର ୩୦ଦିନ ମଧ୍ୟରେ ଯଦି କାହାର କିଛି ଅଭିଯୋଗ ଥାଏ, ସେ ଜଣାଇ ପାରିବେ। କିନ୍ତୁ ଏହି ଅଭିଯୋଗ ବ୍ୟକ୍ତିଗତ ହୋଇ ନଥିବ ଏବଂ ଏହା ଆଇନ୍‌ସଂଗତ କାରଣ ସମ୍ବଳିତ ହୋଇଥିବ। ଯଦି କୌଣସି ଆପତ୍ତି ଅଭିଯୋଗ ନଥାଏ, ତେବେ ବିବାହଟି ରେଜେଷ୍ଟ୍ରିଭୁକ୍ତ ବା ପଂଜିକୃତ ହୋଇପାରିବ। ଏହି ବିବାହ ବେଳେ ୩ ଜଣ ସାକ୍ଷୀ ଉପସ୍ଥିତ ରହି ବିବାହ ପ୍ରମାଣପତ୍ରରେ ଦସ୍ତଖତ କରିବେ। ବିବାହ ପଂଜିକରଣ ସଂପାଦନା କରୁଥିବା ଅଧିକାରୀ ମଧ ସେଥିରେ ଦସ୍ତଖତ କରିବେ। ଏହିପରି ବିବାହ ରେଜେଷ୍ଟ୍ରିଭୁକ୍ତ ହୋଇଥାଏ। ଯଦି କୌଣସି କାରଣରୁ ରେଜିଷ୍ଟ୍ରେସନ୍ ଅଫିସ୍‌ର ଏହି କାର୍ଯ୍ୟ କରିବା ପାଇଁ ମନା କରନ୍ତି, ତେବେ ଦମ୍ପତି ଏ ପ୍ରକାର ସୂଚନା ପାଇବାର ୩୦ଦିନ ମଧରେ ବିବାହ କରିବା ନିମନ୍ତେ ଜିଲ୍ଲା ଅଦାଲତରେ ଆବେଦନ କରିପାରିବେ।

ଏହି ବିବାହ କେବଳ ଯେ ରେଜିଷ୍ଟ୍ରେସନ୍‌ଙ୍କ ଅଫିସ୍‌ରେ ହୋଇପାରିବ, ତାହା ଜରୁରୀ ନୁହେଁ। ଏହା ଦମ୍ପତି ଦ୍ୱୟ ସ୍ଥିର କରିଥିବା ସ୍ଥାନରେ ମଧ ହୋଇ ପାରିବ। ଯଦି କିଛି ସ୍ୱତନ୍ତ୍ର କାରଣ ନଥାଏ, ଏହି ସ୍ଥାନ ରେଜିଷ୍ଟ୍ରେସନ୍ ଅଫିସ୍ ଠାରୁ ବେଶି ଦୂର ହୋଇନଥିବ।

ଦମ୍ପତି ସ୍ଥିର କରିଥିବା ବ୍ୟବସ୍ଥା ଅନୁସାରେ ଏହି ବିବାହ କାର୍ଯ୍ୟ ସମ୍ପାଦିତ ହୋଇ ପାରିବ। ଉଭୟ ଦମ୍ପତି ରେଜିଷ୍ଟ୍ରେସନ୍ ଅଧିକାରୀଙ୍କ ସମ୍ମୁଖରେ ଏକ ଶପଥ ପାଠ କରି କହିବେ ଯେ, "ମୁଁ 'କ' (ପୁରୁଷଙ୍କର ନାମ) 'ଖ' (ମହିଳାଙ୍କ ନାମ)ଙ୍କୁ ଆଇନତଃ ସ୍ତ୍ରୀ ଭାବରେ ଗ୍ରହଣ କରୁଛି ।

**ସ୍ୱତନ୍ତ୍ର ବିବାହ ଆଇନ୍ ଅନୁସାରେ ରେଜିଷ୍ଟ୍ରେସନ୍ ବିବାହ କରିବାକୁ ଇଚ୍ଛୁକ ଦମ୍ପତ୍ତିଙ୍କ ନିମନ୍ତେ ସର୍ତ୍ତାବଳୀ :**

୧. ଉଭୟ ଦମ୍ପତିଙ୍କର ଅନ୍ୟ କୌଣସି ଦାମ୍ପତ୍ୟ ସମ୍ପର୍କ ନଥିବ।

୨. ଉଭୟ ମାନସିକ ସ୍ତରରେ ସୁସ୍ଥ ଥିବେ ଏବଂ ବିବାହରେ ସମ୍ମତି ପ୍ରଦାନ କରିବା ପାଇଁ ସକ୍ଷମ ଥିବେ।

୩. ଉଭୟ ପକ୍ଷ ବିବାହ ପାଇଁ ଯୋଗ୍ୟ ହୋଇଥିବେ; ଅପସ୍ମାର ବା ବାତରୋଗରେ ପୀଡ଼ିତ ନଥିବେ ଏବଂ ଉଭୟଙ୍କର ସନ୍ତାନ ଜନ୍ମ କରିବାର କ୍ଷମତା ଥିବା ।

୪. ପୁରୁଷଙ୍କର ବୟସ ୨୧ବର୍ଷରୁ ଉର୍ଦ୍ଧ୍ୱ ଏବଂ ମହିଳାଙ୍କର ୧୮ ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ।

୫. ଉଭୟ ଦମ୍ପତିଙ୍କ ମଧ୍ୟରୁ କେହି ଜଣେ ନିଷିଦ୍ଧ ସମ୍ପର୍କରେ ଜଡ଼ିତ ନଥିବେ। ଯଦି ଉଭୟଙ୍କ ମଧ୍ୟରୁ ଜଣଙ୍କର ଧର୍ମୀୟ ପରମ୍ପରା ଏହି ବିବାହକୁ ସ୍ୱୀକୃତି ଦିଏ, ତେବେ ଆଇନ୍ ମଧ୍ୟ ଏହି ବିବାହକୁ ସ୍ୱୀକୃତି ଦେଇଥାଏ।

**ଜଣେ ବିବାହିତ ବ୍ୟକ୍ତି ସ୍ତ୍ରୀଙ୍କ ଜୀବିତାବସ୍ଥାରେ ପୁନର୍ବିବାହ କରିବା ନିଷେଧ**

ଏ ସମ୍ପର୍କରେ ଉଦାହରଣ ନିଆ ଯାଇପାର । ଜଣେ ହିନ୍ଦୁ ମହିଳା ଜଣେ ମୁସଲମାନ୍ ପୁରୁଷଙ୍କୁ ରେଜିଷ୍ଟ୍ରେସନ୍ ବିବାହ କରିଥିଲେ। ଉଭୟ କିଛି ଦିନ ଏକାଠି ରହିବା ପରେ ମୁସଲମାନ ପୁରୁଷ ଏକାକୀ ତାଙ୍କ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କଲେ । ଗ୍ରାମରେ ୧୦/୧୨ ଦିନ ରହିବା ପରେ ସ୍ତ୍ରୀଙ୍କ ନିକଟକୁ ଫେରି ଜଣାଇଲେ ଯେ, ପିତାମାତାଙ୍କ ବାଧ୍ୟବାଧକତା ଯୋଗୁଁ ସେ ଜଣେ ମୁସଲିମ୍ ମହିଳାଙ୍କୁ ତାଙ୍କ ଧର୍ମୀୟ ପରମ୍ପରା ଅନୁସାରେ ବିବାହ କରିଛନ୍ତି । ସେତେବେଳେ ପ୍ରଥମ ସ୍ତ୍ରୀ ଅନ୍ତଃସତ୍ତ୍ୱା ହୋଇସାରଛନ୍ତି । ପ୍ରଶ୍ନ ଉଠେ, ସ୍ୱତନ୍ତ୍ର ବିବାହ ଆଇନ୍ ଅନୁସାରେ ଉକ୍ତ ମହିଳା କିପରି ନ୍ୟାୟ ପାଇବେ ? ସ୍ୱତନ୍ତ୍ର ବିବାହ ଆଇନ୍‌ର ଧାରା-୪୪ ଅନୁଯାୟୀ ଜଣେ ବ୍ୟକ୍ତି ପୂର୍ବରୁ ବିବାହ କରିନଥିବେ କିମ୍ବା ପରେ ଦ୍ୱିତୀୟ ବିବାହ କରିପାରିବେ ନାହିଁ । ଧର୍ମୀୟ ପରମ୍ପରାକୁ ନେଇ ଜଣେ ଥରେ ବିବାହ କରିପାରନ୍ତି, କିନ୍ତୁ ଆଇନତଃ ପୁନଷ୍ଚ ବିବାହ କରିପାରିବେ ନାହିଁ । ତେଣୁ ଏହି ଆଇନ୍ ଅନୁସାରେ ବିବାହ କରିଥିବା ପ୍ରଥମ ସ୍ତ୍ରୀ ହିଁ ତାଙ୍କର ଆଇନ୍‌ଗତ ପତ୍ନୀ ଭାବେ ମାନ୍ୟତା ପାଇବେ ଏବଂ ତାଙ୍କର ସନ୍ତାନମାନେ ହିଁ ତାଙ୍କର ସମ୍ପତ୍ତିର ଆଇନ୍‌ଗତ ଉତ୍ତରାଧିକାରୀ ରୂପେ ବିବେଚିତ ହେବେ।

## ୫: ଅନୈତିକ ଚାଲାଣ ନିଷେଧ ଆଇନ୍, ୧୯୫୬

ସଂବିଧାନର ଭାଗ-୩ରେ ବର୍ଣ୍ଣିତ ବିଭିନ୍ନ ମୌଳିକ ଅଧିକାର ଭିତରୁ ମନୁଷ୍ୟର କ୍ରୟ ଓ ବିକ୍ରୟକୁ ନିଷେଧ କରିଥିବା ଧାରା-୨୩ ଅନ୍ୟତମ। ମନୁଷ୍ୟକୁ ଏକ ପଣ୍ୟ ରୂପେ କାରବାରକୁ ରୋକିବା ପାଇଁ ଭାରତୀୟ ରାଷ୍ଟ୍ର ଅଙ୍ଗୀକାରବଦ୍ଧ । ଏହାଛଡ଼ା ମନୁଷ୍ୟର କ୍ରୟବିକ୍ରୟ ବିରୁଦ୍ଧରେ ୧୯୫୦ରେ ଜାତିସଂଘ ଦ୍ୱାରା ଗୃହୀତ ହୋଇଥିବା ଘୋଷଣାନାମାରେ ଭାରତ ଏକ ସଭ୍ୟ-ରାଷ୍ଟ୍ର ରୂପେ ସ୍ୱାକ୍ଷର କରିଥିଲା। ଏହାର ଫଳଶ୍ରୁତି ରୂପେ ପ୍ରଥମେ ୧୯୫୬ରେ ସଂସଦରେ ଏକ ଆଇନ୍ ଗୃହୀତ ହୋଇଥିଲା, ଯାହାକୁ ସେତେବେଳେ କୁହା ଯାଉଥିଲା, ସର୍ବଭାରତୀୟ ଅନୈତିକ କାରବାର ଦମନ ଆଇନ୍, ୧୯୫୬, ବା ସଂକ୍ଷେପରେ 'ସୀତା'। କିନ୍ତୁ ପରେ ୧୯୮୬ରେ ସେହି ଆଇନ୍‌ର ସଂଶୋଧନ କରାଯାଇ ତାକୁ ଅନୈତିକ ଚାଲାଣ (ନିଷେଧ) ଆଇନ୍, ୧୯୮୬ ବା ସଂକ୍ଷେପରେ 'ପିଟା' କୁହାଗଲା।

ଭାରତ ସରକାରଙ୍କ ଦୃଷ୍ଟିଭଙ୍ଗୀ ହେଲା, ଯେହେତୁ ଯୌନ ବ୍ୟବସାୟ ବା ବେଶ୍ୟାବୃତ୍ତିକୁ ଆଇନ୍ ଦ୍ୱାରା ସଙ୍ଗେସଙ୍ଗେ ବନ୍ଦ କରିହେବନି, ତେଣୁ ଏହି ଅନୈତିକ ବ୍ୟବସାୟର ବଭିନ୍ନ ଦିଗକୁ ଆସ୍ତେ ଆସ୍ତେ ଆଇନ୍ ଦ୍ୱାରା ନିୟନ୍ତ୍ରଣ କରି ଚୂଡ଼ାନ୍ତ ଲକ୍ଷ୍ୟ ଦିଗରେ ଅଗ୍ରଗତି କରିବାକୁ ପଡିବ । ଏହି ଆଇନ୍ ଅନେକ ବ୍ୟାପାରରେ ଅସ୍ପଷ୍ଟ। ଗୋଟିଏ ସର୍ବସାଧାରଣ ସ୍ଥାନର ୨୦୦ଗଜ ଭିତରେ ବେଶ୍ୟାବୃତ୍ତି ହୋଇପାରିବ ନାହିଁ ଏବଂ ରାଜ୍ୟ ସରକାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ବା ବେଶ୍ୟାବୃତ୍ତି-ମୁକ୍ତ ଅଞ୍ଚଳ ବୋଲି ଘୋଷଣା କରିବେ । ଏପ୍ରକାର ପ୍ରାବ୍‌ଧାନର ସ୍ଥୁଳ ନିର୍ଯ୍ୟାସ ହେଲା, ବେଶ୍ୟାବୃତ୍ତି ଏକ ଅପରାଧ ନୁହେଁ, କିନ୍ତୁ ସର୍ବସାଧାରଣ ସ୍ଥାନରେ ବା ବିଜ୍ଞାପିତ ଇଲାକା ଭିତରେ ଯୌନବ୍ୟବସାୟ କରିବା ଅପରାଧ। ଏହି ଆଇନ୍‌ର ପୁନରାୟ ସଂଶୋଧନ ପାଇଁ ଜାତୀୟ ମହିଳା କମିଶନ୍ ଏକ ବିଧେୟକ ପ୍ରସ୍ତୁତ କରିଛନ୍ତି।

**ଦଣ୍ଡବ୍ୟବସ୍ଥା-**

- ଯଦି କେହି ବ୍ୟକ୍ତି ବେଶ୍ୟାଳୟ ପାଇଁ ଘର ଯୋଗାଇ ଦିଅନ୍ତି କିମ୍ବା ନିଜେ ବେଶ୍ୟାଳୟ ପରିଚାଳନା କରୁଥାଆନ୍ତି, ତେବେ ପ୍ରଥମ ଥର ପାଇଁ ଦୋଷୀ ସାବ୍ୟସ୍ତ ହେଲେ ସେ ୧ ବର୍ଷରୁ ୩ ବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ୍ ଏବଂ ତତ୍‌ସହିତ ଦୁଇ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ ହେବେ। ଯଦି ଦ୍ୱିତୀୟ ଥର ବା ତାଠାରୁ ଅଧିକ ଥର ସେ ସେହି ଅପରାଧରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ୨ ବର୍ଷରୁ ୫ବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ୍ ଏବଂ ଦୁଇ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ ହେବେ।

- ଜଣଙ୍କର ବେଶ୍ୟାବୃତ୍ତିରୁ ଉପାର୍ଜନ ହେଉଥିବା ଆୟ ଉପରେ ଯଦି ଆଉ ଜଣେ ସାବାଳକ ବ୍ୟକ୍ତି ନିର୍ଭର କରି ଚଳୁଥିବ, ତେବେ ସେ ଦୁଇବର୍ଷ ଜେଲ୍ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ। ଯଦି ବେଶ୍ୟାବୃତ୍ତି କରୁଥିବା ବ୍ୟକ୍ତି ନାବାଳକ ହୋଇଥିବ, ତେବେ ତା' ଆୟ ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତିକୁ ସାତବର୍ଷରୁ ଦଶବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯିବ।

- ଯଦି ଜଣେ ସାବାଳକ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ କରେ, ସେହି ଉଦ୍ଦେଶ୍ୟରେ ତାଙ୍କୁ ନେବା ଆଣିବା କରେ, ବା ଅନ୍ୟ ବ୍ୟକ୍ତିମାନଙ୍କୁ ବେଶ୍ୟାଳୟକୁ ଯିବା ପାଇଁ ଫୁସଲାଏ, ତେବେ ତାଙ୍କୁ ୩ବର୍ଷରୁ ସାତବର୍ଷ ଜେଲ୍ ସହିତ ଦୁଇ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରାଯିବ ; ଯଦି ସଂପୃକ୍ତ ବ୍ୟକ୍ତିର ଇଚ୍ଛା ବିରୁଦ୍ଧରେ ତାଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ କରାଯାଇଥାଏ, ତେବେ ସାତବର୍ଷରୁ ଚଉଦ ବର୍ଷ ଯାଏଁ ସଶ୍ରମ ଜେଲ୍ଦଣ୍ଡ ଦିଆଯିବ ; ଏବଂ ବେଶ୍ୟାବୃତ୍ତିରେ ନିୟୋଜିତ ବ୍ୟକ୍ତି ଯଦି ନାବାଳକ ହୋଇଥାନ୍ତି ତେବେ ସାତବର୍ଷରୁ ଆଜୀବନ କାରାଦଣ୍ଡ ଦିଆଯାଇପାରେ।

- କୌଣସି ମହିଳାଙ୍କୁ ବାଧ୍ୟ କରି ବେଶ୍ୟାଳୟରେ ରଖିବା ଓ ତାଙ୍କର ସ୍ୱାମୀ ନହୋଇ ମଧ୍ୟ ତାଙ୍କ ସହ ଯୌନ ସଂଭୋଗ କରିବା ଅପରାଧ ପାଇଁ ସାତବର୍ଷରୁ ଆଜୀବନ ଜେଲ୍ ଏବଂ ତତ୍ସହିତ ଜୋରିମାନାର ଦଣ୍ଡବିଧାନ କରାଯାଇ ପାରିବ।

- କୌଣସି ସର୍ବସାଧାରଣ ବା ବିଜ୍ଞାପିତ ସ୍ଥାନର ଦୁଇଶହ ମିଟର୍ ଭିତରେ ଯଦି କେହି ବ୍ୟକ୍ତି ବେଶ୍ୟାବୃତ୍ତି କରେ ବା କରାଏ ସେ ତିନିମାସ ଯାଏଁ ଜେଲ୍ଦଣ୍ଡରେ ଦଣ୍ଡିତ ହେବେ।

- ଯଦି ଗୋଟିଏ ସର୍ବସାଧାରଣ ସ୍ଥାନ ବା ଅନ୍ୟ ଏକ ପରିସରର ଜଗୁଆଳି , ମାଲିକ ବା ମାଲିକଙ୍କ ଏଜେଣ୍ଟ ଥାଇ ସେହି ସ୍ଥାନରେ ବେଶ୍ୟାବୃତ୍ତି ଚାଲିବା ପାଇଁ ଅନୁମତି ଦିଅନ୍ତି ବା ସେ ସ୍ଥାନକୁ ଭଡାରେ ଲଗାନ୍ତି, ତାହା ଦଣ୍ଡନୀୟ। ପ୍ରଥମ ଥର ଦୋଷୀ ସାବ୍ୟସ୍ତ ହେଲେ ତିନିମାସ ଯାଏ ଜେଲ୍ ଏବଂ ଦୁଇଶହ ଟଙ୍କାର ଜୋରିମାନା ଦଣ୍ଡ ବା ଉଭୟ ଦଣ୍ଡ; ଦ୍ୱିତୀୟ ଥର ଦୋଷୀ ସାବ୍ୟସ୍ତ ହେଲେ ଛ' ମାସ ଯାଏଁ ଜେଲ୍ ଏବଂ ଦୁଇଶହ ଟଙ୍କାର ଜୋରିମାନା ଦଣ୍ଡ ଲାଗୁ ହେବ। ଯଦି ସେହି ସ୍ଥାନ ଏକ ହୋଟେଲ୍ ହୋଇଥିବ, ତାହାର ଲାଇସେନ୍ସ ୩ମାସରୁ ବର୍ଷକ ଯାଏଁ ନିଲମ୍ବନ କରାଯିବ ଏବଂ ଯଦି ସେଠାରେ ନାବାଳକ ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ କରାଯାଉଥାଏ, ତେବେ ହୋଟେଲ୍ର ଲାଇସେନ୍ସ ସବୁଦିନ ପାଇଁ ରଦ୍ଦ କରି ଦିଆଯିବ।

- ଯଦି କୌଣସି ସର୍ବସାଧାରଣ ସ୍ଥାନରେ ବା ସର୍ବସାଧାରଣ ସ୍ଥାନରୁ ଦୃଶ୍ୟମାନ ହେଉଥିବା ଏକ ଘରୁ କେହି ବ୍ୟକ୍ତି କିଛି ଇଙ୍ଗିତ ଦ୍ୱାରା ବା ଅଙ୍ଗଭଙ୍ଗୀ ଦ୍ୱାରା ଅନ୍ୟ ବ୍ୟକ୍ତିଙ୍କୁ ଫୁସଲାନ୍ତି ବା ପ୍ରଲୁବ୍ଧ କରନ୍ତି, ଏବଂ ଏପ୍ରକାର ବ୍ୟବହାର ଦ୍ୱାରା ସେହି ସ୍ଥାନର ମର୍ଯ୍ୟାଦା ହାନି ହୁଏ, ତେବେ ସେ ପ୍ରଥମ ଥର ଦୋଷୀ ସାବ୍ୟସ୍ତ ହେଲେ ଛ' ମାସ ଜେଲ୍ ବା ପାଞ୍ଚଶହ ଟଙ୍କା ଜୋରିମାନା ବା ଉଭୟ ଦଣ୍ଡରେ ଏବଂ ଦ୍ୱିତୀୟ ବା ତଦୁର୍ଦ୍ଧ୍ୱ ଥର ପାଇଁ ଦୋଷୀ ସାବ୍ୟସ୍ତ ହେଲେ ଏକ ବର୍ଷ ଜେଲ୍ ସହିତ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ। ଯଦି ଜଣେ ପୁରୁଷ ଏହି ଅପରାଧ କରନ୍ତି, ତେବେ ତାଙ୍କୁ ସାତ ଦିନରୁ ତିନିମାସ ଯାଏ ଜେଲ୍ଦଣ୍ଡ ମିଳିବ।

- ଯଦି ଜଣେ ବ୍ୟକ୍ତି ନିଜ ହେପାଜତ୍ ବା କର୍ତ୍ତୃତ୍ୱ ଅଧୀନରେ ଥିବା ଆଉ ଜଣେ ବ୍ୟକ୍ତିଙ୍କୁ ଫୁସୁଲାଫୁସୁଲି କରି ବେଶ୍ୟାବୃତ୍ତି ପାଇଁ ନିୟୋଜନ କରନ୍ତି, ତେବେ ସେ ଦୋଷୀ ସାବ୍ୟସ୍ତ ହେବା ପରେ ସାତବର୍ଷରୁ ଆଜୀବନ କାରାଦଣ୍ଡ ନଚେତ୍ ଦଶବର୍ଷ ଜେଲ୍ ସହିତ ଜୋରିମାନାରେ ଦଣ୍ଡିତ ହେବେ।

- ଯଦି ଅଦାଲତ ଚାହିଁବେ ଜଣେ ମହିଳା ଅପରାଧୀଙ୍କୁ ଜେଲ୍ଦଣ୍ଡ ନଦେଇ କୌଣସି ଏକ ସଂସ୍କାର ଗୃହକୁ ୨ବର୍ଷରୁ ୫ବର୍ଷ ପାଇଁ ଆବଦ୍ଧ ହୋଇ ରହିବା ସକାଶେ ପଠାଇ ପାରିବେ।

**ଅନୈତିକ ଚାଲାଣ ନିଷେଧ ଆଇନ୍ ସମ୍ବନ୍ଧରେ ଆଉ କେତେକ ଜ୍ଞାତବ୍ୟ ସୂଚନା -**

- ଯଦି ନାବାଳିକାମାନେ ବେଶ୍ୟାଳୟରେ ରହିଥାଆନ୍ତି, ସେମାନଙ୍କୁ ବେଶ୍ୟାବୃତ୍ତି ପାଇଁ ସେଠାକୁ ଅଣାଯାଇଛି ବୋଲି ଧରି ନିଆଯିବ। ଏ କ୍ଷେତ୍ରରେ ଅଭିଯୁକ୍ତଙ୍କୁ ତାଙ୍କର ନିର୍ଦ୍ଦୋଷତା ସାବ୍ୟସ୍ତ କରିବାର ପ୍ରମାଣ ଭାର ତାଙ୍କ ଉପରେ ନ୍ୟସ୍ତ ରହିବ ।
- ଯଦି ଡାକ୍ତରୀ ପରୀକ୍ଷାରୁ ଜଣାପଡେ ଯେ, ବେଶ୍ୟାଳୟରେ ଥିବା କୌଣସି ନାବାଳିକା ଯୌନଗତ ନିର୍ଯ୍ୟାତନାର ଶିକାର ହୋଇଛନ୍ତି, ତେବେ ସେମାନଙ୍କୁ ବେଶ୍ୟାବୃତ୍ତି ନିମନ୍ତେ ବାଧ କରାଯାଇଛି ବୋଲି ଧରିନିଆଯିବ ।
- ରାଜ୍ୟସରକାର ଏହି ଆଇନ୍ର ପ୍ରୟୋଗ ନିମନ୍ତେ ସ୍ୱତନ୍ତ୍ର ପୋଲିସ୍ ଅଫିସର୍ମାନଙ୍କୁ ନିଯୁକ୍ତ କରିପାରନ୍ତି (ଯେ କି ପୋଲିସ୍ ଇନସ୍ପେକ୍ଟର ପାହ୍ୟାର ହୋଇଥିବେ) ଏବଂ ସେମାନଙ୍କୁ ସହଯୋଗ କରିବା ପାଇଁ ଅନ୍ତତଃ ୫ଜଣ ବେସରକାରୀ ସମାଜସେବୀ ବ୍ୟକ୍ତିଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରିପାରନ୍ତି।
- କେନ୍ଦ୍ର ସରକାର ଅନୈତିକ ଚାଲାଣ ରୋକିବା ନିମନ୍ତେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦେବେ, ଯେଉଁମାନଙ୍କର ପୋଲିସ୍ ଅଧିକାରୀର କ୍ଷମତା ରହିବ।
- ସଂପୃକ୍ତ ଅଧିକାରୀମାନେ ଯେ କୌଣସି ସନ୍ଦେହପୂର୍ଣ୍ଣ ସ୍ଥାନକୁ ବିନା ପରୱାନାରେ ପ୍ରବେଶ କରିପାରିବେ। ଏପରି କ୍ଷେତ୍ରରେ ଏହି ଅଧିକାରୀମାନେ ଅନ୍ତତଃ ଦୁଇ ଜଣ ବିଶିଷ୍ଟ ପଡୋଶୀଙ୍କୁ ସାକ୍ଷୀ ରୂପେ ନେଇ ପାରିବେ ଏବଂ ସେମାନଙ୍କ ଭିତରେ ଅନ୍ତତଃ ଜଣେ ମହିଳା ହୋଇଥିବେ, କିନ୍ତୁ ମହିଳା ଜଣକ ଠିକ୍ ସେହି ସ୍ଥାନୀୟ ଅଞ୍ଚଳର ହୋଇ ନପାରନ୍ତି । ଯଦି କେହି ବ୍ୟକ୍ତି ସାକ୍ଷୀ ଭାବେ ଉପସ୍ଥିତ ରହିବା ପାଇଁ ଅନିଚ୍ଛୁକ ହୁଅନ୍ତି, ତେବେ ତାଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ସଂହିତା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

- ପୋଲିସ୍ ତରଫରୁ ଖାନ୍‌ତଲାସ ହେବା ସମୟରେ ଅନ୍ତତଃ ଦୁଇଜଣ ମହିଳା ପୋଲିସ୍ ଅଧିକାରୀ ଉପସ୍ଥିତ ରହିବେ ଏବଂ ମହିଳା ଅଭିଯୁକ୍ତାଙ୍କୁ ସେମାନଙ୍କ ଉପସ୍ଥିତିରେ ହିଁ ଜେରା କରାଯିବ।

- କୌଣସି ସ୍ଥାନର ତଲାସି ବେଳେ ସେ ସ୍ଥାନରେ ଥିବା ସମସ୍ତ ବ୍ୟକ୍ତିମାନଙ୍କୁ ସେଠାରୁ ପୋଲିସ୍ ଧରି ଆଣିପାରିବେ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ଯଥାଶୀଘ୍ର ଦାଖଲ କରିବେ। ସେହି ବ୍ୟକ୍ତିମାନଙ୍କର ଡାକ୍ତରୀ ମାଇନା କରାଯାଇ ସେମାନଙ୍କର ବୟସ ନିର୍ଦ୍ଧାରଣ ସହିତ ଯୌନକାର୍ଯ୍ୟରେ ସେମାନେ ଲିପ୍ତ ଥିଲେ କି ନାହିଁ ଏବଂ ସେମାନେ କୌଣସି ସଂକ୍ରାମକ ଯୌନରୋଗରେ ଆକ୍ରାନ୍ତ କି ନା, ତାହା ନିର୍ଦ୍ଧାରଣ କରାଯିବ।

- ଯଦି କୌଣସି ସ୍ଥାନରେ କୌଣସି ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତି କରିବା ପାଇଁ ଅଟକ ରଖାଯାଇଛି ବୋଲି ମାଜିଷ୍ଟ୍ରେଟ୍‌ଙ୍କ ଗୋଚରକୁ ଆସିଲା, ତେବେ ସେ ତୁରନ୍ତ ସବ୍-ଇନ୍‌ସ୍ପେକ୍ଟର ପାହ୍ୟାର ଜଣେ ପୋଲିସ୍ ଅଧିକାରୀଙ୍କୁ ସେଠାକୁ ପଠାଇ ସେହି ବ୍ୟକ୍ତିଙ୍କୁ ଉଦ୍ଧାର କରିବେ ଏବଂ ସେ ବ୍ୟକ୍ତିଙ୍କୁ ତୁରନ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିବାକୁ ପଡ଼ିବ।

- ମାଜିଷ୍ଟ୍ରେଟ୍ ସମସ୍ତ ଦିଗକୁ ବିଚାର କରି ଉଦ୍ଧାର କରାଯାଇଥିବା ସଂପୃକ୍ତ ବ୍ୟକ୍ତିଙ୍କୁ ଏକ ଆଶ୍ରୟ ଗୃହକୁ ପଠାଇ ପାରନ୍ତି ନଚେତ୍ ତାଙ୍କର ପିତା, ମାତା କିମ୍ବା ଅଭିଭାବକଙ୍କ ନିକଟକୁ ପଠାଇପାରନ୍ତି।

- ଯଦି କୌଣସି ସ୍ଥାନରେ ବେଶ୍ୟାବୃତ୍ତି ଚାଲୁଅଛି ବୋଲି ମାଜିଷ୍ଟ୍ରେଟ୍ ସୁଚନା ପାଆନ୍ତି, ତେବେ ତାହା ବନ୍ଦ କରିବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦେଇ ପାରନ୍ତି। ଏହି ଆଦେଶ ବିରୁଦ୍ଧରେ କୌଣସି କୋର୍ଟରେ ଅପିଲ୍ କରିହେବ ନାହିଁ। ଯଦି ଏହି ଆଦେଶକୁ ଘର-ମାଲିକ ଅବମାନନା କରନ୍ତି, ତାଙ୍କୁ ପାଞ୍ଚଶତ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯାଇ ପାରିବ।

- ଏହି ଆଇନ୍ ଅଧୀନସ୍ଥ କେଶ୍ ଗୁଡ଼ିକର ଫଇସଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆବଶ୍ୟକ ସଂଖ୍ୟକ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିପାରନ୍ତି।

- ଯଦି ରାଜ୍ୟ ସରକାର ଉଚିତ୍ ମନେକରନ୍ତି ତେବେ ସେ ସଂପୃକ୍ତ ଅଦାଲତମାନଙ୍କୁ ଏହି ଆଇନ୍ ଅଧୀନସ୍ଥ କେଶ୍ ଗୁଡ଼ିକର ସରାସରି ଫଇସଲା ପାଇଁ କ୍ଷମତା ଦେଇପାରନ୍ତି।

- ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା କେବଳ ରାଜ୍ୟ ସରକାରଙ୍କର ହିଁ ରହିଛି।

ଏହି ଆଇନ୍ ୧୯୫୬ରୁ ଆମଦେଶରେ ଚାଲୁ ରହିଥିଲେ ହେଁ ମହିଳାମାନଙ୍କ ଉପରେ ଯୌନ ଶୋଷଣ ବଢ଼ିବଢ଼ି ଚାଲିଛି ଏବଂ ନୂଆ ନୂଆ ରୂପରେ ନିଜର କାୟା ବିସ୍ତାର କରିଚାଲିଛି। ଅତୀତରେ ନିର୍ଦ୍ଦିଷ୍ଟ ଅଞ୍ଚଳ, ଯାହାକୁ ଲାଲବତୀ ଅଞ୍ଚଳ ବୋଲି କୁହାଯାଏ, ତାହା ମଧ୍ୟରେ ଯୌନକର୍ମୀମାନଙ୍କର କାରବାର ମୂଳତଃ ସୀମିତ ଥିଲା। କିନ୍ତୁ ବର୍ତ୍ତମାନ ରାସ୍ତାଘାଟ, ହୋଟେଲ୍ ଏବଂ ମେଳାମହୋତ୍ସବ ଇତ୍ୟାଦି ସର୍ବସାଧାରଣ କ୍ଷେତ୍ରରେ 'କଲ୍‌ଗାର୍ଲ'ର ଉପସ୍ଥିତି ବଢ଼ିଚାଲିଛି। ରାଜନେତା, ଅଫିସର୍ ଏବଂ ଦେଶୀବିଦେଶୀ କମ୍ପାନୀ କର୍ମକର୍ତ୍ତାମାନେ ମଧ୍ୟ ମହିଳାମାନଙ୍କର ଦୟନୀୟ ସ୍ଥିତିର ସୁଯୋଗ ନେଇ ସେମାନଙ୍କୁ ଯୌନ ଶୋଷଣ କରିଚାଲିଛନ୍ତି। ସବୁଠାରୁ ଦୁଃଖଦାୟକ ଘଟଣା ହେଉଛି, ବର୍ତ୍ତମାନ ନିପଟ ମଫସଲରୁ ଗରୀବ ଝିଅମାନେ ଦୂରଦୂରାନ୍ତ ସ୍ଥାନକୁ 'ବିବାହ', 'ନିଯୁକ୍ତି', 'ସ୍ୱଚ୍ଛନ୍ଦ ଜୀବନ' ଇତ୍ୟାଦି ପ୍ରଲୋଭନରେ ବାପାମାଆଙ୍କ ଇଚ୍ଛା ବା ଇଙ୍ଗିତ ମତେ ଚାଲାଣ ହୋଇଯାଉଛନ୍ତି, କିନ୍ତୁ କିଛି ବର୍ଷ ପରେ ସେମାନଙ୍କ ଭିତରୁ ଅନେକଙ୍କର କୌଣସି ପତ୍ତା ମିଳୁନାହିଁ ଓ ଯେଉଁ ଅଳ୍ପ କେଇଜଣ ଫେରୁଛନ୍ତି ସେମାନଙ୍କ ଅବସ୍ଥା କହିଲେ ନସରେ। କାହାକୁ ଏଚ୍.ଆଇ.ଭି. ସଂକ୍ରମଣ କରିଛି ତ କେହି ବାରମ୍ବାର ଗର୍ଭପାତ କରିବା ଫଳରେ ବହୁ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇପଡ଼ିଛି, ପୁଣି କେହି ଅବିବାହିତ ମାତା ହୋଇ ଅସହ୍ୟ ମାନସିକ ଯନ୍ତ୍ରଣା ଭିତରେ ଅର୍ଦ୍ଧ-ପାଗଳୀ ହୋଇପଡ଼ିଛି। ସେମାନଙ୍କୁ କେବଳ ନିଜ ଗାଁ ଭିତରେ ନୁହେଁ, ବାପାମାଆ ଓ ଭାଇଭଉଣୀ ଆତ୍ମୀୟ ସ୍ୱଜନଙ୍କୁ ନେଇ ଗଠିତ ପରିବାର ଭିତରେ ମଧ୍ୟ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ମିଳୁନାହିଁ। ଓଡିଶାରେ ଏପର୍ଯ୍ୟନ୍ତ ଉପରୋକ୍ତ ଆଇନ୍ ଅଧୀନରେ ନିୟମାବଳୀ ପ୍ରସ୍ତୁତ ହୋଇପାରିନି, ଏହାର ପ୍ରକୃଷ୍ଟ କାର୍ଯ୍ୟକାରିତା ହେବା ଏକ ଭିନ୍ନ ପ୍ରଶ୍ନ।

## ୬: ଯୌତୁକ ନିବାରଣ ଆଇନ୍, ୧୯୬୧

**ଯୌତୁକ କାହାକୁ କୁହାଯାଏ:**

ଯୌତୁକ ନିରୋଧ ଆଇନ୍ ଅନୁଯାୟୀ ବିବାହ ଉପଲକ୍ଷେ ବରପକ୍ଷ ଓ କନ୍ୟା ପକ୍ଷ ଭିତରେ ଯେଉଁ ମୂଲ୍ୟବାନ ଧନସମ୍ପତ୍ତିର ଦିଆନିଆ ହୋଇଥାଏ ବା ଦିଆନିଆ ପାଇଁ ପ୍ରତିଶ୍ରୁତି ଦିଆଯାଇଥାଏ, ତାହା ହେଉଛି "ଯୌତୁକ"। କିନ୍ତୁ ମୁସ୍‌ଲିମ୍ ବ୍ୟକ୍ତିଗତ ଆଇନ୍(ଶରିଆତ୍)ରେ ଥିବା ଡାଓର୍ କିମ୍ବା ମାହେର୍ ଯୌତୁକ ସଂଜ୍ଞା ଭିତରେ ପରିସରଭୁକ୍ତ ହେବନାହିଁ। ଯୌତୁକ ଅପରାଧ ଧର୍ତ୍ତବ୍ୟ, ଜାମିନ୍-ବିହୀନ ଓ ରଫା-ରହିତ ଅଟେ।

**କେତେକ ଜ୍ଞାତବ୍ୟ ସୂଚନା:**

- ଯଦି କୌଣସି ବ୍ୟକ୍ତି ଯୌତୁକ ଦିଅନ୍ତି, ନିଅନ୍ତି କିମ୍ବା ଯୌତୁକ ଦିଆନିଅ ପାଇଁ ପ୍ରବର୍ତ୍ତନା ଦିଅନ୍ତି, ତେବେ ଏହା ଏକ ଦଣ୍ଡନୀୟ ଅପରାଧ, ଯାହା ପାଇଁ ଅତିକମ୍‌ରେ ପାଞ୍ଚବର୍ଷ ଜେଲ୍ ଏବଂ ପନ୍ଦର ହଜାର ଟଙ୍କାର ଜୋରିମାନା ବ୍ୟବସ୍ଥା ରହିଛି।

- ଯୌତୁକ ଦାବୀ ଜନିତ ଅପରାଧରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ୬ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ଦଣ୍ଡବିଧାନର ବ୍ୟବସ୍ଥା ରହିଛି।

- ଖବରକାଗଜରେ କିମ୍ବା ଗଣମାଧମରେ ଯୌତୁକ ଦେବା ଅଭିପ୍ରାୟରେ ଯଦି କେହି ବ୍ୟକ୍ତି କୌଣସି ବିଜ୍ଞାପନ ପ୍ରକାଶ କରନ୍ତି, ତେବେ ତାଙ୍କୁ ୬ ମାସରୁ ୫ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ତଥା ପନ୍ଦର ହଜାର ଟଙ୍କା ଜୋରିମାନାର ଦଣ୍ଡବ୍ୟବସ୍ଥା ଅଛି।

- ନବବଧୂଙ୍କୁ ଛାଡି ଯଦି ଅନ୍ୟ କୌଣସି ବ୍ୟକ୍ତି ଯୌତୁକ ସମ୍ପତ୍ତିକୁ ହସ୍ତଗତ କରିଥାନ୍ତି, ତେବେ ସେ ନିମ୍ନମତେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନବବଧୂଙ୍କୁ ତାହା ଫେରାଇବା ଉଚିତ୍, ନଚେତ୍ ସେ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ପାଞ୍ଚ ହଜାରରୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବ-

  (କ) ଯଦି ବିବାହ ପୂର୍ବରୁ ନେଇଥିବେ, ତେବେ ବିବାହର ୩ ମାସ ମଧ୍ୟରେ।

  (ଖ) ଯଦି ବିବାହ ସମୟରେ କିମ୍ବା ବିବାହ ପରେ ନେଇଥିବେ, ତେବେ ଯୌତୁକ ତାଙ୍କର ହସ୍ତଗତ ହୋଇଥିବା ତାରିଖର ୩ ମାସ ମଧ୍ୟରେ ।

  (ଗ) ଯଦି ଯୌତୁକ ମିଳିବା ବେଳେ ନବବଧୂ ନାବାଳିକା (୧୮ବର୍ଷରୁ କମ୍) ଥିବେ, ତେବେ ନବବଧୂ ଯେବେ ସାବାଳିକା ହେବେ, ତହିଁର ୩ମାସ ଭିତରେ।

  (ଘ) ଯଦି ନବବଧୂ, ଯେ କି ଯୌତୁକ ପାଇବା ପାଇଁ ହକ୍‌ଦାର, ସେ ଯୌତୁକ ପାଇବା ପୂର୍ବରୁ ମରିଯାନ୍ତି, ତେବେ ତାଙ୍କର ଉତ୍ତରାଧିକାରୀ ଏହା ପାଇବା ପାଇଁ ହକ୍‌ଦାର ହେବେ; ମାତ୍ର ନବବଧୂ ଯଦି ବିବାହର ସାତବର୍ଷ ଭିତରେ ଅସ୍ୱାଭାବିକ ପରିସ୍ଥିତିରେ ମୃତ୍ୟୁବରଣ କରନ୍ତି, ତେବେ ସେହି ଯୌତୁକ ସମ୍ପତ୍ତି ତାଙ୍କର ସନ୍ତାନମାନଙ୍କୁ ଅଥବା ସନ୍ତାନ ନଥିଲେ ନବବଧୂର ପିତାମାତାଙ୍କୁ ହସ୍ତାନ୍ତର କରାଯିବ।

ଏହି ଆଇନ୍ ଅନୁଯାୟୀ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବା ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଯୌତୁକ ଅପରାଧ ବିଚାର ହେବ। ନିଜ ଅପରାଧକୁ ଅପ୍ରମାଣ କରିବାର ଦାୟିତ୍ୱ ଅପରାଧୀ ଉପରେ ନ୍ୟସ୍ତ ରହିବ। ଯୌତୁକ ଅପରାଧ ଦାଏର୍ କରିବା ପାଇଁ ଯେ କୌଣସି ବ୍ୟଥିତ ବ୍ୟକ୍ତି, ସଂପୃକ୍ତ ବରକନ୍ୟାଙ୍କ ପିତାମାତା, କୌଣସି ସମ୍ପର୍କୀୟ ବା କେନ୍ଦ୍ର ବା ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ହୋଇଥିବା ଗୋଟଏ ସମାଜ ମଙ୍ଗଳ ଅନୁଷ୍ଠାନ ଯୋଗ୍ୟ ଅଟନ୍ତି। ସର୍ବୋପରି ଏହି ଆଇନ୍‌ରେ ଉଲ୍ଲେଖ ଅଛି ଯେ, ଯଦି ବିବାହ ସମୟରେ ବର ବା ବଧୂଙ୍କୁ ପ୍ରଦତ୍ତ ଉପହାର ପଛରେ କୌଣସି ଦାବୀ ନଥାଏ, ପାରମ୍ପରିକ ଧରଣର ହୋଇଥାଏ, ଉପହାରର ମୂଲ୍ୟ ଉପହାରଦାତାଙ୍କ ଆର୍ଥିକ ସ୍ୱଚ୍ଛଳତା ତୁଳନାରେ ଅଧିକ ହୋଇନଥାଏ ତେବେ ଏହି ଉପହାର ଦିଆନିଆକୁ ଯୌତୁକ ଅପରାଧ ବୋଲି ଗଣାଯିବ ନାହିଁ।

**ଯୌତୁକ ନିରୋଧ (ବରବଧୂଙ୍କୁ ପ୍ରଦତ୍ତ ଉପହାରସମୂହର ତାଲିକା ଅନୁରକ୍ଷଣ) ନିୟମାବଳୀ,୧୯୮୫ -**

ଯୌତୁକ ନିରୋଧ ଆଇନ୍, ୧୯୬୧ ଅଧୀନରେ ଭାରତ ସରକାର ୧୯୮୫ରେ ଉପରୋକ୍ତ ନିୟମାବଳୀ ପ୍ରଣୟନ କରିଛନ୍ତି। ଏହି ନିୟମାବଳୀ ଅନୁଯାୟୀ ବଧୂପକ୍ଷ ଓ ବରପକ୍ଷ ବିବାହ ସମୟରେ ମିଳିଥିବା ଉପହାରସମୂହର ତାଲିକା ଅଲଗା ଅଲଗା ରଖିବେ। ବିବାହ ସମୟରେ ଅଥବା ବିବାହ ସରିବା କ୍ଷଣି ଯଥାଶୀଘ୍ର ସମ୍ଭବ ଏହା ପ୍ରସ୍ତୁତ କରାଯିବ। ଏହି ତାଲିକାରେ ପ୍ରତି ଉପହାର ସଂବନ୍ଧରେ ଏକ ସଂକ୍ଷିପ୍ତ ବର୍ଣ୍ଣନ ସହିତ ଉପହାରର ଆନୁମାନିକ ମୂଲ୍ୟ, ଉପହାରଦାତାଙ୍କ ନାମ ତଥା ସେମାନଙ୍କର ବର ବା କନ୍ୟା ସହିତ ସଂପର୍କ ସୂଚୀତ ହୋଇଥିବ। ପ୍ରତି ତାଲିକା ଉଭୟ ବର ଓ କନ୍ୟାଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ବିଧେୟ।

**କେନ୍ଦ୍ରୀୟ ସଂଶୋଧନ, ୧୯୮୬**

ଯୌତୁକ ଆଇନ୍‌କୁ ଅଧିକ କଠୋର କରିବା ଉଦ୍ଦେଶ୍ୟରେ ସଂସଦ ଦ୍ୱାରା ୧୯୮୬ ମସିହାରେ ଏହି ଆଇନ୍‌ର ଏକ ସଂଶୋଧନ ଗୃହୀତ ହେଲା। ଏହି ସଂଶୋଧନ ବଳରେ ୧୯୬୧ ମସିହାର ମୂଳ ଯୌତୁକ ଆଇନ୍‌ର ସଂଶୋଧନ ହେବା ସହିତ ଦେଶର ୩ଟି ମୂଳ ବିଧାନ, ଯଥା ଭାରତୀୟ ଦଣ୍ଡ ସଂହିତା ୧୮୬୦, ଫୌଜଦାରି କାର୍ଯ୍ୟବିଧି ସଂହିତା ୧୯୭୩ ତଥା ଭାରତୀୟ ପ୍ରମାଣ ଆଇନ୍ ୧୮୭୨ରେ ମଧ୍ୟ କେତେକ ପରିବର୍ତ୍ତନ ଅଣାଗଲା।

ଭାରତୀୟ ଦଣ୍ଡ ସଂହିତାରେ ଅଧ୍ୟାୟ-୨୦(ବିବାହ ସଂବନ୍ଧୀତ ଅପରାଧସମୂହ)ରେ ନୂଆକରି ଦଫା-୩୦୪(ବି) ଯୋଡାଗଲା। ଏହି ନୂତନ ଦଫା ଅନୁଯାୟୀ ବିବାହର ସାତବର୍ଷ ଭିତରେ ଯଦି ଜଣେ ବଧୂଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟେ, ତେବେ ତାହାକୁ ଯୌତୁକ ଜନିତ ମୃତ୍ୟୁ ବୋଲି ଧରିନିଆଯିବ ଏବଂ ଏହି ମୃତ୍ୟୁ ସେହି ମହିଳାଙ୍କର ସ୍ୱାମୀ ଏବଂ ସଂପର୍କୀୟ ମାନେ ଘଟାଇଛନ୍ତି ବୋଲି ବିବେଚନା କରାଯିବ ଓ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ

ଦାଏର୍ ହେବ। ସେମାନେ ଦୋଷୀ ସାବ୍ୟସ୍ତ ହେଲେ ଅନ୍ୟୁନ ୭ ବର୍ଷରୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେବେ। ଫୌଜଦାରି କାର୍ଯ୍ୟବିଧି ସଂହିତାର ପ୍ରଥମ ଅନୁସୂଚୀରେ ଦଫା ୩୦୪(ବି) ଭର୍ତ୍ତି କରାଗଲା ଏବଂ ସେଥିରେ ଏହି ଅପରାଧ ଜିଲ୍ଲା ଦୌରା ଜଜ୍‌ଙ୍କ ଅଦାଲତରେ ବିଚାର ହେବ ବୋଲି ସୂଚୀତ କରାଗଲା। ଭାରତୀୟ ପ୍ରମାଣ ଆଇନ୍‌ରେ ୧୧୩(ବି) ଯୋଡାଗଲା, ଯାହାର ଅର୍ଥ ହେଉଛି, ଯଦି ସଂପୃକ୍ତ ମହିଳାଙ୍କୁ ମୃତ୍ୟୁର ସ୍ୱଳ୍ପକାଳ ପୂର୍ବରୁ ଯୌତୁକ ଦାବୀକୁ କେନ୍ଦ୍ର କରି ନିଷ୍ଠୁରତା ଏବଂ ନିର୍ଯ୍ୟାତନା ପ୍ରଦର୍ଶନ କରାଯାଇଥିବାର ପ୍ରମାଣ ହୁଏ, ତେବେ ଅଦାଲତ ଧରିନେବେ ଯେ ସେହି ମହିଳାଙ୍କୁ ଯୌତୁକ କାରଣରୁ ତାଙ୍କ ସ୍ୱାମୀ ଓ ସ୍ୱାମୀଙ୍କ ସଂପର୍କୀୟ ମାନେ ହତ୍ୟା କରିଛନ୍ତି।

**ଓଡିଶା ନିୟମାବଳୀ ଓ ସଂଶୋଧନ**

ଓଡିଶାରେ ଯୌତୁକ ଆଇନ୍‌ର ସଂଶୋଧନ ୧୯୭୫ରେ ଗୃହୀତ ହୋଇଥିଲା। ଏହି ସଂଶୋଧନ ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଯୌତୁକ କାରଣରୁ ତାଙ୍କ ପତ୍ନୀଙ୍କୁ ଦାମ୍ପତ୍ୟ ସୁଖରୁ ବଞ୍ଚିତ କରନ୍ତି, ତେବେ ସେ ଏକବର୍ଷ ଜେଲ୍ ବା ଦଶ ହଜାର ଟଙ୍କା ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ। ଯଦି ସେହି ବ୍ୟକ୍ତି ଅଦାଲତ ସାମନାରେ ଅଙ୍ଗୀକାର କରନ୍ତି ଯେ ସେ ଆଉ ଯୌତୁକ ପାଇଁ ଦାବୀ କରିବେ ନାହିଁ କିମ୍ବା ପତ୍ନୀଙ୍କୁ ଦାମ୍ପତ୍ୟ ସୁଖରୁ ବଞ୍ଚିତ କରିବେ ନାହିଁ, ତେବେ ଅଦାଲତ ତାଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିବା କାର୍ଯ୍ୟବିଧିକୁ ବନ୍ଦ କରିଦେଇ ପାରନ୍ତି। କିନ୍ତୁ ଯଦି ପତ୍ନୀ ପୁଣି ଅଭିଯୋଗ କରନ୍ତି ଯେ, ତାଙ୍କ ସ୍ୱାମୀ ସେହି ଅଙ୍ଗୀକାର ପାଳନ କରିବାରେ ବ୍ୟର୍ଥ ହୋଇଛନ୍ତି, ତେବେ ଅଦାଲତ ପୁଣି ଉକ୍ତ କାର୍ଯ୍ୟବିଧିକୁ ଚାଲୁ କରିପାରନ୍ତି ଏବଂ ଏପ୍ରକାର ଉଲ୍ଲଂଘନ ପାଇଁ ଜୋରିମାନା ବାବଦରେ ଲାଗୁ କରାଯାଇଥିବା ଅର୍ଥରାଶିକୁ ପତ୍ନୀଙ୍କୁ ଦେବାପାଇଁ ତାଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ଏହାଛଡା ଏହି ସଂଶୋଧନରେ ପୁଣି କୁହାଯାଇଛି ଯେ, ଉପରୋକ୍ତ ପ୍ରକାରେ ଉଲ୍ଲଂଘନ କରୁଥିବା ସ୍ୱାମୀଙ୍କ ଠାରୁ ସ୍ତ୍ରୀ ଯଦି ଭରଣପୋଷଣ ଦାବୀ କରନ୍ତି, ତେବେ ଅଦାଲତ ସର୍ବାଧିକ ମାସିକ ଭତ୍ତା ଦେବା ପାଇଁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ସ୍ୱାମୀ ଯଦି ଏହି ଭରଣପୋଷଣ ଭତ୍ତା ପ୍ରଦାନ ନକରନ୍ତି, ତାହା ତାଙ୍କ ସମ୍ପତ୍ତିରୁ ଆଦାୟ କରାଯିବ ଏବଂ ଭତ୍ତା ଦେବା ପାଇଁ ସ୍ୱାମୀଙ୍କ ଉପରେ ଆଦେଶ ଜାରି ହେଲା ପରେ ସ୍ୱାମୀ ତାଙ୍କର ସମ୍ପତ୍ତିକୁ ହସ୍ତାନ୍ତର କରିପାରିବେ ନାହିଁ। ଯଦି ସେ ସମ୍ପତ୍ତି ହସ୍ତାନ୍ତର କରନ୍ତି, ତେବେ ଏହି ହସ୍ତାନ୍ତର ଅସିଦ୍ଧ ଘୋଷଣା ହେବ। ଉପରୋକ୍ତ ସଂଶୋଧନ ଛଡା ଓଡିଶା ସରକାର ୨୦୦୦ ମସିହାରେ ଯୌତୁକ ନିରୋଧ ଆଇନ୍, ୧୯୬୧ ଅଧୀନରେ ରାଜ୍ୟ ନିୟମାବଳୀ ବିଜ୍ଞପ୍ତି କରିଛନ୍ତି। ଏହି ନିୟମାବଳୀ ଅଧୀନରେ ରାଜ୍ୟ ସରକାର ଯୌତୁକ ନିବାରଣ ଅଧିକାରୀ ନିଯୁକ୍ତ କରିବେ ଏବଂ ତାଙ୍କର କାର୍ଯ୍ୟାବଳୀ ଭିତରେ ଅନ୍ତର୍ଭୁକ୍ତ ରହିବ କେତେକ ଅତିରିକ୍ତ ଦାୟିତ୍ୱ, ଯଥା, ଶିବିରମାନ ଆୟୋଜନ କରି ଜନସଚେତନତା ସୃଷ୍ଟି, ପରିବାର ପରାମର୍ଶ କେନ୍ଦ୍ର ବା ଅନ୍ୟ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ଜରିଆରେ ପରାମର୍ଶ ପ୍ରଦାନ ଓ ଅଭିଯୋଗ ମୀମାଂସା, ପୋଲିସ୍ ସହ ସମନ୍ୱୟ ରଖି ଅଭିଯୋଗଗୁଡିକର ଅନୁସନ୍ଧାନ ଏବଂ ମୀମାଂସାକୁ କ୍ଷିପ୍ର କରାଇବା, ସରକାରୀ ଅଭିଯୋଜକଙ୍କୁ ପରାମର୍ଶ ପ୍ରଦାନ କରିବା, ଜିଲ୍ଲା ମାଜିଷ୍ଟ୍ରେଟ୍, ଏସ୍.ପି., ସମାଜମଙ୍ଗଳ ନିର୍ଦ୍ଦେଶକ ଏବଂ ରାଜ୍ୟ ମହିଳା କମିଶନ୍‌ଙ୍କ ନିକଟକୁ ତ୍ରୈମାସିକ ବିବରଣୀ ପ୍ରଦାନ, ପ୍ରତି ମାମଲା ସଂବନ୍ଧରେ ଅଭିଲେଖଗୁଡିକର ଅନୁରକ୍ଷଣ ତଥା ସ୍ୱତନ୍ତ୍ର ଭାବେ ଗଠିତ ହୋଇଥିବା ଉପଦେଷ୍ଟା ପରିଷଦଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ତଥା କୌଣସି ଏକ ନିର୍ଦ୍ଦିଷ୍ଟ ମାମଲା ପ୍ରତି ସେମାନଙ୍କର ଧ୍ୟାନ ଆକର୍ଷଣ କରିବା। ଏହି ନିୟମାବଳୀ ଅନୁଯାୟୀ ଯୌତୁକ ନିବାରଣ ଅଧିକାରୀ ଅଭିଯୋଗ ଗ୍ରହଣ କରିବେ, ଅନୁସନ୍ଧାନ କରିବେ, ଶୁଣାଣି କରିବେ ଏବଂ ଫଇସଲା କରିବେ ଏବଂ ଏହି କାର୍ଯ୍ୟ ସଂପାଦନ ପାଇଁ ସେ ଅନ୍ୟ ଅଧିକାରୀମାନଙ୍କର ସହାୟତା ଲୋଡିପାରନ୍ତି। ଫୌଜଦାରି କାର୍ଯ୍ୟବିଧି ସଂହିତାରେ ସବ୍-ଡିଭିଜନାଲ୍ ଅଧିକାରୀଙ୍କୁ ଯେଉଁସବୁ କ୍ଷମତା ଅର୍ପଣ କରାଯାଇଛି, ତାହାସବୁ ଯୌତୁକ ନିବାରଣ ଅଧିକାରୀ ପ୍ରୟୋଗ କରିପାରିବେ। ସେ ଯେତେବେଳେ ଚାହିଁବେ, ବିବାହର ଯେ କୌଣସି ପକ୍ଷ ନିଜ ପାଖରେ ରଖିଥିବା ଉପହାରସମୂହର ତାଲିକା ତାଙ୍କୁ ଯୋଗାଇଦେବେ। ଏହାଛଡା ପ୍ରତି ଜିଲ୍ଲାରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସୁପାରିଶ୍ ମତେ ସରକାର ୫ ଜଣ ସମାଜ କଲ୍ୟାଣ କର୍ମୀଙ୍କୁ ନେଇ ଏକ ଉପଦେଷ୍ଟା ପରିଷଦ ନିଯୁକ୍ତ କରିବେ, ଯେଉଁମାନଙ୍କ ଭିତରେ ସଂପୃକ୍ତ ଯୌତୁକ ନିବାରଣ ଅଧିକାରୀଙ୍କ କ୍ଷେତ୍ରାଧିକାର ଅଧୀନସ୍ଥ ଅଞ୍ଚଳର ଅନ୍ୟୁନ ଦୁଇଜଣ ମହିଳା ଥିବେ। ଉପଦେଷ୍ଟା ପରିଷଦରେ ସମାଜର ଦୁର୍ବଳତର ଗୋଷ୍ଠୀ ଓ ଆଇନ୍ କ୍ଷେତ୍ରରୁ ଯଥୋଚିତ ପ୍ରତିନିଧିତ୍ୱ ରହିବ। ଯୌତୁକ ନିବାରଣ ଅଧିକାରୀ ପରିଷଦର ଆବାହକ ରୂପେ କାର୍ଯ୍ୟ ତୁଲାଇବେ କିମ୍ବା ତାଙ୍କ ସ୍ଥାନରେ ତାଙ୍କ କାର୍ଯ୍ୟ ତୁଲାଇବା ପାଇଁ ସେ ତାଙ୍କ ପସନ୍ଦ ମୁତାବକ ଜଣେ ଅଧସ୍ତନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ପରିଷଦର ମୁଖ୍ୟ ଦାୟିତ୍ୱ ହେବ, ଯୌତୁକ ନିବାରଣ ଅଧିକାରୀଙ୍କ ତ୍ରୈମାସିକ ବିବରଣୀଗୁଡିକୁ ଆଲୋଚନା କରିବା; ଯୌତୁକ ନିବାରଣ ଅଧିକାରୀ ଯାହା ଏବଂ ଯେତେବେଳେ ଆବଶ୍ୟକ କରିବେ, ତଦନୁଯାୟୀ ତାଙ୍କୁ ପରାମର୍ଶ ଏବଂ ସହାୟତା ପ୍ରଦାନ କରିବା; ଏବଂ ଯୌତୁକ ସମସ୍ୟାକୁ ନେଇ ଅନ୍ୟ କୌଣସି ବ୍ୟାପାରରେ ଆଲୋଚନା କରିବା ଏବଂ ଯୌତୁକ ନିବାରଣ ଅଧିକାରୀଙ୍କୁ ନିଜର ମତ ଜଣାଇଦେବା।

ଯୌତୁକ ନିରୋଧ ଆଇନ୍ କେବଳ କେନ୍ଦ୍ରୀୟ ସ୍ତରରେ ନୁହେଁ, ଓଡିଶା ସମେତ ବିଭିନ୍ନ ରାଜ୍ୟରେ ସଂଶୋଧନ ହୋଇସାରିଲାଣି। କିନ୍ତୁ ଏହା ସମାଜରୁ ଯୌତୁକ ପ୍ରଥାକୁ ହ୍ରାସ କରିବାରେ ସମର୍ଥ ହୋଇ ପାରିନାହିଁ। ଯଦିଓ ମହିଳାମାନଙ୍କ ସ୍ଥିତିର ଉନ୍ନତି ବିଧାନ ପାଇଁ ବହୁ ଆନ୍ଦୋଳନ ଓ ଉଦ୍ୟମ ଜାରି ରହିଛି, ତଥାପି ସମାଜରେ ମହିଳାଙ୍କୁ ନ୍ୟୁନ କରି ଦେଖିବାର ମନୋବୃତ୍ତିର ମୌଳିକ ପରିବର୍ତ୍ତନ ସମ୍ଭବ ହୋଇ ପାରିନାହିଁ। ସେଥିପାଇଁ ସମାଜ ଯୌତୁକ ପରି ଏକ ଅନ୍ତର୍ଘାତୀ କୁପ୍ରଥା କବଳରୁ ମୁକ୍ତି ପାଇପାରୁ ନାହିଁ। ଗୋଟିଏ ପଟରେ ଯୌତୁକ ନିରୋଧ ଆଇନ୍ ଲାଗୁ ହୋଇଛି, ଅନ୍ୟପଟରେ ଆଇନ୍ କବଳରୁ ରକ୍ଷା ପାଇବା ପାଇଁ ନାନାଦି କୂଟକପଟର ଆଶ୍ରୟ ନିଆଯାଉଛି। ସାମାଜିକ ସ୍ୱୀକୃତି ଲାଭ କରିଥିବା ଏହି କୁପ୍ରଥାକୁ ଆଇନ୍ ସାହାଯ୍ୟରେ ସମ୍ପୂର୍ଣ୍ଣ ବିଲୋପ କରିବା ଏକ ଦୁରୁହ ବ୍ୟାପାର। କିନ୍ତୁ ଏହି କୁପ୍ରଥାର ପ୍ରାଦୁର୍ଭାବକୁ ପ୍ରଶମନ କରିବା ପାଇଁ ଏକ ସୁପ୍ରଣୀତ ଆଇନ୍ ନିଶ୍ଚିତ ରୂପେ ସହାୟକ। ସୁତରାଂ ପ୍ରଚଳିତ ଆଇନ୍‌କୁ ଅଧିକ ବାସ୍ତବମୁଖୀ କରିବା ଏବଂ ତାହାର ନିଷ୍ପାପର କାର୍ଯ୍ୟାନ୍ୱୟନ ସହିତ ମହିଳା ସମାଜକୁ ଏମିତି ସଶକ୍ତୀକରଣ କରିବା ପାଇଁ ଉଦ୍ୟମ କରାଯିବା ଉଚିତ୍ ଯେ, କୌଣସି ମହିଳା ନିଜେ ଯୌତୁକ ବିନିମୟରେ ବାହା ହେବାକୁ ଚାହିଁବନି, ଏବଂ ଅନ୍ୟପଟରେ ତା'ର ବିବାହ ବାବଦକୁ କେହି ଯୌତୁକ ଦାବୀ କରିବାକୁ ସାହାସ କରିବେନି।

## ୭ : ଜାତୀୟ ଓ ରାଜ୍ୟ ସ୍ତରୀୟ ମହିଳା କମିଶନ୍ ବ୍ୟବସ୍ଥା

### ଜାତୀୟ ମହିଳା କମିଶନ୍

ଜାତୀୟ ସ୍ତରରେ ମହିଳା ସଂପର୍କୀତ ଆଇନ୍ ପ୍ରଣୟନ, ଆଇନ୍ ସମୂହର କାର୍ଯ୍ୟକାରିତା, ମହିଳା ସଂପର୍କୀତ ସ୍କିମ୍‌ସମୂହ ଓ ସେଗୁଡିକର କାର୍ଯ୍ୟକାରିତା ତଥା ମହିଳାସଂପର୍କୀତ କୌଣସି ବିବଦମାନ କେଶ୍ ବା ପ୍ରସଙ୍ଗ ଉପରେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେବା ତଥା ଲିଙ୍ଗନ୍ୟାୟ ସପକ୍ଷରେ ଜନସଚେତନତା ସୃଷ୍ଟି ଓ ପ୍ରସାର ପାଇଁ ଏକ ଜାତୀୟ ମହିଳା କମିଶନ୍‌ର ଗଠନ ଓ କ୍ରିୟାଶୀଳତା ଉଦ୍ଦେଶ୍ୟରେ ଏହି ଆଇନ୍ ୧୯୯୦ ମସିହାରେ ସଂସଦ ଦ୍ୱାରା ଗୃହୀତ ହୋଇଥିଲା।

### କମିଶନ୍‌ଙ୍କ ଗଠନ

ମହିଳାଙ୍କ ସ୍ୱାର୍ଥ ପ୍ରତି ପ୍ରତିବଦ୍ଧ ଥିବା ଜଣେ ମହିଳାଙ୍କ ଅଧ୍ୟକ୍ଷତାରେ ୫ଜଣ ସଦସ୍ୟଙ୍କୁ ନେଇ ଏହି କମିଶନ୍ ଗଢାଯିବ। ଏହି ସଦସ୍ୟ/ସଦସ୍ୟାମାନେ ଆଇନ୍, ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନ, ଶିଳ୍ପସଂସ୍ଥା ପରିଚାଳନା, ସ୍ୱେଚ୍ଛାସେବୀ ସଂଗଠନ, ପ୍ରଶାସନ, ଆର୍ଥିକ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା ବା ସମାଜ କଲ୍ୟାଣ ଇତ୍ୟାଦି କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଥିବା ତଥା ଦକ୍ଷତା, ସଚ୍ଚୋଟତା ଏବଂ ପ୍ରତିଷ୍ଠା ବହନ କରିଥିବା ବିଧେୟ। ଏହି ସଦସ୍ୟମାନଙ୍କ ଭିତରୁ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ମଧ୍ୟରୁ ଅନ୍ୟୁନ ଜଣେ ଲେଖାଁ ବ୍ୟକ୍ତି ସଦସ୍ୟ ରହିବେ। ଏହାଛଡା କମିଶନ୍‌ଙ୍କ ସଦସ୍ୟ ସଚ୍ଚିବ ହେବେ ଏପରି ଜଣେ ଅଧିକାରୀ, ଯେ କି କେନ୍ଦ୍ରୀୟ ପ୍ରଶାସନିକ ସେବାରେ ଅଭିଜ୍ଞତା ଅର୍ଜନ କରିଥିବେ। ପ୍ରତି କମିଶନ୍‌ଙ୍କ କାର୍ଯ୍ୟକାଳ ୩ବର୍ଷରୁ ଅଧିକ ହେବନାହିଁ।

### ଜାତୀୟ କମିଶନ୍‌ଙ୍କ କାର୍ଯ୍ୟାବଳୀ-

- ସମ୍ବିଧାନ ଏବଂ ଅନ୍ୟ ଆଇନ୍‌ଗୁଡିକ ଅଧୀନରେ ମହିଳାମାନଙ୍କ ଉନ୍ନତି କଳ୍ପେ ପ୍ରଦତ୍ତ ସୁରକ୍ଷାଗୁଡିକ ସଂବନ୍ଧୀତ ସମସ୍ତ ବିଷୟଗୁଡିକୁ ଅନୁସନ୍ଧାନ ଏବଂ ପରୀକ୍ଷା କରିବା;
- କେନ୍ଦ୍ର ଓ ରାଜ୍ୟ ସ୍ତରରେ ଏହିସବୁ ସୁରକ୍ଷାଗୁଡିକର କାର୍ଯ୍ୟକାରିତା ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କୁ ନିଜର ସୁପାରିଶ୍ ସମେତ ବିବରଣୀମାନ ପ୍ରଦାନ କରିବା;
- ମହିଳାମାନଙ୍କୁ ପ୍ରଭାବିତ କରୁଥିବା ସମ୍ବିଧାନ ଏବଂ ଅନ୍ୟ ଆଇନ୍‌ଗୁଡିକର ସାଂପ୍ରତିକ ପ୍ରାବ୍‌ଧାନଗୁଡିକୁ ସମୟାନ୍ତରରେ ସମୀକ୍ଷା କରିବା ତଥା ସେଥିରେ ଥିବା କୌଣସି ତ୍ରୁଟି, ଅଭାବ ବା ବିଚ୍ୟୁତିର ଦୂରୀକରଣ ପାଇଁ ପ୍ରତିକାରାତ୍ମକ ବୈଧାନିକ ପଦକ୍ଷେପମାନ ଗ୍ରହଣ କରିବା ସକାଶେ ସଂଶୋଧନଗୁଡିକର ସୁପାରିଶ୍ କରିବା;
- ସଂବିଧାନ ଓ ଅନ୍ୟ ଆଇନ୍‌ମାନଙ୍କରେ ମହିଳାମାନଙ୍କ ପାଇଁ ଥିବା ପ୍ରାବ୍‌ଧାନ ଗୁଡିକର ଉଲ୍ଲଂଘନ ମାମଲାଗୁଡିକ ଉପରେ ଯଥୋଚିତ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆହ୍ୱାନ୍ କରିବା;
- ବିଭିନ୍ନ ବିଷୟରେ କମିଟିମାନ ଦଠନ କରି ସବିଶେଷ ଅନୁଧ୍ୟାନ କରିବା;
- ବଞ୍ଚିତ ଓ ବାଛବିଚାରର ଶିକାର ହେଉଥିବା ମହିଳାମାନଙ୍କ ସମ୍ବନ୍ଧରେ ବିଭିନ୍ନ ସ୍ତରରୁ ଆସୁଥିବା ଅଭିଯୋଗଗୁଡିକୁ ଅନୁଧ୍ୟାନ କରିବା;
- ସମସ୍ତ କ୍ଷେତ୍ରରେ ମହିଳାମାନଙ୍କ ଯଥାର୍ଥ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଦିଗରେ ପ୍ରୋତ୍ସାହନମୂଳକ ତଥା ଶୈକ୍ଷଣିକ ଗବେଷଣା ଆୟୋଜନ କରିବା ଏବଂ ମହଳାମାନଙ୍କର ଅଗ୍ରଗତିକୁ ବାଧାଗ୍ରସ୍ତ କରୁଥିବା କାରଣଗୁଡିକୁ ଚିହ୍ନଟ କରିବା, ତଥା ମହିଳାମାନଙ୍କର ଉତ୍ପାଦନ-କ୍ଷମତାକୁ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ସହାୟତା ସେବା ଏବଂ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଘଟାଇବା ;
- କେନ୍ଦ୍ର ବା କୌଣସି ରାଜ୍ୟରେ ମହିଳା ବିକାଶର ଅଗ୍ରଗତିକୁ ମୂଲ୍ୟାୟନ କରିବା;
- ଗୋଟିଏ ଜେଲ୍, ପ୍ରତିପ୍ରେରଣ ଗୃହ, ମହିଳା ଅନୁଷ୍ଠାନ ବା ଅନ୍ୟ କୌଣସି ଅଭିରକ୍ଷା ସ୍ଥଳ, ଯେଉଁଠି ମହିଳାମାନଙ୍କୁ କଏଦୀ ବା ଅନ୍ୟ ରୂପରେ ରଖାଯାଇଥାଏ, ସେସବୁ ସ୍ଥାନକୁ ନିଜେ ନିରୀକ୍ଷଣ କରିବା ବା ଅନ୍ୟ କାହାଦ୍ୱାରା ନିରୀକ୍ଷଣ କରାଇବା ଏବଂ ଯଦି କୌଣସି ପ୍ରତିକାରମୂଳକ ପଦକ୍ଷେପ ଆବଶ୍ୟକ ପଡୁଥାଏ, ସେଥିପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରିବା ; ଏବଂ
- ନିଜର କାର୍ଯ୍ୟକ୍ରମ ଓ ଆୟବ୍ୟୟ ସମ୍ବନ୍ଧରେ ଏକ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବା, ଯାହା କି ସଂସଦରେ ଉପସ୍ଥାପିତ ହେବ।

- ସର୍ବୋପରି ମହିଳା ସଂପର୍କୀତ କୌଣସି ବ୍ୟାପାରରେ ନୀତିଗତ ନିଷ୍ପତ୍ତି ନେବା ପୂର୍ବରୁ କେନ୍ଦ୍ର ସରକାର ଜାତୀୟ ମହିଳା କମିଶନ୍‌ଙ୍କ ସହ ପରାମର୍ଶ କରିବେ।

**ଓଡିଶା (ରାଜ୍ୟ) ମହିଳା କମିଶନ୍ ଆଇନ୍, ୧୯୯୩**

ଏହି ଆଇନ୍‌ଟି ଓଡିଶା ଗେଜେଟ୍ ତାରିଖ ୭.୧୦.୧୯୯୪ରେ ପ୍ରକାଶିତ ହୋଇଥିଲା ଏବଂ ତା'ପରେ ୧୯.୧୨.୧୯୯୪ ଠାରୁ ବଳବତ୍ତର ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ଜଣେ ବିଶିଷ୍ଟ ସମାଜସେବୀ ମହିଳା କମିଶନ୍‌ର ଅଧ୍ୟକ୍ଷା ରହିବେ ଏବଂ ତାଙ୍କ ଛଡା ଦକ୍ଷତା, ସଚ୍ଚୋଟତା ଏବଂ ପ୍ରତିଷ୍ଠା ବହନ କରିଥିବା ୬ଜଣ ବ୍ୟକ୍ତି ସଦସ୍ୟ ରହିବେ। ସେହି ୬ଜଣଙ୍କ ମଧ୍ୟରେ ଜଣେ ସରକାରୀ ବ୍ୟକ୍ତି, ଜଣେ ବିଶିଷ୍ଟ ଓକିଲ, ଦୁଇଜଣ ଜଣାଶୁଣା ସାମାଜିକ କର୍ମୀ, ଏବଂ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ଦୁଇଜଣ ବିଶେଷଜ୍ଞ ଥିବେ ଏବଂ ଏହି ସଦସ୍ୟମାନଙ୍କ ଭିତରେ ଜଣେ ଅନୁସୂଚୀତ ଜନଜାତି ଓ ଜଣେ ଅନୁସୂଚୀତ ଜାତିର ବ୍ୟକ୍ତି ହୋଇଥିବେ। ଓଡିଶା ସରକାରଙ୍କ ମହିଳା କଲ୍ୟାଣ ଦାୟିତ୍ୱରେ ଥିବା ଜଣେ ଅଧିକାରୀ, ଯେ କି ଉପ-ସଚିବ (ଡେପୁଟି ସେକ୍ରେଟାରୀ) ପଦବୀ ଠାରୁ ନିମ୍ନ ପାହ୍ୟାର ହୋଇନଥିବେ, ସେ କମିଶନ୍‌ଙ୍କର ଆବାହକ-ସଚୀବ ରୂପେ କାର୍ଯ୍ୟ କରିବେ।

**ରାଜ୍ୟ ମହିଳା କମିଶନ୍‌ଙ୍କ କାର୍ଯ୍ୟାବଳୀ-**

- ଆଦିବାସୀ-ବହୁଳ ଜିଲ୍ଲା ଏବଂ ଅଞ୍ଚଳସମୂହ, ଯେଉଁଗୁଡିକ କି ମହିଳା ସାକ୍ଷରତା, ମହିଳା ମୃତ୍ୟୁ ଏବଂ ଆର୍ଥିକ ଉନ୍ନୟନ ଦୃଷ୍ଟିରୁ ଅନଗ୍ରସର, ସେଗୁଡିକ ଉପରେ ସବିଶେଷ ଗୁରୁତ୍ୱ ପ୍ରଦାନ କରିବା ସହିତ ସମଗ୍ର ରାଜ୍ୟରେ ମହିଳାଙ୍କର ଆର୍ଥିକ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟଗତ ସ୍ଥିତିକୁ ସମୀକ୍ଷା କରିବା;

- କାରଖାନା, ଶିଳ୍ପସଂସ୍ଥା, ନିର୍ମାଣସ୍ଥଳୀ ଏବଂ ଏତାଦୃଶ ସ୍ଥିତିରେ ମହିଳାମାନେ କେଉଁ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି , ଏବଂ ଉପରୋକ୍ତ କ୍ଷେତ୍ରଗୁଡିକରେ ମହିଳାମାନଙ୍କର ସ୍ଥିତିର ଉନ୍ନତି କଳ୍ପେ ନିର୍ଦ୍ଦିଷ୍ଟ ବିବରଣୀଗୁଡିକ ଭିତ୍ତିରେ ରାଜ୍ୟ ସରକାରଙ୍କୁ ସୁପାରିଶ୍ କରିବା ;

- ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ସମସ୍ତ ପ୍ରକାର ଅପରାଧର ଦୃଷ୍ଟାନ୍ତକୁ ଭିତ୍ତି କରି ସମୟାନ୍ତରରେ, ବିଶେଷ କରି କେତେକ ବଛାବଛା କ୍ଷେତ୍ରରେ ସୂଚନା ସଂକଳନ କରିବା. ଯେଉଁଗୁଡିକ ଭିତରେ ଅନ୍ତର୍ଭୁକ୍ତ ରହିବ ଏହିସବୁ ବିଷୟ, ଯଥା, ବିବାହ ଏବଂ ଯୌତୁକ, ବଳାତ୍କାର, ଅପହରଣ, ଅପରାଧିକ ଉଦ୍ଦେଶ୍ୟରେ ବଳାପହରଣ, ମହିଳାମାନଙ୍କୁ ହରକତ୍, ମହିଳାଙ୍କୁ ନେଇ ଅନୈତିକ କାରବାର, ପ୍ରସୂତୀ କିମ୍ବା ବନ୍ଧ୍ୟାକରଣ କ୍ଷେତ୍ରରେ ଡାକ୍ତରୀ ଅବହେଳା ବା ଗର୍ଭଧାରଣ କିମ୍ବା ଶିଶୁପ୍ରସବ କ୍ଷେତ୍ରରେ ଚିକିତ୍ସାକେନ୍ଦ୍ରର କୌଣସି ଅପକାର୍ଯ୍ୟ ;

- ମହିଳା ନିର୍ଯ୍ୟାତନାର ଘଟଣା ଦୃଷ୍ଟିଗୋଚର ହେବା ମାତ୍ରେ, ସମଗ୍ର ରାଜ୍ୟରେ ବା ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡିକରେ ଏହା ବିରୁଦ୍ଧରେ ଜନମତ ସୃଷ୍ଟି କରିବା ପାଇଁ ରାଜ୍ୟ ଏବଂ ଜିଲ୍ଲା ସେଲ୍‌ଗୁଡିକ ସହ ସମନ୍ୱୟ ବଜାୟ ରଖିବା, ଯଦ୍ୱାରା ଏତାଦୃଶ ନିର୍ଯ୍ୟାତନା ଜନିତ ଅପରାଧର ଘଟଣାକୁ ତୁରନ୍ତ ଲୋକଲୋଚନକୁ ଆଣିହେବ ଏବଂ ଠାବ କରିହେବ ତଥା ଅପରାଧୀଙ୍କ ବିରୁଦ୍ଧରେ ଜନମତ ସଂଗଠିତ କରିହେବ;

- ମହିଳା ସଂପର୍କୀତ ବିଭିନ୍ନ ବିଷୟରେ ଅଭିଯୋଗଗୁଡିକୁ ଗ୍ରହଣ କରିବା, ଯଥା ମହିଳାମାନଙ୍କ ଉପରେ ନିର୍ଯ୍ୟାତନା ଓ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ; ସର୍ବନିମ୍ନ ମଜୁରି, ମୌଳିକ ସ୍ୱାସ୍ଥ୍ୟସେବା ଏବଂ ମାତୃତ୍ୱର ଅଧିକାର ସଂପର୍କୀତ ଅଧିକାରରୁ ମହିଳାମାନଙ୍କୁ ବଞ୍ଚିତ କରିବା ; ମହିଳାମାନଙ୍କ ସଂପର୍କରେ ସରକାରଙ୍କ ନୀତିଗତ ନିଷ୍ପତ୍ତିର ଅବଜ୍ଞା ; ପରିତ୍ୟକ୍ତା ଏବଂ ନିଃସହାୟା ମହିଳା ତଥା ବାଧ୍ୟକରି ଯୌନକର୍ମରେ ଲିପ୍ତ କରାଯାଇଥିବା ମହିଳାଙ୍କର ଥଇଥାନ; ହାଜତ୍ ଭିତରେ ମହିଳାମାନଙ୍କ ପ୍ରତି ନିର୍ଯ୍ୟାତନା; ଏବଂ ଏବଂ ସଂପୃକ୍ତ କର୍ତ୍ତୃପକ୍ଷଗଣ ଯଥୋଚିତ ପ୍ରତିକାରାତ୍ମକ ପଦକ୍ଷେପ ନେବା ସକାଶେ ସେମାନଙ୍କୁ ପ୍ରବର୍ତ୍ତାଇବା;

- ରାଜ୍ୟର ଗରୀବ ମହିଳାମାନଙ୍କୁ ଆଇନ୍‌ଗତ ପରାମର୍ଶ ପ୍ରଦାନ କରବା ତଥା ଆଇନ୍‌ଗତ ସହାୟତା ପାଇବା ପାଇଁ ସେମାନଙ୍କୁ ସକ୍ଷମ କରାଇବା ଉଦ୍ଦେଶ୍ୟରେ ବେସରକାରୀ ସଂଗଠନଗୁଡିକୁ ସାହାଯ୍ୟ ଓ ତାଲିମ୍ ପ୍ରଦାନ କରିବା ତଥା ସେମାନଙ୍କର ମନୋଭାବକୁ ତଦନୁଯାୟୀ ପ୍ରସ୍ତୁତ କରିବା; ଏବଂ

- ଗୋଟିଏ ଜେଲ୍, ପ୍ରତିପ୍ରେରଣ ଗୃହ, ମହିଳା ଅନୁଷ୍ଠାନ ବା ଅନ୍ୟ କୌଣସି ଅଭିରକ୍ଷା ସ୍ଥଳ, ଯେଉଁଠି ମହିଳାମାନଙ୍କୁ କଏଦୀ ବା ଅନ୍ୟ ରୂପରେ ରଖାଯାଇଥାଏ, ସେସବୁ ସ୍ଥାନକୁ ନିଜେ ନିରୀକ୍ଷଣ କରିବା ବା ଅନ୍ୟ କାହାଦ୍ୱାରା ନିରୀକ୍ଷଣ କରାଇବା ଏବଂ ଯଦି କୌଣସି ପ୍ରତିକାରମୂଳକ ପଦକ୍ଷେପ ଆବଶ୍ୟକ ପଡୁଥାଏ, ସେଥିପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରିବା।

**ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ-** ରାଜ୍ୟ ମହିଳା କମିଶନ୍ ରାଜ୍ୟ ସରକାରଙ୍କୁ ଦେଇଥିବା ବିବରଣୀ ଓ ସୁପାରିଶ୍‌ସମୂହ ମଧ୍ୟରୁ ଯେଉଁଗୁଡିକ ରାଜ୍ୟ ସରକାରଙ୍କ ସହ ସଂବନ୍ଧୀତ, ସେଗୁଡିକ ଉପରେ ସରକାର ନେଇଥିବା କାର୍ଯ୍ୟାନୁଷ୍ଠାନ ଏବଂ ଯଦି କୌଣସି ସୁପାରିଶ୍‌କୁ ଅଗ୍ରାହ୍ୟ କରାଯାଇଥାଏ, ତେବେ ତହିଁର କାରଣମାନ ଉଲ୍ଲେଖ କରି ରାଜ୍ୟ ସରକାର ଏକ ବିବରଣୀ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରିବେ।

**ରାଜ୍ୟ ମହିଳା କମିଶନ୍‌ଙ୍କ କ୍ଷମତା-** କୌଣସି ଅଭିଯୋଗ ବା ବିଷୟକୁ ଅନୁସନ୍ଧାନ କଲାବେଳେ କମିଶନ୍‌ଙ୍କର ସେହିସବୁ କ୍ଷମତା ରହିବ, ଯାହାକି ମୋକଦ୍ଦମା ବିଚାର କରୁଥିବା ଗୋଟିଏ ଦେଓ୍ୱାନି ଅଦାଲତର ଥାଏ। ବିଶେଷକରି ନିମ୍ନୋକ୍ତ ବ୍ୟାପାରରେ କମିଶନ୍‌ଙ୍କର କ୍ଷମତା ରହିଛି -

- ଭାରତର ଯେ କୌଣସି ଅଞ୍ଚଳରୁ ଯେ କୌଣସି ବ୍ୟକ୍ତିଙ୍କୁ ସମନ୍ କରିବା ଏବଂ ତାଙ୍କର ହାଜିରାକୁ ସୁନିଶ୍ଚିତ କରାଇବା ତଥା ଶପଥ ଭିତ୍ତିରେ ତାଙ୍କୁ ଜେରା କରିବା;
- କୌଣସି ଦଲିଲ୍‌ର ଆବିଷ୍କାର ଓ ଦାଖଲ ପାଇଁ ବରାଦ୍ କରିପାରିବା ;
- ଶପଥ-ପାଠ ଭିତ୍ତିରେ ସାକ୍ଷ୍ୟ-ପ୍ରମାଣ ଗ୍ରହଣ କରିପାରିବା ;
- କୌଣସି ଅଦାଲତ ବା କାର୍ଯ୍ୟାଳୟରୁ କୌଣସି ସର୍ବସାଧାରଣ ଦଲିଲ୍ ବା ଏହାର ନକଲକୁ ମଗାଇପାରିବା ; ଏବଂ କୌଣସି ସାକ୍ଷୀ ବା ଦଲିଲ୍‌କୁ ଯାଞ୍ଚ କରିବା ପାଇଁ ନୋଟିସ୍ କରିପାରିବା।
- ସର୍ବୋପରି ମହିଳା ସଂପର୍କୀତ କୌଣସି ବ୍ୟାପାରରେ ନୀତିଗତ ନିଷ୍ପତ୍ତି ନେବା ପୂର୍ବରୁ ରାଜ୍ୟ ସରକାର ରାଜ୍ୟ ମହିଳା କମିଶନ୍‌ଙ୍କ ସହ ପରାମର୍ଶ କରିବେ।

## ୮ : ବାଳୁତ ଶ୍ରମ ନିବାରଣ ସଂପର୍କୀତ ବିଧିବିଧାନ

**ସମ୍ବିଧାନର ବ୍ୟବସ୍ଥା** ଭାରତୀୟ ସମ୍ବିଧାନର ଧାରା ୨୪ରେ କୁହାଯାଇଛି ଯେ, "ଚଉଦ ବର୍ଷରୁ କମ୍ ବୟସର କୌଣସି ବାଳୁତକୁ କାରଖାନା ବା ଖଣିରେ ନିଯୁକ୍ତ କରାଯିବ ନାହିଁ ବା ଅନ୍ୟ କୌଣସି ବିପଦଶଙ୍କୁଳ ନିଯୁକ୍ତିରେ ନିୟୋଜିତ କରାଯିବ ନାହିଁ।"

ଭାରତୀୟ ସମ୍ବିଧାନର ଭାଗ-୪ (ରାଷ୍ଟ୍ରନୀତି ପ୍ରଣୟନ ପାଇଁ ନିର୍ଦ୍ଦେଶାତ୍ମକ ନିୟମାବଳୀ) ଅଧୀନରେ ସ୍ଥାନିତ ହୋଇଥିବା 'ଧାରା ୩୯(ଇ)' ରେ କୁହାଯାଇଛି ଯେ, "ବିଶେଷ ଭାବେ ରାଷ୍ଟ୍ର ନିଜର ନିୟମକୁ ଏଭଳି ଢଙ୍ଗରେ ପ୍ରଣୟନ କରିବ, ଯାହା ଫଳରେ ଏକଥା ସୁନିଶ୍ଚିତ ହୋଇପାରିବ ଯେ, (ଇ) ଶ୍ରମିକଗଣ, ପୁରୁଷ ଓ ମହିଳାମାନଙ୍କର ସ୍ୱାସ୍ଥ୍ୟ ଓ ଶକ୍ତି ତଥା ବାଳୁତମାନଙ୍କର କୋମଳ ବୟସର ଦୁରୁପଯୋଗ ଘଟିବ ନାହିଁ ତଥା ନାଗରିକମାନେ ଆର୍ଥିକ ତାଡନାରୁ ଏଭଳି କୌଣସି ବୃତ୍ତି ଅବଲମ୍ବନ କରିବାକୁ ବାଧ୍ୟ ହେବେ ନାହିଁ, ଯାହାକି ତାଙ୍କର ବୟସ ବା ଶକ୍ତି ଦୃଷ୍ଟିରୁ ଅବାଂଛନୀୟ"।

**ଆଇନ୍‌ଗତ ଓ ଅନ୍ୟାନ୍ୟ ପଦକ୍ଷେପ -** ୧୯୭୯ ମସିହାରେ ବାଳୁତ ଶ୍ରମ ସମସ୍ୟା ଅନୁଧ୍ୟାନ କରିବା ପାଇଁ ପ୍ରଥମେ କେନ୍ଦ୍ର ସରକାର ଗୁରୁପଦସ୍ୱାମୀ କମିଟି ଗଠନ କରିଥିଲେ। ଏହି କମିଟି କହିଥିଲେ ଯେ, ବାଳୁତ ଶ୍ରମ ଲୋକମାନଙ୍କର ଦାରିଦ୍ର୍ୟ ଓ ନିରକ୍ଷରତା ସହିତ ଜଡିତ ଥିବା ଏକ ସାମାଜିକ-ଆର୍ଥିକ ସମସ୍ୟା ହୋଇଥିବାରୁ ଆଇନ୍ ପ୍ରଣୟନ କରି ଏହାର ସଂପୂର୍ଣ୍ଣ ନିରାକରଣ ସମ୍ଭବ ନୁହେଁ। ସୁତରାଂ ବର୍ତ୍ତମାନ ସ୍ଥିତିରେ ଏକମାତ୍ର ବାସ୍ତବ ଉପାୟ ହେଉଛି, କେବଳ ବିପଦଶଙ୍କୁଳ ଶ୍ରମରେ ବାଳୁତ ନିଯୁକ୍ତିକୁ ନିଷିଦ୍ଧ କରି ଅନ୍ୟାନ୍ୟ କ୍ଷେତ୍ରରେ ଏହାକୁ ନିୟନ୍ତ୍ରଣ କରିବା। ଏହି କମିଟିର ସୁପାରିଶ୍ କ୍ରମେ ବାଳୁତ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୮୬ ପ୍ରଣୀତ ହୋଇଥିଲା।

ଉକ୍ତ ଆଇନ୍‌ରେ ବିପଦଶଙ୍କୁଳ ଶ୍ରମ ଓ ପ୍ରକ୍ରିୟାଗୁଡିକର ଏକ ତାଲିକା ସ୍ଥାନିତ ହୋଇଛି, ଯାହାକି ଆଇନ୍ ଅଧୀନରେ ଗଠିତ ବାଳୁତ ଶ୍ରମ ବୈଷୟିକ ଉପଦେଷ୍ଟା କମିଟିର ପରାମର୍ଶ କ୍ରମେ ସେବେଠାରୁ ସଂପ୍ରସାରିତ ହୋଇଚାଲିଛି। ୧୯୮୭ରେ ବାଳୁତ ଶ୍ରମ ଉପରେ ଏକ ଜାତୀୟ ନୀତି ଘୋଷିତ ହେଲା, ଯାହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବିପଦଶଙ୍କୁଳ ଶ୍ରମ ଓ ପ୍ରକ୍ରିୟାରେ ନିୟୋଜିତ ଥିବା ବାଳୁତ ଶ୍ରମିକମାନଙ୍କୁ ଥଇଥାନ କରିବା।

### ବାଳୁତ ଶ୍ରମ ଜାତୀୟ ନୀତିର ଉପାଦାନସମୂହ

**ଆଇନ୍‌ଗତ ପଦକ୍ଷେପ-** ବାଳୁତ ଶ୍ରମ ଆଇନ୍ ଓ ଅନ୍ୟାନ୍ୟ ସଂପୃକ୍ତ ଆଇନ୍‌ଗୁଡିକୁ ଏଭଳି କଡାକଡି କାର୍ଯ୍ୟକାରୀ କରିବା, ଯାହା ଫଳରେ ବିପଦଶଙ୍କୁଳ କ୍ଷେତ୍ରରେ ବାଳୁତମାନେ ନିଯୁକ୍ତ ହେବେନାହିଁ ଏବଂ ଅଣ-ବିପଦଶଙ୍କୁଳ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟକ୍ଷେତ୍ରର ବାତାବରଣକୁ ଆଇନ୍‌ର ବ୍ୟବସ୍ଥାଗୁଡିକ ଅନୁଯାୟୀ ଉନ୍ନତ କରାଯିବ। ଏହାଛଡା ଆଉ କେଉଁସବୁ ନିଯୁକ୍ତିକ୍ଷେତ୍ର ବାଳୁତର ସ୍ୱାସ୍ଥ୍ୟ ଓ ନିରାପତ୍ତାପାଇଁ କ୍ଷତିକାରକ, ସେଗୁଡିକୁ ଚିହ୍ନଟ କରିବା ପାଇଁ ଉଦ୍ୟମ ଜାରି ରହିବ।

**ଉନ୍ନୟନ କାର୍ଯ୍ୟକ୍ରମ-**ବାଳୁତ ଶ୍ରମିକ ଓ ତାର ପରିବାରକୁ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଭିତରେ ସାମିଲ୍ କରାଯିବ।

**ପ୍ରକଳ୍ପ ଭିତ୍ତିକ କର୍ମଯୋଜନା-** ବାଳୁତ ଶ୍ରମର ବହୁଳତା ଥିବା ଅଞ୍ଚଳମାନଙ୍କରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଯିବ । ତଦନୁଯାୟୀ ୧୯୮୮ରେ ଜାତୀୟ ବାଳୁତ ଶ୍ରମିକ ପ୍ରକଳ୍ପ (ଏନ୍.ସି.ଏଲ୍.ପି.)ର ଅୟମାରମ୍ଭ ହୋଇଥିଲା । ଏହି ପ୍ରକଳ୍ପ ଅନୁଯାୟୀ କାର୍ଯ୍ୟକ୍ଷେତ୍ରରୁ ମୁକ୍ତ କରାଯାଇଥିବା ବାଳୁତ ଶ୍ରମିକ ମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟମାନ ପରିଚାଳିତ ହେବ । ଏ ପ୍ରକାର ବିଦ୍ୟାଳୟରେ ଭର୍ତ୍ତି ହେଉଥିବା ଜଣେ ବାଳୁତକୁ ଆନୁଷ୍ଠାନିକ/ ଅଣ-ଆନୁଷ୍ଠାନିକ ଶିକ୍ଷା ସହ ବୈଷୟିକ ତାଲିମ୍, ମାସକୁ ୧୦୦ଟଙ୍କାର ଷ୍ଟାଇପେଣ୍ଡ, ଅନୁପୂରକ ପୁଷ୍ଟିକାରକ ଖାଦ୍ୟ ତଥା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ସୁଯୋଗ ପ୍ରଦାନ କରାଯିବ, ଯାହା ଫଳରେ ନିୟମିତ ଶିକ୍ଷାସ୍ରୋତରେ ସେମାନଙ୍କୁ ସାମିଲ୍ କରିବା ସହଜ ହେବ । ଜିଲ୍ଲାପାଳମାନଙ୍କୁ ଏହି ସ୍କୁଲ୍‌ଗୁଡ଼ିକର ପରଚାଳନା ପାଇଁ ସରକାର ଅନୁଦାନ ରାଶି ଯୋଗାଇ ଦେଇଆସୁଛନ୍ତି ଏବଂ ଜିଲ୍ଲାପାଳ ଏନ୍.ଜି.ଓ.ମାନଙ୍କ ଜରିଆରେ ଏହି ସ୍କୁଲ୍‌ଗୁଡ଼ିକର ପରିଚାଳନା କରୁଛନ୍ତି । ୧୯୮୮ରେ ଦେଶର ମାତ୍ର ୧୨ଟି ଜିଲ୍ଲାରେ ଏପ୍ରକାର ସ୍କୁଲ୍ ଚାଲୁଥିବା ବେଳେ ୧୦ମ ପଞ୍ଚବାର୍ଷିକ ଯୋଜନାରେ ୨୫୦ଟି ଜିଲ୍ଲାକୁ ଏହା ବ୍ୟାପ୍ତ ହୋଇଛି ।

ରାଜ୍ୟ ସରକାରଙ୍କ ଭୂମିକା- ବାଳୁତ ଶ୍ରମ ମୂଳତଃ ରାଜ୍ୟ ସରକାରଙ୍କ ବିଷୟ ହୋଇଥିବାରୁ ବାଳୁତ ଶ୍ରମ ନିଯୁକ୍ତ କରୁଥିବା ସଂସ୍ଥାଗୁଡ଼ିକୁ ପରିଦର୍ଶନ ଓ ଚଢ଼ାଉ କରି ଆଇନ୍‌ର ଉଲ୍ଲଂଘନକାରୀଙ୍କୁ ଧରିବା ଓ ଦଣ୍ଡିତ କରିବା ସେମାନଙ୍କର କର୍ତ୍ତବ୍ୟ ।

## ଦଶମ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକୌଶଳ

୨୦୦୧ରେ ଭି.ଭି.ଗିରି ଜାତୀୟ ଶ୍ରମ ପ୍ରତିଷ୍ଠାନର ସହଯୋଗିତାରେ କେତେକ ନିରପେକ୍ଷ ସଂସ୍ଥା ଦ୍ୱାରା ବାଳୁତ ଶ୍ରମ ସଂପର୍କୀତ ସ୍କିମ୍‌ଗୁଡ଼ିକର କାର୍ଯ୍ୟକାରିତା ଉପରେ ଏକ ମୂଲ୍ୟାୟନ ହୋଇଥିଲା । ତହିଁର ସୁପାରିଶ୍ ତଥା ୧୯୮୮ ଠାରୁ ଅତୀତର ଅଭିଜ୍ଞତା ଭିତ୍ତିରେ ଦଶମ ପଞ୍ଚବାର୍ଷିକ ଯୋଜନା ପାଇଁ ଏକ ସଂଶୋଧିତ ବାଳୁତ ଶ୍ରମ ନିରାକରଣ ସ୍କିମ୍ ପ୍ରସ୍ତୁତ ହୋଇଥିଲା, ଯାହାର ମୁଖ୍ୟାଂଶ ହେଉଛି-

- ଯୋଜନାର ସମାପ୍ତି ସୁଦ୍ଧା ବିପଦଶଙ୍କୁଳ କ୍ଷେତ୍ରରେ ବାଳୁତ ଶ୍ରମର ନିରାକରଣ ।
- ଏନ୍.ସି.ଏଲ୍.ପି.କୁ ଅତିରିକ୍ତ ୧୫୦ଟି ଜିଲ୍ଲାକୁ ସଂପ୍ରସାରିତ କରିବା ।
- ବାଳୁତ ଶ୍ରମ ନିରାକରଣ କାର୍ଯ୍ୟକ୍ରମକୁ ସର୍ବଶିକ୍ଷା ଅଭିଯାନ ସହ ସଂଯୁକ୍ତ କରିବା, ଯାହା ଫଳରେ ୫-୮ ବର୍ଷର ପିଲାମାନଙ୍କୁ ସିଧାସଳଖ ଆନୁଷ୍ଠାନିକ ବିଦ୍ୟାଳୟରେ ଭର୍ତ୍ତି କରାଇ ହେବ, ତଥା ଅଧିକ ବୟସର ପିଲାଙ୍କୁ ଏନ୍.ସି.ଏଲ୍.ପି. ବିଦ୍ୟାଳୟ ମାଧ୍ୟମରେ ଶିକ୍ଷାଦାନ କଲାପରେ ଆନୁଷ୍ଠାନିକ ବିଦ୍ୟାଳୟରେ ଭର୍ତ୍ତି କରାଯିବ ।
- ଶିକ୍ଷା, ଗ୍ରାମ ଉନ୍ନୟନ, ସ୍ୱାସ୍ଥ୍ୟ, ମହିଳା ଓ ବାଳୁତ ବିକାଶ ଇତ୍ୟାଦି ବିଭାଗଗୁଡ଼ିକ ଦ୍ୱାରା ପରିଚାଳିତ ବିଭିନ୍ନ ସ୍କିମ୍ ସହିତ ବାଳୁତ ଶ୍ରମ ନିରାକରଣ କାର୍ଯ୍ୟକ୍ରମର ସମନ୍ୱୟ ସ୍ଥାପନା କରିବା ।

ଏହାଛଡ଼ା ଯୁକ୍ତରାଷ୍ଟ୍ର ଆମେରିକାର ଶ୍ରମ ବିଭାଗର ସହାୟତାରେ ଇଣ୍ଡସ୍ ବୋଲି ଏକ ସ୍କିମ୍ କାର୍ଯକାରୀ ହେଉଛି, ଯାହା ଅଧୀନରେ ଅତିରିକ୍ତ ୨୧ଟି ଜିଲ୍ଲାରେ ଉପରୋକ୍ତ ସରକାରୀ ସ୍କିମ୍ ଭଳି କାର୍ଯ୍ୟକ୍ରମ ଚାଲୁରହିଛି ।

ପୁଣି ଯେଉଁସବୁ ଜିଲ୍ଲାରେ ଉପରୋକ୍ତ ସ୍କିମ୍‌ଗୁଡ଼ିକ ଚାଲୁ ହୋଇନାହିଁ, ସେସବୁ ଜିଲ୍ଲାରେ ବାଳୁତ ଶ୍ରମ ନିରାକରଣ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟମାନ ପରିଚାଳନା କରିବା ସକାଶେ ଶ୍ରମ ମନ୍ତ୍ରଣାଳୟର ଗ୍ରାଣ୍ଟ-ଇନ୍.ଏଡ୍. ସ୍କିମ୍ ମାଧ୍ୟମରେ ଏନ୍.ଜି.ଓ. ମାନଙ୍କୁ ଅନୁଦାନ ପ୍ରଦାନ କରାଯାଉଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାଳୁତ ଶ୍ରମ ନିରାକରଣ ହେଉଛି ଶ୍ରମ ମନ୍ତ୍ରଣାଳୟର ସର୍ବବୃହତ୍ କାର୍ଯ୍ୟକ୍ରମ । ନବମ ପଞ୍ଚବାର୍ଷିକ ଯୋଜନାରେ ଏହି ମନ୍ତ୍ରଣାଳୟ ଏଥିପାଇଁ ମାତ୍ର ୧୭୮ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ହେଁ, ଦଶମ ଯୋଜନାରେ ଏହା ୬୦୨ କୋଟିରେ ପହଞ୍ଚିଛି, ଯାହାକି ମନ୍ତ୍ରଣାଳୟର ସମୁଦାୟ ବଜେଟ୍‌ର ପ୍ରାୟ ଶତକଡ଼ା ୫୦ ।

## ବାଳୁତ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୮୬

- ମୋଟ୍ ୨୬ଟି ଧାରା ବିଶିଷ୍ଟ ଏହି ଆଇନ୍ ୪ ଭାଗରେ ବିଭକ୍ତ, ଯଥା ଭାଗ-୧, ଧାରା-୧ ଓ ୨(ପ୍ରାରମ୍ଭିକ); ଭାଗ-୨, ଧାରା ୩,୪ ଓ ୫ (ନିର୍ଦ୍ଦିଷ୍ଟ ଶ୍ରମକ୍ଷେତ୍ର ଓ ପ୍ରକ୍ରିୟାସମୂହରେ ବାଳୁତ ନିଯୁକ୍ତି ଉପରେ ନିଷେଧାଜ୍ଞା ; ଭାଗ-୩, ଧାରା-୬ରୁ ୧୩ (ଯେଉଁ ପରିସ୍ଥିତିରେ ବାଳୁତମାନେ ଶ୍ରମ କରନ୍ତି, ତହିଁର ନିୟନ୍ତ୍ରଣ ) ; ଓ ଭାଗ-୪, ଧାରା ୧୪ରୁ ୨୬ (ବିବିଧ) ।

- ଏହି ଆଇନ୍ ଅନୁଯାୟୀ ୧୪ବର୍ଷ ପର୍ଯ୍ୟନ୍ତ କୌଣସି ବାଳୁତକୁ କାରଖାନା, ଖଣି ବା ଅନ୍ୟ କୌଣସି ବିପଦଶଙ୍କୁଳ ଶ୍ରମରେ ନିୟୋଜନ ନିଷିଦ୍ଧ ଅଟେ ***(ଧାରା-୩)*** । ଅନ୍ୟାନ୍ୟ ଶ୍ରମ କ୍ଷେତ୍ରରେ ବାଳୁତ ଶ୍ରମିକର କାର୍ଯ୍ୟର ପରିବେଶକୁ ନିୟନ୍ତ୍ରଣ କରାଯିବ । କିନ୍ତୁ ଯେଉଁସ୍ଥଳେ ଗୋଟିଏ ଶ୍ରମ-ଭିତ୍ତିକ କାର୍ଯ୍ୟ ପରିବାରର ଲୋକଙ୍କ ଦ୍ୱାରା ପରିଚାଳିତ ହେଉଥାଏ ବା ସରକାରଙ୍କ ଦ୍ୱାରା ପରିଚାଳିତ, ସ୍ୱୀକୃତି ପ୍ରାପ୍ତ ବା ସହାୟତା ପ୍ରାପ୍ତ ସ୍କୁଲ୍‌ରେ

କୌଣସି ଶ୍ରମ-ଭିତିକ କାର୍ଯ୍ୟ ଚାଲୁଥାଏ, ସେପରି ସ୍ଥଳେ ନିଯୁକ୍ତ ହେଉଥିବା ବାଳୁତମାନଙ୍କ ପ୍ରତି ଏହି ଆଇନ୍ ପ୍ରଯୁଜ୍ୟ ହେବନାହିଁ *(ଧାରା-୩ର ପରନ୍ତୁକ)*।

- ମୂଳ ଆଇନ୍‌ର ଧାରା-୩ ଅନୁଯାୟୀ ଅନୁସୂଚୀରେ ସ୍ଥାନିତ ହୋଇଥିବା ଭାଗ-ଏ ଓ ଭାଗ-ବି ରେ ଯଥାକ୍ରମେ ସୂଚୀତ ହୋଇଥିବା ୭ଟି ଶ୍ରମକ୍ଷେତ୍ର ଓ ୧୮ଟି ଶ୍ରମପ୍ରକ୍ରିୟାରେ ବାଳୁତ ଶ୍ରମକୁ ନିଷିଦ୍ଧ କରାଯାଇଥିଲା । କେଉଁ କେଉଁ ନୂତନ କ୍ଷେତ୍ର ବା ପ୍ରକ୍ରିୟା ଗୁଡ଼ିକରେ ବାଳୁତ ଶ୍ରମ ନିଷିଦ୍ଧ କରାଯାଇ ପାରେ, ସେଥିପାଇଁ ପରାମର୍ଶ ଦେବାପାଇଁ କେନ୍ଦ୍ର ସରକାର ଗୋଟିଏ ବାଳୁତ ଶ୍ରମ ବୈଷୟିକ ଉପଦେଷ୍ଟା କମିଟି ଗଠନ କରିବେ *(ଧାରା-୫)* । କାଳକ୍ରମେ ନିଷିଦ୍ଧ କ୍ଷେତ୍ର ଓ ପ୍ରକ୍ରିୟାର ସଂଖ୍ୟା ଯଥାକ୍ରମେ ୧୫ (ଭାଗ-ଏ) ଓ ୫୭(ଭାଗ-ବି) ରେ ପହଞ୍ଚିଛି । ୨୦୦୬ରେ ଏହି ଆଇନ୍‌ର ଏକ ସଂଶୋଧନ ଅନୁଯାୟୀ ଘରୋଇ କାର୍ଯ୍ୟ ତଥା ହୋଟେଲ୍ ଓ ଢାବା ଇତ୍ୟାଦି ଭୋଜନାଳୟରେ ବାଳୁତ ଶ୍ରମକୁ ନିଷିଦ୍ଧ କରାଯାଇଛି ।

- ଯେଉଁସବୁ ଶ୍ରମକ୍ଷେତ୍ରରେ ବାଳୁତ ଶ୍ରମିକକୁ ଆଇନ୍‌ତଃ ନିୟୋଜନ କରିହେବ, କୌଣସି ଠାରେ ଏକାଦିକ୍ରମେ ତିନି ଘଣ୍ଟାରୁ ଅଧିକ ସମୟ ତାକୁ ଖଟାଇ ହେବନି ଏବଂ ତିନିଘଣ୍ଟାରୁ ଅଧିକ ଖଟାଇବା ପୂର୍ବରୁ ତାକୁ ଗୋଟିଏ ଘଣ୍ଟାର ବିଶ୍ରାମ ଦେବାକୁ ପଡିବ । ବିଶ୍ରାମ ସମୟ ଓ କାର୍ଯ୍ୟରେ ଯୋଗଦାନ ପୂର୍ବରୁ ପ୍ରତୀକ୍ଷା ସମୟ ସମେତ ମୋଟ୍ ୬ଘଣ୍ଟାରୁ ଅଧିକ ସମୟ ଗୋଟିଏ ଦିନରେ ଜଣେ ବାଳୁତ ଖଟିବ ନାହିଁ । ସଂଧ୍ୟା ୭ଟାରୁ ସକାଳ ୮ଟା ଭିତରେ କୌଣସି ବାଳୁତକୁ ଶ୍ରମରେ ନିୟୋଜନ କରାଯିବ ନାହିଁ । କୌଣସି ବାଳୁତକୁ ନିର୍ଦ୍ଧାରିତ ସମୟ ସୀମା ବାହାରେ ଶ୍ରମ କରିବାକୁ ଅନୁମତି ଦିଆଯିବ ନାହିଁ । ଗୋଟିଏ ଦିନ ଭିତରେ ଜଣେ ବାଳୁତକୁ ଏକାଧିକ ସଂସ୍ଥାରେ ଶ୍ରମ କରିବାକୁ ଅନୁମତି ଦିଆଯିବ ନାହିଁ । *(ଧାରା-୭)*।

- ସପ୍ତାହରେ ଗୋଟିଏ ପୁରା ଦିନ ଛୁଟି ଦେବାକୁ ପଡିବ ଏବଂ ଏହି ନିର୍ଦ୍ଦିଷ୍ଟ ଦିନ ସଂସ୍ଥାର ଏକ ସୁଦୃଶ୍ୟ ସ୍ଥାନରେ ବିଜ୍ଞାପିତ ହୋଇଥିବ ତଥା ତିନିମାସରୁ କମ୍ ସମୟ ଅବଧି ଭିତରେ ଏହି ଧାର୍ଯ୍ୟ ଦିନକୁ ବଦଳା ଯାଇପାରିବ ନାହିଁ । *(ଧାରା-୮)*।

- ସଂପୃକ୍ତ ସରକାର ଏହି ଆଇନ୍‌ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଯଥାସଂଖ୍ୟକ ଇନ୍‌ସ୍ପେକ୍ଟର୍ ନିଯୁକ୍ତ କରିପାରନ୍ତି । (ଧାରା-୧୭) । ପ୍ରତି ସଂସ୍ଥା ସଂପୃକ୍ତ ଇନସ୍ପେକ୍ଟରଙ୍କୁ ଏକ ଲିଖିତ ଅବଗତି ଦାଖଲ କରିବେ, ଯେଉଁଥିରେ ସଂସ୍ଥାର ନାମ ଓ ଅବସ୍ଥିତି, ସଂସ୍ଥାର ପରିଚାଳନା ଭାର ପ୍ରକୃତ ପକ୍ଷେ ଯାହାଙ୍କ ଉପରେ ନ୍ୟସ୍ତ ଥିବ, କେଉଁ ଠିକଣାରେ ସଂସ୍ଥାଙ୍କ ସହ ଯୋଗାଯୋଗ କରାଯିବ ତଥା ସଂସ୍ଥାରେ ଯେଉଁପ୍ରକାର କାର୍ଯ୍ୟ ବା ଶ୍ରମ ପ୍ରକ୍ରିୟା ଚାଲୁଥିବ, ସେସବୁ ବିଷୟରେ ସୂଚନା ସ୍ଥାନିତ ହୋଇଥିବ । *(ଧାରା-୯)*।

- ବାଳୁତ ଶ୍ରମିକଙ୍କୁ ନିୟୋଜିତ କରୁଥିବା ପ୍ରତି ସଂସ୍ଥା ଏକ ରେଜିଷ୍ଟର୍ ରଖିବେ, ଯେଉଁଥିରେ ପ୍ରତି ବାଳୁତ ଶ୍ରମିକଙ୍କ ନାମ ଓ ଜନ୍ମତାରିଖ, ସେ ଯେତିକି ଘଣ୍ଟା ପାଇଁ ଶ୍ରମ କରିବ ଏବଂ ଶ୍ରମ ଭିତରେ ଯେଉଁ ସମୟ ଅବଧି ପାଇଁ ବିଶ୍ରାମ ନେବ, ଏବଂ କେଉଁ ଧରଣର ଶ୍ରମରେ ସେ ନିଯୁକ୍ତ ସେ ସଂବନ୍ଧରେ ସୂଚନା ତଥା ବିହିତ ହେବା ମତେ ଅନ୍ୟ ଯେ କୌଣସି ସବିଶେଷ ସୂଚନା ଲିପିବଦ୍ଧ ହୋଇ ରହିବ । ଏହି ରେଜିଷ୍ଟର୍ ସଂସ୍ଥାରେ କାର୍ଯ୍ୟ ଚାଲୁଥିବା ବେଳେ ଇନ୍‌ସ୍ପେକ୍ଟରଙ୍କ ଦ୍ୱାରା ନିରୀକ୍ଷଣ ପାଇଁ ମୁକ୍ତ ରହିବ । *(ଧାରା-୧୧)*।

- ରେଳବାଇ, ବନ୍ଦର ବା ଅନ୍ୟ ସଂସ୍ଥାମାନେ ଧାରା-୩ (ବାଳୁତ ଶ୍ରମକୁ ନିଷେଧ) ଏବଂ ଧାରା-୧୪ (ଦଣ୍ଡବିଧାନ)ର ସାରାଂଶକୁ ଉଭୟ ସ୍ଥାନୀୟ ଓ ଇଂରାଜୀ ଭାଷାରେ ଲିପିବଦ୍ଧ କରି ଏକ ସୁଦୃଶ୍ୟ ସ୍ଥାନରେ ପ୍ରଦର୍ଶନ କରିବେ । *(ଧାରା-୧୨)*।

- ଏହି ଆଇନ୍‌ର ଧାରା-୩କୁ ଉଲ୍ଲଂଘନ କରି ବାଳୁତ ଶ୍ରମିକଙ୍କୁ ନିୟୋଜିତ କରୁଥିବା ସଂସ୍ଥା ବା ବ୍ୟକ୍ତିଙ୍କ ବିରୁଦ୍ଧରେ ସର୍ବନିମ୍ନ ୩ମାସରୁ ସର୍ବାଧିକ ୧ବର୍ଷ ଜେଲ୍ ବା ସର୍ବନିମ୍ନ ୧୦ହଜାରରୁ ସର୍ବାଧିକ ୨୦ହଜାର ଟଙ୍କାର ଜୋରିମାନା ବା ଉଭୟ ଦଣ୍ଡ ଲାଗୁ ହୋଇପାରିବ । ଧାରା-୩ର ପୁନର୍ବାର ଉଲ୍ଲଂଘନ ଘଟାଇଲେ ସଂପୃକ୍ତ ବ୍ୟକ୍ତିଙ୍କୁ ସର୍ବନିମ୍ନ ୬ମାସରୁ ସର୍ବାଧିକ ୨ବର୍ଷ ଜେଲ୍‌ଦଣ୍ଡ ମିଳିପାରିବ । ଅନ୍ୟାନ୍ୟ ବ୍ୟବସ୍ଥାର ଉଲ୍ଲଂଘନ ଘଟାଇଲେ ଏକମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡ ଲାଗୁ ହୋଇପାରିବ । *(ଧାରା-୧୪)*।

- ଯେ କୌଣସି ବ୍ୟକ୍ତି, ପୋଲିସ୍ ଅଫିସର୍ ବା ଇନ୍‌ସ୍ପେକ୍ଟର୍ ଏହି ଆଇନ୍‌ର ଉଲ୍ଲଂଘନ ବିଷୟରେ କ୍ଷମତାପ୍ରାପ୍ତ ଅଦାଲତରେ କେଶ୍ ରଜୁ କରିପାରନ୍ତି । ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଅଧସ୍ତନ କୌଣସି ଅଦାଲତ ଏଭଳି କେଶ୍ ବିଚାର କରିବେ ନାହିଁ । *(ଧାରା-୧୬)*।

- କେନ୍ଦ୍ର ବା ରାଜ୍ୟ ସରକାର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ବାଳୁତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତା ସ୍ୱାର୍ଥରେ ଏହି ଆଇନ୍ ଅଧୀନରେ ସୂଚୀତ ବିଷୟଗୁଡିକ ଉପରେ ନିୟମାବଳୀ ପ୍ରଣୟନ କରିପାରନ୍ତି । *(ଧାରା-୧୮)* । ୧୯୮୮ରେ କେନ୍ଦ୍ରୀୟ ନିୟମାବଳୀ ଘୋଷିତ ହୋଇଥିଲା, ଯେଉଁଥିରେ ବାଳୁତ ଶ୍ରମ ବୈଷୟିକ ଉପଦେଷ୍ଟା କମିଟିର ଗଠନ, ବୈଠକ ଓ କାର୍ଯ୍ୟାବଳୀ ସମ୍ବନ୍ଧରେ ବିସ୍ତୃତ ବ୍ୟବସ୍ଥା ସହିତ ପ୍ରତି ସଂସ୍ଥା ଦ୍ୱାରା ଅନୁରକ୍ଷଣୀୟ ରେଜିଷ୍ଟର୍ (ଫର୍ମ-ଏ)ର ପ୍ରରୂପ ଓ ବିବଦମାନ ସ୍ଥିତିରେ ବୟସ ନିର୍ଦ୍ଧାରଣର ପଦ୍ଧତି ସଂବନ୍ଧରେ ଉପବିଧାନସମୂହ ସ୍ଥାନିତ ହୋଇଛି ।

- କେତେକ ପ୍ରଚଳିତ ଆଇନ୍‌ରେ ସଂଶୋଧନ ପାଇଁ ଏହି ଆଇନ୍ ପ୍ରସ୍ତାବନା କରିଛି, ଯଥା କାରଖାନା ଆଇନ୍ ୧୯୪୮, ଖଣି ଆଇନ୍ ୧୯୫୨, ପଣ୍ୟବାହୀ ଜାହାଜ ଚଳାଚଳ ଆଇନ୍ ୧୯୫୮ ଓ ମୋଟର ପରିବହନ ଶ୍ରମିକ ଆଇନ୍, ୧୯୬୧ । ଏହାଛଡା ଏହି ଆଇନ୍‌ର ଅନ୍ୟ କୌଣସି ଅତିକ୍ରମଣ କ୍ଷମତା ନାହିଁ। *(ଧାରା-୨୦)*।

**ବାଳୁତ ଶ୍ରମ ନିବାରଣ ଉପରେ ଅନ୍ୟାନ୍ୟ ଆଇନ୍**

ଉପରୋକ୍ତ ଆଇନ୍ ଛଡା ଆଉ କେତେକ ଆଇନ୍‌ରେ ମଧ୍ୟ ବାଳୁତ ଶ୍ରମକୁ ନିଷିଦ୍ଧ କରାଯାଇଛି । କିନ୍ତୁ ଏହି ସବୁ ଆଇନ୍‌ରେ ୧୪ବର୍ଷରୁ କମ୍ ବାଳୁତଙ୍କ ଶ୍ରମକୁ ନିଷିଦ୍ଧ କରାଯାଇଛି, ଯଦିଓ କିଶୋର ନ୍ୟାୟ ଆଇନ୍ ୨୦୦୦ ଓ ମିଳିତ ଜାତିସଂଘର ବାଳୁତ ଅଧିକାର ଘୋଷଣାନାମା ୧୯୮୯ରେ ୧୮ବର୍ଷ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିକୁ ବାଳୁତ ବୋଲି ସଂଜ୍ଞାୟିତ କରାଯାଇଛି । ଉପରୋକ୍ତ ଆଇନ୍‌ଗୁଡିକ ହେଲା, କାରଖାନା ଆଇନ୍ ୧୮୪୮, ଖଣି ଆଇନ୍, ୧୯୫୨, ବୃକ୍ଷରୋପଣ ଶ୍ରମ ଆଇନ୍ ୧୯୫୧, ବାଣିଜ୍ୟିକ ଜାହାଜ ପରିବହନ ଆଇନ୍ ୧୯୫୮, ମୋଟରଯାନ ପରିବହନ ଶ୍ରମିକ ଆଇନ୍ ୧୯୬୧, ବିଡି ଓ ସିଗାରେଟ୍ ଶ୍ରମିକ (ନିଯୁକ୍ତି ସର୍ତ୍ତାବଳୀ) ଆଇନ୍ ୧୯୬୬, ବନ୍ଧକ ଶ୍ରମ ବ୍ୟବସ୍ଥା (ଉଚ୍ଛେଦ) ଆଇନ୍ ୧୯୭୬

## ୯: ବାଲ୍ୟ ବିବାହ ନିୟନ୍ତ୍ରଣ ଆଇନ୍, ୧୯୨୯

ଏହି ଆଇନ୍ ଅନୁସାରେ ୨୧ ବର୍ଷ ବୟସରୁ କମ୍ ବୟସର ବ୍ୟକ୍ତି ଏବଂ ୧୮ ବର୍ଷ ବୟସରୁ କମ୍ ବୟସର ମହିଳାଙ୍କର ବିବାହ ଆଇନ୍ ସମ୍ମତ ନୁହେଁ। ଯଦି ଉପରୋକ୍ତ ବୟସ-ସୀମା ଠାରୁ କମ୍ ବୟସର ପୁଅ ଓ ଝିଅ ବିବାହ କରନ୍ତି, ତେବେ ସଂପୃକ୍ତ ବରକନ୍ୟାଙ୍କ ସମେତ ସେମାନଙ୍କ ପିତାମାତା ଓ ସେହି ବିବାହରେ ସହଯୋଗ କରୁଥିବା ବ୍ୟକ୍ତି ଏବଂ ଯୋଗଦାନ କରିଥିବା ବ୍ୟକ୍ତି ଦଣ୍ଡିତ ହେବେ। ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଏହି ଆଇନ୍ ଲାଗୁ ହୋଇଥିଲା।

**ବାଲ୍ୟ ବିବାହ ସମ୍ବନ୍ଧରେ କେତେକ ଜ୍ଞାତବ୍ୟ ସୂଚନା**

- ☐ ଏହି ଆଇନ୍ ଅନୁସାରେ ଅଭିଯୁକ୍ତ ୧୫ ଦିନ କାରାଦଣ୍ଡ କିମ୍ବା ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇପାରିବେ।
- ☐ ଯଦି କୌଣସି ୨୧ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି ୧୮ ବର୍ଷରୁ କମ୍ ବୟସର ମହିଳାଙ୍କୁ ବିବାହ କରନ୍ତି ତେବେ ସେ ୩ ମାସ ଜେଲ୍ ସହ ଜୋରିମାନାରେ ଦଣ୍ଡିତ ହେବେ।
- ☐ ଯଦି କେହି ଅଭିଯୋଗ କରିବାକୁ ଚାହୁଁଛନ୍ତି, ତେବେ ବିବାହର ୧ବର୍ଷ ମଧରେ ଅଭିଯୋଗ କରିବାକୁ ପଡିବ। ଏକ ବର୍ଷ ପରେ ଏ ଅଭିଯୋଗ କଲେ ତାହା ଆଇନ୍ ପରିସରଭୁକ୍ତ ହେବ ନାହିଁ।
- ☐ ଯଦି କୌଣସି କ୍ଷେତ୍ରରେ ଏପରି ବାଲ୍ୟବିବାହ ହେଉଅଛି, ଏବଂ କେହି ତାହାକୁ ବାଧା ଦେବା ପାଇଁ ଚାହୁଁଛନ୍ତି, ତେବେ ଦେଓ୍ୱାନୀ ଅଦାଲତରେ ଆବେଦନ କରି ଏହି ଆଇନ୍ ଅନୁସାରେ ଉକ୍ତ ବିବାହକୁ ରଦ୍ଦ କରିବା ପାଇଁ ଅଦାଲତରୁ ନିର୍ଦ୍ଦେଶ ଆଣିପାରିବେ। ଯେ କୌଣସି ସଂଗଠନ ମଧ୍ୟ ଅଦାଲତରେ ଆବେଦନ କରି ଏହି ଆଦେଶ ଆଣିପାରିବେ।
- ☐ ଯଦି ଅଦାଲତକୁ ଅବମାନନା କରି ଏପରି ବିବାହ ଅନୁଷ୍ଠିତ ହୁଏ, ତେବେ ଅଭିଯୁକ୍ତଙ୍କୁ ୩ ମାସ ଜେଲ୍ ସହିତ ଜୋରିମାନାରେ ଦଣ୍ଡିତ କରିବାର ବ୍ୟବସ୍ଥା ଅଛି।
- ☐ ହିନ୍ଦୁ ବିବାହ ଆଇନ୍ ଅନୁସାରେ ଥରେ ବିବାହିତ ହୋଇ ସାରିବା ପରେ ଏହା ବାଲ୍ୟବିବାହ ହୋଇଥିଲେ ମଧ୍ୟ ବର ବଧୂଙ୍କୁ ସ୍ୱାମୀ ସ୍ତ୍ରୀ ଭାବରେ ଗ୍ରହଣ କରାଯିବ।
- ☐ ୧୯୭୬ରେ ଏହି ଆଇନ୍‌ର ଏକ ଯଥାର୍ଥ ସଂଶୋଧନ ଅଣାଯାଇଥିଲା। ସଂଶୋଧିତ ଆଇନ୍ ଅନୁସାରେ ଯଦି କୌଣସି କନ୍ୟା ୧୫ବର୍ଷ ବୟସରୁ କମ୍ ବୟସରେ ବିବାହ କରିଥିବେ, ତେବେ ସାବାଳିକା ହେବାପରେ ଏ ବିବାହକୁ ରଦ୍ଦ କରିବାର ଅଧିକାର ଅଛି।

**ବାଲ୍ୟ ବିବାହ କ୍ଷେତ୍ରରେ ଦଣ୍ଡବିଧାନ**

| ବିବାହ କରୁଥିବା ପୁରୁଷର ବୟସ | ଦଣ୍ଡବିଧାନ |
|---|---|
| ୧୮ରୁ ଉର୍ଦ୍ଧ୍ୱ ଏବଂ ୨୧ରୁ କମ୍ | ୧୫ ଦିନ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧୦୦୦ଟଙ୍କା ପର୍ଯ୍ୟନ୍ତ |
| ୨୧ ବର୍ଷରୁ ଉର୍ଦ୍ଧ୍ୱ | ୩ ମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ଜୋରିମାନା |
| ସଂପୃକ୍ତ ପିତା, ମାତା କିମ୍ବା ଅଭିଭାବକଙ୍କୁ | ୩ ମାସ ପର୍ଯ୍ୟନ୍ତ ଅଶ୍ରମ ଜେଲ ଓ ଜୋରିମାନା |

**ଶ୍ରୀମତୀ ସୁଶୀଳା ଗୋଥାଲା ବନାମ ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟାନ୍ୟ (ଏ.ଆଇ.ଆର. ୧୯୯୫ ରାଜସ୍ଥାନ ୯୦)**

ଯଦିଓ ବାଲ୍ୟ ବିବାହକୁ ନିଷିଦ୍ଧ କରି ୧୯୨୯ ମସିହାରୁ ଆଇନ୍‌ର ପ୍ରଚଳନ ହେଲାଣି, କିନ୍ତୁ ବାସ୍ତବ କ୍ଷେତ୍ରରେ ଏହି ପରମ୍ପରା ସମାଜରେ ଏବେ ମଧ ବହୁଳ ଭାବେ ପ୍ରଚଳିତ। ରାଜସ୍ଥାନରେ ଏହି ପ୍ରଥା ଅଧିକ ପ୍ରଚଳିତ । ଏହାର ନିରାକରଣ ପାଇଁ ପ୍ରଥମରୁ ସାମାଜିକ-ଅର୍ଥନୈତିକ ସ୍ତରରେ ସୁଚିନ୍ତିତ ଓ ଆନ୍ତରିକ ଉଦ୍ୟମ ହୋଇନଥିବାରୁ ଏହା କ୍ରମଶଃ କାର୍ଯ୍ୟବିସ୍ତାର କରିଚାଲିଛି।

ଅଳ୍ପ ବୟସରେ କନ୍ୟାମାନେ ସ୍ୱାମୀ ପରିତ୍ୟକ୍ତା ହେଉଛନ୍ତି ଏବଂ ସେମାନଙ୍କର ଭବିଷ୍ୟତ ଅନ୍ଧକାରମୟ ହୋଇପଡୁଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ବାଲ୍ୟ ବିବାହର କୁପରିଣତିକୁ ନେଇ କୌଣସି ସଚେତନତା-ମୂଳକ କାର୍ଯ୍ୟ ନକରିବା ବାସ୍ତବିକ ଦୁର୍ଭାଗ୍ୟଜନକ। ୧୯୯୪ ମସିହାରେ ରାଜସ୍ଥାନ ହାଇକୋର୍ଟ ଏହି ମନ୍ତବ୍ୟ ଦେଇଥିଲେ।

ସୁଶୀଳା ଗୋଥାଲା ଯେ କି ଜଣେ ସାମାଜିକ କର୍ମୀ, ରାଜସ୍ଥାନ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର୍ କରି "ଆକାତିଜ" ଉତ୍ସବରେ ସମୂହ ବାଲ୍ୟବିବାହ ପ୍ରଥାକୁ ନିଷେଧ କରିବା ପାଇଁ ସରକାରକୁ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନ କରିଥିଲେ। ଏହି ମାମଲାର ବିଚାର କରି ହାଇକୋର୍ଟ ମନ୍ତବ୍ୟ ଦେଇଥିଲେ ଯେ, ଏହି ପ୍ରଥା ଦ୍ୱାରା ସରକାରଙ୍କର କୌଣସି ଅସୁବିଧା ହେଉନାହିଁ। ଏହି "ଆକାଜିତ୍" ଉତ୍ସବ ଉପଲକ୍ଷେ ସରକାରଙ୍କର ପୋଲିସ୍ ବିଭାଗ ସଚେତନ ଅଛନ୍ତି। କିନ୍ତୁ ୪୦,୦୦୦ ଗ୍ରାମରେ ପ୍ରଚଳିତ ଥିବା ଏହି ସାମାଜିକ କୁପ୍ରଥାର ନିୟନ୍ତ୍ରଣ ସୀମିତ ସଂଖ୍ୟକ ପୋଲିସ୍ କର୍ମଚାରୀଙ୍କ ପକ୍ଷରେ ସମ୍ଭବ ନୁହେଁ। ରାଜସ୍ଥାନର ଜନସାଧାରଣ ଏହି କଳୁଷିତ ପ୍ରଥା ବିରୋଧରେ ସଜାଗ ହେବାକୁ ପଡିବ। ହାଇକୋର୍ଟ ଏ ସମ୍ପର୍କରେ ସରକାରକୁ ମଧ କେତେକ ନିର୍ଦ୍ଦେଶ ଦେଇଥିଲେ।

## ବାଳୁତ ବିବାହ ନିଷେଧ ଆଇନ୍ ୨୦୦୬

ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ, ୟୁନିସେଫ୍ ଓ ସେଣ୍ଟର୍ ଫର୍ ଚାଇଲଡ୍ ରାଇଟସ୍ (ହକ୍)ର ମିଳିତ ଆନୁକୂଲ୍ୟରେ ବାଳୁତ ବିବାହ ଉପରେ ପ୍ରକଶିତ ଏକ ପୁସ୍ତିକାରୁ ଜଣାପଡେ ଯେ, ବର୍ତ୍ତମାନ ଭାରତର ଅର୍ଦ୍ଧାଧିକ ମହିଳା ବାଳୁତ ବୟସରେ, ଅର୍ଥାତ୍ ୧୮ବର୍ଷ ପୁରିବା ପୂର୍ବରୁ ବିବାହ କରୁଛନ୍ତି, ଅଥଚ ପୁରୁଷମାନଙ୍କ ଭିତରୁ ଶତକଡା ୧୬ ଭାଗ ୧୮ବର୍ଷରେ ଏବଂ ଶତକଡା ୨୮ଭାଗ ୨୦ବର୍ଷ ବୟସରେ ବିବାହ କରୁଛନ୍ତି । ସେଥିରେ ପୁଣି କୁହାଯାଇଛି ଯେ ସାରା ପୃଥିବୀରେ ଘରୋଇ ହିଂସା କ୍ଷେତ୍ରରେ ଭାରତ ସବୁଠୁଁ ଆଗରେ ଅଛି, ଏବଂ ଏପ୍ରକାର ଅଘଟଣ ଭିତରୁ ଶତକଡା ୬୭ ଭାଗ ଘଟୁଛି ୧୮ବର୍ଷରୁ କମ୍ ବୟସରେ ବିବାହ କରୁଥିବା ମହିଳାମାନଙ୍କ କ୍ଷେତ୍ରରେ । ୧୯୨୯ ମସିହାରୁ ପ୍ରବର୍ତ୍ତୀତ ଏବଂ ତା'ପରେ ବହୁବାର ସଂଶୋଧିତ ବାଳୁତ ବିବାହ ନିୟନ୍ତ୍ରଣ ଆଇନ୍ ଏହି ସମସ୍ୟାକୁ ମୁକାବିଲା କରିପାରିନାହିଁ । ଅଥଚ ଜାତୀୟ ବାଳୁତ କର୍ମଯୋଜନା ୨୦୦୫ରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଯେ, ୨୦୧୦ ସୁଦ୍ଧା ବାଳୁତ ବିବାହକୁ ପୁରାପୁରି ନିରାକୃତ କରାଯିବ ।

ଭାରତର ସଂସଦ ଇତିମଧ୍ୟରେ ପୂର୍ବ ପ୍ରଚଳିତ ବାଳୁତ ବିବାହ ନିୟନ୍ତ୍ରଣ ଆଇନ୍ ୧୯୨୯କୁ ପ୍ରତ୍ୟାହାର କରି ବାଳୁତ ବିବାହ ନିଷେଧ ଆଇନ୍ ୨୦୦୬କୁ ୧୦ ଜାନୁଆରି ୨୦୦୭ରୁ ବିଜ୍ଞାପିତ କରିସାରିଛନ୍ତି ତଥା ୧ ନଭେମ୍ବର ୨୦୦୭ରୁ ଏହା ବଳବତ୍ତର ହୋଇସାରିଛି । ମୋଟ ୨୧ଦଫା ବିଶିଷ୍ଟ ଏହି ଆଇନ୍‌ରେ କୁହାଯାଇଛି ଯେ ଏହା ଜାମ୍ମୁ ଓ କାଶ୍ମୀର ତଥା ପଣ୍ଡିଚେରି କେନ୍ଦ୍ରଶାସିତ ଅଞ୍ଚଳର ରେନୋନ୍‌କାଣ୍ଟ ସଂପ୍ରଦାୟ (ଯେଉଁମାନେ ଫରାସୀ ଦେଓ୍ୟାନି ଆଇନ୍ ଅନୁଯାୟୀ ପରିଚାଳିତ)କୁ ଛାଡି ସାରା ଦେଶ ପାଇଁ ପ୍ରଯୁଜ୍ୟ ହେବ । କିନ୍ତୁ ଏହାର ବିଧିବ୍ୟବସ୍ଥାଗୁଡ଼ିକ କେଉଁ ତାରିଖରୁ ଲାଗୁ ହେବ, ସେ ସମ୍ବନ୍ଧରେ ଏହା କୁହାଯାଇଛି ଯେ, କେନ୍ଦ୍ର ସରକାର ଏହି ତାରିଖ ବିଜ୍ଞାପିତ କରିବେ ତଥା ବିଭିନ୍ନ ରାଜ୍ୟରେ ଏହାର ବିଭିନ୍ନ ବ୍ୟବସ୍ଥା ପ୍ରଯୁଜ୍ୟ ହେବା ପାଇଁ ବିଭିନ୍ନ ତାରିଖମାନ ନିର୍ଦ୍ଧାରିତ ହୋଇପାରେ ।

ଏହି ଆଇନ୍‌ରେ ବାଳୁତର ସଂଜ୍ଞାୟନ କରାଯାଇ କୁହାଯାଇଛି ଯେ, ୨୧ବର୍ଷ ଟପିନଥିବା ଜଣେ ବାଳକ ଏବଂ ୧୮ବର୍ଷ ଟପିନଥିବା ଜଣେ ବାଳିକା ବାଳୁତ ବୋଲି ବିବେଚିତ ହେବ । ପୁଣି 'ନାବାଳକ'ର ସଂଜ୍ଞା ଦିଆଯାଇ କୁହାଯାଇଛି ଯେ, ସାବାଳକ ଆଇନ୍, ୧୮୭୫ ଅନୁଯାୟୀ ଜଣେ ବ୍ୟକ୍ତି 'ନାବାଳକ' ବୋଲି ବୋଲି ବିବେଚିତ ହେବ, ଅର୍ଥାତ୍ ୧୮ବର୍ଷ ଟପି ନଥିବା ଯେ କୌଣସି ବାଳକ ବା ବାଳିକାକୁ ନାବାଳକ ବୋଲି ମନେ କରାଯିବ ।

ଏହି ନୂତନ ଆଇନ୍ ଅଧୀନରେ ଯେ କୌଣସି ବାଳୁତ ବିବାହ ଉପରେ ଉତ୍ସବ ଆୟୋଜନକୁ ଏକ ଧର୍ତ୍ତବ୍ୟ ଓ ଜାମିନ୍-ବିହୀନ ଅପରାଧ ବୋଲି ଅଭିହିତ କରାଯାଇଛି । ଏଥିପାଇଁ ଦଣ୍ଡ ହେଉଛି ୨ବର୍ଷ ସଶ୍ରମ ଜେଲ୍ ବା ୧ଲକ୍ଷ ଟଙ୍କା ଜୋରିମାନା ବା ଉଭୟ । କିନ୍ତୁ ଜଣେ ମହିଳା ଅପରାଧୀଙ୍କୁ ଜେଲ୍‌ଦଣ୍ଡ ଦିଆଯାଇ ପାରିବ ନାହିଁ । ଯଦି ଜଣେ ବାଳୁତକୁ ତା'ର ପିତାମାତାଙ୍କ ଠାରୁ କୌଣସି ପ୍ରଲୋଭନ, ଚଞ୍ଚକତା, ବଳପ୍ରୟୋଗ ବା ଧମକ ଦ୍ୱାରା ଚାଲାଣ କରାଯାଇ ବିବାହ କରାଯାଇଥାଏ, ତେବେ ସେପ୍ରକାର ବିବାହକୁ ଅଦାଲତ ଅସିଦ୍ଧ ଘୋଷଣା କରିପାରିବେ । ପ୍ରତି ରାଜ୍ୟରେ ବାଳୁତ ବିବାହ ନିଷେଧ ଅଧିକାରୀ ମୁତୟନ ହେବେ, ଯେ କି ବାଳୁତ ବିବାହକୁ ରୋକିବା, ଏହାର ଶୀକାର ହୋଇଥିବା ପକ୍ଷଙ୍କୁ ସୁରକ୍ଷା ଦେବା ତଥା ଅପରାଧୀମାନଙ୍କ ବିରୁଦ୍ଧରେ ଅଭିଯୋଜନ କରିବା ପାଇଁ ଉତ୍ତରଦାୟୀ ରହିବେ । ଏହାଛଡ଼ା ସେ ସଂପୃକ୍ତ ବାଳୁତକୁ ମେଡିକାଲ୍ ଓ ଆଇନ୍ ସହାୟତା ସହିତ ବାସସ୍ଥାନ ଓ ଥଇଥାନର ବ୍ୟବସ୍ଥାକୁ ସୁନିଶ୍ଚିତ କରିବେ । ରାଜ୍ୟ ସରକାର ଚାହିଁଲେ ସ୍ଥାନୀୟ ଗ୍ରାମପଞ୍ଚାୟତ ବା ପୌରପାଳିକାର ଜଣେ କାର୍ଯ୍ୟକର୍ତ୍ତା, କୌଣସି ସରକାରୀ ଅଧିକାରୀ, ବା ଏନ୍.ଜି.ଓ. କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ବଳରେ ସଂପୃକ୍ତ ବାଳୁତ ବିବାହ ନିଷେଧ ଅଧିକାରୀଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ପାଇଁ କହିପାରନ୍ତି । ଏକ ଆସନ୍ନ ବାଳୁତ ବିବାହ ଘଟଣାକୁ ରୋକିବା ପାଇଁ ସଂପୃକ୍ତ ଅଦାଲତ ନିଷେଧାଜ୍ଞା ଜାରି କରିପାରିବେ । ବାଳୁତ ବିବାହ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାର ଦାୟିତ୍ୱ ଜିଲ୍ଲାପାଳ ତଥା ବାଳୁତ ବିବାହ ନିଷେଧ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଛି ।

ଘଟିଯାଇଥିବା ଏକ ବାଳୁତ ବିବାହକୁ ଅସିଦ୍ଧ ଘୋଷଣା ପାଇଁ ବିବାହର ଦୁଇପକ୍ଷ ମଧ୍ୟରୁ ଯେ କୌଣସି ପକ୍ଷ ଆବେଦନ କରିପାରନ୍ତି । ଏହି ଆବେଦନ ସଂପୃକ୍ତ ବାଳୁତ ସାବାଳକତ୍ୱ ପ୍ରାପ୍ତି ପୂର୍ବରୁ ଦୁଇବର୍ଷ ଭିତରେ କରାଯାଇପାରିବ । ଆବେଦନ ସମୟରେ ଯଦି ସଂପୃକ୍ତ ବାଳୁତ ନାବାଳକ ହୋଇଥାନ୍ତି, ତେବେ ତାଙ୍କ ତରଫରୁ ତାଙ୍କର କୋଣସି ଅଭିଭାବକ ବା ଜଣେ ସାବାଳକ ପ୍ରିୟବନ୍ଧୁ ଆବେଦନ ଦାଖଲ କରିପାରିବେ । ଗୋଟିଏ ବାଳୁତ ବିବାହ ଏଭଳି ଅସିଦ୍ଧ ଘୋଷିତ ହେଲେ ବି ସଂପୃକ୍ତ କନ୍ୟାର ବାସସ୍ଥାନ ଓ ଭରଣପୋଷଣ ପାଇଁ ଅଧିକାର ରହିବ , ତଥା ଏପ୍ରକାର ବିବାହରୁ ଜନ୍ମିତ ସନ୍ତାନସନ୍ତତି ମାନେ ବୈଧ ବୋଲି ବିବେଚିତ ହେବେ ତଥା ସେମାନଙ୍କର ହେପାଜତ୍ ଓ ଭରଣପୋଷଣ ପାଇଁ ବ୍ୟବସ୍ଥା କରାଯିବ ।

ଯେ କୌଣସି ବ୍ୟକ୍ତି ବାଳୁତ ବିବାହ ଘଟଣା ଉପରେ ନିକଟସ୍ଥ ଥାନାରେ ଏଫ୍.ଆଇ.ଆର୍. ଦରଜ କରିପାରିବେ ଏବଂ ଏହାଛଡା ସ୍ଥଳ ବିଶେଷରେ ଜଣେ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବା ମେଟ୍ରପଲିଟାନ୍ ମାଜିଷ୍ଟ୍ରେଟ୍ ନିକଟରେ ମଧ୍ୟ ରିପୋର୍ଟ କରିପାରିବେ । ପୋଲିସ୍ ସଂପୃକ୍ତ ଉଲ୍ଲଂଘନକାରୀଙ୍କୁ ଫୌଜଦାରୀ କାର୍ଯ୍ୟବିଧିର ଦଫା-୧୫୧ ଅନୁସାରେ ଗିରଫ କରିପାରିବେ ।

## ୧୦: ବାଳୁତ ଅଧିକାର ସୁରକ୍ଷା କମିଶନ୍‌ସମୂହ ଆଇନ୍ ୨୦୦୫

୨୦ ନଭେମ୍ବର ୧୯୮୯ରେ ବାଳୁତ ଅଧିକାରସମୂହ ଉପରେ ମିଳିତ ଜାତିସଂଘର ସମ୍ମିଳନୀରେ ଏକ ସଂକଳ୍ପ ଘୋଷିତ ହୋଇଥିଲା, ଯାହାକୁ ସି.ଆର୍.ସି. କୁହାଯାଉଛି । ୧୧ ଡିସେମ୍ବର ୧୯୯୨ରେ ବାଳୁତ ଅଧିକାରସମୂହ ଉପରେ  ସଂକଳ୍ପ (ସି.ଆର୍.ସି.)କୁ ଭାରତ ନିଜର ସ୍ୱୀକୃତି ପ୍ରଦାନ କରିଥିଲା । ସି.ଆର୍.ସି. ହେଉଛି ଏକ ଆନ୍ତର୍ଜାତିକ ରାଜିନାମା ଯାହା ବଳରେ ପ୍ରତି ସ୍ୱାକ୍ଷରକାରୀ ରାଷ୍ଟ୍ର ଉକ୍ତ ସଂକଳ୍ପରେ ସୂଚୀତ ହୋଇଥିବା ବାଳୁତ ଅଧିକାରସମୂହର ସୁରକ୍ଷା ଉଦ୍ଦେଶ୍ୟରେ ସମସ୍ତ ଆବଶ୍ୟକ ପଦକ୍ଷେପମାନ ନେବା ପାଇଁ ଚୁକ୍ତିବଦ୍ଧ । ଏହାଛଡା ବାଳୁତମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧସମୂହ ତଥା ବାଳୁତ ଅଧିକାରଗୁଡିକର ଉଲ୍ଲଂଘନର ଦ୍ରୁତ ବିଚାର ତଥା ତତ୍ ସଂକ୍ରାନ୍ତ ବା ଆନୁଷଙ୍ଗିକ ଉଦ୍ଦେଶ୍ୟସମୂହର ପୂରଣ ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ବାଳୁତ ଅଧିକାର ସୁରକ୍ଷା କମିଶନ୍‌ମାନ ତଥା ବାଳୁତ ନ୍ୟାୟାଳୟସମୂହର ଗଠନ ଜରୁରୀ ମନେ ହେଲା ।  ତେଣୁ ଭାରତୀୟ ପ୍ରଜାତନ୍ତ୍ରର ୫୫ତମ ବର୍ଷରେ ସଂସଦ ଦ୍ୱାରା ବାଳୁତ ଅଧିକାର ସୁରକ୍ଷା କମିଶନ୍‌ସମୂହ ଆଇନ୍ ୨୦୦୫ ପ୍ରଣୟନ କରାଗଲା । ଜୁଲାଇ ୨୦୦୬ ରେ ଏହି ଆଇନ୍ ଅଧୀନରେ କେନ୍ଦ୍ରୀୟ ନିୟମାବଳୀ ବିଜ୍ଞାପିତ କରାଗଲା ଏବଂ କେନ୍ଦ୍ରୀୟ ବାଳୁତ ଅଧିକାରସମୂହ କମିଶନ୍ ଗଠିତ ହୋଇ କାର୍ଯ୍ୟାରମ୍ଭ କଲା । ପ୍ରତି ରାଜ୍ୟ ଏହି ଆଇନ୍‌ର ନିର୍ଦ୍ଦେଶନା ମତେ ନିଜ ନିଜର ନିୟମାବଳୀ ପ୍ରଣୟନ କରିବା ସହିତ ରାଜ୍ୟ କମିଶନ୍ ମଧ୍ୟ ଗଠନ କରିବା ଆବଶ୍ୟକ । ଉଲ୍ଲେଖନୀୟ ଯେ, ଶିକ୍ଷା ଅଧିକାର ଆଇନ୍ ୨୦୦୯ ଲାଗୁ ହେବା ପରେ ପ୍ରତି ରାଜ୍ୟରେ ବାଳୁତ ଅଧିକାର କମିଶନ୍ ଗଠିତ ହେବା ଜରୁରୀ ହୋଇପଡିଛି, କାରଣ ଉକ୍ତ ୨୦୦୯ ଆଇନ୍ ଅଧୀନରେ ଅଭିଯୋଗ ଶୁଣାଣି ଓ ଫଇସଲାର କ୍ଷମତା ରାଜ୍ୟ ବାଳୁତ ଅଧିକାର କମିଶନ୍‌ଙ୍କ ଉପରେ ନ୍ୟସ୍ତ କରାଯାଇଛି ।

### ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍

**କମିଶନ୍‌ଙ୍କ ଗଠନ**

କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ଏକ ସଂସ୍ଥା ଗଠନ କରିବେ ଯାହାର ନାମ ହେବ ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ । ଏହି କମିଶନ୍‌ରେ ବାଳୁତ କଲ୍ୟାଣ ଉପରେ କାର୍ଯ୍ୟ କରିଥିବା ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ଭାବେ ତଥା ଅନ୍ତତଃ ଦୁଇଜଣ ମହିଳାଙ୍କ ସମେତ ଛ ଜଣ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରାଯିବ । କମିଶନ୍‌ର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ ହେବ ।

**କମିଶନ୍‌ଙ୍କ କ୍ଷମତା**

(ଏ) ବାଳୁତ ଅଧିକାରସମୂହର ସୁରକ୍ଷା ପାଇଁ ପ୍ରଚଳିତ ବିଭିନ୍ନ ଆଇନ୍‌ରେ ଥିବା ପ୍ରତିକାରମୂଳକ ବ୍ୟବସ୍ଥାଗୁଡିକୁ ଅନୁଧ୍ୟାନ ଓ ସମୀକ୍ଷା କରିବା ତଥା ସେଗୁଡିକର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା ;

(ବି) ଉପରୋକ୍ତ ପ୍ରତିକାରମୂଳକ ବ୍ୟବସ୍ଥାଗୁଡିକ କିପରି କାର୍ଯ୍ୟକାରୀ ହେଉଛି, ସେ ସମ୍ବନ୍ଧରେ ଅନ୍ୟୂନ ବର୍ଷକୁ ଥରେ କେନ୍ଦ୍ର ସରକାରଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରିବା;

(ସି) ବାଳୁତ ଅଧିକାରର ଉଲ୍ଲଂଘନ ବିଷୟରେ ଅନୁସନ୍ଧାନ କରିବା ତଥା ସଂପୃକ୍ତ କେଶ୍ ଗୁଡିକ ଉପରେ କାର୍ଯ୍ୟବିଧି ଆରମ୍ଭ କରିବା ;

(ଡି) ସନ୍ତ୍ରାସବାଦ, ସାଂପ୍ରଦାୟିକ ହିଂସା, ଦଙ୍ଗା, ପ୍ରାକୃତିକ ବିପର୍ଯ୍ୟୟ, ଘରୋଇ ହିଂସା, ଏଚ୍.ଆଇ.ଭି./ଏଡସ୍, ଚାଲାଣ, ଦୁର୍ବ୍ୟବହାର, ନିର୍ଯ୍ୟାତନା ଓ ଶୋଷଣ, ଅଶ୍ଳୀଳତା ଏବଂ ଯୌନ ବ୍ୟବସାୟ ଫଳରେ ପ୍ରଭାବିତ ବାଳୁତ ମାନେ ସେମାନଙ୍କର ଅଧିକାର ଉପଭୋଗ କରିବାରୁ ଯେଉଁସବୁ କାରଣରୁ ବଞ୍ଚିତ ହେଉଛନ୍ତି, ସେଗୁଡିକୁ ଅନୁଧ୍ୟାନ କରିବା ତଥା ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା;

(ଇ) ଦୁର୍ଦ୍ଦଶା-ଗ୍ରସ୍ତ ବାଳୁତ, ବଞ୍ଚିତ ଏବଂ ସମସ୍ୟା-କ୍ଲିଷ୍ଟ ବାଳୁତ, ଆଇନ୍ ସହିତ ଦ୍ୱନ୍ଦ୍ୱ-ରତ ବାଳୁତ ଏବଂ କିଶୋର, ପରିବାର-ହରା ବାଳୁତ ଏବଂ ବନ୍ଦୀମାନଙ୍କ ସନ୍ତାନଙ୍କ ସମେତ ସେହିସବୁ ବାଳୁତ, ଯେଉଁମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ଏବଂ ସୁରକ୍ଷାର ଆବଶ୍ୟକ ଅଛି, ସେମାନଙ୍କ ସମ୍ବନ୍ଧୀତ ବିଷୟଗୁଡିକୁ ଅନୁଧ୍ୟାନ କରିବା ତଥା ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା;

(ଏଫ୍)   ବାଳୁତ ଅଧିକାର ସଂପର୍କୀତ ବିଭିନ୍ନ ଆନ୍ତର୍ଜାତିକ ବିଧିବିଧାନ ଏବଂ ବାଳୁତ ଅଧିକାର ସଂପର୍କୀତ ନୀତିସମୂହ, କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ କାର୍ଯ୍ୟାବଳୀକୁ ସମୀକ୍ଷା କରିବା ତଥା ସେଗୁଡିକର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ସୁପାରିଶ୍ ପ୍ରଦାନ କରିବା;

(ଜି) ବାଳୁତ ଅଧିକାର ବିଷୟରେ ଗବେଷଣା ଆୟୋଜନ କରିବା ଏବଂ ଏହାକୁ ପ୍ରୋତ୍ସାହନ ଦେବା;

(ଏଚ୍) ସମାଜର ବିଭିନ୍ନ ଜନଗୋଷ୍ଠୀ ଭିତରେ ବାଳୁତ ଅଧିକାର ସମ୍ବନ୍ଧରେ ଧାରଣାର ପ୍ରସାର କରିବା ତଥା ଉପଲବ୍ଧ ଥିବା ପ୍ରତିକାର ମାର୍ଗଗୁଡିକ ସମ୍ବନ୍ଧରେ ସଚେତନତା ବୃଦ୍ଧିକୁ ପ୍ରୋତ୍ସାହନ ଦେବା;

(ଆଇ) ସରକାର ବା ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ ଥିବା କୌଣସି କିଶୋର ଅଭିରକ୍ଷା ଗୃହ ବା ରହଣି ସ୍ଥାନ ବା ଆଶ୍ରୟ ଗୃହଗୁଡିକୁ ନିଜେ ନିରୀକ୍ଷଣ କରିବା ବା ନିରୀକ୍ଷଣ କରାଇବା ତଥା ଆବଶ୍ୟକ ଅନୁଯାୟୀ ପ୍ରତିକାରମୂଳକ ପଦକ୍ଷେପ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଷ କରିବା;

(ଜେ) ଆଗତ ଅଭିଯୋଗଗୁଡିକ ଉପରେ ଅନୁସନ୍ଧାନ କରିବା ଏବଂ ଉପୁଜିଥିବା ପ୍ରସଙ୍ଗମାନ ଉପରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଷ କରିବା; ଏବଂ

(କେ) କମିଶନ୍ ଆବଶ୍ୟକ ମନେ କଲେ ବାଳୁତ ଅଧିକାରସମୂହକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଅନ୍ୟ ଯେ କୌଣସି ବିଷୟ ଉପରେ ପଦକ୍ଷେପ ନେଇ ପାରନ୍ତି ।

**ଅନୁସନ୍ଧାନ ସଂପର୍କୀତ କ୍ଷମତାସମୂହ-**

- ଦେଓ୍ୱାନି କାର୍ଯ୍ୟବିଧି ସଂହିତା, ୧୯୦୮ ଅଧୀନରେ ଗୋଟିଏ ଦେଓ୍ୱାନି ଅଦାଲତର ଯେଉଁସବୁ କ୍ଷମତା ଥାଏ, କୌଣସି ପ୍ରାସଙ୍ଗିକ ବିଷୟରେ କମିଶନ୍ ଅନୁସନ୍ଧାନ କଲାବେଳେ ସେ ମଧ୍ୟ ସେହି କ୍ଷମତାବଳୀର ଅଧିକାରୀ ରହିବେ, ଯଥା ସଂପୃକ୍ତ ବ୍ୟକ୍ତିଙ୍କୁ ସମନ୍ କରିବା; କୌଣସି ଏକ ଦଲିଲ୍‌କୁ ଖୋଜି ବାହାର କରିବା ଓ ପେଶ୍ କରିବା; ଆଫିଡେଭିଟ୍ ଜରିଆରେ ସାକ୍ଷ୍ୟ ଗ୍ରହଣ କରିବା; ଯେ କୌଣସି କୋର୍ଟ ବା ଅଫିସ୍‌ରୁ କୌଣସି ଏକ ରେକର୍ଡ ବା ତହିଁର ନକଲ ତଲବ୍ କରିବା; ଏବଂ ସାକ୍ଷୀମାନଙ୍କୁ ଜେରା ଏବଂ ନଥିପତ୍ରଗୁଡିର ପରୀକ୍ଷଣ ପାଇଁ ସମନ୍ ଜାରି କରିବା ।
- କୌଣସି ଏକ କେଶ୍‌କୁ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରିବା ପାଇଁ କମିଶନ୍‌ଙ୍କର କ୍ଷମତା ରହିବ, ଏବଂ ଯେଉଁ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଉକ୍ତ କେଶ୍ ଅଭିପ୍ରେରଣ କରାଯାଇଛି, ସେ ସଂପୃକ୍ତ ଅଭିଯୋଗକୁ ଯଥାବିଧି ଶୁଣାଣି କରିବେ ।

**ଅନୁସନ୍ଧାନର ପରବର୍ତ୍ତୀ ପଦକ୍ଷେପସମୂହ:**

ଏକ ଅନୁସନ୍ଧାନ ସମାପ୍ତ ହେବା ପରେ କମିଶନ୍ ନିମ୍ନଲିଖିତ କୋଣସି ପଦକ୍ଷେପ ଗ୍ରହଣ କରିପାରନ୍ତି, ଯଥା-

(୧) ଯଦି କୋଣସି ବାଳୁତ ଅଧିକାର ଉଲ୍ଲଂଘନ ଘଟିଥାଏ ତେବେ କମିଶନ୍ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ ଆବଶ୍ୟକୀୟ ଅଭିଯୋଜନର କାର୍ଯ୍ୟବିଧି ଆରମ୍ଭ କରିବା ପାଇଁ ଅଥବା ନିଜେ ଉପଯୁକ୍ତ ମନେ କରୁଥିବା ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିଶ୍ କରିପାରନ୍ତି ।

(୨) ଯେଉଁସବୁ ନିର୍ଦ୍ଦେଶ, ଆଦେଶ ଏବଂ ରିଟ୍ ଜାରି କରିବା ଆବଶ୍ୟକ ବୋଲି ସଂପୃକ୍ତ କୋର୍ଟ ମନେ କରିବେ, ସେଗୁଡିକ ଜାରି କରିବା ପାଇଁ ସୁପ୍ରିମ୍ କୋର୍ଟ ଓ ସଂପୃକ୍ତ ହାଇକୋର୍ଟଙ୍କ ଆଶ୍ରୟ ଲୋଡିପାରନ୍ତି ।

(୩) ଯଦି ନିର୍ଯ୍ୟାତିତ ବା ତାଙ୍କର ପରିବାର ସଦସ୍ୟମାନଙ୍କୁ ଅନ୍ତର୍ବର୍ତ୍ତୀ ଉପଶମ ମଞ୍ଜୁରି କରିବା ଦରକାର ପଡୁଥାଏ, ତେବେ ସେଥିପାଇଁ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ କମିଶନ୍ ସୁପାରିଶ୍ କରିପାରନ୍ତି ।

## ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍

### ରାଜ୍ୟ କମିଶନ୍‌ଙ୍କ ଗଠନ

ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଏକ ସଂସ୍ଥା ଗଠନ କରିବେ ଯାହାର ନାମ ହେବ ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ । ଜାତୀୟ କମିଶନ୍ ଭଳି ରାଜ୍ୟ କମିଶନ୍‌ରେ ବାଳୁତ କଲ୍ୟାଣ ଉପରେ କାର୍ଯ୍ୟ କରିଥିବା ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ଭାବେ ତଥା ଅନ୍ତତଃ ଦୁଇଜଣ ମହିଳାଙ୍କ ସମେତ ଛ ଜଣ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରାଯିବ ।

**ବାର୍ଷିକ ଏବଂ ସ୍ୱତନ୍ତ୍ର ରିପୋର୍ଟ ସମୂହ-**

- ରାଜ୍ୟ କମିଶନ୍ ରାଜ୍ୟ ସରକାରଙ୍କୁ ଏକ ବାର୍ଷିକ ରିପୋର୍ଟ ଦାଖଲ କରିବେ ଏବଂ ଏହା ଛଡା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ୍ୟ ସ୍ୱତନ୍ତ୍ର ରିପୋର୍ଟ ଦାଖଲ କରିପାରନ୍ତି ।
- ଉପରୋକ୍ତ ରିପୋର୍ଟଗୁଡିକୁ ରାଜ୍ୟ ସରକାର ରାଜ୍ୟର ଆଇନ୍ ସଭାରେ ଉପସ୍ଥାପନ କରାଇବେ ଏବଂ ଏଥିସହିତ ରିପୋର୍ଟର ସୁପାରିଶ୍ ଉପରେ ଗୃହୀତ ବା ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ଉପରେ ଏକ ସ୍ମାରକ ପତ୍ର ସଂଲଗ୍ନ କରିବେ ତଥା ଯଦି କୌଣସି ସୁପାରିଶ୍‌କୁ ଅଗ୍ରାହ୍ୟ କରାହୋଇଥାଏ, ତେବେ ତହିଁର କାରଣ ଦର୍ଶାଇଥିବେ ।

**ରାଜ୍ୟ କମିଶନ୍‌ଙ୍କ କ୍ଷମତା**

ଜାତୀୟ କମିଶନ୍ ଭଳି ରାଜ୍ୟ କମିଶନ୍‌ଙ୍କର ଅନୁରୂପ କ୍ଷମତାବଳୀ ରହିବ ।

**ବାଳୁତ ଅଦାଲତ**

- ବାଳୁତଙ୍କ ବିରୁଦ୍ଧରେ ଅପରାଧସମୂହ ବା ବାଳୁତ ଅଧିକାରସମୂହର ଉଲ୍ଲଂଘନ ମାମଲାଗୁଡିକର ଦ୍ରୁତ ବିଚାର ଉଦ୍ଦେଶ୍ୟରେ ରାଜ୍ୟ ସରକାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହମତି କ୍ରମେ ବିଜ୍ଞପ୍ତି ବଳରେ ରାଜ୍ୟରେ ଉକ୍ତ ଅନ୍ତତଃ ଗୋଟିଏ ଅଦାଲତ ବା ପ୍ରତି ଜିଲ୍ଲା ପାଇଁ ଗୋଟିଏ କରି ଦୌରା ଅଦାଲତକୁ ବାଳୁତ ଅଦାଲତ ବୋଲି ବିନିର୍ଦ୍ଦିଷ୍ଟ କରିପାରନ୍ତି ।

- ପ୍ରତି ବାଳୁତ ଅଦାଲତ ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଏଭଳି ଜଣେ ସର୍ବସାଧାରଣ ଅଭିଯୋଜକଙ୍କୁ ବିନିର୍ଦ୍ଦିଷ୍ଟ କରିବେ, ଯେ କି ଜଣେ ଓକିଲ ଭାବେ ଅନ୍ତତଃ ୭ବର୍ଷର ଅଭିଜ୍ଞତା ଅର୍ଜନ କରିଥିବେ ଏବଂ ଅଦାଲତରେ ମୋକଦ୍ଦମା ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଭିଯୋଜକ ଭାବେ ଭୂମିକା ସମ୍ପାଦନ କରିଥିବେ ।

## ୧୧ : କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦
### (୨୦୦୬ର ସଂଶୋଧନ ଆଇନ୍ ଅନୁଯାୟୀ ସଂଶୋଧିତ ହୋଇଥିବା ମତେ)

ଭାରତୀୟ ସମ୍ବିଧାନର ଧାରା ୧୫ (୩), ୩୯ (ଇ) ଏବଂ (ଏଫ୍) ଏବଂ ଧାରା ୪୫ ଓ ୪୭ ସମେତ ବିଭିନ୍ନ ପ୍ରାବଧାନଗୁଡିକ ବାଳୁତମାନଙ୍କର ସମସ୍ତ ପ୍ରକାର ଆବଶ୍ୟକତା ଯେପରି ପୂରଣ ହୁଏ ତଥା ସେମାନଙ୍କର ମୌଳିକ ମାନବିକ ଅଧିକାରଗୁଡିକ ଯେପରି ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ରହେ, ତାହାକୁ ସୁନିଶ୍ଚିତ କରାଇବାର ପ୍ରାଥମିକ ଦାୟିତ୍ୱ ରାଷ୍ଟ୍ର ଉପରେ ନ୍ୟସ୍ତ କରିଛି । ମିଳିତ ଜାତିସଂଘର ସାଧାରଣ ସଭାରେ ବାଳୁତ ଅଧିକାର ଉପରେ ଏକ ଘୋଷଣାନାମା ୨୦ ନଭେମ୍ବର ୧୯୮୯ ତାରିଖରେ ଗୃହୀତ ହୋଇଥିଲା, ଏବଂ ଭାରତ ଏଥିରେ ୧୧ ଡିସେମ୍ବର ୧୯୯୨ ତାରିଖରେ ସ୍ୱାକ୍ଷର କରିଛି । ଏହାଛଡା କିଶୋର-ନ୍ୟାୟ ଉପରେ ମିଳିତ ଜାତିସଂଘର ସାର୍ବଜନୀନ ସର୍ବନିମ୍ନ ମାନଦଣ୍ଡ ନିୟମାବଳୀ ୧୯୮୫ (ବେଜିଙ୍ଗ୍ ନିୟମାବଳୀ), ସ୍ୱାଧୀନତାରୁ ବଞ୍ଚିତ କିଶୋରଗଣଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଜାତିସଂଘ ନିୟମାବଳୀ (୧୯୯୦) ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଆନ୍ତର୍ଜାତିକ ବିଧିବିଧାନରେ ବିହିତ ହୋଇଥିବା ମାନଦଣ୍ଡସମୂହକୁ ଭାରତ ମଧ୍ୟ ଗ୍ରହଣ କରିଛି ।

**୨୦୦୦ ମସିହା ଆଇନ୍-** ପୂର୍ବରୁ ପ୍ରଚଳିତ ଥିବା କିଶୋର ଆଇନ୍, ୧୯୮୬ର କାର୍ଯ୍ୟକାରିତାର ଏକ ସମୀକ୍ଷାରୁ ଜଣାପଡିଥିଲା ଯେ, ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ବା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଅଛି । ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଯେଉଁ ନ୍ୟାୟ ବ୍ୟବସ୍ଥା ଅଛି, ତାହା ଜଣେ କିଶୋର ବା ବାଳୁତ କ୍ଷେତ୍ରରେ ବା ସେମାନଙ୍କ ପାଇଁ ସକ୍ରିୟ ଥିବା ପୋଲିସ୍, ସ୍ୱେଚ୍ଛାସେବୀ ସଂଗଠନ, ସମାଜକର୍ମୀ ଅଥବା ପିତାମାତା ବା ଅଭିଭାବକଙ୍କ ସମେତ ଦେଶର କୌଣସି ବ୍ୟକ୍ତିଙ୍କ କ୍ଷେତ୍ରରେ ଉପଯୁକ୍ତ ବୋଲି ମନେ ହୁଏନାହିଁ । ବିଶେଷ କରି ପରିବାର, ସ୍ୱେଚ୍ଛାସେବୀ ସଂଗଠନସମୂହ ଏବଂ ଜନଗୋଷ୍ଠୀଙ୍କ ସମେତ ଅନୌପଚାରିକ ବ୍ୟବସ୍ଥାଗୁଡିକର ଏକ ବୃହତ୍ତର ସଂପୃକ୍ତିକୁ ସାକାର କରିବା ପାଇଁ ଏକ ନୂତନ ଆଇନ୍ ପ୍ରଣୟନ କରିବାର ଆବଶ୍ୟକତା ଅନୁଭବ କରାଗଲା । [ଦ୍ରଷ୍ଟବ୍ୟ- କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦ର ଉଦ୍ଦେଶ୍ୟ ଓ କାରଣସମୂହ ଉପରେ ବୟାନ] ।

**୨୦୦୬ର ସଂଶୋଧନ-** କିନ୍ତୁ ୨୦୦୦ ମସିହା ଆଇନ୍‌ରେ କେତେକ ଆପତ୍ତିଜନକ ବ୍ୟବସ୍ଥା ଅଛି ବୋଲି ଦିଲ୍ଲୀ ହାଇକୋର୍ଟରେ ୨୦୦୧ରେ ଏକ ରିଟ୍ ଦାଖଲ ହୋଇଥିଲା ଏବଂ ହାଇକୋର୍ଟ ମଧ୍ୟ ଉକ୍ତ ଆଇନ୍‌ର ପୁନର୍ବିଚାର ସପକ୍ଷରେ ମତ ଦେଇଥିଲେ । ବିଭିନ୍ନ ମହଲରୁ ମତାମତ ସଂଗ୍ରହ କରାଗଲା ପରେ ୨୦୦୬ରେ ଏକ ସଂଶୋଧନ ଆଇନ୍ ଗୃହୀତ ହେଲା । କେନ୍ଦ୍ର ସରକାର ଏହି ସଂଶୋଧନ ଆଇନ୍ ସହିତ ସଂଗତି ରଖି ଆଦର୍ଶ ନିୟମାବଳୀ ପ୍ରଣୟନ କରିଛନ୍ତି ଏବଂ ଯେ ପର୍ଯ୍ୟନ୍ତ ରାଜ୍ୟ ଓ କେନ୍ଦ୍ରାଞ୍ଚଳ ମାନଙ୍କ ଦ୍ୱାରା ଏ କ୍ଷେତ୍ରରେ ନିୟମାବଳୀ ପ୍ରଣୀତ ନ ହୋଇଛି, ସେ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଆଦର୍ଶ ନିୟମାବଳୀ ପ୍ରଯୁଜ୍ୟ ରହିବ ।

### *ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର*

### କିଶୋର ନ୍ୟାୟ ପରିଷଦ

- ପ୍ରତି ରାଜ୍ୟ ସରକାର ସଂଶୋଧନ ଆଇନ୍ ୨୦୦୬ର ପ୍ରାରମ୍ଭ ତାରିଖର ବର୍ଷକ ଭିତରେ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ ପ୍ରତି ଜିଲ୍ଲା ପାଇଁ ଏକ ବା ଏକାଧିକ କିଶୋର ନ୍ୟାୟ ପରିଷଦ ଗଠନ କରିପାରନ୍ତି, ଏବଂ ଏହି ପରିଷଦଗୁଡିକ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସନ୍ଦର୍ଭରେ ଆଇନ୍‌ରେ ଦର୍ଶୀତ ହୋଇଥିବା ମତେ କ୍ଷମତାମାନ ପ୍ରୟୋଗ କରିବେ ଓ ଦାୟିତ୍ୱମାନ ସମ୍ପାଦନ କରିବେ ।

- ଗୋଟିଏ ପରିଷଦ ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ଯଥାସ୍ଥିତ ଜଣେ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଏବଂ ଅନ୍ତତଃ ଜଣେ ମହିଳା ସମେତ ଦୁଇଜଣ ସମାଜ କର୍ମୀଙ୍କୁ ନେଇ ଗଠିତ ହେବ, ଏବଂ ସେମାନଙ୍କୁ ନେଇ ଏକ ବିଚାରପୀଠ କାର୍ଯ୍ୟ କରିବ, ଏବଂ ଏତାଦୃଶ ପ୍ରତି ବିଚାରପୀଠଙ୍କର ସେହିସବୁ କ୍ଷମତା ରହିବ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ବଳରେ ଯଥାସ୍ଥିତି ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ଜଣେ ପ୍ରଥମ ଶ୍ରେଣୀ ବିଚାରବଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଉପରେ ନ୍ୟସ୍ତ ହୋଇଥାଏ, ଏବଂ ପରିଷଦରେ ଥିବା ମାଜିଷ୍ଟ୍ରେଟ୍‌ଙ୍କୁ ମୁଖ୍ୟ ମାଜିଷ୍ଟ୍ରେଟ୍ ନାମରେ ପଦନାମିତ କରାଯିବ ।

- ବାଳୁତ ମନସ୍ତତ୍ତ୍ୱ ବା ବାଳୁତ କଲ୍ୟାଣ ସମ୍ବନ୍ଧରେ ସବିଶେଷ ଜ୍ଞାନ ବା ପ୍ରଶିକ୍ଷଣ ନଥିବା କୌଣସି ମାଜିଷ୍ଟ୍ରେଟ୍‌ଙ୍କୁ ପରିଷଦର ସଦସ୍ୟ ଭାବେ ନିଯୁକ୍ତ କରାଯିବ ନାହିଁ, ଏବଂ ବାଳୁତମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟାବଳୀରେ ଅନ୍ତତଃ ସାତବର୍ଷ ଧରି ସକ୍ରିୟ ଭାବେ ଜଡ଼ିତ ହୋଇ ନଥିବା କୋଣସି ସମାଜକର୍ମୀଙ୍କୁ ପରିଷଦର ସଦସ୍ୟ ଭାବରେ ନିଯୁକ୍ତ କରାଯିବ ନାହିଁ ।

- ରାଜ୍ୟ ସରକାର ଏକ ଅନୁସନ୍ଧାନ କଲା ପରେ ପରିଷଦର ଜଣେ ସଦସ୍ୟଙ୍କୁ କ୍ଷମତାର ଅପବ୍ୟବହାର, ନୈତିକ ଭ୍ରଷ୍ଟତା ବା ଲଗାତାର ଅନୁପସ୍ଥିତି କାରଣ ଭିତ୍ତିରେ ବହିଷ୍କାର କରିପାରନ୍ତି ।

## ପରିବେକ୍ଷଣ ଗୃହ

- ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସମ୍ବନ୍ଧରେ ଏକ ଅନୁସନ୍ଧାନ ଚାଲୁ ରହିଥିବା ସମୟରେ ସେମାନଙ୍କ ସାମୟିକ ଅବସ୍ଥାନ ପାଇଁ ପ୍ରତି ଜିଲ୍ଲାରେ ବା ଗୋଟିଏ ଜିଲ୍ଲାପୁଞ୍ଜ ପାଇଁ ଆବଶ୍ୟକ ହେଉଥିବା ପରିବେକ୍ଷଣ ଗୃହମାନ ଯେ କୌଣସି ରାଜ୍ୟ ସରକାର ନିଜେ ଅଥବା ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ସହ ରାଜିନାମା କ୍ରମେ ସ୍ଥାପନା ଏବଂ ରକ୍ଷଣାବେକ୍ଷଣ କରାଇବେ ।

- ଜଣେ କିଶୋରର ଥଇଥାନ ଓ ସାମାଜିକ ପୁନର୍ମିଳନକୁ ଦୃଷ୍ଟିରେ ରଖି ପରିବେକ୍ଷଣ ଗୃହଗୁଡ଼ିକର ପରିଚାଳନା ବିଷୟରେ ରଜ୍ୟସରକାର ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିପାରନ୍ତି ;

- ଏକ ବୟସ-ଭିତ୍ତିକ ବର୍ଗୀକରଣ, ଯଥା ସାତବର୍ଷରୁ ବାରବର୍ଷ, ବାରବର୍ଷରୁ ଷୋଳବର୍ଷ ଏବଂ ଷୋଳବର୍ଷରୁ ଅଠରବର୍ଷ କରାଯିବା ସହିତ ସଂପୃକ୍ତ କିଶୋରର ଶାରିରୀକ ଓ ମାନସିକ ସ୍ଥିତି ଏବଂ ସଂଘଟିତ ଅପରାଧର ମାତ୍ରାକୁ ଯଥୋଚିତ ଭାବେ ବିଚାରକୁ ନେଲା ପରେ ତାକୁ ପରିବେକ୍ଷଣ ଗୃହରେ ତାକୁ ଭର୍ତ୍ତି କରାଯାଇପାରେ ;

## ସ୍ୱତନ୍ତ୍ର ଗୃହ

- ପ୍ରତି ରାଜ୍ୟ ସରକାର ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କର ସାମୟିକ ରହଣି ଏବଂ ଥଇଥାନ ପାଇଁ ଆବଶ୍ୟକ ହେଉଥିବା ସ୍ୱତନ୍ତ୍ର ଗୃହ ନିଜେ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହ ରାଜିନାମା ଭିତ୍ତିରେ ପ୍ରତ୍ୟେକ ଜିଲ୍ଲା ବା ଗୋଟିଏ ଜିଲ୍ଲାପୁଞ୍ଜ ପାଇଁ ସ୍ଥାପନା ଓ ପରିଚାଳନା କରିପାରନ୍ତି ।

- ସ୍ୱତନ୍ତ୍ର ଗୃହମାନଙ୍କ ଦ୍ୱାରା ଗୋଟିଏ କିଶୋରର ପୁନଃ-ସାମାଜିକୀକରଣ ପାଇଁ ଆବଶ୍ୟକ ହେଉଥିବା ସେବାସମୂହର ମାନଦଣ୍ଡ ଓ ପ୍ରକାରଭେଦ ସମେତ ସ୍ୱତନ୍ତ୍ର ଗୃହମାନଙ୍କର ପରିଚାଳନା ତଥା ସ୍ୱୀକୃତିକୁ ମଞ୍ଜୁରି ବା ପ୍ରତ୍ୟାହାର ବିଷୟରେ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିବେ ।

- ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କର ବୟସ ଓ ସେମାନଙ୍କ ଦ୍ୱାରା ସଂଘଟିତ ଅପରାଧର ପ୍ରକୃତି ତଥା ପ୍ରତି କିଶୋରର ମାନସିକ ଓ ଶାରିରୀକ ସ୍ଥିତିକୁ ଭିତ୍ତିକରି ସେମାନଙ୍କର ବର୍ଗୀକରଣ ଏବଂ ପୃଥକୀକରଣ ପାଇଁ ଆବଶ୍ୟକ ବିଧିବ୍ୟବସ୍ଥା ନିୟମାବଳୀରେ ସ୍ଥାନିତ ହୋଇପାରେ ।

## କିଶୋରକୁ ଗିରଫ

ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରଙ୍କୁ ପୋଲିସ ଦ୍ୱାରା ଗିରଫ କରାଯିବା ମାତ୍ରେ ଯଥାଶୀଘ୍ର ତାଙ୍କୁ ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ ବା ସେଥିପାଇଁ ପଦନାମିତ ପୁଲିସ ଅଫିସରଙ୍କ ଦାୟିତ୍ୱରେ ନ୍ୟସ୍ତ କରାଯିବ, ଯେ କି କାଳବିଳମ୍ବ ନକରି ଗିରଫ କରିବାର ୨୪ ଘଣ୍ଟା ଭିତରେ ସଂପୃକ୍ତ କିଶୋରଙ୍କୁ ପରିଷଦ ନିକଟରେ ହାଜର କରାଇବେ , ପରନ୍ତୁ, ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରଙ୍କୁ କୌଣସି ସ୍ଥିତିରେ ବି ପୋଲିସ୍ ହାଜତରେ ରଖାଯିବ ନାହିଁ ବା ଜେଲ୍‌ରେ ଭର୍ତ୍ତି କରାଯିବ ନାହିଁ ।

## କିଶୋରକୁ ଜାମିନ୍

- ଯଦି ଏକ ଜାମିନ୍-ଯୋଗ୍ୟ ବା ଜାମିନ୍-ରହିତ ଅପରାଧରେ ଅଭିଯୁକ୍ତ ହୋଇଥିବା ହେତୁ ଜଣେ କିଶୋରଙ୍କୁ ଗିରଫ ବା ଅଟକ କରାଯାଇଥାଏ ଅଥବା ଏକ ପରିଷଦ ସମ୍ମୁଖରେ ସେ ନିଜେ ହାଜର ହୋଇଥାଏ ବା ତାକୁ ହାଜର କରାଯାଇଥାଏ, ତେବେ ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨) ବା ପ୍ରଚଳିତ ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ସ୍ଥାନିତ ହୋଇଥାଉନା କାହିଁକି, ସେପରି ବ୍ୟକ୍ତିକୁ ଜମାନତ ସହିତ ବା ଜମାନତ ବିନା ଖଲାସ କରି ଦିଆଯିବ, ନଚେତ୍ ଜଣେ ପରିବୀକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସ୍ଥାନିତ କରାଯିବ ଅଥବା ଗୋଟିଏ ସମର୍ଥ ଅନୁଷ୍ଠାନ ବା ସମର୍ଥ ବ୍ୟକ୍ତିଙ୍କ ଯତ୍ନ ଅଧୀନରେ ରଖାଯିବ; କିନ୍ତୁ ତାକୁ ଖଲାସ କରାଗଲେ ଯଦି ସେ କୌଣସି କୁଖ୍ୟାତ ଅପରାଧୀର ସଂସ୍ପର୍ଶରେ ଆସିପାରେ ବା ନୈତିକ, ଶାରିରୀକ କିମ୍ବା ମନସ୍ତାତ୍ତ୍ୱିକ ବିପତ୍ତିର ଶିକାର ହୋଇପାରେ ଅଥବା ତାକୁ ଖଲାସ କରାଗଲେ ନ୍ୟାୟ ହାସଲର ଲକ୍ଷ୍ୟ ବିଫଳ ହୋଇଯିବାର ଆଶଙ୍କା ଥାଏ, ତେବେ ତାକୁ ଜାମିନ୍‌ରେ ଖଲାସ କରାଯିବ ନାହିଁ ।

- ଯେଉଁସ୍ଥଳେ ସଂପୃକ୍ତ କିଶୋରକୁ ଜାମିନ୍‌ରେ ଖଲାସ ନକରାଯିବ, ସେପରି ସ୍ଥଳେ ତାକୁ ପରିଷଦ ସମ୍ମୁଖରେ ହାଜର କରାଇବା ପର୍ଯ୍ୟନ୍ତ ସଂପୃକ୍ତ ପୋଲିସ୍ ଅଫିସର୍ ତାକୁ ଏକ ପରିବେକ୍ଷଣ ଗୃହରେ ରଖିବାର ବ୍ୟବସ୍ଥା କରାଇବେ ।

- ଯେଉଁସ୍ଥଳେ ପରିଷଦ ଉକ୍ତ କିଶୋରକୁ ଜାମିନ୍‌ରେ ଖଲାସ ନକରନ୍ତି, ସେପରି ସ୍ଥଳେ ସେ ତାକୁ ଜେଲ୍‌କୁ ନ ପଠାଇ ଏକ ପରିବେକ୍ଷଣ ଗୃହ ବା ଏକ ନିରାପଦ ସ୍ଥାନକୁ ପ୍ରେରଣ କରିବେ ଏବଂ ସଂପୃକ୍ତ କିଶୋର ସମ୍ବନ୍ଧରେ ଯେ ପର୍ଯ୍ୟନ୍ତ ଅନୁସନ୍ଧାନ ସମାପ୍ତ ନହୋଇଛି, ସେପର୍ଯ୍ୟନ୍ତ ତାକୁ ଏକ ପରିବେକ୍ଷଣ ଗୃହ ବା ଏକ ନିରାପଦ ସ୍ଥାନରେ ରଖାଯିବ ।

## ପରିଷଦ ଦ୍ୱାରା କିଶୋର ସମ୍ବନ୍ଧରେ ଅନୁସନ୍ଧାନ

- ଅଭିଯୁକ୍ତ କିଶୋର ସମ୍ବନ୍ଧରେ ପରିଷଦ ଏକ ଅନୁସନ୍ଧାନ ଆୟୋଜନ କରିବେ ଓ ଉକ୍ତ କିଶୋର ସମ୍ପର୍କରେ ଯାହା ଉପଯୁକ୍ତ ମନେକରିବେ, ସେହି ପ୍ରକାର ଆଦେଶ ଜାରି କରିବେ, ପରନ୍ତୁ, ସାଧାରଣତଃ ଏକ ଅନୁସନ୍ଧାନ ଚାରିମାସ ମଧ୍ୟରେ ସମାପ୍ତ ହେବ ।

- ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବା ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ପରିଷଦଙ୍କ ଠାରେ ଥିବା ମାମଲାଗୁଡ଼ିକର ବକେୟା ସ୍ଥିତିକୁ ପ୍ରତି ଛ ମାସରେ ଥରେ ସମୀକ୍ଷା କରିବେ, ଏବଂ ପରିଷଦଙ୍କୁ ଅଧିକ କ୍ଷିପ୍ରତର ଗତିରେ ନିଜର ବୈଠକଗୁଡ଼ିକୁ ଆୟୋଜନ କରାଇବା ପାଇଁ ନିର୍ଦ୍ଦେଶ ଦେବେ ।

## କିଶୋର ସମ୍ପର୍କରେ କେଉଁ ଆଦେଶ ଜାରି କରାଯାଇପାରେ

- ପରିଷଦ ପିତାମାତା, ଅଭିଭାବକ ଏବଂ ସଂପୃକ୍ତ କିଶୋରଙ୍କ ସମ୍ବନ୍ଧରେ ଯଥୋଚିତ ଅନୁସନ୍ଧାନ କରି ସେମାନଙ୍କ ସହ ପରାମର୍ଶ କଲାପରେ ଉକ୍ତ କିଶୋରଙ୍କୁ ଉପଦେଶ ଓ ଚେତାବନୀ ଦେଇ ଗୃହକୁ ଫେରିଯିବା ପାଇଁ ଅନୁମତି ଦେଇପାରନ୍ତି ;
- କୋଣସି ସମୂହ ସେବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ସଂପୃକ୍ତ କିଶୋରକୁ ପରିଷଦ ନିର୍ଦ୍ଦେଶ ଦେଇପାରନ୍ତି ;

- ଯଦି କିଶୋର ଜଣକ ଚଉଦ ବର୍ଷରୁ ଅଧିକ ହୋଇଥିବ ଏବଂ ଅର୍ଥ ଉପାର୍ଜନ କରୁଥିବ, ତେବେ ଉକ୍ତ କିଶୋରର ପିତାମାତାଙ୍କୁ ବା ତାକୁ ଜୋରିମାନା ଦେବାକୁ ପରିଷଦ ଆଦେଶ ଦେଇପାରନ୍ତି ;

- ଉତ୍ତମ ଆଚରଣ ପାଇଁ କିଶୋରର ପିତାମାତା, ଅଭିଭାବକ ବା ଅନ୍ୟ କୌଣସି ସମର୍ଥ ବ୍ୟକ୍ତିଙ୍କ ଠାରୁ ଏକ ଅଙ୍ଗୀକାର ମିଳିବା ପରେ ଜମାନତ ସହିତ ବା ଜମାନତ ବ୍ୟତିରେକ ସର୍ବାଧିକ ତିନିବର୍ଷ ପାଇଁ ସଂପୃକ୍ତ କିଶୋରକୁ ଖଲାସ କରି ତାକୁ ପିତାମାତା, ଅଭିଭାବକ ବା ଅନ୍ୟ କୌଣସି ସମର୍ଥ ବ୍ୟକ୍ତି ବା ସମର୍ଥ ଅନୁଷ୍ଠାନଙ୍କ ହେପାଜତ୍ ଅଧୀନରେ ରଖିବା ପାଇଁ ପରିଷଦ ନିର୍ଦ୍ଦେଶ ଦେଇ ପାରନ୍ତି ;

- ସଂପୃକ୍ତ କିଶୋରକୁ ଏକ ସ୍ୱତନ୍ତ୍ର ଗୃହରେ ତିନିବର୍ଷ ପାଇଁ ରହିବା ସକାଶେ ପରିଷଦ ଆଦେଶ କରିପାରନ୍ତି ; ପରନ୍ତୁ, ଅପରାଧର ପ୍ରକୃତି ଏବଂ ମାମଲାଟିର ପାରିପାର୍ଶ୍ୱିକ ସ୍ଥିତିସମୂହକୁ ଅନୁଧ୍ୟାନ କରି ପରିଷଦ ଏହି ରହଣି ସମୟକୁ ହ୍ରାସ କରିପାରନ୍ତି ।

## କିଶୋର ବିରୋଧରେ କେଉଁ ଆଦେଶ ଦିଆ ଯାଇପାରିବ ନାହିଁ

- ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କୌଣସି କିଶୋରକୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ ବା ଆଜୀବନ ଜେଲ୍‌ଦଣ୍ଡ ଦିଆଯିବ ନାହିଁ, କିମ୍ବା ଜୋରିମାନା ପଇଠ ବା ଜମାନତ ଯୋଗାଇବାରେ ବିଫଳ ହେବାର ବିକଳ୍ପ ବ୍ୟବସ୍ଥା ରୂପେ ଜେଲ୍‌ଦଣ୍ଡ ଦିଆଯାଇ ପାରିବନାହିଁ :

- ଯେଉଁସ୍ଥଳେ ସଂପୃକ୍ତ କିଶୋରର ବୟସ ଷୋଳ ବର୍ଷ ବା ତଦୁର୍ଦ୍ଧ ହୋଇଥିବ ଓ ବିଶେଷ କାରଣ ଯୋଗୁଁ ପରିଷଦ ସଂପୃକ୍ତ କିଶୋରକୁ ଏକ ଅଟକ ରଖାଯିବାର ଆବଶ୍ୟକତା ଅନୁଭବ କରିବେ ସେପରି ସ୍ଥଳେ ରାଜ୍ୟ ସରକାର ସଂପୃକ୍ତ କିଶୋରକୁ ଏକ ସୁରକ୍ଷିତ ହେପାଜତ୍ ଅଧୀନରେ ରଖିବାର ବ୍ୟବସ୍ଥା କରିବେ, କିନ୍ତୁ କୌଣସି ମତେ ଏହି ହେପାଜତ୍‌ର ଅବଧି ତିନିବର୍ଷରୁ ଅଧିକ ହେବନାହିଁ ।

## ନାମ ଇତ୍ୟାଦିର ପ୍ରକାଶନ ଉପରେ  ନିଷେଧାଜ୍ଞା

- ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ବା ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତ ଉପରେ କୌଣସି ଅନୁସନ୍ଧାନ ବିଷୟରେ ସମ୍ବାଦପତ୍ର ବା ଗଣମାଧ୍ୟମରେ କୌଣସି ବିବରଣୀରେ ଫଟୋ କିମ୍ବା ତାହାର ନାମ, ଠିକଣା ବା ସ୍କୁଲ ବା ଅନ୍ୟ କୌଣସି ସବିଶେଷ ତଥ୍ୟାବଳୀ ପ୍ରକାଶନ କରାଯିବ ନାହିଁ, ପରନ୍ତୁ, ଅନୁସନ୍ଧାନକାରୀ କର୍ତ୍ତୃପକ୍ଷ ଯଦି ମନେ କରନ୍ତି ଯେ ଏତାଦୃଶ ପ୍ରକାଶନ ଦ୍ୱାରା ସଂପୃକ୍ତ କିଶୋର ବା ବାଳୁତଙ୍କର ସ୍ୱାର୍ଥ ସାଧିତ ହେବ, ତେବେ ସେ ଲିଖିତ ଭାବେ ଏତାଦୃଶ ପ୍ରକାଶନ ପାଇଁ ଅନୁମତି ଦେଇପାରନ୍ତି ।

- ଉକ୍ତ ବ୍ୟବସ୍ଥାକୁ ଉଲ୍ଲଂଘନ କଲେ ସର୍ବାଧିକ ଦୁଇହଜାର ଟଙ୍କାର ଜୋରିମାନା ଲାଗୁ ହେବ ।

## ପଳାତକ କିଶୋର ସମ୍ବନ୍ଧରେ ବ୍ୟବସ୍ଥା-

ଯେଉଁସ୍ଥଳେ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ସ୍ୱତନ୍ତ୍ର ଗୃହ ବା ପରିବେକ୍ଷଣ ଗୃହରୁ ବା ହେପାଜତ୍‌କାରୀ ବ୍ୟକ୍ତିଙ୍କ ଠାରୁ ଖସି ପଳାଇଥିବ, ସେପରି ସ୍ଥଳେ ଯେ କୌଣସି ପୋଲିସ୍ ଅଫିସର୍ ବିନା ପରୱାନାରେ ତାକୁ ନିଜ ନିୟନ୍ତ୍ରଣ ଅଧୀନକୁ ଆଣିପାରିବେ ଏବଂ ସଂପୃକ୍ତ କିଶୋରକୁ ଉକ୍ତ ସ୍ୱତନ୍ତ୍ର ଗୃହ ବା ପରିବେକ୍ଷଣ ଗୃହକୁ ବା ଯଥାସ୍ଥିତି ସଂପୃକ୍ତ ବ୍ୟକ୍ତିଙ୍କ ନିକଟକୁ ପଠାଇ ଦେବେ । ପଳାୟନ ହେତୁ ସମ୍ପୃକ୍ତ କିଶୋର ବିରୁଦ୍ଧରେ କୌଣସି କାର୍ଯ୍ୟବିଧି ଆଗତ କରାଯିବ ନାହିଁ, କିନ୍ତୁ ପରିଷଦଙ୍କୁ ଏହି ପଳାୟନ ବିଷୟରେ ସୂଚନା ପାଇଲା ପରେ ଉକ୍ତ କିଶୋର ସମ୍ବନ୍ଧରେ ନିଜ ବିବେଚନାରେ ଉପଯୁକ୍ତ ମନେ ହେଉଥିବା ବ୍ୟବସ୍ଥା ଗ୍ରହଣ କରିପାରନ୍ତି ।

## କିଶୋରକୁ ନିଷ୍ଠୁରତା ଓ ଶୋଷଣ ଇତ୍ୟାଦି ପାଇଁ ଦଣ୍ଡବିଧାନ

- ଯଦି କୌଣସି ବ୍ୟକ୍ତି ଜଣେ କିଶୋର ବା ବାଳୁତଙ୍କର ପ୍ରକୃତ ଦାୟିତ୍ୱ ବା ନିୟନ୍ତ୍ରଣ ଗ୍ରହଣ କରିଥିବା ସ୍ଥଳେ ସେହି କିଶୋର ବା ବାଳୁତକୁ ଅବହେଳିତ ବା ପରିତ୍ୟକ୍ତ କରନ୍ତି ବା ଅବାଂଛିତ ଶାରିରୀକ ଓ ମାନସିକ ଯନ୍ତ୍ରଣା ଦିଅନ୍ତି ତେବେ ତେବେ ସମ୍ପୃକ୍ତ ବ୍ୟକ୍ତି ସର୍ବାଧିକ ଛଅମାସ ଜେଲ୍ ବା ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

- ଯଦି କୌଣସି ବ୍ୟକ୍ତି ଜଣେ କିଶୋର ବା ବାଳୁତଙ୍କୁ ଭିକ୍ଷାବୃତ୍ତି ଉଦ୍ଦେଶ୍ୟରେ ନିୟୋଜିତ ବା ବ୍ୟବହାର କରନ୍ତି ତେବେ ସେହି ବ୍ୟକ୍ତିଙ୍କୁ ସର୍ବାଧିକ ତିନିବର୍ଷ ଜେଲ୍‌ଦଣ୍ଡ ଏବଂ ଜୋରିମାନାରେ ମଧ ଦଣ୍ଡିତ କରାଯିବ । ଯଦି ଆଉ ଜଣେ ବ୍ୟକ୍ତି ଉକ୍ତ ବ୍ୟକ୍ତିଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରନ୍ତି ତେବେ ସେ ସର୍ବାଧିକ ଏକବର୍ଷ ଜେଲ୍ ସହିତ ଜୋରିମାନା ଦଣ୍ଡରେ ମଧ ଦଣ୍ଡିତ ହେବେ ।

- ଯଦି ଜଣେ ବ୍ୟକ୍ତି କୌଣସି କିଶୋର ବା ବାଳୁତକୁ ମନ୍ଦ ଉଦ୍ଦେଶ୍ୟ ରଖି ନିଶାକାରକ ଔଷଧ ବା ଉନ୍ମାଦକ ସାମଗ୍ରୀ ଦିଅନ୍ତି ବା ଦେବାରେ କାରଣ ହୁଅନ୍ତି, ତେବେ ସେହି ବ୍ୟକ୍ତି ସର୍ବାଧିକ ତିନିବର୍ଷ ଜେଲ୍ ସହିତ ଜୋରିମାନାରେ ମଧ ଦଣ୍ଡିତ ହେବେ ।

- ଯଦି କୌଣସି ବ୍ୟକ୍ତି ଜଣେ କିଶୋର ବା ବାଳୁତକୁ କୌଣସି ବିପଜ୍ଜନକ କାର୍ଯ୍ୟରେ ନିଯୁକ୍ତ କରିବା ପାଇଁ ଖୋଲଖୋଲି ନିଜ ଅକ୍ତିଆରକୁ ଆଣନ୍ତି ଏବଂ ନିଜ ବନ୍ଧନରେ ରଖନ୍ତି ଏବଂ ତା'ର ଉପାର୍ଜନକୁ ନିଜେ ବ୍ୟବହାର କରନ୍ତି, ତେବେ ସେହି ବ୍ୟକ୍ତି ସର୍ବାଧିକ ତିନିବର୍ଷ ଜେଲ୍ ସହିତ ଜୋରିମାନାରେ ମଧ ଦଣ୍ଡିତ ହେବେ ।

## *ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତ*

## ବାଳୁତ କଲ୍ୟାଣ କମିଟି-

- ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲା ପାଇଁ ଏକ ବା ଏକାଧିକ ବାଳୁତ କଲ୍ୟାଣ କମିଟି ଗଠନ କରିବେ, ଯେ କି ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ଏହି ଆଇନ୍ ବଳରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱମାନ ସମ୍ପାଦନ କରିବେ ।

- ଏହି କମିଟି ଜଣେ ଅଧକ୍ଷ ଓ ଅନ୍ୟ ଚାରିଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ, ଏବଂ ସେମାନଙ୍କ ଭିତରୁ ଅନ୍ୟୁନ ଜଣେ ମହିଳା ହୋଇଥିବେ ଓ ଅନ୍ୟ ଜଣେ ବାଳୁତମାନଙ୍କ ବିଷୟରେ ଜଣେ ବିଶେଷଜ୍ଞ ହୋଇଥିବେ ।

- କମିଟି ଏକ ନ୍ୟାୟାଧିଶ ମଣ୍ଡଳୀ ରୂପେ କାର୍ଯ୍ୟ କରିବେ ଏବଂ କମିଟିର ସେହିସବୁ କ୍ଷମତା ରହିବ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ଆଇନ୍, ୧୯୭୩ ଅନୁଯାୟୀ ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଅବା ଯଥାସ୍ଥିତି ଜଣେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଠାରେ ନ୍ୟସ୍ତ କରାଯାଇଥାଏ ।

- କମିଟିର ବୈଠକ ବସିନଥିବା ସମୟରେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତକୁ ନିରାପଦ ହେପାଜତ୍ କିମ୍ବା ଅନ୍ୟ କୌଣସି ପ୍ରକାର ଆଶ୍ରୟ ଦେବା ଉଦ୍ଦେଶ୍ୟରେ କମିଟିର ଯେ କୌଣସି ସଦସ୍ୟଙ୍କ ନିକଟରେ ହାଜର କରାଯାଇପାରେ ।

- ବାଳୁତମାନଙ୍କର ଯତ୍ନ, ସୁରକ୍ଷା, ଚିକିତ୍ସା, ବିକାଶ ଓ ଥଇଥାନ ତଥା ସେମାନଙ୍କର ମୌଳିକ ଆବଶ୍ୟକତାଗୁଡିକୁ ଯୋଗାଇଦେବା ତଥା ସେମାନଙ୍କର ମାନବିକ ଅଧିକାରସମୂହର ସୁରକ୍ଷା କରିବା କ୍ଷେତ୍ରରେ ଚୂଡ଼ାନ୍ତ କର୍ତ୍ତୃତ୍ୱ କମିଟିଙ୍କ ଠାରେ ନ୍ୟସ୍ତ ରହିବ ।

- ଜଣେ ପୋଲିସ୍ ଅଫିସର୍ ବା ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ ବା ଜଣେ ପଦନାମିତ ପୋଲିସ୍ ଅଫିସର୍, ଜଣେ ସର୍ବଧାରଣ କର୍ମଚାରୀ, ଚାଇଲ୍ଡ଼ ଲାଇନ୍, କୌଣସି ପଞ୍ଜୀକୃତ ସ୍ୱେଚ୍ଛାସେବୀ ସଂଗଠନ ଅଥବା ଅନ୍ୟ କୌଣସି ସ୍ୱେଚ୍ଛାସେବୀ ସଂସ୍ଥା, କୌଣସି ସମାଜ କର୍ମୀ ବା ସର୍ବସାଧାରଣ ମନୋଭାବାପନ୍ନ ବ୍ୟକ୍ତି, ବା ନିଜେ ବାଳୁତ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଏକ ବାଳୁତକୁ କମିଟିଙ୍କ ସମ୍ମୁଖରେ ହାଜର କରିପାରନ୍ତି ।

- ଅନୁସନ୍ଧାନ ସମାପ୍ତ ନହେବା ପର୍ଯ୍ୟନ୍ତ ସଂପୃକ୍ତ ବାଳୁତଙ୍କୁ 'ଶିଶୁଗୃହ'କୁ ପ୍ରେରଣ ଏବଂ ଅର୍ପଣ କରିବାର ପ୍ରଣାଳୀ ବିଷୟରେ ରାଜ୍ୟ ସରକାର ଏହି ଆଇନ୍ ସହ ସଂଗତି ରକ୍ଷାକରି ନିୟମାବଳୀ ପ୍ରଣୟନ କରିପାରନ୍ତି ।

## ଶିଶୁଗୃହ

- ଅନୁସନ୍ଧାନ ସମାପ୍ତ ନହେବା ଯାଏଁ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ଆଶ୍ରୟ ପାଇଁ ତଥା ପରବର୍ତ୍ତୀ ସମୟରେ ସେମାନଙ୍କର ଯତ୍ନ, ଚିକିତ୍ସା, ଶିକ୍ଷା, ପ୍ରଶିକ୍ଷଣ, ବିକାଶ ଏବଂ ଥଇଥାନ ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାପାଇଁ ବା ଯଥାସ୍ଥିତି ଗୋଟିଏ ଜିଲ୍ଲାପୁଞ୍ଜ ପାଇଁ ଶିଶୁଗୃହଗୁଡିକର ସ୍ଥାପନ ଏବଂ ରକ୍ଷଣାବେକ୍ଷଣ କରିପାରନ୍ତି ।

- ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସଂସ୍ଥା ସଂଶୋଧନ ଆଇନ୍ ୨୦୦୬ର ପ୍ରାରମ୍ଭ ତାରିଖର ଛ ମାସ ସମୟ-ସୀମା ଭିତରେ ଏହି ଆଇନ୍ ଅଧୀନରେ ପଞ୍ଜିକୃତ ହେବେ ।

## ନିରୀକ୍ଷଣ ଓ ସାମାଜିକ ସମୀକ୍ଷଣ

- ରାଜ୍ୟ ସରକାର ନିଜେ ବିହିତ କରିବା ମତେ ରାଜ୍ୟ, ପ୍ରତି ଜିଲ୍ଲା ବା ଯଥାସ୍ଥିତି ପ୍ରତି ସହର ପାଇଁ ଶିଶୁଗୃହସମୂହଙ୍କ ପାଇଁ ନିରୀକ୍ଷଣ କମିଟିମାନ ନିଯୁକ୍ତ କରିପାରନ୍ତି ।

- ଏକ ନିରୀକ୍ଷଣ କମିଟିରେ ରାଜ୍ୟ ସରକାର, କମିଟି ଓ ସ୍ୱେଚ୍ଛସେବୀ ସଙ୍ଗଠନଙ୍କର ପ୍ରତିନିଧିଙ୍କ ସହିତ ଚିକିତ୍ସା ବିଶେଷଜ୍ଞ ଓ ସମାଜକର୍ମୀ ରହିବେ ।

- କେନ୍ଦ୍ର ବା ରାଜ୍ୟ ସରକାର ଶିଶୁଗୃହଗୁଡିକର କାର୍ଯ୍ୟକଳାପକୁ ନିରପେକ୍ଷ ବ୍ୟକ୍ତି ଓ ଅନୁଷ୍ଠାନଙ୍କ ଜରିଆରେ ତଦାରଖ ଓ ମୂଲ୍ୟାୟନ କରିପାରନ୍ତି ।

## ଆଶ୍ରୟ ଗୃହ

- ରାଜ୍ୟ ସରକାର ସୁପରିଚିତ ଏବଂ ସୁଦକ୍ଷ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସହାୟତା କରି କିଶୋର ବା ବାଳୁତମାନଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଆଶ୍ରୟ ଗୃହର ସ୍ଥାପନା ଏବଂ ପରିଚାଳନା କରିପାରିବେ ।

- ଆଶ୍ରୟ ଗୃହମାନ ଜରୁରୀ ସହାୟତା ଲୋଡୁଥିବା ବାଳୁତମାନଙ୍କ ପାଇଁ ଏକ ସାମୟିକ ରହଣି କେନ୍ଦ୍ର ଭାବେ କାର୍ଯ୍ୟକରିବ ।

## ପୁନରାର୍ପଣ

- ପ୍ରତି ଶିଶୁଗୃହ ବା ଆଶ୍ରୟଗୃହର ମୁଖ୍ୟ ଉଦ୍ଦେଶ୍ୟ ହେବ ଜଣେ ବାଳୁତର ପୁନରାର୍ପଣ ଏବଂ ସୁରକ୍ଷା ।

- ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତକୁ ତାହାର ପିତାମାତା, ଅଭିଭାବକ, ପୋଷ୍ୟତା-ଗ୍ରହଣକାରୀ ପିତାମାତା, ପୋଷକ ପିତାମାତା. ସମର୍ଥ ବ୍ୟକ୍ତି ବା ଯଥାସ୍ଥିତି ସମର୍ଥ ଅନୁଷ୍ଠାନ ନିକଟରେ ପୁନରାର୍ପଣ କରିବାର କ୍ଷମତା କମିଟିର ରହିବ ଏବଂ କମିଟି ସେମାନଙ୍କୁ ଏବିଷୟରେ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିବ ।

## ସମନ୍ୱୀତ କିଶୋର ନ୍ୟାୟ ସ୍କିମ୍

କିଶୋର ନ୍ୟାୟ ଆଇନ୍ ପ୍ରଯୁଜ୍ୟ ହେଉଥିବା ସମସ୍ତ ଜିଲ୍ଲା ପାଇଁ ପ୍ରଥମେ କୁପରିଚାଳିତ କିଶୋର ସମସ୍ୟା ନିଷେଧ ଓ ନିୟନ୍ତ୍ରଣ ସ୍କିମ୍ କାର୍ଯ୍ୟକାରୀ ହେଲା । ଏହା ଏକ କେନ୍ଦ୍ରୀୟ ସହାୟତା ପ୍ରାପ୍ତ ସ୍କିମ୍ ଏବଂ ପ୍ରତି ରାଜ୍ୟ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମୋଟ୍ ଆବଶ୍ୟକୀୟ ଅର୍ଥର ଶତକଡା ୫୦ ବହନ କରିବେ । ଆନ୍ଧ୍ର ପ୍ରଦେଶ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ ଓ ଉତ୍ତରପ୍ରଦେଶ ଏହି ସ୍କିମ୍‌କୁ କାର୍ଯ୍ୟକାରୀ କରିସାରିଛନ୍ତି । କିନ୍ତୁ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ସବ୍-କମିଟିଙ୍କ ବକ୍ତବ୍ୟ ଅନୁଯାୟୀ ଉକ୍ତ ସ୍କିମ୍‌କୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଅନେକ ଦୁର୍ବଳତା ଲକ୍ଷ୍ୟ କରାଯାଇଛି । ରାଜ୍ୟ ସରକାରମାନେ ଏହି ସ୍କିମ୍ ପ୍ରତି ଅଗ୍ରାଧିକାର ଦେଉନାହାନ୍ତି; ଯେଉଁ ସଂରଚନା ସୁବିଧା ଅଛି, ତହିଁର ମାନଦଣ୍ଡ ଅତ୍ୟନ୍ତ ନିମ୍ନ ଏବଂ ଉପଯୁକ୍ତ ସଂଖ୍ୟକ ତାଲିମପ୍ରାପ୍ତ କର୍ମୀଙ୍କର ମଧ୍ୟ ଘୋର ଅଭାବ ଅଛି । ୧୯୯୮ରେ ସ୍କିମ୍‌କୁ ସଂଶୋଧନ କରାଯିବା ସହିତ କିଶୋର ନ୍ୟାୟ ସମନ୍ୱୀତ ସ୍କିମ୍ ଭାବେ ପୁନର୍ନାମିତ କରାଯାଇଛି । କିଶୋର ନ୍ୟାୟ ପାଣ୍ଠି ମଧ୍ୟ ପ୍ରତିଷ୍ଠା କରାଯାଇଛି, ଯାହାର ଲକ୍ଷ୍ୟ ହେଲା, ସଂରଚନାଗତ ସୁବିଧାସୁଯୋଗରେ ଉନ୍ନତି ଘଟାଇବା ।

### ଓଡିଶାରେ କାର୍ଯ୍ୟକାରିତା

ଭାରତ ସରକାରଙ୍କ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡେ ଯେ, ଓଡିଶାରେ ଉକ୍ତ ଆଇନ୍ ନିମ୍ନ ମତେ କାର୍ଯ୍ୟକାରୀ ହୋଇଛି-

- କିଶୋର ନ୍ୟାୟ ଅଧୀନରେ ନିୟମାବଳୀ ବିଜ୍ଞାପିତ ହୋଇସାରିଛି
- ୨୮ଟି ଜିଲ୍ଲାରେ କିଶୋର ନ୍ୟାୟ ବୋର୍ଡ ଗଠିତ ହୋଇସାରିଛି ଏବଂ ବାକୀ ଦୁଇଟି ଜିଲ୍ଲାରେ ଗଠନ ପାଇଁ ଚେଷ୍ଟା ଚାଲୁରହିଛି
- ୩୦ଟି ଜିଲ୍ଲାରେ ବାଳୁତ କଲ୍ୟାଣ କମିଟି ଗଠିତ ହୋଇସାରିଛି
- ୧୫ଟି ପରିବେକ୍ଷଣ ଗୃହ ସ୍ଥାପିତ ହୋଇଛି, ଯେଉଁଥିରୁ ୧୨ଟି ଏନ୍.ଜି.ଓ. ଓ ବାକୀ ୩ଟି ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି
- ୩ଟି ସ୍ୱତନ୍ତ୍ର ଗୃହ ସ୍ଥାପିତ ହୋଇଛି
- ବାଳୁତ ଗୃହ ପରିଚାଳନା ପାଇଁ ରାଜ୍ୟ ସରକାର ୧୨ଟି ସଂସ୍ଥାକୁ ସମର୍ଥ ଅନୁଷ୍ଠାନ ଭାବେ ବିଜ୍ଞାପିତ କରିସାରିଛି
- ୧୨ଟି ଉତ୍ତମ ବାଳୁତ ଯତ୍ନସେବା ଅନୁଷ୍ଠାନକୁ ବାଳୁତ ଗୃହ ଭାବେ ଘୋଷଣା ପାଇଁ ପଦକ୍ଷେପ ନିଆଯାଉଛି ।

**ଓଡିଶାର ଶିଶୁ ସଂସ୍ଥାନ ଅନୁଷ୍ଠାନସମୂହ**

୧- ବସୁନ୍ଧରା, ବିଡାନାସି, ବିଡାନାସି ନଗର, କଟକ
୨- ମନୋଜ ମଞ୍ଜରି ଶିଶୁଭବନ, କେନ୍ଦୁଝର
୩- ନୀଳାଚଳ ସେବା ପ୍ରତିଷ୍ଠାନ, କଣାସ, ପୁରୀ
୪- ବନବାସୀ ସେବା ସମିତି, ବାଲିଗୁଡା, କନ୍ଧମାଳ
୫- ସୁଭଦ୍ରା ମହତାବ ସେବା ସଦନ, ଖଣ୍ଡଗିରି (ଅଇଗିଣିଆ), ଭୁବନେଶ୍ୱର
୬- ମହର୍ଷି ଦୟାନନ୍ଦ ସେବା ମିଶନ୍, ତୁରଙ୍ଗ, ଅନୁଗୁଳ
୭- ନେହେରୁ ସେବା ସଂଘ, ଭବାନୀ ପାଟଣା, କଳାହାଣ୍ଡି
୮- ଲୁଥରାନ୍ ମହିଳା ସମିତି, ପାଟଲୀପଙ୍କ, କେନ୍ଦ୍ରାପଡା

## ୧୨: ନାଗରିକ ଅଧିକାର ସୁରକ୍ଷା ଆଇନ୍, ୧୯୫୫

ଏହାର ପ୍ରାକ୍-କଥନରେ କୁହାଯାଇଛି ଯେ, ଅସ୍ପୃଶ୍ୟତାକୁ ନେଇ ପ୍ରଚାର ବା ଆଚରଣ ତଥା ଅସ୍ପୃଶ୍ୟତା କାରଣରୁ କାହାକୁ ବଞ୍ଚିତ କରିବା କାର୍ଯ୍ୟ ବିରୁଦ୍ଧରେ ଦଣ୍ଡବିଧାନ ପାଇଁ ଏହି ଆଇନ୍ ଉଦ୍ଦିଷ୍ଟ ଅଟେ । ସାରା ଭାରତବର୍ଷ ପାଇଁ ପ୍ରଯୁଜ୍ୟ ଏହି ଆଇନ୍‌ରେ ମୋଟ ୧୬ଟି ଧାରା ଓ ଗୋଟିଏ ଅନୁସୂଚୀ ରହିଛି । ଏଥିରେ ନାଗରିକ ଅଧିକାର (ସିଭିଲ୍ ରାଇଟସ୍)ର ସଂଜ୍ଞାୟନ କରାଯାଇ କୁହାଯାଇଛି ଯେ, ତାହା ହେଉଛି ସମ୍ବିଧାନର ଧାରା ୧୭ରେ ଅସ୍ପୃଶ୍ୟତାର ଉଚ୍ଛେଦ ଫଳରେ ଜଣେ ନାଗରିକ ଯେଉଁସବୁ ଅଧିକାରର ହକ୍‌ଦାର ହୋଇଥାଏ । ଧାରା-୨ ଅଧୀନରେ ବିଶେଷ ଶବ୍ଦାବଳୀର ସଂଜ୍ଞାୟନ କରାଯାଇଛି । 'ଅନୁସୂଚୀତ ଜାତି'ର ସଂଜ୍ଞାୟନ କରି କୁହାଯାଇଛି ଯେ, ସମ୍ବିଧାନର ଧାରା ୩୬୬ର ଉପଧାରା (୨୪)ରେ ଏହି ଶବ୍ଦର ଯେଉଁ ସଂଜ୍ଞା ଦିଆଯାଇଛି, ତାହାହିଁ ପ୍ରଯୁଜ୍ୟ ହେବ । ଧାରା ୩୬୬ (୨୪)ରେ କୁହାଯାଇଛି ଯେ, ଧାରା ୩୪୧ରେ ସୂଚୀତ ହୋଇଥିବା ଅନୁସୂଚୀତ ଜାତିର ସଂଜ୍ଞା ପ୍ରଯୁଜ୍ୟ ରହିବ । ଧାରା ୩୪୧ ଅନୁଯାୟୀ ରାଷ୍ଟ୍ରପତି ସଂପୃକ୍ତ ରାଜ୍ୟର ରାଜ୍ୟପାଳଙ୍କ ସହ ପରାମର୍ଶ କରି ସେହି ରାଜ୍ୟ ପାଇଁ ଅନୁସୂଚୀତ ଜାତିମାନଙ୍କର ଏକ ତାଲିକା ବିଜ୍ଞପ୍ତି କରବେ ଏବଂ ଏହି ତାଲିକାରେ ଅଦଳବଦଳ କରିବାର ଅଧିକାର ସଂସଦର ରହିଛି । 'ସ୍ଥାନ'ର ସଂଜ୍ଞାୟନ କରାଯାଇ କୁହାଯାଇଛି ଯେ, ଏହା ଏକ ଘର, ହତା, ଓ ଏପରିକି ଶିବିର, ଗାଡି ବା ଜାହାଜ ହୋଇପାରେ । 'ହୋଟେଲ୍' ଶବ୍ଦ ଭିତରେ ଅନ୍ତର୍ଭୁକ୍ତ ରହିବ ଯେ କୌଣସି ପ୍ରକାର ଭୋଜନାଳୟ ବା ବିଶ୍ରାମସ୍ଥଳ । 'ସର୍ବସାଧାରଣ ମନୋରଞ୍ଜନ ସ୍ଥଳ' କହିଲେ ଯେଉଁ ସ୍ଥାନରେ ମନୋରଞ୍ଜନ ପାଇଁ ସର୍ବସାଧାରଣ ଯାତାୟତ କରିଥାନ୍ତି, ଯଥା ପ୍ରଦର୍ଶନୀ, କାର୍ଯ୍ୟକ୍ରମ ପରିବେଷଣ, କ୍ରୀଡା ବା ଅନ୍ୟ କୌଣସି ପ୍ରକାର ଆମୋଦପ୍ରମୋଦ ଉଦ୍ଦେଶ୍ୟରେ । 'ସର୍ବସାଧାରଣ ଉପାସନା ସ୍ଥଳ' କହିଲେ କୌଣସି ଧର୍ମୀୟ ଗୋଷ୍ଠୀ ବା ଉପଗୋଷ୍ଠୀଙ୍କ ଦ୍ୱାରା ପ୍ରତିଷ୍ଠିତ ବା ପରିଚାଳିତ ହେଉଥିବା ପୂଜା ବା ପ୍ରାର୍ଥନା ସ୍ଥାନ ଏବଂ ଏହି ଶବ୍ଦର ପରିସର ଭିତରେ ଅନ୍ତର୍ଭୁକ୍ତ ରହିବ ଜଣେ ଘରୋଇ ବ୍ୟକ୍ତିଙ୍କ ନିୟନ୍ତ୍ରଣାଧୀନ ଏକ ଉପାସନାସ୍ଥଳ, ଯାହାକି ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉନ୍ମୁକ୍ତ ବୋଲି ଘୋଷିତ ହୋଇଥାଏ । 'ଦୋକାନ' କହିଲେ ଯେଉଁଠାରେ ପଣ୍ୟଦ୍ରବ୍ୟର ଖୁଚୁରା ବା ପାଇକାରୀ କ୍ରୟ-ବିକ୍ରୟ ହୋଇଥାଏ ଏବଂ ଏହି ଶବ୍ଦର ପରିସର ଭିତରେ ଅନ୍ତର୍ଭୁକ୍ତ ରହିବ ଏକ ଭ୍ରାମ୍ୟମାଣ ବିକ୍ରେତାର କାରବାର, ଲଣ୍ଡ୍ରୀ ବା ବାଳକଟା ସେଲୁନ୍ । ଉଲ୍ଲେଖଯୋଗ୍ୟ ଯେ, ଧାରା-୩ ଅଧୀନରେ 'ହିନ୍ଦୁ' ଶବ୍ଦର ସ୍ପଷ୍ଟୀକରଣରେ କୁହାଯାଇଛି ଯେ, ବୌଦ୍ଧ, ଶିଖ, ଜୈନ ବା ଯେ କୌଣସି ହିନ୍ଦୁ ସଂପ୍ରଦାୟ ଯଥା ବୈଷ୍ଣବ, ଲିଙ୍ଗାୟତ, ଆଦିବାସୀ, ବ୍ରାହ୍ମ, ପ୍ରାର୍ଥନା ବା ଆର୍ଯ୍ୟ ସମାଜ ଅଥବା ସ୍ୱାମୀନାରାୟଣ ସଂପ୍ରଦାୟଙ୍କୁ ହିନ୍ଦୁ ବୋଲି ବିବେଚନା କରାଯିବ ।

ଅସ୍ପୃଶ୍ୟତାକୁ ଆଳ କରି କୌଣସି ସର୍ବସାଧାରଣ ଉପାସନା ସ୍ଥଳକୁ ପ୍ରବେଶ କ୍ଷେତ୍ରରେ କୌଣସି ବ୍ୟକ୍ତି ବାଧା ପ୍ରଦାନ କଲେ ଧାରା ୩ ଅଧୀନରେ ଓ ଅନ୍ୟାନ୍ୟ ସେବା କ୍ଷେତ୍ରରୁ ବଞ୍ଚିତ କଲେ ଧାରା ୪ ଅଧୀନରେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି । ଏହି ଦଣ୍ଡବିଧାନ ସର୍ବନିମ୍ନ ଏକମାସରୁ ସର୍ବାଧିକ ଛ ମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ସହିତ ସର୍ବନିମ୍ନ ୧ଶହ ଟଙ୍କାରୁ ସର୍ବାଧିକ ୫ଶହ ଟଙ୍କାର ଜୋରିମାନା ଲାଗୁ ହୋଇପାରେ । ସେହିପରୁ ଅସ୍ପୃଶ୍ୟତାକୁ ଆଳ କରି ଧାରା ୫ ଅଧୀନରେ ହସ୍ପିଟାଲ୍‌ରେ ଭର୍ତ୍ତିହେବାରେ ବାଧାଦେବା, ବା ଧାରା ୬ ଅଧୀନରେ ଜିନିଷ ବିକ୍ରୀ ବା ସେବା ଯୋଗାଇ ଦେବା ପାଇଁ ମନା କରିବା ବିରୁଦ୍ଧରେ ଉପରୋକ୍ତ ମତେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି । ଧାରା ୭(୧) ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଅନୁସୂଚୀତ ଜାତିର ଜଣେ ବ୍ୟକ୍ତିଙ୍କୁ ଜାତିଆଣ ଆଳ ଦେଖାଇ କୌଣସି ସାମ୍ବିଧାନିକ ଅଧିକାର ଉପଭୋଗରୁ ବଞ୍ଚିତ କରନ୍ତି, ବା ତାଙ୍କୁ ବଳାତ୍କାର, ଆଘାତ, ବିରକ୍ତ, ଅପମାନିତ ବା ବୟକଟ୍ କରନ୍ତି ବା ଅନ୍ୟ ଲୋକମାନଙ୍କୁ ଜାତିଆଣ ବାଛବିଚାର କରିବା ପାଇଁ ଭାଷା ବା ଇଙ୍ଗିତ ମାଧ୍ୟମରେ ଉସ୍କାନି ଦିଅନ୍ତି, ତେବେ ତାଙ୍କ ବିରୁଦ୍ଧରେ ଉପରୋକ୍ତ ମତେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି । ଧାରା ୭(୧-ଏ) ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଅନୁସୂଚୀତ ଜାତିର ବ୍ୟକ୍ତିଙ୍କ ଶରୀର ବା ସମ୍ପତ୍ତି ଉପରେ ଆକ୍ରମଣ କରନ୍ତି, ତେବେ ସେଥିପାଇଁ ସେ ଅନ୍ୟୁନ ୨ବର୍ଷ ଜେଲ୍ ସହ ଜୋରିମାନାରେ ଦଣ୍ଡିତ ହେବେ । ଧାରା ୭(୨) ଅନୁଯାୟୀ ଜଣେ ଅନୁସୂଚୀତ ବ୍ୟକ୍ତି ଆଇନତଃ ଯେଉଁ ଅଧିକାର ବା ସୁବିଧା ପାଇବା ପାଇଁ ହକ୍‌ଦାର, ସେଥିରୁ ଯଦି ଜଣେ ବ୍ୟକ୍ତି ତାଙ୍କୁ ବଞ୍ଚିତ କରନ୍ତି ଅଥବା ଯଦି ଜଣେ ବ୍ୟକ୍ତି ଅସ୍ପୃଶ୍ୟତାକୁ ଆଳ କରି କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଅନୁଷ୍ଠିତ ବାଛନ୍ଦ-କାର୍ଯ୍ୟରେ ଭାଗ ନେଇଥାନ୍ତି, ତେବେ ତାଙ୍କ ବିରୁଦ୍ଧରେ ସର୍ବନିମ୍ନ ଏକମାସରୁ ସର୍ବାଧିକ ଛ ମାସ ଜେଲ୍‌ଦଣ୍ଡ ସହିତ ସର୍ବନିମ୍ନ ୧ଶହ ଟଙ୍କାରୁ ସର୍ବାଧିକ ୫ଶହ ଟଙ୍କାର ଜୋରିମାନା ଲାଗୁ ହୋଇପାରେ । ଧାରା ୭-ଏ ଅନୁଯାୟୀ ଯଦି କେହି ବ୍ୟକ୍ତି ଅସ୍ପୃଶ୍ୟତାର ଆଳ ଦେଖାଇ ଆଉ ଜଣେ ବ୍ୟକ୍ତିଙ୍କୁ ମେହେନ୍ତରି ବା ଶବ ବୋହିବା ବା ପ୍ରାଣୀ ହତ୍ୟା ଭଳି କାର୍ଯ୍ୟ କରିବାକୁ ବାଧ୍ୟ କରନ୍ତି, ତେବେ ତାଙ୍କ ବିରୁଦ୍ଧରେ ସର୍ବନିମ୍ନ ତିନିମାସ ରୁ ସର୍ବାଧିକ ଛ ମାସର ଜେଲଦଣ୍ଡ ସହ ସର୍ବନିମ୍ନ ଏକଶହ ଟଙ୍କାରୁ ସର୍ବାଧିକ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ ହୋଇପାରିବ । ଧାରା-୮ ଅନୁଯାୟୀ ଜଣେ ଲାଇସେନ୍ସପ୍ରାପ୍ତ ଡିଲର୍ ଯଦି ବିକ୍ରୀବଟା କଲାବେଳେ ଅସ୍ପୃଶ୍ୟତା କାରଣରୁ

ବାଛବିଚାର କରିବାର ଅପରାଧରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଅନ୍ୟାନ୍ୟ ଦଣ୍ଡ ଭୋଗିବା ସହିତ ତାଙ୍କର ଲାଇସେନ୍ସ ରଦ୍ଦ ହୋଇଯିବ । ଧାରା-୯ ଅନୁଯାୟୀ କୌଣସି ସଂସ୍ଥାର ପରିଚାଳକ ଯଦି ଏହି ଆଇନ୍ ଅଧୀନରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କ ସଂସ୍ଥାକୁ ମିଳୁଥିବା ସରକାରୀ ଅନୁଦାନର ବ୍ୟବସ୍ଥା ପ୍ରତ୍ୟାହୃତ ହୋଇଯିବ । ଧାରା-୧୦ ଅନୁଯାୟୀ ସଂପୃକ୍ତ ଅପରାଧ ଘଟାଇବାରେ ସହାୟକ ହୋଇଥିବା ବ୍ୟକ୍ତିଙ୍କୁ ଏହି ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବ ଏବଂ ଯଦି ଜଣେ ସରକାରୀ ଅଧିକାରୀଙ୍କ ଉପରେ ଏହି ଆଇନ୍ ଅନୁଯାୟୀ ଏକ ଅପରାଧକୁ ଅନୁସନ୍ଧାନ କରିବାର ଦାୟିତ୍ୱ ନ୍ୟସ୍ତ ଥାଏ ଏବଂ ସେ ସେଥିରେ ଅବହେଳା କରନ୍ତି, ତେବେ ତାଙ୍କୁ ମଧ୍ୟ ଅପରାଧର ସହାୟକ ଭାବେ ଦଣ୍ଡିତ କରାଯିବ । ଧାରା-୧୦ଏ ଅନୁଯାୟୀ ଯଦି କୌଣସି ଏକ ଅଞ୍ଚଳର ଅଧିବାସୀ ଏକଜୁଟ୍ ହୋଇ ଏହି ଆଇନ୍ ଅଧୀନରେ କୌଣସି ଅପରାଧ ଘଟାଇଥାନ୍ତି, ତେବେ ରାଜ୍ୟ ସରକାର ଏହା ସମ୍ବନ୍ଧରେ ଏକ ଅନୁସନ୍ଧାନ କରାଇ ସେହିସମସ୍ତ ଲୋକାମାନଙ୍କ ଠାରୁ ଜୋରିମାନା ଆଦାୟ କରିପାରନ୍ତି । ଧାରା-୧୧ ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଏକାଧିକ ଥର ଅପରାଧ ଘଟାନ୍ତି ତେବେ ଦ୍ୱିତୀୟ ଥର ଅପରାଧ ପାଇଁ ତାଙ୍କୁ ସର୍ବନିମ୍ନ ଛ ମାସରୁ ସର୍ବାଧିକ ଏକବର୍ଷ ପର୍ଯ୍ୟନ୍ତ ଜେଲ୍ ସହିତ ସର୍ବନିମ୍ନ ଦୁଇଶହରୁ ସର୍ବାଧିକ ପାଞ୍ଚଶହ ଟଙ୍କାର ଜୋରିମାନା ଲାଗୁ ହେବ , ତଥା ତୃତୀୟ ଥର ଅପରାଧ ପାଇଁ ତାଙ୍କୁ ସର୍ବନିମ୍ନ ଏକବର୍ଷରୁ ସର୍ବାଧିକ ଦୁଇବର୍ଷ ପର୍ଯ୍ୟନ୍ତ ଜେଲ୍ ସହିତ ସର୍ବନିମ୍ନ ପାଞ୍ଚଶହରୁ ସର୍ବାଧିକ ୧ହଜାର ଟଙ୍କାର ଜୋରିମାନା ଲାଗୁ ହେବ ।

ଧାରା-୧୨ ଅନୁଯାୟୀ, ଏହି ଆଇନ୍ ଅଧୀନରେ ଏକ ଅପରାଧ ଘଟିଛି ବୋଲି ଯଦି ଅଭିଯୋଗ ଉଠିଥାଏ, ତେବେ ସଂପୃକ୍ତ ଅଦାଲତ ପ୍ରଥମେ ଅଭିଯୋଗଟି ସତ୍ୟ ବୋଲି ଧରିନେଇ ବିଚାର ଆରମ୍ଭ କରିବେ । ଧାରା-୧୩ ଅନୁଯାୟୀ କୋଣସି ଦେଓ୍ୱାନି ଅଦାଲତ ଏହି ଆଇନ୍‌ର ବିରୁଦ୍ଧାଚରଣ କରୁଥିବା କୌଣସି କେଶ୍, ଅଭିଯୋଗ ବା ରାୟକୁ ପ୍ରଶୟ ଦେବେ ନାହିଁ । ଧାରା-୧୪ ଅନୁଯାୟୀ ଯଦି କୌଣସି ପଂଜିକୃତ କମ୍ପାନୀ ବା ସଂଗଠନ ଅଥବା ଏହାର କୌଣସି କର୍ମକର୍ତ୍ତା ଅପରାଧ ଘଟାଇଥାନ୍ତି, ତେବେ ସେମାନେ ମଧ୍ୟ ଦଣ୍ଡିତ ହେବେ । ଧାରା-୧୫ ଅନୁଯାୟୀ ଏହି ଆଇନ୍ ଅଧୀନରେ ଘଟିତ ପ୍ରତି ଅପରାଧକୁ ଧର୍ତ୍ତବ୍ୟ ବୋଲି ମନେ କରାଯିବ ଏବଂ ଯେଉଁ ଅପରାଧ ପାଇଁ ସର୍ବନିମ୍ନ ତିନିମାସ ଜେଲ୍‌ଦଣ୍ଡ ରହିଛି, ତାକୁ ଛାଡି ଅନ୍ୟ ସମସ୍ତ ଅପରାଧ ସଂପୃକ୍ତ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବା ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାର ହେବ । ଧାରା ୧୫-ଏ ଅନୁଯାୟୀ ଅସ୍ପୃଶ୍ୟତାର ଉଚ୍ଛେଦ ଫଳରେ ଯେଉଁସବୁ ନାଗରିକ ଅଧିକାରଗୁଡିକ ସଂପୃକ୍ତ ଲୋକମାନଙ୍କୁ ମିଳିବା କଥା, ସେଗୁଡିକ ଯେପରି ଲୋକମାନେ ହାସଲ କରିପାରିବେ ତାହାକୁ ସୁନିଶ୍ଚିତ କରିବାର ଦାୟିତ୍ୱ ହେଉଛି ରାଜ୍ୟ ସରକାରଙ୍କର । କେନ୍ଦ୍ରସରକାର ଏକ୍ଷେତ୍ରରେ ରାଜ୍ୟସରକାରମାନଙ୍କର କାର୍ଯ୍ୟାବଳୀକୁ ସଂଯୋଜନା କରିବେ ତଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସଂପାଦିତ କାର୍ଯ୍ୟାବଳୀ ସଂବନ୍ଧରେ ଏକ ବାର୍ଷିକ ବିବରଣୀ ସଂସଦରେ ଉପସ୍ଥାପନ କରିବେ । ଧାରା-୧୬ ଅନୁଯାୟୀ, ଅନ୍ୟ କୌଣସି ଆଇନ୍, ଆଦେଶ ବା ପ୍ରଥାରେ ଯାହା ନିହିତ ଥାଉନା କାହିଁକି, ତାହା ଉପରେ ଏହି ଆଇନ୍‌ର ବ୍ୟବସ୍ଥାଗୁଡିକର ଅତିକ୍ରମଣ ପ୍ରଭାବ ରହିବ । ଧାରା-୧୬ଏ ଅନୁଯାୟୀ ଯଦି ଜଣେ ଚଉଦବର୍ଷରୁ କମ୍ ବାଳୁତ ଦ୍ୱାରା ଏହି ଆଇନ୍ ଅଧୀନରେ ଏକ ଅପରାଧ ଘଟିଥାଏ, ତେବେ ସେହି ବାଳୁତ ପ୍ରତି ଅପରାଧୀଙ୍କ ପରିବେକ୍ଷଣ ଆଇନ୍, ୧୯୫୮ ଲାଗୁ ହେବନାହିଁ । ଧାରା-୧୬ବି ଅନୁଯାୟୀ କେନ୍ଦ୍ରସରକାର ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ନିୟମାବଳୀ ପ୍ରଣୟନ କରିବେ । ଧାରା-୧୭ ଅନୁଯାୟୀ ଏହି ଆଇନ୍‌ର ଅନୁସୂଚୀରେ ସୂଚୀତ ହୋଇଥିବା ୨୧ଟି ପ୍ରଚଳିତ ଆଇନ୍‌ର ସେହିସବୁ ବ୍ୟବସ୍ଥା ପ୍ରତ୍ୟାହୃତ ହେଉଛି, ଯେଉଁଗୁଡିକ ଏହି ଆଇନ୍‌ର ବ୍ୟବସ୍ଥାଗୁଡିକ ସହିତ ଅସଂଗତ ।

## ୧୩: ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତିସମୂହ (ନିର୍ଯ୍ୟାତନାର ନିବାରଣ) ଆଇନ୍ ୧୯୮୯

ମୋଟ ୨୩ ଧାରା ବିଶିଷ୍ଟ ଏହି ଆଇନ୍‌ର ପ୍ରାକ୍-କଥନରେ କୁହାଯାଇଛି ଯେ, ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତିର ଜଣେ ସଦସ୍ୟଙ୍କ ବିରୁଦ୍ଧରେ ନିର୍ଯ୍ୟାତନା ଜନିତ ଅପରାଧ ଘଟିବାକୁ ବାରଣ କରିବା ପାଇଁ, ଏତାଦୃଶ ଅପରାଧଗୁଡିକର ବିଚାର କରିବା ପାଇଁ ଆବଶ୍ୟକ ସ୍ୱତନ୍ତ୍ର ଅଦାଲତଗୁଡିକର ପ୍ରତିଷ୍ଠା ପାଇଁ, ଏତାଦୃଶ ଅପରାଧଗୁଡିକର ଶୀକାର ହେଉଥିବା ବ୍ୟକ୍ତିମାନଙ୍କ ପାଇଁ ସହାୟତା ଓ ଥଇଥାନ ଯୋଗାଇଦେବା ପାଇଁ ତଥା ଆନୁଷଙ୍ଗିକ ବିଷୟସମୂହରେ ଆବଶ୍ୟକ ହେଉଥିବା ବ୍ୟବସ୍ଥାଗୁଡିକୁ ସ୍ଥାନିତ କରିବା ପାଇଁ ଏହି ଆଇନ୍ ପ୍ରଣୟନ କରାଯାଇଛି । ଏଥିରେ ୪ଟି ଅଧ୍ୟାୟ ଅଛି, ଯଥା ୧- ପ୍ରାରମ୍ଭିକ, ୨- ନିର୍ଯ୍ୟାତନାର ଅପରାଧମାନ, ୩- ବହିଷ୍କାର ଆଦେଶ, ୪- ସ୍ୱତନ୍ତ୍ର କୋର୍ଟସମୂହ, ୫- ବିବିଧ ।

**ଧାରା-୩(୧)** ରେ କୁହାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ନିଜେ ଅନୁସୂଚୀତ ଜାତି ବା ଜନଜାତିର ନହୋଇ ନିମ୍ନୋକ୍ତ ପ୍ରକାରେ ଆରଣ କରନ୍ତି, ତେବେ ତାହା ଅପରାଧ ବୋଲି ବିବେଚିତ ହେବ-

- ଅନୁସୂଚୀତ ଜାତି ବା ଜନଜାତିର କୌଣସି ବ୍ୟକ୍ତିଙ୍କୁ ଅଖାଦ୍ୟ ବା ବର୍ଜ୍ୟ ବସ୍ତୁ ଖାଇବା ବା ପିଇବା ପାଇଁ ବାଧ୍ୟ କରନ୍ତି ;
- ତାଙ୍କୁ ଆହତ, ଅପମାନିତ ବା ବିରକ୍ତ କରିବା ଉଦ୍ଦେଶ୍ୟରେ ତାଙ୍କର ଘର ବା ଆଖପାଖରେ ଆବର୍ଜନା, ଶବ ବା ଅନ୍ୟ କୌଣସି ବର୍ଜ୍ୟ ବସ୍ତୁ ଫୋପାଡନ୍ତି ;
- ଜଣେ ଅନୁସୂଚୀତ ଜାତି ବା ଜନଜାତିର ମାନବିକ ମର୍ଯ୍ୟାଦାକୁ ଉଲ୍ଲଂଘନ କରିବା ଉଦ୍ଦେଶ୍ୟରେ ତାଙ୍କୁ ବିବସ୍ତ୍ର କରନ୍ତି ବା ଉଲଗ୍ନ ଅବସ୍ଥାରେ ବା ଶରୀର ବା ମୁହଁରେ ଚୂନକଳା ବୋଲି ଚଲାଇଚଲାଇ ନିଅନ୍ତି ;
- ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କ ମାଲିକାନାରେ ଥିବା ତାଙ୍କୁ କୌଣସି ସମୁଚିତ କର୍ତ୍ତୃପକ୍ଷଙ୍କ ଠାରୁ ମଞ୍ଜୁର ହୋଇଥିବା ଜମିକୁ କେହି ଦଖଲ, ଚାଷ ବା ହସ୍ତାନ୍ତର କରନ୍ତି ;
- ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କୁ ଅନ୍ୟାୟରେ ତାଙ୍କର ଜମି ବା ଘରବାଡିରୁ ବେଦଖଲ କରନ୍ତି ବା ସେ ଯେଉଁ ଜମି, ଘରବାଡି ବା ଜଳସ୍ରୋତ ଉପରେ ଅଧିକାର ଉପଭୋଗ କରିଆସୁଛନ୍ତି, ତହିଁରେ ହସ୍ତକ୍ଷେପ କରନ୍ତି ;

- ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କୁ ଭିକ ମାଗିବା ବା ଅନ୍ୟ କୌଣସି ପ୍ରକାର ବେଠି ଖଟଣି ଖଟିବା ପାଇଁ ବାଧ୍ୟ କରନ୍ତି ;
- ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ କୌଣସି ପ୍ରାର୍ଥୀଙ୍କୁ ଭୋଟ ଦେବା ବା ନଦେବା ପାଇଁ ବାଧ୍ୟ କରନ୍ତି ;
- ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କ ବିରୁଦ୍ଧରେ ମିଥ୍ୟା, ବିଦ୍ୱେଷାତ୍ମକ ବା ବିରକ୍ତିକର କେଶ୍ ବା ଫୌଜଦାରୀ ବା ଅନ୍ୟାନ୍ୟ ଆଇନ୍‌ଗତ କାର୍ଯ୍ୟବିଧି ରଜୁ କରନ୍ତି ;
- ଜଣେ ସରକାରୀ କର୍ମକର୍ତ୍ତାଙ୍କ ମାଧ୍ୟମରେ ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କୁ କ୍ଷତିଗ୍ରସ୍ତ ବା ବିରକ୍ତ କରିବାର ଅଭିସନ୍ଧି ରଖି ସଂପୃକ୍ତ ସରକାରୀ କର୍ମକର୍ତ୍ତାଙ୍କ ଆଗରେ ଉକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ମିଥ୍ୟା ବା ବାଜେ ସୂଚନା ଦିଅନ୍ତି ;
- ଅପମାନ କରିବାର ଉଦ୍ଦେଶ୍ୟ ରଖି ସର୍ବସାଧାରଣଙ୍କୁ ସୁଦୃଶ୍ୟ ହେଉଥିବା ଏକ ସ୍ଥାନରେ ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କୁ ଆଘାତ କରନ୍ତି ବା ଧମକ ଦିଅନ୍ତି;
- ଜଣେ ଅନୁସୂଚୀତ ଜାତି ବା ଜନଜାତିର ମହିଳାଙ୍କ ମର୍ଯ୍ୟାଦା ଉଲ୍ଲଂଘନ କରିବା ପାଇଁ ତାଙ୍କ ଉପରେ ଆକ୍ରମଣ ବା ବଳପ୍ରୟୋଗ କରନ୍ତି ;
- ନିଜେ କ୍ଷମତାପୂର୍ଣ୍ଣ ସ୍ଥିତିରେ ରହି ଜଣେ ଅନୁସୂଚୀତ ଜାତି ବା ଜନଜାତିର ମହିଳାଙ୍କୁ ଯୌନ ଶୋଷଣ କରନ୍ତି ;
- ଅନୁସୂଚୀତ ଜାତି ବା ଜନଜାତିର ଲୋକେ ବ୍ୟବହାର କରୁଥିବା କୌଣସି ଏକ ଜଳସ୍ରୋତକୁ ଏପରି ପ୍ରଦୂଷଣ କରନ୍ତି ଯାହା ଫଳରେ ତାହା ଆଉ ବ୍ୟବହାର ଉପଯୋଗୀ ହୋଇପାରିବ ନାହିଁ ;
- ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କୁ କୌଣସି ଏକ ସର୍ବସାଧାରଣ ଆବାସସ୍ଥଳୀକୁ ପ୍ରବେଶ ବା ଉପଯୋଗ କରିବାର ଅଧିକାରରୁ ବଞ୍ଚିତ କରନ୍ତି ;
- ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କୁ ତାଙ୍କ ଗୃହ, ଗ୍ରାମ ବା ଅନ୍ୟ କୌଣସି ବାସସ୍ଥଳୀରୁ ନିକାଲି ଦିଅନ୍ତି ।

ଉପରୋକ୍ତ କୌଣସି ଏକ ଅପରାଧ ପାଇଁ ସର୍ବନିମ୍ନ ଛ ମାସରୁ ସର୍ବାଧିକ ପାଞ୍ଚ ବର୍ଷ ଜେଲ୍ ସହିତ ଜୋରିମାନାର ଦଣ୍ଡବିଧାନ କରାଯିବ ।

**ଧାରା ୩(୨)**ରେ କୁହାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ନିଜେ ଅନୁସୂଚୀତ ଜାତି ବା ଜନଜାତିର ନହୋଇ ନିମ୍ନୋକ୍ତ ପ୍ରକାରେ ଅପରାଧ ଘଟାନ୍ତି, ତେବେ ତାହା ଅପରାଧର ପ୍ରକାରଭେଦ ଅନୁଯାୟୀ ଦଣ୍ଡନୀୟ ବୋଲି ବିବେଚିତ ହେବ-

- ଯଦି କେହି ଜାଣିଶୁଣି ଏଭଳି ମିଥ୍ୟା ସାକ୍ଷ୍ୟ ଦିଅନ୍ତି, ଯାହା ଫଳରେ ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ହେଲାଭଳି ଦୋଷୀସାବ୍ୟସ୍ତ ହେବାକୁ ପଡେ, ତେବେ ସଂପୃକ୍ତ ମିଥ୍ୟାସାକ୍ଷ୍ୟ ପ୍ରଦାନକାରୀଙ୍କୁ ଆଜୀବନ ଜେଲ୍ ସହିତ ଜୋରିମାନାରେ ଦଣ୍ଡିତ କରାଯିବ ; ଏବଂ ଯଦି ଜଣେ ନିର୍ଦ୍ଦୋଷ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତି ଏଭଳି ମିଥ୍ୟାସାକ୍ଷ୍ୟ କାରଣରୁ ମୃତ୍ୟୁଦଣ୍ଡ ଭୋଗ କରନ୍ତି, ତେବେ ସଂପୃକ୍ତ ମିଥ୍ୟାସାକ୍ଷ୍ୟ ପ୍ରଦାନକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ;
- ଯଦି କେହି ଜାଣିଶୁଣି ଏଭଳି ମିଥ୍ୟା ସାକ୍ଷ୍ୟ ଦିଅନ୍ତି, ଯାହା ଫଳରେ ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ନହୋଇ ଏଭଳି ଏକ ଅପରାଧରେ ଦୋଷୀସାବ୍ୟସ୍ତ ହେବାକୁ ପଡେ, ଯାହାପାଇଁ ଅନ୍ୟୁନ ସାତବର୍ଷରୁ ଅଧିକ ଜେଲ୍‌ଦଣ୍ଡର ବ୍ୟବସ୍ଥା ଅଛି, ତେବେ ସଂପୃକ୍ତ ମିଥ୍ୟାସାକ୍ଷ୍ୟ ପ୍ରଦାନକାରୀଙ୍କୁ ଅନ୍ୟୁନ ଛ ମାସରୁ ଆରମ୍ଭ କରି ସାତବର୍ଷ ବା ତଦୁର୍ଦ୍ଧ୍ୱ ଜେଲ୍ ସହିତ ଜୋରିମାନାର ଦଣ୍ଡବିଧାନ କରାଯାଇପାରେ ;
- ଯଦି କେହି ନିଆଁ ବା କୌଣସି ବିସ୍ଫୋରକ ସାମଗ୍ରୀ ଦ୍ୱାରା ଜଣେ ଅନୁସୂଚୀତ ଜାତି ବା ଜନଜାତିର ବ୍ୟକ୍ତିଙ୍କ ସଂପତ୍ତିକୁ କ୍ଷତିଗ୍ରସ୍ତ କରନ୍ତି, ତେବେ ଏହି ଅପରାଧ ପାଇଁ ଅନ୍ୟୁନ ଛ ମାସରୁ ଆରମ୍ଭ କରି ସାତବର୍ଷ ବା ତଦୁର୍ଦ୍ଧ୍ୱ ଜେଲ୍ ସହିତ ଜୋରିମାନାର ଦଣ୍ଡବିଧାନ କରାଯାଇପାରେ ;
- ଯଦି କେହି ନିଆଁ ବା କୌଣସି ବିସ୍ଫୋରକ ସାମଗ୍ରୀ ଦ୍ୱାରା ଏଭଳି ଏକ ଗୃହ ବା ସ୍ଥାନକୁ ଧ୍ୱଂସ କରନ୍ତି, ଯାହାକି ଅନୁସୂଚୀତ ଜାତି ବା ଜନଜାତିର କୌଣସି ବ୍ୟକ୍ତିଙ୍କ ଦ୍ୱାରା ଉପାସନାସ୍ଥଳ, ବାସସ୍ଥଳ ବା ସମ୍ପତ୍ତିଭଣ୍ଡାର ଭାବେ ବ୍ୟବହୃତ ହେଉଥିବ, ତେବେ ଏହି ଅପରାଧ ପାଇଁ ଆଜୀବନ ଜେଲ୍ ସହିତ ଜୋରିମାନାର ଦଣ୍ଡବିଧାନ କରାଯିବ ;
- ଯଦି କେହି ଜଣେ ଅନୁସୂଚୀତ ଜାତି ବା ଜନଜାତିର କୌଣସି ବ୍ୟକ୍ତିଙ୍କ ଶରୀର ବା ସମ୍ପତ୍ତିର ଉଲ୍ଲଂଘନ କଲାଭଳି ଏଭଳି ଏକ ଅପରାଧ କରନ୍ତି ଯାହାପାଇଁ ଭାରତୀୟ ଦଣ୍ଡସଂହିତାରେ ସାତବର୍ଷ ବା ତଦୁର୍ଦ୍ଧ୍ୱ ଅବଧି ପାଇଁ ଜେଲ୍‌ଦଣ୍ଡ ପ୍ରଯୁଜ୍ୟ, ତେବେ ସେପରି ଅପରାଧ ପାଇଁ ଆଜୀବନ ଜେଲ୍ ସହିତ ଜୋରିମାନାର ଦଣ୍ଡବିଧାନ କରାଯିବ ;
- ଯଦି କେହି ଦଣ୍ଡବିଧାନରୁ ଖସି ଯିବା ପାଇଁ ଏହି ଆଇନ୍ ଅଧୀନରେ ଘଟିତ ସଂପୃକ୍ତ ଏକ ଅପରାଧ ସମ୍ବନ୍ଧରେ ପ୍ରମାଣ ଧ୍ୱଂସ କରନ୍ତି ଅଥବା ଜାଣିଶୁଣି ସେହି ଅପରାଧ ସମ୍ବନ୍ଧରେ ମିଥ୍ୟା ସୂଚନା ଦିଅନ୍ତି, ତେବେ ଏଥିପାଇଁ ଯଥାବିଧି ଦଣ୍ଡବିଧାନ କରାଯିବ ; କିମ୍ବା
- ଯେଉଁସ୍ଥଳେ ଜଣେ ସରକାରୀ କର୍ମଚାରୀ ଆଇନ୍‌ର ଏହି ଅଧ୍ୟାୟରେ ବର୍ଣ୍ଣୀତ କୌଣସି ଅପରାଧ ଘଟାନ୍ତି, ତେବେ ସେଥିପାଇଁ ଅନ୍ୟୁନ ଏକବର୍ଷର ଜେଲ୍‌ଦଣ୍ଡ ପ୍ରଯୁଜ୍ୟ ହେବ ଏବଂ ତାହା ପୁଣି ଅପରାଧର ପ୍ରକାରଭେଦ ଅନୁଯାୟୀ ବୃଦ୍ଧି ଘଟିପାରେ ।

**ଧାରା-୪** ଅନୁଯାୟୀ ଯେଉଁସ୍ଥଳେ ଜଣେ ସରକାରୀ କର୍ମଚାରୀ ଅନୁସୂଚୀତ ଜାତି ବା ଜନଜାତିର ସଭ୍ୟ ହୋଇନଥିବେ ଅଥଚ ସେ ଏହି ଆଇନ୍ ଅଧୀନରେ ତାଙ୍କ ଉପରେ ନ୍ୟସ୍ତ କର୍ତ୍ତବ୍ୟରେ ଅବହେଳା କରନ୍ତି, ତେବେ ତାଙ୍କୁ ସର୍ବନିମ୍ନ ଛ ମାସରୁ ସର୍ବାଧିକ ଏକବର୍ଷ ଜେଲ୍‌ଦଣ୍ଡ ଦିଆଯିବ ।

**ଧାରା-୫** ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଦ୍ୱିତୀୟ ଥର ବା ତହିଁର ପରବର୍ତ୍ତୀ ଥର ପାଇଁ ଏହି ଆଇନ୍ ଅଧୀନରେ ଅପରାଧ ଘଟାନ୍ତି, ତେବେ ତାଙ୍କୁ ସର୍ବନିମ୍ନ ଏକବର୍ଷ ବା ଅପରାଧର ପ୍ରକାରଭେଦରେ ତତୋଧିକ ଜେଲ୍‌ଦଣ୍ଡ ମିଳିବ ।

**ଧାରା-୬** ଅନୁଯାୟୀ ଭାରତୀୟ ଦଣ୍ଡବିଧି ସଂହିତାର ଅଧ୍ୟାୟ-୩ର ଦଫା ୩୪, ଅଧ୍ୟାୟ-୪, ଅଧ୍ୟାୟ-୫, ଅଧ୍ୟାୟ-୫ଏ, ଦଫା ୧୪୯ ଏବଂ ଅଧ୍ୟାୟ-୨୩ର ବ୍ୟବସ୍ଥାଗୁଡିକ ଏହି ଆଇନ୍ କ୍ଷେତ୍ରରେ ପ୍ରଯୁଜ୍ୟ ରହିବ ।

**ଧାରା-୭** ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଏହି ଅଧ୍ୟାୟର କୌଣସି ଅପରାଧ ଘଟାଇଥାନ୍ତି, ତେବେ ସ୍ୱତନ୍ତ୍ର ଅଦାଲତ ତାଙ୍କ ବିରୁଦ୍ଧରେ ଯଥାବିଧି ଦଣ୍ଡଘୋଷଣା ସହିତ ସେହି ବ୍ୟକ୍ତିଙ୍କର ଅସ୍ଥାବର ବା ସ୍ଥାବର ସମ୍ପତ୍ତି ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହେଲାବୋଲି ଘୋଷଣା କରିପାରନ୍ତି । ଏହାଛଡା ସଂପୃକ୍ତ ଅପରାଧର ବିଚାର ଚାଲୁଥିବା ବେଳେ ଅଭିଯୁକ୍ତ ବ୍ୟକ୍ତିଙ୍କର ସଂପତ୍ତିକୁ ସରକାର ନିଜ ଦଖଲକୁ ନେବା ପାଇଁ ଏବଂ କେଶ୍ ଫଇସଲା ପରେ ଜୋରିମାନାର ପରିମାଣକୁ ଉକ୍ତ ସଂପତ୍ତିରୁ ଆଦାୟ କରିବା ପାଇଁ ସେହି ପରିମାଣର ସଂପତ୍ତିକୁ ସରକାର ବାଜ୍ୟାପ୍ତ କରିପାରନ୍ତି ବୋଲି ସ୍ୱତନ୍ତ୍ର ଅଦାଲତ ଆଦେଶ ଦେଇପାରିବେ ।

**ଧାରା-୮** ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ସଂପୃକ୍ତ ଅପରାଧୀଙ୍କୁ ଅର୍ଥ ଯୋଗାଇଥାନ୍ତି, ତେବେ ତାଙ୍କୁ ପ୍ରରୋଚକ ଭାବେ ବିବେଚନା କରାଯିବ, ଏବଂ ଯଦି ଦଳେ ବ୍ୟକ୍ତି ଜମିଜମା କିମ୍ବା ଅନ୍ୟ କୌଣସି କାରଣରୁ ଗୋଟିଏ ଅପରାଧ କରିଥାନ୍ତି, ତେବେ ତାହା ସେମାନଙ୍କର ମିଳିତ ଅଭିସନ୍ଧିରୁ ସଂଗଠିତ କରାଯାଇଛି ବୋଲି ସ୍ୱତନ୍ତ୍ର ଅଦାଲତ ଧରିନେବେ ।

**ଧାରା-୯** ଅନୁଯାୟୀ, ଏହି ଆଇନ୍‌ରେ ସୂଚୀତ ହୋଇଥିବା ଅପରାଧଗୁଡିକୁ ରୋକିବା ଉଦ୍ଦେଶ୍ୟରେ ଗୋଟିଏ ରାଜ୍ୟ ସରକାର ଆବଶ୍ୟକ ମନେ କଲେ ପ୍ରତି ଜିଲ୍ଲା ପାଇଁ ବା ଜିଲ୍ଲାର କୌଣସି ଅଂଶ ପାଇଁ ଜଣେ ଲେଖାଁ ସ୍ୱତନ୍ତ୍ର ଅଫିସର୍ ନିଯୁକ୍ତ କରିପାରନ୍ତି, ଯେ କି ଫୌଜଦାରି ସଂହିତାରେ ଗୋଟିଏ ପୋଲିସ୍ ଅଫିସର୍ ଉପରେ ନ୍ୟସ୍ତ କରାଯାଇଥିବା କ୍ଷମତାବଳୀ, ଏବଂ ବିଶେଷ କରି ଗିରଫ, ଅନୁସନ୍ଧାନ ଏବଂ ସ୍ୱତନ୍ତ୍ର ଅଦାଲତ ସମ୍ମୁଖରେ ଅଭିଯୋଜନର କ୍ଷମତା ପ୍ରୟୋଗ କରିପାରିବେ, ଏବଂ ଅନ୍ୟ ସମସ୍ତ ପୋଲିସ୍ କର୍ମଚାରୀ ଓ ସରକାରୀ ଅଧିକାରୀ ଉକ୍ତ ସ୍ୱତନ୍ତ୍ର କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ସହାୟତା କରିବେ ।

**ଧାରା-୧୦** ଅନୁଯାୟୀ ସ୍ୱତନ୍ତ୍ର ଅଦାଲତ ଏକ ଅଭିଯୋଗ ବା ପୋଲିସ୍ ରିପୋର୍ଟ ଭିତ୍ତିରେ ଯଦି ଆଶଙ୍କା କରନ୍ତି ଯେ ଅନୁସୂଚୀତ ଅଞ୍ଚଳରେ କୌଣସି ଜଣେ ବ୍ୟକ୍ତି ଅପରାଧ ଘଟାଇବାକୁ ଯାଉଛନ୍ତି, ତେବେ ସେ ଉକ୍ତ ବ୍ୟକ୍ତିଙ୍କୁ ସର୍ବାଧିକ ଦୁଇବର୍ଷ ପାଇଁ ସେହି ଅଞ୍ଚଳରୁ ବାହାରି ଯିବା ପାଇଁ ଆଦେଶ ଦେଇପାରନ୍ତି, କିନ୍ତୁ ଏତାଦୃଶ ଆଦେଶ ଜାରି ହେବାର ୩୦ଦିନ ଭିତରେ ଉକ୍ତ ବ୍ୟକ୍ତି ବା ତାଙ୍କର କେହି ପ୍ରତିନିଧିଙ୍କ ଦ୍ୱାରା ଉକ୍ତ ଆଦେଶର ପୁନର୍ବିଚାର ପାଇଁ ପ୍ରତିବେଦନ କରିପାରିବେ ତଥା ଅଦାଲତ ସେହି ପ୍ରତିବେଦନ ଭିତ୍ତିରେ ଉକ୍ତ ଆଦେଶକୁ ପ୍ରତ୍ୟାହାର କରିପାରନ୍ତି ।

**ଧାରା-୧୧** ଅନୁଯାୟୀ, ଯଦି ଉକ୍ତ ବ୍ୟକ୍ତି ସ୍ୱତନ୍ତ୍ର ଅଦାଲତଙ୍କ ଆଦେଶ ପାଳନ ନକରନ୍ତି ବା ଆଦେଶରେ ସୂଚୀତ ସମୟସୀମା ଭିତରେ ସଂପୃକ୍ତ ଅଞ୍ଚଳରେ ମନମୁଖୀ ଭାବେ ପ୍ରବେଶ କରନ୍ତି, ତେବେ ଉକ୍ତ ବ୍ୟକ୍ତିଙ୍କୁ ପୋଲିସ୍ ଦ୍ୱାରା ଗିରଫ କରାଇ ହାଜତରେ ଆବଦ୍ଧ କରିବା ପାଇଁ ଅଦାଲତ ଆଦେଶ ଦେଇପାରନ୍ତି ଏବଂ ଉକ୍ତ ବ୍ୟକ୍ତିଙ୍କ ଠାରୁ ଆଦେଶର ଯଥୋଚିତ ପାଳନ ପାଇଁ ଏକ ବଣ୍ଡ୍ ସ୍ୱାକ୍ଷରିତ କରାଇପାରନ୍ତି ।

**ଧାରା-୧୨** ଅନୁଯାୟୀ, ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ବହିଷ୍କାର ଆଦେଶ ଜାରି କରାଯାଇଥିବ, ପୋଲିସ୍ ଦ୍ୱାରା ତାଙ୍କର ଫଟୋଗ୍ରାଫ୍ ଓ ଶରୀରର ମାପ ନେବା ପାଇଁ ଅଦାଲତ ଆଦେଶ ଦେଇପାରିଥାନ୍ତି । ଯଦି ଉକ୍ତ ବ୍ୟକ୍ତି ଏଥି ପାଇଁ ପ୍ରତିରୋଧ କରନ୍ତି, ତେବେ ତାଙ୍କର ଫଟୋଗ୍ରାଫ୍ ଓ ଶରୀର ମାପ ନେବା ପାଇଁ ସଂପୃକ୍ତ ପୋଲିସ୍ ଅଫସର୍ ସମସ୍ତ ପ୍ରକାର ଆଇନ୍‌ସଂଗତ ଉପାୟ ପ୍ରୟୋଗ କରିପାରିବେ ତଥା ତାଙ୍କର ଏତାଦୃଶ ପ୍ରତିରୋଧକୁ ଭାରତୀୟ ଦଣ୍ଡସଂହିତାର ଦଫା ୧୮୬ ଅଧୀନରେ ଏକ ଅପରାଧ ରୂପେ ବିବେଚନା କରାଯିବ ।

**ଧାରା-୧୩** ଅନୁଯାୟୀ ଯେଉଁ ବ୍ୟକ୍ତି ସ୍ୱତନ୍ତ୍ର ଅଦାଲତଙ୍କ ଦ୍ୱାରା ଜାରି ହୋଇଥିବା ବହିଷ୍କାର ଆଦେଶର ଉଲ୍ଲଂଘନ ଘଟାଇବେ, ତାଙ୍କୁ ସର୍ବାଧିକ ଏକବର୍ଷ ଜେଲ୍ ସହିତ ଜୋରିମାନାରେ ଦଣ୍ଡିତ କରାଯିବ ।

**ଧାରା-୧୪ ଓ ୧୫**ରେ କୁହାଯାଇଛି ଯେ, ରାଜ୍ୟ ସରକାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହମତି କ୍ରମେ ପ୍ରତି ଜିଲ୍ଲା ପାଇଁ ଗୋଟିଏ ସେସନ୍ କୋର୍ଟକୁ ଏହି ଆଇନ୍ ଅଧୀନସ୍ଥ କେଶ୍‌ଗୁଡିକର ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ରୂପେ ବିଜ୍ଞାପିତ କରିପାରନ୍ତି ଏବଂ ପ୍ରତି ସ୍ୱତନ୍ତ୍ର ଅଦାଲତ ପାଇଁ ଜଣେ ପବ୍ଲିକ୍ ପ୍ରସିକ୍ୟୁଟର୍ ନିଯୁକ୍ତ କରିପାରନ୍ତି ଅଥବା ଅନ୍ୟୁନ ୭ବର୍ଷ ଓକିଲାତିର ଅଭିଜ୍ଞତା ଥିବା ଜଣେ ଆଡ୍‌ଭୋକେଟ୍‌ଙ୍କୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଭାବେ ନିଯୁକ୍ତି ଦେଇପାରନ୍ତି ।

**ଧାରା-୧୬** ଅନୁଯାୟୀ ନାଗରିକ ଅଧିକାରସମୂହ ସୁରକ୍ଷା ଆଇନ୍ ୧୯୫୫ର ଧାରା-୧୦ରେ ଥିବା ସମୂହ ଜୋରିମାନା ବ୍ୟବସ୍ଥା ଏହି ଆଇନ୍ ପରିପ୍ରେକ୍ଷୀରେ ମଧ୍ୟ ଲାଗୁ ହୋଇପାରିବ ।

**ଧାରା-୧୭** ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍ ବା ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ବା ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ୍ ପାହ୍ୟାରୁ କମ୍ ହୋଇନଥିବା ଜଣେ ଅଫିସର୍ ଯଦି କୌଣସି ବ୍ୟକ୍ତି ବା ଗୋଷ୍ଠୀଙ୍କ ଗତିବିଧିକୁ ଲକ୍ଷ୍ୟ କରିବା ପରେ ସେମାନେ ଆଶଙ୍କା କରନ୍ତି ଯେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସେମାନେ ଅପରାଧ ଘଟାଇପାରନ୍ତି, ତେବେ ସେ ସେହି ଅଞ୍ଚଳକୁ ଏକ ଉପଦ୍ରୁତ ଅଞ୍ଚଳ ଭାବେ ଘୋଷଣା କରିବା ସହିତ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ନିଷେଧାତ୍ମକ ପଦକ୍ଷେପମାନ ନେଇପାରନ୍ତି । ଏହାଛଡା ଅନୁସୂଚୀତ ଜାତି ଓ ଜନଜାତିର ଲୋକମାନେ ଯେପରି ନିଜକୁ ସୁରକ୍ଷିତ ମନେ କରିବେ, ସେ ଦିଗରେ ଉପଯୁକ୍ତ ପଦକ୍ଷେପସମୂହକୁ ଧାର୍ଯ୍ୟ କରି ରାଜ୍ୟ ସରକାର ଆବଶ୍ୟକୀୟ ସ୍କିମ୍ ପ୍ରଣୟନ କରିବେ ।

**ଧାରା-୧୮**ରେ କୁହାଯାଇଛି ଯେ, ଫୌଜଦାରି କାର୍ଯ୍ୟବିଧି ସଂହିତା ୧୯୭୩ର ଦଫା ୪୩୮ରେ ଥିବା ଆଗତୁରା ଜାମିନ୍ ବ୍ୟବସ୍ଥା ଏହି ଆଇନ୍ ଅଧୀନସ୍ଥ ଏକ ଅପରାଧର ଅଭିଯୋଗରେ ଗିରଫ ହୋଇଥିବା ବ୍ୟକ୍ତି ପ୍ରତି ଲାଗୁ ହେବନାହିଁ ।

**ଧାରା-୧୯**ରେ କୁହାଯାଇଛି ଯେ, ଯଦି ୧୮ବର୍ଷରୁ ଅଧିକ ବୟସର ଜଣେ ବ୍ୟକ୍ତି ଅପରାଧ ଘଟାଇଥାନ୍ତି, ତେବେ ଫୌଜଦାରି କାର୍ଯ୍ୟବିଧି ସଂହିତାର ଦଫା ୩୬୦ ବା ଅପରାଧୀଙ୍କ ପରିବେକ୍ଷଣ ଆଇନ୍, ୧୯୫୮ରେ ଥିବା ବ୍ୟବସ୍ଥା, ଯଥା କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବା ସର୍ତ୍ତାବଳୀ ଅଧୀନରେ ଜଣେ ଅଭିଯୁକ୍ତଙ୍କୁ ଜାମିନ୍ ଦେବା ବା ଖଲାସ କରିବା ତାଙ୍କ ପ୍ରତି ଲାଗୁ ହେବନାହିଁ ।

**ଧାରା-୨୦** ଅନୁଯାୟୀ ଅନ୍ୟ କୌଣସି ବିଧିବିଧାନରେ ଯାହାକିଛି ଥାଉନା କାହିଁକି, ଏହି ଆଇନ୍‌ର ବ୍ୟବସ୍ଥାଗୁଡିକୁ ଅଗ୍ରାଧିକାର ଦିଆଯିବ ।

**ଧାରା-୨୧**ରେ କୁହାଯାଇଛି ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ ଅଧୀନରେ ରହି ଗୋଟିଏ ରାଜ୍ୟ ସରକାର ଏହି ଆଇନ୍‌ର ବ୍ୟବସ୍ଥାଗୁଡିକ କାର୍ଯ୍ୟକାରୀ କରିବା ପାଇଁ ନିମ୍ନୋକ୍ତ ପଦକ୍ଷେପମାନ ନେଇପାରନ୍ତି- (୧) ନିର୍ଯ୍ୟାତନାର ଶୀକାର ହୋଇଥିବା ବ୍ୟକ୍ତିମାନଙ୍କୁ ନ୍ୟାୟ ମିଳିବା ସ୍ୱାର୍ଥରେ ସେମାନଙ୍କ ପାଇଁ ଆଇନ୍ ସହାୟତା ସହିତ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା କରାଇବା; (୨) ଅନୁସନ୍ଧାନ ଓ ବିଚାର ସମୟରେ ନିର୍ଯ୍ୟାତିତ ବ୍ୟକ୍ତି ଓ ତାଙ୍କର ସାକ୍ଷୀମାନଙ୍କର ଯାତାୟତ ଓ ରହଣିର ବ୍ୟୟବହନ; (୩) ନିର୍ଯ୍ୟାତିତମାନଙ୍କର ଆର୍ଥିକ ଓ ସାମାଜିକ ଥଇଥାନ ପାଇଁ ବ୍ୟବସ୍ଥା; (୪) ଏହି ଆଇନ୍ ଅଧୀନସ୍ଥ କେଶ୍‌ଗୁଡିକରେ ଅଭିଯୋଜନ ପ୍ରକ୍ରିୟାକୁ ତତ୍ତ୍ୱାବଧାନ ପାଇଁ ଆବଶ୍ୟକ ଅଧିକାରୀମାନଙ୍କୁ ନିଯୁକ୍ତି ; (୫) ସରକାରଙ୍କୁ ଏହିସବୁ ବ୍ୟାପାରରେ ସହାୟତା କରିବା ପାଇଁ ଯଥୋଚିତ ସ୍ତରରେ କମିଟିମାନ ସ୍ଥାପନା କରିବା ; (୬) ଏହି ଆଇନ୍‌ର କାର୍ଯ୍ୟକାରିତାକୁ ସମୟାନ୍ତର ସମୀକ୍ଷା ପାଇଁ ବ୍ୟବସ୍ଥା ; ଓ (୭) ଯେଉଁସବୁ ଅଞ୍ଚଳରେ ଅନୁସୂଚୀତ ଜାତି ଓ ଜନଜାତିର ଲୋକେ ନିର୍ଯ୍ୟାତନା ଭୋଗିବାର ଆଶଙ୍କା ରହିଛି, ସେସବୁକୁ ଚିହ୍ନଟ କରିବା ସହିତ ସେମାନଙ୍କର ନିରାପତ୍ତା ପାଇଁ ବ୍ୟବସ୍ଥାମାନ ଗ୍ରହଣ । ଏହାଛଡା, ବିଭିନ୍ନ ରାଜ୍ୟସରକାରମାନଙ୍କ ଦ୍ୱାରା ଉପରୋକ୍ତ ବିଷୟଗୁଡିକ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପସମୂହକୁ କେନ୍ଦ୍ର ସରକାର ଆବଶ୍ୟକ ମତେ ସଂଯୋଜନା କରିବେ ଏବଂ ପ୍ରତିବର୍ଷ ସଂସଦର ପ୍ରତି ଗୃହରେ ଉଭୟ କେନ୍ଦ୍ର ଓ ରାଜ୍ୟସରକାରମାନଙ୍କ ଦ୍ୱାରା ଗୃହୀତ ପଦକ୍ଷେପସମୂହ ଉପରେ ଏକ ବିବରଣୀ ଉପସ୍ଥାପନ କରିବେ ।

**ଧାରା-୨୨**ରେ କୁହାଯାଇଛି ଯେ, କେନ୍ଦ୍ର ବା ରାଜ୍ୟ ସରକାର ବା ସେମାନଙ୍କର କୌଣସି ଅଧିକାରୀ ଏହି ଆଇନ୍ ଅଧୀନରେ ସଦ୍‌ବିଶ୍ୱାସରେ ନେଉଥିବା କୌଣସି ପଦକ୍ଷେପ ବିରୁଦ୍ଧରେ କୌଣସି ଅଦାଲତରେ ମୋକଦ୍ଦମା ରଜୁ ହୋଇପାରିବ ନାହିଁ ।

**ଧାରା-୨୩**ରେ ଏହି ଆଇନ୍‌ର ବ୍ୟବସ୍ଥାଗୁଡିକୁ କାର୍ଯ୍ୟରୂପ ଦେବା ଉଦ୍ଦେଶ୍ୟରେ ଉପଯୁକ୍ତ ନିୟମାବଳୀ ପ୍ରଣୟନ ପାଇଁ କେନ୍ଦ୍ର ସରକାରଙ୍କୁ କ୍ଷମତା ଅର୍ପଣ କରାଯାଇଛି ।

## ୧୪: ଓଡିଶା ରେଗୁଲେସନ୍-୨, ୧୯୫୬

***[ଓଡିଶା ଅନୁସୂଚୀତ ଅଞ୍ଚଳ ସ୍ଥାବର ସମ୍ପତ୍ତି ହସ୍ତାନ୍ତର (ଅନୁସୂଚୀତ ଜନଜାତିଙ୍କ ଦ୍ୱାରା) ରେଗୁଲେସନ୍‌ସ୍, ୧୯୫୬]***

ଏହା ହେଉଛି ଓଡିଶା ରାଜ୍ୟରେ ଅନୁସୂଚୀତ ଅଞ୍ଚଳଗୁଡିକରେ ଅନୁସୂଚୀତ ଜନଜାତିଙ୍କ ଦ୍ୱାରା ସ୍ଥାବର ସମ୍ପତ୍ତିର ହସ୍ତାନ୍ତରକୁ ନିୟନ୍ତ୍ରଣ କରିବା ଓ ରୋକିବା ପାଇଁ ବିଜ୍ଞାପିତ ହୋଇଥିବା ଏକ ରେଗୁଲେସନ୍ । ଏହାର ପ୍ରାକ୍‌କଥନରେ କୁହାଯାଇଛି ଯେ, ଯେହେତୁ ଓଡିଶା ରାଜ୍ୟର ଅନୁସୂଚୀତ ଅଞ୍ଚଳଗୁଡିକରେ ଅନୁସୂଚୀତ ଜନଜାତିଙ୍କ ଦ୍ୱାରା ସ୍ଥାବର ସମ୍ପତ୍ତିର ହସ୍ତାନ୍ତରକୁ ନିୟନ୍ତ୍ରଣ କରିବା ଓ ରୋକିବା ଜରୁରୀ ହୋଇପଡିଛି, ତେଣୁ ସମ୍ବିଧାନର ପଞ୍ଚମ ଅନୁସୂଚୀରେ ଅନୁଚ୍ଛେଦ ୫ ଅଧୀନସ୍ଥ ଉପ-ଅନୁଚ୍ଛେଦ (୨) ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତାବଳୀର ପ୍ରୟୋଗ କରି ଓଡିଶାର ରାଜ୍ୟପାଳ ଭାରତୀୟ ପ୍ରଜାତନ୍ତ୍ରର ସପ୍ତମ ବର୍ଷରେ ଏହି ରେଗୁଲେସନ୍ ଜାରି କରିଛନ୍ତି । ଏହା ସେବେଠାରୁ ବହୁଥର ସଂଶୋଧନ ହୋଇସାରିଛି । ନିକଟତମ ସଂଶୋଧନ ୨୦୦୦ରେ ଗୃହୀତ ହୋଇଥିଲା ।

ଏହି ରେଗୁଲେସନ୍‌ରେ ନିମ୍ନ ମତେ ମୋଟ୍ ୯ଟି ଧାରା ରହିଛି-

- ୧- ସଂକ୍ଷିପ୍ତ ଶିରୋନାମା, ପରିସର ଓ ପ୍ରାରମ୍ଭ
- ୨- ସଂଜ୍ଞାସମୂହ
- ୩- ଅନୁସୂଚୀତ ଜନଜାତିଙ୍କ ସଦସ୍ୟ ଦ୍ୱାରା ସ୍ଥାବର ସମ୍ପତ୍ତିର ହସ୍ତାନ୍ତର
- ୩ଏ- ଅଣ-ଅନୁମୋଦିତ ଦଖଲରୁ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଉଚ୍ଛେଦ
- ୩ବି- ଅନୁସୂଚୀତ ଜନଜାତିଙ୍କ ଯେଉଁ ସଦସ୍ୟଙ୍କର ଜମିକୁ ଚଞ୍ଚକତା ବଳରେ ହସ୍ତାନ୍ତର କରାଯାଇଥିବ, ତହିଁର ସଂରକ୍ଷଣ
- ୪- ପଂଜିକରଣ ପାଇଁ ଗ୍ରହଣୀୟ ହେଉନଥିବା ଗୋଟିଏ ଦଲିଲ୍
- ୫- ଜମିମାଲିକ ଦ୍ୱାରା ଧାର୍ଯ୍ୟ ନହେବା ଯାଏଁ ସମର୍ପଣ କିମ୍ବା ଫେରସ୍ତ ପ୍ରଯୁଜ୍ୟ ହେବ ନାହିଁ
- ୬- ସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ଉପରେ ପ୍ରତିବନ୍ଧକ
- ୭- ଉଲ୍ଲଂଘନଗୁଡିକ ପାଇଁ ଦଣ୍ଡବିଧାନ
- ୭ଏ- କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଉଲ୍ଲଂଘନଗୁଡିକର ବିଚାର ଓ ସେଗୁଡିକ ଧର୍ତ୍ତବ୍ୟ ବୋଲି ବିବେଚିତ
- ୭ବି- ଅବୈଧ ହସ୍ତାନ୍ତର କ୍ଷେତ୍ରରେ କ୍ରୟମୂଲ୍ୟକୁ ଫେରସ୍ତ ନଦେବା
- ୭ସି- ପ୍ରମାଣ ଭାର ତଥା ସ୍ୱୀକାରୋକ୍ତିକୁ ଉପେକ୍ଷା କରିବା ପାଇଁ ଅଦାଲତଙ୍କ କ୍ଷମତା
- ୭ଡି- ଅନୁସୂଚୀତ ଅଞ୍ଚଳଗୁଡିକ କ୍ଷେତ୍ରରେ ପ୍ରଯୁଜ୍ୟ ହେଲାଭଳି ଲିମିଟେସନ୍ ଆଇନ୍ ୧୯୬୩ର ସଂଶୋଧନ
- ୭ଇ-ଦେଓ୍ୱାନି ଅଦାଲତସମୂହଙ୍କ କ୍ଷେତ୍ରାଧିକାର ଉପରେ ବାରଣ
- ୮- ନିୟମାବଳୀ
- ୯- ପ୍ରତ୍ୟାହାର

**ଏହାର ମୁଖ୍ୟ ବ୍ୟବସ୍ଥାଗୁଡିକ ନିମ୍ନରେ ସୂଚୀତ କରାଗଲା -**

- **'କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ'** କହିଲେ ଜିଲ୍ଲାପାଳଙ୍କୁ ବୁଝାଯିବ ଏବଂ ତାଙ୍କ ସହିତ ଅନ୍ୟ ସେହି ଅଧିକାରୀ ବା ଅଧିକାରୀଗଣଙ୍କୁ ବୁଝାଯିବ, ଯାହାଙ୍କୁ ଏହି ରେଗୁଲେସନ୍ ଉଦ୍ଦେଶ୍ୟରେ 'କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ'ର କାର୍ଯ୍ୟାବଳୀ ସମ୍ପାଦନ ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି କରିପାରନ୍ତି ।**(ଧାରା ୨-ଏବି)** ।

-'**ସ୍ଥାବର ସମ୍ପତ୍ତିର ହସ୍ତାନ୍ତର**'ର ସଂଜ୍ଞାୟନ କରାଯାଇ କୁହାଯାଇଛି ଯେ, ଉଇଲ୍ ବା ଇଚ୍ଛାପତ୍ର ହୋଇନଥିବା ଏହା ହେଉଛି ସେହି ପ୍ରକାର ସମ୍ପତ୍ତି ଯାହାକୁ ଦଖଲ ସହିତ ବା ବିନା ଦଖଲରେ ବନ୍ଧକ ରଖାଯାଇଥାଏ, ଲିଜ୍‌ସୂତ୍ରରେ ବିକ୍ରୀ କରାଯାଇଥାଏ, ଦାନ କରାଯାଇଥାଏ ବା ଅନ୍ୟ କୌଣସି ପ୍ରକାରେ ନେଣଦେଣ କରାଯାଇଥାଏ, ଏବଂ ଏହି ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ହେବ ସଂପୃକ୍ତ ସମ୍ପତ୍ତିକୁ ନେଇ ସମ୍ପାଦିତ ହୋଇଥିବା କୌଣସି ଦାୟବଦ୍ଧତା ବା ଚୁକ୍ତିନାମା । **(ଧାରା ୨-ଏଫ୍)** ।

**ସ୍ଥଳ ବିଶେଷରେ ହସ୍ତାନ୍ତରର ବୈଧତା ଓ ଅବୈଧତା**

- କେବଳ ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କୁ ଆଉଜଣେ ଜନଜାତିର ବ୍ୟକ୍ତିଙ୍କ ସମ୍ପତ୍ତି ହସ୍ତାନ୍ତରିତ ହୋଇପାରିବ ତଥା କେବଳ କୃଷିକାର୍ଯ୍ୟ ଉଦ୍ଦେଶ୍ୟରେ ସର୍ବସାଧାରଣ ଆର୍ଥିକ ସଂସ୍ଥାଠାରୁ ଋଣ ଆଣିବା ସକାଶେ ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ସମ୍ପତ୍ତିକୁ ବନ୍ଧକ ସୂତ୍ରରେ ରଖାଯାଇପାରିବ; ଏହାଛଡ଼ା ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ସମ୍ପତ୍ତିକୁ ଆଉ ଯେତେ ପ୍ରକାରେ ହସ୍ତାନ୍ତର କରାଯିବ, ତାହା ଅବୈଧ ବୋଲି ବିବେଚିତ ହେବ ।
- ରାଜ୍ୟ ବା କେନ୍ଦ୍ର ସରକାରଙ୍କ ତରଫରୁ ଜଣେ ଅନୁସୂଚୀତ ଜନଜାତିର ସଦସ୍ୟଙ୍କୁ ମିଳିଥିବା ଜମି ହସ୍ତାନ୍ତର ହୋଇପାରିବ ନାହିଁ ।
- ଯଦି କୌଣସି ଅଦାଲତଙ୍କ ରାୟ ଫଳରେ ବନ୍ଧକ ସୂତ୍ରରେ ରଖାଯାଇଥିବା ଜମିକୁ ବିକ୍ରୀ କରାଯିବା ଆବଶ୍ୟକ ହୁଏ, ତେବେ ସେହି ଜମିକୁ କୌଣସି ଅଣ-ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କୁ ବିକ୍ରୀ କରାଯିବ ନାହିଁ ।
- ଯଦି ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ନିକଟରେ ୨ଏକରରୁ କମ୍ ଜଳସେଚିତ ବା ୫ଏକରରୁ କମ୍ ଅଣଜଳସେଚିତ ଜମି ଥାଏ, ତେବେ ତାଙ୍କର ଜମି ହସ୍ତାନ୍ତର ହୋଇପାରିବ ନାହିଁ ।
- ଯେଉଁସ୍ଥଳେ ଅନୁସୂଚୀତ ଜନଜାତିର ଜଣେ ମହିଳା ଅଣ-ଅନୁସୂଚୀତ ଜନଜାତିର ଜଣେ ପୁରୁଷଙ୍କୁ ବିବାହ କରିଥିବେ, ସେପରି ସ୍ଥଳେ ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ଜମିକୁ ଉକ୍ତ ମହିଳାଙ୍କୁ ହସ୍ତାନ୍ତର କରିବା ଅର୍ଥ ଜଣେ ଅଣ-ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କୁ ଜମି ହସ୍ତାନ୍ତର କରିବା ।
- ଯେଉଁସ୍ଥଳେ ଜଣେ ଅଣ-ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ଅର୍ଥ ବଳରେ ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ଠାରୁ ଆଉ ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ନିକଟକୁ ଜମି ହସ୍ତାନ୍ତର ହୋଇଥାଏ, ସେହି ସ୍ଥଳେ ଉକ୍ତ ହସ୍ତାନ୍ତର ମଧ୍ୟ ଅବୈଧ ବୋଲି ଧରାଯିବ ।**(ଧାରା ୩-୧)** ।

**ଉଲ୍ଲଂଘନ ସ୍ଥଳେ ପଦକ୍ଷେପସମୂହ**

- ଯେଉଁସ୍ଥଳେ ଏକ ଅବୈଧ ହସ୍ତାନ୍ତର ବିଷୟରେ କୌଣସି ପକ୍ଷଙ୍କ ଠାରୁ ବା ଗ୍ରାମ ପଞ୍ଚାୟତ ଠାରୁ ବା ନିଜ ସୂତ୍ରରୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ସୂଚନା ମିଳିବ, ସେପରି ସ୍ଥଳେ ସେ ଉଭୟ ପକ୍ଷଙ୍କୁ ଶୁଣାଣି କରି  ସଂପୃକ୍ତ ବ୍ୟକ୍ତି, ଯାହାଙ୍କୁ ଜମି ହସ୍ତାନ୍ତର ହୋଇଛି, ତାଙ୍କୁ ସେ ଜମିରୁ ବେଦଖଲ କରିବା ପାଇଁ ଆଦେଶ ପ୍ରଦାନ କରିବେ ତଥା ପୁନରୁଦ୍ଧାର କରାଯାଇଥିବା ଜମିକୁ ପୁଣି ସଂପୃକ୍ତ ଅନୁସୂଚୀତ ଜନଜାତିର ବ୍ୟକ୍ତି ବା ତାଙ୍କର ଉତ୍ତରାଧିକାରୀଙ୍କୁ ପୁନରାର୍ପଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ଯଦି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ମନେ କରନ୍ତି ଯେ ଏତାଦୃଶ ପୁନରାର୍ପଣ ସମ୍ଭବ ବା ବାସ୍ତବ ନୁହେଁ, ତେବେ ସେ ତହିଁର କାରଣମାନ ଉଲ୍ଲେଖ କରିବା ସହିତ ରାଜ୍ୟ ସରକାରଙ୍କ ଅନୁମତି କ୍ରମେ ସଂପୃକ୍ତ ଜମିକୁ ଆଉ ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କୁ ହସ୍ତାନ୍ତର କରିପାରନ୍ତି ଅଥବା ସେପରି ବ୍ୟକ୍ତି ନଥିଲେ ଓଡିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ୍ ୧୯୬୨ ଅନୁଯାୟୀ ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କୁ ଉକ୍ତ ଜମି ହସ୍ତାନ୍ତର କରିପାରନ୍ତି । କିନ୍ତୁ ଶେଷୋକ୍ତ ପଦକ୍ଷେପ ନେବା ପୂର୍ବରୁ ସେ ଗ୍ରାମପଞ୍ଚାୟତ ମାଧ୍ୟମରେ ଗ୍ରାମଶାସନର ସହମତି ନେଇଥିବେ । **(ଧାରା ୩-୨)** ।
- ଉପରୋକ୍ତ ଆଦେଶ ବିରୁଦ୍ଧରେ ଆଦେଶ ଜାରି ହେବାର ୩୦ଦିନ ଭିତରେ ଅପିଲ୍ କରିହେବ । ଯଦି ଜିଲ୍ଲାପାଳଙ୍କ ଦ୍ୱାରା ଅପିଲ୍ କରାଯାଇଥାଏ, ତେବେ ତାହା ଆର୍.ଡି.ସି.ଙ୍କ ଦ୍ୱାରା ବିଚାର ହେବ, ଏବଂ ଅନ୍ୟ କୌଣସି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ବା ଅଧିକାରୀଙ୍କ ଦ୍ୱାରା ଅପିଲ୍ କରାଯାଇଥିଲେ, ତାହା ଜିଲ୍ଲାପାଳଙ୍କ ଦ୍ୱାରା ବିଚାର ହେବ । **(ଧାରା ୩-୩)** ।
- ଧାରା ୩ ଅଧୀନସ୍ଥ ଉପଧାରା (୧) ଓ (୨) ଅନୁଯାୟୀ ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଗୋଟିଏ ଆଦେଶକୁ ୫ବର୍ଷରେ ଥରେ ସଂଶୋଧନ କରାଯିବ, କିନ୍ତୁ ଏତାଦୃଶ ସଂଶୋଧନ ପୂର୍ବରୁ ସଂପୃକ୍ତ ପକ୍ଷମାନଙ୍କୁ ଶୁଣାଣି କରାଯାଇଥିବ । କିନ୍ତୁ ଯଦି ସଂପୃକ୍ତ ଆଦେଶ ଉପରେ ଅପିଲ୍ କରାଯାଇଥିବ, ତେବେ ତହିଁର ଏଭଳି ସଂଶୋଧନ କରାଯିବ ନାହିଁ । **(ଧାରା ୩-୩ଏ-୧)** ।
- କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଆଦେଶକୁ ଅଦାଲତରେ ଚାଲେଞ୍ଜ କରାଯାଇପାରିବ ନାହିଁ । **(ଧାରା ୩-୪)** ।
- ଯେଉଁସ୍ଥଳେ ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ସ୍ଥାବର ସମ୍ପତ୍ତି ଜଣେ ଅଣ-ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ବେଆଇନ୍ ଦଖଲରେ ଅଛି ବୋଲି କୌଣସି ନା କୌଣସି ସୂତ୍ରରୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ସୂଚନା ମିଳିବ, ସେପରି ସ୍ଥଳେ ସେ ସଂପୃକ୍ତ ପକ୍ଷମାନଙ୍କୁ ଶୁଣାଣି କରି ଉକ୍ତ ଦଖଲକୁ ଉଚ୍ଛେଦ କରିବାର ଆଦେଶ ଦେବେ ତଥା ଉକ୍ତ ସମ୍ପତ୍ତିକୁ ସଂପୃକ୍ତ ଅନୁସୂଚୀତ ଜନଜାତିର ବ୍ୟକ୍ତି ବା ତାଙ୍କର ଉତ୍ତରାଧିକାରୀଙ୍କୁ ପୁନରାର୍ପଣ କରାଇବାର ବ୍ୟବସ୍ଥା କରିବେ । **(ଧାରା ୩ଏ-୧)** ।
- ଏତାଦୃଶ ଦଖଲ ଉଚ୍ଛେଦ ଓ ପୁନରାର୍ପଣ କରିବାର ପଦକ୍ଷେପ ସଂବନ୍ଧରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ସଂପୃକ୍ତ ଗ୍ରାମପଞ୍ଚାୟତକୁ ରିପୋର୍ଟ କରିବେ । **(ଧାରା ୩ଏ-୩)** ।
- ଯେଉଁସ୍ଥଳେ ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ କୃଷିଜମିକୁ ଏହି ରେଗୁଲେସନ୍‌ର ପ୍ରାରମ୍ଭ (୪ ଅକ୍ଟୋବର ୧୯୫୬)ରୁ ସଂଶୋଧନ ୨୦୦୦ ସମୟ-ଅବଧି ଭିତରେ କୌଣସି ବ୍ୟକ୍ତି ଦଖଲ କରିଥିବେ, ତେବେ ଦଖଲକାରୀ ବ୍ୟକ୍ତି କିପରି ଉକ୍ତ ଜମି ତାଙ୍କ ଦଖଲକୁ ଆସିଲା ସେ ବିଷୟରେ ଉପଜିଲ୍ଲାପାଳଙ୍କୁ ବିହିତ ହୋଇଥିବା ଏକ ଫର୍ମରେ ସଂଶୋଧନ ଗୃହୀତ ହେବାର ଦୁଇବର୍ଷ ଭିତରେ ସୂଚନା ଦେବେ । **(ଧାରା ୩ବି-୧)** ।

- ଯଦି ଜଣେ ବ୍ୟକ୍ତି ଏହି ସୂଚନା ନିର୍ଦ୍ଧାରିତ ସମୟ ଭିତରେ ଦାଖଲ ନକରନ୍ତି, ତେବେ ଧରିନିଆଯିବ ଯେ ସେ ବେଆଇନ୍ ଭାବେ ଉକ୍ତ ଜମିକୁ ଅକ୍ତିଆର କରିଛନ୍ତି, ଏବଂ ତାହା ପୁଣି ଜମିର ମୂଳ ସତ୍ତ୍ୱାଧିକାରୀ ବା ତାଙ୍କର ଉତ୍ତରାଧିକାରୀଙ୍କ ନିକଟକୁ ଫେରସ୍ତ ହୋଇଯିବ । **(ଧାରା ୩ବି-୨) ।**

- ଉପଜିଲ୍ଲାପାଳଙ୍କୁ ଉପରୋକ୍ତ ସୂଚନା ମିଳିବା ମାତ୍ରେ ସେ ସଂପୃକ୍ତ ଜମିର ହସ୍ତାନ୍ତର ବିଷୟରେ ଆବଶ୍ୟକ ମତେ ଅନୁସନ୍ଧାନ କରିବେ ଏବଂ ଯଦି ସେ ହୃଦ୍‌ବୋଧ କରନ୍ତି ଯେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାରରୁ ଚଞ୍ଚକତା ବଳରେ ବଞ୍ଚିତ କରାଯାଇଛି ତେବେ ସେ ଏପ୍ରକାର ଜମି ହସ୍ତାନ୍ତରକୁ ଅବୈଧ ବୋଲି ଘୋଷଣା କରିବେ । **(ଧାରା ୩ବି-୩) ।**

- ଏହି ରେଗୁଲେସନ୍‌କୁ ବିରୁଦ୍ଧ କରୁଥିବା ରୀତିରେ କୌଣସି ସ୍ଥାବର ସମ୍ପତ୍ତିର ପଂଜିକରଣ ହୋଇ ପାରିବ ନାହିଁ । **(ଧାରା ୪) ।**

- ଯେଉଁସ୍ଥଳେ ଜଣେ ଭାଗଚାଷୀ ଅନୁସୂଚୀତ ଜନଜାତିର ବ୍ୟକ୍ତି ହୋଇଥିବେ ଓ ସେ ପ୍ରଚଳିତ କୌଣସି ଆଇନ୍ ଅଧୀନରେ କୌଣସି ଜମିକୁ ଜମିମାଲିକଙ୍କୁ ପ୍ରତ୍ୟାର୍ପଣ କରିବାକୁ ଚାହିଁବେ, ତେବେ ଏହି ପ୍ରତ୍ୟାର୍ପଣକୁ ବେଆଇନ୍ ବୋଲି ବିବେଚନା କରାଯିବ । **(ଧାରା ୫) ।**

- ଅନୁସୂଚୀତ ଅଞ୍ଚଳରେ ଜଣେ ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯିବ ନାହିଁ । **(ଧାରା ୬) ।**

**ଉଲ୍ଲଂଘନ ପାଇଁ ଦଣ୍ଡବିଧାନ**

- ଯେଉଁସ୍ଥଳେ ଜଣେ ବ୍ୟକ୍ତି ଏହି ରେଗୁଲେସନ୍‌ର ଉଲ୍ଲଂଘନ ଘଟାଇ ଅଥବା ଉଚ୍ଛେଦ ପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଆଦେଶର ଉଲ୍ଲଂଘନ ଘଟାଇ ନିଜ ଦଖଲରେ କୌଣସି ସ୍ଥାବର ସମ୍ପତ୍ତି ରଖିଥିବେ, ସେପରି ସ୍ଥଳେ ତାଙ୍କୁ ସର୍ବାଧିକ ଦୁଇବର୍ଷ ସଶ୍ରମ ଜେଲ୍ ବା ପାଞ୍ଚ ହଜାର ଟଙ୍କାର ଜୋରିମାନା ବା ଉଭୟ ଦଣ୍ଡ ମିଳିବ । **(ଧାରା ୭-୧) ।**

- ଯେଉଁସ୍ଥଳେ ଜଣେ ବ୍ୟକ୍ତିଙ୍କୁ ସେ ଦଖଲ କରିଥିବା ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କ ଜମିରୁ ଉଚ୍ଛେଦ କରାଯିବା ସତ୍ତ୍ୱେ ସେ ପୁଣି ଉକ୍ତ ଜମିକୁ ନିଜ ଦଖଲକୁ ନଇଥାଆନ୍ତି, ସେପରି ସ୍ଥଳେ ତାଙ୍କୁ ସର୍ବାଧିକ ତିନିବର୍ଷ ସଶ୍ରମ ଜେଲ୍ ବା ସର୍ବାଧିକ ଦଶହଜାର ଟଙ୍କାର ଜୋରିମାନା ବା ଉଭୟ ଦଣ୍ଡ ମିଳିବ । **(ଧାରା ୭-୨) ।**

- ଯେଉଁସ୍ଥଳେ ଗୋଟିଏ ଅଦାଲତ ଆର୍ଥିକ ଜୋରିମାନାର ଦଣ୍ଡବିଧାନ କରିବେ, ସେପରି ସ୍ଥଳେ ସେହି ଜୋରିମାନା ଅର୍ଥରାଶିର ସଂପୂର୍ଣ୍ଣ ବା ଆଂଶିକ ଭାଗ, ବଞ୍ଚିତ ହୋଇଥିବା ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କୁ ପଇଠ କରିବା ପାଇଁ ଆଦେଶ ଦେଇପାରନ୍ତି । **(ଧାରା ୭-୩) ।**

**ଅନ୍ୟ କେତେକ ବ୍ୟବସ୍ଥା**

- ରାଜ୍ୟ ସରକାର ଏହି ରେଗୁଲେସନ୍‌ର ଅପରାଧ ଗୁଡ଼ିକର ବିଚାର କରିବା ପାଇଁ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପରେ ପ୍ରଥମ ଶ୍ରେଣୀ ବା ଦ୍ୱିତୀୟ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କ୍ଷମତାବଳୀ ନ୍ୟସ୍ତ କରିପାରନ୍ତି । ଏହି ରେଗୁଲେସନ୍‌ର ପ୍ରତି ଅପରାଧକୁ ଜଣେ ମାଜିଷ୍ଟ୍ରେଟ୍ ତ୍ୱରିତ ରୀତିରେ ଫଇସଲା କରିବେ ତଥା ପ୍ରତି ଅପରାଧ ଧର୍ତ୍ତବ୍ୟ ବୋଲି ବିବେଚିତ ହେବ । **(ଧାରା ୭-ଏ) ।**

- ଅନ୍ୟସମସ୍ତ ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଯେଉଁସ୍ଥଳେ ଧାରା-୩ର ଉଲ୍ଲଂଘନ କରଯାଇ କୌଣସି ସ୍ଥାବର ସମ୍ପତ୍ତିର ହସ୍ତାନ୍ତର ଘଟିତ ହୋଇଥାଏ ଏବଂ ଉକ୍ତ ସମ୍ପତ୍ତିରୁ ସେହି ବ୍ୟକ୍ତିଙ୍କୁ ଉଚ୍ଛେଦ କରାଯାଇଥାଏ, ସେପରି ସ୍ଥଳେ ପୂର୍ବରୁ ଜମି ହସ୍ତାନ୍ତର ବାବଦକୁ ସେ ଯଦିବା କିଛି ଅର୍ଥରାଶି ଦେଇଥାନ୍ତି, ତାହା ତାଙ୍କୁ ପେରସ୍ତ କରାଯିବ ନାହିଁ । **(ଧାରା ୭-ବି) ।**

- ଏହି ରେଗୁଲେସନ୍ ଅଧୀନରେ ଯେ କୌଣସି ଅଦାଲତୀୟ କାର୍ଯ୍ୟବିଧି ପରିଚାଳିତ ହେବ, ପ୍ରତି କ୍ଷେତ୍ରରେ ପ୍ରମାଣଭାର ନ୍ୟସ୍ତ ରହିବ ସେହି ବ୍ୟକ୍ତିଙ୍କ ଉପରେ ଯାହାଙ୍କୁ ଜମି ହସ୍ତାନ୍ତରିତ ହୋଇଛି । ଏହାଛଡ଼ା ପ୍ରତି କାର୍ଯ୍ୟବିଧିରେ ସଂପୃକ୍ତ ଅନୁସୂଚୀତ ଜନଜାତିର ବ୍ୟକ୍ତି ଯେଉଁ ପ୍ରକାର ପ୍ରମାଣ ଦ୍ୱାରା ନିଜ ଅଧିକାରକୁ ସାବ୍ୟସ୍ତ କରିବାକୁ ଚାହିଁବେ, ସେ ପ୍ରକାର ପ୍ରମାଣ ଯୋଗାଇଦେବାକୁ ତାଙ୍କୁ ଅନୁମତି ମିଳିବ । **(ଧାରା ୭-ସି) ।**

- ଅନୁସୂଚୀତ ଅଞ୍ଚଳସମୂହ କ୍ଷେତ୍ରରେ ଲିମିଟେସନ୍ ଆଇନ୍ ୧୯୬୩ର ପ୍ରଯୁଜ୍ୟତା ପରିପ୍ରେକ୍ଷୀରେ ଏହି ଆଇନ୍‌ର ଧାରା ୬୫କୁ ସଂଶୋଧନ କରାଯାଇ ଏକ ନୂତନ ଅଭିବ୍ୟକ୍ତି ଯୋଡ଼ାଯିବ, ଯାହାର ଅର୍ଥ ହେଲା, ଓଡ଼ିଶା ରାଜ୍ୟର ଅନୁସୂଚୀତ ଜନଜାତିର ଜଣେ ବ୍ୟକ୍ତିଙ୍କର ସ୍ଥାବର ସମ୍ପତ୍ତି କ୍ଷେତ୍ରରେ ୩୦ବର୍ଷର ସମୟ-ସୀମା ଧାର୍ଯ୍ୟ ହେବ । **(ଧାରା ୭-ଡି) ।**

- ଏହି ରେଗୁଲେସନ୍‌ର ଯେଉଁ କେଶ୍‌ଗୁଡ଼ିକର ବିଚାର କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରା ଯାଇଛି, ସେଗୁଡ଼ିକ ଉପରେ କୌଣସି ଦେଓ୍ୱାନି ଅଦାଲତର କ୍ଷେତ୍ରାଧିକାର ରହିବ ନାହିଁ । **(ଧାରା ୭-ଇ) ।**

- ଏହି ରେଗୁଲେସନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ନିୟମାବଳୀ ପ୍ରଣୟନ କରିବେ ।**(ଧାରା ୮) ।**

- ଏହି ରେଗୁଲେସନ୍ ସହିତ ଅସଂଗତ ହେଉଥିବା କେତେକ ପୂର୍ବ ପ୍ରଚଳିତ ଆଇନ୍‌ଗୁଡ଼ିକୁ ପ୍ରତ୍ୟାହାର କରାଗଲା । କିନ୍ତୁ ଯେଉଁସ୍ଥଳେ ଉକ୍ତ ଆଇନ୍ ଗୁଡ଼ିକ ଅଧୀନରେ କୌଣସି କେଶ୍‌ର ଅନୁସନ୍ଧାନ ଓ ଫଇସଲା ତଥା ଦେଣନେଣ ବା କାରବାର ହୋଇଥିବ, ତାହା ଏତାଦୃଶ ପ୍ରତ୍ୟାହାର ଦ୍ୱାରା ପ୍ରଭାବିତ ହେବ ନାହିଁ । **(ଧାରା ୯) ।**

## ୧୫: ଜଙ୍ଗଲ ଅଧିକାର ଆଇନ୍ ୨୦୦୬

***ଓଡ଼ିଶାରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ) ଆଇନ୍ ୨୦୦୬ର କାର୍ଯ୍ୟକାରିତା ସମ୍ବନ୍ଧରେ ଓଡ଼ିଶା ସରକାରଙ୍କ ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପ୍ରକାଶିତ***

## *ପୁନର୍ପୌନିକ ଜିଜ୍ଞାସାପତ୍ର*

*ଓଡିଶା ସରକାର ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗ ପତ୍ରସଂଖ୍ୟା-* ***TD-II-51/08- 40373 / SSD***

***Dated, Bhubaneswar 21.11.08***

ପ୍ରେରକ-

ଶ୍ରୀ ପ୍ରଦୀପ୍ତ କୁମାର ଦାସ, ସରକାରଙ୍କ ଅନୁସଚୀବ

ପ୍ରାପ୍ତେଷୁ,

୧. ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲାସ୍ତରୀୟ (ଜଙ୍ଗଲ ଅଧିକାର) କମିଟିର ଅଧ୍ୟକ୍ଷ

୨. ସମସ୍ତ ଉପ-ଜିଲ୍ଲାପାଳ ଏବଂ ଉପଖଣ୍ଡ-ସ୍ତରୀୟ (ଜଙ୍ଗଲ ଅଧିକାର) କମିଟିର ଅଧ୍ୟକ୍ଷ

୩. ସମସ୍ତ ପ୍ରକଳ୍ପ ପ୍ରଶାସକ, ଆଇ.ଟି.ଡି.ଏ.

୪. ସମସ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର୍.ଡି.ଏ. (ଅଣ-ଅନୁସୂଚୀତ ଅଞ୍ଚଳସମୂହ ପାଇଁ)

୫. ସମସ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ

*ବିଷୟ- ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲଅଧିକାର ସମୂହକୁ ସ୍ୱୀକୃତି ପ୍ରଦାନ) ଆଇନ୍ ୨୦୦୬ର କାର୍ଯ୍ୟକାରିତା ସମ୍ବନ୍ଧରେ ପୁନର୍ପୌନିକ ଜିଜ୍ଞାସାପତ୍ର ଏବଂ ତହିଁର ଉତ୍ତରମାଳା*

ମହାଶୟ/ମହାଶୟା,

ମୁଁ ନିର୍ଦ୍ଦେଶନା ମତେ ଏହା ସହିତ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ) ଆଇନ୍ ୨୦୦୬ର କାର୍ଯ୍ୟକାରିତା ସମ୍ବନ୍ଧରେ ଏକ ପୁନର୍ପୌନିକ ଜିଜ୍ଞାସାପତ୍ର ଏବଂ ତହିଁର ଉତ୍ତରମାଳା ଆପଣଙ୍କର ଅବଗତି ଏବଂ ମାର୍ଗଦର୍ଶନ ନିମନ୍ତେ ପ୍ରେରଣ କରୁଅଛି । ଉକ୍ତ ଆଇନ୍‌ର କାର୍ଯ୍ୟକାରିତା ସହ ଜଡିତ ହିତାଧିକାରୀ/ଦାବୀଦାର/ସରକାରୀ ଏବଂ ବେସରକାରୀ ବ୍ୟକ୍ତିମାନଙ୍କର ସ୍ପଷ୍ଟୀକରଣ ଉଦ୍ଦେଶ୍ୟରେ ଏହି ଜିଜ୍ଞାସାପତ୍ର ଏବଂ ଉତ୍ତରମାଳାକୁ ବ୍ୟବହାର କରାଯାଇପାରେ ।

ଆପଣଙ୍କର ବିଶ୍ୱସ୍ତ,

ସ୍ୱା/ ଅନୁସଚୀବ, ଓଡିଶା ସରକାର

ତା **21.11.2008** ରିଖ

## ପୁନର୍ପୌନିକ ଜିଜ୍ଞାସାପତ୍ର

***୧. ଏହି ଆଇନ୍ ଫଳରେ ଆମର ଜଙ୍ଗଲସମ୍ପଦ ଏବଂ ପରିବେଶ ନଷ୍ଟ ହେବାର ବିପଦ ରହିଛି କି ?***

କଦାପି ନୁହେଁ । ଆମେ ଜାଣିବା ଉଚିତ୍ ଯେ, ପୂର୍ବରୁ ପ୍ରଚଳିତ ରହିଆସିଥିବା ଜଙ୍ଗଲ ସଂରକ୍ଷଣ ଆଇନ୍‌ର ପରିସର ଭିତରେ ମଧ୍ୟ ପୁରାତନ ବସତିଗୁଡିକର ନିୟମିତୀକରଣ ପାଇଁ ବିଭିନ୍ନ ପ୍ରାବ୍ଧାନ ଏବଂ ପଦ୍ଧତିମାନ ବିହିତ ହୋଇଥିଲା । ଏହି ପୂର୍ବପ୍ରଚଳିତ ବ୍ୟବସ୍ଥାରେ ଲୋକମାନଙ୍କର ଭାଗିଦାରିତା ପାଇଁ ସୁସ୍ପଷ୍ଟ ସୁଯୋଗ ନଥିଲା । ଏହି ଆଇନ୍ ନିର୍ଦ୍ଦେଶ ଦେଉଛି ଯେ, ପ୍ରତି ଦାବୀର ନିରୂପଣ ଓ ନିର୍ଦ୍ଧାରଣ ପାଇଁ ଗ୍ରାମସଭା (ଓଡିଶା ପରିପ୍ରେକ୍ଷୀରେ ପଲ୍ଲୀସଭା) ହିଁ ହେଉଛି କର୍ତ୍ତୃପକ୍ଷ । ପୂର୍ବ ବ୍ୟବସ୍ଥାରେ ୨୫ ଅକ୍ଟୋବର ୧୯୮୦କୁ ଧାର୍ଯ୍ୟ ତରିଖ ରୂପେ ସ୍ଥିର କରାଯାଇଥିଲା । ବର୍ତ୍ତମାନ ଅନସୂଚୀତ ଜନଜାତିସମୂହଙ୍କ ପାଇଁ ଏହି ତାରିଖ ୧୩ ଡିସେମ୍ବର ୨୦୦୫ ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ପାଇଁ ୧୩ ଡିସେମ୍ବର ୧୯୩୦ କରାଯାଇଛି । ଏହି ଆଇନ୍ କେବଳ ବର୍ତ୍ତମାନ କାଏମ୍ ଥିବା ଦଖଲକୁ ସ୍ୱୀକୃତି ଦେଉଛି ; ପୁଣି ନୂଆ କରି କୌଣସି ଜଙ୍ଗଲକୁ ନଷ୍ଟ କରିବା ଏହାର ଲକ୍ଷ୍ୟ ନୁହେଁ । କ୍ଷେତ୍ର ଉପରେ ବିଦ୍ୟମାନ ଥିବା ବାସ୍ତବ ସ୍ଥିତିକୁ ବୈଧାନିକ ସ୍ୱୀକୃତି ଦେବା ଏହାର ମୂଳ ଲକ୍ଷ୍ୟ । ଏହି ଦୃଷ୍ଟିରୁ ଜଙ୍ଗଲ ପ୍ରତି ବାସ୍ତବରେ କୌଣସି ବିପଦ ନାହିଁ । ଜଙ୍ଗଲକ୍ଷୟ ମୂଳତଃ ଘଟିଥାଏ ବ୍ୟବସାୟିକ ସ୍ୱାର୍ଥସାଧନ ପାଇଁ, ଗରିବ ଲୋକଙ୍କର ବଞ୍ଚିବା ପାଇଁ ପ୍ରକୃତରେ ଆବଶ୍ୟକ ପଡୁଥିବା ସାଧନ ପାଇଁ ନୁହେଁ । ଆମେ ଏହା ବୁଝିବା ଜରୁରୀ ଯେ, ଜଙ୍ଗଲ ଅଞ୍ଚଳରେ ଆମ ପାର୍ଶ୍ୱରେ ଯଦି ସାଧାରଣ ଲୋକଙ୍କର ବସବାସ କରିବା ଆଇନସିଦ୍ଧ ହୁଏ, ତେବେ ଜଙ୍ଗଲ ବିଭାଗ ନିଜର ପ୍ରଶାସନକୁ ଅଧିକ ସୁନ୍ଦର ଭାବେ ପରିଚାଳନା କରିପାରିବ । କାଠ ମାଫିଆ ମାନଙ୍କର ଚଳାଚଳ ଓ କାରବାର ଉପରେ ସେମାନେ ଅଧିକ ନିର୍ଭରଯୋଗ୍ୟ ତଥ୍ୟ ହାସଲ କରିପାରିବେ । ସୁତରାଂ, ଉକ୍ତ ଆଇନ୍‌କୁ ନିଷ୍ପାପର ଭାବେ କାର୍ଯ୍ୟକାରୀ କରାଯାଇ ପାରିଲେ ଜଙ୍ଗଲସମୂହ ଏବଂ ପରିବେଶ ସୁରକ୍ଷିତ ରହିପାରିବ ।

***୨. କେତେକ କ୍ଷେତ୍ରରେ ଦେଖାଗଲା ଯେ, ପଲ୍ଲୀସଭାଗୁଡିକ ୧୬.୩.୨୦୦୮ କିମ୍ବା ୨୩.୩.୨୦୦୮ରେ ଅନୁଷ୍ଠିତ ହୋଇ ପାରିନାହିଁ । ସେମାନଙ୍କର ବୈଠକ ବର୍ତ୍ତମାନ ବସି ପାରିବ କି ତଥା ଜଙ୍ଗଲ ଅଧିକାର କମିଟି ଗଢି ପାରିବ କି ଓ ସମଗ୍ର ପ୍ରକ୍ରିୟାକୁ ଆରମ୍ଭ କରିପାରିବ କି ?***

ହଁ, ନିଶ୍ଚୟ ଏହା ସମ୍ଭବ । ପଲ୍ଲୀସଭା ବୈଠକ କେଉଁ ତାରିଖମାନଙ୍କରେ ଅନୁଷ୍ଠିତ ହେବ, ସେ ବିଷୟ ଆଇନ୍‌ରେ ସୂଚୀତ ହୋଇନାହିଁ । ଯେତେବେଳେ ଏହା ଆବଶ୍ୟକ, ସେତେବେଳେ ତାହା ଅନୁଷ୍ଠିତ ହୋଇପାରିବ । ଏହା ଉଲ୍ଲେଖନୀୟ ଯେ, ନିୟମ ୧୧(୧-ଏ) ଅନୁଯାୟୀ ପଲ୍ଲୀସଭା ସମ୍ମୁଖରେ ଦାବୀଗୁଡିକୁ ଉପସ୍ଥାପନ କରିବା ପାଇଁ ଅନୁମୋଦନୀୟ ପ୍ରାରମ୍ଭିକ ସମୟସୀମା ତିନିମାସ ଥିଲା । କିନ୍ତୁ ସେହି ନିୟମରେ ସ୍ଥାନିତ ହୋଇଥିବା ଏକ ପରନ୍ତୁକ କହିଛି ଯେ, ପଲ୍ଲୀସଭା ଚାହିଁଲେ ଲିଖିତ କାରଣ ଦର୍ଶାଇ ସମୟ-ସୀମାକୁ ବଢାଇ ପାରିବେ ।

***୩. ପଲ୍ଲୀସଭା ଦ୍ୱାରା ଉପଖଣ୍ଡ ସ୍ତରୀୟ କମିଟିକୁ ଦିଆଯାଇଥିବା ସୁପାରିଶ୍ ଗୁଡିକ ଉପରେ କି ଅଗ୍ରଗତି ଘଟିଛି, ସେ ବିଷୟରେ ପଲ୍ଲୀସଭା କି ଭଳି ସୂଚନା ପାଇପାରିବ ?***

ଉପଖଣ୍ଡ ସ୍ତରୀୟ କମିଟି ବୈଠକର କାର୍ଯ୍ୟବିବରଣୀର ଏକ ପ୍ରମାଣୀକୃତ ନକଲ ପଲ୍ଲୀସଭା/ଗ୍ରାମସଭାଙ୍କୁ ପଠାଯିବ, ଯାହା ଫଳରେ ଉପଖଣ୍ଡ ସ୍ତରୀୟ କମିଟିର ସୁପାରିଶ୍‌ଗୁଡିକ ବିଷୟରେ ସେମାନେ ଜାଣିପାରିବେ । ଯେହେତୁ ପଲ୍ଲୀସଭାର ନିଜର ଦପ୍ତର ନାହିଁ, ସଂପୃକ୍ତ ଗ୍ରାମ ପଞ୍ଚାୟତର ସଂପ୍ରସାରଣ ଅଧିକାରୀ ବା ସଂପାଦକ ସମସ୍ତ ଦଲିଲ୍‌ପତ୍ରର ରକ୍ଷଣାବେକ୍ଷଣ କରିବେ ଏବଂ ଉପଖଣ୍ଡ ସ୍ତରୀୟ କମିଟି ନିକଟରୁ ମିଳିଥିବା ଦଲିଲ୍‌ପତ୍ର ବିଷୟରେ ପଲ୍ଲୀସଭାଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ପଲ୍ଲୀସଭାର ବୈଠକ ଡକାଇବା ପାଇଁ ପଦକ୍ଷେପ ନେବା ତାଙ୍କର କର୍ତ୍ତବ୍ୟ ଅଟେ ।

***୪. ଏହି ଆଇନ୍ ଅଧୀନରେ ପ୍ରସ୍ତୁତ ପ୍ରତି ଦାବୀ ସହିତ ଜାତି ପ୍ରମାଣପତ୍ର ସଂଯୁକ୍ତ ରହିବା ବାଧ୍ୟତାମୂଳକ କି ?***

ସଂଶ୍ଲିଷ୍ଟ ନଥିସଂଖ୍ୟା-୧ରେ ସ୍ଥାନିତ ଫର୍ମ-ଏ ଅନୁସୂଚୀତ ଜନଜାତି ଅନ୍ତର୍ଗତ ସଭ୍ୟମାନଙ୍କର ବ୍ୟକ୍ତିଗତ ଦାବୀ ପାଇଁ ଉଦ୍ଦିଷ୍ଟ ଏବଂ ଏହି ଫର୍ମ ଅନୁଯାୟୀ ଉପରୋକ୍ତ ପ୍ରମାଣପତ୍ରର ଏକ ପ୍ରମାଣୀକୃତ ନକଲ ସଂଯୁକ୍ତ ହୋଇଥିବା ଆବଶ୍ୟକ । ଏହି ବିଷୟ ୨୪ ଅକ୍ଟୋବର ୨୦୦୮ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ତଦାରଖ କମିଟିର ବୈଠକରେ ଆଲୋଚିତ ହୋଇଥିଲା ଏବଂ ଏହି ବୈଠକର ନିଷ୍ପତ୍ତି ରାଜସ୍ୱ ବିଭାଗର ପତ୍ରସଂଖ୍ୟା ୪୭୯୨୩ ତା ୧୨.୧୧. ୨୦୦୮ ମାଧ୍ୟମରେ ସୂଚୀତ ହୋଇସାରିଛି । ଦୁଇ ତୃତୀୟାଂଶ ବା ତତୋଧିକ ସଭ୍ୟସଂଖ୍ୟା ଥାଇ ଅନୁଷ୍ଠିତ ହୋଇଥିବା ଏକ ବୈଠକରେ ପଲ୍ଲୀସଭା ଅନୁସୂଚୀତ ଜନଜାତିର ସଭ୍ୟମାନଙ୍କର ନାମତାଲିକାକୁ ସ୍ୱୀକୃତି ଦେଇ ଏକ ପ୍ରସ୍ତାବ ଗ୍ରହଣ କରିପାରିବେ, ଯାହା କି ରାଜ୍ୟସ୍ତରୀୟ ତଦାରଖ କମିଟି ଏବଂ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଗ୍ରହଣୀୟ ବିବେଚିତ ହେବ । କିନ୍ତୁ ଯଦି ରାଜ୍ୟସ୍ତରୀୟ ତଦାରଖ କମିଟି ବା ଜିଲ୍ଲାସ୍ତରୀୟ କମିଟି ଏହି ତାଲିକାର ପୁନର୍ବାର ଯାଞ୍ଚ ହେବା ସପକ୍ଷରେ କୌଣସି କାରଣ ଅନୁଭବ କରନ୍ତି, ତେବେ ସେମାନେ ସନ୍ଦେହାଧୀନ ମାମଲାଗୁଡିକୁ ସଂପୃକ୍ତ ତହସିଲ୍‌ଦାରଙ୍କ ମାଧ୍ୟମରେ ପୁନର୍ବାର ଯାଞ୍ଚ କରାଇପାରନ୍ତି ।

***୫. ଏହି ଆଇନ୍‌ର କାର୍ଯ୍ୟକାରିତା ଉପରେ ମାନ୍ୟବର ହାଇକୋର୍ଟ ଏକ ରହିତାଦେଶ ଦେଇଛନ୍ତି କି ?***

ଏହା ସତ କଥା, ବିଶେଷ କରି ସଂରକ୍ଷିତ ଜଙ୍ଗଲ/ ସୁରକ୍ଷିତ ଜଙ୍ଗଲ / ବନ୍ୟପ୍ରାଣୀ ଅଭୟାରଣ୍ୟ ଇଲାକାରେ ଚୂଡାନ୍ତ ପଟ୍ଟା (ଆଇନ୍ ଅନୁଯାୟୀ ସ୍ୱତ୍ତ୍ୱ) ପ୍ରଦାନ ଏବଂ ଗଛକଟାକୁ ବାରଣ କରି ମାନ୍ୟବର ହାଇକୋର୍ଟ ଗୋଟିଏ ମଧ୍ୟବର୍ତ୍ତୀ ଆଦେଶ ଜାରି କରିଥିଲେ । ରାଜ୍ୟ ସରକାର ଏହି ମଧ୍ୟବର୍ତ୍ତୀ ଆଦେଶର ପ୍ରତ୍ୟାହାର ପାଇଁ ଯଥୋଚିତ ପ୍ରାର୍ଥନା ଦାଖଲ କରିବା ସକାଶେ ସଚେଷ୍ଟ ଅଛନ୍ତି । କିନ୍ତୁ, ଆଇନ୍ ଅଧୀନରେ ସ୍ଥାନିତ ଅନ୍ୟ ବ୍ୟବସ୍ଥା ଗୁଡିକ ଉପରେ କୌଣସି ବାରଣାଦେଶ ନାହିଁ ଏବଂ ଏତାଦୃଶ ପ୍ରତ୍ୟେକ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନିଶ୍ଚିତ ରୂପେ ଆଗେଇ ନେବାକୁ ପଡିବ । ଏହି ବ୍ୟବସ୍ଥାଗୁଡିକ ଭିତରେ ଅଛି, ଜଙ୍ଗଲ ଅଧିକାର କମିଟିର ସଭ୍ୟମାନଙ୍କୁ ବାଛିବା ପାଇଁ ପଲ୍ଲୀସଭାର ପ୍ରଥମ ବୈଠକ ଡକାଇବା, ଏହି କମିଟି ବ୍ୟକ୍ତିଗତ ଏବଂ ଯୌଥ ଦାବୀଗୁଡିକୁ ସଂଗ୍ରହଣ କରିବା, କମିଟି ସେହିସବୁ ଦାବୀଗୁଡିକୁ ଯାଞ୍ଚ କରି ପଲ୍ଲୀସଭାକୁ ସୁପାରିଶ୍ କରିବା, ଉପଖଣ୍ଡ ସ୍ତରୀୟ କମିଟି ନିକଟରେ ସୁପାରିଶ୍ କରିବା ଉଦ୍ଦେଶ୍ୟରେ ପଲ୍ଲୀସଭାର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହେବା, ଉପଖଣ୍ଡ ସ୍ତରୀୟ କମିଟି ଏବଂ ପରିଶେଷରେ ଜିଲ୍ଲାସ୍ତରୀୟ କମିଟିର ବୈଠକମାନ ଅନୁଷ୍ଠିତ ହେବା । ଏହିସବୁ ପଦକ୍ଷେପ ଗ୍ରହଣ ଉପରେ କୌଣସି ରହିତାଦେଶ ନାହିଁ । ଜିଲ୍ଲାସ୍ତରୀୟ କମିଟି ନିର୍ଦ୍ଧାରିତ ସମୟସୀମା ଭିତରେ ଦାବୀଗୁଡିକର ଚୂଡାନ୍ତ ନିର୍ଣ୍ଣୟ ଏବଂ ମୀମାଂସା ସଂପାଦନ କରିବା ଉଚିତ୍, ଯାହା ଫଳରେ ଦାବୀଦାର୍‌ମାନଙ୍କର ଅଧିକାର ବହନ କରୁଥିବା ଯେଉଁସବୁ ଦଲିଲ୍ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ବିଧିବଦ୍ଧ ଭାବେ ଅନୁମୋଦିତ ହୋଇଥିବ, ହାଇକୋର୍ଟରେ ବିଚାରାଧୀନ ଥିବା କେଶ୍ ଫଇସଲା ହେବା ମାତ୍ରେ ଅଥବା କୋର୍ଟଙ୍କର ଅନୁମତି ନେଇ ସେଗୁଡିକୁ ସଂପୃକ୍ତ ଦାବୀଦାରମାନଙ୍କୁ ହସ୍ତାନ୍ତର କରାଯାଇ ପାରିବ ।

***୬. ଜଣେ ସରକାରୀ ଅଧିକାରୀ ଏକଥା କହିପାରିବେ କି, ଯେହେତୁ ରହିତାଦେଶ କାଏମ୍ ରହିଛି, ତେଣୁ କୌଣସି କାର୍ଯ୍ୟ ଆଗେଇ ପାରିବ ନାହିଁ ?***

ଯେ କୌଣସି ବିଭାଗରେ କାର୍ଯ୍ୟରତ ଯେ କୌଣସି ଅଧିକାରୀ ଯଦି କାର୍ଯ୍ୟରେ ବିଳମ୍ବ ବା ଅନ୍ୟ କୌଣସି ପ୍ରକାର ଅବହେଳା ଦେଖାନ୍ତି, ତେବେ ତାହା ଏହି ଆଇନ୍ ଅଧୀନରେ ଏକ ଅପରାଧ ଅଟେ । ଆଇନ୍‌ର ଧାରା ୭ ଅଧୀନରେ ଏକ ହଜାର ଟଙ୍କାର ଜୋରିମାନା ତଥା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି, ଯାହାକୁ ରାଜ୍ୟ ସରକାର ପ୍ରୟୋଗ କରିବା ପାଇଁ କୁଣ୍ଠାବୋଧ କରିବେ ନାହିଁ ।

***୭. ଜି.ପି.ଏସ୍. ଯନ୍ତ୍ରପାତି ସଂଗ୍ରହ କରିବା ପାଇଁ ନିକଟରେ ଗୋଟିଏ ଆଦେଶ ଦିଆଯାଇଛି । କିନ୍ତୁ ଜି.ପି.ଏସ୍. ଯନ୍ତ୍ରପାତି ବିନା ମାନଚିତ୍ର କିପରି ପ୍ରସ୍ତୁତ କରାଯାଇ ପାରିବ ?***

ଜି.ପି.ଏସ୍. ଯନ୍ତ୍ରପାତିର ଉପଯୋଗ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯାହାକି ଉଭୟ ରାଜସ୍ୱ ଓ ଜଙ୍ଗଲ ଜମିର ନିର୍ଭୁଲ୍ ଡିଜିଟାଲ୍ ମାନଚିତ୍ର ପ୍ରସ୍ତୁତ କରିବାର ଦୀର୍ଘମିଆଦି ଲକ୍ଷ୍ୟ ପୂରଣରେ ସହାୟକ ହୋଇପାରିବ । ଯଦି ଜି.ପି.ଏସ୍. କୌଶଳ ଅବଲମ୍ବନ କରାଯାଏ, ତେବେ ନିଶ୍ଚିତ ରୂପେ ଅଧିକ ନିର୍ଭୁଲତା ପାଳିତ ହେବ, କାରଣ ଏହା ଫଳରେ ଭୂପୃଷ୍ଠକୁ ଅଧ୍ୟୟନ କରୁଥିବା ଚାରୋଟି ଉପଗ୍ରହରୁ ଏକାବେଳେ ତଥ୍ୟ ସଂଗ୍ରହ କରିହେବ ଏବଂ ଯେ କୌଣସି ବିନ୍ଦୁର ଅକ୍ଷାଂଶ, ଦ୍ରାଘିମା ଏବଂ ଉଚ୍ଚତା ନିର୍ଣ୍ଣୟ କରିହେବ । ଏହା ସମ୍ଭବ, ଯଦି ସର୍ବେକ୍ଷଣ କ୍ଷେତ୍ରରେ ଆମେ ଟୋଟାଲ୍ ଷ୍ଟେସନ୍ ପଦ୍ଧତି ଉପଯୋଗ କରୁ । କିନ୍ତୁ, ଆମେ ମନେ ରଖିବା ଉଚିତ୍ ଯେ, ଆମର ଶତକଡା ଶହେ ନିର୍ଭୁଲତା ଆବଶ୍ୟକ ନାହିଁ, ଯାହା କି କ୍ଷେପଣାସ୍ତ୍ର ପ୍ରୟୋଗ ବା ଅନ୍ୟ ମହାକାଶ କାର୍ଯ୍ୟକ୍ରମରେ ଅନିବାର୍ଯ୍ୟ । ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ଜି.ପି.ଏସ୍. ଯନ୍ତ୍ରପାତିର ପ୍ରୟୋଗ ବାଧ୍ୟତାମୂଳକ ନୁହେଁ । ନିୟମାବଳୀର ସଂଲଗ୍ନ ନଥିସଂଖ୍ୟା- ୨ ଓ ୩ ବ୍ୟକ୍ତିଗତ ବା ଯୌଥ ସ୍ୱତ୍ତ୍ୱଲିପି ପାଇଁ ଭୂକ୍ଷେତ୍ରର ପରିମାଣ ଏବଂ ଖାତା ଓ ପ୍ଲଟ୍ ନମ୍ବର ସମେତ ସୁଦୃଶ୍ୟ ଭୂଚିହ୍ନ ଦ୍ୱାରା ସୂଚୀତ ହୋଇଥିବା ଭୂକ୍ଷେତ୍ରର ସୀମାରେଖାସମୂହ । ସୁତରାଂ ଏକ ସଂପୂର୍ଣ୍ଣ ରୂପେ ନିର୍ଭୁଲ୍ ପକ୍କା ମାନଚିତ୍ରର ପ୍ରସ୍ତୁତି ଏହି ଆଇନ୍ ଅଧୀନରେ ଜରୁରୀ ନୁହେଁ । କିନ୍ତୁ କେତେକ ବାସ୍ତବ କାରଣ ଦୃଷ୍ଟିରୁ ତଥା ଭବିଷ୍ୟତରେ ଉପୁଜିବାକୁ ଥିବା ସମ୍ଭାବ୍ୟ ଜମିବିବାଦର ମୀମାଂସା କରିବାରେ ପ୍ରଶାସନିକ କର୍ତ୍ତୃପକ୍ଷମାନଙ୍କର ଦକ୍ଷତା ବୃଦ୍ଧି କରିବାର ଆବଶ୍ୟକତା ଦୃଷ୍ଟିରୁ ଏହା ଜରୁରୀ ଯେ, ଆମେ ପାରମ୍ପରିକ ପଦ୍ଧତି ସାହାଯ୍ୟରେ ଆମଠାରେ ଥିବା

ଯୋଗ୍ୟତାର ସର୍ବୋତ୍ତମ ଉପଯୋଗ କରି ମାନଚିତ୍ରଗୁଡିକୁ ପ୍ରସ୍ତୁତ କରିବା । ରାଜ୍ୟସ୍ତରୀୟ ତଦାରଖ କମିଟି କେତେକ ମୌଳିକ ଯାଞ୍ଚ ପଦ୍ଧତି ପ୍ରୟୋଗ କରି ଏହା ସୁନିଶ୍ଚିତ କରିବେ ଯେ, (୧) ବ୍ୟକ୍ତିଗତ ଜମିଖଣ୍ଡଗୁଡିକ ପରସ୍ପରକୁ ଆବୃତ୍ତ କରୁନଥିବେ, କିମ୍ବା ଏକ ନିର୍ଦ୍ଦିଷ୍ଟ ଜମିଖଣ୍ଡ ଦୁଇ ବା ତତୋଧିକ ବ୍ୟକ୍ତିଙ୍କର ସତ୍ତ୍ୱ ବୋଲି ଦର୍ଶିତ ହୋଇନଥିବ; ଏବଂ (୨) ଗୋଟିଏ ଗ୍ରାମରେ ବ୍ୟକ୍ତିଗତ ଜମି ଏବଂ ଯୌଥ ଜମି ଯାହା ପାଇଁ ସତ୍ତ୍ୱାଧିକାର ସୁପାରିଶ୍ କରାଯାଉଛି, ତହିଁର ମୋଟ ପରିମାଣ ଗ୍ରାମର ମୋଟ ଭୌଗଳିକ ଆୟତନ ଠାରୁ ବେଶି ହୋଇନଥିବ ।  ସୁତରାଂ ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ଜି.ପି.ଏସ୍. ଯନ୍ତ୍ରପାତି ନାହିଁ ବୋଲି କେହି ଆଳ ଦେଖାଇଲେ ତାହା ଗ୍ରହଣୀୟ ହେବନାହିଁ ।

### ୮. *କାର୍ଯ୍ୟକ୍ଷେତ୍ରରେ ମାନଚିତ୍ର ଉପଲବ୍ଧ ନାହିଁ । କ'ଣ କରାଯାଇ ପାରିବ ?*

ଯଦି ରାଜସ୍ୱ ଜମି ଜଡିତ ଥାଏ, ତେବେ ତହିଁର ମାନଚିତ୍ରଗୁଡିକ ପାଇବା ପାଇଁ କଟକର ଯୋବ୍ରାସ୍ଥିତ ସର୍ଭେ ଏବଂ ମ୍ୟାପ୍ ପବ୍ଲିକେଶନ୍‌ସର ଯୁଗ୍ମ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଫରମାସ୍ କରିବାକୁ ପଡିବ ଏବଂ ଏହି ଫରମାସ୍ ବିଷୟରେ ବୋର୍ଡ ଅଫ୍ ରେଭେନିଉ କାର୍ଯ୍ୟାଳୟର ଡି.ଏଲ୍.ଆର୍.ଏସ୍.ଙ୍କ ନିକଟକୁ ଅବଗତି ପଠାଯାଇଥିବ । ଏହାଛଡା, ଏହି ପ୍ରକାର ଜମି ପାଇଁ ତହସିଲ୍ ଅଫିସ୍‌ରେ ଉପଲବ୍ଧ ଥିବା କାମଚଳା ମାନଚିତ୍ର ମଧ୍ୟ ଏହି ଆଇନ୍ ଦୃଷ୍ଟିରୁ ରାଜ୍ୟ ସ୍ତରୀୟ ତଦାରଖ କମିଟି ସ୍ତରରେ ଯଥେଷ୍ଟ ବୋଲି ବିବେଚିତ ହେବ । ଜଙ୍ଗଲ ଜମି କ୍ଷେତ୍ରରେ ତହିଁର ମାନଚିତ୍ରର ସ୍କେଲ୍ ଅତ୍ୟନ୍ତ କ୍ଷୁଦ୍ର, ଯଥା ୧ : ୫୦,୦୦୦, କାରଣ ପରମ୍ପରା କ୍ରମେ ବୃହଦାକାର ଜଙ୍ଗଲ ଅଞ୍ଚଳର ପରିକଳ୍ପନା କରାଯାଇଥିଲା ଏବଂ କ୍ଷୁଦ୍ରକ୍ଷୁଦ୍ର ଜନବସତିର କଥା ବିଚାରକୁ ନିଆ ଯାଇନଥିଲା । ଏଭଳି କ୍ଷେତ୍ରରେ ମଧ୍ୟ ଆଇନ୍‌ର ପ୍ରୟୋଜନକୁ ମେଣ୍ଟାଇବା ପାଇଁ ବିଶିଷ୍ଟ ଭୂଚିହ୍ନ ଏବଂ ଅନ୍ୟାନ୍ୟ ଜରୁରୀ ସୂଚନାକୁ ସ୍ଥାନିତ କରି ଚିଠା ମାନଚିତ୍ର ପ୍ରସ୍ତୁତ କରିବା ଜଟିଳ ହେବନି । ଏହା ଆମେ ମନେ ରଖିବା ଉଚିତ୍ ଯେ, ଜଙ୍ଗଲ ଜମିରେ ଜବରଦଖଲ ସଂକ୍ରାନ୍ତୀୟ କେଶ୍ ରଜୁ କରିବା ପାଇଁ ଜଙ୍ଗଲ ପ୍ରଶାସନ ଅତୀତରେ କାମଚଳା ମାନଚିତ୍ର ବ୍ୟବହାର କରିଆସୁଛି । ସେହି ମାନଚିତ୍ରଗୁଡିକୁ ବର୍ତ୍ତମାନ ମଧ୍ୟ ବିଭିନ୍ନ ଦାବୀଗୁଡିକୁ ଯାଞ୍ଚ କରିବା ବେଳେ ବ୍ୟବହାର କରିହେବ । ଯଥାର୍ଥ ବୋଲି ବିବେଚିତ ଦାବୀଗୁଡିକୁ ମାନଚିତ୍ରର ରୂପ ଦେବା ପାଇଁ ବର୍ତ୍ତମାନର ପଦସ୍ଥ ଆର୍.ଆଇ. ଏବଂ ଅମିନମାନଙ୍କ ଛଡା ଅବସରପ୍ରାପ୍ତ ଆର୍.ଆଇ. ଏବଂ ଅମିନ୍‌ମାନଙ୍କର ସାହାଯ୍ୟ ନିଆଯାଇପାରେ । ବନ୍ଦୋବସ୍ତ ଓ ଚକବନ୍ଦୀ ସଂଗଠନଗୁଡିକରୁ ଜେ.ସି. ଷ୍ଟାଫ୍ ଭଳି କେତେ କର୍ମଚାରୀ ଡି.ଏଲ୍.ଆର୍.ଏସ୍.ଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଯୋଗାଇ ଦିଆଯାଇଛି, ସେ ସଂପର୍କୀୟ ସ୍ଥିତିର ଏକ ସମୀକ୍ଷା ଜିଲ୍ଲାପାଳ କରିପାରନ୍ତି ।

### ୯. *କୌଣସି ରାଜସ୍ୱ ଗ୍ରାମର ପରିସରଭୁକ୍ତ ନଥିବା ଜଙ୍ଗଲ ବସତିଗୁଡିକ ବିଷୟରେ କ'ଣ କରାଯିବ ?*

ରାଜସ୍ୱ ବିଭାଗ ପ୍ରତି ଜିଲ୍ଲାପାଳଙ୍କୁ ୨୦୦୧ ଜନଗଣନା ଅନୁଯାୟୀ ଉପଲବ୍ଧ ଜଙ୍ଗଲ ଗ୍ରାମ ସଂବନ୍ଧୀୟ ତଥ୍ୟ ଯୋଗାଇ ସାରିଛନ୍ତି । ଆଇନ୍‌ର ଧାରା ୨(ଜି) ସହିତ ଧାରା ୨(ପି-୩)କୁ ମିଶାଇ ପଢିଲେ ଏକଥା ନିଷ୍ପନ୍ନ ହୁଏ ଯେ, ପଞ୍ଚାୟତିରାଜ ବିଭାଗ ଦ୍ୱାରା ସକ୍ଷମାର୍ଥକ ବିଜ୍ଞପ୍ତି ବ୍ୟତିରେକ ମଧ୍ୟ ଏହିସବୁ ବସତିଗୁଡିକ ଆଇନ୍ ଦୃଷ୍ଟିରୁ ବସତି ପଦବାଚ୍ୟ । ସୁତରାଂ ଏହି ବସତି ଗୁଡିକର ଗ୍ରାମ-ସ୍ତରୀୟ ବୈଠକ ମଧ୍ୟ ସେତିକି ବୈଧାନିକ ଯଥାର୍ଥତା ବହନ କରିବ ଯେତିକି ସାଧାରଣତଃ ପଲ୍ଲୀସଭା କ୍ଷେତ୍ରରେ ପ୍ରଯୁଜ୍ୟ । ଯାହା ହେଉ, ପଞ୍ଚାୟତିରାଜ ବିଭାଗ ଏହି ବିଷୟରେ ଏକ ବିଶଦ୍ ବିଜ୍ଞପ୍ତି ଖୁବ୍ ଶୀଘ୍ର ଜାରି କରିବାକୁ ଯାଉଛନ୍ତି ।

### ୧୦. *ଜଙ୍ଗଲ ସଂରକ୍ଷଣ ଆଇନ୍ ଅଧୀନରେ ଚିହ୍ନଟ ହୋଇଥିବା ପ୍ରାକ୍-୧୯୮୦ ବସତିସମୂହକୁ ଦ୍ୱିତୀୟ ପର୍ଯ୍ୟାୟ ମଞ୍ଜୁରି କାର୍ଯ୍ୟ ଚାଲୁ ରହିବ କି ?*

ଟି.ଏନ୍.ଗୋଦାବର୍ମନ୍ କେଶ୍‌ରେ ଓଡିଶା ପାଇଁ ସୁପ୍ରିମ୍ କୋର୍ଟ ଦେଇଥିବା ମଞ୍ଜୁରି ଅନୁଯାୟୀ ସରକାର ଆବଶ୍ୟକୀୟ ବଜେଟ୍ ବ୍ୟବସ୍ଥା କରିସାରିଛନ୍ତି ଏବଂ ଆବଶ୍ୟକୀୟ ଅର୍ଥରାଶି ଜିମା ଦେଇସାରିଛନ୍ତି । ସୁତରାଂ ଏହି କାର୍ଯ୍ୟ ପ୍ରସ୍ତାବିତ ହୋଇସାରିଛି ଏବଂ ଏହାକୁ ନ୍ୟାଯ୍ୟ ପରିଣତିରେ ପହଞ୍ଚାଇବା ପାଇଁ ଅବିଳମ୍ବେ ଚଳାଇ ରଖିବାକୁ ପଡିବ ।  ଜଙ୍ଗଲ ସଂରକ୍ଷଣ ଆଇନ୍ ଅଧୀନରେ ଆବଶ୍ୟକ ହେଉଥିବା ଲିଜ୍ ଦଲିଲ୍ ଏବଂ ଅନ୍ୟାନ୍ୟ ଔପଚାରିକତା ଏହି ଆଇନ୍‌ର ଆବଶ୍ୟକତା ଠାରୁ ଭିନ୍ନ । ଜଙ୍ଗଲ ଅଧିକାର ଆଇନ୍ ଅଧୀନରେ ଯେଉଁ ଅଧିକାର ମିଳିଥାଏ, ତାହା ଉତ୍ତରାଧିକାର ସୂତ୍ରରେ ହସ୍ତାନ୍ତର ହୋଇପାରିବ କିନ୍ତୁ ବିକାକିଣା ସୂତ୍ରରେ ହସ୍ତାନ୍ତର ହୋଇପାରିବନି , ଯାହାକି ପୂର୍ବୋକ୍ତ ଆଇନ୍‌ର ବ୍ୟବସ୍ଥା ଠାରୁ ଭିନ୍ନ ।

### ୧୧. *ମୌଖିକ ପ୍ରମାଣ ଭିତ୍ତିକ ଦାବୀକୁ ଉପଖଣ୍ଡ-ସ୍ତରୀୟ କମିଟି ଗ୍ରହଣ କରିପାରିବ କି ?*

ନିୟମ ୧୧(୧)କୁ ନିୟମ ୧୩ ସହ ମିଶାଇ ପଢିଲେ ଏହା ନିଷ୍ପନ୍ନ ହୁଏ ଯେ, ସୂଚୀତ ହୋଇଥିବା ମୋଟ ୯ଟି ଧରଣର ପ୍ରମାଣ ଭିତରୁ ଅନ୍ତତଃ ଦୁଇଟି ଦାଖଲ କରିବା ଯଥେଷ୍ଟ ହେବ । ନିୟମ ୧୩ (୧-ଆଇ) ଅନୁଯାୟୀ ଦାବୀଦାରଙ୍କୁ ବାଦ୍ ଦେଇ ବରିଷ୍ଠ ବ୍ୟକ୍ତିମାନଙ୍କର ବକ୍ତବ୍ୟ, ଯାହାକୁ ଲିଖିତ ରୂପ ଦିଆଯାଇଥିବ, ତାହା ମଧ୍ୟ ପ୍ରମାଣ ବୋଲି ବିବେଚିତ ହେବ । "ଦାବୀଦାରଙ୍କୁ ବାଦ୍ ଦେଇ", ଏହି ଶବ୍ଦପୁଞ୍ଜକୁ ଆମକୁ ବୁଝିବାକୁ ପଡିବ; ସଂପୃକ୍ତ ପ୍ଲଟ୍ ପରିପ୍ରେକ୍ଷୀରେ ଆମକୁ ଏହା ବୁଝିବାକୁ ପଡିବ ।  ଉପଖଣ୍ଡ-ସ୍ତରୀୟ କମିଟି କୌଣସି ବ୍ୟକ୍ତିଗତ ବା ଯୌଥ ଦାବୀକୁ ଗ୍ରହଣ କରିନଥାଏ । ନିୟମ ୧୪(୫) ଅନୁଯାୟୀ  ଉପଖଣ୍ଡ-ସ୍ତରୀୟ କମିଟିର କାର୍ଯ୍ୟ ହେଉଛି, ଗ୍ରାମସଭାର ପ୍ରସ୍ତାବକୁ ବିଚାର କରିବା ଏବଂ ଏହାକୁ ଗ୍ରହଣ ବା ନାକଚ କରି ଯଥୋଚିତ ଆଦେଶ ଜାରି କରିବା । ନିୟମ ୧୩ ଅନୁଯାୟୀ ମୌଖିକ ପ୍ରମାଣ ବିଭିନ୍ନ ଅନୁମୋଦନୀୟ ପ୍ରମାଣ ଭିତରୁ ହେଉଛି ଅନ୍ୟତମ । କିନ୍ତୁ ଗ୍ରାମସଭା ଏକଥା ଦେଖିବ ଯେ, ଅନ୍ତତଃ ଅନ୍ୟ ପ୍ରମାଣଟି ଏହିସବୁ ଧରଣ ଭିତରୁ ଗୋଟିଏ ହୋଇଥିବ; ଯଥା ଗୋଟିଏ ଘରର ଭୌତିକ ବୈଶିଷ୍ଟ୍ୟ, ଗୋଟିଏ ଜମିର ସ୍ଥାୟୀ ଉନ୍ନତୀକରଣ ପାଇଁ ସମତଳୀକରଣ ବା ବନ୍ଧନିର୍ମାଣ ଭଳି କାର୍ଯ୍ୟ, ଜବରଦଖଲ ସମ୍ବନ୍ଧରେ କୋଣସି କେଶ୍ ରେକର୍ଡ, ପ୍ରାଚୀନତାକୁ ସାବ୍ୟସ୍ତ କରୁଥିବା ପାରମ୍ପରିକ ଢଙ୍ଗରେ ନିର୍ମିତ ହୋଇଥିବା କୌଣସି ଶ୍ମଶାନସ୍ଥଳ, କୂପ, ଧର୍ମସ୍ଥଳ, ବା ବଂଶବୃତ୍ତି ଯେଉଁଥିରେ ଏଭଳି ବ୍ୟକ୍ତିଙ୍କ ନାମ ଅଛି, ଯାହାକି ପୁରାତନ ଜମି ରେକର୍ଡରେ ଉପଲବ୍ଧ ବା ଯେ କି ଅତୀତରେ ସଂପୃକ୍ତ ଗ୍ରାମର ବାସିନ୍ଦା ବୋଲି ଜଣାଶୁଣା ।

***୧୨. ୧୯୩୦ର ଧାର୍ଯ୍ୟ ତାରିଖ ଅନ୍ୟ ରାଜ୍ୟରୁ ଆସିଥିବା ଆଦିବାସୀମାନଙ୍କ ପାଇଁ ପ୍ରଯୁଜ୍ୟ ହେବ କି ?***

ଆଇନ୍ ଦୃଷ୍ଟିରେ ଗୋଟିଏ ରାଜ୍ୟର ଅନୁସୂଚୀତ ଜନଜାତିର ବ୍ୟକ୍ତି ଅନ୍ୟ ରାଜ୍ୟର ଅନୁସୂଚୀତ ଜନଜାତିର ବ୍ୟକ୍ତି ଠାରୁ ଭିନ୍ନ ନୁହେଁ । ତେଣୁ ଧାର୍ଯ୍ୟ ତାରିଖ ଅର୍ଥାତ୍ ୧୩ ଡିସେମ୍ବର ୨୦୦୫ ସମସ୍ତ ଅନୁସୂଚୀତ ଜନଜାତିର ବ୍ୟକ୍ତିମାନଙ୍କ ପାଇଁ ପ୍ରଯୁଜ୍ୟ ହେବ, ସେମାନଙ୍କର ଜନ୍ମ ଯେ କୌଣସି ରାଜ୍ୟରେ ହୋଇଥାଉନା କାହିଁକି । କିନ୍ତୁ ଏକଥା ସର୍ବଦା ଖିଆଲରେ ରଖିବାକୁ ପଡିବ ଯେ, ଏହି ଆଇନ୍ ଅଧୀନରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାମସଭା ବୈଠକର ନ୍ୟୂନତମ ଉପସ୍ଥାନ ସଂଖ୍ୟା ଶତକଡା ୬୬ ୨/୩ ବାଧ୍ୟତାମୂଳକ ରହିବ ।

***୧୩. ବନ ସଂରକ୍ଷଣ ସମିତି ଏବଂ ଅନ୍ୟାନ୍ୟ ସଂଗଠନ ଓ ବ୍ୟକ୍ତିବିଶେଷ, ଯେଉଁମାନେ କି ଏପର୍ଯ୍ୟନ୍ତ ଜଙ୍ଗଲର ସୁରକ୍ଷା କରିଆସିଛନ୍ତି, ସେମାନଙ୍କର ଭୂମିକା କ'ଣ ହେବ ?***

ଯୁଗ୍ମ ଜଙ୍ଗଲ ପରିଚଳନା ନୀତି ସଂକ୍ରାନ୍ତୀୟ ମାର୍ଗଦର୍ଶୀକା ହେଉଛି ପ୍ରଶାସନିକ ନିର୍ଦ୍ଦେଶାବଳୀ, କିନ୍ତୁ ବର୍ତ୍ତମାନର ପ୍ରାବ୍‌ଧାନଗୁଡିକ ଗୋଟିଏ ଆଇନ୍‌ର ଅଙ୍ଗବିଶେଷ । ସୁତରାଂ ବନ ସଂରକ୍ଷଣ ସମିତିର ସଭ୍ୟମାନଙ୍କୁ ଗ୍ରାମସଭା/ପଲ୍ଲୀସଭା ବୈଠକରେ ଭାଗନେବା ପାଇଁ ପ୍ରୋତ୍ସାହନ ମିଳିବା ଉଚିତ୍, ଯାହା ଫଳରେ କି ଯଥୋଚିତ ପ୍ରସ୍ତାବମାନ ଗୃହୀତ ହୋଇପାରିବ ।

***୧୪. ଗ୍ରାମସଭା/ପଲ୍ଲୀସଭା ବୈଠକରେ ଯୋଗଦାନ ପାଇଁ ଜଣେ ଜଙ୍ଗଲ ଅଧିକାରୀ ବା ରାଜସ୍ୱ ଅଧିକାରୀଙ୍କୁ ସୂଚନା ମିଳିନାହିଁ । ସେ କ'ଣ ଉପଖଣ୍ଡ-ସ୍ତରୀୟ କମିଟିର ବୈଠକ ବିବରଣୀରେ ସ୍ୱାକ୍ଷର କରିପାରିବେ ?***

ସରକାରଙ୍କ ସମସ୍ତ ବିଭାଗର ତୃଣମୂଳ ସ୍ତରୀୟ କାର୍ଯ୍ୟକର୍ତ୍ତାଗଣଙ୍କର ଏକ କର୍ତ୍ତବ୍ୟ ହେଉଛି ପଲ୍ଲୀସଭା ବୈଠକଗୁଡିକରେ ଯୋଗଦାନ କରିବା । ଏଠାରେ ଏହା ଉଲ୍ଲେଖନୀୟ ଯେ, ପ୍ରଥମ ପର୍ଯ୍ୟାୟର ପଲ୍ଲୀସଭା ବୈଠକ ପାଇଁ ଟେଲିଭିଜନ୍, ରେଡିଓ ଏବଂ ମୁଦ୍ରଣ-ଭିତ୍ତିକ ଗଣମାଧ୍ୟମଗୁଡିକରେ ବ୍ୟାପକ ଭାବେ ସୂଚନା ପ୍ରସାରଣ କରାଯାଇଥିଲା । ତେଣୁ କୌଣସି ବିଭାଗର କୌଣସି କ୍ଷେତ୍ର ଅଧିକାରୀ ଉକ୍ତ ପଲ୍ଲୀସଭା ବୈଠକ ସମ୍ବନ୍ଧରେ ଅଜ୍ଞ ଥିଲେ ବୋଲି ଆଳ ଦେଖାଇ ପାରବେ ନାହିଁ । କିନ୍ତୁ, ଯଦି ଉପଖଣ୍ଡ-ସ୍ତରୀୟ କମିଟି ସ୍ଥିର କରନ୍ତି ଯେ, କୌଣସି ଏକ ବିଷୟ ନିର୍ଦ୍ଦିଷ୍ଟ ଜଣେ ଅଧକାରୀଙ୍କ ଦ୍ୱାରା କ୍ଷେତ୍ର ଉପରେ ଯାଞ୍ଚ ହେବା ଆବଶ୍ୟକ, ତେବେ ସେହି ଅଧିକାରୀ ତାହା ଯେମିତି ହେଲେ ସଂପାଦନ କରିବେ । ଉପଖଣ୍ଡ-ସ୍ତରୀୟ କମିଟି ଯଦି ସ୍ଥିର କରନ୍ତି ଯେ, ଏହି କମିଟି ସପ୍ତାହକୁ ଥରେ ବସିପାରିଲେ, ତାହା କ୍ଷେତ୍ର-ସ୍ତରୀୟ ଯାଞ୍ଚକାର୍ଯ୍ୟକୁ ନିଷ୍ପାପର ଭାବେ ତଦାରଖ କରିବାରେ ସହାୟକ ହେବ, ତେବେ ସେପରି ନିଷ୍ପତ୍ତି ନିଆଯାଇପାରେ ।

***୧୫. ଉପଖଣ୍ଡ-ସ୍ତରୀୟ କମିଟିର ବୈଠକଗୁଡିକରେ ଲକ୍ଷ୍ୟ କରାଯାଇଛି ଯେ, ପଲ୍ଲୀସଭାର ପ୍ରସ୍ତାବ ସଂପୃକ୍ତ ଗ୍ରାମର ସାବାଳକ ସଭ୍ୟମାନଙ୍କର ଶତକଡା ୬୬ ୨/୩ ଭାଗଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇନାହିଁ । ଏପରି ପ୍ରସ୍ତାବକୁ ଗ୍ରହଣ କରାଯାଇ ପାରିବ କି ?***

ଏକଥା ମନେ ରଖିବାକୁ ପଡିବ ଯେ, ପଲ୍ଲୀସଭାର ସଂପାଦକ ଭାବେ ଦାୟିତ୍ୱ ତୁଲାଇଥାନ୍ତି ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅଥବା ସଂପ୍ରସାରଣ ଅଧିକାରୀ ଅଥବା ସଂପାଦକ । ଯଦି ସଂପୃକ୍ତ କାର୍ଯ୍ୟକର୍ତ୍ତା ଏକ ଦଲିଲ୍‌କୁ ସ୍ୱାକ୍ଷର କରି ଏହାକୁ ପଲ୍ଲୀ ସଭାର ପ୍ରସ୍ତାବ ରୂପେ ସ୍ୱୀକୃତି ଦେଇଥାନ୍ତି, ତେବେ ଉପସ୍ଥିତ ସମସ୍ତ ସଭ୍ୟମାନଙ୍କ ସ୍ୱାକ୍ଷର ସମ୍ବଳିତ ମୂଳ ଦଲିଲ୍‌କୁ ନିଜ ରେକର୍ଡ ଭିତରେ ସାଇତି ରଖିବା ହେଉଛି ତାଙ୍କର କର୍ତ୍ତବ୍ୟ । ଯେଉଁସ୍ଥଳେ ସେ ନିଜର ସ୍ୱାକ୍ଷର ସହ ଏହାର ନକଲକୁ ଉପଖଣ୍ଡ-ସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବେ, ସେପରି ସ୍ଥଳେ ଉପଖଣ୍ଡ-ସ୍ତରୀୟ କମିଟି ତାହାକୁ ଏକ ସତ୍ୟତା-ଭିତ୍ତିକ ଦଲିଲ୍ ରୂପେ ଗ୍ରହଣ କରିବା ବିଧେୟ । ଏହି ପଦ୍ଧତି ଠିକ୍ ବିଧାନ ସଭାରେ ଗୃହୀତ ଏକ ଆଇନ୍ ପରିପ୍ରେକ୍ଷୀରେ ଅନୁସୃତ ହେଉଥିବା ପଦ୍ଧତିର ଅନୁରୂପ । ବିଧାନସଭାରେ ଗୃହୀତ ହେଉଥିବା ପ୍ରତି ଆଇନ୍ ବା ପ୍ରସ୍ତାବରେ ଉପସ୍ଥିତ ପ୍ରତି ସଭ୍ୟଙ୍କର ସ୍ୱାକ୍ଷର ନଥାଏ । କେବଳ ପ୍ରାଧିକୃତ ଅଧିକାରୀଙ୍କର ସ୍ୱାକ୍ଷର ହିଁ ଯଥେଷ୍ଟ । ଠିକ୍ ସେହି ନ୍ୟାୟରେ ଉପଖଣ୍ଡ-ସ୍ତରୀୟ କମିଟି ଗୋଟିଏ କାର୍ଯ୍ୟ-ବିବରଣୀକୁ ସତ୍ୟପୂର୍ଣ୍ଣ ବୋଲି ମନେକରିବ ଯେପର୍ଯ୍ୟନ୍ତ ଏହା ବିରୁଦ୍ଧରେ କୌଣସି ଅଭିଯୋଗ ଆଗତ ନହୋଇଛି । ଠିକ୍ ସେହି ନ୍ୟାୟରେ ସ୍ଥିରୀକୃତ ହେବ ଜଙ୍ଗଲ ଅଧିକାର କମିଟିରେ ଏକ ତୃତୀୟାଂଶ ଅନୁସୂଚୀତ ସଭ୍ୟମାନେ ଅଛନ୍ତି କି ନା, ଏବଂ ଜଙ୍ଗଲ ଅଧିକାର କମିଟିରେ ଏକ ତୃତୀୟାଂଶ ମହିଳା ସଭ୍ୟା ନିର୍ବାଚିତ ହୋଇଛନ୍ତି କି ନା । ଯେତେବେଳେ ଉପଖଣ୍ଡ-ସ୍ତରୀୟ କମିଟି ଏହାକୁ ଯାଞ୍ଚ କରିବାର ବିଶେଷ ଆବଶ୍ୟକତା ଅନୁଭବ କରିବେ, ସେମାନେ ସେତେବେଳେ ତାହା କରିପାରନ୍ତି । ଜିଲ୍ଲା ପଞ୍ଚାୟତ ଅଧିକାରୀ ଏବଂ ଉପଖଣ୍ଡ ପଞ୍ଚାୟତ ଅଧିକାରୀ ସଂପ୍ରସାରଣ ଅଧିକାରୀମାନଙ୍କ ସହାୟତାରେ ସମୟାନ୍ତରରେ ନିରୀକ୍ଷଣ କରିବା ସହିତ ପଲ୍ଲୀସଭାଗୁଡିକୁ ଦଲିଲ୍‌ପତ୍ର ଯଥାରୀତି ସାଇତି ରଖିବା ସମ୍ବନ୍ଧରେ ମାର୍ଗଦର୍ଶନ କରିବାର ପ୍ରୟୋଜନ ରହିଛି ।

***୧୬. ସଚେତନତା ସୃଷ୍ଟି ଓ ପ୍ରଶିକ୍ଷଣ ପାଇଁ ରାଜ୍ୟ ସରକାର କୌଣସି କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି କି ?***

ଉପଖଣ୍ଡ ସ୍ତରୀୟ କମିଟି ଓ ଜିଲ୍ଲା ସ୍ତରୀୟ କମିଟି ସଚେତନତା ସୃଷ୍ଟି ତଥା କମିଟିସମୂହର ସଭ୍ୟମାନଙ୍କୁ ଏବଂ ସଂପୃକ୍ତ ଅଧିକାରୀ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ପାଇଁ କେତେକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଆଇନ୍ ଓ ନିୟମାବଳୀର ଓଡିଆ ଏବଂ ଇଂରାଜୀ ସଂସ୍କରଣ ମୁଦ୍ରିତ ହୋଇ ଜିଲ୍ଲା ସ୍ତରୀୟ ଏବଂ ଉପଖଣ୍ଡ ସ୍ତରୀୟ କମିଟିମାନଙ୍କୁ ବଣ୍ଟନ କରାଯାଇଛି , ଯାହା ଫଳରେ ଆଇନ୍‌ର କାର୍ଯ୍ୟକାରିତା ସହ ସଂପୃକ୍ତ ଥିବା ଗ୍ରାମ ଜଙ୍ଗଲ ଅଧିକାର କମିଟି ଏବଂ ଅନ୍ୟମାନଙ୍କ ଭିତରେ ଏସବୁର ପ୍ରସାରଣ ଘଟିପାରିବ ।

***୧୭. ହିତାଧିକାରୀମାନଙ୍କୁ ଦାବୀ ଫର୍ମ 'ଏ' ଓ 'ବି' କିଏ ଯୋଗାଇଦେବେ ଓ ଏହି ଫର୍ମ ପାଇଁ କିଛି ଫିସ୍ ଦେବାକୁ ପଡିବ କି ?***

ସମସ୍ତ ଅନୁସୂଚୀତ ଅଞ୍ଚଳରେ ଆଇ.ଟି.ଡି.ଏ.ର ପ୍ରକଳ୍ପ ସହାୟକମାନେ ଏବଂ ଅଣ-ଅନୁସୂଚୀତ ଅଞ୍ଚଳ ଥିବା ଜିଲ୍ଲା ମାନଙ୍କରେ ଜିଲ୍ଲା ମଙ୍ଗଳ ଅଧିକାରୀମାନେ ଫର୍ମ 'ଏ' ଓ 'ବି'କୁ ଆବଶ୍ୟକ ସଂଖ୍ୟାରେ ମୁଦ୍ରଣ କରି ହିତାଧିକାରୀମାନଙ୍କ ଭିତରେ ମାଗଣାରେ ବଣ୍ଟନ କରିବେ ।

***୧୮. ରେଜିଷ୍ଟର, ଫାଇଲ୍ ଓ କାଗଜାଦି କିଣିବା ପାଇଁ ଜଙ୍ଗଲ ଅଧିକାର କମିଟିମାନେ କେଉଁ ସୂତ୍ରରୁ ପାଣ୍ଠି ପାଇପାରିବେ ?***

ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ଆଇନ୍‌ର କାର୍ଯ୍ୟକାରିତା ପାଇଁ ଆବଶ୍ୟକ ବ୍ୟୟ ବହନ କରିବା ସକାଶେ ସମସ୍ତ ଆଇ.ଟି.ଡି.ଏ.ର ପ୍ରକଳ୍ପ ସହାୟକ ଏବଂ ଅଣ-ଅନୁସୂଚୀତ ଅଞ୍ଚଳ ଜିଲ୍ଲାଗୁଡିକର ସମସ୍ତ ଡି.ଆର୍.ଡି.ଏ.ର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ଆବଶ୍ୟକୀୟ ପାଣ୍ଠି ଯୋଗାଣ କରାଯାଇଛି ।

***୧୯.	ଯୌଥ ଅଧିକାର ଏବଂ ବ୍ୟକ୍ତିଗତ ଅଧିକାରର ସ୍ୱୀକୃତି ଏବଂ ନ୍ୟସ୍ତୀକରଣ ବିଷୟରେ କିଏ ନିଷ୍ପତ୍ତି ନେବେ ?***

ଏହା ଗ୍ରାମସଭା ହିଁ ଫଇସଲା କରିବ । କେବଳ ବିବାଦ ଉପୁଜିଲେ, ଉପଖଣ୍ଡ-ସ୍ତରୀୟ କମିଟି ବା ଜିଲ୍ଲା-ସ୍ତରୀୟ କମିଟି ଭଳି ଉଚ୍ଚତର କମିଟିମାନଙ୍କ ନିକଟରେ ଅପିଲ୍ କରାଯାଇ ପାରିବ ।

***୨୦.	ଥଇଥାନ ହୋଇପାରି ନଥିବା ବିସ୍ଥାପିତ ଆଦିବାସୀମାନଙ୍କ ପାଇଁ କି କି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ?***

ଆଇନ୍‌ର ଧାରା ୩(୧-ଏମ୍) ଅନୁଯାୟୀ ଯେଉଁସ୍ଥଳେ ଅନୁସୂଚୀତ ଜନଜାତି ଏବଂ ଅନ୍ୟ ପାରମ୍ପରିକ ବନବାସୀମାନେ ଯେ କୋଣସି ପ୍ରକାର ଜଙ୍ଗଲ ଜମିରୁ ବେଆଇନ୍ ଭାବେ ବେଦଖଲ ବା ବିସ୍ଥାପିତ ହୋଇଥିବେ, ଅଥଚ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଥଇଥାନ ବାବଦରେ ସେମାନଙ୍କର ଆଇନାନୁମୋଦିତ ପ୍ରାପ୍ୟ ପାଇନଥିବେ, ସେପରି ସ୍ଥଳେ ବିକଳ୍ପ ଜମି ସମେତ ପୂର୍ବ ସ୍ଥାନରେ ଥଇଥାନ ହେବାର ଅଧିକାର ସେମାନଙ୍କର ରହିଛି ।

ଆଇନ୍‌ର ଧାରା ୪(୮) କହିଥାଏ ଯେ, ଏହି ଆଇନ୍ ଅଧୀନରେ ସ୍ୱୀକୃତ ଏବଂ ନ୍ୟସ୍ତୀକୃତ ଜଙ୍ଗଲ ଅଧିକାରସମୂହ ଭିତରେ ଅନ୍ତର୍ଭୁକ୍ତ ରହିଛି ସେହିସବୁ ବନବାସୀ ଅନୁସୂଚୀତ ଜନଜାତିସମୂହ ଏବଂ ଅନ୍ୟ ପାରମ୍ପରିକ ବନବାସୀମାନଙ୍କର ଜମି ଉପରେ ଅଧିକାର, ଯେଉଁମାନେ କି ସାବ୍ୟସ୍ତ କରିପାରିବେ ଯେ, ସେମାନେ କୌଣସି ନା କୌଣସି ସରକାରୀ ଉନ୍ନୟନ ପ୍ରକଳ୍ପ ଯୋଗୁଁ ନିଜର ଘରଡିହ ଏବଂ ଚାଷଜମିରୁ ବିସ୍ଥାପିତ ହୋଇଥିଲେ ଅଥଚ ଜମି ବାବଦରେ କ୍ଷତିପୂରଣ ପାଇନଥିଲେ ଏବଂ ପୁଣି ସେମାନଙ୍କର ଜମି ଯେଉଁ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଥିଲା, ସେ ଉଦ୍ଦେଶ୍ୟରେ ଅଧିଗ୍ରହଣର ୫ବର୍ଷ ଭିତରେ ତାହା ବ୍ୟବହୃତ ହୋଇପାରିନଥିଲା ।

***୨୧.	କେଉଁମାନଙ୍କୁ ପାରମ୍ପରିକ ବନବାସୀ କୁହାଯିବ ?***

ଆଇନ୍‌ର ଧାରା ୨(ଓ)ର  ସଂଜ୍ଞାୟନ ଅନୁଯାୟୀ 'ଅନ୍ୟ ପାରମ୍ପରିକ ବନବାସୀ'ର ଅର୍ଥ କୌଣସି ବ୍ୟକ୍ତି ବା ଜନଗୋଷ୍ଠୀ ଯେ କି ୧୩ ଡିସେମ୍ବର ୨୦୦୫ ପୂର୍ବରୁ ତିନି ପୁରୁଷ (୭୫ ବର୍ଷ) ଧରି ନିଜ ଜୀବିକାର ପ୍ରକୃତ ଆବଶ୍ୟକତାଗୁଡିକ ମେଣ୍ଟାଇବା ପାଇଁ ଜଙ୍ଗଲରେ ବା ଜଙ୍ଗଲ ଜମିରେ ମୂଳତଃ ବସବାସ କରିଆସିଛନ୍ତି ବା ତାହା ଉପରେ ନିର୍ଭର କରି ଆସିଛନ୍ତି ।

***୨୨.	ଆଇନ୍‌ରେ ଥିବା 'ଜଙ୍ଗଲ ଜମି'ର ସଂଜ୍ଞା କେବଳ ଜଙ୍ଗଲ ବିଭାଗ ଅଧୀନରେ ଥିବା ଜମି ପ୍ରତି ପ୍ରଯୁଜ୍ୟ ନା ରାଜସ୍ୱ ବିଭାଗ ଅଧୀନରେ ଥିବା ଜଙ୍ଗଲ ଜମି (ଜଙ୍ଗଲ କିସମ) ଆଇନ୍‌ର ପରିସର ଭିତରକୁ ଆସୁଛି ?***

'ଜଙ୍ଗଲ ଜମି'ର ଅର୍ଥ ଜଙ୍ଗଲ ଅଞ୍ଚଳରେ ଥିବା ଯେ କୌଣସି କିସମର ଜମି ଏବଂ ଏହି ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ହେବ ଶ୍ରେଣୀଭୁକ୍ତ ହୋଇନଥିବା ଜଙ୍ଗଲସମୂହ, ଚିହ୍ନଟ ହୋଇନଥିବା ଜଙ୍ଗଲ ସମୂହ, ସ୍ଥିତିବାନ୍ ବା ତଦୃଶ ଜଙ୍ଗଲସମୂହ, ସୁରକ୍ଷିତ ଜଙ୍ଗଲସମୂହ, ସଂରକ୍ଷିତ ଜଙ୍ଗଲସମୂହ, ଅଭୟାରଣ୍ୟସମୂହ ଓ ଜାତୀୟ ଉଦ୍ୟାନସମୂହ । ସୁତରାଂ ଆଇନ୍ ଅଧୀନରେ ସୂଚୀତ ହୋଇଥିବା 'ଜଙ୍ଗଲ ଜମି'ର ସଂଜ୍ଞା ସମସ୍ତ ପ୍ରକାର ଜଙ୍ଗଲ ପ୍ରତି ପ୍ରଯୁଜ୍ୟ, ଯାହା ଭିତରେ ଅନ୍ତର୍ଭୁକ୍ତ ହେବ ରାଜସ୍ୱ ରେକର୍ଡରେ ଥିବା 'ଜଙ୍ଗଲ କିସମ' ଜମି ।

## ଜଙ୍ଗଲ ଅଧିକାର ନିୟମାବଳୀ ୨୦୦୬ ଉପରେ ଓଡିଶା ସରକାରଙ୍କ ପୁନପୌନିକ ଜିଜ୍ଞାସା (୨୦୧୦)

Ashok Kumar Tripathy, IAS
Principal Secretary to Government
ST and SC Development Deptt.
Minorities and Backward Classes
Welfare Deptt.
Government of Orissa

Tel : +91 674 2536672
Mobile: +94370 40285
Fax : +91 674 2396806
Email : welsec@ori.nic.in/
Tripathy@yahoo.com
Website: http://www/orissa.gov.in

D.O. No. 8348 /SSD

Dated 20.2.10

**ପ୍ରିୟ . . . . .**

**ବିଷୟ: ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି ) ଆଇନ୍, ୨୦୦୬ ଓ ତହିଁର ନିୟମାବଳୀ ଅନୁଯାୟୀ ଯୌଥ ଜଙ୍ଗଲ ଅଧିକାରସମୂହର ନିର୍ଦ୍ଧାରଣ ଓ ସ୍ୱୀକୃତି ସଂବନ୍ଧରେ ପୁନପୌନିକ ପ୍ରଶ୍ନାବଳୀ**

ଭିଡିଓ କନ୍‌ଫରେନ୍ସ ସମୟରେ ଏହା ଲକ୍ଷ୍ୟ କରାଯାଇଛି ଯେ, ମୁଖ୍ୟ ଶାସନସଚିବଙ୍କ ନିର୍ଦ୍ଦେଶନାମା (ପତ୍ର ସଂଖ୍ୟା ୬୦୬୧ ତା ୪.୨.୨୦୦୯, ଅନୁଚ୍ଛେଦ-୧) ଏବଂ ଏହି ବିଭାଗର ପତ୍ରସଂଖ୍ୟା ୪୫୬୫୯ ତା ୨୬.୧୨.୨୦୦୯ (ଅନୁଚ୍ଛେଦ- ୪) ତଥା ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି ) ଆଇନ୍, ୨୦୦୬ ଅଧୀନରେ ଯୌଥ ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି ଉପରେ ବାରମ୍ବାର ସ୍ପଷ୍ଟୀକରଣ ଦିଆଯିବା ପରେ ମଧ୍ୟ ବିଭିନ୍ନ ଜିଲ୍ଲାରେ ଏପର୍ଯ୍ୟନ୍ତ ଅତ୍ୟନ୍ତ ନଗଣ୍ୟ ଅଗ୍ରଗତି ଘଟିଛି ***(ସଂଲଗ୍ନ ନଥି-୧)*** । ମୁଁ ଯେଉଁ ବିଷୟ ପ୍ରତି ବିଶେଷ ଭାବେ ଆପଣଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ, ତାହା ହେଉଛି, ଏପର୍ଯ୍ୟନ୍ତ ଯୌଥ ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି ଉପରେ

ଯାହାସବୁ ରିପୋର୍ଟ ମିଳିଛି, ତାହା ***ଆଇନ୍‌ର ଧାରା ୩(୨)*** ଅଧୀନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟାବଳୀ ଉଦ୍ଦେଶ୍ୟରେ ଜଙ୍ଗଲ ଜମିର ବିଖଣ୍ଡନ ପାଇଁ ଉଦ୍ଦିଷ୍ଟ । ଆଇନ୍‌ର ଧାରା ୩(୨) ଅଧୀନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟାବଳୀ ଉଦ୍ଦେଶ୍ୟରେ ଜଙ୍ଗଲ ଜମିର ବିଖଣ୍ଡନ ପ୍ରକ୍ରିୟା ***ଆଇନ୍‌ର ଧାରା ୩(୧)*** ଅଧୀନସ୍ଥ ଯୌଥ ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି ଠାରୁ ସଂପୂର୍ଣ୍ଣ ଭାବେ ନିଆରା ।

୨. ଆପଣଙ୍କ ଦ୍ୱାରା ଯୌଥ ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱୀତ କରିବା ଉଦ୍ଦେଶ୍ୟରେ ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି) ଆଇନ୍, ୨୦୦୬ ଓ ତହିଁର ନିୟମାବଳୀ ଅଧୀନରେ ନ୍ୟସ୍ତ ହେବାକୁ ଥିବା ଯୌଥ ଜଙ୍ଗଲ ଅଧିକାରସମୂହର ନିର୍ଦ୍ଧାରଣ ଓ ସ୍ୱୀକୃତି ପ୍ରକ୍ରିୟା ସଂବନ୍ଧରେ ମୁଁ ଏଠାରେ ପୁନପୌନିକ ପ୍ରଶ୍ନାବଳୀ ଓ ତହିଁର ଉତ୍ତରମାଳା ମାଧ୍ୟମରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ ***(ସଂଲଗ୍ନ ନଥି-୨)*** । ଏହି ଆଇନ୍‌ର କାର୍ଯ୍ୟାନ୍ୱୟନରେ ସଂପୃକ୍ତ ଥିବା ଦାବୀଦାରଗଣ, ଜଙ୍ଗଲ ଅଧିକାର କମିଟି/ ଗ୍ରାମସଭାର ସଭ୍ୟସଭ୍ୟାଗଣ, ସରକାରୀ ଅଧିକାରୀ ଓ ବେସରକାରୀ ବ୍ୟକ୍ତିଗଣ (ସବ୍‌ଡିଭିଜନାଲ୍ ସ୍ତରୀୟ କମିଟି/ ଜିଲ୍ଲାସ୍ତରୀୟ କମିଟିଗୁଡିକର) ଙ୍କୁ ଆବଶ୍ୟକୀୟ ସ୍ପଷ୍ଟୀକରଣ ଦେବା ଉଦ୍ଦେଶ୍ୟରେ ଏହି ପୁନପୌନିକ ପ୍ରଶ୍ନାବଳୀ ଓ ତହିଁର ଉତ୍ତରମାଳାର ଦଲିଲ୍‌କୁ ବ୍ୟବହାର କରାଯାଇପାରେ ।

**ଆପଣଙ୍କର ବିଶ୍ୱସ୍ତ**

**ସ୍ୱା/ ଅଶୋକ କୁମାର ତ୍ରିପାଠୀ**

**ପ୍ରାପ୍ତେଷୁ,**

***ସମସ୍ତ ଜିଲ୍ଲାପାଳ ଏବଂ ଆର୍.ଡି.ସି.***

## ପୁନପୌନିକ ପ୍ରଶ୍ନାବଳୀ

***୧. ଏହି ଆଇନ୍ ଅଧୀନରେ ଯୌଥ ଜଙ୍ଗଲ ଅଧିକାର / ସମ୍ବଳସମୂହ ସଂବନ୍ଧରେ କି ବ୍ୟବସ୍ଥାମାନ ରହିଛି –***

ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାରସମୂହର ସ୍ୱୀକୃତି) ଆଇନ୍, ୨୦୦୬ (ସଂକ୍ଷେପରେ ଜଙ୍ଗଲ ଅଧିକାର ଆଇନ୍)ର ଧାରା ୩(୧) ଅଧୀନରେ ସମସ୍ତ ପ୍ରକାର ଜଙ୍ଗଲ ଜମି ଉପରେ ବନବାସୀ ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କର ଉଭୟ ବ୍ୟକ୍ତିଗତ ଏବଂ ଯୌଥ ଜଙ୍ଗଲ ଅଧିକାରର ବ୍ୟବସ୍ଥା ରହିଛି । ଯୌଥ ଜଙ୍ଗଲ ଅଧିକାରସମୂହ ପାଇଁ ଉଦ୍ଦିଷ୍ଟ ପ୍ରାସଙ୍ଗିକ ବ୍ୟବସ୍ଥାମାନ ନିମ୍ନରେ ସ୍ଥାନିତ କରାଗଲା:

୧. **ଧାରା ୩(୧)(ବି)**ରେ ସୂଚୀତ ହୋଇଛି- *"ଯୌଥ ଅଧିକାର ଯଥା ନିସ୍ତାର ବା ତାଦୃଶ ଏକ ବ୍ୟବସ୍ଥା, ଯାହାକି ଯେ କୌଣସି ନାମରେ ପରିଚିତ ହୋଇଥାଇପାରେ ଏବଂ ଯାହା ଭିତରେ ଅନ୍ତର୍ଭୁକ୍ତ ହେବ ସେହିସବୁ ବ୍ୟବସ୍ଥା, ଯାହାକି ପୂର୍ବତନ ଗଡଜାତ ରାଜ୍ୟସମୂହ, ଜମିଦାରୀ ବା ଅନ୍ୟ ସେହିଭଳି ମଧ୍ୟସତ୍ତ୍ୱ ଶାସନ ସମୟରେ ପ୍ରଚଳିତ ଥିଲା"* । ନିସ୍ତାର ଅଧିକାର ବଳରେ ସ୍ଥାନୀୟ ଜନଗୋଷ୍ଠୀମାନଙ୍କର ସ୍ଥାନୀୟ ଜଙ୍ଗଲ ସମ୍ପଦସମୂହ ଉପରେ ସେହିସବୁ ପାରମ୍ପରିକ ପ୍ରବେଶାଧିକାର ଓ ସ୍ୱତ୍ତ୍ୱାଧିକାର ଥିଲା, ଯାହାକି ବିଭିନ୍ନ ଶାସନ-ବ୍ୟବସ୍ଥା ଦ୍ୱାରା ସ୍ୱୀକୃତି ଲାଭ କରିଥିଲା ବା ପ୍ରଥାଗତ ଅଧିକାରସମୂହ ଭାବେ ପ୍ରୟୋଗ ହୋଇଚାଲୁଥିଲା । ନିସ୍ତାରୀ ଦାବୀ କହିଲେ ଦାବୀପତ୍ରରେ ସୂଚୀତ ହୋଇଥିବା ମତେ କାଠ, ଜାଳ, ଗୋଚାରଣ, ଲଘୁ ବନଜାତ ଦ୍ରବ୍ୟ ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ସମ୍ପଦ ଭଳି ଜଙ୍ଗଲଜାତ ସାମଗ୍ରୀକୁ ଉପଯୋଗ ବା ସଂଗ୍ରହର ଅଧିକାର, ଯାହାକି ପରମ୍ପରା କ୍ରମେ ପ୍ରଚଳିତ ରହିଆସିଛି ।

୨. **ଧାରା ୩(୧)(ସି)**ରେ ସୂଚୀତ ହୋଇଛି- *"ଗ୍ରାମର ପରିସୀମା ଭିତରେ ବା ବାହାରେ ପାରମ୍ପରିକ ଭାବେ ସଂଗୃହୀତ ହେଉଥିବା ଲଘୁ ବନଜାତ ଦ୍ରବ୍ୟ ଉପରେ ମାଲିକାନା, ସଂଗ୍ରହ ପାଇଁ ପ୍ରବେଶ, ଉପଯୋଗ ବା ଇଚ୍ଛାମତେ ବ୍ୟବହାର କରିବାର ଅଧିକାର"* । ପୁଣି ନିୟମ-୨ (ଡି)ରେ କୁହାଯାଇଛି ଯେ, ଆଇନ୍‌ର ଧାରା ୩ ଅଧୀନସ୍ଥ ଉପଧାରା (୧)ର ଅଣ-ଉପଧାରା (ସି)ରେ ସୂଚୀତ ହୋଇଥିବା 'ଲଘୁ ବନଜାତ ଦ୍ରବ୍ୟକୁ ଇଚ୍ଛାମତେ ବ୍ୟବହାର' ଭିତରେ ଅନ୍ତର୍ଭୁକ୍ତ ହେବ ସଂଗ୍ରାହକ ବା ଜନଗୋଷ୍ଠୀଙ୍କ ଦ୍ୱାରା ନିଜ ଜୀବିକା ପାଇଁ ସେହିସବୁ ଦ୍ରବ୍ୟକୁ ନିଜେ ବ୍ୟବହାର କରିବା ବା ବିକ୍ରୀ କରିବା ପାଇଁ ସ୍ଥାନୀୟ ସ୍ତରରେ ପ୍ରସ୍ତୁତି କରିବା, ମୂଲ୍ୟଯୁକ୍ତ କରାଇବା, ଜଙ୍ଗଲ ଅଞ୍ଚଳରେ ମୁଣ୍ଡବୋଝ, ବାଇସାଇକେଲ୍ ବା ହସ୍ତଟଣା ଯୋଗେ ପରିବହନ କରିବା । ଆଇନ୍‌ର ଧାରା ୨(୧) ରେ ସ୍ଥାନିତ ସଂଜ୍ଞା ଅନୁଯାୟୀ *"ଲଘୁ ବନଜାତ ଦ୍ରବ୍ୟ" ଭିତରେ ଅନ୍ତର୍ଭୁକ୍ତ ରହିବ ବାଉଁଶ, ଝାଟୁବଣ, ବୁଦା, ବେତ, ଟସର, ମହୁ, ମହମ, ଲାଖ, କେନ୍ଦୁପତ୍ର, ଔଷଧୀୟ ବୃକ୍ଷ ଏବଂ ଗୁଳ୍ମ, ଚେରମୂଳି, ଲତା ଏବଂ ସେହିଭଳିକା ଯେ କୌଣସି ଦ୍ରବ୍ୟ, ଯାହାକି ଉଦ୍ଭିଦରୁ ଉତ୍ପତ୍ତି ହୋଇଥିବ ଅଥଚ ନିର୍ମାଣରେ ବ୍ୟବହୃତ କାଠ ହୋଇନଥିବ ।*

୩. **ଧାରା ୩(୧)(ଡି)**ରେ ସୂଚୀତ ହୋଇଛି – *"ଉପଯୋଗ ବା ପ୍ରାପ୍ୟ ହାସଲ ପାଇଁ ଯୌଥ ଅଧିକାରସମୂହ ଯଥା ଜଳାଶୟଗୁଡିକରୁ ମାଛ ବା ଅନ୍ୟାନ୍ୟ ଉତ୍ପାଦ ସଂଗ୍ରହ, ପଶୁଚାରଣ (ସ୍ଥାବର ବା ଭ୍ରାମ୍ୟମାଣ) ଏବଂ ଯାଯାବର ବା ପଶୁପାଳକ ଗୋଷ୍ଠୀମାନଙ୍କ ଦ୍ୱାରା ପାରମ୍ପରିକ ଓ ଋତୁକାଳୀନ ଭିତ୍ତିରେ ବ୍ୟବହୃତ ହେଉଥିବା ସମ୍ପଦସମୂହ"* । ଏହି ବ୍ୟବସ୍ଥା ଅଧୀନରେ ଯେଉଁ ଅଧିକାରସମୂହ ପାଇଁ ଦାବୀ କରାଯାଇ ପାରିବ, ସେଗୁଡିକ ଭିତରେ ନିମ୍ନ ବିଷୟମାନ ଅନ୍ତର୍ଭୁକ୍ତ ହୋଇପାରେ- (୧) ଗୃହକାର୍ଯ୍ୟ ବା କୃଷିକାର୍ଯ୍ୟ ପାଇଁ, ଗୋରୁମହିଷାଦି ପାଇଁ, ମାଛ ପାଇଁ ଏବଂ ଅନ୍ୟ ଯେ କୌଣସି ପାରମ୍ପରିକ ବ୍ୟବହାର ପାଇଁ ଜଳାଶୟଗୁଡିକର ବ୍ୟବହାର, (୨) ଜଙ୍ଗଲରେ ପଶୁଚାରଣ, (୩) ଯାଯାବର ବା ପଶୁପାଳକ ଗୋଷ୍ଠୀମାନଙ୍କ ଦ୍ୱାରା ପାରମ୍ପରିକ ଋତୁକାଳୀନ ସମ୍ପଦସମୂହକୁ ସଂଗ୍ରହ ।

୪. **ଧାରା ୩(୧) (ଇ)**ରେ ସୂଚୀତ ହୋଇଛି- *"ଆଦିମ ଆଦିବାସୀ ଜନଜାତି ଏବଂ ପ୍ରାକ୍-କୃଷି ଜନଜାତିମାନଙ୍କ ପାଇଁ ପ୍ରାକୃତିକ ଆବାସ ଓ ବାସସ୍ଥାନ ପାଇଁ ଯୌଥ ସତ୍ତ୍ୱାଧିକାର ସମେତ ଅଧିକାରସମୂହ"* । ଧାରା ୨(ଏଚ୍)ରେ ସ୍ଥାନିତ ସଂଜ୍ଞା ଅନୁଯାୟୀ *"'ପ୍ରାକୃତିକ ଆବାସ' ଭିତରେ ଅନ୍ତର୍ଭୁକ୍ତ ହେବ ସେହି ଇଲାକା, ଯାହାକି ସଂରକ୍ଷିତ ଜଙ୍ଗଲ ଓ ସୁରକ୍ଷିତ ଜଙ୍ଗଲ ଗୁଡିକ ଭିତରେ ଅବସ୍ଥିତ ଥିବା ଆଦିମ ଆଦିବାସୀ ଜନଜାତିସମୂହ ଏବଂ ପ୍ରାକ୍-କୃଷି ଜନଜାତିସମୂହ ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଅନୁସୂଚୀତ ଜନଜାତିସମୂହଙ୍କର ପାରମ୍ପରିକ ଆବାସ ଓ ବା ଅନ୍ୟାନ୍ୟ ଅନୁରୂପ ବାସସ୍ଥଳୀ"*। ପ୍ରାକୃତିକ ଆବାସସ୍ଥଳୀ ଗୁଡିକ ହେଉଛି ସେହି ଭୌଗଳିକ ଇଲାକାମାନ, ଯେଉଁଗୁଡିକରେ ଏକ ସମରୂପ ସ୍ୱତନ୍ତ୍ର ଜୀବନଶୈଳୀ ଏବଂ ସଂସ୍କୃତି ବହନ କରୁଥିବା ନିର୍ଦ୍ଦିଷ୍ଟ ଆଦିମ ଆଦିବାସୀ ଜନଜାତି ଗୋଷ୍ଠୀସମୂହ ବା ଅନ୍ୟାନ୍ୟ ବନବାସୀ ଅନୁସୂଚୀତ ଜନଜାତିସମୂହ ବସବାସ କରିଥାନ୍ତି । ଓଡିଶାରେ ୧୩ଟି ଆଦିମ ଜନଜାତି ଗୋଷ୍ଠୀ (ପି.ଟି.ଜି.) ଅଛନ୍ତି, ଯେଉଁମାନଙ୍କର ସ୍ୱତନ୍ତ୍ର ଧରଣର ଯୌଥ ଆବାସସ୍ଥଳୀ ରହିଛି ଏବଂ ଏହି ଆବାସସ୍ଥଳୀ ଗୁଡିକ ସେମାନଙ୍କ ଦ୍ୱାରା ସାଂସ୍କୃତିକ ଓ ଚଳପ୍ରଚଳର କ୍ଷେତ୍ର ଭାବେ ବ୍ୟବହୃତ ହୋଇଆସୁଛି ତଥା ସେମାନେ ସେଥିରେ ବସବାସ କରିଆସୁଛନ୍ତି । ଏହି ଆବାସସ୍ଥଳୀର ସତ୍ତ୍ୱାଧିକାର ଦଲିଲ୍ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ଏକ ମାନଚିତ୍ର, ଯାହାକି ଆବାସ କ୍ଷେତ୍ରର ପରିସୀମା ଦର୍ଶାଇବା ସହିତ ସୁଦୃଶ୍ୟ ଚିହ୍ନଟ ସ୍ଥାନଗୁଡିକୁ ସୂଚାଉଥିବ ତଥା ସଂପୃକ୍ତ ପିଟିଜି ମାନଙ୍କର ପାରମ୍ପରିକ ଅଧିକାରସମୂହ, ଯେଉଁଗୁଡିକ ସେହି ଇଲାକା ମଧ୍ୟରେ ସ୍ୱୀକୃତି ଲାଭ କରିଛି ।

୫. **ଆଇନ୍‌ର ଧାରା ୩(୧) (ଆଇ)** ରେ ସୂଚୀତ ହୋଇଛି ଯେ, *"କୌଣସି ଯୌଥ ଜଙ୍ଗଲ ସମ୍ପଦ, ଯାହାକୁ ସେମାନେ (ଜନଗୋଷ୍ଠୀମାନେ) ସୁସ୍ଥାୟୀ ଉପଯୋଗ ସ୍ୱାର୍ଥରେ ପରମ୍ପରା କ୍ରମେ ସୁରକ୍ଷା ଓ ସଂରକ୍ଷଣ କରିଆସୁଛନ୍ତି, ତାହାକୁ ସୁରକ୍ଷା, ପୁନରୁଦ୍ଧାର ବା ସଂରକ୍ଷଣ ବା ପରିଚାଳନା କରିବା ପାଇଁ ସେମାନଙ୍କର ଅଧିକାର ରହିଛି ।"* ଆଇନ୍‌ର ଧାରା ୨(ଏ)ରେ ସ୍ଥାନିତ ସଂଜ୍ଞାୟନ ଅନୁଯାୟୀ, *"'ଯୌଥ ଜଙ୍ଗଲ ସମ୍ପଦ'ର ଅର୍ଥ ଗ୍ରାମର ପାରମ୍ପରିକ ବା ପ୍ରଥାଗତ ପରିସୀମା ଭିତରେ ଅବସ୍ଥିତ ଥିବା* ***ପ୍ରଥାଗତ ସର୍ବସାଧାରଣ ଜଙ୍ଗଲ ଜମି*** *ଅଥବା ପଶୁପାଳକ ଜନଗୋଷ୍ଠୀମାନଙ୍କ ଦ୍ୱାରା ଏକ ବ୍ୟାପକ ଇଲାକାକୁ ଋତୁକାଳୀନ ବ୍ୟବହାର, ଯେଉଁ ଇଲାକା ଭିତରେ ଅନ୍ତର୍ଭୁକ୍ତ ରହିପାରେ ସଂରକ୍ଷିତ ଜଙ୍ଗଲସମୂହ, ସୁରକ୍ଷିତ ଜଙ୍ଗଲସମୂହ ଏବଂ ଏହିସବୁ ସୁରକ୍ଷିତ ଅଞ୍ଚଳସମୂହ ଯଥା ଅଭୟାରଣ୍ୟମାନ ଓ ଜାତୀୟ ଉଦ୍ୟାନ ସମୂହ, ଯାହା ଭିତରକୁ ଜନଗୋଷ୍ଠୀମାନଙ୍କର ପାରମ୍ପରିକ ପ୍ରବେଶାଧିକାର ରହିଆସିଥିଲା"।*

୬. **ଧାରା ୩(୧) (କେ)** ରେ ସୂଚୀତ ହୋଇଛି – *"ଜୀବ ବୈଚିତ୍ର୍ୟକୁ ଉପଯୋଗ କରିବାର ଅଧିକାର ଜୀବ ବୈଚିତ୍ର୍ୟ ଓ ସାଂସ୍କୃତିକ ବୈଚିତ୍ର୍ୟ ସଂକ୍ରାନ୍ତୀୟ ବୌଦ୍ଧିକ ସଂପତ୍ତି ଏବଂ ପାରମ୍ପରିକ ଜ୍ଞାନଭଣ୍ଡାର ଉପରେ ଜନଗୋଷ୍ଠୀର ଅଧିକାର"*। *ଜୀବ ବୈଚିତ୍ର୍ୟ ଓ ସାଂସ୍କୃତିକ ବୈଚିତ୍ର୍ୟ* ଉପରେ ଜନଗୋଷ୍ଠୀର ରହିଥିବା ଅଧିକାରସମୂହ ଭିତରେ ଅନ୍ତର୍ଭୁକ୍ତ ହୋଇପାରେ ବିହନ, ଔଷଧୀୟ ବୃକ୍ଷରାଜି ଏବଂ ସେଗୁଡିକର ଉପଯୋଗିତା, କୃଷି ଓ କୃଷି ବୈଚିତ୍ର୍ୟ (ଏହା ଭିତରେ ଅନ୍ତର୍ଭୁକ୍ତ ଚାଷ ହେଉଥିବା ବା ନହେଉଥିବା ଖାଦ୍ୟ ବା ଅଣ-ଖାଦ୍ୟ ଶସ୍ୟସମୂହ), ଉଦ୍ଭିଦ ଓ ପ୍ରାଣୀ ସମ୍ବଳ ତଥା ଦେଶୀୟ ସଂରକ୍ଷଣ ବ୍ୟବସ୍ଥା ଓ ପ୍ରଥାସମୂହ, ସଂପୃକ୍ତ ଜନଗୋଷ୍ଠୀର ସାଂସ୍କୃତିକ ବିଭବସମୂହ ଯଥା ଜୀବ ବୈଚିତ୍ର୍ୟକୁ ନେଇ ବିଭିନ୍ନ କଳାକୃତି ଓ ଅନ୍ୟାନ୍ୟ ପ୍ରଥାସମୂହ ।

୭. **ଧାରା ୩(୧)(ଏଲ୍)**ରେ ଆଉ ଏକ ପ୍ରକାର ଅଧିକାରକୁ ସ୍ୱୀକୃତି ପ୍ରଦାନ ପାଇଁ ବ୍ୟବସ୍ଥା ସୂଚୀତ ହୋଇଛି – *"ଯଥାସ୍ଥିତି ବନବାସୀ ଅନୁସୂଚୀତ ଜନଜାତିସମୂହ ବା ଅନ୍ୟାନ୍ୟ ପାରମ୍ପରିକ ବନବାସୀସମୂହ ପାରମ୍ପରିକ ଭାବେ ଉପଭୋଗ କରୁଥିବା ଅନ୍ୟ କୌଣସି ପାରମ୍ପରିକ ଅଧିକାର, ଯାହାକି (ଏ) ଠାରୁ (କେ) ମଧ୍ୟରେ ସ୍ଥାନିତ ହୋଇନାହିଁ, କିନ୍ତୁ କୌଣସି ପ୍ରକାର ବନ୍ୟଜନ୍ତୁକୁ ଶିକାର କରିବା ଅବା ଜାଲ ବିଛାଇ ଧରିବା ଅବା ତା'ର ଶରୀରର ଅଙ୍ଗଚ୍ଛେଦ କରିବା ପାଇଁ ପାରମ୍ପରିକ ଅଧିକାର ତହିଁ ମଧ୍ୟରେ ଅନ୍ତର୍ଭୁକ୍ତ ହେବନାହିଁ ।"* ଜନଗୋଷ୍ଠୀର ଅଧିକାରସମୂହ ପାଇଁ ବ୍ୟବସ୍ଥାଗୁଡିକ ଭିତରେ ଯେଉଁ ଅଧିକାରସମୂହ ଏବଂ ପାରମ୍ପରିକ ସମ୍ବଳ ଉପଯୋଗର ପ୍ରଥାମାନ ପରିସରଭୁକ୍ତ ହୋଇପାରିନି ସେଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ ରହିବ । ଏହାର କେତେକ ଦୃଷ୍ଟାନ୍ତ ହେଲା, ପ୍ରାକ୍-କୃଷି ଅଭ୍ୟାସମାନ, ବାସସ୍ଥାନ, ଜଙ୍ଗଲ ଭିତରେ ଥିବା *ସର୍ଣ୍ଣା, ଜାହିରା, ମାରାଙ୍ଗବୁରୁ, ଲିଲିଙ୍ଗବୁରୁ* ଇତ୍ୟାଦି ପୂଜାସ୍ଥଳ, ପବିତ୍ର ସ୍ଥାନ/ତୋଟା ଅଞ୍ଚଳକୁ ଲିପାପୋଛା କରିବା ପାଇଁ ଜଙ୍ଗଲରୁ ମାଟି ସଂଗ୍ରହ, ତଥା ଯାତାୟତ/ ଚଳପ୍ରଚଳ ପାଇଁ ରାସ୍ତାର ଅଧିକାର ଇତ୍ୟାଦି ।

୨. ***ଯୌଥ ଜଙ୍ଗଲ ଅଧିକାରସମୂହକୁ ହାସଲ ପାଇଁ ଦାବୀସମୂହକୁ ଦାଖଲ, ନିର୍ଦ୍ଧାରଣ ଏବଂ ଯାଞ୍ଚ କରିବାର ପ୍ରକ୍ରିୟା କ'ଣ (ଧାରା ୬, ନିୟମ ୧୧, ୧୨)***

ଯୌଥ ଜଙ୍ଗଲ ଅଧିକାରସମୂହର ପ୍ରକାରଭେଦ ଓ ପରିମାଣ ନିର୍ଦ୍ଧାରଣ କରିବାର ପ୍ରକ୍ରିୟାକୁ ଆରମ୍ଭ କରିବା ପାଇଁ ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୬ ଗ୍ରାମସଭାକୁ କ୍ଷମତା ଦେଇଛି । ନିୟମ ୧୧(୪) ଅନୁଯାୟୀ ଗ୍ରାମ ସଭା ତରଫରୁ ଜଙ୍ଗଲ ଅଧିକାର କମିଟି ଦାବୀ ଫର୍ମ- ବି ରେ ଦାବୀଗୁଡିକ ପ୍ରସ୍ତୁତ କରିବ । ନିମ୍ନୋକ୍ତ ପଦକ୍ଷେପମାନ ଗ୍ରହଣ କରିବାକୁ ପଡିବ :

**ଏ. ଯୌଥ ଜଙ୍ଗଲ ଅଧିକାରସମୂହର ନିର୍ଦ୍ଧାରଣ:** ନିୟମ ୧୧(ବି) ଅନୁଯାୟୀ ଜଙ୍ଗଲ ଅଧିକାର କମିଟି ଯୌଥ ଜଙ୍ଗଲ ସମ୍ପଦସମୂହକୁ ଚିହ୍ନଟ କରିବାର ପ୍ରକ୍ରିୟାକୁ ଆରମ୍ଭ କରିବା ପାଇଁ ଏକ ତାରିଖ ଧାର୍ଯ୍ୟ କରିବ । ଯୌଥ ଜଙ୍ଗଲ ସମ୍ପଦସମୂହର ଆକଳନ ଏବଂ ଏକ ନିର୍ଦ୍ଦିଷ୍ଟ ପରିସରର ସୀମାନିର୍ଣ୍ଣୟ ପାଇଁ ସୁଦୃଶ୍ୟ ଚିହ୍ନଗୁଡିକୁ ଧାର୍ଯ୍ୟ କରିବା କ୍ଷେତ୍ରରେ ଜଙ୍ଗଲ ଅଧିକାର କମିଟି ଗ୍ରାମସଭାକୁ ସହାୟତା କରିବ । ନିୟମ ୪(୨)ରେ ବିହିତ ହୋଇଥିବା ମତେ ଏହି ପ୍ରକ୍ରିୟାରେ ଆଦିମ ଜନଜାତି ଗୋଷ୍ଠୀସମୂହ ଓ ପ୍ରାକ୍-କୃଷି ଜନଗୋଷ୍ଠୀ ସମୂହର ସଦସ୍ୟ ଏବଂ ମହିଳାମାନଙ୍କର ଯଥେଷ୍ଟ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରାଯିବ ।

**ବି. ଯାଞ୍ଚ ପ୍ରକ୍ରିୟା:** ନିୟମ ୧୨ ଅନୁଯାୟୀ ଜଙ୍ଗଲ ଅଧିକାର କମିଟି ଜଙ୍ଗଲ ବିଭାଗକୁ ଯଥାବିଧି ଅବଗତ କରାଇ ଏକ ପୂର୍ବ-ନିର୍ଦ୍ଧାରିତ ତାରିଖରେ ସଂପୃକ୍ତ ସ୍ଥାନକୁ ପରିଦର୍ଶନ କରିବେ ତଥା ସେହି ସ୍ଥାନରେ ସଂପୃକ୍ତ ଦାବୀର ପ୍ରକାରଭେଦ ତଥା ପରିମାଣ ଏବଂ ପ୍ରମାଣକୁ ପ୍ରତ୍ୟେକ୍ଷ ଭାବେ ଯାଞ୍ଚ କରିବେ । ଜନଗୋଷ୍ଠୀଙ୍କ ତରଫରୁ ଦାଖଲ ହୋଇଥିବା ଦାବୀସମୂହକୁ ଭିତ୍ତି କରି ଜଙ୍ଗଲ ଅଧିକାର କମିଟି ଏକ ମାନଚିତ୍ର ପ୍ରସ୍ତୁତ କରିବେ, ଯେଉଁଥିରେ ପ୍ରତି ଦାବୀର ପରିସରର ସୀମାନିର୍ଣ୍ଣୟ କରାଯିବା ସହିତ ସୁଦୃଶ୍ୟ ଚିହ୍ନଟମାନ ସୂଚୀତ ହୋଇଥିବ ।

**ସି. ଯାଞ୍ଚ ରିପୋର୍ଟର ପ୍ରସ୍ତୁତି:** ଯାଞ୍ଚ ସମାପ୍ତ ହେବା ପରେ ସଂପୃକ୍ତ ଜଙ୍ଗଲ ଅଧିକାର କମିଟି ମାନଚିତ୍ର ଓ ପ୍ରମାଣସମୂହ ସମେତ ଯାଞ୍ଚ ରିପୋର୍ଟ ପ୍ରସ୍ତୁତ କରିବେ ।

**ଡି. ଚୂଡାନ୍ତ ଅନୁମୋଦନ ପାଇଁ ଗ୍ରାମସଭାର ଆହ୍ୱାନ୍ :** ନିୟମ ୧୧ (୨) (ଭି) ଅନୁଯାୟୀ ଦାବୀଗୁଡିକର ପ୍ରକାରଭେଦ ଓ ପରିମାଣ ଉପରେ ଜଙ୍ଗଲ ଅଧିକାର କମିଟି ନିଜ ଅନୁସନ୍ଧାନର ସିଦ୍ଧାନ୍ତସମୂହକୁ ଗ୍ରାମସଭା ସମ୍ମୁଖରେ ବିଚାର ପାଇଁ ଉପସ୍ଥାପନ କରିବ । ପୁଣି ନିୟମ ୧୧(୫) ଅନୁଯାୟୀ, ଜଙ୍ଗଲ ଅଧିକାର କମିଟିର ସିଦ୍ଧାନ୍ତଗୁଡିକ ଉପରେ ବିଚାରବିମର୍ଷ, ଯଥୋଚିତ ପ୍ରସ୍ତାବ ଗ୍ରହଣ ତଥା ତାହାକୁ ସବ୍‌ଡିଭିଜନାଲ୍ ସ୍ତରୀୟ କମିଟିକୁ ଅଭିପ୍ରେରଣ କରିବା ଉଦ୍ଦେଶ୍ୟରେ ଅଗ୍ରୀମ ନୋଟିସ୍ ଦିଆଯାଇ ଗ୍ରାମସଭାର ବୈଠକ ଅନୁଷ୍ଠିତ ହେବ । କିନ୍ତୁ ନିୟମ ୪(ସି) ଅନୁଯାୟୀ ଗ୍ରାମସଭା ଆଗ୍ରହୀ ବ୍ୟକ୍ତିବିଶେଷ ଓ କର୍ତ୍ତୃପକ୍ଷମାନଙ୍କର ମତାମତ ବୟାନ ପାଇଁ ଯଥୋଚିତ ସୁଯୋଗ ଦେବା ପରେ ହିଁ ଏସ୍.ଡି.ଏଲ୍.ସି. (ସବ୍‌ଡିଭିଜନାଲ୍ ସ୍ତରୀୟ କମିଟି) ନିକଟକୁ ଦାବୀସମୂହକୁ ଅଭିପ୍ରେରଣ କରିବ ।

୩. ***ଯେଉଁସବୁ କ୍ଷେତ୍ରରେ ଅଧିକ ଅଧିକ୍ରମଣ, ଅଥବା ଗୋଟିଏ ଅଞ୍ଚଳକୁ ଏକାଧିକ ଗ୍ରାମସଭା ଦ୍ୱାରା ବ୍ୟବହାର କରାଯାଉଥିବାର ସମସ୍ୟା ଥିବ, ସେପରି ସ୍ଥଳେ ଯୌଥ ଜଙ୍ଗଲ ଅଧିକାରସମୂହର ନିରୂପଣ ପ୍ରକ୍ରିୟା କ'ଣ ହେବ ?***

ଯେଉଁସବୁ କ୍ଷେତ୍ରରେ ଅଧିକ୍ରମଣ, ପରସ୍ପର ବିରୋଧୀ ଦାବୀସମୂହ ବା ଗୋଟିଏ ଜଙ୍ଗଲ ଜମିକୁ ଏକାଧିକ ଗ୍ରାମସଭା ଦ୍ୱାରା ବ୍ୟବହାରର ସମସ୍ୟା ଥିବ, ତଥା ପ୍ରଶ୍ନସଂଖ୍ୟା-୨ରେ ବର୍ଣ୍ଣୀତ ଯୌଥ ଜଙ୍ଗଲ ଅଧିକାରର ନିରୂପଣ ପ୍ରକ୍ରିୟାରେ କିଛି ସମସ୍ୟା ଥିବ, ସେପରି ସ୍ଥଳେ ନିମ୍ନ ମତେ ଅତିରିକ୍ତ ପଦକ୍ଷେପମାନ ଗ୍ରହଣ କରାଯିବ –

**ଏ. ପଡୋଶୀ ଗ୍ରାମସଭାସମୂହ ଓ ଏସ୍.ଡି.ଏଲ୍.ସି.କୁ ଅବଗତି ପ୍ରେରଣ:** ନିୟମ ୧୧(୧) (ବି) ଅନୁଯାୟୀ ଯେଉଁସ୍ଥଳେ ଅଧିକ୍ରମଣ ଘଟିଥିବ, ସେପରି ସ୍ଥଳେ ଯୌଥ ଜଙ୍ଗଲ ସଂପଦର ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ସଂପୃକ୍ତ ଗ୍ରାମସଭା ପଡୋଶୀ ଗ୍ରାମସଭାଗୁଡିକୁ ତଥା ଏସ୍.ଡି.ଏଲ୍.ସି.କୁ ଅବଗତି ପ୍ରେରଣ କରିଥିବ ।

**ବି. ଦାବୀସମୂହର ବିଚାର ଓ ବିବାଦଗୁଡିକର ଫଇସଲା ପାଇଁ ଗ୍ରାମସଭାଗୁଡିକର ମିଳିତ ବୈଠକ:** ନିୟମ ୧୨(୩) ଅନୁଯାୟୀ, ଯେଉଁସ୍ଥଳେ ଆଉ ଏକ ଗ୍ରାମର ପାରମ୍ପରିକ ବା ପ୍ରଥାଗତ ପରିସୀମାକୁ ନେଇ ବିବଦମାନ ଦାବୀ ଉଠିଥିବ ଅଥବା ଗୋଟିଏ ଜଙ୍ଗଲ ଅଞ୍ଚଳ ଏକାଧିକ ଗ୍ରାମସଭା ଦ୍ୱାରା ବ୍ୟବହୃତ ହେଉଥବ, ସେପରି ସ୍ଥଳେ ସଂପୃକ୍ତ ଗ୍ରାମସଭାଗୁଡିକର ଜଙ୍ଗଲ ଅଧିକାର କମିଟିମାନେ ଏକାଠି ବସି ସଂପୃକ୍ତ ଦାବୀସମୂହର ଭୋଗଦଖଲର ସ୍ଥିତି ଉପରେ ବିଚାରବିମର୍ଷ କରିବେ ଏବଂ ନିଜ ଅନୁଧ୍ୟାନର ସିଦ୍ଧାନ୍ତସମୂହକୁ ସଂପୃକ୍ତ ଗ୍ରାମସଭାଗୁଡିକ ନିକଟରେ ଲିଖିତ ଭାବେ ଦାଖଲ କରିବେ ।

**ସି. ଯେଉଁସ୍ଥଳେ ଗ୍ରାମସଭାଗୁଡିକ ବିବଦମାନ ଦାବୀସମୂହକୁ ମୀମାଂସା କରିବାରେ ଅସମର୍ଥ ହୁଅନ୍ତି :** ନିୟମ ୧୨(୩) ଅନୁଯାୟୀ, ଏପରି ସବୁ କ୍ଷେତ୍ରରେ ସଂପୃକ୍ତ ଗ୍ରାମସଭାମାନେ ସେହି ଦାବୀଗୁଡିକୁ ଫଇସଲା କରିବା ପାଇଁ ଏସ୍.ଡି.ଏଲ୍.ସି.ଙ୍କୁ ସୂଚୀତ କରିବେ ।

୪. ***ଯୌଥ ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ମଞ୍ଜୁରି କ୍ଷେତ୍ରରେ ଏସ୍.ଡି.ଏଲ୍.ସି. ଓ ଡି.ଏଲ୍.ସି.ଙ୍କର ଭୂମିକା କ'ଣ ?*** ନିୟମ ୬ ଅନୁଯାୟୀ ଏସ୍.ଡି.ଏଲ୍.ସି.ଙ୍କର କର୍ତ୍ତବ୍ୟ ହେଉଛି, (୧) ଯୌଥ ଅଧିକାରସମୂହ ସଂବନ୍ଧରେ ଜନଚେତନା ବୃଦ୍ଧି କରିବା, (୨) ଗ୍ରାମସଭା ଦ୍ୱାରା ଦାବୀ ନିର୍ଦ୍ଧାରଣ, ଦାଖଲ ଓ ଯାଞ୍ଚ ପ୍ରକ୍ରିୟାରେ ସହାୟତା ପାଇଁ ଦଲିଲ୍‌ସମୂହ, ରେକର୍ଡପତ୍ର, ପ୍ରମାଣସମୂହ ଓ ବୈଷୟିକ କର୍ମୀ ଭଳି ଆବଶ୍ୟକ ସାହାଯ୍ୟ ଯୋଗାଇଦେବା, (୩) ଗ୍ରାମସଭା ଚାହିଁବା ମତେ ବିବଦମାନ ଦାବୀ ବା ଅଧିକ୍ରମଣ ପ୍ରସଙ୍ଗଗୁଡିକର ଫୈସଲା କରିବା । ନିୟମ ୮ ଅନୁଯାୟୀ ଡି.ଏଲ୍.ସି. ନିମ୍ନୋକ୍ତ ବ୍ୟବସ୍ଥାଗୁଡିକୁ ସୁନିଶ୍ଚିତ କରିବେ, (୧) ଜନଗୋଷ୍ଠୀମାନଙ୍କୁ ଯୌଥ ଅଧିକାରସମୂହ ବିଷୟରେ ସଚେତନ କରାଇବା, (୨) ଯୌଥ ଦାବୀଗୁଡିକୁ ନିରୂପଣ ଓ ଦାଖଲ କ୍ଷେତ୍ରରେ ଗ୍ରାମସଭା ଓ ଏଫ୍.ଆର୍.ସି. ମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା, (୩) ବିଶେଷ କରି ପି.ଟି.ଜି.ସମୂହ, ଯାଯାବର ଓ ପଶୁପାଳକଙ୍କ ସମେତ ସମସ୍ତ ଜନଗୋଷ୍ଠୀଙ୍କର ପ୍ରତିନିଧିମାନଙ୍କର ଉପସ୍ଥିତିକୁ ସୁନିଶ୍ଚିତ କରାଇ ସେମାନଙ୍କର ଯୌଥ ଦାବୀସମୂହକୁ ଆଇନ୍‌ର ଲକ୍ଷ୍ୟସମୂହ ସହ ସଂଗତି ରଖି ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଯଥାବିଧି ବିଚାର କରିବା ।

ଭିଡିଓ କନ୍‌ଫରେନ୍ସ ଗୁଡିକ ମାଧ୍ୟମରେ ଏକଥା ମଧ୍ୟ ସ୍ପଷ୍ଟ କରିଦିଆଯାଇଛି ଯେ, ଯୌଥ ଜଙ୍ଗଲ ଅଧିକାରସମୂହର ନିରୂପଣ ପ୍ରକ୍ରିୟା ଉପରେ ସଜାଗତା, ତାଲିମ୍ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ଆୟୋଜନ କରିବା କ୍ଷେତ୍ରରେ ସ୍ଥାନୀୟ ବେସରକାରୀ ସଂଗଠନ, ସିଭିଲ୍ ସୋସାଇଟି ତଥା ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ସାମିଲ୍ କରିବା ଜରୁରୀ । ସଂବିଧାନର ଧାରା ୨୭୫(୧) ଅଧୀନରେ ମଞ୍ଜୁରି ହେଉଥିବା ଅର୍ଥରାଶିକୁ ଏହି ଉଦ୍ଦେଶ୍ୟରେ ବିନିଯୋଗ କରାଯାଇପାରେ ।

୫. ***ଯୌଥ ଅଧିକାର ଅଧୀନରେ ଦାବୀ କରାଯାଉଥିବା ଅଞ୍ଚଳ ସଂବନ୍ଧରେ କିଛି ସୀମା ଅଛି କି ?***

ନାହିଁ । କେବଳ ଧାରା ୩(୧)(ଏ) ଅଧୀନରେ ଦାବୀ କରାଯାଉଥିବା ଅଧିକାର ପରିପ୍ରେକ୍ଷୀରେ ଧାରା ୪(୬) ଅନୁଯାୟୀ ସର୍ବାଧିକ ଚାରି ହେକ୍ଟର ଜମି ଦାବୀ କରାଯିବ ବୋଲି ଏକ ସିଲିଂ ନିର୍ଦ୍ଧାରଣ କରାଯାଇଛି, ଏବଂ ଏହି ସିଲିଂ ଅନ୍ୟ କୌଣସି ପ୍ରକାର ଅଧିକାର ପ୍ରତି ପ୍ରଯୁଜ୍ୟ ନୁହେଁ; ସତରାଂ ଯୌଥ ଦାବୀ ବୋଲି ବିବେଚିତ ହେବା ପାଇଁ କେତେ ପରିମିତ ଜମି ଆବଶ୍ୟକ, ତହିଁର କୌଣସି ସୀମା ନାହିଁ ।

**୬. ଯୌଥ ଜଙ୍ଗଲ ଅଧିକାରସମୂହ ପାଇଁ ଦାବୀ ଦାଖଲ ସକାଶେ କି କି ପ୍ରମାଣମାନ ଆବଶ୍ୟକ ଏବଂ ସେହି ପ୍ରମାଣସବୁ କିଏ ଯୋଗାଇ ଦେବେ ?**

ନିୟମ ୧୩(୧) ଅନୁଯାୟୀ ଜଙ୍ଗଲ ଅଧିକାରର ସ୍ୱୀକୃତି ଓ ନ୍ୟସ୍ତୀକରଣ ପାଇଁ ଆବଶ୍ୟକ ହେଉଥିବା ପ୍ରମାଣସମୂହ ଭିତରେ ଅନ୍ୟାନ୍ୟ ବିଷୟ ସହିତ ନିମ୍ନୋକ୍ତ ପ୍ରମାଣ ଅନ୍ତର୍ଭୁକ୍ତ ହେବ –

**(ଏ)** ସର୍ବସାଧାରଣ ଦଲିଲ୍, ସରକାରୀ ରେକର୍ଡସମୂହ ଯଥା ଗେଜେଟ୍, ଜନଗଣନା, ସର୍ଭେ ଓ ବନ୍ଦୋବସ୍ତ ରିପୋର୍ଟ ସମୂହ, ମାନଚିତ୍ର, ଉପଗ୍ରହରୁ ସଂଗୃହୀତ ଛବି, କର୍ମ ଯୋଜନାସମୂହ, ପରିଚାଳନା ଯୋଜନାସମୂହ, ଅଣୁଯୋଜନାସମୂହ, ଜଙ୍ଗଲ ଅନୁସନ୍ଧାନ ରିପୋର୍ଟସମୂହ, ଅନ୍ୟାନ୍ୟ ଜଙ୍ଗଲ ରେକର୍ଡପତ୍ର, ଡାକନାମ ଯାହା ହେଉନା କାହିଁକି ସ୍ୱତ୍ୱାଧିକାର ଦଲିଲପତ୍ର, ପଟ୍ଟା ବା ଲିଜ୍, ସରକାରଙ୍କ ଦ୍ୱାରା ଗଠିତ କମିଟି ଓ କମିଶନ୍‌ଗୁଡିକର ରିପୋର୍ଟ ସମୂହ, ସରକାରଙ୍କ ଆଦେଶ, ବିଜ୍ଞପ୍ତି, ସର୍କୁଲାର୍, ଓ ପ୍ରସ୍ତାବସମୂହ ;

**(ବି)** ଭାରତ ସରକାରଙ୍କ ନୃତାତ୍ତ୍ୱିକ ସର୍ବେକ୍ଷଣ ଭଳି ନାମଜାଦା ସଂସ୍ଥା ଦ୍ୱାରା ପ୍ରସ୍ତୁତ ଗବେଷଣା ପ୍ରସୂତ ଅଧ୍ୟୟନସମୂହ ତଥା ପ୍ରଥା ଓ ପରମ୍ପରାସମୂହ ସଂପର୍କୀତ ଦଲିଲ୍‌ମାନ ଯେଉଁଥିରୁ କୌଣସି ଜଙ୍ଗଲ ଅଧିକାରକୁ ବ୍ୟବହାର କରାଯାଉଥିବାର ଦୃଷ୍ଟାନ୍ତ ମିଳେ ବା ତାହା ପ୍ରଥାଗତ ଆଇନ୍ ସଦୃଶ ବଳବତ୍ତର ରହିଥାଏ ;

**(ସି)** ପୂର୍ବତନ ଗଡଜାତ ରାଜ୍ୟ ବ ।ପ୍ରଦେଶ ବା ତାଦୃଶ କୌଣସି ମଧ୍ୟସତ୍ତ୍ୱ ଶାସନ ଠାରୁ ମିଳିଥିବା କୌଣସି ରେକର୍ଡପତ୍ର, ଯେଉଁଥିରେ ଅନ୍ତର୍ଭୁକ୍ତ ହୋଇଥାଇପାରେ କୌଣସି ମାନଚିତ୍ର, ସ୍ୱତ୍ତ୍ୱାଧିକାର, ସ୍ୱାଧିକାର, ରିହାତି ବା ଅନୁଗ୍ରହ;

**(ଡି)** କୂପ, ଶ୍ମଶାନ, ପବିତ୍ର ସ୍ଥଳ ଇତ୍ୟାଦି ପାରମ୍ପରିକ ସଂରଚନା, ଯେଉଥିରୁ ପ୍ରାଚୀନତା ପ୍ରତିପାଦିତ ହୋଇଥାଏ ।

ନିୟମ-୧୩(୨) ଅନୁଯାୟୀ ଯୌଥ ଜଙ୍ଗଲ ଅଧିକାରର ପ୍ରମାଣସମୂହ ଭିତରେ ଅନ୍ୟ ବିଷୟ ସହିତ ନିମ୍ନ ବିଷୟମାନ ଅନ୍ତର୍ଭୁକ୍ତ ହେବ–

**(ଏ)** ଯେଉଁ ଭାବେ ନାମିତ ହୋଇଥାଉନା କାହିଁକି, ନିସ୍ତାର ଭଳି ଯୌଥ ଅଧିକାରସମୂହ ;

**(ବି)** ପରମ୍ପରା କ୍ରମେ ବ୍ୟବହୃତ ହେଉଥିବା ଚାରଣ ଭୂମି; ସେହିସବୁ ଅଞ୍ଚଳ ଯେଉଁଠାରୁ ଚେରମୂଳି ଓ ଲତାଗୁଳ୍ମ, ପଶୁଖାଦ୍ୟ, ଖାଦ୍ୟୋପଯୋଗୀ ବନ୍ୟ କୋଳି ଏବଂ ଅନ୍ୟାନ୍ୟ ଲଘୁ ବନଜାତ ସାମଗ୍ରୀ ସଂଗ୍ରହ କରାଯାଇଥାଏ; ମାଛଧରା ସ୍ଥାନ; ଜଳସେଚନ ବ୍ୟବସ୍ଥାମାନ ; ମଣିଷ ବା ଗୃହପାଳିତ ପଶୁଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଜଳଉସ୍ ତଥା ବୈଦ୍ୟମାନଙ୍କ ଦ୍ୱାରା ସଂଗୃହୀତ ହେଉଥିବା ଔଷଧୀୟ ବୃକ୍ଷଲତା ଯେଉଁ ଅଞ୍ଚଳରେ ଉପଲବ୍ଧ ;

**(ସି)** ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ନିର୍ମିତ କୌଣସି ସଂରଚନାର ଭଗ୍ନାବଶେଷ, ପବିତ୍ର ବୃକ୍ଷ, ତୋଟା ଓ ପୁଷ୍କରିଣୀ ବା ନଦୀପାର୍ଶ୍ୱ ଅଞ୍ଚଳ, ଶ୍ମଶାନ ବା ଶବସଂସ୍କାର ସ୍ଥଳ ।

**୭. ତଥ୍ୟାବଳୀ, ରେକର୍ଡପତ୍ର ବା ଦଲିଲ୍‌ପତ୍ର କିଏ ଯୋଗାଇ ଦେବ ?**

ନିୟମ ୧୨(୪) ଅନୁଯାୟୀ, ତଥ୍ୟାବଳୀ, ରେକର୍ଡପତ୍ର ବା ଦଲିଲ୍‌ପତ୍ର ପାଇଁ ଗ୍ରାମସଭା ବା ଜଙ୍ଗଲ ଅଧିକାର କମିଟି ଠାରୁ ଏକ ଲିଖିତ ଅନୁରୋଧ ପାଇଲା ପରେ ସଂପୃକ୍ତ କର୍ତ୍ତୃପକ୍ଷଗଣ ତହିଁର ପ୍ରମାଣୀକୃତ ନକଲ ଯଥାସ୍ଥିତି ଗ୍ରାମସଭା ବା ଜଙ୍ଗଲ ଅଧିକାର କମିଟିକୁ ଯୋଗାଇଦେବେ ଏବଂ ଆବଶ୍ୟକ ମତେ ଜଣେ ପ୍ରାଧିକୃତ ଅଧିକାରୀଙ୍କ ଜରିଆରେ ତାହା ଉପରେ ସ୍ପଷ୍ଟୀକରଣ କରାଇବେ ।

ପୁଣି ଏହି ବିଭାଗର ପତ୍ରସଂଖ୍ୟା ୪୫୬୫୯ ତା ୨୬.୧୨.୨୦୦୯ର ଅନୁଚ୍ଛେଦ-୪ ରେ ସୂଚୀତ ହୋଇଛି ଯେ, ଆପଣଙ୍କ ଜିଲ୍ଲାର ସଂରକ୍ଷିତ ଜଙ୍ଗଲ ପାଇଁ କର୍ମଯୋଜନା ଡି.ଏଫ୍.ଓ. ଙ୍କ ନିକଟରେ ଉପଲବ୍ଧ ଅଛି ଏବଂ ସେଥିରେ ବ୍ୟକ୍ତିଗତ ଏବଂ ଯୌଥ ଅଧିକାରସମୂହ ସୂଚୀତ ହୋଇଛି । ସଂରକ୍ଷିତ ଜଙ୍ଗଲ ସଂବନ୍ଧୀୟ ବିଜ୍ଞପ୍ତିରେ ମଧ୍ୟ ବ୍ୟକ୍ତିଗତ /ଯୌଥ ଅଧିକାରସମୂହ ସୂଚୀତ ହୋଇଛି । ଏହାକୁ ଗ୍ରାମସଭା, ଏସ୍.ଡି.ଏଲ୍.ସି. ଓ ଡି.ଏଲ୍.ସି.ଙ୍କୁ ବିତରଣ କରାଯିବା ଉଚିତ୍ ।

**୮. ସଂରକ୍ଷିତ ଜଙ୍ଗଲ, ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଏବଂ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ସମେତ ସୁରକ୍ଷିତ ଅଞ୍ଚଳରେ ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ଦିଆଯାଇ ପାରିବ କି ?**

ହଁ । ଆଇନ୍‌ର ଧାରା ୨(ଏ) ଅନୁଯାୟୀ, 'ଯୌଥ ଜଙ୍ଗଲ ସଂପଦ'ର ଅର୍ଥ ସେହି ପ୍ରଥାସିଦ୍ଧ ସମୂହ ଜଙ୍ଗଲ ଜମି, ଯାହାକି ଗୋଟିଏ ଗ୍ରାମର ପାରମ୍ପରିକ ବା ପ୍ରଥାସିଦ୍ଧ ପରିସୀମା ଭିତରେ ଅବସ୍ଥିତ ବା ଯାହାର ଭୂଭାଗକୁ ପଶୁପାଳକ ଜନଗୋଷ୍ଠୀମାନେ ଋତୁକାଳୀନ ଭିତ୍ତିରେ ବ୍ୟବହାର କରିଥାନ୍ତି, ଏବଂ ଏହା ଭିତରେ ଅନ୍ତର୍ଭୁକ୍ତ ରହିବ ସେହିସବୁ ସଂରକ୍ଷିତ ଜଙ୍ଗଲସମୂହ, ସୁରକ୍ଷିତ ଜଙ୍ଗଲସମୂହ ଏବଂ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ଭଳି ସୁରକ୍ଷିତ ଅଞ୍ଚଳସମୂହ, ଯେଉଁଠାକୁ ଜନଗୋଷ୍ଠୀ ପରମ୍ପରା କ୍ରମେ ପ୍ରବେଶାଧିକାର ଉପଭୋଗ କରିଆସୁଥିଲେ ।

**୯. ଯୌଥ ଅଧିକାରସମୂହ ଓ ଉନ୍ନୟନମୂଳକ ସୁବିଧାସମୂହ ଭିତରେ ଫରକ୍ କ'ଣ ଅଛି ?**

ଧାରା ୩(୧) ରେ ଜଙ୍ଗଲ ସମ୍ପଦସମୂହକୁ ହାସଲ ଓ ବ୍ୟବହାର କରିବାର ବିଭିନ୍ନ ଯୌଥ ଅଧିକାରସମୂହ ସୂଚୀତ ହୋଇଛି, କିନ୍ତୁ ଧାରା ୩(୨)ରେ ସ୍କୁଲ୍, ଡାକ୍ତରଖାନା, ଅଙ୍ଗନବାଡି, ଜଳସେଚନ, ରାସ୍ତା ଇତ୍ୟାଦି ଉନ୍ନୟନମୂଳକ ସୁବିଧାସମୂହ ପାଇଁ ଜଙ୍ଗଲ ଜମିକୁ ବିଛିନ୍ନ କରାଯାଇପାରିବ ବୋଲି ସୂଚୀତ ହୋଇଛି । ଧାରା ୩(୨) ଅଧୀନରେ ଜଙ୍ଗଲ ଜମିକୁ ଉନ୍ନୟନମୂଳକ ସୁବିଧାସମୂହ ପାଇଁ ବିଛିନ୍ନ କରାଯିବାର ପ୍ରକ୍ରିୟା ଉପରେ ଜନଜାତି ମନ୍ତ୍ରଣାଳୟ ତରଫରୁ ୧୮ ମଇ ୨୦୦୯ରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶୀକା ଜାରି କରାଯାଇଛି (ଏହାର ନକଲ ସଂଲଗ୍ନ ହୋଇଛି) ।

## ୧୬: ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ (ଏନ୍.ଆର୍.ଇ.ଜି.ଏ.) ୨୦୦୫

ଏହି ଆଇନ୍‌ର ପ୍ରାକ୍‌କଥନରେ କୁହାଯାଇଛି ଯେ, ଦେଶର ଗ୍ରାମାଞ୍ଚଳରେ ବାସ କରୁଥିବା ପ୍ରତି ପରିବାର, ଯାହାର ସାବାଳକ ସଦସ୍ୟମାନେ ସ୍ୱେଚ୍ଛାରେ ଅଣକୁଶଳୀ ଶାରିରୀକ ଶ୍ରମ କରିବାକୁ ଆଗ୍ରହୀ ହେବେ, ସେମାନଙ୍କୁ ପ୍ରତି ଆର୍ଥିକ ବର୍ଷରେ ଅନ୍ୟୂନ ୧୦୦ ଦିନର ସୁନିଶ୍ଚିତ ମଜୁରୀ କାମ ଯୋଗାଇ ଦେଇ ତଦ୍ୱାରା ସେମାନଙ୍କ ଜୀବିକାର ନିରାପତ୍ତାରେ ଅଭିବୃଦ୍ଧି ଘଟାଇବା ତଥା ଏହି ଉଦ୍ଦେଶ୍ୟ ସାଧନ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାଗୁଡ଼ିକୁ ସୁନିଶ୍ଚିତ କରିବା ପାଇଁ ଏହି ଆଇନ୍ ଭାରତୀୟ ପ୍ରଜାତନ୍ତ୍ରର ୫୬ତମ ବର୍ଷରେ ସଂସଦ ଦ୍ୱାରା ପ୍ରଣୟନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୨ ଫେବୃଆରି ୨୦୦୬ ଠାରୁ ଏହି ଆଇନ୍ ଓଡିଶାର ୧୯ଟି ଜିଲ୍ଲା ସମେତ ଦେଶର ଦୁଇଶହ ଜିଲ୍ଲାରେ କାର୍ଯ୍ୟକାରୀ ହେଲା ବୋଲି ବିଜ୍ଞାପିତ ହେଲା । ତା'ପରେ ଦ୍ୱିତୀୟ ପର୍ଯ୍ୟାୟରେ, ଅର୍ଥାତ୍ ୨୦୦୭-୦୮ରେ ଓଡିଶାର ଆଉ ପାଞ୍ଚଟି ଜିଲ୍ଲା ସମେତ ଦେଶର ଆଉ ୧୩୦ଟି ଜିଲ୍ଲା ପାଇଁ ଏହାର କାର୍ଯ୍ୟକାରିତା ବିଜ୍ଞାପିତ ହେଲା । ତୃତୀୟ ଓ ଶେଷ ପର୍ଯ୍ୟାୟରେ ଏହା ଓଡିଶାର ବାକୀ ୬ଟି ଜିଲ୍ଲା ସମେତ ଦେଶର ବାକୀ ସମସ୍ତ ଜିଲ୍ଲା ଗୁଡ଼ିକ ପାଇଁ ପହିଲା ଏପ୍ରିଲ୍ ୨୦୦୮ ଠାରୁ ବିଜ୍ଞାପିତ ହୋଇଛି । ବର୍ତ୍ତମାନ କେବଳ ସେହିସବୁ ଜିଲ୍ଲା, ଯାହାର ସମୁଦାୟ ଜନସଂଖ୍ୟା ସହରବାସୀ, ସେଗୁଡ଼ିକୁ ବାଦ୍ ଦେଲେ ଏନ୍.ଆର୍.ଇ.ଜି.ଏ. ଆକୁମାରୀ ହିମାଚଳ ସର୍ବତ୍ର ପ୍ରଚଳିତ ହୋଇସାରିଛି ।

### ମୁଖ୍ୟ ବୈଶିଷ୍ଟ୍ୟସମୂହ

(୧) ଅଣକୁଶଳୀ ଦୈହିକ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ଗୋଟିଏ ଗ୍ରାମୀଣ ପରିବାରର ସାବାଳକ ସଦସ୍ୟମାନେ ନିଜକୁ ପଞ୍ଜିକରଣ ପାଇଁ ସ୍ଥାନୀୟ ଗ୍ରାମ ପଞ୍ଚାୟତ ନିକଟରେ ମୌଖିକ ବା ଲିଖିତ ଭାବେ ଦରଖାସ୍ତ କରି ପାରିବେ ।

(୨) ଦରଖାସ୍ତକୁ ଯାଞ୍ଚ କଲାପରେ ଗ୍ରାମ ପଞ୍ଚାୟତ ପ୍ରତି ପରିବାରକୁ ମାଗଣାରେ ଗୋଟିଏ ଲେଖାଁ କାର୍ଯ୍ୟପତ୍ର ପ୍ରଦାନ କରିବେ, ଯେଉଁଥିରେ କାମ କରିବାକୁ ଇଚ୍ଛୁକ ଥିବା ପରିବାରର ସମସ୍ତ ସାବାଳକ ସଦସ୍ୟମାନଙ୍କର ଫଟୋଚିତ୍ର ସ୍ଥାନିତ ହୋଇଥିବ ।

(୩) ଦରଖାସ୍ତ ମିଳିବାର ପନ୍ଦର ଦିନ ମଧ୍ୟରେ ଏହି କାର୍ଯ୍ୟପତ୍ର ପ୍ରଦାନ କରାଯିବ ।

(୪) କାର୍ଯ୍ୟପତ୍ର-ଧାରୀ ବ୍ୟକ୍ତି କେବେ ଠାରୁ କେତେଦିନ ପାଇଁ କାର୍ଯ୍ୟ ଚାହୁଁଛନ୍ତି, ତାହା ସୂଚୀତ କରି ଗ୍ରାମ ପଞ୍ଚାୟତ ନିକଟରେ ଏକ ଲିଖିତ ଆବେଦନ ଦାଖଲ କରି ପାରିବେ । ସର୍ବନିମ୍ନ ୧୪ ଦିନର ଲଗାତାର କାମ ପାଇଁ ସେ ଆବେଦନ କରିପାରିବେ ।

(୫) କର୍ମନିଯୁକ୍ତି ପାଇଁ ଏହି ଲିଖିତ ଆବେଦନକୁ ପ୍ରାପ୍ତିସ୍ୱୀକାର କରି ତାରିଖ ସୂଚୀତ ହୋଇଥିବା ଏକ ରସିଦ୍ ଗ୍ରାମ ପଞ୍ଚାୟତ ପ୍ରଦାନ କରିବେ । ଏହି ରସିଦ୍ ବଳରେ ହିଁ ଜଣେ ବ୍ୟକ୍ତି ୧୫ଦିନ ଭିତରେ କର୍ମନିଯୁକ୍ତି ପାଇବ ବୋଲି ଗ୍ୟାରେଣ୍ଟି ରହିଛି ।

(୬) ଆବେଦନର ୧୫ଦିନ ଭିତରେ କର୍ମନିଯୁକ୍ତି ଯୋଗାଇ ଦେବାକୁ ପଡିବ, ନଚେତ୍ ଆଇନ୍ ଅନୁଯାୟୀ ବେକାରୀ ଭତ୍ତା ଦେବାକୁ ପଡିବ, ଯାହାକି ରାଜ୍ୟ ସରକାରଙ୍କ ଦାୟିତ୍ୱ ।

(୭) କର୍ମନିଯୁକ୍ତି ସାଧାରଣତଃ ଗ୍ରାମର ୫ କି.ମି. ବ୍ୟାସାର୍ଦ୍ଧ ଭିତରେ ଯୋଗାଇ ଦେବାକୁ ପଡିବ ; ଯଦି ଏହାଠାରୁ ଅଧିକ ଦୂରରେ କାର୍ଯ୍ୟ ଦିଆଯାଏ, ତେବେ ଯାତାୟତ ଏବଂ ଖୋରାକି ବାବଦକୁ ମଜୁରିର ଏକ ଦଶମାଂଶ ପରିମାଣର ଅତିରିକ୍ତ ଅର୍ଥରାଶି ସଂପୃକ୍ତ ଶ୍ରମିକଙ୍କୁ ପଇଠ କରାଯିବ ।

(୮) ସର୍ବନିମ୍ନ ମଜୁରି ଆଇନ୍ ୧୯୪୮ ଅନୁଯାୟୀ ଗୋଟିଏ ରାଜ୍ୟରେ କୃଷି ଶ୍ରମିକଙ୍କ ପାଇଁ ପ୍ରଚଳିତ ଥିବା ସର୍ବନିମ୍ନ ମଜୁରି ହାରରେ ପୁରୁଷ ଓ ମହିଳା ନିର୍ବିଶେଷରେ ପ୍ରତି ଶ୍ରମିକଙ୍କୁ ସମାନ ମଜୁରି ପଇଠ କରିବାକୁ ପଡିବ ।

(୯) ଠିକା ହାରରେ ବା ଦୈନିକ ହାରରେ ମଜୁରି ପଇଠ କରାଯାଇ ପାରେ । ସାପ୍ତାହିକ ଭିତ୍ତିରେ ମଜୁରି ପଇଠ କରାଯିବ କିନ୍ତୁ କୌଣସି ପରିସ୍ଥିତିରେ ଏହା ୧୫ଦିନରୁ ଅଧିକ ବିଳମ୍ବ ହେବ ନାହିଁ ।

(୧୦) ମୋଟ୍ ହିତାଧିକାରୀଙ୍କ ଭିତରୁ ଅନ୍ତତଃ ଏକ-ତୃତୀୟାଂଶ ମହିଳା ହୋଇଥିବେ, କିନ୍ତୁ ଏହି ମହିଳାମାନେ ପଞ୍ଜିକୃତ ହୋଇଥିବେ ଏବଂ ସ୍କିମ୍ ଅନୁଯାୟୀ କାର୍ଯ୍ୟ ପାଇଁ ଆବେଦନ କରିଥିବେ ।

(୧୧) ଶିଶୁ-ରହଣି, ପାନୀୟ ଜଳ ଏବଂ ଛାଇ ଜାଗା ଇତ୍ୟାଦି ସୁବିଧାମାନ କାର୍ଯ୍ୟସ୍ଥଳୀରେ ଯୋଗାଇ ଦିଆଯିବ ।

(୧୨) ଗୋଟିଏ ଗ୍ରାମ ପାଇଁ ପ୍ରକଳ୍ପ-ପୁଞ୍ଜ ଗ୍ରାମସଭା ଦ୍ୱାରା ସୁପାରିଶ୍ ହୋଇଥିବ ଓ ଜିଲ୍ଲା ପରିଷଦର ଅନୁମୋଦନ ଲାଭ କରିଥିବ ।

(୧୩) ମୋଟ କାର୍ଯ୍ୟସଂଖ୍ୟାର ଅନ୍ୟୂନ ଶତକଡା ୫୦ଭାଗ ଗ୍ରାମ ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟାନ୍ୱିତ ହେବାର ବ୍ୟବସ୍ଥା କରାଯିବ ।

(୧୪) ଅନୁମୋଦନୀୟ କାର୍ଯ୍ୟ ତାଲିକା ଭିତରେ ଜଳ ଓ ମୃତ୍ତିକା ସଂରକ୍ଷଣ, ବନୀକରଣ ଏବଂ ଭୂ-ଉନ୍ନୟନ ଅଗ୍ରାଧିକାର ଲାଭ କରିବ ।

(୧୫) ମଜୁରି-ସାମଗ୍ରୀ ଅନୁପାତ ୬୦:୪୦ ରହିବ । କୌଣସି ଠିକାଦାର କିମ୍ବା ଯନ୍ତ୍ରକୌଶଳକୁ ପ୍ରଶ୍ରୟ ଦିଆଯିବ ନାହିଁ ।

(୧୬) କେନ୍ଦ୍ର ସରକାର ଅଣକୁଶଳୀ ଶ୍ରମିକଙ୍କର ମଜୁରି ବାବଦ ଅର୍ଥବ୍ୟୟର ଶତକଡା ଶହେ ବହନ କରିବା ସହିତ ସାମଗ୍ରୀ ଓ କୁଶଳୀ ଏବଂ ଅର୍ଦ୍ଧ-କୁଶଳୀ ଶ୍ରମିକମାନଙ୍କ ମଜୁରି ବାବଦ ସମୁଦାୟ ଅର୍ଥବ୍ୟୟର ଶତକଡା ୭୫ଭାଗ ବହନ କରିବେ ।

(୧୭) ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷା ଅନୁଷ୍ଠିତ ହେବ ।

(୧୮) ଏକ ଉତ୍ତରଦାୟୀ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ପାଇଁ ଅଭିଯୋଗ-ପ୍ରତିକାର ବ୍ୟବସ୍ଥାଗୁଡ଼ିକୁ ଯଥାର୍ଥ ରୀତିରେ ସ୍ଥାନିତ କରିବାକୁ ପଡିବ ।

(୧୯) ସ୍କିମ୍ ସଂପର୍କୀତ ସମସ୍ତ ହିସାବପତ୍ର ଏବଂ ରେକର୍ଡ ସମୂହ ସର୍ବସାଧାରଣଙ୍କ ଯାଞ୍ଚ ପାଇଁ ଉପଲବ୍ଧ ରହିବ ।

***(ଦ୍ରଷ୍ଟବ୍ୟ: ଅନୁଚ୍ଛେଦ ୧.୪, ଅଧ୍ୟାୟ-୧, କେନ୍ଦ୍ରୀୟ କ୍ରିୟାନ୍ୱୟନ ମାର୍ଗଦର୍ଶୀକା, ୩ୟ ସଂସ୍କରଣ, ୨୦୦୮)***

**ଗ୍ରାମପଞ୍ଚାୟତର ଭୂମିକା**

ଗ୍ରାମ ସ୍ତରରେ ଆଇନ୍‌ର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଗ୍ରାମ ପଞ୍ଚାୟତ ପ୍ରମୁଖ ସ୍ତମ୍ଭ ରୂପେ ବିବେଚିତ ହେବ । ଏହା ଉପରେ ନିମ୍ନୋକ୍ତ ଦାୟିତ୍ୱ ନ୍ୟସ୍ତ ରହିବ-

(୧) କାର୍ଯ୍ୟଗୁଡିକ ସମ୍ବନ୍ଧରେ ଯୋଜନା ପ୍ରସ୍ତୁତି;
(୨) ପଞ୍ଜିକରଣ ପାଇଁ ଦରଖାସ୍ତ ଗ୍ରହଣ କରିବା;
(୩) ପଞ୍ଜିକରଣ ପାଇଁ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକୁ ଯାଞ୍ଚ କରିବା ;
(୪) ପରିବାରଗୁଡ଼ିକୁ ପଂଜିକରଣ କରିବା ;
(୫) କାର୍ଯ୍ୟପତ୍ରର ଆବଣ୍ଟନ;
(୬) କାର୍ଯ୍ୟଆଶାୟୀ ମାନଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିବା;
(୭) ତାରିଖ ବହନ କରୁଥିବା ରସିଦ୍ ପ୍ରଦାନ କରିବା;
(୮) ଦରଖାସ୍ତ ମିଳିବାର ୧୫ଦିନ ମଧ୍ୟରେ କାର୍ଯ୍ୟ ଯୋଗାଇଦେବା;
(୯) କାର୍ଯ୍ୟଗୁଡ଼ିକୁ ସଂପାଦନ କରିବା;
(୧୦)ରେକର୍ଡଗୁଡ଼ିକର ରକ୍ଷଣାବେକ୍ଷଣ କରିବା;
(୧୧)ସାମାଜିକ ସମୀକ୍ଷା ପାଇଁ ଗ୍ରାମସଭା ଡକାଇବା; ଏବଂ
(୧୨)ଗ୍ରାମ ସ୍ତରରେ ସ୍କିମ୍‌ର କାର୍ଯ୍ୟାନ୍ୱୟନକୁ ତଦାରଖ କରିବା । ***(ଦ୍ରଷ୍ଟବ୍ୟ- ମାର୍ଗଦର୍ଶୀକାର ଅନୁଚ୍ଛେଦ ୨.୧.୩)***

**କାର୍ଯ୍ୟକ୍ରମ ଅଧିକାରୀ**

ବି.ଡି.ଓ. ପାହ୍ୟାରୁ କମ୍ ହୋଇନଥିବା ଜଣେ ସର୍ବକ୍ଷଣ ଉତ୍ସର୍ଗୀକୃତ ଅଧିକାରୀଙ୍କୁ କାର୍ଯ୍ୟକ୍ରମ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ । ଜଣେ ସରକାରୀ ଅଧିକାରୀଙ୍କୁ ଡେପୁଟେସନ୍ ଭିତ୍ତିରେ ବା ଜଣେ ବେସରକାରୀ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଭାବେ ଏହି ପଦବୀରେ ଅବସ୍ଥାପିତ କରାଯାଇପାରେ । ଯେଉଁସ୍ଥଳେ ବି.ଡି.ଓ.ଙ୍କୁ କାର୍ଯ୍ୟକ୍ରମ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ, ସେପରି କ୍ଷେତ୍ରରେ ଆଉ ଜଣେ ଅଧିକାରୀଙ୍କୁ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଭାବେ ଅବସ୍ଥାପିତ କରାଯିବ । କାର୍ଯ୍ୟକ୍ରମ ଅଧିକାରୀଙ୍କ ପିଛା ସମସ୍ତ ବ୍ୟୟ, ଯାହାକି ସମଗ୍ର ପ୍ରଶାସନିକ ବ୍ୟୟର ମାତ୍ର ଶତକଡା ୪, କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରାଯିବ । ଏଠାରେ ଉଲ୍ଲେଖନୀୟ ଯେ, ଓଡିଶାରେ ବି.ଡି.ଓ. ମାନଙ୍କୁ କାର୍ଯ୍ୟକ୍ରମ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । କାର୍ଯ୍ୟକ୍ରମ ଅଧିକାରୀଙ୍କୁ ସାହାଯ୍ୟ କରିବା ପାଇଁ କେତେକ ବୈଷୟିକ କର୍ମଚାରୀ, ଯଥା ଇଞ୍ଜିନିଅର୍, କମ୍ପ୍ୟୁଟର୍ ଅପରେଟର୍ ଏବଂ ଆକାଉଣ୍ଟାଣ୍ଟଙ୍କୁ ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରରେ ନିଯୁକ୍ତ କରାଯାଇ ପାରେ । ***(ଦ୍ରଷ୍ଟବ୍ୟ-ମାର୍ଗଦର୍ଶୀକାର ଅନୁଚ୍ଛେଦ ୩.୧.୨)***।

କାର୍ଯ୍ୟକ୍ରମ ଅଧିକାରୀ ମୂଳତଃ ହେଉଛନ୍ତି ବ୍ଲକ୍ ସ୍ତରରେ ଏନ୍.ଆର.ଇ.ଜି.ଏସ୍.ର ସଂଯୋଜକ ଅଧିକାରୀ । ତାଙ୍କର ମୂଳ ଲକ୍ଷ୍ୟ ହେବ, କାର୍ଯ୍ୟ ପାଇଁ ଆବେଦକ ପ୍ରତି ବ୍ୟକ୍ତି ଯେପରି ୧୫ଦିନ ଭିତରେ କାମ ପାଆନ୍ତି, ତାହା ସୁନିଶ୍ଚିତ କରିବା । ଏହାଛଡା, ସେ ନିମ୍ନୋକ୍ତ ଦାୟିତ୍ୱ ପାଳନ କରିବେ,

(୧) ଗ୍ରାମ ପଞ୍ଚାୟତମାନଙ୍କ ଦ୍ୱାରା ପ୍ରସ୍ତାବିତ ବାର୍ଷିକ ଉନ୍ନୟନ ଯୋଜନାଗୁଡ଼ିକୁ ଯାଞ୍ଚ କରିବା;
(୨) ପଞ୍ଚାୟତ ସମିତି ସ୍ତରର ପ୍ରସ୍ତାବଗୁଡ଼ିକୁ ସନ୍ନିବେଶ କରିବା ;
(୩) ସମସ୍ତ ପ୍ରସ୍ତାବଗୁଡ଼ିକୁ ମିଶେଇ ବ୍ଲକ୍ ଯୋଜନା ପ୍ରସ୍ତୁତ କରିବା ଏବଂ ଏହାକୁ ପଞ୍ଚାୟତ ସମିତି ପାଖରେ ଦାଖଲ କରିବା;
(୪) ବ୍ଲକ୍ ସ୍ତରରେ ପରିଲକ୍ଷିତ ହେଉଥିବା କାର୍ଯ୍ୟ ପାଇଁ ଚାହିଦାର ସମାନୁପାତରେ କର୍ମନିଯୁକ୍ତିର ସୁଯୋଗର ବ୍ୟବସ୍ଥା କରିବା;
(୫) କାର୍ଯ୍ୟାନ୍ୱୟନ ପ୍ରକ୍ରିୟାର ତଦାରଖ ଏବଂ ତତ୍ତ୍ୱାବଧାନ କରିବା;
(୬) ଅଭିଯୋଗଗୁଡ଼ିକର ଫଇସଲା;
(୭) ଗ୍ରାମସଭା ଦ୍ୱାରା ସାମାଜିକ ସମୀକ୍ଷାର ପରିଚାଳନାକୁ ସୁନିଶ୍ଚିତ କରିବା; ଏବଂ
(୮) ଯେଉଁମାନଙ୍କୁ ସମୟୋଚିତ ଢଙ୍ଗରେ କର୍ମଯୋଗାଣ ହୋଇନଥିବ, ସେମାନଙ୍କୁ ବେକାରୀ ଭତ୍ତା ପଇଠ କରିବା ।

***(ଦ୍ରଷ୍ଟବ୍ୟ- ମାର୍ଗଦର୍ଶୀକାର ଅନୁଚ୍ଛେଦ ୨.୨.୨ )***

**ଗ୍ରାମ ରୋଜଗାର ସେବକ:**

ସ୍କିମ୍‌କୁ ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ ପାଇଁ ଗ୍ରାମ ପଞ୍ଚାୟତକୁ ସାହାଯ୍ୟ କରିବା ପାଇଁ ପ୍ରତି ଗ୍ରା.ପ. ସ୍ତରରେ ଅନ୍ତତଃ ଜଣେ ଲେଖାଁ ଗ୍ରାମ ରୋଜଗାର ସହାୟକ ନିଯୁକ୍ତ ହେବେ । ଏଠାରେ ଉଲ୍ଲେଖନୀୟ ଯେ, ଗ୍ରାମ ପଞ୍ଚାୟତ ସଂପାଦକ ଓ ଗ୍ରାମ ରୋଜଗାର ସହାୟକଙ୍କ ଭୂମିକା ଭିନ୍ନ ଭିନ୍ନ ହେବ । ଗ୍ରାମ ରୋଜଗାର ସହାୟକ କେବଳ ଏନ୍.ଆର୍.ଇ.ଜି.ଏସ୍. ପାଇଁ ଏକ ସର୍ବକ୍ଷଣ, ଉତ୍ସର୍ଗୀକୃତ କର୍ମଚାରୀ ଭାବେ କାର୍ଯ୍ୟ କରିବେ ଏବଂ ଅନ୍ୟ ପକ୍ଷରେ ଗ୍ରାମ ପଞ୍ଚାୟତ ସଂପାଦକ ପଞ୍ଚାୟତର ଯାବତୀୟ ଦାୟିତ୍ୱ ସଂପାଦନ ପାଇଁ ନିଯୁକ୍ତ ଥାଆନ୍ତି । ଗ୍ରାମ ରୋଜଗାର ସହାୟକଙ୍କ ପିଛା ସମସ୍ତ ବ୍ୟୟ ଏନ୍.ଆର୍.ଇ.ଜି.ଏସ୍. ର କାର୍ଯ୍ୟକ୍ରମ ବ୍ୟୟ ଭିତରେ ଅନ୍ତର୍ଭୁକ୍ତ ରହିବ । ***(କେନ୍ଦ୍ରୀୟ ମାର୍ଗଦର୍ଶୀକା, ୩ୟ ସଂସ୍କରଣ,୨୦୦୮, ଅନୁଚ୍ଛେଦ ୩.୧.୧ )***

**ସାଥୀ**

କାର୍ଯ୍ୟସ୍ଥଳୀରେ ତଦାରଖ ଏବଂ ଶ୍ରମିକମାନଙ୍କ ଉପସ୍ଥାନକୁ ଚିହ୍ନିତ କରିବା ପାଇଁ ପ୍ରତି କାର୍ଯ୍ୟ ପାଇଁ ଜଣେ ଲେଖାଁ ସାଥୀକୁ ନିଯୁକ୍ତି ଦିଆଯାଇ ପାରେ । ପ୍ରତି କାର୍ଯ୍ୟସ୍ଥଳୀରେ ୫୦ଜଣ ଶ୍ରମିକଙ୍କ ପାଇଁ ଜଣେ ଜଣେ ସାଥୀଙ୍କୁ ନିଯୁକ୍ତି ଦିଆଯାଇ ପାରେ । ପ୍ରତି ପନ୍ଦର ଦିନରେ ଯେତେବେଳେ କି ଗୋଟିଏ ମଷ୍ଟର୍ ରୋଲ୍ ସମାପ୍ତ ହୋଇଥାଏ ଜଣେ ସାଥୀକୁ ଭିନ୍ନ ଏକ କାର୍ଯ୍ୟସ୍ଥଳୀକୁ ବଦଳି କରାଯାଇ ପାରେ । ଜଣେ ସାଥୀ ପାଇଁ ପଞ୍ଚମରୁ ଅଷ୍ଟମ ଶ୍ରେଣୀର ଯୋଗ୍ୟତା ଯଥେଷ୍ଟ । ପ୍ରତି ରାଜସ୍ୱ ଗ୍ରାମ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ସାଥୀ (ଯଥା ୫-୬ ଜଣ) ଙ୍କୁ ତାଲିମ୍ ଦିଆଯାଇ ପ୍ରସ୍ତୁତ ରଖିବା ଦରକାର । ସାଥୀ

ନିଯୁକ୍ତି ବେଳେ ସେମାନଙ୍କ ଭିତରେ ଆବଶ୍ୟକ ସଂଖ୍ୟକ ମହିଳା ପ୍ରାର୍ଥୀଙ୍କୁ ଚୟନ କରିବା ଦରକାର । ଚୟନ ହୋଇଥିବା ସାଥୀମାନଙ୍କୁ ଉଭୟ ଶ୍ରେଣୀକକ୍ଷ ଏବଂ କାର୍ଯ୍ୟକ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯିବ । ଗ୍ରାମ ରୋଜଗାର ସହାୟକ ଏବଂ ପଞ୍ଚାୟତ ସଂପାଦକଙ୍କ ସହ ମିଶେଇ କରି ସାଥୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ଉଚିତ୍ । ଏହି ପ୍ରଶିକ୍ଷଣରେ ନିମ୍ନୋକ୍ତ ବିଷୟମାନ ଚର୍ଚ୍ଚା କରାଯିବା ଦରକାର, ଯଥା- ଏନ୍.ଆର୍.ଇ.ଜି.ଏ.ର ପ୍ରମୁଖ ବ୍ୟବସ୍ଥାମାନ, ଶ୍ରମିକମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ, କାର୍ଯ୍ୟସ୍ଥଳୀରେ ମିଳିବାକୁ ଥିବା ସୁବିଧାମାନ, କାର୍ଯ୍ୟସ୍ଥଳୀରେ ସ୍ୱଚ୍ଛତା ରକ୍ଷା ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାମାନ, ମଷ୍ଟର୍ ରୋଲ୍ ଅନୁରକ୍ଷଣ ପଦ୍ଧତି, ଏବଂ କାର୍ଯ୍ୟର ମାପଚୁପ୍ । ପ୍ରତି ସାଥୀଙ୍କୁ ଗୋଟିଏ ଗୋଟିଏ ଉପକରଣ ପେଟିକା ଦିଆଯାଇଥିବ, ଯେଉଁଥିରେ ଥିବ ମାପିବା ଫିତା, କାଲ୍‌କୁଲେଟର୍, ପ୍ରାଥମିକ ଚିକିତ୍ସା ଉପକରଣ ଏବଂ ଦୈନନ୍ଦିନ ମାପକୁ ଲିପିବଦ୍ଧ କରିବା ପାଇଁ ଟିପାଖାତା । ସେମାନଙ୍କ ପାଖରେ ଜରୁରୀ କାଳୀନ ସହାୟତା ଓ ସେବାଗୁଡିକର ଫୋନ୍ ନମ୍ବର ଉପଲବ୍ଧ ଥିବ । ପ୍ରତି ସାଥୀଙ୍କୁ ତାଙ୍କର ଦାୟିତ୍ୱ ତାଲିକା ଦିଆଯାଇଥିବ ଏବଂ କୌଣସି କ୍ଷେତ୍ରରେ ବିଶୃଙ୍ଖଳା ଦେଖାଦେଲେ ସେ ଏଥିପାଇଁ ଉତ୍ତରଦାୟୀ ରହିବେ । ଏଠାରେ ଉଲ୍ଲେଖନୀୟ ଯେ, ସାଥୀମାନଙ୍କର ପାରିଶ୍ରମିକ ସାଧାରଣତଃ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କର ମଜୁରି ସହିତ ସମାନ ହେବ । କୌଣସି ପରିସ୍ଥିତିରେ ଏହା ଅଣକୁଶଳୀ ଶ୍ରମିକମାନଙ୍କର ମଜୁରି ହାର ଠାରୁ କମ୍ ହେବନାହିଁ । ସାଥୀମାନଙ୍କର ପାରିଶ୍ରମିକ ବାବଦ ବ୍ୟୟକୁ ଏନ୍.ଆର୍.ଇ.ଜି.ଏ. କାର୍ଯ୍ୟସମୂହ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ବ୍ୟୟ ଭିତରେ ଅନ୍ତର୍ଭୁକ୍ତ କରାଯିବ । ***(କେନ୍ଦ୍ରୀୟ ମାର୍ଗଦର୍ଶୀକା, ତୃତୀୟ ସଂସ୍କରଣ, ୨୦୦୮, ଅନୁଚ୍ଛେଦ ୬.୪.୪ )***

**ଅନୁରକ୍ଷଣୀୟ ରେକର୍ଡସମୂହ**

ରେ ଏନ୍.ଆର୍.ଇ.ଜି.ଏ. ପ୍ରଶାସନର ବିଭିନ୍ନ ସ୍ତରରେ ଅନୁରକ୍ଷଣୀୟ ରେକର୍ଡ ଗୁଡିକ ସମ୍ବନ୍ଧରେ ବିସ୍ତୃତ ସୂଚନା ଦିଆଯାଇଛି । ଏଥିରେ କୁହାଯାଇଛି ଯେ, ଏହି ଆଇନ୍‌ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ରେକର୍ଡ ଗୁଡିକର ସୁଚାରୁ ଅନୁରକ୍ଷଣ ଅନ୍ୟତମ ପ୍ରୟୋଜନ । ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ଗ୍ରାମ ପଞ୍ଚାୟତ ତଥା ଅନ୍ୟ କାର୍ଯ୍ୟକାରକ ସଂସ୍ଥା ସ୍ତରରେ ବିହିତ ହୋଇଥିବା ରେଜିଷ୍ଟର୍ ଗୁଡିକରେ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ସମ୍ବନ୍ଧୀତ ସୂଚନାବଳୀକୁ ଯତ୍ନର ସହ ଦରଜ କରିବାକୁ ପଡିବ । ଏକ କଂପ୍ୟୁଟରୀକୃତ ସୂଚନା ପ୍ରବନ୍ଧନ ବ୍ୟବସ୍ଥା (ଏମ୍.ଆଇ.ଏସ୍.) ଦ୍ୱାରା ସୂଚନାବଳୀ ଇଲେକ୍ଟ୍ରନିକ ପଦ୍ଧତିରେ ସଂଗୃହୀତ ହୋଇ ରହିବ । ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟାନ୍ୱୟନକୁ ସୁଚାରୁ ସଂପାଦନ ପାଇଁ ନିମ୍ନୋକ୍ତ ରେକର୍ଡସମୂର ରକ୍ଷଣାବେକ୍ଷଣ ଜରୁରୀ -

(୧) **ମଷ୍ଟର୍ ରୋଲ୍ ନିର୍ଗମନ ରେଜିଷ୍ଟର୍-** କାର୍ଯ୍ୟକମ ଅଧିକାରୀ

(୨) **ଗ୍ରାମ ପଞ୍ଚାୟତ ସ୍ତରରେ ମଷ୍ଟରରୋଲ୍-ପ୍ରାପ୍ତି ରେଜିଷ୍ଟର୍:** ଗ୍ରାମପଞ୍ଚାୟତ

(୩) **ଅନ୍ୟାନ୍ୟ କାର୍ଯ୍ୟକାରକ ସଂସ୍ଥା ସ୍ତରରେ ମଷ୍ଟରରୋଲ୍-ପ୍ରାପ୍ତି ରେଜିଷ୍ଟର୍:** ସଂପୃକ୍ତ କାର୍ଯ୍ୟକାରକ ସଂସ୍ଥା

(୪) **କାର୍ଯ୍ୟପତ୍ର ପାଇଁ ଦରଖାସ୍ତ ରେଜିଷ୍ଟର୍ :** ଉଭୟ ଗ୍ରାମ ପଞ୍ଚାୟତ ଏବଂ କାର୍ଯ୍ୟକ୍ରମ ଅଧିକାରୀ

(୫) **କାର୍ଯ୍ୟପତ୍ର ରେଜିଷ୍ଟର୍:** ପ୍ରତ୍ୟେକ ଗ୍ରାମପଂଚାୟତ/କାର୍ଯ୍ୟକ୍ରମ ଅଧିକାରୀ

(୬) **କର୍ମନିଯୁକ୍ତି ରେଜିଷ୍ଟର:** ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଓ କାର୍ଯ୍ୟକ୍ରମ ଅଧିକାରୀ

(୭) **କାର୍ଯ୍ୟ ରେଜିଷ୍ଟର୍ :** ପ୍ରତ୍ୟେକ ଗ୍ରାମ ପଞ୍ଚାୟତ, କାର୍ଯ୍ୟକ୍ରମ ଅଧିକାରୀ ଓ ଅନ୍ୟ କାର୍ଯ୍ୟକାରକ ସଂସ୍ଥା

(୮) **ସଂପଦ ରେଜିଷ୍ଟର୍:** ପ୍ରତ୍ୟେକ ଗ୍ରାମପଂଚାୟତ, କାର୍ଯ୍ୟକ୍ରମ ଅଧିକାରୀ ତଥା ପ୍ରତି କାର୍ଯ୍ୟକାରକ ସଂସ୍ଥା

(୯) **ଅଭିଯୋଗ ରେଜିଷ୍ଟର୍:** ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ଗ୍ରାମ ପଞ୍ଚାୟତ ତଥା ଅନ୍ୟ କାର୍ଯ୍ୟକାରକ ସଂସ୍ଥା

(୧୦) **ମାସିକ ଅର୍ଥ-ବରାଦ ଏବଂ ବିନିଯୋଗ ପ୍ରମାଣପତ୍ର ସମ୍ବନ୍ଧୀତ ତଦାରଖ ରେଜିଷ୍ଟର୍ –**ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ଗ୍ରାମ ପଞ୍ଚାୟତ ତଥା ଅନ୍ୟ କାର୍ଯ୍ୟକାରକ ସଂସ୍ଥା ।

***(ଦ୍ରଷ୍ଟବ୍ୟ- କେନ୍ଦ୍ରୀୟ ମାର୍ଗଦର୍ଶୀକା, ତୃତୀୟ ସଂସ୍କରଣ, ୨୦୦୮ର ଅଧ୍ୟାୟ- ୯)***

**ତଦାରଖ, ମୂଲ୍ୟାୟନ ଏବଂ ସମୀକ୍ଷା**

**ଗ୍ରାମସଭାର ଭୂମିକା-** ଗ୍ରାମ ସ୍ତରରେ କାର୍ଯ୍ୟାନ୍ୱୀତ ହେଉଥିବା ସମସ୍ତ କାର୍ଯ୍ୟକୁ ତଥା କାର୍ଯ୍ୟପାଇଁ ଆବେଦନ କରିଥିବା ପ୍ରତି ଶ୍ରମିକଙ୍କୁ ଯୋଗାଇ ଦିଆଯାଇଥିବା କର୍ମନିଯୁକ୍ତିର ତଦାରଖ କରିବ । ପଞ୍ଜିକରଣ ଓ କାର୍ଯ୍ୟପତ୍ର ଆବଣ୍ଟନ ତଥା ସମୟବଦ୍ଧ ରୀତିରେ ମଜୁରି ପ୍ରଦାନ ବ୍ୟାପାରକୁ ମଧ୍ୟ ଗ୍ରାମସଭା ତଦାରଖ କରିବ ।

**ଜନସଜାଗତା କମିଟି ଏବଂ ତଦାରଖ କମିଟି -** ସ୍କିମ୍ ଅଧିନରେ ମଞ୍ଜୁର୍ ହୋଇଥିବା ପ୍ରତି କାର୍ଯ୍ୟ ସକାଶେ ଗୋଟିଏ ଲେଖାଁ ଆଂଚଳିକ ଜନସଜାଗତା ଓ ତଦାରଖ କମିଟି ରହିବ, ଯାହାକି ସେହି ସ୍ଥାନ ବା ଗାଁର ଲୋକଙ୍କୁ ନେଇ ଗଠିତ ହେବ, ଯେଉଁ ଗାଁରେ ସଂପୃକ୍ତ କାର୍ଯ୍ୟଟି ଚାଲୁଥିବ, ଏବଂ ଏହି କମିଟି ଗୋଟିଏ କାର୍ଯ୍ୟ ଚାଲୁଥିବା ବେଳେ ତାହାର ଅଗ୍ରଗତି ଓ ଗୁଣାତ୍ମକ ମାନକୁ ତଦାରଖ କରିବ । ଏହି କମିଟି ନ ଜଣ ସଭ୍ୟଙ୍କୁ ନେଇ ଗଠିତ ହେବ । କମିଟିର ସଦସ୍ୟମାନେ ଗ୍ରାମସଭା ଦ୍ୱାରା ନିର୍ବାଚିତ ହୋଇଥିବେ, ଏବଂ ଏହି କମିଟିରେ ଅନୁସୂଚୀତ ଜାତି/ଜନଜାତି ଏବଂ ମହିଳାମାନଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରାଯିବ । ଏହାର ଅନ୍ୟୁନ ଶତକଡା ୫୦ଭାଗ ସଭ୍ୟ ନିଜେ ଏନ୍.ଆର୍.ଇ.ଜି.ଏ. ଶ୍ରମିକ ହୋଇଥିବେ । ଗ୍ରାମସଭା ଦ୍ୱାରା ନିର୍ବାଚିତ ଏହି

କମିଟିର ସଭ୍ୟମାନଙ୍କର କାର୍ଯ୍ୟକାଳ ଏକବର୍ଷ ହେବ । ଗ୍ରାମ ପଞ୍ଚାୟତ ଓ ପ୍ରତି କାର୍ଯ୍ୟକାରକ ସଂସ୍ଥା ଏହି କମିଟିକୁ ଗୋଟିଏ କାର୍ଯ୍ୟର ଅଟକଳ, ସମୟ-ଅବଧି ଏବଂ ଗୁଣାତ୍ମକ ମାନଦଣ୍ଡ ସମ୍ବନ୍ଧରେ ଅବହିତ କରିଥିବ । ଗୋଟିଏ କାର୍ଯ୍ୟର ସମାପ୍ତି ପ୍ରମାଣପତ୍ର ସହିତ ଏହି କମିଟିର ବୃତ୍ତାନ୍ତ ରିପୋର୍ଟକୁ ସଂଲଗ୍ନ କରାଯିବ, ଏବଂ ଯେଉଁ ପଞ୍ଚାୟତରେ କାର୍ଯ୍ୟଟି ସମ୍ପାଦିତ ହୋଇଛି, ତହିଁର ଗ୍ରାମସଭାର ପରବର୍ତ୍ତୀ ବୈଠକରେ ଏହାକୁ ଉପସ୍ଥାପନ କରାଯିବ । ଏହି ରିପୋର୍ଟର ଏକ ନକଲ କାର୍ଯ୍ୟକ୍ରମ ଅଧିକାରୀ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିକଟକୁ ମଧ୍ୟ ପଠାଯିବ । ସ୍ଥାନୀୟ ସ୍ତରରେ ଜନସଜାଗତା ଓ ତଦାରଖ କମିଟି ଗଠନକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟକ୍ରମ ଅଧିକାରୀ ଉତ୍ତରଦାୟୀ ରହିବେ । ଏହି କମିଟି ଗ୍ରାମ-ଭିତ୍ତିକ ହେବ, କାର୍ଯ୍ୟଭିତ୍ତିକ ନୁହେଁ । ଏହି କମିଟି ସାମାଜିକ ସମୀକ୍ଷା ପରିଚାଳନା କରିବାରେ ପ୍ରମୁଖ ସହାୟକର ଭୂମିକା ନେବ ।

**ସ୍ଥାନୀୟ ହିତାଧିକାରୀ କମିଟି-** ହିତାଧିକାରୀମାନେ ଯେପରି ସେମାନଙ୍କର ପ୍ରାପ୍ୟଗୁଡିକ ହାସଲ କରିବେ ସେଥିପାଇଁ ବଳିଷ୍ଠ ସ୍ୱର ଉତ୍ତୋଳନ କରିବା ତଥା ସେମାନଙ୍କ ଦ୍ୱାରା ସୂଚନା ହାସଲ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ସ୍ଥାନୀୟ ହିତାଧିକାରୀ କମିଟି ମଧ୍ୟ ଗଠନ କରାଯାଇପାରେ । ***(ଦ୍ରଷ୍ଟବ୍ୟ- କେନ୍ଦ୍ରୀୟ ମାର୍ଗଦର୍ଶୀକା, ତୃତୀୟ ସଂସ୍କରଣ, ୨୦୦୮, ଅଧ୍ୟାୟ- ୧୦ )***

### କର୍ମନିଯୁକ୍ତି ଗ୍ୟାରେଣ୍ଟି ଦିବସ

ପ୍ରତି ଗ୍ରାମ ପଞ୍ଚାୟତରେ ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନ (କର୍ମନିଯୁକ୍ତି ଗ୍ୟାରେଣ୍ଟି ଦିବସ)କୁ ଚିହ୍ନିତ କରାଯିବ କେତେକ ନିର୍ଦ୍ଦିଷ୍ଟ ଦାୟିତ୍ୱର ସଂପାଦନ ପାଇଁ, ଯଥା, କାର୍ଯ୍ୟ ପାଇଁ ଆବେଦନଗୁଡିକର ଛାନ୍‌ବିନ୍ କରିବା ଏବଂ ତତ୍‌ସଂକ୍ରାନ୍ତ କାର୍ଯ୍ୟମାନ, ଯେପରିକି ସୂଚନା ପ୍ରକଟନ, କାର୍ଯ୍ୟ ଆବଣ୍ଟନ, ମଜୁରି ପଇଠ ଏବଂ ବେକାରୀ ଭତ୍ତା ପଇଠ । କିନ୍ତୁ ଏହି କାର୍ଯ୍ୟାବଳୀ କେବଳ 'କର୍ମନିଯୁକ୍ତି ଗ୍ୟାରେଣ୍ଟି ଦିବସ' ଭିତରେ ସୀମିତ ରହିବ ନାହିଁ । ବିଶେଷ କରି, କାର୍ଯ୍ୟ ପାଇଁ ଆବେଦନ ଯେ କୌଣସି ସମୟରେ ଗ୍ରହଣ କରାଯାଇପାରିବ ।***(କେନ୍ଦ୍ରୀୟ ମାର୍ଗଦର୍ଶୀକା, ୩ୟ ସଂସ୍କରଣ, ୨୦୦୮, ଅଧ୍ୟାୟ ୧୦)***

### ସୂଚନା ଅଧିକାର

କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ ସଂମ୍ପର୍କୀତ ସମସ୍ତ ବ୍ୟାପାରରେ ସୂଚନା ଅଧିକାର ଆଇନ୍‌ର ଉଭୟ ଭାଷା ଓ ଭାବକୁ ଅନୁସରଣ କରିବା ବିଧେୟ । ସେହି ଆଇନ୍‌ର ଅଧ୍ୟାୟ-୪, ଯେଉଁଥିରେ ସୂଚନାର ଅଗ୍ରୀମ ପ୍ରକଟନ ପାଇଁ ପ୍ରାବ୍‌ଧାନ ରଖାଯାଇଛି, ତାହା ସବୁ ସ୍ତରରେ କଡାକଡି ଭାବେ ପାଳିତ ହେବା ବିଧେୟ । କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ ସମ୍ବନ୍ଧୀୟ କୌଣସି ଦଲିଲ୍‌ର ନକଲ ପାଇଁ କେହି ବ୍ୟକ୍ତି ଆବେଦନ କଲେ, ତାହାକୁ ୭ଦିନ ମଧ୍ୟରେ ପୂରଣ କରିବାକୁ ପଡିବ । କୌଣସି ସ୍ଥିତିରେ ଏପ୍ରକାର ଆବେଦନକୁ ଅଗ୍ରାହ୍ୟ କରିବା ଅନୁଚିତ୍ । ଏହା ବିଶେଷ ଉଲ୍ଲେଖଯୋଗ୍ୟ ଯେ, ସୂଚନା ଅଧିକାର ଆଇନ୍‌ର ଧାରା ୮କୁ ଆଳ କରି କୌଣସି ସୂଚନାକୁ ଗୋପନୀୟ ରଖାଯାଇ ପାରିବ ନାହିଁ । କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍-ସଂବନ୍ଧୀତ ସମସ୍ତ ସୂଚନା ସାର୍ବଜନୀନ କ୍ଷେତ୍ରାଧିକାରର ଅନ୍ତର୍ଭୁକ୍ତ ଅଟେ । ସୂଚନା ପାଇଁ ଲୋକମାନଙ୍କ ଆବେଦନକୁ ଅପେକ୍ଷା ନକରି କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ ସମ୍ବନ୍ଧୀତ ସମସ୍ତ ମୁଖ୍ୟ ଦଲିଲ୍‌ମାନ ଆଗତୁରା ପ୍ରକାଶିତ ହୋଇଯିବା ଦରକାର । ଏପ୍ରକାର ମୁଖ୍ୟ ଦଲିଲ୍‌ଗୁଡିକର ଏକ ତାଲିକା ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ସମୟାନ୍ତରରେ ନବୀକରଣ ହେବା ଦରକାର । ପ୍ରତି ସ୍ତରରେ ମୂଳ ଦଲିଲ୍ ଏବଂ ସୂଚନାଗୁଡିକୁ ଲୋକେ ଯେପରି ପାଇପାରିବେ, ତାହା ସୁନିଶ୍ଚିତ କରିବା ଦରକାର । କାମ ପାଇଁ ଆବେଦନ ଗ୍ରହଣ, ପଞ୍ଜିକରଣ, ନିର୍ଗମିତ ହୋଇଥିବା କାର୍ଯ୍ୟପତ୍ର ସଂଖ୍ୟା, କାମପାଇଁ ଆବେଦନ କରିଥିବା ବ୍ୟକ୍ତିମାନଙ୍କ ତାଲିକା ଏବଂ ସେମାନଙ୍କ ଭିତରୁ କାହାକୁ କାମ ଦିଆଯାଇଛି ବା କାହାକୁ ଦିଆଯାଇ ପାରିନି, କେତେ ଅର୍ଥ ମିଳିଛି ଏବଂ କେତେ ଅର୍ଥ ଖର୍ଚ୍ଚ ହୋଇଛି, ବିତରିତ ହୋଇଥିବା ଅର୍ଥରାଶି, ମଞ୍ଜୁର ହୋଇଥିବା କାମସବୁ ଏବଂ ସେଗୁଡିକ ଭିତରୁ କେଉଁ କେଉଁ କାମ ଆରମ୍ଭ ହୋଇଛି, ପ୍ରତି କାର୍ଯ୍ୟ ପିଛା ଅଟକଳ ହୋଇଥିବା ଅର୍ଥରାଶି ଏବଂ ବ୍ୟୟିତ ହୋଇଥିବା ଅର୍ଥରାଶିର ବିଶଦ୍ ହିସାବ, ପ୍ରତି କାର୍ଯ୍ୟର ସମୟ-ଅବଧି, କେତେ ସଂଖ୍ୟକ ଶ୍ରମ-ଦିବସ ସୃଷ୍ଟି ହୋଇଛି, ସ୍ଥାନୀୟ କମିଟିମାନଙ୍କର ବିବରଣୀ ତଥା ମଷ୍ଟର୍ ରୋଲ୍‌ର ନକଲ ସମ୍ବନ୍ଧରେ ସଦ୍ୟତମ ସୂଚନା ଏକ ପ୍ରାକ୍-ନିର୍ଦ୍ଧାରିତ ପ୍ରରୂପ (ଫର୍ମାଟ୍)ରେ ସ୍କିମ୍‌କୁ କାର୍ଯ୍ୟକାରୀ କରୁଥିବା ପ୍ରତି ସଂସ୍ଥାର କାର୍ଯ୍ୟାଳୟ ସମ୍ମୁଖରେ ପ୍ରଦର୍ଶିତ ହେବା ଦରକାର, ଏବଂ ଚାରି ମାସରେ ଥରେ ଗ୍ରାମ ପଞ୍ଚାୟତ ଦ୍ୱାରା ଗ୍ରାମସଭାରେ ଉପସ୍ଥାପିତ ହେବା ବିଧେୟ । ସୂଚନା ପାଇବା ପାଇଁ ତଥା ରେକର୍ଡଗୁଡିକୁ ହାସଲ କରିବା ପାଇଁ କାହା ପାଖରେ ଆବେଦନ କରିବାକୁ ପଡିବ, ସେ ବିଷୟରେ ଲୋକମାନେ ଜାଣିଥିବା ଉଚିତ୍ । ଏସବୁ ସୂଚନା ଦେବା ପାଇଁ ନମନୀୟ ସମୟସୀମା ରହିଥିବା ଆବଶ୍ୟକ । ସଂପୃକ୍ତ ଥିବା ପ୍ରମୁଖ ବ୍ୟକ୍ତିମାନଙ୍କର ନାମ ଓ ଯୋଗାଯୋଗ ଠିକଣା ବିଷୟରେ ଲୋକମାନଙ୍କୁ ସୂଚୀତ କରାଯିବା ଉଚିତ୍ । କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ ସମ୍ବନ୍ଧୀୟ ଦଲିଲ୍‌ଗୁଡିକର ନକଲ ପାଇଁ ଦେୟ ମୂଲ୍ୟ ଜେରକ୍ସ ଦାମ୍ ଠାରୁ ଅଧିକ ହୋଇନଥିବା ଆବଶ୍ୟକ । ସ୍ଥାନୀୟ କାର୍ଯ୍ୟ, କର୍ମନିଯୁକ୍ତି ଓ ପାଣ୍ଠି ସମ୍ବନ୍ଧୀୟ ବିବରଣୀ-ପତ୍ର ଗ୍ରାମ ପଞ୍ଚାୟତ ଦ୍ୱାରା ନିଜ କାର୍ଯ୍ୟାଳୟ ହତାରେ ଏବଂ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ମଧ୍ୟ-ସ୍ତରୀୟ ପଞ୍ଚାୟତ ବା କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏବଂ ସମୁଦାୟ ଜିଲ୍ଲା ପାଇଁ ଜିଲ୍ଲା କାର୍ଯକ୍ରମ ସଂଯୋଜକଙ୍କ ଦ୍ୱାରା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବା ଜିଲ୍ଲା-ସ୍ତରୀୟ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶିତ ହୋଇଥିବା ଜରୁରୀ ।***(କେନ୍ଦ୍ରୀୟ ମାର୍ଗଦର୍ଶୀକା, ୩ୟ ସଂସ୍କରଣ, ୨୦୦୮, ଅଧ୍ୟାୟ- ୧୧)***

### ଅଭିଯୋଗର ପ୍ରତିକାର

ବ୍ଲକ ସ୍ତରରେ କାର୍ଯ୍ୟକ୍ରମ ଅଧିକାରୀ ଓ ଜିଲ୍ଲା ସ୍ତରରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଅଭିଯୋଗ ପ୍ରତିକାର ଅଧିକାରୀ ରୂପେ କାର୍ଯ୍ୟ କରିବେ । ଗ୍ରାମ ପଂଚାୟତ ବିରୁଦ୍ଧରେ କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟରେ ଅପିଲ୍ କରିହେବ । କାର୍ଯ୍ୟକ୍ରମ ଅଧିକାରୀଙ୍କ ବିରୁଦ୍ଧରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିକଟରେ ଅପିଲ୍ କରିହେବ । ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ବିରୁଦ୍ଧରେ ରାଜ୍ୟ ସରକାରଙ୍କ ଦ୍ୱାରା ପଦନାମିତ ହୋଇଥିବା ସମୁଚିତ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ କରା ଯାଇପାରେ । ଅପିଲ୍‌କର୍ତ୍ତାଙ୍କ ନାଁ ଓ ଠିକଣା ଏବଂ ଆବେଦନର ପ୍ରକାର ଓ ତାରିଖ ଗୋଟିଏ ରେଜିଷ୍ଟର୍‌ରେ ଦରଜ କରାଯିବ ଏବଂ ସପ୍ତାହକୁ ଥରେ ଇଣ୍ଟରନେଟ୍‌ରେ ଉତ୍-ବାହନ କରାଯିବ । ଅଭିଯୋଗ ଦାଖଲକାରୀଙ୍କୁ ନମ୍ବର ଏବଂ ତାରିଖ ବହନ କରୁଥିବା ଏକ ରସିଦ୍

ଦିଆଯିବ, ଯାହାକୁ ବ୍ୟବହାର କରି ସେ ନିଜ ଅଭିଯୋଗର ଫଇସଲା ସମ୍ବନ୍ଧୀତ ସ୍ଥିତି ବିଷୟରେ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦପ୍ତରର ସଂପୃକ୍ତ କାଉଣ୍ଟର୍‌ରେ ବା ଇଣ୍ଟରନେଟ୍‌ରେ ଅନୁଧାବନ କରିପାରିବେ । ଯେତେବେଳେ ଏକ ଅଭିଯୋଗର ସମାଧାନ ହୋଇଯିବ, ସେତେବେଳେ ସମାଧାନର ତାରିଖ ଓ ପ୍ରକୃତି ବିଷୟରେ ଆବେଦକଙ୍କୁ ଅବଗତ କରାଇ ଦିଆଯିବ । ଏସବୁର ବିଶଦ୍ ବିବରଣୀକୁ ଇଣ୍ଟରନେଟ୍‌ରେ ଉପଲବ୍ଧ କରାଇବାକୁ ପଡିବ । ସବୁ ଅଭିଯୋଗଗୁଡିକୁ ଆଇନ୍‌ରେ ବିହିତ ହୋଇଥିବା ସମୟ-ସୀମା ମଧ୍ୟରେ ଫଇସଲା କରିବାକୁ ହେବ । ***(ଦ୍ରଷ୍ଟବ୍ୟ- ଅଧ୍ୟାୟ ୧୧, କେନ୍ଦ୍ରୀୟ ମାର୍ଗଦର୍ଶୀକା, ୩ୟ ସଂସ୍କରଣ, ୨୦୦୮)***

**ସାମାଜିକ ସମୀକ୍ଷା**

ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍‌ର ଏକ ଅଭିନବ ବୈଶିଷ୍ଟ୍ୟ ହେଉଛି, ଜନସାଧାରଣଙ୍କ ଭିତରେ ନିରନ୍ତର ସଜାଗତା ବଜାୟ ରଖିବାର ମାଧ୍ୟମ ରୂପେ ସାମାଜିକ ସମୀକ୍ଷାର ମୌଳିକ ଭୂମିକାକୁ ଏହା ସୁପାରିଶ୍ କରିଛି (ଦ୍ରଷ୍ଟବ୍ୟ- ଏନ୍.ଆର୍.ଇ.ଜି.ଏ.ର ଧାରା ୧୭) । ପ୍ରକଳ୍ପସମୂହ, ବିଧିବିଧାନ ତଥା ନୀତିଗୁଡିକର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଜନସାଧାରଣଙ୍କ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ହିଁ ହେଉଛି ସାମାଜିକ ସମୀକ୍ଷାର ମୂଳ ଉଦ୍ଦେଶ୍ୟ । ସାମାଜିକ ସମୀକ୍ଷାର ଏକ ସରଳ ରୂପ ହେଲା ସର୍ବସାଧାରଣଙ୍କ ଏକ ସମାବେଶ, ଯେଉଁଠି ଗୋଟିଏ ପ୍ରକଳ୍ପର ସମସ୍ତ ସବିଶେଷ ତଥ୍ୟାବଳୀକୁ ଯାଞ୍ଚ କରାଯାଇଥାଏ । କିନ୍ତୁ ସାମାଜିକ ସମୀକ୍ଷାକୁ ଜନ ସଜାଗତାର ଏକ ନିରନ୍ତର ପ୍ରକ୍ରିୟା ବୋଲି ଏକ ବୃହତ୍ତର ଅର୍ଥରେ ମଧ୍ୟ ଆମେ ଧାରଣା କରି ପାରିବା । ଏହି ଅର୍ଥରେ ହିଁ ସେହି ଶବ୍ଦକୁ ଏହି ଅଧ୍ୟାୟରେ ବ୍ୟବହାର କରାଯାଇଛି । କୌଣସି ପ୍ରକାର ବିଭ୍ରାନ୍ତି ଯେପରି ନଉପୁଜେ, ସେଥିପାଇଁ ସାମାଜିକ ସମୀକ୍ଷା ଜନମଞ୍ଚ ( ସୋସିଆଲ୍ ଅଡିଟ୍ ଫୋରମ୍) ନାମକ ଶବ୍ଦ ଏଠାରେ ବ୍ୟବହାର କରାଯାଉଛି, ଯାହାର ଅର୍ଥ ହେଉଛି, ସାମାଜିକ ସମୀକ୍ଷା ପ୍ରକ୍ରିୟାର ଅଂଶବିଶେଷ ରୂପେ ଗ୍ରାମସଭା ଦ୍ୱାରା ସମୟାନ୍ତରରେ ଆହୂତ ହେଉଥିବା ଜନସମାବେଶଗୁଡିକ ।

**ସାମାଜିକ ସମୀକ୍ଷାର ଲଗାତାର ପ୍ରକ୍ରିୟା-** ଏହା ମାଧ୍ୟମରେ ଗୋଟିଏ କାର୍ଯ୍ୟ ବା ପ୍ରକଳ୍ପର ପ୍ରଣୟନ ଠାରୁ ଆରମ୍ଭ କରି ଏହାର କାର୍ଯ୍ୟାନ୍ୱୟନ, ତତ୍ତ୍ୱାବଧାନ ଏବଂ ମୂଲ୍ୟାଙ୍କନ ଇତ୍ୟାଦି ପ୍ରତି ପର୍ଯ୍ୟାୟରେ ଏହାର ସମ୍ଭାବ୍ୟ ହିତାଧିକାରୀ ଏବଂ ଅନ୍ୟ ସମସ୍ତ ଭାଗୀଦାର ପକ୍ଷମାନେ ଜଡିତ ହୋଇଥାନ୍ତି । ଏହି ପ୍ରକ୍ରିୟା ଏକଥାକୁ ସୁନିଶ୍ଚିତ କରିବାରେ ସହାୟକ ହୋଇଥାଏ ଯେ, ଗୋଟିଏ କାର୍ଯ୍ୟ ବା ପ୍ରକଳ୍ପ ସ୍ଥାନୀୟ ପରିସ୍ଥିତିକୁ ସବୁଠୁଁ ଭଲଭାବେ ସୁହାଇଲା ଭଳି ନିରୂପିତ ଏବଂ କାର୍ଯ୍ୟାନ୍ୱିତ ହୋଇ ପାରିବ, ସଂପୃକ୍ତ ଲୋକମାନଙ୍କର ଅଗ୍ରାଧିକାର ଓ ଚାହିଦାଗୁଡିକ ତଦ୍ୱାରା ଯଥାର୍ଥ ଢଙ୍ଗରେ ପ୍ରତିଫଳନ ହୋଇପାରିବ ତଥା ସବୁଠୁଁ ଫଳପ୍ରଦ ଭାବେ ଜନସ୍ୱାର୍ଥ ସାଧିତ ହୋଇପାରିବ ।

**ସାମାଜିକ ସମୀକ୍ଷା ଜନମଞ୍ଚ-** ସାମାଜିକ ସମୀକ୍ଷାର ଚଳମାନ ପ୍ରକ୍ରିୟା ଛଡା ସାମାଜିକ ସମୀକ୍ଷାର ସମସ୍ତ ଦିଗକୁ ନେଇ ଗ୍ରାମସଭା ବୈଠକଗୁଡିକରେ ଏକ ବାଧ୍ୟତାମୂଳକ ସମୀକ୍ଷଣ କରାଇବା ସକାଶେ ଅନ୍ତତଃ ପ୍ରତି ଛ ମାସରେ ଥରେ ଖାସ୍ ଏହି ଉଦ୍ଦେଶ୍ୟରେ ଗ୍ରାମସଭାର ଗୋଟିଏ ବୈଠକ ଅନୁଷ୍ଠିତ ହେବ । ଏହି ସାମାଜିକ ସମୀକ୍ଷା ଜନମଞ୍ଚରେ ସଂପୃକ୍ତ ସୂଚନାଗୁଡିକୁ ସର୍ବସାଧାରଣଙ୍କ ସମ୍ମୁଖରେ ପାଠ କରାଯିବ, ଏବଂ ସେଠାରେ ସର୍ବସାଧାରଣଙ୍କୁ ଏହିସବୁ ସୁଯୋଗ ଦିଆଯିବ, ଯଥା ଅଫିସର୍‌ମାନଙ୍କୁ ପ୍ରଶ୍ନ ପଚାରିବା, ସେମାନଙ୍କ ଠାରୁ ସୂଚନା ତଲବ୍ କରିବା ଓ ହାସଲ କରିବା, ଅର୍ଥବ୍ୟୟକୁ ଯାଞ୍ଚ କରିବା, ଅଧିକାରଗୁଡିକ ହାସଲ ହୋଇଛି କି ନାହିଁ ତହିଁର ପରୀକ୍ଷା କରିବା, ଚୟନ ନିଷ୍ପତ୍ତିଗୁଡିକରେ ଅଗ୍ରାଧିକାର ସବୁ ପ୍ରତିଫଳିତ ହୋଇଛି କି ନାହିଁ ସେ ବିଷୟରେ ଚର୍ଚ୍ଚା କରିବା, ଓ କାର୍ଯ୍ୟଗୁଡିକର ଗୁଣାତ୍ମକ ଦିଗ ତଥା କାର୍ଯ୍ୟକ୍ରମ କର୍ମଚାରୀମାନଙ୍କର କାରବାରସବୁକୁ ନିରିଖେଇ ଆକଳନ କରିବା । ***(ଦ୍ରଷ୍ଟବ୍ୟ- ଅଧ୍ୟାୟ ୧୨, କେନ୍ଦ୍ରୀୟ ମାର୍ଗଦର୍ଶୀକା, ୩ୟ ସଂସ୍କରଣ, ୨୦୦୮)***

## ସୂଚନା ଅଧିକାର ଆଇନ୍ ୨୦୦୫ ଏବଂ ଓଡିଶାରେ ଏହାର ପ୍ରୟୋଗବିଧି - ଏକ ପୁନର୍ପୌନିକ ଜିଜ୍ଞାସା

### ପ୍ରଶ୍ନ-୧: ସୂଚନା ଅଧିକାର ଆଇନ୍ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ସୂଚନା ଅଧିକାର ଆଇନ୍ ୨୦୦୫ ୧୫ ଜୁନ୍ ୨୦୦୫ରେ ବିଜ୍ଞାପିତ ହେବା ସହିତ କେବଳ ଜାମ୍ମୁ ଓ କାଶ୍ମୀରକୁ ଛାଡି ଓଡିଶା ସମେତ ସମଗ୍ର ଦେଶରେ ଆଂଶିକ ଭାବେ ବଳବତ୍ତର ହୋଇଥିଲା । ୧୨୦ଦିନର ଅନ୍ତର୍ବର୍ତ୍ତୀ ବ୍ୟବଧାନ ପରେ ଏହା ୧୨ ଅକ୍ଟୋବର ୨୦୦୫ରେ ସଂପୂର୍ଣ୍ଣ ଭାବେ ବଳବତ୍ତର ହେଲା । ଆଇନ୍‌ର ନିର୍ଦ୍ଦେଶନା ମତେ ଉଭୟ କେନ୍ଦ୍ର ଓ ଓଡିଶା ସମେତ ବିଭିନ୍ନ ରାଜ୍ୟ ସରକାରମାନେ ଆଇନ୍‌ର ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ନିଜନିଜର ନିୟମାବଳୀ ଜାରି କଲେ । ପ୍ରତି ଜନ କର୍ତ୍ତୃପକ୍ଷ ସ୍ୱୟଂଚାଳିତ ହୋଇ ନିଜନିଜର କାର୍ଯ୍ୟକଳାପ ବିଷୟରେ ସର୍ବସାଧାରଣଙ୍କ ସମ୍ମୁଖରେ ସବିଶେଷ ତଥ୍ୟାବଳୀ ପ୍ରସାରଣ କରିବେ ତଥା ଜଣେ ନାଗରିକ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ସୂଚନା ପାଇଁ ଦରଖାସ୍ତ କରିବା ମାତ୍ରେ ତାଙ୍କୁ ବିହିତ ପଦ୍ଧତିରେ ତାହା ଯୋଗାଇ ଦେବେ ବୋଲି ଆଇନ୍ ସେମାନଙ୍କ ଉପରେ ବୈଧାନିକ ଦାୟିତ୍ୱ ନ୍ୟସ୍ତ କରିଛି । ଏହି ଆଇନ୍‌ର ପ୍ରାକ୍-କଥନରେ କୁହାଯାଇଛି ଯେ, ଭାରତୀୟ ପ୍ରଜାତନ୍ତ୍ର ତଥା ଏହାର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟ କରିବାକୁ ହେଲେ ଗୋଟିଏ ପଟରେ ଦରକାର ଏକ ତଥ୍ୟସମୃଦ୍ଧ ନାଗରିକ ସମାଜ ଏବଂ ଅନ୍ୟ ପଟରେ ଜନ କର୍ତ୍ତୃପକ୍ଷମାନଙ୍କର କାର୍ଯ୍ୟଶୈଳୀରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ । ପୁଣି ଏହି ଆଇନ୍ ବର୍ତ୍ତମାନ ଆମ ଦେଶର ଉତ୍ତରୋତ୍ତର ଅଗ୍ରଗତିରେ ଏକ ପ୍ରମୁଖ ବାଧା ରୂପେ ଦେଖା ଦେଇଥିବା ଦୁର୍ନୀତିକୁ ରୋକିବା ପାଇଁ ମଧ୍ୟ ଅଭିପ୍ରେତ । ଏହାଛଡା ଏହା ଆଉ ଏକ ଦୃଷ୍ଟିରୁ ମଧ୍ୟ ଅଭୁତପୂର୍ବ- ସରକାରୀ ଗୋପନୀୟତା ଆଇନ୍ ୧୯୨୩ ବା ରାଷ୍ଟ୍ରର ଅନ୍ୟ ବିଧିବିଧାନରେ ଯଦି ଏହି ନୂତନ ଆଇନ୍ ସହିତ କିଛି ଅସଂଗତି ଥିବ, ତେବେ ଏହି ନୂତନ ଆଇନ୍‌ର ବ୍ୟବସ୍ଥାମାନ ହିଁ ପ୍ରାଧାନ୍ୟ ଲାଭ କରିବ । ପୁଣି, ବିହିତ ପଦ୍ଧତିରେ ଜନକର୍ତ୍ତୃପକ୍ଷମାନେ ଯେପରି ସୂଚନାବଳୀର ପ୍ରସାରଣ ଓ ହସ୍ତାନ୍ତର କରିବା ପାଇଁ ଉତ୍ତରଦାୟୀ ରହିବେ, ସେଥିପାଇଁ ଆଇନ୍ ଦୋଷୀ ଅଧିକାରୀମାନଙ୍କ ବିରୁଦ୍ଧରେ କଠୋର ଦଣ୍ଡବିଧାନ ସହିତ ସ୍ଥଳ ବିଶେଷରେ ବ୍ୟଥିତ ନାଗରିକମାନଙ୍କୁ କ୍ଷତିପୂରଣ ଓ ମାଗଣା ସୂଚନା ପ୍ରଦାନର ବ୍ୟବସ୍ଥା ରଖିଛି ।

**ପ୍ରଶ୍ନ-୨: 'ସୂଚନା' କ'ଣ ?**

ସୂଚନା କହିଲେ, ସେହି ସମସ୍ତ ଧରଣର ସାମଗ୍ରୀ, ଯାହା ଭିତରେ ଅନ୍ତର୍ଭୁକ୍ତ ରହିଛି ରେକର୍ଡ, ଡକୁମେଣ୍ଟ, ମେମୋ, ଇମେଲ, ମତାମତ, ପରାମର୍ଶ, ପ୍ରେସ୍ ବିବୃତ୍ତି, ପରିପତ୍ର (ସର୍କୁଲାର୍), ଅର୍ଡର, ଲଗ୍‌ବୁକ୍, ଚୁକ୍ତିନାମା, ବିବରଣୀ (ରିପୋର୍ଟ), କାଗଜପତ୍ର, ନମୂନା (ସାମ୍ପଲ୍), ଢାଞ୍ଚା(ମେଡେଲ୍), ଇଲେକ୍ଟ୍ରନିକ୍ ମାଧ୍ୟମରେ ଉପଲବ୍ଧ ହେଉଥିବା ତଥ୍ୟରାଜି, ତଥା କୌଣସି ଘରୋଇ ସଂସ୍ଥା ସଂବନ୍ଧୀୟ ସୂଚନା, ଯାହାକୁ ବଳବତ୍ତର ଥିବା କୌଣସି ଆଇନ୍ ବଳରେ ଜନକର୍ତ୍ତୃପକ୍ଷଙ୍କ ନିକଟରେ ଉପଲବ୍ଧ ହୋଇପାରେ । *ଧାରା-୨(ଏଫ୍)*।

**ପ୍ରଶ୍ନ-୩: 'ସୂଚନା ଅଧିକାର' କ'ଣ ?**

**'ସୂଚନାର ଅଧିକାର'** କହିଲେ ଯେ କୌଣସି ଜନ କର୍ତ୍ତୃପକ୍ଷଙ୍କ ଅଧୀନରେ ବା ନିୟନ୍ତ୍ରଣରେ ଥିବା ସୂଚନାକୁ ଜାଣିବାର ଅଧିକାର, ଏବଂ ଏହି ଅଧିକାର ଭିତରେ ନିମ୍ନୋକ୍ତ ଅଧିକାରମାନ ଅନ୍ତର୍ଭୁକ୍ତ-

(୧) କୌଣସି କାର୍ଯ୍ୟ, ଡକୁମେଣ୍ଟ ବା ରେକର୍ଡକୁ ନିରୀକ୍ଷଣ ( ଇନ୍‌ସ୍ପେକ୍‌ସନ୍ ) କରିବା;

(୨) ଡକୁମେଣ୍ଟ ବା ରେକର୍ଡଗୁଡିକରୁ ନୋଟ୍, ଖଣ୍ଡିତାଂଶ ବା ପ୍ରମାଣୀକୃତ ନକଲ ସଂଗ୍ରହ କରିବା;

(୩) କୋଣସି ସାମଗ୍ରୀର ପ୍ରମାଣୀକୃତ ନମୂନା ସଂଗ୍ରହ କରିବା;

(୪) ଯେଉଁଠି ସଂଶ୍ଳିଷ୍ଟ ସୂଚନା କମ୍ପ୍ୟୁଟର୍ ବା ଅନ୍ୟ କୌଣସି ଯନ୍ତ୍ରକୌଶଳରେ ସଂଚିତ ଥିବ, ସେପରି ସ୍ଥଳେ ଡିସ୍କ, ଫ୍ଲପି, ଟେପ୍, ଭିଡିଓ କ୍ୟାସେଟ୍ ବା ଅନ୍ୟକୌଣସି ଇଲେକ୍ଟ୍ରନିକ୍ ମାଧ୍ୟମରେ ଅଥବା ଛପାକ୍ଷରରେ ସେହି ସୂଚନାକୁ ହାସଲ କରିବା । *ଧାରା-୨(ଜେ)*।

**ପ୍ରଶ୍ନ-୪: ଏହି ଆଇନ୍ ଅଧୀନରେ କେଉଁ ଜନକର୍ତ୍ତୃପକ୍ଷମାନେ ଉତ୍ତରଦାୟୀ ରହିବେ ?**

**'ଜନ କର୍ତ୍ତୃପକ୍ଷ'** କହିଲେ ଯେ କୌଣସି କର୍ତ୍ତୃପକ୍ଷ, ସଂଗଠନ ବା ସ୍ୱାୟତ୍ତ-ଶାସନ ସଂସ୍ଥା (ଗ୍ରାମ ପଞ୍ଚାୟତ ବା ମ୍ୟୁନିସିପାଲ୍‌ଟି ଭଳି), ଯାହାକି ସମ୍ବିଧାନ ବଳରେ, କିମ୍ବା ସଂସଦ ବା ରାଜ୍ୟ ଆଇନସଭା ଦ୍ୱାରା ପ୍ରଣୀତ କୌଣସି ଆଇନ୍ ବଳରେ, କିମ୍ବା କେନ୍ଦ୍ର ବା ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ବା ଆଦେଶ ବଳରେ ପ୍ରତିଷ୍ଠିତ ବା ଗଠିତ ହୋଇଥିବ । ପୁଣି 'ଜନ କର୍ତ୍ତୃପକ୍ଷ'ର ସଂଜ୍ଞା ଭିତରେ ମଧ୍ୟ ଅନ୍ତର୍ଭୁକ୍ତ ହେବ ସେହି ସମସ୍ତ ସଂସ୍ଥା ଓ ବେସରକାରୀ ସଂସ୍ଥା, ଯାହାକି କେନ୍ଦ୍ର ବା ରାଜ୍ୟ ସରକାରଙ୍କ ମାଲିକାନାଧୀନ ବା ନିୟନ୍ତ୍ରିତ ହେଉଥିବ ବା କୌଣସି ଉଦ୍ଦେଶ୍ୟରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ସରକାରୀ ପାଣ୍ଠିରୁ ଅର୍ଥପୁଷ୍ଟ ହୋଇଥିବ । *ଧାରା-୨(ଏଚ୍)*। ଏଠାରେ ଉଲ୍ଲେଖନୀୟ ଯେ, କେଉଁ ସରକାର ନିୟନ୍ତ୍ରଣ କରୁଛନ୍ତି, ତାହା ଭିତ୍ତିରେ ଦେଶର ସମସ୍ତ 'ଜନ କର୍ତ୍ତୃପକ୍ଷ'ଙ୍କୁ ଦୁଇଭାଗରେ ବିଭକ୍ତ କରଯାଇପାରେ, ଯଥା କେନ୍ଦ୍ରୀୟ ଜନ କର୍ତ୍ତୃପକ୍ଷ (ଉଦାହରଣ- ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍, ପୋଷ୍ଟ ଅଫିସ୍, ବି.ଏସ୍.ଏନ୍.ଏଲ୍., ରେଲୱେ, ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗସମୂହ) ଏବଂ ରାଜ୍ୟ ଜନକର୍ତ୍ତୃପକ୍ଷ (ଉଦାହରଣ- ଗ୍ରାମ ପଞ୍ଚାୟତ, ବ୍ଲକ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାଳୟ ଓ ବିଭାଗ ସମୂହ) ।

**ପ୍ରଶ୍ନ-୫: ଗୋଟିଏ ଜନକର୍ତ୍ତୃପକ୍ଷ ପାଇଁ କେଉଁ ଅଫିସରଗଣ ନିଯୁକ୍ତ ହେବେ ଏବଂ କେଉଁ ଉଦ୍ଦେଶ୍ୟରେ ?**

ଏହି ଆଇନ୍‌ର ବ୍ୟବସ୍ଥାଗୁଡିକୁ ଯଥାର୍ଥ ଢଙ୍ଗରେ କାର୍ଯ୍ୟକାରୀ କରାଇବା ପାଇଁ ପ୍ରତି ଜନକର୍ତ୍ତୃପକ୍ଷ ଏହି ଆଇନ୍ ଘୋଷିତ ହେବାର ୧୦୦ ଦିନ ଭିତରେ, ଅର୍ଥାତ୍ ୨୨ ସେପ୍ଟେମ୍ବର ୨୦୦୫ ସୁଦ୍ଧା ନିଜର ଅଫିସର୍‌ମାନଙ୍କ ଭିତରୁ ପ୍ରତି ପ୍ରଶାସନିକ ଶାଖା ଓ କାର୍ଯ୍ୟାଳୟରେ ଆବଶ୍ୟକ ମତେ ଯଥା ସଂଖ୍ୟକ ଜନସୂଚନା ଅଧିକାରୀ ଓ ସହକାରୀ ଜନସୂଚନା ଅଧିକାରୀଙ୍କୁ ପଦନାମିତ କରିବେ । ଜନସୂଚନା ଅଧିକାରୀଙ୍କର ମୌଳିକ କର୍ତ୍ତବ୍ୟ ହେବ ସୂଚନା ପ୍ରଦାନ କରିବା, ଏବଂ ସହକାରୀ ଜନସୂଚନା ଅଧିକାରୀଙ୍କର ମୌଳିକ କର୍ତ୍ତବ୍ୟ ହେବ ନାଗରିକମାନଙ୍କ ଠାରୁ ଦରଖାସ୍ତ ଓ ଅପିଲ୍‌ମାନ ଗ୍ରହଣ କରି ସେଗୁଡିକୁ ଯଥାସ୍ଥିତି ଜନସୂଚନା ଅଧିକାରୀ ବା ଅପିଲ୍ ଅଧିକାରୀ ବା ସଂପୃକ୍ତ ସୂଚନା କମିଶନ୍‌ଙ୍କ ନିକଟକୁ ତୁରନ୍ତ ପଠାଇବା । ପ୍ରତି ଜନକର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ୧ମ ଅପିଲ୍ କର୍ତ୍ତୃପକ୍ଷ ଭାବେ ପଦନାମିତ କରାଯିବ, ଯେ କି ସଂପୃକ୍ତ ଜନସୂଚନା ଅଧିକାରୀଙ୍କ ବିରୁଦ୍ଧରେ ଆଗତ ୧ମ ଅପିଲ୍‌କୁ ବିଚାର କରିବେ । ଯେଉଁସ୍ଥଳେ ଜନସୂଚନା ଅଧିକାରୀ ବା ସହକାରୀ ଜନସୂଚନା ଅଧିକାରୀ ଅନୁପସ୍ଥିତ ଥିବେ, ସେପରି ସ୍ଥଳେ ଅନ୍ୟ ଯେଉଁ ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବ, ସେ ଯଥାସ୍ଥିତି ଉକ୍ତ ଦୁଇ ଅଧିକାରୀଙ୍କ ଦାୟିତ୍ୱ ସମ୍ପାଦନ କରିବେ । *ଧାରା-୫*।

**ପ୍ରଶ୍ନ-୬: ସ୍ୱୟଂ-ପ୍ରକଟନୀୟ ସୂଚନା କ'ଣ ?**

ଜନ କର୍ତ୍ତୃପକ୍ଷମାନେ ନାଗରିକମାନଙ୍କୁ ଦୁଇ ପ୍ରକାର ସୂଚନା ଦେବା ପାଇଁ ଆଇନ୍ କହିଛି, ଯଥା ସ୍ୱୟଚାଳିତ ହୋଇ ସୂଚନାସମୂହର ବିତରଣ କରିବା ତଥା ଏକ ଦରଖାସ୍ତର ଉତ୍ତରରେ ସୂଚନା ପ୍ରଦାନ କରିବା । ପ୍ରଥମ ଧରଣର ସୂଚନାବଳୀ ହେଉଛି ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ସଂଗଠନ ସଂବନ୍ଧୀୟ ୧୭ ପ୍ରକାର ବିଷୟ ଉପରେ ସବିଶେଷ ତଥ୍ୟାବଳୀ, ଯେଉଁଗୁଡିକୁ ଆଇନ୍ ବିଜ୍ଞପ୍ତି ହେବାର ୧୨୦ ଦିନ ଭିତରେ ଅର୍ଥାତ୍ ୧୨ ଅକ୍ଟୋବର ୨୦୦୫ ସୁଦ୍ଧା ସ୍ଥାନୀୟ ଭାଷାରେ ଓ ବିଭିନ୍ନ ଲୋକପ୍ରିୟ ମାଧ୍ୟମରେ ସ୍ୱୟଂ-ଚାଳିତ ହୋଇ ସେମାନେ ପ୍ରକାଶ କରିବେ । କୌଣସି ବ୍ୟକ୍ତି ଚାହିଁବା ମାତ୍ରେ ଏହି ସୂଚନାବଳୀକୁ ସେ ନିରୀକ୍ଷଣ (ଇନ୍‌ସ୍ପେକ୍ସନ୍) ଓ ସଂଗ୍ରହ କରିପାରିବେ ଓ ଏହି ସୂଚନାବଳୀ ତାଙ୍କୁ ମାଗଣାରେ ବା କେବଳ ମୁଦ୍ରଣ ବ୍ୟୟ ବିନିମୟରେ ଯୋଗାଇ ଦିଆଯିବ । ପ୍ରତି ଜନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୂଚନାବଳୀର ସ୍ୱୟଂ-ପ୍ରକାଶନର ଉଦ୍ଦେଶ୍ୟ ହେଲା, ନାଗରିକମାନଙ୍କୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ

ସଂବନ୍ଧୀୟ ନିମ୍ନୋକ୍ତ ବିଷୟରେ ସବିଶେଷ ଭାବେ ଅବଗତ କରାଇବା, ଯଥା କର୍ତ୍ତୃପକ୍ଷର ପ୍ରତିଷ୍ଠା ବା ଗଠନର ଲକ୍ଷ୍ୟ, ଏହାର କର୍ମଚାରୀମାନଙ୍କର କ୍ଷମତା ଓ ଦାୟିତ୍ୱସମୂହ, ନିଷ୍ପତ୍ତି-ଗ୍ରହଣ ପାଇଁ ଅନୁସୃତ ପଦ୍ଧତି, ତଦାରଖ ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବାର ବ୍ୟବସ୍ଥା, ପ୍ରତି କାର୍ଯ୍ୟ ସଂପାଦନ ପାଇଁ ବିହିତ ମାନଦଣ୍ଡସମୂହ, ଏହାର ବିଧିବିଧାନ, ଏହାର ନିୟନ୍ତ୍ରଣ ଅଧୀନରେ ଥିବା ସୂଚନାବଳୀର ପ୍ରକାରଭେଦ, ପଲିସି ନିର୍ଦ୍ଧାରଣ ଓ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସର୍ବସାଧାରଣଙ୍କ ସହ ପରାମର୍ଶ କରିବା ପାଇଁ ଅନୁସୃତ ବ୍ୟବସ୍ଥା, ଅଫିସ୍ ମଧ୍ୟରେ କାର୍ଯ୍ୟ କରୁଥିବା କମିଟିମାନ ଏବଂ ସେଗୁଡିକର ବୈଠକ ଓ ନିଷ୍ପତ୍ତିଗୁଡିକ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ କି ନା, ସମସ୍ତ ଅଫିସର୍ ଓ କର୍ମଚାରୀଙ୍କ ବିଷୟରେ ତଥ୍ୟାବଳୀ, ପ୍ରତି ଅଫିସର୍ ଓ କର୍ମଚାରୀଙ୍କୁ ମିଳୁଥିବା ମାସିକ ଦରମା, ଭତ୍ତା ଓ ଅନ୍ୟାନ୍ୟ ସୁବିଧାସୁଯୋଗ, ପ୍ରତି ଉପସଂସ୍ଥାର ଯୋଜନାମାନ ଓ ପ୍ରତି ଯୋଜନା ପିଛା ଅର୍ଥବ୍ୟୟ, ସମସ୍ତ ସହାୟତା କାର୍ଯ୍ୟକ୍ରମ ବିଷୟରେ ସୂଚନା ଓ ପ୍ରତି କାର୍ଯ୍ୟକ୍ରମର ହିସାବ ଓ ହିତାଧିକାରୀ ତାଲିକା, ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ରିହାତି, ପରମିଟ୍ ବା ଅନୁମତି ହାସଲ କରିଥିବା ବ୍ୟକ୍ତିବିଶେଷଙ୍କର ସବିଶେଷ ବିବରଣୀ, ଇଲେକ୍ଟ୍ରୋନିକ ମାଧ୍ୟମଗୁଡିକ (କମ୍ପ୍ୟୁଟର୍, ଭିଡିଓ, ଇଣ୍ଟରନେଟ୍ ଇତ୍ୟାଦି)ରେ ଉପଲବ୍ଧ ସୂଚନାସମୂହ, ସୂଚନା ଆଶାୟୀ ନାଗରିକମାନଙ୍କ ପାଇଁ ଉପଲବ୍ଧ ସୁବିଧସୁଯୋଗ, ତଥା ଜନସୂଚନା ଅଧିକାରୀମାନଙ୍କର ନାମ, ପଦବୀ ଓ ଅନ୍ୟାନ୍ୟ ବିବରଣ । ଏହି ସ୍ୱୟଂ-ପ୍ରକଟନୀୟ ସୂଚନାବଳୀକୁ ଅନ୍ତତଃ ବର୍ଷକୁ ଥରେ ନବୀକରଣ କରାଯିବ । ***ଧାରା-୪(୧-ବି)।***

**ପ୍ରଶ୍ନ-୭: ଜନ କର୍ତ୍ତୃପକ୍ଷମାନଙ୍କର ଅନ୍ୟାନ୍ୟ ସ୍ୱୟଂଚାଳିତ କର୍ତ୍ତବ୍ୟମାନ କ'ଣ ?**

- ଗୁରୁତ୍ୱପୂର୍ଣ୍ଣ ନୀତିଗୁଡିକର ପ୍ରଣୟନ କଲାବେଳେ ବା ସର୍ବସାଧାରଣଙ୍କୁ ପ୍ରଭାବିତ କରୁଥିବା ନିଷ୍ପତ୍ତିମାନ ଗ୍ରହଣ କଲାବେଳେ ସମସ୍ତ ପ୍ରାସଙ୍ଗିକ ତଥ୍ୟାବଳୀକୁ ପ୍ରକାଶନ କରିବା । *ଧାରା-୪(୧-ସି)।*
- ପ୍ରତି ପ୍ରଶାସନିକ ବା କଳ୍ପ-ନ୍ୟାୟିକ ନିଷ୍ପତ୍ତିର ଯୌକ୍ତିକତା ବିଷୟରେ ପ୍ରଭାବିତ ସର୍ବସାଧାରଣଙ୍କୁ ଅବଗତ କରାଇବା । ***ଧାରା-୪(୧-ଡି)।***
- ସ୍ୱୟଂଚାଳିତ ହୋଇ ସର୍ବସାଧାରଣଙ୍କୁ ମଝିରେ ମଝିରେ ତଥା ବିଭିନ୍ନ ମାଧ୍ୟମରେ ଯଥାସମ୍ଭବ ଅଧିକ ସୂଚନାବଳୀ ଯୋଗାଇଦେବା, ଯାହା ଫଳରେ ସୂଚନା ହାସଲ ପାଇଁ ସେମାନେ ଏହି ଆଇନ୍‌କୁ ବ୍ୟବହାର କରିବାର ଆବଶ୍ୟକତା ସର୍ବନିମ୍ନ ହୋଇପଡିବ । ***ଧାରା-୪(୨)।***
- ପ୍ରତି ସୂଚନାକୁ ଏମିତି ବ୍ୟାପକ ଭାବେ, ଏମିତି ପ୍ରକାରରେ ଓ ଏମିତି ପଦ୍ଧତିରେ ପ୍ରସାରଣ କରାଯିବ, ଯାହା ଫଳରେ ସର୍ବସାଧାରଣଙ୍କ ଦ୍ୱାରା ଏହାକୁ ହାସଲ କରିବା ସହଜସାଧ୍ୟ ହୋଇଯିବ । *ଧାରା-୪(୩)।*

**ପ୍ରଶ୍ନ-୮: ନାଗରିକଙ୍କ ଦ୍ୱାରା ସ୍ୱୟଂପ୍ରକଟନୀୟ ସୂଚନାର ହାସଲ ପାଇଁ ଓଡିଶା ସରକାର କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି କି ?**

- ଆଇନ୍‌ର ଧାରା ୪(୧-ବି) ଅଧୀନସ୍ଥ ସୂଚନାବଳୀକୁ ସଂଗ୍ରହ ଓ ନିରୀକ୍ଷଣ ସକାଶେ ଏକ ଜନ କର୍ତ୍ତୃପକ୍ଷଙ୍କ ଅଫିସ୍‌କୁ ଆସୁଥିବା ନାଗରିକମାନଙ୍କ ସଂବନ୍ଧରେ ସବିଶେଷ ବିବରଣୀ ଲିପିବଦ୍ଧ କରି ରଖିବା ପାଇଁ ଏକ ରେଜିଷ୍ଟର୍ ରଖାଯିବ । ***ନିୟମ-୨(୨), ଓଡିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ ୨୦୦୬।***
- ପ୍ରତି ଜନ କର୍ତ୍ତୃପକ୍ଷ ଫର୍ମ-ଏଫ୍ ରେ ଏକ ରେଜିଷ୍ଟର୍ ରଖିବେ, ଯେଉଥିରେ ଧାରା-୬(୧) ଅଧୀନରେ ମିଳିଥିବା ଓ ଫଇସଲା ହୋଇଥିବା ଦରଖାସ୍ତଗୁଡିକ ବିଷୟରେ ସବିଶେଷ ତଥ୍ୟାବଳୀ ଲିପିବଦ୍ଧ ହେବ ଏବଂ ଏହି ରେଜିଷ୍ଟର୍ ସର୍ବସାଧାରଣଙ୍କ ନିରୀକ୍ଷଣ ପାଇଁ ଠିକ୍ ସେମିତି ଉନ୍ମୁକ୍ତ ରହିବ, ଯେମିତି କି ଆଇନ୍‌ର ଧାରା ୪(୧-ବି) ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନାବଳୀ ଉନ୍ମୁକ୍ତ ରହିବା କଥା । ***ନିୟମ-୨(୧), ଓଡିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ ୨୦୦୬।***
- ପ୍ରତି ବିଭାଗର ନିୟନ୍ତ୍ରଣ ଅଧୀନରେ ଥିବା ପ୍ରତି ପ୍ରଶାସନିକ ଶାଖାର ଜନସୂଚନା ଅଧିକାରୀଙ୍କ କାର୍ଯ୍ୟାଳୟ ସାମନାରେ ଏହିସବୁ ସୂଚନାବଳୀ ସୁଦୃଶ୍ୟ ଭାବେ ପ୍ରଦର୍ଶୀତ ହେବ, ଯଥା (୧) ଜନସୂଚନା ଅଧିକାରୀଙ୍କ ନାମ ଓ ପଦବୀ, (୨) ଅପିଲ୍ କର୍ତ୍ତୃପକ୍ଷଙ୍କ ନାମ ଓ ପଦବୀ । ***ପାରା ୧୫-ବି, ମୁଖ୍ୟ ଶାସନ ସଚିବ, ଓଡିଶା ସରକାରଙ୍କ ଦ୍ୱାରା ପ୍ରସାରିତ କ୍ରିୟାନ୍ୱୟନ ମାର୍ଗଦର୍ଶୀକା, ୨୮ ଅକ୍ଟୋବର ୨୦୦୫।***
- ସୂଚନା ପାଇଁ ଆବେଦକଙ୍କ ସଂଖ୍ୟା ନ୍ୟୁନ କରିବାକୁ ହେଲେ ଯଥାସମ୍ଭବ ଅଧିକ ସୂଚନାକୁ ସ୍ୱୟଂଚାଳିତ ରୀତିରେ ପ୍ରସାରଣ କରିବା ଉପରେ ସର୍ବାଧିକ ଅଗ୍ରାଧିକାର ଦିଆଯିବା ଉଚିତ୍ । ***ପାରା ୧୬, ମୁଖ୍ୟ ଶାସନ ସଚିବ, ଓଡିଶା ସରକାରଙ୍କ ଦ୍ୱାରା ପ୍ରସାରିତ କ୍ରିୟାନ୍ୱୟନ ମାର୍ଗଦର୍ଶୀକା, ୨୮ ଅକ୍ଟୋବର ୨୦୦୫।***
- "ଅଗ୍ରୀମ ପ୍ରକାଶନ- ସୂଚନା ଅଧିକାର ଆଇନ୍‌ର ଧାରା-୪ର ବ୍ୟବସ୍ଥା ଅନୁଯାୟୀ ପ୍ରତି ଜନ କର୍ତ୍ତୃପକ୍ଷ ୧୨.୧୦.୨୦୦୫ ସୁଦ୍ଧା ୧୭ଟି ବିଷୟରେ ସୂଚନାବଳୀକୁ ସ୍ୱେଚ୍ଛାକୃତ ଭାବେ ପ୍ରକଟନ କରିବା ଆବଶ୍ୟକ । ସୂଚନାବଳୀକୁ ସର୍ବାଧିକ ପରିମାଣରେ ସ୍ୱେଚ୍ଛାକୃତ ଭାବେ ପ୍ରକଟନ କରିବା ଦିଗରେ ପଦକ୍ଷେପମାନ ନିଆଯିବା ଆବଶ୍ୟକ, ଯାହା ଫଳରେ ସୂଚନା ହାସଲ ପାଇଁ ଦରଖାସ୍ତ କରିବାର ପ୍ରବଣତାକୁ ବେଶ୍ ହ୍ରାସ କରିହେବ" । ***ପାରା-୩, ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୨୨.୮.୨୦୦୫ରେ ଅନୁଷ୍ଠିତ କେନ୍ଦ୍ରୀୟ କ୍ରିୟାନ୍ୱୟନ କମିଟି ବୈଠକର ବିବରଣୀ /***

**ପ୍ରଶ୍ନ-୯: ସୂଚନା ପାଇଁ କେମିତି ଦରଖାସ୍ତ ଓ ଦରଖାସ୍ତ ଫି ଦାଖଲ କରିହେବ ?**

ଆଇନ୍ ଅନୁଯାୟୀ ସୂଚନା ପାଇବା ପାଇଁ ଜଣେ ନାଗରିକଙ୍କ ଦ୍ୱାରା ଦାଖଲ ହୋଇଥିବା ଦରଖାସ୍ତର ଉତ୍ତରରେ ସଂପୃକ୍ତ ଜନସୂଚନା ଅଧିକାରୀଙ୍କୁ ସୂଚନା ଯୋଗାଇଦେବାକୁ ପଡିବ । ଏହା ଉଲ୍ଲେଖନୀୟ ଯେ, ***ଆଇନ୍‌ର ଧାରା-୬(୨)*** ଅନୁଯାୟୀ ଦରଖାସ୍ତକାରୀ ନିଜ ଦରଖାସ୍ତରେ 'କେବଳ

ଯୋଗାଯୋଗ ପାଇଁ ଆବଶ୍ୟକ ହେଉଥିବା ଠିକଣା ଛଡା ଅନ୍ୟ କୌଣସି ବ୍ୟକ୍ତିଗତ ବିବରଣୀ' ପ୍ରକାଶ କରିବାର ଆବଶ୍ୟକତା ନାହିଁ । କିନ୍ତୁ ***ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ ଅଧୀନରେ ବିହିତ ୧୧-ସ୍ତମ୍ଭ ବିଶିଷ୍ଟ ବାଧ୍ୟତାମୂଳକ ଫର୍ମ-ଏ*** ଅନୁଯାୟୀ ଅନ୍ୟ ତଥ୍ୟାବଳୀ ସହିତ ଜଣେ ଦରଖାସ୍ତକାରୀଙ୍କୁ ସଂପୃକ୍ତ ସ୍ତମ୍ଭଗୁଡିକ ପାର୍ଶ୍ୱରେ 'ପିତା/ସ୍ୱାମୀ, ସ୍ଥାୟୀ ଠିକଣା ଓ ପରିଚୟର ପ୍ରମାଣପତ୍ର' ସୂଚୀତ କରିବାକୁ ପଡିବ ତଥା ନିଜର ନାଗରିକତ୍ୱର ପରିଚୟର ପ୍ରମାଣ ପାଇଁ ଭୋଟର୍ କାର୍ଡ ବା ପାସ୍‌ପୋର୍ଟର ନକଲ ଦରଖାସ୍ତରେ ସଂଲଗ୍ନ କରିବାକୁ ପଡିବ । ଉଭୟ କେନ୍ଦ୍ର ଓ ଓଡିଶା ନିୟମାବଳୀରେ ବି.ପି.ଏଲ୍. ବ୍ୟକ୍ତିମାନଙ୍କ ପାଇଁ ଦରଖାସ୍ତ ଫିସ୍ ଛାଡ କରାଯାଇଛି ***(ଆଇନ୍‌ର ଧାରା ୭-୫ ଓ ନିୟମ ୪-୧ ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫)*** । ସେମାନଙ୍କୁ ଛାଡି ଅନ୍ୟମାନେ ଦରଖାସ୍ତ ସହିତ ୧୦ଟଙ୍କାର ଦରଖାସ୍ତ ଫିସ୍ ପଇଠ କରିବେ । ଯଦି କେନ୍ଦ୍ରୀୟ ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ହେଉଥିବ, ତେବେ ଦରଖାସ୍ତ ଫିସ୍ ସଂପୃକ୍ତ ଦପ୍ତରର ଆକାଉଣ୍ଟସ୍ ଅଫିସରଙ୍କୁ ସମ୍ବୋଧନ କରି ନଗଦ ଅର୍ଥ ବା ବ୍ୟାଙ୍କର୍ ଚେକ୍/ଡିମାଣ୍ଡ ଡ୍ରାଫ୍ଟ ବା ଆଇ.ପି.ଓ. ଜରିଆରେ ଦାଖଲ ହୋଇପାରିବ, ନତୁବା ଯଦି ଦରଖାସ୍ତଟି ଓଡିଶା ସରକାରଙ୍କ କୌଣସି ଜନ କର୍ତ୍ତୃପକ୍ଷଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥାଏ, ତେବେ ଦରଖାସ୍ତ ଫିସ୍‌କୁ ଜନସୂଚନା ଅଧିକାରୀ (ପି.ଆଇ.ଓ.)ଙ୍କୁ ନଗଦ ଅର୍ଥ ବା ଟ୍ରେଜେରି ଚାଲାଣ ଜରିଆରେ ଦାଖଲ କରିହେବ । କିନ୍ତୁ ଜଣେ ବି.ପି.ଏଲ୍. ଦରଖାସ୍ତକାରୀ ନିଜର ବିପିଏଲ୍ ସ୍ଥିତିର ପ୍ରମାଣକୁ ଦରଖାସ୍ତ ସହିତ ସଂଲଗ୍ନ କରିବେ ।

**ପ୍ରଶ୍ନ-୧୦ : ସୂଚନାର ମୂଲ୍ୟ ବାବଦ କିଛି ଫିସ୍ ଦେବାକୁ ପଡିବ କି ?**

ଆଇନ୍‌ର ଧାରା ୭(୧) ଓ ଧାରା ୭(୩) ଅନୁଯାୟୀ ମୁଦ୍ରଣ କିମ୍ବା ଇଲେକ୍ଟ୍ରନିକ୍ ମାଧ୍ୟମରେ ସୂଚନା ବାବଦ ଫିସ୍ ଓ ଅତିରିକ୍ତ ଫିସ୍ ଦେବାକୁ ପଡିବ । ଉଭୟ କେନ୍ଦ୍ରୀୟ ଓ ଓଡିଶା ନିୟମାବଳୀ ଅନୁଯାୟୀ ଫର୍ଦ ୨ଟଙ୍କା, ତଥା ସି.ଡି. ବାବଦକୁ ୫୦ଟଙ୍କା ଫିସ୍ ଦେବାକୁ ପଡିବ । ଧାରା-୬(୧) ଅଧୀନରେ ନିରୀକ୍ଷଣ (ଇନସ୍ପେକ୍ସନ୍) ପାଇଁ ଉଭୟ କେନ୍ଦ୍ର ଓ ଓଡିଶା ନିୟମାବଳୀରେ ପ୍ରଥମ ଘଣ୍ଟା ମାଗଣା ହୋଇଥିବା ବେଳେ କେନ୍ଦ୍ର କ୍ଷେତ୍ରରେ ଦ୍ୱିତୀୟ ଘଣ୍ଟା ପାଇଁ ମାତ୍ର ୫ଟଙ୍କା କିନ୍ତୁ ଓଡିଶା କ୍ଷେତ୍ରରେ ୨୦ଟଙ୍କା ଧାର୍ଯ୍ୟ କରାଯାଇଛି । ଧାରା-୪ ଅଧୀନରେ ସୂଚନାର ମୂଲ୍ୟ କି ନିରୀକ୍ଷଣ ପାଇଁ ଉଭୟ ନିୟମାବଳୀରେ କୌଣସି ଫିସ୍ ବିହିତ ହୋଇନାହିଁ । ସୁତରାଂ ଆଇନ୍‌ର ଧାରା-୪(୪) ଅନୁଯାୟୀ ଧାରା-୪ ଅଧୀନସ୍ଥ ସୂଚନା ବା ନିରୀକ୍ଷଣର ସୁବିଧା ମାଗଣାରେ ବା କେବଳ ଜେରକ୍ସ ଦାମ୍ ବିନିମୟରେ ଉପଲବ୍ଧ ହେବ । ଧାରା ୭(୫)ର ପରନ୍ତୁକ ଅନୁଯାୟୀ କେନ୍ଦ୍ରୀୟ ନିୟମାବଳୀ ବିପିଏଲ୍ ବ୍ୟକ୍ତିମାନଙ୍କ ପାଇଁ ତିନୋଟି ଫିସ୍ (ଦରଖାସ୍ତ ଫିସ୍, ସୂଚନା ଫିସ୍ ଓ ଅତିରିକ୍ତ ସୂଚନା ଫିସ୍) ଛାଡ କରିଥିବା ବେଳେ ଓଡିଶାରେ ସେମାନଙ୍କ ପାଇଁ କେବଳ ଦରଖାସ୍ତ ଫିସ୍ ଛାଡ କରାଯାଇଛି ଅଥଚ ଅନ୍ୟ ଦୁଇଟି ଫିସ୍ ଆଦାୟ କରାହେଉଛି ।

**ପ୍ରଶ୍ନ-୧୧ : ଯଦି ଦରଖାସ୍ତଟି ଯଥୋଚିତ ଜନ କର୍ତ୍ତୃପକ୍ଷଙ୍କ ବ୍ୟତୀତ ଅନ୍ୟ ଏକ ଜନ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ ହୋଇଥାଏ ?**

ଏଭଳି ସ୍ଥିତିରେ ଯେଉଁ ଜନକର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତଟି ଦାଖଲ ହୋଇଛି, ସେ ଦରଖାସ୍ତ ମିଳିବାର ୫ଦିନ ମଧ୍ୟରେ ତାହାକୁ ସେହି ଜନ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଦେବେ, ଯାହାଙ୍କ ନିକଟରେ ଆବେଦିତ ସୂଚନା ଉପଲବ୍ଧ ଥିବ । ଦରଖାସ୍ତର ଏଭଳି ସ୍ଥାନାନ୍ତରଣ ସମ୍ବନ୍ଧରେ ଦରଖାସ୍ତକାରୀଙ୍କୁ ସଙ୍ଗେସଙ୍ଗେ ଅବଗତ କରାଇଦିଆଯିବ । ***ଧାରା ୬(୩)*** ।

**ପ୍ରଶ୍ନ-୧୨ : ଆବେଦିତ ସୂଚନାକୁ ଯୋଗାଇଦେବାର କିଛି ସମୟ-ସୀମା ଅଛି କି ?**

ହଁ । ଆବେଦିତ ସୂଚନାର ବିଷୟବସ୍ତୁ ତଥା କେଉଁ ଜନ କର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତ କରାଯାଇଛି, ତାହା ଭିତ୍ତିରେ ନାଗରିକମାନଙ୍କ ଦରଖାସ୍ତର ଉତ୍ତର ଦେବା ପାଇଁ ଭିନ୍ନ ଭିନ୍ନ ସମୟସୀମା ନିର୍ଦ୍ଧାରଣ କରାଯାଇଛି । ଆଗରୁ ସୂଚୀତ ହୋଇଛି, ସ୍ୱୟଂ-ପ୍ରକଟନୀୟ ସୂଚନାବଳୀ ଆବେଦକଙ୍କୁ ସଙ୍ଗେସଙ୍ଗେ ମିଳିପାରିବ ***(ଧାରା-୪)*** । ସାଧାରଣତଃ ଜଣେ ଜନସୂଚନା ଅଧିକାରୀ ଦରଖାସ୍ତ ମିଳିବାର ୩୦ଦିନ ଭିତରେ ସୂଚନା ଯୋଗାଇଦେବେ ଅଥବା ଦରଖାସ୍ତଟିକୁ ଖାରଜ କରିବେ । ଯଦି ସୂଚନାଟି ଜୀବନ ବା ସ୍ୱାଧୀନତା ସଂବନ୍ଧୀତ ହୋଇଥାଏ, ତେବେ ତାହା ଦରଖାସ୍ତ ମିଳିବାର ୪୮ଘଣ୍ଟା ଭିତରେ ଯୋଗାଇ ଦିଆଯିବ ***(ଧାରା ୭-୧)*** । ଯେଉଁସ୍ଥଳେ ଦରଖାସ୍ତଟି ସହକାରୀ ଜନସୂଚନା ଅଧିକାରୀଙ୍କ ନିକଟରେ ଦାଖଲ ହୋଇଥିବ, ସେପରି ସ୍ଥଳେ ସୂଚନାଟି ୩୫ଦିନ ଭିତରେ ମିଳିବ ***(ଧାରା ୫-୨)*** । ଯଦି ସୂଚନାଟି ୩ୟ ପକ୍ଷ ସଂବନ୍ଧୀତ, ତେବେ ସଂପୃକ୍ତ ଜନସୂଚନା ଅଧିକାରୀ ଦରଖାସ୍ତର ଉତ୍ତର ଦେବା ପାଇଁ ସର୍ବାଧିକ ୪୦ ଦିନ ନେଇପାରନ୍ତି ***(ଧାରା ୧୧-୩)*** । ଯେଉଁସ୍ଥଳେ ଗୋଟିଏ ବିଜ୍ଞାପିତ ହୋଇଥିବା ସୁରକ୍ଷା ଓ ଗୁଇନ୍ଦା ସଂସ୍ଥା ନିକଟରୁ ମାନବିକ ଅଧିକାରର ଉଲ୍ଲଂଘନ ବିଷୟରେ ସୂଚନା ଆବେଦିତ ହୋଇଥିବ, ସେପରି ସ୍ଥଳେ, 'କେବଳ ରାଜ୍ୟ ସୂଚନା କମିଶନ୍‌ଙ୍କ ଅନୁମୋଦନ ମିଳିବା ପରେ . . . ଆବେଦନ ତାରିଖର ୪୫ଦିନ ଭିତରେ ସୂଚନା ଯୋଗାଇ ଦିଆଯିବ' । ***(ଧାରା ୨୪-୪)*** ।

**ପ୍ରଶ୍ନ-୧୩: ପି.ଆଇ.ଓ. ବା ଏ.ପି.ଆଇ.ଓ.ଙ୍କ ଠାରୁ କି କି ଅତିରିକ୍ତ ସହାୟତା ମିଳିପାରିବ ?**

ସୂଚନା ଚାହୁଁଥିବା ପ୍ରତି ନାଗରିକଙ୍କୁ ପି.ଆଇ.ଓ. ଯଥୋଚିତ ସହାୟତା ଯୋଗାଇଦେବେ ***(ଧାରା ୫-୩)*** । ଯେଉଁସ୍ଥଳେ ଜଣେ ନାଗରିକ ସୂଚନା ପାଇଁ ନିଜର ଦରଖାସ୍ତ ଲେଖିବା ବା ସଂପୃକ୍ତ ଫର୍ମ ପୂରଣ ପାଇଁ ଅକ୍ଷମ, ସେପରି ସ୍ଥଳେ ସେ ସଂପୃକ୍ତ ପି.ଆଇ.ଓ.ଙ୍କ ସହାୟତା ଲୋଡିବେ, ଏବଂ ସେହି ପି.ଆଇ.ଓ. ଉକ୍ତ ଆବେଦକଙ୍କର ମୌଖିକ ଅନୁରୋଧକୁ ଲିଖିତ ରୂପ ଦେବାରେ ଯଥୋଚିତ ସାହାଯ୍ୟ ଯୋଗାଇଦେବେ ***(ଧାରା ୬-୧ର ପରନ୍ତୁକ)*** । ଯେଉଁସ୍ଥଳେ ଜଣେ ଆବେଦକଙ୍କର ବୋଧେନ୍ଦ୍ରିୟ-ଅକ୍ଷମତା ରହିଛି, ସେପରି ସ୍ଥଳେ ତାଙ୍କୁ ସୂଚନା ହାସଲ କରିବାରେ ଏବଂ ଏପରିକି ନିରୀକ୍ଷଣ (ଇନ୍‌ସ୍ପେକ୍ସନ୍) କରିବାରେ ପି.ଆଇ.ଓ. ଯଥୋଚିତ ସାହାଯ୍ୟ ଯୋଗାଇଦେବେ ***(ଧାରା ୭-୪)*** । ଏହାଛଡା ପ୍ରତି ଜନ କର୍ତ୍ତୃପକ୍ଷ ଜଣେ ଲେଖାଁ

ସହକାରୀ ଜନସୂଚନା ଅଧିକାରୀ ବା ଏ.ପି.ଆଇ.ଓ.ଙ୍କୁ ପଦନାମିତ କରିବେ, ଯାହାଙ୍କର କାର୍ଯ୍ୟ ହେବ ସୂଚନା ପାଇଁ ଦରଖାସ୍ତ ବା ଅପିଲ୍‌ଗୁଡିକୁ ଗ୍ରହଣ କରି ଯଥାସ୍ଥିତି ପି.ଆଇ.ଓ. ବା ୧ମ ଅପିଲ୍ କର୍ତ୍ତୃପକ୍ଷ ବା ସୂଚନା କମିଶନ୍‌ଙ୍କ ନିକଟକୁ ଯଥାଶୀଘ୍ର ପଠାଇବେ ***(ଧାରା ୫-୨)***। ଦରଖାସ୍ତକାରୀ ବା ଅପିଲ୍‌କାରୀଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇବାର କର୍ତ୍ତବ୍ୟରେ ପି.ଆଇ.ଓ. ବା ଏ.ପି.ଆଇ.ଓ. ଅବହେଳା କଲେ, ତାଙ୍କ ବିରୁଦ୍ଧରେ ସଂପୃକ୍ତ ସୂଚନା କମିଶନ୍‌ଙ୍କ ସମ୍ମୁଖରେ ଅଭିଯୋଗ ଅଣାଯାଇପାରିବ ***(ଧାରା ୧୮-୧)***। ଜଣେ ପି.ଆଇ.ଓ.ଙ୍କ ଠାରୁ କି କି ସହାୟତା ମିଳିପାରିବ, ସେ ବିଷୟ ସରକାରଙ୍କ ତରଫରୁ ପ୍ରକାଶିତ ହେବାକୁ ଥିବା ମାର୍ଗଦର୍ଶୀକାରେ ସ୍ଥାନିତ ହେବ ***(ଧାରା ୨୬-୩ଡି)***।

### ପ୍ରଶ୍ନ-୧୪: ସୂଚନା ପାଇଁ ଗୋଟିଏ ଦରଖାସ୍ତର ଉତ୍ତରରେ ପି.ଆଇ.ଓ. କ'ଣ ଜଣାଇବେ ?

ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ ଅନୁଯାୟୀ ପି.ଆଇ.ଓ. ଦରଖାସ୍ତର ଏକ ପ୍ରାପ୍ତିସ୍ୱୀକାର ରସିଦ ପଠାଇବେ ଏବଂ ଦରଖାସ୍ତକାରୀଙ୍କର ପରିଚୟରେ ସନ୍ତୁଷ୍ଟ ହେବା ପରେ ଯଥାଶୀଘ୍ର ଫର୍ମ-ବି ରେ ଜଣାଇବେ- ଦରଖାସ୍ତକାରୀଙ୍କୁ ସୂଚନାର ମୂଲ୍ୟ ବାବଦ କେତେ ଟଙ୍କା ନଗଦ ଆକାରରେ ପଇଠ କରିବାକୁ ପଡିବ ***(ନିୟମ ୪-୨)***। କିନ୍ତୁ ମୂଳ ଆଇନ୍ ଅନୁଯାୟୀ, ପି.ଆଇ.ଓ. ଯେଉଁ ଅବଗତି ପତ୍ର ପଠାଇବେ ସେଥିରେ ଦେୟ ଅର୍ଥରାଶିର ସବିଶେଷ ହିସାବ, ପ୍ରଦତ୍ତ ସୂଚନା ଉପରେ ଦରଖାସ୍ତକାରୀଙ୍କର ଅପିଲ୍ ପାଇଁ ଅଧିକାର ସହିତ ସଂପୃକ୍ତ ଅପିଲ୍ କର୍ତ୍ତୃପକ୍ଷଙ୍କର ସବିଶେଷ ଠିକଣା ମଧ୍ୟ ସ୍ଥାନିତ ହୋଇଥିବ ***(ଧାରା ୭-୩)***। ପି.ଆଇ.ଓ. ଯେ କୌଣସି ଦରଖାସ୍ତକୁ ଧାରା-୮ ଅଧୀନସ୍ଥ କୌଣସି ଅବ୍ୟାହତି ଅଥବା ଧାରା-୯ ଅଧୀନରେ ଜଣେ ବେସରକାରୀ ବ୍ୟକ୍ତିଙ୍କର କପିରାଇଟ୍ ଉଲ୍ଲଂଘନର କାରଣ ଦର୍ଶାଇ ଖାରଜ କରିପାରନ୍ତି ***(ଧାରା ୭-୧)***। ଏହାଛଡା ଯେଉଁସ୍ଥଳେ ପି.ଆଇ.ଓ. ମନେ କରିବେ ଯେ, ଆବେଦିତ ରେକର୍ଡର ଏକ ଖଣ୍ଡାଂଶ ସୂଚନା ପ୍ରକଟନରୁ ଅବ୍ୟାହତି ପାଇଛି, ସେପରି ସ୍ଥଳେ ସେ ସଂପୃକ୍ତ ଦରଖାସ୍ତକୁ ଆଂଶିକ ଗ୍ରହଣ ବା ଅନ୍ୟ କଥାରେ କହିଲେ ଆଂଶିକ ଖାରଜ କରିପାରନ୍ତି ***(ଧାରା ୧୦)***। ପୁଣି ଯେଉଁସ୍ଥଳେ ଦରଖାସ୍ତଟି ୩ୟ ପକ୍ଷର ସୂଚନା ସହିତ ସଂପର୍କୀତ, ସେପରି ସ୍ଥଳେ ପି.ଆଇ.ଓ. ଦରଖାସ୍ତକୁ ଗ୍ରହଣ ବା ଖାରଜ କରିପାରନ୍ତି, କିନ୍ତୁ ସେ ଏ ବିଷୟରେ ନିଷ୍ପତ୍ତି ନେବା ପୂର୍ବରୁ ସଂପୃକ୍ତ ୩ୟ ପକ୍ଷଙ୍କ ସହ ପରାମର୍ଶ କରିଥିବେ ***(ଧାରା ୧୧)***। ଆହୁରି ପୁଣି, ଆଇନ୍‌ର ଧାରା-୨୪ ଅଧୀନରେ ବିଜ୍ଞାପିତ ହୋଇଥିବା ସୁରକ୍ଷା ଓ ଗୁଇନ୍ଦା ସଂସ୍ଥାମାନଙ୍କୁ ମିଳିଥିବା ଆପେକ୍ଷିକ ଅବ୍ୟାହତିର କାରଣ ଦର୍ଶାଇ ଜଣେ ପି.ଆଇ.ଓ. ଗୋଟିଏ ଦରଖାସ୍ତକୁ ଖାରଜ କରିପାରନ୍ତି, କିନ୍ତୁ ଏଠାରେ ଉଲ୍ଲେଖନୀୟ ଯେ, ଦୁର୍ନୀତି ବା ମାନବାଧିକାର ଉଲ୍ଲଂଘନ ବିଷୟରେ ସୂଚନା ଏହି ସଂସ୍ଥାମାନଙ୍କରୁ ମିଳିପାରିବ ***(ଧାରା ୨୪)***। ପୁଣି ଯେଉଁସ୍ଥଳେ ଦରଖାସ୍ତକାରୀ ଚାହିଁଥିବା ରୀତିରେ ସୂଚନା ପ୍ରଦାନ କଲେ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ସମ୍ବଳର ଅପବିନିର୍ବ୍ୟୟ ଘଟିବ ଅଥବା ସଂପୃକ୍ତ ରେକର୍ଡର ସୁରକ୍ଷା ବିପନ୍ନ ହେବାର ଆଶଙ୍କା ଥିବ, ସେପରି ସ୍ଥଳେ ପି.ଆଇ.ଓ. ସଂପୃକ୍ତ ଦରଖାସ୍ତକାରୀଙ୍କୁ ତଦନୁଯାୟୀ ଅବଗତ କରାଇବେ ***(ଧାରା ୭-୯)***। କିନ୍ତୁ ଓଡିଶା ସରକାରଙ୍କ ଅଧୀନସ୍ଥ ଜଣେ ପି.ଆଇ.ଓ. ଫର୍ମ-ସି (ଖାରଜ)ରେ ସୂଚୀତ ହୋଇଥିବା ୯ଟି କାରଣ ଭିତରୁ କୌଣସିଟିକୁ ଦର୍ଶାଇ ଦରଖାସ୍ତକୁ ଖାରଜ କରିପାରନ୍ତି, ଏବଂ ସେହିସବୁ କାରଣ ଭିତରେ ଅଛି, ଦରଖାସ୍ତ ଫର୍ମଟି ଠିକ୍ ଭାବେ ପୂରଣ ହୋଇନି, ଦରଖାସ୍ତକାରୀଙ୍କର ପରିଚୟ ସନ୍ତୋଷଜନକ ନୁହେଁ, ସଂପୃକ୍ତ ସୂଚନାଟି ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ତଥା ଅନ୍ୟ ଯେ କୌଣସି କାରଣରୁ ଇତ୍ୟାଦି ***(ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ ଅଧୀନରେ ଖାରଜ ପାଇଁ ବିହିତ ଫର୍ମ-ସି)***। ଯେଉଁସ୍ଥଳେ ବିହିତ ସମୟସୀମା ଭିତରେ ପି.ଆଇ.ଓ.ଙ୍କ ଠାରୁ କୌଣସି ଉତ୍ତର ମିଳିବନାହିଁ, ସେପରି ସ୍ଥଳେ ଉକ୍ତ ଦରଖାସ୍ତଟି ପ୍ରତ୍ୟାଖ୍ୟାତ ହୋଇଯାଇଛି ବୋଲି ବିବେଚିତ ହେବ ***(ଧାରା ୭-୨)***, ଏବଂ ତାହା ପରେ ଦରଖାସ୍ତକାରୀ ଉକ୍ତ ବିବେଚିତ ପ୍ରତ୍ୟାଖ୍ୟାନ ବିରୁଦ୍ଧରେ ସଂପୃକ୍ତ ସୂଚନା କମିଶନ୍‌ଙ୍କ ସମ୍ମୁଖରେ ଅଭିଯୋଗ ଅଥବା ୧ମ ଅପିଲ୍ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ୧ମ ଅପିଲ୍ କରିପାରନ୍ତି । ପୁଣି ଯେଉଁସ୍ଥଳେ ପି.ଆଇ.ଓ. ଗୋଟିଏ ଦରଖାସ୍ତକୁ ଖାରଜ କରିବାକୁ ଚାହିଁବେ, ସେ ସଂପୃକ୍ତ ଦରଖାସ୍ତକାରୀଙ୍କୁ ଏଭଳି ଖାରଜର କାରଣମାନ ଓ କେଉଁ ସମୟସୀମା ଭିତରେ ଉକ୍ତ ଖାରଜ ବିରୁଦ୍ଧରେ ଅପିଲ୍ କରିହେବ ତଥା ଅପିଲ୍ କର୍ତ୍ତୃପକ୍ଷଙ୍କ ସବିଶେଷ ଠିକଣା ଇତ୍ୟାଦି ବିହିତ ସମୟସୀମା ଭିତରେ ଜଣାଇବେ ***(ଧାରା ୭-୮)***।

### ପ୍ରଶ୍ନ-୧୫: ଏମିତି କୌଣସି ସୂଚନା ଅଛି କି, ଯାହାକୁ ପ୍ରକାଶନରୁ ଅବ୍ୟାହତି ଦିଆଯାଇଛି ?

ଯେ କୌଣସି ଜନ କର୍ତ୍ତୃପକ୍ଷଙ୍କ ଠାରୁ ଯେ କୌଣସି ସୂଚନା ମାଗିବା ପାଇଁ ଜଣେ ନାଗରିକର ଅଧିକାର ରହିଛି, କିନ୍ତୁ ମନେ ରଖିବା ଉଚିତ୍, ଆଇନ୍ ଅନୁଯାୟୀ କେତେକ ଧରଣର ସୂଚନା ଅଛି, ଯାହାକୁ ପି.ଆଇ.ଓ. ମୋଟେ ପ୍ରକାଶ କରିବେ ନାହିଁ ଓ ଆଉ କେତେକ ଧରଣର ସୂଚନା ଅଛି, ଯାହାକୁ କେବଳ କେତେକ ସର୍ତ୍ତ ଅଧୀନରେ ପ୍ରକାଶ କରିପାରନ୍ତି । ଏହାସତ୍ତ୍ୱେ, ଏହି ଆଇନ୍‌ରେ ଏକ ସର୍ବାତିକ୍ରମଣ ବ୍ୟବସ୍ଥା ଅଛି- ଯଦି ସଂସଦ ମାଗିଲେ ଗୋଟିଏ ସୂଚନା ଦିଆଯାଇପାରୁଛି, ତେବେ ସେହି ସୂଚନା ଜଣେ ବ୍ୟକ୍ତି ମାଗିଲେ, ତାଙ୍କୁ ମନା କରାଯାଇପାରିବ ନାହିଁ ***(ଧାରା ୮-୧ର ପରନ୍ତୁକ)***। ଏଠାରେ ଉଲ୍ଲେଖନୀୟ, ୧୦ପ୍ରକାର ସୂଚନା ରହିଛି, ଯାହାକୁ ସାଧାରଣତଃ ପ୍ରକଟନରୁ ଅବ୍ୟାହତି ଦିଆଯାଇଛି, ଯଥା ଯାହାର ପ୍ରକଟନ ଫଳରେ ଭାରତର ସାର୍ବଭୌମତ୍ୱ ଓ ନିରାପତ୍ତା ଉପରେ ପ୍ରତିକୂଳ ପ୍ରଭାବ ପଡିବ, ଯାହାର ପ୍ରକାଶନକୁ କୌଣସି ଅଦାଲତ ପ୍ରତ୍ୟକ୍ଷ ଭାବେ ନିଷେଧ କରିଛନ୍ତି, ଯାହାର ପ୍ରକଟନ ଆଇନ୍‌ସଭାର ସାଧିକାରକୁ କ୍ଷୁର୍ଣ୍ଣ କରିବ, ଯାହାର ପ୍ରକଟନ ଫଳରେ ବ୍ୟବସାୟିକ ଗୋପନୀୟତା କ୍ଷୁର୍ଣ୍ଣ ହେବ, ଯାହାର ପ୍ରକଟନ ବିଶ୍ୱାସ-ଆଧାରିତ ସଂପର୍କ ଉପରେ ଆଞ୍ଚ ଆଣିବ, ଯେଉଁ ଗୋପନୀୟ ସୂଚନା ବିଦେଶୀ ସରକାରଙ୍କ ଠାରୁ ପ୍ରାପ୍ତ, ଯାହାର ପ୍ରକଟନ ଜଣେ ବ୍ୟକ୍ତିର ଜୀବନ ବା ନିରାପତ୍ତାକୁ ବିପନ୍ନ କରିପାରେ, ଯାହାର ପ୍ରକଟନ ଫଳରେ ଅନୁସନ୍ଧାନ ବା ଅପରାଧୀଙ୍କ ବିରୁଦ୍ଧରେ ଅଭିଯୋଜନର ପ୍ରକ୍ରିୟା ବ୍ୟାହତ ହୋଇପାରେ, ଯେଉଁ ସୂଚନା କ୍ୟାବିନେଟ୍‌ର ଅସଂପୂର୍ଣ୍ଣ ଆଲୋଚନାର ଅଂଶବିଶେଷ ହୋଇଥିବ ବା ଯାହାର ପ୍ରକଟନ ଫଳରେ ବ୍ୟକ୍ତିର ଏକାନ୍ତତା କ୍ଷୁର୍ଣ୍ଣ

ହେବ ***(ଧାରା ୮-୧)***। କିନ୍ତୁ ଏହିସବୁ ଅବ୍ୟାହତି ସତ୍ତ୍ୱେ ଅଥବା ସରକାରୀ ଗୋପନୀୟତା ଆଇନ୍ ୧୯୨୩ରେ ଥିବା ବିଭିନ୍ନ ବାରଣ ସତ୍ତ୍ୱେ, ଗୋଟିଏ ଜନ କର୍ତ୍ତୃପକ୍ଷ ସେହିସବୁ ସୂଚନାକୁ ପ୍ରକଟନ କରିପାରନ୍ତି, ଯାହାର ପ୍ରକଟନ ଫଳରେ ସାର୍ବଜନୀନ ସ୍ୱାର୍ଥ କ୍ଷତିଗ୍ରସ୍ତ ହେବା ଠାରୁ ଅଧିକ ଉପକୃତ ହେବ ***(ଧାରା ୮-୨)***। ପୁଣି, ଯଦି ସୂଚନାଟି ଦରଖାସ୍ତ ମିଳିବା ତାରିଖର ୨୦ବର୍ଷ ପୂର୍ବରୁ ଘଟିଥିବା କୌଣସି ବିଷୟ ବା ଘଟଣା ସଂପର୍କୀତ ହୋଇଥାଏ, ତେବେ ପ୍ରକଟନରୁ ଅବ୍ୟାହତି ଲାଭ କରିଥିବା ରାଷ୍ଟ୍ରର ସାର୍ବଭୌମତ୍ୱ ଓ ନିରାପତ୍ତା, ଆଇନ୍‌ସଭାର ସ୍ୱାଧିକାର ଏବଂ କ୍ୟାବିନେଟ୍ କାଗଜପତ୍ର ସଂପର୍କୀତ ସୂଚନାବଳୀକୁ ଛାଡି ଅନ୍ୟ ସମସ୍ତ ସୂଚନା ସର୍ବସାଧାରଣରେ ପ୍ରକଟନ ପାଇଁ ଉନ୍ମୁକ୍ତ ରହିବ ***(ଧାରା ୮-୩)***।

**ପ୍ରଶ୍ନ-୧୬: ଏପରି କୌଣସି ଜନ କର୍ତ୍ତୃପକ୍ଷ ଅଛନ୍ତି କି, ଯେ କି ସୂଚନା ଅଧିକାର ଆଇନ୍‌ର ପରିସର ବାହାରେ ?**

ହଁ। ***ଆଇନ୍‌ର ଧାରା-୨୪*** ଅନୁଯାୟୀ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ୨୨ଟି ସୁରକ୍ଷା ଓ ଗୁଇନ୍ଦା ସଂସ୍ଥାକୁ ବିଜ୍ଞାପିତ କରିଛନ୍ତି, ଯେଉଁମାନଙ୍କ ତାଲିକା ***ଆଇନ୍‌ର ୨ୟ ଅନୁସୂଚୀ***ରେ ସ୍ଥାନିତ ହୋଇଛି ଏବଂ ଓଡିଶା ସରକାର ଏଭଳି ୫ଟି ସଂସ୍ଥାକୁ ବିଜ୍ଞାପିତ କରିଛନ୍ତି, ଯଥା ସ୍ପେଶାଲ୍ ବ୍ରାଞ୍ଚ, ସ୍ପେଶାଲ୍ ଇଣ୍ଟେଲିଜେନ୍ସ ଉଇଙ୍ଗ୍, ସ୍ପେଶାଲ୍ ଅପରେସନସ୍ ଗ୍ରୁପ୍, କ୍ରାଇମ୍ ବ୍ରାଞ୍ଚ ଓ ଡିଷ୍ଟ୍ରିକ୍ଟ ଇଣ୍ଟେଲିଜେନ୍ସ ବ୍ୟୁରୋ ***(ବିଜ୍ଞପ୍ତି ନଂ ପିସି-୧୦୬/୨୦୦୫-୨୯୦୮୬/ଆଇପିଆର୍ ତା ୨୯ ଅକ୍ଟୋବର ୨୦୦୫)***। କିନ୍ତୁ ଏହି ସମସ୍ତ ସଂସ୍ଥା ଦୁର୍ନୀତି ଓ ମାନବିକ ଅଧିକାର ଉଲ୍ଲଂଘନ ସଂପର୍କୀତ ସୂଚନା ଦେବା ପାଇଁ ବାଧ୍ୟ। ମାନବିକ ଅଧିକାର ଉଲ୍ଲଂଘନର ଅଭିଯୋଗ ସଂପର୍କୀତ ଏକ ସୂଚନା ସଂପୃକ୍ତ ସୂଚନା କମିଶନଙ୍କ ଅନୁମୋଦନ କ୍ରମେ ଦରଖାସ୍ତ ଦାଖଲର ସର୍ବାଧିକ ୪୫ଦିନ ଭିତରେ ଦିଆଯିବ। କିନ୍ତୁ ଦୁର୍ନୀତିର ଅଭିଯୋଗ ସଂପର୍କୀତ ଏକ ସୂଚନାକୁ ଧାରା ୭-୧ରେ ନିର୍ଦ୍ଧାରିତ ସମୟ-ସୀମା, ଯଥା ସ୍ଥଳ ବିଶେଷରେ ୩୦ଦିନ ବା ୪୮ଘଣ୍ଟା ଭିତରେ ଯୋଗାଇ ଦିଆଯିବ।

**ପ୍ରଶ୍ନ-୧୭: ସୂଚନା ଅଧିକାର ଆଇନ୍ ଅଧୀନରେ ସ୍ଥାନିତ ହୋଇଥିବା ଅପିଲ୍ ପ୍ରକ୍ରିୟାଟି କ'ଣ ?**

- ସୂଚନା ପାଇଁ ଆବେଦକମାନଙ୍କ ଆପତ୍ତିର ସମାଧାନ ପାଇଁ ଏହି ଆଇନ୍ ଦୁଇ ପ୍ରକାର ବ୍ୟବସ୍ଥା ସ୍ଥାନିତ କରିଛି, ଯଥା ଧାରା-୧୮ ଅଧୀନରେ ସଂପୃକ୍ତ ସୂଚନା କମିଶନଙ୍କ ନିକଟରେ ପ୍ରତ୍ୟକ୍ଷ ଅଭିଯୋଗ ଦାଖଲ, ଏବଂ ଧାରା ୧୯ ଅଧୀନରେ ଯଥାକ୍ରମେ ୧ମ ଅପିଲ୍ କର୍ତ୍ତୃପକ୍ଷ ଓ ୨ୟ ଅପିଲ୍ କର୍ତ୍ତୃପକ୍ଷ ବା ସୂଚନା କମିଶନଙ୍କ ନିକଟରେ ୧ମ ବା ୨ୟ ଅପିଲ୍ ଦାଖଲ। ଅଭିଯୋଗ ବା କୌଣସି ଅପିଲ୍ ଦାଖଲ ପାଇଁ କେନ୍ଦ୍ର ସରକାର କୌଣସି ଫର୍ମ କି ଫିସ୍ ବିହିତ କରିନାହାନ୍ତି। କିନ୍ତୁ ଓଡିଶା ସୂଚନା ଅଧିକାର ନିୟମାବଳୀ ଅନୁଯାୟୀ ଅଭିଯୋଗ ସକାଶେ କୌଣସି ଫର୍ମ କି ଫିସ୍‌ର ଆବଶ୍ୟକ ନଥିବା ବେଳେ, ୧ମ ଓ ୨ୟ ଅପିଲ୍ ପାଇଁ ଯଥାକ୍ରମେ ଫର୍ମ-ଡି ଓ ଫର୍ମ-ଇ ସହିତ କୋର୍ଟ ଫି ଷ୍ଟାମ୍ପସ୍ ମାଧ୍ୟମରେ ୨୦ଟଙ୍କା ଓ ୨୫ଟଙ୍କାର ଫିସ୍ ବିହିତ କରାଯାଇଛି। ବି.ପି.ଏଲ୍. ବ୍ୟକ୍ତିମାନଙ୍କୁ ଅପିଲ୍ ଫିସ୍‌ରୁ ଛାଡ କରାଯାଇଛି ***(ଓଡିଶା ନିୟମାବଳୀ ୨୦୦୫ର ନିୟମ ୭-୪)***।

- ଜନ କର୍ତ୍ତୃପକ୍ଷ ବା ପି.ଆଇ.ଓ.ଙ୍କ ଆଚରଣରେ ଯଦି ଜଣେ ନାଗରିକ କ୍ଷୁବ୍ଧ ହୁଅନ୍ତି, ତେବେ ସେ ସିଧାସଳଖ ଯଥାସ୍ଥିତି କେନ୍ଦ୍ରୀୟ ବା ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଧାରା-୧୮ ଅଧୀନରେ ଏକ ଅଭିଯୋଗ ଦାଖଲ କରିପାରନ୍ତି। ସଂପୃକ୍ତ କମିଶନ୍ ଚାହିଁଲେ ଯେ କୌଣସି ଅଭିଯୋଗ ସଂକ୍ରାନ୍ତରେ ଏକ ଅନୁସନ୍ଧାନ ଆରମ୍ଭ କରିପାରନ୍ତି ଏବଂ ଏହି ଅନୁସନ୍ଧାନ ପରିଚାଳନା କଲାବେଳେ ପ୍ରତିପକ୍ଷ ବା ସାକ୍ଷୀଙ୍କ ଉପସ୍ଥିତି ଅଥବା ସାକ୍ଷ୍ୟ ବା କୌଣସି ଦଲିଲ୍‌ର ଦାଖଲକୁ ସୁନିଶ୍ଚିତ କରିବା ପାଇଁ କମିଶନଙ୍କୁ ଦେୱାନି ଅଦାଲତର ସଂପୃକ୍ତ କ୍ଷମତାମାନ ନ୍ୟସ୍ତ କରାଯାଇଛି ***(ଧାରା ୧୮-୩)***।

- ଯେଉଁସ୍ଥଳେ ଜଣେ ବ୍ୟକ୍ତି ସୂଚନା ପାଇଁ ଦରଖାସ୍ତ କରିବାର ବିହିତ ସମୟସୀମା ଭିତରେ ଉତ୍ତର ନପାଆନ୍ତି ବା ପି.ଆଇ.ଓ.ଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୁଅନ୍ତି, ତେବେ ସେ ୩୦ଦିନ ଭିତରେ ୧ମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ୧ମ ଅପିଲ୍ କରିପାରିବେ। ୧ମ ଅପିଲ୍ କର୍ତ୍ତୃପକ୍ଷ ଚାହିଁଲେ ଉକ୍ତ ୩୦ଦିନର ସମୟସୀମା ଅତିକ୍ରାନ୍ତ ହେବାପରେ ମଧ୍ୟ ଅପିଲ୍‌କୁ ଗ୍ରହଣ କରିପାରନ୍ତି। ୧ମ ଅପିଲ୍ ଦାଖଲ ହେବା ତାରିଖର ୩୦ଦିନ ଭିତରେ, ନଚେତ୍ ସର୍ବାଧିକ ୪୫ଦିନ ଭିତରେ ଏହା ଫଇସଲା ହେବ ***(ଧାରା ୧୯-୧ ଓ ଧାରା ୧୯-୬)***।

- ଯେଉଁସ୍ଥଳେ ଜଣେ ଆବେଦକ ୧ମ ଅପିଲ୍‌ର ନିଷ୍ପତ୍ତିରେ ଅସନ୍ତୁଷ୍ଟ ହେବେ, ସେପରି ସ୍ଥଳେ ସେ ଉକ୍ତ ନିଷ୍ପତ୍ତି ଯେଉଁ ତାରିଖ ସୁଦ୍ଧା ମିଳିବା କଥା ବା ଯେଉଁ ତାରିଖରେ ମିଳିଛି, ତହିଁର ୯୦ଦିନ ଭିତରେ ସଂପୃକ୍ତ ସୂଚନା କମିଶନଙ୍କ ନିକଟରେ ୨ୟ ଅପିଲ୍ ଦାଖଲ କରିପାରିବେ। ଯଦି କମିଶନ୍ ଚାହିଁବେ, ତେବେ ସେ ଉକ୍ତ ୯୦ଦିନର ସମୟସୀମା ଅତିକ୍ରାନ୍ତ ହେବା ପରେ ମଧ୍ୟ ୨ୟ ଅପିଲ୍‌କୁ ଗ୍ରହଣ କରିପାରିବେ ***(ଧାରା ୧୯-୩)***। କିନ୍ତୁ ୧ମ ଅପିଲ୍ ଫଇସଲା ପାଇଁ ଯେମିତି ସମୟସୀମା ରହିଛି, ସେପରି କୌଣସି ସମୟସୀମା ୨ୟ ଅପିଲ୍ କ୍ଷେତ୍ରରେ ବିହିତ ହୋଇନାହିଁ।

- ଯେ କୌଣସି ଅପିଲ୍ କାର୍ଯ୍ୟବିଧିରେ ଜଣେ ଆବେଦକଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ଯେ ଯଥାର୍ଥ ଥିଲା, ତହିଁର ପ୍ରମାଣ ଭାର ସଂପୃକ୍ତ ପି.ଆଇ.ଓ.ଙ୍କ ଉପରେ ନ୍ୟସ୍ତ ରହିବ ***(ଧାରା ୧୯-୫ ଓ ଧାରା ୨୦-୧)***। ଏହି କାରଣରୁ ଉଭୟ କେନ୍ଦ୍ର ଓ ଓଡିଶା ସରକାରଙ୍କ ଦ୍ୱାରା ବିଜ୍ଞାପିତ ହୋଇଥିବା ଅପିଲ୍ କାର୍ଯ୍ୟବିଧି ନିୟମାବଳୀରେ ଅଭିଯୋଗକାରୀ କି ଅପିଲ୍‌କାରୀଙ୍କ ଉପସ୍ଥିତିକୁ ଇଚ୍ଛାଧୀନ ରଖାଯାଇଛି।

## ପ୍ରଶ୍ନ-୧୮ : ସୂଚନା କମିଶନ୍‌ମାନଙ୍କୁ ଯୋଗାଯୋଗ କରିବାର ଠିକଣା କ'ଣ ?

*କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ଠିକଣା-*

Central Information Commission,

August Kranti Bhavan, Bhikaji Cama Place, New Delhi - 110 066 &

Old JNU Campus, New Delhi - 110 067,
Email: pkp.shreyaskar@nic.in (Joint Registrar), Phone:011-26161137 Fax: 26186536
Website: http://www.cic.gov.in

*ଓଡିଶା ସୂଚନା କମିଶନ୍‌ଙ୍କ ଠିକଣା-*

Orissa Information Commission,
Block B1, Toshali Plaza, Satyanagar, Bhubaneswar-751007, Orissa
E-mail: orissasoochana@ori.nic.in, Tel: 0674-2570561, Helpline No: 18003456777
Website: http://orissasoochanacommission.nic.in

## ପ୍ରଶ୍ନ-୧୯ : ସୂଚନା କମିଶନ୍‌ଙ୍କର କି କି କ୍ଷମତା ରହିଛି ?

ଗୋଟିଏ ଅଭିଯୋଗ ବା ଅପିଲ୍ ଉପରେ ନିଷ୍ପତ୍ତି ନେବା କ୍ଷେତ୍ରରେ କମିଶନ୍ ନିମ୍ନୋକ୍ତ କ୍ଷମତାମାନ ପ୍ରୟୋଗ କରିପାରିବେ -

(ଏ) ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ଆଇନ୍‌ର ବ୍ୟବସ୍ଥାଗୁଡିକୁ ପାଳନ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇପାରିବେ, ଯଥା (୧) ଏକ ସମୁଚିତ ରୀତିରେ ସୂଚନା ଯୋଗାଇଦେବା; (୨) ଆବଶ୍ୟକ ସ୍ଥଳେ ପି.ଆଇ.ଓ.ଙ୍କୁ ଅବସ୍ଥାପନ କରିବା; (୩) କେତେକ ନିର୍ଦ୍ଦିଷ୍ଟ ଧରଣର ସୂଚନାକୁ ପ୍ରକାଶନ କରିବା; (୪) ରେକର୍ଡସମୂହକୁ ସାଇତି ରଖିବା କ୍ଷେତ୍ରରେ ଅନୁସୃତ ପଦ୍ଧତିରେ ଉନ୍ନତୀକରଣ ଘଟାଇବା; (୫) ଅଫିସରମାନଙ୍କ ପାଇଁ ସୂଚନା ଅଧିକାର ପ୍ରଶିକ୍ଷଣର ବ୍ୟବସ୍ଥା କରିବା ; ତଥା (୬) ସଂଗଠନର ବାର୍ଷିକ ରିପୋର୍ଟ ଯୋଗାଇଦେବା ;

(ବି) ସଂପୃକ୍ତ ଅଭିଯୋକ୍ତା ଯଦି କିଛି କ୍ଷତି ସହିଥାନ୍ତି, ତେବେ ତାଙ୍କୁ କ୍ଷତିପୂରଣ ପାଇଁ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇପାରିବେ ;

(ସି) ଏହି ଆଇନ୍ ଅଧୀନରେ ଥିବା ଦଣ୍ଡବ୍ୟବସ୍ଥା ଲାଗୁ କରିପାରିବେ;

(ଡି) ଏକ ଆବେଦନକୁ ଖାରଜ କରିପାରିବେ । *(ଧାରା ୧୯-୮)*।

ଏହାଛଡା, ସରକାରଙ୍କ ମନ୍ତ୍ରଣାଳୟ/ବିଭାଗଗୁଡିକରୁ ମିଳିଥିବା ତଥ୍ୟାବଳୀ ଭିତ୍ତିରେ କେନ୍ଦ୍ରୀୟ ବା ରାଜ୍ୟ କମିଶନ୍ ଯଥାସ୍ଥିତି ଜାତୀୟ ବା ରାଜ୍ୟ ସ୍ତରରେ ସୂଚନା ଅଧିକାର ଆଇନ୍‌ର ସ୍ଥିତି ବିଷୟରେ ଏକ ଚିଠା ରିପୋର୍ଟ ପ୍ରସ୍ତୁତ କରିବେ, ଯାହାକୁ ସଂପୃକ୍ତ ସରକାର ଚୂଡାନ୍ତ ରୂପ ଦେବା ପରେ ଯଥାସ୍ଥିତି ସଂସଦ ବା ରାଜ୍ୟ ଆଇନ୍‌ସଭାରେ ଉପସ୍ଥାପନ କରିବେ । ପୁଣି ଯେଉଁସ୍ଥଳେ ଏକ ଜନ କର୍ତ୍ତୃପକ୍ଷ ଆଇନ୍‌ର ଭାଷା ବା ଭାବକୁ ଉଲ୍ଲଂଘନ କରିଛନ୍ତି ବୋଲି କମିଶନ୍ ଲକ୍ଷ୍ୟ କରିବେ, ସେପରି ସ୍ଥଳେ ଉକ୍ତ ଜନ କର୍ତ୍ତୃପକ୍ଷଙ୍କୁ ଆଇନ୍‌ର ଅନୁପାଳନ ସ୍ୱାର୍ଥରେ ନିଜକୁ ସଂଶୋଧନ ପାଇଁ ପରାମର୍ଶ ଦେବେ *(ଧାରା ୨୫)*।

## ପ୍ରଶ୍ନ-୨୦ : ସୂଚନା ଅଧିକାର ଆଇନ୍ ଅଧୀନରେ କିଛି ଦଣ୍ଡ ବ୍ୟବସ୍ଥା ରହିଛି କି ?

- ହଁ । ଯେଉଁସ୍ଥଳେ କମିଶନ୍ ଗୋଟିଏ ଅଭିଯୋଗ ବା ଅପିଲ୍‌କୁ ବିଚାର କଲାବେଳେ ମନେ କରିବେ ଯେ, ସଂପୃକ୍ତ ପି.ଆଇ.ଓ. ଜାଣିଶୁଣି ଗୋଟିଏ ଦରଖାସ୍ତକୁ ଗ୍ରହଣ କରିବା ପାଇଁ ମନା କରିଛନ୍ତି ବା ବିହିତ ସମୟସୀମା ଭିତରେ ସୂଚନା ଦେଇନାହାନ୍ତି ବା ମନ୍ଦ ଉଦ୍ଦେଶ୍ୟ ରଖି ସୂଚନା ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବା ଜାଣିଶୁଣି ଅସତ୍ୟ, ଅସଂପୂର୍ଣ୍ଣ ବା ବିଭ୍ରାନ୍ତିକର ସୂଚନା ଦେଇଛନ୍ତି ବା ସଂପୃକ୍ତ ସୂଚନାକୁ ନଷ୍ଟ କରିଦେଇଛନ୍ତି ବା ସୂଚନା ହାସଲ ପ୍ରକ୍ରିୟାକୁ କୌଣସି ପ୍ରକାରେ ବାଧାଗ୍ରସ୍ତ କରିଛନ୍ତି, ତେବେ ସଂପୃକ୍ତ ଦରଖାସ୍ତଟି ଗ୍ରହଣ ହେବା ପର୍ଯ୍ୟନ୍ତ ବା ଆବେଦିତ ସୂଚନାକୁ ପ୍ରକଟନ କଲା ପର୍ଯ୍ୟନ୍ତ ପ୍ରତି ଦିନର ବିଳମ୍ବ ପାଇଁ ୨୫୦ଟଙ୍କା ହିସାବରେ ସର୍ବାଧିକ ୨୫ହଜାର ଟଙ୍କାର ଜୋରିମାନା ପି.ଆଇ.ଓ.ଙ୍କ ଉପରେ ଲାଗୁ କରିପାରିବେ *(ଧାରା ୨୦-୧)*।

- ପୁଣି ଯେଉଁସ୍ଥଳେ ଗୋଟିଏ ଅଭିଯୋଗ ବା ଅପିଲ୍‌କୁ ବିଚାର କଲାବେଳେ କମିଶନ୍ ମନେ କରିବେ ଯେ, ଜଣେ ପିଆଇଓ ସୂଚନା ପାଇଁ ଅନୁରୋଧ ଉପରେ ପଦକ୍ଷେପ ନେବାକୁ ଯାଇ ଲଗାତାର ଅଯଥାରେ ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଂଘନ କରିଚାଲିଛନ୍ତି, ସେପରି ସ୍ଥଳେ କମିଶନ୍ ସେହି ପି.ଅଇ.ଓ.ଙ୍କ ବିରୁଦ୍ଧରେ ତାଙ୍କ ପାଇଁ ପ୍ରଯୁଜ୍ୟ ଚାକିରୀ ନିୟମାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସୁପାରିଶ୍ କରିପାରିବେ ***(ଧାରା ୨୦-୨)***।

ପ୍ରତି ଅପିଲ୍ କାର୍ଯ୍ୟବିଧିରେ ପ୍ରମାଣଭାର ଅଭିଯୁକ୍ତ ପିଆଇଓଙ୍କ ଉପରେ ନ୍ୟସ୍ତ ରହିବ, କିନ୍ତୁ ତାଙ୍କ ବିରୁଦ୍ଧରେ କୌଣସି ଦଣ୍ଡବିଧାନ ଘୋଷଣା କରିବା ପୂର୍ବରୁ ତାଙ୍କର ବକ୍ତବ୍ୟ ଶୁଣାଇବା ପାଇଁ ତାଙ୍କୁ ସୁଯୋଗ ଦିଆଯିବ ***(ଧାରା ୨୦-୧ର ପରନ୍ତୁକ)***।

**ପ୍ରଶ୍ନ-୨୧ : ଯଦି କୌଣସି ସୂଚନା କମିଶନ୍‌ର୍‌ଙ୍କ ବିରୁଦ୍ଧରେ ଆପଣ ଅଭିଯୋଗ କରିବାକୁ ଚାହିଁବେ, ତେବେ କ'ଣ କରିବାକୁ ପଡବ ?**

କୌଣସି କେନ୍ଦ୍ରୀୟ ବା ରାଜ୍ୟ ସୂଚନା କମିଶନର୍‌ଙ୍କ ଅକ୍ଷମତା, ଦୁର୍ବ୍ୟବହାର, ନୈତିକ ଭ୍ରଷ୍ଟତା ବା ଦୁର୍ନୀତି ଭଳି କାରଣକୁ ଭିତ୍ତ କରି ଆପଣ ଯଦି ଅଭିଯୋଗ ଆଣିବାକୁ ଚାହୁଁଥାନ୍ତି, ତେବେ ତାହା ଯଥାସ୍ଥିତି ରାଷ୍ଟ୍ରପତି ବା ରାଜ୍ୟପାଳଙ୍କ ନିକଟରେ ଦାଖଲ ହୋଇପାରିବ । ଏପ୍ରକାର ଏକ ଅଭିଯୋଗକୁ ରାଷ୍ଟ୍ରପତି ବା ରାଜ୍ୟପାଳ ଜଣେ ସୁପ୍ରିମ୍ କୋର୍ଟର ବିଚାରପତିଙ୍କ ଦ୍ୱାରା ଅନୁସନ୍ଧାନ କରିପାରିବେ ଏବଂ ଅଭିଯୋଗଟି ଯଥାର୍ଥ ବୋଲି ପ୍ରମାଣିତ ହେଲେ ସେ ସଂପୃକ୍ତ ସୂଚନା କମିଶନର୍‌ଙ୍କୁ ବହିଷ୍କାର କରିପାରିବେ । ଅନ୍ୟଥା, ଯଦି ରାଜ୍ୟପାଳ ନିଜେ ଅଭିଯୋଗଟିକୁ ଆପାତ ସତ୍ୟ ବୋଲି ମନେ କରନ୍ତି, ତେବେ ସେ ସିଧାସଳଖ ସଂପୃକ୍ତ କମିଶନର୍‌ଙ୍କ ବିରୁଦ୍ଧରେ ନିଲମ୍ବନ ବା ବହିଷ୍କାର ଆଦେଶ ଦେଇପାରିବେ ।***(ଆଇନ୍‌ର ଧାରା ୧୪ ଓ ୧୭)***।

**ପ୍ରଶ୍ନ-୨୨ : ସୂଚନା ଅଧିକାର ଆଇନ୍ ପରିପ୍ରେକ୍ଷୀରେ ସମୁଚିତ ସରକାରଙ୍କର କି କି ଉତ୍ତରଦାୟିତ୍ୱ ରହିଛି ?**

ଏହି ଆଇନ୍‌ର ଯଥୋଚିତ କାର୍ଯ୍ୟାନ୍ୱୟନ ତଥା ବ୍ୟାପକ ପ୍ରସାରଣକୁ ସୁନିଶ୍ଚିତ କରିବା ପାଇଁ ଯଥାସ୍ଥିତି କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଉପରେ ବିଭିନ୍ନ ଦାୟିତ୍ୱମାନ ନ୍ୟସ୍ତ କରାଯାଇଛି । ସର୍ବସାଧାରଣ, ବିଶେଷ କରି ଅନଗ୍ରସର ଜନଗୋଷ୍ଠୀସମୂହ ଏହି ଆଇନ୍ ଅଧୀନସ୍ଥ ଅଧିକାରଗୁଡ଼ିକୁ ଯେପରି ପ୍ରୟୋଗ କରିପାରିବେ, ସେଥିପାଇଁ ସେମାନଙ୍କ ଭିତରେ ସମର୍ଥତା ସୃଷ୍ଟି କରିବା ପାଇଁ ବିଭିନ୍ନ ଶୈକ୍ଷଣିକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ପ୍ରଶିକ୍ଷଣ ଓ ମନୋଭାବର ସଂସ୍କାର ଜରିଆରେ ଜନ କର୍ତ୍ତୃପକ୍ଷମାନଙ୍କୁ କ୍ରିୟାଶୀଳ କରାଇବା ତଥା ସାଧାରଣ ନାଗରିକ ପାଇଁ ଉପଯୋଗୀ ହେଲାଭଳି ସରକାରୀ ଭାଷାରେ ଏକ ସାମଗ୍ରୀକ ଓ ବୋଧଗମ୍ୟ ମାର୍ଗଦର୍ଶୀକା ପ୍ରକାଶ କରିବା ତଥା ଏହାକୁ ମଝିରେ ମଝିରେ ଅଦ୍ୟତନ କରିବା ଜରୁରୀ ଅଟେ । ଉକ୍ତ ମାର୍ଗଦର୍ଶୀକାରେ ନାଗରିକମାନଙ୍କ ପାଇଁ ଏହିସବୁ ଜରୁରୀ ସୂଚନା ରହିବ, ଯଥା ପିଆଇଓ ମାନଙ୍କ ଠିକଣା, ସୂଚନା ହାସଲ କରିବାର ପଦ୍ଧତି, ପିଆଇଓ ଏବଂ ସହକାରୀ ପିଆଇଓ ମାନଙ୍କ ଠାରୁ ପ୍ରାପ୍ୟ ସହାୟତା, ଅପିଲ୍ ପଦ୍ଧତି, ଧାରା-୪ ଅଧୀନରେ ପ୍ରକାଶିତ ସ୍ୱୟଂପ୍ରକଟନୀୟ ସୂଚନାବଳୀ, ବିଭିନ୍ନ ଫିସ୍‌ର ପରିମାଣ ଓ ଦାଖଲ ପଦ୍ଧତି ତଥା ଆଇନ୍ ଅଧିନରେ ସୂଚନାସମୂହର ହାସଲକୁ ସୁଗମ ଓ ସହଜ କରିବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ପ୍ରସାରିତ ହୋଇଥିବା ନିର୍ଦ୍ଦେଶାବଳୀ । ***(ଆଇନ୍‌ର ଧାରା-୨୬)*** ।

**ପ୍ରଶ୍ନ-୨୩: ସୂଚନା ଅଧିକାର ଆଇନ୍ ପରିପ୍ରେକ୍ଷୀରେ କେଉଁସବୁ ଦଲିଲ୍ ଗୁରୁତ୍ୱପୂର୍ଣ୍ଣ ?**

ସୂଚନା ଅଧିକାର ଆଇନ୍ ୨୦୦୫ ହେଉଛି ସମ୍ବିଧାନର କେନ୍ଦ୍ରୀୟ ତାଲିକା ଅଧୀନସ୍ଥ ଏକ ଆଇନ୍, ଯାହାର ***ଧାରା-୨୨*** ଅନୁଯାୟୀ ଅନ୍ୟସବୁ କେନ୍ଦ୍ରୀୟ ବା ରାଜ୍ୟ ବିଧି-ବିଧାନ ଉପରେ ଅତିକ୍ରମଣ ପ୍ରଭାବ ରହିଛି । ଏହାର ***ଧାରା-୨୭*** ଅନୁଯାୟୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁସବୁ ବିଷୟରେ ନିୟମାବଳୀ ପ୍ରଣୟନ କରିବେ ସେଗୁଡ଼ିକ ମୂଳ ଆଇନ୍‌ର ଭାଷା ଓ ଭାବ ସହିତ ସଂଗତିଶୀଳ ହେବା କଥା ଏବଂ ସେଗୁଡ଼ିକର ଅନୁଧ୍ୟାନ ଜରୁରୀ । ଏହାଛଡା ଆଇନ୍‌ର ***ଧାରା-୩୦(୧)*** ଅନୁଯାୟୀ ଆଇନ୍‌ର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଉପୁଜୁଥିବା ଅସୁବିଧା ଦୂରୀକରଣର କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି ଏବଂ ତଦନୁଯାୟୀ ଆଇନ୍‌ର ସଂଯୋଜକ ସଂସ୍ଥା ଭାବେ କେନ୍ଦ୍ର ସରକାରଙ୍କ କର୍ମନିୟୋଜନ, ପେନସନ୍ ଓ ସର୍ବସାଧାରଣ ଅଭିଯୋଗ ମନ୍ତ୍ରଣାଳୟ ନିୟମାବଳୀ ଛଡା ଆହୁରି କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି, ଯେଉଁଗୁଡ଼ିକ ଆର୍.ଟି.ଆଇ. ପୋର୍ଟାଲ୍ (http://rti.gov.in) ରେ ଉପଲବ୍ଧ । ଓଡିଶା ସରକାରଙ୍କ ସଂଯୋଜକ ସଂସ୍ଥା ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ମଧ୍ୟ 'ଲୋକସୂଚନା' (http://www.rtiorissa.gov.in) ନାମରେ ଏକ ପୋର୍ଟାଲ୍ ପ୍ରତିଷ୍ଠା କରାଯାଇଛି, ଯେଉଁଥିରେ ଓଡିଶା ସରକାର ଜାରିକରିଥିବା ନିୟମାବଳୀ ସହିତ ବିଭିନ୍ନ ନିର୍ଦ୍ଦେଶାବଳୀ ସ୍ଥାନିତ ହୋଇଛି । ସୁତରାଂ ସୂଚନା ଅଧିକାର ଆଇନ୍‌ର ସଠିକ୍ ଓ ସଫଳ ପ୍ରୟୋଗ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ତରଫରୁ ପ୍ରଚଳିତ ହୋଇଥିବା ଏହି ସମସ୍ତ ସୂଚନା ଉତ୍ସଗୁଡ଼ିକୁ ଅନୁଧାବନ କରିବାକୁ ପଡିବ ।

*ସଂଶ୍ଳିଷ୍ଟ ନଥି-୧: ଫିସ୍*

## ସୂଚନା ଅଧିକାର ଆଇନ୍ ୨୦୦୫ ଅଧୀନରେ କେନ୍ଦ୍ର ଓ ଓଡିଶା ସରକାରଙ୍କ ଦ୍ୱାରା ବିହିତ ଫିସ୍ ଓ ଦାଖଲ ପଦ୍ଧତି - ଏକ ତୁଳନାତ୍ମକ ସାରଣୀ

| *ଫିସ୍ ନାମ* | *କେନ୍ଦ୍ର ସରକାର* | *ଓଡିଶା ସରକାର* |
|---|---|---|
| ଦରଖାସ୍ତ | ଟ ୧୦/- ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ଟ ୧୦/- ନଗଦ ଅର୍ଥ, ବା ଟ୍ରେଜେରି ଚାଲାଣ ଜରିଆରେ |
| ସୂଚନାର ମୂଲ୍ୟ (ଏ-୪ ବା ଏ-୩ କାଗଜ ଫର୍ଦ୍ଦ) | ଟ ୨/- ପ୍ରତି ଫର୍ଦ୍ଦ, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ଟ ୨/- ପ୍ରତି ଫର୍ଦ୍ଦ, କେବଳ ନଗଦ ଅର୍ଥ ଜରିଆରେ |
| ସୂଚନାର ମୂଲ୍ୟ (ଉକ୍ତ ସାଇଜ୍ ଠାରୁ ଉର୍ଦ୍ଧ୍ୱ କାଗଜ ଫର୍ଦ୍ଦ) | ପ୍ରତି ଫର୍ଦ୍ଦର ପ୍ରକୃତ ପ୍ରସ୍ତୁତି ମୂଲ୍ୟ, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ପ୍ରତି ଫର୍ଦ୍ଦର ପ୍ରକୃତ ପ୍ରସ୍ତୁତି ମୂଲ୍ୟ, କେବଳ ନଗଦ ଅର୍ଥ ଜରିଆରେ |
| ସୂଚନାର ମୂଲ୍ୟ (ମାଧ୍ୟମ ବା ମିଡିୟମ୍ ) | ଟ ୫୦/- ପ୍ରତି ସିଡି ପାଇଁ, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ଟ ୫୦/- ପ୍ରତି ସିଡି ପାଇଁ, କେବଳ ନଗଦ ଅର୍ଥ ଜରିଆରେ |
| ସୂଚନା ନିରୀକ୍ଷଣ (ଇନ୍‌ସ୍ପେକ୍ସନ୍) ର ମୂଲ୍ୟ | ପ୍ରଥମ ଘଣ୍ଟା ମାଗଣା, ଏବଂ ପରବର୍ତ୍ତୀ ଘଣ୍ଟା ବା ତହିଁର ଏକାଂଶ ପାଇଁ ମାତ୍ର ଟ୫/-, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ପ୍ରଥମ ଘଣ୍ଟା ମାଗଣା, ଏବଂ ପରବର୍ତ୍ତୀ ପ୍ରତି ୧୫ ମିନିଟ୍ ବା ତହିଁର ଏକାଂଶ ପାଇଁ ଟ୫/-, କେବଳ ନଗଦ ଅର୍ଥ ଜରିଆରେ |
| ନମୁନା ବା ମଡେଲ୍‌ର ମୂଲ୍ୟ | ଏହାର ପ୍ରକୃତ ପ୍ରସ୍ତୁତି ମୂଲ୍ୟ, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ଏହାର ପ୍ରକୃତ ପ୍ରସ୍ତୁତି ମୂଲ୍ୟ, କେବଳ ନଗଦ ଅର୍ଥ ଜରିଆରେ |
| ମୁଦ୍ରିତ ପ୍ରକାଶନ | ପ୍ରକାଶିତ ମୂଲ୍ୟ, ଅଥବା ପ୍ରତି ପୃଷ୍ଠାର ଜେରକ୍ସ ପାଇଁ ଟ୨/-, ନଗଦ ଅର୍ଥ ବା ଡିମାଣ୍ଡ ଡ୍ରାଫ୍ଟ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର୍ ଜରିଆରେ | ପ୍ରକାଶିତ ମୂଲ୍ୟ, କେବଳ ନଗଦ ଅର୍ଥ ଜରିଆରେ |
| ପ୍ରଥମ ଅପିଲ୍ | କିଛି ନାହିଁ | ଟ୨୦/-, କେବଳ କୋର୍ଟ ଫି ଷ୍ଟାମ୍ପ ଜରିଆରେ |
| ଦ୍ୱିତୀୟ ଅପିଲ୍ | କିଛି ନାହିଁ | ଟ୨୦/-, କେବଳ କୋର୍ଟ ଫି ଷ୍ଟାମ୍ପ ଜରିଆରେ |

***ବି.ଦ୍ର. ଆଇନ୍‌ର ଧାରା ୭-୫ ଅନୁଯାୟୀ କେନ୍ଦ୍ର ସରକାରଙ୍କ ପ୍ରତି ଜନ କର୍ତ୍ତୃପକ୍ଷ କ୍ଷେତ୍ରରେ ବି.ପି.ଏଲ୍. ବ୍ୟକ୍ତିମାନଙ୍କ ପାଇଁ ଦରଖାସ୍ତ ଫିସ୍ ଓ ସମସ୍ତ ପ୍ରକାର ସୂଚନା ଫିସ୍ ଛାଡ କରାଯାଇଥିବା ବେଳେ ଓଡିଶା ସୂଚନା ଅଧିକାର ନିୟମାବଳୀ-୨୦୦୫ ଅଧୀନରେ ସେମାନଙ୍କ ପାଇଁ କେବଳ ଦରଖାସ୍ତ ଓ ଉଭୟ ଅପିଲ୍ ଫିସ୍ ଛାଡ କରାଯାଇଛି ।***

# ସଂଶୋଧିତ ଆବେଦନ ଫର୍ମର ନମୂନା

## ଫର୍ମ - କ

[ସୂଚନା ଅଧିକାର ଅଧିନିୟମ - ୨୦୦୫ର ଧାରା ୬ (୧) ଅନୁଯାୟୀ ସୂଚନା ପ୍ରାପ୍ତି ନିମନ୍ତେ ଆବେଦନପତ୍ର]

ପ୍ରାପ୍ତେଷୁ,

ଲୋକସୂଚନା ଅଧିକାରୀ

(କାର୍ଯ୍ୟାଳୟର ନାମ ଓ ଠିକଣା)

୧. ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ନାମ :

୨. ପିତା / ସ୍ୱାମୀଙ୍କ ନାମ :

୩. ସ୍ଥାୟୀ ଠିକଣା :

୪. ଆବେଦନକାରୀଙ୍କ ପରିଚୟ ସମ୍ପର୍କୀତ ପ୍ରମାଣପତ୍ର :

୫. ଆବଶ୍ୟକ ସୂଚନାର ବିଶଦ ବିବରଣୀ :

(କ) ସୂଚନାର ବିଷୟବସ୍ତୁ :

(ଖ) ଜାଣିବାକୁ ଚାହୁଁଥିବା ସୂଚନାଟି କେଉଁ ସମୟର :

(ଗ) ଜାଣିବାକୁ ଚାହୁଁଥିବା ନିର୍ଦ୍ଦିଷ୍ଟ ସୂଚନାର ବିବରଣୀ :

(ଘ) ସୂଚନାଟି ଆପଣ ବ୍ୟକ୍ତିଗତ ଭାବେ କିମ୍ବା ଡାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ନେବାକୁ ଚାହାନ୍ତି :

(ଡାକ ଦ୍ୱାରା ନେଲେ, ଏହି ଖର୍ଚ୍ଚ ଆପଣଙ୍କ ବହନ କରିବାକୁ ହେବ)

(ଙ) ଯଦି ଡାକ ଦ୍ୱାରା ନେବେ

(ସାଧାରଣ ଡାକ, ରେଜିଷ୍ଟାରଡ୍ ପୋଷ୍ଟ, ସ୍ପିଡ୍‌ପୋଷ୍ଟ)

୬. ସୂଚନାଟି ପଠାଇବାର ଠିକଣା / ଇ-ମେଲ ପରିଚୟ

ଏବଂ ଏହା କେଉଁ ପଦ୍ଧତିରେ ପ୍ରେରଣ କରାଯିବ ?

୭. ପୂର୍ବରୁ ଏହି ସୂଚନାଟି ପ୍ରଦାନ କରାଯାଇଛି କି ?

୮. ଏହି ସୂଚନାଟି ସମ୍ପୃକ୍ତ ସରକାରୀ କାର୍ଯ୍ୟାଳୟରେ ସାଧାରଣଭାବେ ଉପଲବ୍ଧ ହେଉନାହିଁ କି ?

୯. ଆବଶ୍ୟକ ଦେୟ ପ୍ରଦାନ କରିବାକୁ ଆପଣ ପ୍ରସ୍ତୁତ କି ?

୧୦. ଆବେଦନ କରିବା ପାଇଁ ଆବଶ୍ୟକ ଦେୟ ଆପଣ ପ୍ରଦାନ କରିଛନ୍ତି କି ?

(ଯଦି ହଁ, ତେବେ ଦାଖଲ ସମ୍ପର୍କୀୟ ବିଶଦ ବିବରଣୀ ଦିଅନ୍ତୁ)

୧୧. ଆପଣ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବର୍ଗର ଅନ୍ତର୍ଭୁକ୍ତ କି ?

(ଯଦି ହଁ, ତେବେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରନ୍ତୁ)

ସ୍ଥାନ: ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର

ତାରିଖ : ଓ ଠିକଣା

---

### ଲୋକ ସୂଚନା ଅଧିକାରୀଙ୍କ କାର୍ଯ୍ୟାଳୟ

ଶ୍ରୀ / ଶ୍ରୀମତୀ / ସୁଶ୍ରୀ ------------------------------------------------------------

ଠିକଣା ------------------------------------------------------------

ତାରଖ ----------------------------------------ଙ୍କ ଠାରୁ ସୂଚନା ପ୍ରଦାନ ନିମନ୍ତେ ଆବେଦନ ପତ୍ର ପ୍ରାପ୍ତି ସ୍ୱୀକାର କଲୁ ।

ସ୍ଥାନ: ଲୋକ ସୂଚନା ଅଧିକାରୀଙ୍କ ସମ୍ପୂର୍ଣ୍ଣ ନାମ

ତାରିଖ : ପଦବୀ ଏବଂ ମୋହର

(Reproduced from Govt. of Orissa Advertisement in Bikash Barta 11 July 2006)

*ସଂଶ୍ଲିଷ୍ଟ ନଥି-୩ : ଫର୍ମ- ଡି*

## ଫର୍ମ 'ଘ' [ ନିୟମ 7 (1) ଦ୍ରଷ୍ଟବ୍ୟ ]

## ଅଧିନିୟମର ଧାରା 19(1) ଅନୁଯାୟୀ, ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ କରିବା ନିମନ୍ତେ ସ୍ମାରକପତ୍ରର ଫର୍ମ

ପ୍ରେରକ : (ଦରଖାସ୍ତକାରୀଙ୍କ ନାମ ଏବଂ ଠିକଣା)

ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ସମକ୍ଷରେ

(୧) ଦରଖାସ୍ତକାରୀଙ୍କ ସମ୍ପୂର୍ଣ୍ଣ ନାମ :

(୨) ଠିକଣା :

(୩) ଲୋକସୂଚନା ଅଧିକାରୀଙ୍କ ସବିଶେଷ ବିବରଣ :

(୪) ଯେଉଁ ଆଦେଶ ବିରୁଦ୍ଧରେ ଅପିଲ୍ କରାଯାଉଛି, ସେହି ଆଦେଶର ପ୍ରାପ୍ତି ତାରିଖ :

(୫) ଅପିଲ୍ କରିବାର ଶେଷ ତାରିଖ :

(୬) ସୂଚନାର ସବିଶେଷ ବିବରଣୀ :

(କ) ଆବଶ୍ୟକ ସୂଚନାର ସ୍ୱରୂପ ଓ ବିଷୟବସ୍ତୁ :

(ଖ) ସୂଚନାଟି କେଉଁ କାର୍ଯ୍ୟାଳୟ ବା ବିଭାଗ ସହିତ ସମ୍ପର୍କିତ, ତାହାର ନାମ :

(୭) ଅପିଲ୍ କରିବାର କାରଣ :

(ଯେଦି ଅନ୍ୟ କୌଣସି ବିଷୟ ଉଲ୍ଲେଖ କରିବାର ଥାଏ, ତବେ ଅନ୍ୟ ଏକ କାଗଜରେ ଲେଖି ସଂଯୋଗ କରନ୍ତୁ ।)

**ସତ୍ୟାପନ**

ମୁଁ ..................................... (ଆବେଦନକାରୀଙ୍କ ଙ୍କ ନାମ) ପିତା/ସ୍ୱାମୀ ଶ୍ରୀ ................................................... ଏତଦ୍ୱାରା ଘୋଷଣା କରୁଅଛି ଯେ, ଅପିଲ୍‌ରେ ଦିଆଯାଇଥିବା ସମସ୍ତ ବିବରଣୀ, ମୋର ସର୍ବୋତ୍ତମ ଜ୍ଞାନ ଏବଂ ବିଶ୍ୱାସ ମତେ ସତ୍ୟ ଏବଂ ମୁଁ କୌଣସି ବିଷୟଗତ ସତ୍ୟାସତ୍ୟ ଲୁଚାଇ ନାହିଁ।

**ଅପିଲକାରୀଙ୍କ ସ୍ୱାକ୍ଷର**

ସ୍ଥାନ :

ତାରିଖ :

ପ୍ରାପକ,

**ଅପିଲ୍ କର୍ତ୍ତୃପକ୍ଷଙ୍କ ନାମ ଓ ଠିକଣା . . . . . . . . . .**

*ସଂଶ୍ଲିଷ୍ଟ ନଥି-୪: ଫର୍ମ- ଇ*

## ଫର୍ମ 'ଙ' [ ନିୟମ 7(3) ଦ୍ରଷ୍ଟବ୍ୟ ]

## ଅଧିନିୟମର ଧାରା 19(3) ଅନୁଯାୟୀ ଦ୍ୱିତୀୟ ଅପିଲ୍

ପ୍ରେରକ : (ଆବେଦନକାରୀଙ୍କ ନାମ ଏବଂ ଠିକଣା)

ପ୍ରାପକ: (ରାଜ୍ୟ ସୂଚନା ଆୟୋଗ)

୧. ଦରଖାସ୍ତକାରୀଙ୍କ ସମ୍ପୂର୍ଣ୍ଣ ନାମ :

୨. ଠିକଣା :

୩. ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ସବିଶେଷ ବିବରଣୀ :

୪. ଯେଉଁ ଆଦେଶ ବିରୁଦ୍ଧରେ ଅପିଲ୍ କରାଯାଇଛି, ସେହି ଆଦେଶପ୍ରାପ୍ତିର ତାରିଖ :

୫. ଅପିଲ୍ କରିବାର ଶେଷ ତାରିଖ :

୬. ସୂଚନାର ସବିଶେଷ ବିବରଣୀ :

(କ) ଆବଶ୍ୟକ ସୂଚନାର ସ୍ୱରୂପ ଓ ବିଷୟବସ୍ତୁ :

(ଖ) ସୂଚନାଟି ଯେଉଁ କାର୍ଯ୍ୟାଳୟ ବା ବିଭାଗ ସହିତ ସମ୍ପର୍କିତ ତାହାର ନାମ :

୭. ଅପିଲ୍ କରିବାର କାରଣ :

(ଅନ୍ୟାନ୍ୟ ବିଷୟ, ଏକ ପୃଥକ୍ କାଗଜରେ ଲେଖି ସଂଯୋଗ କରନ୍ତୁ)

**ସତ୍ୟାପନ**

ମୁଁ ....................................... (ଆବେଦନକାରୀଙ୍କ ଙ୍କ ନାମ) ପିତା/ସ୍ୱାମୀ ଶ୍ରୀ ........................................ ଏତଦ୍ୱାରା ଘୋଷଣା କରୁଅଛି ଯେ, ଅପିଲ୍‌ରେ ଦିଆଯାଇଥିବା ସମସ୍ତ ବିବରଣୀ, ମୋର ସର୍ବୋତ୍ତମ ଜ୍ଞାନ ଏବଂ ବିଶ୍ୱାସ ମତେ ସତ୍ୟ ଏବଂ ମୁଁ କୌଣସି ବିଷୟଗତ ସତ୍ୟାସତ୍ୟ ଲୁଚାଇ ନାହିଁ।

**ଅପିଲକାରୀଙ୍କ ସ୍ୱାକ୍ଷର**

ସ୍ଥାନ :

ତାରିଖ :

ପ୍ରାପକ,

**ଓଡ଼ିଶା ରାଜ୍ୟ ସୂଚନା ଆୟୋଗ . . . . . .**

## ୧୮: ଓଡିଶାରେ ଲଘୁ ବନଜାତ ସାମଗ୍ରୀ କ୍ଷେତ୍ରରେ ଗ୍ରା.ପ.ର ଭୂମିକା

ସମ୍ବିଧାନର ୭୩ତମ ସଂଶୋଧନ ଫଳରେ ପ୍ରଣୀତ ହୋଇଥିବା ଏକାଦଶ ସାରଣୀରେ ଯେଉଁ ୨୯ଟି ବିଷୟ ପଞ୍ଚାୟତର ନିୟନ୍ତ୍ରଣାଧୀନ ରହିବ ବୋଲି ଧାର୍ଯ୍ୟ କରାଗଲା, ତହିଁର ସପ୍ତମ ବିନ୍ଦୁରେ ରହିଛି, ଲଘୁ ବନଜାତ ସାମଗ୍ରୀ । ଏହାଛଡା ଓଡିଶା ଗ୍ରା.ପ.ଆଇନ୍ ୧୯୬୪ର ଧାରା-୪୪(ପଞ୍ଚାୟତର ଅବଶ୍ୟ-ପାଳନୀୟ ଦାୟିତ୍ୱସମୂହ)ର ଉପଧାରା (୧)ରେ ଲଘୁ ବନଜାତ ସାମଗ୍ରୀ ଗ୍ରାମପଂଚାୟତର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ରହିବ ବୋଲି କୁହାଯାଇଛି । ପୁଣି ଉପଧାରା (୨)ରେ କୁହାଯାଇଛି ଯେ, ୫ମ ଅନୁସୂଚୀ ଅଞ୍ଚଳରେ ଲଘୁ ବନଜାତ ସାମଗ୍ରୀର ମାଲିକାନା ଗ୍ରାମଶାସନର ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ ରହିବ । ଏହି ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅଣକାଷ୍ଠ ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଏବଂ ବ୍ୟବସାୟ ଉପରେ ଏକ ପ୍ରସ୍ତାବ ବିଜ୍ଞପ୍ତି ସଂଖ୍ୟା ୫୫୦୩/ଏଫ୍. ଆଣ୍ଡ ଇ. ତାରିଖ ୩୧ ମାର୍ଚ୍ଚ ୨୦୦୦ରେ ଘୋଷଣା କରିଥିଲେ, ଯାହାବଳରେ ପ୍ରଥମ ଥର ପାଇଁ ରାଜ୍ୟ ସରକାର ଲଘୁବନଜାତ ସାମଗ୍ରୀର ମାଲିକାନା ଜଙ୍ଗଲ ବିଭାଗ ଅଧୀନରେ ନରହି ଗ୍ରାମ ପଞ୍ଚାୟତ ଅଧୀନରେ ରହିବାର ନୀତିକୁ ସ୍ୱୀକୃତି ଦେଲେ । ଏହାପରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ବିଜ୍ଞପ୍ତି ସଂଖ୍ୟା ଏଲ୍.ଏସ୍.-୩-୪୧/୨୦୦୦ ତାରିଖ ୨୬.୫.୨୦୦୦ ବଳରେ ଏକ ଆଦେଶ ଜାରିକଲେ, ଯାହା ଅନୁଯାୟୀ ଲଘୁ ବନଜାତ ସାମଗ୍ରୀର ବେପାର କରିବାକୁ ଆଗ୍ରହୀ ଯେ କୌଣସି ବ୍ୟବସାୟୀ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ ନିକଟରେ ନିଜକୁ ପଂଜିକରଣ କରିବା ପାଇଁ ଉଦ୍ଦିଷ୍ଟ ଫିସ୍ ସହିତ ଏକ ବିହିତ ଫର୍ମରେ ଆବେଦନ କରିବା ପାଇଁ କୁହାଗଲା । ଏଥିରେ ପୁଣି କୁହାଗଲା ଯେ, ଯଦି କୌଣସି ବ୍ୟବସାୟୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ସ୍ଥାନୀୟ ଅଧିବାସୀଙ୍କ ଠାରୁ ଲଘୁ ବନଜାତ ସାମଗ୍ରୀ ସଂଗ୍ରହ କରୁଥିବାର ପ୍ରମାଣ ମିଳେ ତେବେ ଗ୍ରାମପଞ୍ଚାୟତ ତାଙ୍କର ପଂଜିକରଣକୁ ରଦ୍ଦ କରିଦେଇ ପାରିବେ । ଏହାପରେ ପୁଣି ୧୫ ନଭେମ୍ବର ୨୦୦୨ରେ ରାଜ୍ୟ ଗେଜେଟ୍‌ରେ ଜାରି ହେଲା ଏକ ବିଜ୍ଞପ୍ତି (ସଂଖ୍ୟା ୨୦୯୧), ଓଡିଶା ଗ୍ରାମ ପଞ୍ଚାୟତ (ଲଘୁ ବନଜାତ ସାମଗ୍ରୀ ପ୍ରଶାସନ) ନିୟମାବଳୀ ୨୦୦୨, ଯାହା ଅନୁଯାୟୀ ବର୍ତ୍ତମାନ ଉଭୟ ଅନୁସୂଚୀତ ଓ ଅଣ-ଅନୁସୂଚୀତ ଅଞ୍ଚଳରେ ଗୋଟିଏ ଗ୍ରାମପଞ୍ଚାୟତର ଇଲାକା ମଧ୍ୟରେ ଥିବା ୬୮ଗୋଟି ଲଘୁବନଜାତ ସାମଗ୍ରୀର ନିୟନ୍ତ୍ରଣ ସଂପୃକ୍ତ ଗ୍ରାମପଞ୍ଚାୟତକୁ ନ୍ୟସ୍ତ କରାଯାଇଛି ।

### ଓଡିଶା ଗ୍ରାମପଞ୍ଚାୟତ (ଲଘୁ ବନଜାତ ସାମଗ୍ରୀ ପ୍ରଶାସନ) ନିୟମାବଳୀ ୨୦୦୨

ଏହି ନିୟମାବଳୀ ଅନୁଯାୟୀ ଗ୍ରାମର ପରିସୀମା ଭିତରେ ଥିବା ସରକାରୀ ଜମି ବା ଜଙ୍ଗଲ ଜମିରୁ ତଥା ସଂରକ୍ଷିତ ଜଙ୍ଗଲରୁ ଗ୍ରାମବାସୀମାନେ ସଂଗ୍ରହ କରୁଥିବା ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଏବଂ ବ୍ୟବସାୟ ଉପରେ ଗ୍ରାମପଞ୍ଚାୟତର ନିୟନ୍ତ୍ରଣ ରହିବ । ଏହିସବୁ ସାମଗ୍ରୀକୁ ପ୍ରାଥମିକ ସଂଗ୍ରହକର୍ତ୍ତାମାନଙ୍କ ଠାରୁ କିଣିବା ତଥା ଗ୍ରାମପଞ୍ଚାୟତର ଇଲାକା ମଧ୍ୟରେ ବିକିବା ପାଇଁ ଲାଇସେନ୍ସ ସକାଶେ ଜଣେ ଆଗ୍ରହୀ ବ୍ୟକ୍ତିଙ୍କୁ ଗ୍ରାମପଞ୍ଚାୟତ ନିକଟରେ ପଞ୍ଜିକରଣ କରିବାକୁ ପଡିବ । ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନ୍ତରରେ ବିଜ୍ଞପ୍ତି କରାଯାଉଥିବା ପଞ୍ଜିକରଣ ଫିସ୍ ଦାଖଲ କରି ଦରଖାସ୍ତ କରିବାକୁ ପଡିବ । ଉକ୍ତ ନିୟମାବଳୀର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା-

- ବନ ସୁରକ୍ଷା ସମିତି ଏବଂ ଏହାର ସଭ୍ୟସଭ୍ୟାମାନଙ୍କୁ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ।
- ପଞ୍ଚାୟତ ସମିତି ଦ୍ୱାରା ପ୍ରତିବର୍ଷ ସେପ୍‌ଟେମ୍ବର ମାସରେ ବିଭିନ୍ନ ଲଘୁ ବନଜାତ ସାମଗ୍ରୀର ନ୍ୟୁନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରାଯିବ ଏବଂ ଏହି ସୂଚନା ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟାଳୟ ତଥା ସଂପୃକ୍ତ ସମସ୍ତ ଗ୍ରା.ପ.ଗୁଡିକୁ ପଠାଯିବ ।
- ସ୍ଥାନୀୟ ଆବଶ୍ୟକତାକୁ ଭିତ୍ତି କରି ନ୍ୟୁନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରାଯିବ ଏବଂ ଗ୍ରାମସଭା ଏହାକୁ ଅନୁମୋଦନ କରିବ ।
- ଯଦି ଗୋଟିଏ ପଞ୍ଚାୟତ ସମିତି ନ୍ୟୁନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଫଳ ହୁଏ ତେବେ ସଂପୃକ୍ତ ଜିଲ୍ଲାପାଳ ଅକ୍ଟୋବର ମାସରେ ପଞ୍ଚାୟତ ସମିତିର ଏକ ବୈଠକ ଡକାଇ ଏହାକୁ ନିର୍ଦ୍ଧାରଣ କରିବେ ।
- ପଂଜିକୃତ ବ୍ୟବସାୟୀ ପ୍ରତି ମାସରେ ଏବଂ ବର୍ଷରେ ଥରେ ବିହିତ ଫର୍ମରେ ସଂଗ୍ରହ ଓ ବିକ୍ରୀର ବିବରଣୀ ଦାଖଲ କରିବେ ।
- ଗ୍ରାମ ପଞ୍ଚାୟତ ବର୍ଷକୁ ଥରେ ଜଙ୍ଗଲ ବିଭାଗର ଉପଖଣ୍ଡ (ରେଞ୍ଜ) ଅଧିକାରୀଙ୍କ ନିକଟକୁ ସଂଗ୍ରହ ଏବଂ ବ୍ୟବସାୟର ବିବରଣୀ ଦାଖଲ କରିବେ ।
- ଯଦି କୌଣସି ପଂଜିକୃତ ବ୍ୟବସାୟୀ ପ୍ରାଥମିକ ସଂଗ୍ରହକର୍ତ୍ତାଙ୍କୁ ନିର୍ଦ୍ଧାରିତ ହୋଇଥିବା ନ୍ୟୁନତମ ମୂଲ୍ୟ ଦେବାର ନିୟମକୁ ଉଲ୍ଲଂଘନ କରନ୍ତି ତେବେ ଏ ବିଷୟରେ ସରପଞ୍ଚ ତଦନ୍ତ କଲାପରେ ଗ୍ରା.ପ.ର ବୈଠକ ବସି ଉକ୍ତ ବ୍ୟବସାୟୀଙ୍କର ପଞ୍ଜିକରଣକୁ ରଦ୍ଦ କରିବା ପାଇଁ ନିଷ୍ପତ୍ତି ନେଇ ପାରନ୍ତି । ପଞ୍ଜିକରଣ ରଦ୍ଦ ହେବା ସତ୍ତ୍ୱେ ଯଦି ଉକ୍ତ ବ୍ୟବସାୟୀ ପୁଣି ଗ୍ରା.ପ. ଇଲାକା ଭିତରେ ନିଜର କାରବାର ଚଳାଇ ରଖନ୍ତି, ତେବେ ସରପଞ୍ଚ ଓ ସଂପାଦକ ଏ ବିଷୟରେ ଏକ ଅଭିଯୋଗ ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.)ଙ୍କୁ ଦାଖଲ କରିବେ । ଡି.ଏଫ୍.ଓ. ଉକ୍ତ ବ୍ୟବସାୟୀଙ୍କ ନିୟନ୍ତ୍ରଣରେ ଥିବା ସମସ୍ତ ଲଘୁ ବନଜାତ ସାମଗ୍ରୀକୁ ଜବତ କରିବେ ଏବଂ ସର୍ବସାଧାରଣରେ ନିଲାମ କରିବେ । ନିଲାମରୁ ମିଳିଥିବା ଅର୍ଥକୁ ଜଙ୍ଗଲ ଆଇନ୍ ଅନୁଯାୟୀ ଉପଯୁକ୍ତ ହିସାବ-ଶୀର୍ଷକ ଅଧୀନରେ ଜମା ଦିଆଯିବ ।

- ଯଦି କୌଣସି ବ୍ୟବସାୟୀ ନିଜକୁ ଗ୍ରା.ପ. ନିକଟରେ ପଞ୍ଜିକରଣ ନକରି ଗ୍ରା.ପ. ଇଲାକା ଭିତରେ ଲଘୁ ବନଜାତ ସାମଗ୍ରୀର ବ୍ୟବସାୟ କରୁଥାନ୍ତି, ତେବେ ସରପଞ୍ଚ ବା ସଂପାଦକ ଏ ବିଷୟରେ ଏକ ଅଭିଯୋଗ ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.)ଙ୍କୁ ଦାଖଲ କରିବେ, ଏବଂ ଡି.ଏଫ୍.ଓ. ତାହା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

- ନିୟମାବଳୀ ୨୦୦୨ର ନିୟମ ୯(୧) ଅନୁଯାୟୀ ପଞ୍ଜିକରଣ ଫିସ୍ ସରକାରୀ ଉଦ୍ୟୋଗ ଯଥା ଓ.ଏଫ୍.ଡି.ସି. ଏବଂ ଟ୍ରାଇଫେଡ୍‌ଙ୍କୁ ଦେବାକୁ ପଡିବନି ।

**ନିୟମାବଳୀ ୨୦୦୨ ଅନୁଯାୟୀ ୬୮ଟି ଲଘୁ ବନଜାତ ସାମଗ୍ରୀର ତାଲିକା-**

୧. ତେନ୍ତୁଳି, ମଞ୍ଜିଛଡା ତେନ୍ତୁଳି ଓ ତେନ୍ତୁଳି ମଞ୍ଜି
୨. ମହୁଲ ଫୁଲ
୩. ପାହାଡି ଝାଡୁ
୪. କଣ୍ଟା ଛାଞ୍ଚୁଣି
୫. ଫୁଲ ଝାଡୁ
୬. ଛାଞ୍ଚୁଣି ଘାସ
୭. କୋଚିଲା ମଞ୍ଜି
୮. ହରିଡା
୯. ବାହାଡା
୧୦. ଅଁଳା
୧୧. ସାବୁନ କୋଳି(ରିଠା ଫଳ)
୧୨. ଚିହ୍ନ କୋଳି
୧୩. ସଂଫେ କୋଳି (ନିର୍ମଳା)
୧୪. ମହୁ
୧୫. ଶିଆଳି ପତ୍ର
୧୬. ସବାଇ ଘାସ
୧୭. ଆମ୍ବ ଟାକୁଆ
୧୮. ଛାଞ୍ଚୁଣି ଘାସ
୧୯. ଶିମିଳି ତୁଳା
୨୦. ପାଳୁଅ ମହୁ
୨୧. ଧାତୁକି ଫୁଲ ଥଚା ଘାସ
୨୨. ପୁତ୍ରାଣି
୨୩. ସିକାକାଇ
୨୪. ଜଙ୍ଗଲ ଗବ
୨୫. ପଳାଶ ମଞ୍ଜି
୨୬. ଶିଆଳି ମଞ୍ଜି
୨୭. ଇନ୍ଦ୍ର ଜବ
୨୮. ଗିଲ (ମଞ୍ଜି ଓ ଚୋପା)
୨୯. ବେଣା ଚେର
୩୦. ବଣ ହଳଦୀ
୩୧.ଗବ
୩୨. ବାସିଲ୍
୩୩. ବଣ କୋଳଥ
୩୪. ମାଖନା ମଞ୍ଜି
୩୫. ତାଳମାଖନା ମଞ୍ଜି
୩୬. ବାଇଡଙ୍କ ମଞ୍ଜି
୩୭. ବାଘନଖି ମଞ୍ଜି
୩୮. କମଳାଗୁଣ୍ଡି ଫଳ
୩୯. ଲଣ୍ଡାବଗୁଲି
୪୦. ବେଲ
୪୧. ଚିରେଇତା (ଭୂଇଁ ନିମ୍ବ)
୪୨. ଖଜୁରି ପଟା
୪୩. ରୋହିଣୀ ଫଳ
୪୪. ଭୁସୁଙ୍ଗ ପତ୍ର
୪୫. ଫେଣଫେଣା ଫଳ
୪୬. ରସନା ଚେର
୪୭. ଶିଧ ଫଳ
୪୮. ଶେତାବରୀ
୪୯. କାଠ ଲଇ
୫୦. ଅଣ୍ଟୁ ଲଇ
୫୧. ଖୋଲୁଅ ଲଇ
୫୨. ସୁଆମ୍ ଲଇ
୫୩. ଏଳଶିରା ଫଳ
୫୪. କାଠଛତୁ
୫୫. ମସିଣା ବେଣା
୫୬. ଅନନିଆ ମୂଳ
୫୭. ଅଣ୍ଟିଆ ପଟା
୫୮. ନାଗେଶ୍ୱର ଫୁଲ
୫୯. ମାଙ୍କଡ କେନ୍ଦୁ
୬୦. ଅତୁଣ୍ଡି ଫଳ
୬୧. ମହୁଲ ମଞ୍ଜି
୬୨. କୁସୁମ ମଞ୍ଜି
୬୩. କରଞ୍ଜ ମଞ୍ଜି
୬୪. ନିମ ମଞ୍ଜି
୬୫. ଚାର ମଞ୍ଜି
୬୬. ଚାକୁଣ୍ଡା ମଞ୍ଜି
୬୭. ବବୁଲ୍ ମଞ୍ଜି
୬୮. ବାଇବିରଙ୍ଗ ମଞ୍ଜି

## ୧୯: ଓଡିଶା ଜମି ପାସ୍‌ବୁକ୍ ନିୟମାବଳୀ ୨୦୦୬

ଜମି ହେଉଛି ସବୁଠାରୁ ମୂଲ୍ୟବାନ୍ ପ୍ରାକୃତିକ ସଂପଦ ଏବଂ ସଂଖ୍ୟାଧିକ ଲୋକମାନଙ୍କ ଜୀବନଧାରଣର ଉତ୍ସ । ବର୍ତ୍ତମାନ ସ୍ଥିତିରେ ସମସ୍ତ ସତ୍ତ୍ୱାଧିକାରର ହେପାଜତ୍ ସରକାରଙ୍କ ଉପରେ ହିଁ ନ୍ୟସ୍ତ ରହିଛି ଏବଂ ରାଜ୍ୟରେ ରାଜସ୍ୱ ପ୍ରଶାସନକୁ ଶକ୍ତିଶାଳୀ କରିବା ପାଇଁ ସରକାର ଏକ ବ୍ୟାପକ ଉଦ୍ୟମ ଆରମ୍ଭ କରିଛନ୍ତି, ଯାହାକି ଭୂସଂସ୍କାରର ଦ୍ୱିତୀୟ ସଂସ୍କରଣ ରୂପେ ପ୍ରତିଭାତ ହେବ ବୋଲି ଆଶା କରାଯାଏ । ସମସ୍ତ ଭୂ-ସତ୍ତ୍ୱାଧିକାରୀ ପରିବାରମାନଙ୍କୁ ଜମି ପାସ୍‌ବୁକ୍ ଯୋଗାଇଦେବାର କାର୍ଯ୍ୟକ୍ରମ ସେହି ଦିଗରେ ଏକ ପଦକ୍ଷେପ ଅଟେ ।

ସରକାରଙ୍କ ରାଜସ୍ୱ ବିଭାଗର ପ୍ରସ୍ତାବ ସଂଖ୍ୟା ୩୯୭୨୩ ତା ୨୯.୯.୨୦୦୫ ଅନୁଯାୟୀ ରାଜ୍ୟର ସମସ୍ତ ଭୂ-ସତ୍ତ୍ୱାଧିକାରୀ ପରିବାରମାନଙ୍କୁ ଜମି ପାସ୍‌ବୁକ୍ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୨୬ ଜାନୁଆରି ୨୦୦୬ ଠାରୁ ରାଜ୍ୟର ୩୩ଟି ତହସିଲ୍‌ରେ ଏହାକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଛି । ଏବିଷୟରେ ସୁସଂପୂର୍ଣ୍ଣ ନିୟମାବଳୀ ବହନ କରିଥିବା 'ଜମି ପାସ୍‌ବୁକ୍ ନିୟମାବଳୀ ୨୦୦୬' ଶୀର୍ଷକ ଏକ ଦଲିଲ୍ ଓଡିଶା ଗେଜେଟ୍‌ର ଅସାଧାରଣ ସଂଖ୍ୟା ୧୬.୧.୨୦୦୬ରେ ପ୍ରକାଶିତ ହୋଇସାରିଛି । ବର୍ତ୍ତମାନ ସରକାର ଏହି କାର୍ଯ୍ୟକ୍ରମକୁ ବାକୀ ୧୩୮ଟି ତହସିଲ୍‌କୁ ପ୍ରସାର କରିବା ପାଇଁ ସ୍ଥିର କରିଛନ୍ତି ଏବଂ ଏହି କାର୍ଯ୍ୟ ୧ ଏପ୍ରିଲ୍ ୨୦୦୬ ଠାରୁ ଆରମ୍ଭ ହେବ ।

ଓଡିଶା ସରକାର
**GOVERNMENT OF ORISSA**

ଜମି ପାସ୍ ବହି
**LAND PASS BOOK**

ରାଜସ୍ୱ ବିଭାଗ
**REVENUE DEPARTMENT**

---

ଓଡିଶା ସରକାର
GOVERNMENT OF ORISSA

ଫଟୋ

ଜମି ପାସ୍ ବହି
LAND PASSBOOK

ବହି କ୍ରମିକ ନଂ ..............................
ଖତିୟାନ କ୍ରମିକ ନଂ ..............................
ଜିଲ୍ଲା ..............................
ତହସିଲ ..............................
ରାଜସ୍ୱ ଗ୍ରାମ..............................

---

ବିବରଣୀ

୧-ପରିବାରଙ୍କ ମୁଖ୍ୟଙ୍କ ନାମ : ..............................
୨-ସ୍ତ୍ରୀ/ ସ୍ୱାମୀଙ୍କ ନାମ: ..............................
୩-ପିତାଙ୍କ ନାମ : ..............................
୪-ମାତାଙ୍କ ନାମ : ..............................
୫-ସଂପୂର୍ଣ୍ଣ ଠିକଣା : ଗ୍ରାମ ..............................
ୱାର୍ଡ ନଂ/ ପଡା ..............................
ଘର ନଂ ..............................
ପୋ-ଅ- ..............................
ଗ୍ରା-ପ-/ ବିଜ୍ଞାପିତ ଅଞ୍ଚଳ/
ମ୍ୟୁନିସିପାଲିଟି/କର୍ପୋରେସନ..............................
୬- ବୟସ ..............................
୭- ପରିବାର ସଦସ୍ୟ ସଂଖ୍ୟା : ..............................
୮- ବାର୍ଷିକ ଆୟ ..............................
୯- ଜାତି / ଜନଜାତି ..............................
୧୦- ଧର୍ମ..............................
୧୧- ସ୍ଥାୟୀ ବାସସ୍ଥାନ ..............................
୧୨- ବି-ପି-ଏଲ୍ ପରିବାର କି ? ହଁ / ନା

ସ୍ଥାନ.............................. ରାଜସ୍ୱ ନିରୀକ୍ଷକ ତହସିଲଦାର
ତା.............................. (ମୋହର) (ମୋହର)

## ପରିବାର ସଦସ୍ୟଙ୍କ ପୂର୍ଣ୍ଣାଙ୍ଗ ବିବରଣୀ

| କ୍ର.ନଂ | ନାମ | ବୟସ | ପୁରୁଷ/ ମହିଳା | ଜନ୍ମସ୍ଥାନ/ ତାରିଖ | ପରିବାର ମୁଖ୍ୟଙ୍କ ସହ ସମ୍ପର୍କ | ଜାତି / ଉପଜାତି | ଶିକ୍ଷାଗତ ଯୋଗ୍ୟତା | ବୃତ୍ତି | ବାର୍ଷିକ ଆୟ | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | | | | | | | | | | |

## ପ୍ରତ୍ୟେକ ପରିବାର ସଦସ୍ୟଙ୍କ ନାମରେ ଥିବା ଜମି ଓ ଗୃହର ବିବରଣୀ

| କ୍ର.ନଂ | ନାମ | ରାଜସ୍ୱ ଗ୍ରାମ | ଖାତା ନଂ | ପ୍ଲଟ ନଂ | ରକବା | କିସମ | ଗୃହର ବିବରଣୀ | ଘର ନଂ/ ପଞ୍ଚାୟତ/ ୱାର୍ଡ ନଂ | ହୋଲଡିଂ ଟ୍ୟାକ୍ସର ବିବରଣୀ | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | | | | | | | | | | |

## ସମ୍ପତ୍ତି ହସ୍ତାନ୍ତର / ବନ୍ଧକ ବିବରଣୀ

| କ୍ର.ନଂ | ବିକ୍ରେତା / ବନ୍ଧକଦାତାଙ୍କ ନାମ | କ୍ରେତା/ବନ୍ଧକ ଗ୍ରହିତାଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା | ଖାତା ନଂ | ପ୍ଲଟ ନଂ | ରକବା | କିସମ | ରାଜସ୍ୱ ଗ୍ରାମ | ମୂଲ୍ୟ | ବର୍ଷ | ଦଲିଲ ନମ୍ବର ଓ ତାରିଖ | ରେଜିଷ୍ଟ୍ରି ଅଧିକାରୀଙ୍କ ସ୍ୱାକ୍ଷର ଓ ମୋହର |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| | | | | | | | | | | | |

# ଦେୟ ବିବରଣୀ

| ବର୍ଷ | ଖାତାନମ୍ବର | ମୋଟ ଦେୟ | ପଇଠ ବିବରଣୀ | ରାଜସ୍ୱ କର୍ମଚାରୀଙ୍କ ସ୍ୱାକ୍ଷର |
|---|---|---|---|---|
| ୧ | ୨ | ୩ | ୪ | ୫ |
| | | | | |

## ଜମି ପାସବହିଧାରୀଙ୍କ ନିମନ୍ତେ ଆବଶ୍ୟକ ସୂଚନା

୧. ଓଡିଶା ସରକାରଙ୍କ ଦ୍ୱାରା ପ୍ରଣିତ ଜମିପାସ୍ ବହି ନିୟମାବଳି ୨୦୦୦ ଅନୁଯାୟୀ ଜମି ପାସ୍ ବହି ଧାରୀଙ୍କୁ ନିମ୍ନଲିଖିତ ସୁବିଧା ଉପଲବ୍ଧ ହେବ । ଏହିପୁସ୍ତିକାଟିକୁ ବିବିଧ ପ୍ରମାଣ ପତ୍ର ଯଥା :-

(କ) ଜାତିଗତ ପ୍ରମାଣପତ୍ର
(ଖ) ଉତ୍ତରାଧିକାରୀ ପ୍ରମାଣପତ୍ର
(ଗ) ଆୟ ସଂପର୍କିତ ପ୍ରମାଣପତ୍ର
(ଘ) ଆବାସିକ ପ୍ରମାଣପତ୍ର
(ଙ) ଦାରିଦ୍ର୍ୟ ସୀମାରେଖା ନିମ୍ନରେ ଥିବା ପରିବାର ସିତ୍ୱଟ ପ୍ରମାଣପତ୍ର ଏବଂ
(ଚ) କୃଷକ ପରିଚୟ ପତ୍ର ଭାବରେ ବ୍ୟବହାର କରାଯାଇପାରିବ ।

୨. ଏହି ଜମିପାସ ବହି ଧାରିଙ୍କୁ ନିମ୍ନଲିଖିତ ସର୍ତ୍ତ ଗୁଡିକ ପାଳନ କରିବାକୁହେବ ।

(କ) ବ୍ୟାଙ୍କରୁ ଋଣ ନେବାସମୟରେ କିମ୍ବା ଜମି ବନ୍ଧକ ଓ ହସ୍ତାନ୍ତର କଲାବେଳେ ଏହିପାସ ବହିକୁ ସଂପୃକ୍ତ ଅଧିକାରୀଙ୍କ ନିକଟରେ ଉପସ୍ଥାପିତ କରିବେ ।
(ଖ) ରାଜସ୍ୱ ଅଦାଲତର ବିଭିନ୍ନ ମକଦ୍ଦମା ତଥା ଦାଖଲ ଖାରଜ ନିମନ୍ତେ ଏହି ପାସବହିକୁ ସଂପୃକ୍ତ ତହସିଲଦାରଙ୍କ ନିକଟରେ ଉପସ୍ଥାପିତ କରିବେ
(ଗ) ପାସ୍ ବହିରେ କୌଣସି ପରିବର୍ତ୍ତନ କିମ୍ବା ସଂଶୋଧନ ନିମନ୍ତେ ଏହାକୁ ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଦାଖଲ କରିବେ ।
(ଘ) ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ବାର୍ଷିକ ରାଜସ୍ୱ ଦାଖଲ କଲାବେଳେ ପାସ୍ ବହିକୁ ଉପସ୍ଥାପିତ କରିବେ ।

ଜମିଜମା ସଂକ୍ରାନ୍ତୀୟ ଅସୁବିଧା ଦୂର କରିବା ପାଇଁ ତଥା ବିଭିନ୍ନ ପ୍ରମାଣ ପତ୍ର ଭାବରେ ବ୍ୟବହୃତ ହେବା ନିମନ୍ତେ ଜମିପାସ୍ ବହି ର ପରିକଳ୍ପନା ଏକ ନୂତନ ପ୍ରୟାସ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ , ଓଡିଶା

କ୍ରମିକ ସଂଖ୍ୟା　　　　　　　　　　　　　　　　ତାରିଖ:

ଓଡିଶା ସରକାର

# ଜମି ପାସ୍ ବହି ପାଇଁ ଦରଖାସ୍ତ

ଫଟୋ

ଜିଲ୍ଲା : ..........................................................................

ତହସିଲ : ..........................................................................

ମୌଜା : ..........................................................................

୧· ପରିବାର ମୁଖ୍ୟଙ୍କ ନାମ : ..........................................................................

୨· ସ୍ତ୍ରୀ/ ସ୍ୱାମୀଙ୍କ ନାମ : ..........................................................................

୩· ପିତାଙ୍କ ନାମ : ..........................................................................

ମାତାଙ୍କ ନାମ : ..........................................................................

୪· ଘର ନଂ : ..........................................................................

ୱାର୍ଡ ନଂ : ..........................................................................

ଗ୍ରାମ/ସହର : ..........................................................................

ପୋ·ଅ· : ..........................................................................

ପଞ୍ଚାୟତ/ମ୍ୟୁନିସିପାଲିଟି/କର୍ପୋରେସନ: ..........................................................................

୫· ପରିବାର ସଦସ୍ୟ ସଂଖ୍ୟା : ..........................................................................

୬· ଦରଖାସ୍ତକାରୀ ରାଜ୍ୟର ସ୍ଥାୟୀ ବାସିନ୍ଦା କି? ହଁ/ ନା

ଯଦି ହଁ, କେବେଠାରୁ / କିପରି ପ୍ରକାରେ : ..........................................................................

୭· ପରିବାରର ମୋଟ ବାର୍ଷିକ ଆୟ (କୃଷି): ..........................................................................

(ଅଣକୃଷି) : ..........................................................................

୮· ଧର୍ମ : ..........................................................................

୯· ଜାତି / ଜନଜାତି : ..........................................................................

### ପରିବାର ସଦସ୍ୟଙ୍କ ପୂର୍ଣ୍ଣାଙ୍ଗ ବିବରଣୀ

| କ୍ରମ | ନାମ | ବୟସ | ପୁରୁଷ/ ମହିଳା | ଜନ୍ମସ୍ଥାନ/ ତାରିଖ | ପରିବାର ମୁଖ୍ୟଙ୍କ ସହ ସମ୍ପର୍କ | ଜାତି / ଉପଜାତି | ଶିକ୍ଷାଗତ ଯୋଗ୍ୟତା | ବୃତ୍ତି | ମାସିକ ଆୟ | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | | | | | | | | | | |

### ପ୍ରତ୍ୟେକ ପରିବାର ସଦସ୍ୟଙ୍କ ନାମରେ ଥିବା ଜମି ଓ ଗୃହର ବିବରଣୀ

| କ୍ରମ | ନାମ | ରାଜସ୍ୱ ଗ୍ରାମ | ଖତା ନଂ | ପ୍ଲଟ ନଂ | ରକବା | କିସମ | ଗୃହର ବିବରଣୀ | ଘର ନଂ/ ପଞ୍ଚାୟତ/ ୱାର୍ଡ ନଂ | [illegible] | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| | | | | | | | | | | |

ମୁଁ ଏତଦ୍ୱାରା ପ୍ରମାଣିତ କରୁଛି ଯେ, ଏହି ଦରଖାସ୍ତରେ ବର୍ଣ୍ଣିତ ବିବରଣୀ ସତ୍ୟ ଅଟେ । ଯଦି ଏହା ଅସତ୍ୟ ବା ମିଥ୍ୟା ବୋଲି ପ୍ରମାଣିତ ହୁଏ,
ମୁଁ ଆଇନ ଅନୁଯାୟୀ ଦଣ୍ଡିତ ହେବି ।
ସ୍ଥାନ :..........
ତାରିଖ:..........ଦରଖାସ୍ତକାରୀଙ୍କ ସ୍ୱାକ୍ଷର..........
ବି.ଦ୍ର- ଅଧିକ ଜମିଜମାର ବିବରଣୀ ପାଇଁ ଅଧିକା ପୃଷ୍ଠା ସାଥୀ କାଗଜ ଲଗାଇ ବର୍ଣ୍ଣନା କରାଯାଇପାରେ ।

### ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ବିବରଣୀ :

### ତହସିଲଦାରଙ୍କ ଆଦେଶ :

## ୨୦: ଓଡିଶା 'ମିଶନ୍ ଭୂମି', 'ବସୁନ୍ଧରା ଯୋଜନା' ଓ 'ମୋ ଜମି, ମୋ ଡିହ ଅଭିଯାନ'

### ଓଡିଶା ମିଶନ୍ ଭୂମି

୧. ଡି.ଏଫ୍.ଆଇ.ଡି.ରୁ ଆର୍ଥିକ ଅନୁଦାନ ପାଇବା ଉଦ୍ଦେଶ୍ୟରେ ଭୂ ପ୍ରଶାସନ ବ୍ୟବସ୍ଥାର ଆଧୁନିକୀକରଣ ଓ ସଂସ୍କାର ପାଇଁ ଏକ ସାମଗ୍ରୀକ ପ୍ରସ୍ତାବ ଭାରତ ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା ।

୨. ଏହି ପ୍ରସ୍ତାବର ଲକ୍ଷ୍ୟ ହେଉଛି, ଉଚ୍ଚସ୍ତରୀୟ ପ୍ରଯୁକ୍ତି-କୌଶଳର ପ୍ରୟୋଗ, ଆଧୁନିକ ପ୍ରଯୁକ୍ତି-କୌଶଳ ମାଧ୍ୟମରେ ଜମି ପଂଜିକରଣ ସଂକ୍ରାନ୍ତୀୟ କାରବାରଗୁଡିକର ପରିଚାଳନା ତଥା ରାଜସ୍ୱ ଆଇନ୍‌ଗୁଡିକର ସଂସ୍କାରକୁ ଉପଯୋଗ କରି ଜମିର ମାଲିକାନା ନିର୍ଣ୍ଣୟ, ଭୂସମ୍ପଦ ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟସମୂହ ସମେତ ଜମିର ସତ୍ତ୍ୱାଧିକାର ଉପରେ ସାମଗ୍ରୀକ ସଂସ୍କାର ପ୍ରବର୍ତ୍ତନ ଜରିଆରେ ଭୂ-ପ୍ରଶାସନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ।

୩. ସମୁଦାୟ ପ୍ରକଳ୍ପ ବ୍ୟୟ ୫୧୫,୧୯.୪୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

୪. ପ୍ରତି ପର୍ଯ୍ୟାୟର ଅବଧି ଦୁଇ ବର୍ଷ ହେବ ଏବଂ ୩ଟି ପର୍ଯ୍ୟାୟରେ ମୋଟ ଛ ବର୍ଷରେ ଏହି ପ୍ରକଳ୍ପ କାର୍ଯ୍ୟାନ୍ୱିତ ହେବ ।

୫. ପ୍ରଥମ ପର୍ଯ୍ୟାୟରେ ୮ଟି କେ.ବି.କେ. ଜିଲ୍ଲା, ଯଥା କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ସୁବର୍ଣ୍ଣପୁର, କୋରାପୁଟ, ନବରଙ୍ଗପୁର, ମାଲ୍‌କାନଗିରି ଓ ରାୟଗଡାର ଅଣ-ସର୍ଭେ ଇଲାକାଗୁଡିକୁ ପରିସରଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି ।

୬. ଦ୍ୱିତୀୟ ପର୍ଯ୍ୟାୟରେ ଏହା ୯ଟି ଶିଳ୍ପାଞ୍ଚଳ ଜିଲ୍ଲା ଯଥା ଯାଜପୁର, ଝାରସୁଗୁଡା, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ, ଅନୁଗୁଳ, କଟକ, ଜଗତସିଂପୁର ଓ କେନ୍ଦ୍ରାପଡାରେ କାର୍ଯ୍ୟାନ୍ୱିତ ହେବ ।

୭. ତୃତୀୟ ପର୍ଯ୍ୟାୟରେ ଏହା ବାକୀ ୧୩ଟି ଜିଲ୍ଲା ଯଥା ସମ୍ବଲପୁର, ବରଗଡ, ବୌଦ୍ଧ, ଦେବଗଡ, ଗଞ୍ଜାମ, ଗଜପତି, କନ୍ଧମାଳ, ବାଲେଶ୍ୱର, ଭଦ୍ରଖ, ମୟୁରଭଞ୍ଜ, ଖୋର୍ଦ୍ଧା, ପୁରୀ ଓ ନୟାଗଡରେ କାର୍ଯ୍ୟାନ୍ୱିତ ହେବ ।

୮. ସଂପୃକ୍ତ ସ୍କିମ୍ ଅଧୀନରେ ନିମ୍ନୋକ୍ତ ମୁଖ୍ୟ କାର୍ଯ୍ୟକ୍ରମମାନ ଗ୍ରହଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି-

(୧)	ଭୂ ତଥ୍ୟାବଳୀ ବ୍ୟବସ୍ଥାର ପରିଚାଳନା (ଏଲ୍.ଆଇ.ଏସ୍.ଏମ୍.)ର ପ୍ରୟୋଗ ପାଇଁ ଉଚ୍ଚ ପ୍ରଯୁକ୍ତି କୌଶଳ ମାଧ୍ୟମରେ ସର୍ଭେ ଏବଂ ମାନଚିତ୍ରଗୁଡ଼ିକର ଡିଜିଟାଲ୍ ସଂକଳନ।

(୨)	ଭିତ୍ତି-ସଂରଚନାର ବିକାଶ।

(୩)	ରାଜସ୍ବ ଅଧିକାରୀମାନଙ୍କର ତାଲିମ୍ ଏବଂ ଦକ୍ଷତା ବୃଦ୍ଧିର ବିକାଶ କରିବା ଯାହା ଫଳରେ ସେମାନେ ଭୂ ପ୍ରଶାସନ ପାଇଁ ଆବଶ୍ୟକୀୟ ପଲିସି, ସଂସ୍ଥା ଓ ବୈଧାନିକ ଢାଞ୍ଚା ସଂକ୍ରାନ୍ତରେ ସୁପାରିଶ୍ ଦେଇପାରିବେ।

(୪)	କମ୍ପ୍ୟୁଟରୀକୃତ ଜମି ପାସ୍ ବୁକ୍ ବିତରଣ କରିବା।

(୫)	ସର୍ବସାଧାରଣଙ୍କ ଦ୍ୱାରା ସହଜରେ ବ୍ୟବହାର ହୋଇପାରୁଥିବା ବ୍ୟବସ୍ଥାଗୁଡ଼ିକର ସ୍ଥାପନା ପାଇଁ ପ୍ରମୁଖ କାର୍ଯ୍ୟାବଳୀକୁ ଅଧୁନାତନ ରୂପ ଦେବା।

୯.	ଏହି ସ୍କିମ୍ ଅଧୀନରେ ପ୍ରସ୍ତାବିତ ବ୍ୟୟ ପାଇଁ ସବିଶେଷ ଅର୍ଥରାଶି ନିମ୍ନରେ ସ୍ଥାନିତ କରାଗଲା।

| | | |
|---|---|---|
| ଏ. | ସର୍ଭେ ଓ ଡିଜିଟାଲାଇଜେସନ୍ - | ଟ ୪୬୭୨୨.୮୮ ଲକ୍ଷ |
| ବି. | ସଂସ୍ଥା ବିକାଶ | ଟ ୧୬୪୫.୩୦ ଲକ୍ଷ |
| ସି. | ଦକ୍ଷତା ବୃଦ୍ଧି | ଟ ୧୫୪୬.୮୫ ଲକ୍ଷ |
| ଡି. | ଯୋଗାଯୋଗ | ଟ ୩୮୦.୯୦ଲକ୍ଷ |
| ଇ. | ପ୍ରକଳ୍ପ ପରିଚାଳନା | ଟ ୧୨୨୩.୭୨ଲକ୍ଷ |
| | ମୋଟ | ଟ ୫୧୫୧୯.୬୫ ଲକ୍ଷ |

୧୦.	ଏହି ବିଭାଗୀୟ ପ୍ରସ୍ତାବ ଭାରତ ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ, ଯୋଜନା କମିଶନ୍ ଓ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ବିଚାର ହୋଇ ମଞ୍ଜୁରି ପ୍ରାପ୍ତ ହୋଇସାରିଛି। ଅର୍ଥ ମନ୍ତ୍ରଣାଳୟ ତାଙ୍କର ପତ୍ର ସଂଖ୍ୟା ୧୧/୯/୨୦୦୪- ଇ.ଇ.ସି. ତା ୬.୧୨.୨୦୦୫ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୨୪୪.୨୩ କୋଟି ଟଙ୍କା ରିଲିଜ୍ କରିବା ପାଇଁ ଡି.ଏଫ୍.ଆଇ.ଡି. କୁ ସୁପାରିଶ୍ କରିଛନ୍ତି।

## ପ୍ରକଳ୍ପ ବସୁନ୍ଧରା- ଗୃହଶୂନ୍ୟ ପରିବାରମାନଙ୍କୁ ଘରଡିହ ଆବଣ୍ଟନ

ଜମିର ପ୍ରବନ୍ଧନ ଏବଂ ଅଭାବୀ ବ୍ୟକ୍ତିମାନଙ୍କ ମଧ୍ୟରେ ଏହାର ଆବଣ୍ଟନ ହେଉଛି ରାଜସ୍ବ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଏକ ପ୍ରମୁଖ କର୍ତ୍ତବ୍ୟ। ରାଜସ୍ବ ବିଭାଗର ଚିଠି ସଂଖ୍ୟା ୫୫୨୨୬ ତା ୨୪.୯.୧୯୭୦ ଅନୁଯାୟୀ ୪ ଡିସିମିଲ ପର୍ଯ୍ୟନ୍ତ ସରକାରୀ ଜମି ଗୋଟିଏ ଘରଡିହଶୂନ୍ୟ ପରିବାରକୁ ଗୃହନିର୍ମାଣ ଉଦ୍ଦେଶ୍ୟରେ ମାଗଣାରେ ଯୋଗାଇ ଦିଆ ହୋଇଆସୁଛି। ୨୦୦୩-୦୪ ବର୍ଷ ମଧ୍ୟରେ ଏହି ବିଭାଗ ଦ୍ୱାରା ଘରଡିହହୀନ ଓ ଭୂମିହୀନ ପରିବାରମାନଙ୍କର ଏକ ଆକଳନ କରାଯାଇଛି। ଏହି ଆକଳନ ଅନୁଯାୟୀ ରାଜ୍ୟରେ ୨,୪୯,୩୩୪ ଘରଡିହହୀନ ପରିବାର ଅଛନ୍ତି। ଏକ ସର୍ବେକ୍ଷଣ ଅନୁଯାୟୀ, ଘରଡିହହୀନ ପରିବାରମାନଙ୍କୁ ଆବଣ୍ଟନ କରିବା ପାଇଁ ୧୨୨୭୬.୮୬୪ ଏକର ଜମି ରାଜ୍ୟ ଭିତରେ ଉପଲବ୍ଧ ଅଛି।
୨୦୦୫-୦୬ ମସିହାରେ ପ୍ରକଳ୍ପ ବସୁନ୍ଧରା ଏକ ମିଶନ୍ ଅନୁରୂପ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧୀନରେ ୩ ବର୍ଷ ଅର୍ଥାତ୍ ୨୦୦୫-୬ ରୁ ୨୦୦୭-୦୮ ଭିତରେ ସମୁଦାୟ ୨,୪୯,୩୩୪ ସଂଖ୍ୟକ ଘରଡିହହୀନ ପରିବାରଙ୍କୁ ଗୃହନିର୍ମାଣ ପାଇଁ ଜମି ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ୨୦୦୭-୦୮ ସୁଦ୍ଧା ମୋଟ୍ ୨,୨୯,୮୭୫ ଘରଡିହହୀନ ପରିବାରଙ୍କୁ ୭୯୯୦.୪ ଏକର ଜମି ଆବଣ୍ଟନ କରାଯାଇଛି।
ସର୍କୁଲାର ସଂଖ୍ୟା ୨୮୭୩୩ ତା ୩.୭.୦୮ ଅନୁଯାୟୀ ସରକାର ବସୁନ୍ଧରା ସ୍କିମ୍ ଅଧୀନରେ ଗ୍ରାମାଞ୍ଚଳର ଉପଯୁକ୍ତ ବିବେଚିତ ହେଉଥିବା ଘରଡିହହୀନ ପରିବାରକୁ ସରକାରୀ ଜମିର ଆବଣ୍ଟନ ସୀମା ୪ ଡିସିମିଲ ସ୍ଥାନରେ ୧୦ ଡିସିମିଲ ପର୍ଯ୍ୟନ୍ତ ବୃଦ୍ଧି କରିସାରିଛନ୍ତି।

**ସରକାରୀ ପତିତ ଜମିକୁ କୃଷିକାର୍ଯ୍ୟ ଉଦ୍ଦେଶ୍ୟରେ ଭୂମିହୀନ ପରିବାରମାନଙ୍କୁ ଆବଣ୍ଟନ-**
ସମାଜର ଦୁର୍ବଳତର ଶ୍ରେଣୀମାନଙ୍କର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ତଥା କୃଷି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ୧୯୭୪-୭୫ ମସିହା ପରଠାରୁ ଏକ ଷ୍ଟାଣ୍ଡାର୍ଡ ଏକର ପର୍ଯ୍ୟନ୍ତ ସରକାରୀ ଜମି ଭୂମିହୀନ ବ୍ୟକ୍ତିମାନଙ୍କୁ ବିନା ସଲାମିରେ ଆବଣ୍ଟନ କରାହୋଇ ଆସୁଛି।

୨୦୦୩-୦୪ରେ ପ୍ରସ୍ତୁତ ଆକଳନ ରିପୋର୍ଟ ଓ ସର୍ଭେ ଅନୁଯାୟୀ ରାଜ୍ୟରେ ୪,୪୫,୪୫୦ ଭୂମିହୀନ ପରିବାର ଅଛନ୍ତି ଏବଂ ୫୪୦୭୨୫ ଏକର ପରିମିତ ସରକାରୀ ପତିତ ଜମି ଭୂମିହୀନ ପରିବାରମାନଙ୍କ ଭିତରେ ଆବଣ୍ଟନ ପାଇଁ ଉପଲବ୍ଧ ଅଛି। ୨୦୦୭-୦୮ ଶେଷ ସୁଦ୍ଧା ୧୫,୧୮୬ ସଂଖ୍ୟକ ଭୂମିହୀନ ପରିବାରଙ୍କୁ କୃଷିକାର୍ଯ୍ୟ ଉଦ୍ଦେଶ୍ୟରେ ୧୩,୭୨୪.୫୨ ଏକର ସରକାରୀ ଜମି ଆବଣ୍ଟିତ ହୋଇସାରିଛି। *(ସୌଜନ୍ୟ- ଓଡିଶା ସରକାରଙ୍କ ରାଜସ୍ବ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ*
***http://www.orissa.gov.in/revenue/VASUNDHARA/Project_vasundhara.htm )***

# ‘ମୋ ଜମି – ମୋ ଡିହ’ ଅଭିଯାନ

## ଓଡିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ

## ପତ୍ରସଂଖ୍ୟା- No. 34502/(R&DM)/LD-60/2007 Dated 28.8. 2007

*ପ୍ରେରକ,*

**ଶ୍ରୀ ଏ.କେ.ତ୍ରିପାଠୀ, ଆଇ.ଏ.ଏସ୍. , ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଉନ୍ନୟନ କମିଶନର୍**

*ପ୍ରାପ୍ତେଷୁ,*

**ସମସ୍ତ ଜିଲ୍ଲାପାଳ**

*ବିଷୟ- ‘ମୋ ଜମି – ମୋ ଡିହ’ ଅଭିଯାନ*

**ମହାଶୟ/ମହାଶୟା,**

ମୁଁ ନିର୍ଦ୍ଦେଶ କ୍ରମେ ଏହା କହୁଛି ଯେ, ରାଜ୍ୟରେ ଗରିବ ଲୋକମାନଙ୍କର ଭୂମି ଅଧିକାରସମୂହକୁ ନିଶ୍ଚୟତା ଓ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଏକ ଅଭିଯାନ ଯଥାଶୀଘ୍ର ଚାଲୁ ହେବାକୁ ଯାଉଛି । ଏହି ଅଭିଯାନର ଲକ୍ଷ୍ୟଗୁଡିକ ହେଲା, (ଏ) ଯେଉଁ ଗରିବ ବ୍ୟକ୍ତିମାନଙ୍କୁ ପୂର୍ବରୁ ସରକାରୀ ଜମିକୁ ଲିଜ୍ ସୂତ୍ରରେ ଆବଣ୍ଟିତ ହୋଇଥିଲା ବା ସେମାନଙ୍କ ଠାରୁ ହଡପ ହୋଇଥିବା ଜମିକୁ ପୁନରାର୍ପଣ କରାଯାଇଥିଲା, ସଂପୃକ୍ତ ଜମି ଉପରେ ସେମାନଙ୍କର ଅଧିକାରସମୂହକୁ ସୁରକ୍ଷା ଦେବା ବା ସୁନିଶ୍ଚିତ କରିବା; (ବି) ଭୂମି ହିତାଧିକାରୀ ମାନେ ସେମାନଙ୍କର ଜମିକୁ ଯେପରି ଭଲ ଭାବେ ଉପଯୋଗ କରିପାରିବେ, ସେଥିପାଇଁ ସେମାନଙ୍କୁ ସମର୍ଥ କରାଇବା; ଏବଂ (ସି) ଏସ୍.ଟି. ଏବଂ ଏସ୍.ସି. ଜନଗୋଷ୍ଠୀଙ୍କ ସ୍ୱାର୍ଥକୁ ବିଶେଷଭାବେ ପ୍ରାଧାନ୍ୟ ଦେବା ସହିତ ଗରିବ ଲୋକମାନଙ୍କୁ ଏଭଳି ସହାୟତା ଯୋଗାଇଦେବା, ଯାହାଫଳରେ ସେମାନେ ପ୍ରଚଳିତ କାନୁନୀ ବ୍ୟବସ୍ଥା ଭିତରେ ସେମାନଙ୍କର ଜମି ଓ ଘରଡିହ ଉପରେ ନିଜର ଆୟତ୍ତ ବଜାୟ ରଖିପାରିବେ ।

ଏହି ଅଭିଯାନ ଦୁଇଟି ଦିଗରେ କାର୍ଯ୍ୟ କରିବ । ଉପଲବ୍ଧ ରେକର୍ଡଗୁଡିକ ଭିତ୍ତିରେ ସମସ୍ତ ଦାବୀଗୁଡିକୁ ସ୍ୱୟଂଚାଳିତ ଭାବେ ଅନୁଧ୍ୟାନ କରାଯିବ ଏବଂ କେଶ୍ ରେକର୍ଡଗୁଡିକର ତଥ୍ୟାବଳୀକୁ କ୍ଷେତ୍ରୀୟ ସ୍ତରରେ ଯାଞ୍ଚ କରାଯିବ । ଏହାର ଏକ ସମାନ୍ତରାଳ ପଦକ୍ଷେପ ସ୍ୱରୂପ, ଏହି ଅଭିଯାନ ପ୍ରକ୍ରିୟାରେ କ୍ଷେତ୍ରୀୟ ସ୍ତରରୁ ଦରଖାସ୍ତ ବା ଅଭିଯୋଗ ଆକାରରେ ଯେଉଁସବୁ ତଥ୍ୟାବଳୀ ସଂଗୃହୀତ ହୋଇଥିବ, ସେଗୁଡିକୁ ତହସିଲ୍ ଅଫିସ୍‌ର ଫାଇଲ୍ ଓ କେଶ୍ ରେକର୍ଡଗୁଡିକ ସହ ମିଳାଇ ଯାଞ୍ଚ କରାଯିବ, ଯାହା ଫଳରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଷୟରେ ନିଷ୍ପତ୍ତି ନିଆଯାଇପାରିବ । ଯେଉଁସ୍ଥଳେ ସରକାରୀ ସ୍ୱତ୍ତାଧୀନ ସର୍ବସାଧାରଣ ଜମି ବା ଯୌଥ ଜମିକୁ ଗ୍ରାମର ପ୍ରଭାବଶାଳୀ ଓ ଧନୀ ବ୍ୟକ୍ତିମାନେ ବଳପୂର୍ବକ ଅକ୍ତିଆର କରିଥିବାର ଅଭିଯୋଗମାନ ମିଳିବ, ସେଗୁଡିକର ଅନୁସନ୍ଧାନ କରାଯିବ ତଥା ତାହା ଉପରେ ସଂଶୋଧନାତ୍ମକ ପଦକ୍ଷେପମାନ ନିଆଯିବ । ନିମ୍ନୋକ୍ତ ବିଷୟଗୁଡିକ ଏହି ଅଭିଯାନର ପରିସରଭୁକ୍ତ ହେବ । ଏହି କାର୍ଯ୍ୟକ୍ରମକୁ ଏକ ଅଭିଯାନ ରୂପରେ ଆରମ୍ଭ କରିବା ପାଇଁ ୧୦ ସେପ୍ଟେମ୍ବରରୁ ୧୦ ଅକ୍ଟୋବର ଭିତରେ ପ୍ରତି ତହସିଲ୍ ସ୍ତରରେ ‘ମୋ ଜମି ମୋ ଘରଡିହ’ ମେଳା ଅନୁଷ୍ଠିତ ହେବ ଏବଂ ସେଥିରେ ସମସ୍ତ ରାଜସ୍ୱ ନିରୀକ୍ଷକ (ଆର୍.ଆଇ.)ମାନେ ଯୋଗଦେବେ ଏବଂ ବଞ୍ଚିତ ଲୋକମାନଙ୍କ ନିକଟରୁ ଅଭିଯୋଗ ଦରଖାସ୍ତମାନ ଗ୍ରହଣ କରାଯିବ । ଉପ-ଜିଲ୍ଲାପାଳ, ତହସିଲଦାର ଓ ଅତିରିକ୍ତ ତହସିଲ୍‌ଦାର ମାନେ ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ମୂଳରୁ ଶେଷ ଯାଏଁ ଉପସ୍ଥିତ ରହିବେ ଏବଂ ଜିଲ୍ଲାପାଳ/ ଏ.ଡି.ଏମ୍. ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ କରିବେ । ଜାନୁଆରି-ଫେବୃଆରି ମାସଗୁଡିକରେ ଦ୍ୱିତୀୟ ପର୍ଯ୍ୟାୟର ମେଳା ଆୟୋଜିତ ହେବ, ଯେଉଁଠାରେ ସ୍ୱୟଂଚାଳିତ ଯାଞ୍ଚ ଓ ଅଭିଯୋଗ ଦରଖାସ୍ତର ଫଇସଲା ସମ୍ପାଦିତ ହେବା ପରେ ହିତାଧିକାରୀମାନଙ୍କ ସନ୍ତୋଷଜନକ ହେବା ଭଳି ସେମାନଙ୍କୁ ଦଖଲହାସଲର ପ୍ରମାଣପତ୍ର ଆବଣ୍ଟନ କରାଯିବ ।

***୧. ସିଲିଂ ବହିର୍ଭୂତ ଜମି ଆବଣ୍ଟନର ହିତାଧିକାରୀମାନଙ୍କର ଦଖଲସ୍ଥିତିକୁ ପ୍ରତ୍ୟକ୍ଷ ଯାଞ୍ଚ- ଶତକଡା ୧୦୦:***

ଏପର୍ଯ୍ୟନ୍ତ ୧,୪୨,୬୧୬ ଜଣଙ୍କୁ ପ୍ରାୟ ୧,୫୯,୩୮୪ ଏକର ଜମି ଆବଣ୍ଟନ କରାଯାଇଛି । ଏଥିମଧ୍ୟରୁ ୬୬,୩୦୩ ଏକର ଜମି ୫୨,୯୩୪ ଜଣ ଏସ୍.ଟି. ହିତାଧିକାରୀଙ୍କୁ, ୫୧,୧୦୯ ଏକର ୪୮,୭୯୪ ଏସ୍.ସି. ହିତାଧିକାରୀ ଏବଂ ବାକୀ ଜମି ଅନ୍ୟମାନଙ୍କୁ ଆବଣ୍ଟନ କରାଯାଇଛି । ୨୦୦୭ ଡିସେମ୍ବର ଶେଷ ସୁଦ୍ଧା ଏହି ସମସ୍ତ ପ୍ରକାର ଜମିର ଶତକଡା ଶହେ କ୍ଷେତ୍ରରେ ବାସ୍ତବ ଦଖଲର ସ୍ଥିତିକୁ ଯାଞ୍ଚ ସଂପୂର୍ଣ୍ଣ କରିବା ଅଭିଯାନର ଉଦ୍ଦେଶ୍ୟ ଅଟେ ।

***୨. ଘରଡିହ ଜମି ଲିଜ୍ କେଶ୍‌ଗୁଡିକର ପ୍ରତ୍ୟକ୍ଷ ଯାଞ୍ଚ- ଶତକଡା ୧୦୦:***

ଏପର୍ଯ୍ୟନ୍ତ ୧୨,୧୩,୬୫୫ ଜଣଙ୍କୁ ଘରଡହ ଜମିର ଲିଜ୍ ଆବଣ୍ଟନ କରାଯାଇଛି, ଯେଉଁମାନଙ୍କ ଭିତରେ ଅଛନ୍ତି ୪,୬୨,୫୩୬ ଜଣ ଅନୁସୂଚୀତ ଜନଜାତି ଏବଂ ୩,୩୨,୭୦୬ ଜଣ ଅନୁସୂଚୀତ ଜାତିର ସଦସ୍ୟ । ସେମାନଙ୍କ ଭିତରୁ ପ୍ରତ୍ୟେକ ସଂପୃକ୍ତ ଜମିର ଦଖଲରେ ଅଛନ୍ତି କି ନାହିଁ, ତାହା ଏହି ଅଭିଯାନ ଦ୍ୱାରା ଯାଞ୍ଚ କରାଯିବ । ଆପଣଙ୍କୁ ଏହା ମଧ୍ୟ ଅନୁରୋଧ କରାଯାଉଛି ଯେ, ଆପଣ ସେହିସବୁ ଜମି-ଆବଣ୍ଟନର ହିତାଧିକାରୀମାନଙ୍କୁ ଚିହ୍ନଟ କରିବେ, ଯେଉଁମାନେ ଗୋଟିଏ ଘର ନିର୍ମାଣ କରିବା ପାଇଁ ଏପର୍ଯ୍ୟନ୍ତ ସକ୍ଷମ ହୋଇପାରିନାହାନ୍ତି ଏବଂ ଇନ୍ଦିରା ଆବାସ ଯୋଜନା ଅଧୀନରେ ସେମାନେ ସହାୟତା ଲାଭ କରିବା ଦିଗରେ ଆପଣ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

***୩. କୃଷିକାର୍ଯ୍ୟ ପାଇଁ ଆବଣ୍ଟିତ ହୋଇଥିବା ପଟିତ ଜମିର ପ୍ରତ୍ୟକ୍ଷ ଯାଞ୍ଚ- ଶତକଡା ୧୦୦:***

ଏପର୍ଯ୍ୟନ୍ତ ପ୍ରାୟ ୪,୭୮,୪୬୯ ଜଣଙ୍କୁ କୃଷିକାର୍ଯ୍ୟ ଉଦ୍ଦେଶ୍ୟରେ ପଟିତ ଜମିର ଲିଜ୍ ଆବଣ୍ଟନ କରାଯାଇଛି, ଯେଉଁମାନଙ୍କ ଭିତରେ ଅଛନ୍ତି ୨,୩୧,୬୩୦ ଜଣ ଅନୁସୂଚୀତ ଜନଜାତି ଏବଂ ୧,୦୪,୨୩୫ ଜଣ ଅନୁସୂଚୀତ ଜାତିର ଲୋକେ । ଏହି ପ୍ରକାରେ ମୋଟ୍ ୭,୩୬,୪୯୧ ଏକର

ଜମିକୁ ଲିଜ୍ ଆକାରରେ ଆବଣ୍ଟନ କରାଯାଇଛି, ଯାହା ଭିତରେ ଅଛି ୩,୮୪,୩୬୪ ଏକର ଏସ୍.ଟି. ଲୋକମାନଙ୍କ ପାଇଁ ଏବଂ ୧,୭୫,୫୭୬ ଏକର ଏସ୍.ସି. ଲୋକମାନଙ୍କ ପାଇଁ । ଗରିବ ଲୋକେ ଜମି ଉପରେ ସେମାନଙ୍କର ଦଖଲକୁ ଅବ୍ୟାହତ ରଖିବାରେ ବିଫଳ ହେବାର ଏକ ମୁଖ୍ୟ କାରଣ ହେଉଛି, ସେମାନଙ୍କର ଦଖଲ କ୍ଷମତାକୁ ବୃଦ୍ଧି କରାଇବା ପାଇଁ ସହାୟକ ସୁବିଧାମାନ କ୍ରୀୟାଶୀଳ ନଥିଲା । ସୁତରାଂ ଡିସେମ୍ବର ୨୦୦୭ ଶେଷ ସୁଦ୍ଧା ସମସ୍ତ ପତିତ ଜମି ସଂକ୍ରାନ୍ତୀୟ କେଶ୍‌ଗୁଡ଼ିକୁ ଯାଞ୍ଚ କରିବା ପାଇଁ ତଥା ସଂପୃକ୍ତ ଜମିଗୁଡ଼ିକର ଉତ୍ପାଦିକା ଶକ୍ତି ବୃଦ୍ଧି କରାଇବା ଉଦ୍ଦେଶ୍ୟରେ ଅନ୍ୟାନ୍ୟ ଉନ୍ନୟନ ସ୍କିମ୍‌ଗୁଡ଼ିକ ସହିତ ସମନ୍ୱୟ ସ୍ଥାପନା ପାଇଁ ପ୍ରାଥମିକ ପଦକ୍ଷେପମାନ ଗ୍ରହଣ କରିବା ପାଇଁ ଏତଦ୍ୱାରା ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି । ଏହି ସ୍କିମ୍ ଗୁଡ଼ିକ ଭିତରେ ଏନ୍.ଆର୍.ଇ.ଜି.ଏ. ଜିଲ୍ଲା ମାନଙ୍କରେ ଏନ୍.ଆର୍.ଇ.ଜି.ଏ. ସହିତ ବିଜୁ କୃଷକ ବିକାଶ ଯୋଜନା, ଏସ୍.ଜି.ଏସ୍.ୱାଇ., ଏସ୍.ଜି.ଆର୍.ୱାଇ. , ବି.ଆର୍.ଜି.ଏଫ୍. ଏବଂ ଆର୍.ଏସ୍.ୱାଇ. ଏବଂ କ୍ଷେତ ପୋଖରୀ ଅନ୍ତର୍ଭୁକ୍ତ ଅଛି । ଏହି ପରିପ୍ରେକ୍ଷୀରେ ମାଛ ପୋଖରୀ ଉନ୍ନୟନ ପାଇଁ ପଞ୍ଚାୟତିରାଜ ବିଭାଗର ସର୍କୁଲାର୍ ନଂ- ୧୮୨୨୨ ତା ୨୩.୧୨.୦୬ ମାଧ୍ୟମରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ମଧ୍ୟ ପ୍ରାସଙ୍ଗିକ ଅଟେ । ପ୍ରଚଳିତ କାର୍ଯ୍ୟକ୍ରମଗୁଡ଼ିକରେ ବ୍ୟାଙ୍କ୍ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହ ସଂପର୍କ ସ୍ଥାପନକୁ ମଧ୍ୟ ଗୁରୁତ୍ୱ ପ୍ରଦାନ ମଧ୍ୟ ସେଥିରେ ଅନ୍ତର୍ଭୁକ୍ତ । ଏହି ଅଭିଯାନ ପ୍ରକ୍ରିୟାରେ ଆବଶ୍ୟକ ପଡୁଥିବା ତଥ୍ୟାବଳୀ ଯେପରି ବାର୍ଷିକ ଋଣ ଯୋଜନା ପ୍ରଣୟନ ବେଳେ ସହାୟକ ଭାବେ ବ୍ୟବହୃତ ହୁଏ, ତାହା ସୁନିଶ୍ଚିତ କରିବା ପାଇଁ ଆପଣଙ୍କୁ ଏତଦ୍ୱାରା ଅନୁରୋଧ କରାଯାଉଛି । ବ୍ୟାଙ୍କର୍ ମାନଙ୍କର ସକ୍ରୀୟ ଅଂଶଗ୍ରହଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକର ଲଗାତାର ଅନୁଧ୍ୟାନ ଜିଲ୍ଲା ଋଣ କମିଟି ଜରିଆରେ କରାଯିବା ଉଚିତ୍ ।

### ୪. ରେଗୁଲେସନ୍-୨, ୧୯୫୬ ଅଧୀନରେ ପୁନରାର୍ପିତ ଜମି କେଶ୍‌ଗୁଡ଼ିକୁ ଯାଞ୍ଚ- ଶତକଡା ୧୦୦:

ଏପର୍ଯ୍ୟନ୍ତ ଅନୁସୂଚୀତ ଜନଜାତିର ଲୋକମାନଙ୍କ ସପକ୍ଷରେ ୬୨,୧୪୫ କେଶ୍ ଫଇସଲା କରାଯାଇଛି, ଏବଂ ତଦ୍ୱାରା ୫୭,୨୪୦ ଏକର ପରିମିତ ଜମିକୁ ପୁନରାର୍ପିତ କରାଯାଇପାରିଛି । ଏହିସବୁ ଜମିର ଭୋଗଦଖଲ ସ୍ଥିତି ବିଷୟରେ ଅନୁଧ୍ୟାନ ପାଇଁ ସମସ୍ତ କେଶ୍‌ଗୁଡ଼ିକୁ ଯାଞ୍ଚ କରିବା ପାଇଁ ଏତଦ୍ୱାରା ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି ।

### ୫. ଓ.ଏଲ୍.ଆର୍. ଧାରା ୨୩ ଅଧୀନରେ ସମସ୍ତ ପୁନରାର୍ପଣ କେଶ୍‌ଗୁଡ଼ିକର ଯାଞ୍ଚ- ଶତକଡା ୧୦୦:

ଏପର୍ଯ୍ୟନ୍ତ ୩୩,୨୪୨ ବ୍ୟକ୍ତିଙ୍କୁ ୩୬,୪୯୬ ଏକର ପରିମିତ ଜମି ପୁନରାର୍ପିତ କରାଯାଇଛି । ସେମାନଙ୍କ ଭିତରେ ଅଛନ୍ତି ୨୨,୯୭୦ ଜଣ ଅନୁସୂଚୀତ ଜାତି ଏବଂ ବାକୀ ସମସ୍ତେ ଅନୁସୂଚୀତ ଜନଜାତିର ବ୍ୟକ୍ତି । ଏହିସବୁ ଜମିର ଭୋଗଦଖଲ ସ୍ଥିତି ବିଷୟରେ ସଂପୃକ୍ତ ଅନୁଧ୍ୟାନକାରୀ ଦଳ ସମସ୍ତ କେଶ୍‌ଗୁଡ଼ିକୁ ଯେପରି ଯାଞ୍ଚ କରନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି ।

### ୬. ଆଇନଗତ ସହାୟତା:

ଯେଉଁ ସମସ୍ତ କ୍ଷେତ୍ରରେ ଜମି-ଆବଣ୍ଟନର ହିତାଧିକାରୀଗଣ ବା ସେମାନଙ୍କର ବୈଧାନିକ ଉତ୍ତରାଧିକାରୀ ମାନେ ସଂପୃକ୍ତ ଜମିର ଭୋଗଦଖଲରୁ ବଞ୍ଚିତ ଥିବେ, ସେପରି ସ୍ଥଳେ ସେମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ନିଶ୍ଚିତ ଭାବେ ଯୋଗାଇ ଦିଆଯିବ । ଯେଉଁ ସମସ୍ତ କ୍ଷେତ୍ରରେ ଅମୀମାଂସିତ କେଶ୍ କାରଣରୁ ଭୋଗଦଖଲ ହାସଲ ହୋଇପାରିନି, ସେପରି ସ୍ଥଳେ ପ୍ରତି କେଶ୍‌ର ବିଭିନ୍ନ ଦିଗକୁ ବିଶଦ୍ ଭାବେ ଅନୁଧ୍ୟାନ କରାଯିବା ଉଚିତ୍, ଯଥା ଆବଶ୍ୟକୀୟ ଆବେଦନ ବା ପ୍ରତିବେଦନ ଯଥାବିଧି ଦାଖଲ କରାଯାଇଛି କି ନାହିଁ, ସଂପୃକ୍ତ ସିଭିଲ୍ କୋର୍ଟରେ କେଶ୍‌ଟିକୁ ତ୍ୱରିତ୍ ଫଇସଲା ପାଇଁ ଅନୁରୋଧ ଜଣାଇ ଆବେଦନ ଦାଖଲ କରାଯାଇଛି କି ନାହିଁ, ଇତ୍ୟାଦି । ଯଦି କୌଣସି କେଶ୍ ଏକ ରାଜସ୍ୱ କୋର୍ଟରେ ବକେୟା ଥାଏ, ତେବେ ତାହାକୁ ଅଗ୍ରାଧିକାର ଭିତ୍ତିରେ ଫଇସଲା କରାଯିବା ଉଚିତ୍ । ସିଲିଂ ଉଦ୍‌ବୃତ୍ତ ଜମି ବିଷୟରେ ସମସ୍ତ ବକେୟା କେଶ୍‌ଗୁଡ଼ିକୁ ମଧ୍ୟ ୨୦୦୭ ଡିସେମ୍ବର ଶେଷ ସୁଦ୍ଧା ଶତକଡା ୧୦୦ ସମୀକ୍ଷା କରାଯିବା ଉଚିତ୍ ଏବଂ ସେଗୁଡ଼ିକର ତ୍ୱରାନ୍ୱିତ ଫଇସଲା ପାଇଁ ଯଥୋଚିତ କୋର୍ଟମାନଙ୍କ ସମ୍ମୁଖରେ ଆବଶ୍ୟକୀୟ ଆବେଦନ ନିଶ୍ଚିତ ରୂପେ ଦାଖଲ କରାଯିବ । ଗୋଟିଏ କେଶ୍ ଓ.ପି.ଏଲ୍.ଇ. ବା ଓ.ଜି.ଏଲ୍.ଏସ୍ ବା ଅନ୍ୟ ଯେ କୌଣସି ସିଭିଲ୍ ଧରଣର କେଶ୍ ହୋଇଥାଉନା କାହିଁକି, ସେଗୁଡ଼ିକୁ ଗରିବ ଲୋକମାନଙ୍କ ସପକ୍ଷରେ ଫଇସଲା କରିବା ପାଇଁ 'ଲୋକ ଅଦାଲତ' ବ୍ୟବସ୍ଥାର ସୁଯୋଗ ନିଆଯିବା ଉଚିତ୍ ।

### ୭. ଉଲ୍ଲଂଘନକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ :

ଜମି-ଆବଣ୍ଟନର ହିତାଧିକାରୀମାନେ ସେମାନଙ୍କ ଜମିକୁ ଭୋଗଦଖଲ କରିବା କ୍ଷେତ୍ରରେ ଯେଉଁ ଉଲ୍ଲଂଘନକାରୀମାନେ ବାଧା ଦେଉଥିବେ, ସେମାନଙ୍କ ବିରୁଦ୍ଧରେ ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ କଡାକଡି ଭାବେ ନିଶ୍ଚିତ ପ୍ରୟୋଗ କରାଯିବ । ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦଫା ୧୦୭, ୧୦୯, ୧୧୩, ୧୪୪ ଓ ୧୪୫ ଓ ଅନୁସୂଚୀତ ଜାତି ଓ ଜନଜାତିସମୂହ (ନିର୍ଯ୍ୟାତନା ନିବାରଣ) ଆଇନ୍ ଅଧୀନରେ ପ୍ରଦତ୍ତ କ୍ଷମତାବଳୀ ତଥା ରେଗୁଲେସନ୍-୨, ୧୯୫୬ ଏବଂ ଓଡ଼ିଶା ଭୂସଂସ୍କାର ଆଇନ୍ ଅଧୀନରେ ପ୍ରଦତ୍ତ ଦଣ୍ଡବିଧାନ ବ୍ୟବସ୍ଥାଗୁଡ଼ିକୁ ଆବଶ୍ୟକ ସ୍ଥଳେ ନିଶ୍ଚିତ ରୂପେ ପ୍ରୟୋଗ କରାଯିବ ।

### ୮. ଶିବିର ଅଦାଲତ ଶୈଳୀ :

ସଂପୃକ୍ତ ବ୍ୟକ୍ତିମାନଙ୍କୁ ଯଥାବିଧି ଅବଗତ କରାଇ ସମସ୍ତ କେଶ୍‌ର ଯାଞ୍ଚ ଏବଂ ଅନୁଧାବନ ଯେମିତି ହେଲେ କ୍ଷେତ୍ରୀୟ ସ୍ତରରେ ସଂପାଦିତ ହେବା ଉଚିତ୍ । ଆବଶ୍ୟକ ସ୍ଥଳେ ମୌଖିକ ପ୍ରମାଣକୁ ଲିପିବଦ୍ଧ କରାଯିବା ଉଚିତ୍ ଏବଂ ଭୋଗଦଖଲ ବିଷୟରେ କୌଣସି ବିବାଦ ଥିଲେ, ତାହାର ମୀମାଂସା ପାଇଁ ଆବଶ୍ୟକ ହେଉଥିବା ସହାୟକ ତଥ୍ୟସଂଗ୍ରହ ଉଦ୍ଦେଶ୍ୟରେ ଗ୍ରାମସଭା/ ପଲ୍ଲୀସଭାର ବ୍ୟବସ୍ଥାକୁ ଉପଯୋଗ କରାଯିବା ଉଚିତ୍ । ଜମି ଆବଣ୍ଟନର ହିତାଧିକାରୀ ମାନେ ତହସିଲ୍ ବା ଅନ୍ୟ କୌଣସି ଅଫିସ୍‌ରେ ଘୁରି ବୁଲିବାର ଆବଶ୍ୟକ ଯେପରି ଅନୁଭବ ନକରନ୍ତି, ତାହା ସୁନିଶ୍ଚିତ କରିବାକୁ ପଡିବ ।

### ୯. ସୂଚନା ପ୍ରସାରଣ:

ହିତାଧିକାରୀମାନଙ୍କ ଭିତରେ ବ୍ୟାପକ ସୂଚନା ପ୍ରସାରଣ ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । ବର୍ତ୍ତମାନ ଉପୁଜୁଥିବା ଓ.ପି.ଏଲ୍.ଇ. ବା ଓ.ଜି.ଏଲ୍.ଏସ୍ ବା ଅନ୍ୟ କୌଣସି ରାଜସ୍ୱ କେଶ୍‌ଗୁଡ଼ିକୁ ସମୟବଦ୍ଧ ରୀତିରେ ଫଇସଲା କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସବ୍‌ଡିଭିଜନ୍ ସ୍ତରରେ କର୍ମଶାଳା ମାନ ଆୟୋଜନ କରିବା ଏବଂ ଅଭିଯାନକୁ ସଫଳ କରିବା ପାଇଁ ସମର୍ଥ ଏନ୍.ଜି.ଓ. ମାନଙ୍କର ସହଯୋଗ ଲାଭ ପାଇଁ ଆପଣଙ୍କୁ ଏତଦ୍ୱାରା ଅନୁରୋଧ କରାଯାଉଛି । ଏହି

ଅଭିଯାନ ସଂକ୍ରାନ୍ତରେ ଆବଶ୍ୟକ ପଡୁଥିବା ଯାତାୟତ ଏବଂ ଅନ୍ୟାନ୍ୟ ବିବିଧ ଖର୍ଚ୍ଚସମୂହ ଉଦ୍ଦେଶ୍ୟରେ ପ୍ରତି ତହସିଲ୍‌କୁ ୨୫ହଜାର ଟଙ୍କାର ଅର୍ଥରାଶି ବରାଦ କରାଯାଉଛି । ଯଦି ଅତିରିକ୍ତ ପାଣ୍ଠିର ଆବଶ୍ୟକ ପଡେ ତେବେ ସବିଶେଷ ଯଥାର୍ଥତା ଉଲ୍ଲେଖ ସହିତ ଉପଯୁକ୍ତ ସ୍କିମ୍ ଅଧୀନରେ ସୁନିର୍ଦ୍ଦିଷ୍ଟ ପ୍ରସ୍ତାବ ଆପଣ ପଠାଇପାରନ୍ତି ।

***୧୦. ତଦାରଖ ଓ ସମୀକ୍ଷା:***

ଅଭିଯାନର ଅଗ୍ରଗତିକୁ ଅତି ନିବିଡ ଭାବେ ତଦାରଖ କରିବାକୁ ପଡିବ । ଚଳିତ ଆର୍ଥିକ ବର୍ଷ ଶେଷ ହେବା ପର୍ଯ୍ୟନ୍ତ ଅଭିଯାନର ଅଗ୍ରଗତି ବିଷୟ ସଦାସର୍ବଦା ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର ବୈଠକଗୁଡିକରେ କାର୍ଯ୍ୟସୂଚୀର ଏକ ଅଂଶବିଶେଷ ଭାବେ ଉପସ୍ଥାପନ କରାଯିବା ଉଚିତ୍ । ଯେଉଁସବୁ ଜିଲ୍ଲାଗୁଡିକରେ ଅନୁସୂଚୀତ ଇଲାକାମାନ ରହିଛି, ସେଠାରେ ଏହି ଅଗ୍ରଗତି ବିଷୟ ସବ୍‌ଡିଭିଜନ୍ ସ୍ତରୀୟ ଟାସ୍କ ଫୋର୍ସ ଓ ଜିଲ୍ଲା ଟାସ୍କ ଫୋର୍ସ ବୈଠକଗୁଡିକରେ ଆଲୋଚନା କରିବା ଜରୁରୀ । ମାସିକ ଅଗ୍ରଗତି ବିବରଣୀ ସଂଲଗ୍ନ ଫର୍ମାଟ୍‌ରେ ଦାଖଲ କରାଯିବା ଜରୁରୀ । ପରବର୍ତ୍ତୀ ମାସର ୫ତାରିଖ ପୂର୍ବରୁ ଯେପରି ଏହି ରିପୋର୍ଟଗୁଡିକ ଇମେଲ୍ ମାଧ୍ୟମରେ ପଠାଯାଇଥିବ, ତାହା ଜିଲ୍ଲାପାଳ ମାନେ ନିଶ୍ଚିତ କରିବେ । ଯେଉଁସ୍ଥଳେ ୫ତାରିଖ ଗୋଟିଏ ସରକାରୀ ଛୁଟିଦିନ ହୋଇଥିବ ସେପରି ସ୍ଥଳେ ମାସିକ ଅଗ୍ରଗତି ବିବରଣୀକୁ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗକୁ ପ୍ରେରଣ ଉଦ୍ଦେଶ୍ୟରେ ଉକ୍ତ ତାରିଖ ପୂର୍ବରୁ ପଡୁଥିବା କାର୍ଯ୍ୟଦିବସକୁ ହିଁ ଉପଯୁକ୍ତ ତାରିଖ ବୋଲି ଧରିନିଆଯିବା ଉଚିତ୍ । ମାସିକ ଅଗ୍ରଗତି ବିବରଣୀର ଏକ ନକଲ ଆର.ଡି.ସି. ଓ ବୋର୍ଡ ଅଫ୍ ରେଭିନ୍ୟୁଙ୍କୁ ଅଭିପ୍ରେରଣ କରାଯିବ । ଅଭିଯାନର ଅଗ୍ରଗତିକୁ ସଯତ୍ନ ସମୀକ୍ଷା କରାଯିବ ଏବଂ ଜିଲ୍ଲାପାଳ, ରେଭନ୍ୟୁ ଡିଭିଜନାଲ୍ କମିଶନର୍ ଏବଂ ପରିଦର୍ଶକ ସଚିବମାନଙ୍କ ସମେତ ତଦାରଖକାରୀ ଅଧିକାରୀମାନଙ୍କ ଦ୍ୱାରା ଗ୍ରାମଗୁଡିକରେ କଡାକଡି ଯାଞ୍ଚ କରାଯିବ ।

***୧୧. ଜମି ପାସ୍‌ବୁକ୍ :***

ହିତାଧିକାରୀଗଣ ଏବଂ ଅନ୍ୟାନ୍ୟ ରେକର୍ଡଧାରୀ ରୟତମାନେ ସେମାନଙ୍କର ଜମି ପାସ୍‌ବୁକ୍ ପାଇଛନ୍ତି କି ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ଅଭିଯାନର ସମଗ୍ର ପ୍ରକ୍ରିୟା ଭିତରେ କ୍ଷେତ୍ରୀୟ ରାଜସ୍ୱ ପ୍ରଶାସନ ସଜାଗ ଓ ସକ୍ରୀୟ ରହିବା ଆବଶ୍ୟକ । ଅଭିଯାନର ଫଳ ସ୍ୱରୂପ, ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ପାଇଁ ଜମି ପାସ୍‌ବୁକ୍‌ର ବିତରଣ କ୍ଷେତ୍ରରେ ସୁଦୃଶ୍ୟ ଅଗ୍ରଗତି ହାସଲ ହେବା ଉଚିତ୍ ।

ଏହି ଅଭିଯାନର ବ୍ୟାପକ ପ୍ରଚାର ଓ ସ୍ୱଚ୍ଛ ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନକୁ ଯେମିତି ହେଲେ ସୁନିଶ୍ଚିତ କରିବାକୁ ପଡିବ ।

ଆପଣଙ୍କର ବିଶ୍ୱସ୍ତ,

**ସଂଲଗ୍ନ-** ସୂଚୀତ ହୋଇଥିବା ମତେ

**ସ୍ୱା/ ଏ.କେ.ତ୍ରିପାଠୀ,** ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଉନ୍ନୟନ କମିଶନର୍

ମେମୋ ନଂ ୩୪୫୦୩/ ଆର୍. ଏଣ୍ଡ ଡି.ଏମ୍. ତା ୨୮.୦୮.୦୭

ଏକ କିତା ନକଲ ସଦସ୍ୟ, ରାଜସ୍ୱ ପରିଷଦ, ଓଡିଶା, କଟକଙ୍କ ଅବଗତି ନିମନ୍ତେ ଅଭିପ୍ରେରଣ କରାଗଲା ।

ସ୍ୱା/ ଜି.ଭି.ଭି. ଶର୍ମା, ସରକାରଙ୍କ କମିଶନର୍ ଓ ସଚିବ

ମେମୋ ନଂ ୩୪୫୦୪/ ଆର୍. ଏଣ୍ଡ ଡି.ଏମ୍. ତା ୨୮.୦୮.୦୭

ଏକ କିତା ନକଲ ଆର୍.ଡି.ସି. କେନ୍ଦ୍ରୀୟ ଡିଭିଜନ୍, କଟକ/ ଆର୍.ଡି.ସି. ଉତ୍ତରାଞ୍ଚଳ ଡିଭିଜନ୍, ସମ୍ବଲପୁର/ ଆର୍.ଡି.ସି. ଦକ୍ଷିଣାଞ୍ଚଳ ଡିଭିଜନ୍, ବ୍ରହ୍ମପୁରଙ୍କ ଅବଗତି ନିମନ୍ତେ ଅଭିପ୍ରେରଣ କରାଗଲା ।

ସ୍ୱା/ ଜି.ଭି.ଭି. ଶର୍ମା, ସରକାରଙ୍କ କମିଶନର୍ ଓ ସଚିବ

ମେମୋ ନଂ ୩୪୫୦୫/ ଆର୍. ଏଣ୍ଡ ଡି.ଏମ୍. ତା ୨୮.୦୮.୦୭

ଏକ କିତା ନକଲ ସମସ୍ତ ଉପଜିଲ୍ଲାପାଳ /ସମସ୍ତ ତହସିଲଦାରଙ୍କ ଅବଗତି ଓ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ଅଭିପ୍ରେରଣ କରାଗଲା ।

ସ୍ୱା/ ଜି.ଭି.ଭି. ଶର୍ମା, ସରକାରଙ୍କ କମିଶନର୍ ଓ ସଚିବ

MPR of ____________________ district under "Mo Jami - Mo Diha" for the month of ______________

| Sl. No. | Name of the Tehsil | Ceiling Surplus | | | Homestead land lease cases | | | Agricultural Waste land cases | | | Regulation 2 of 1956 ( for scheduled areas ) | | | OLR Section 23 cases | | | Legal Assistance | | | Criminal Action | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| | | Total No. of cases | Number physically verified during the month | Number in which possess-ion is satisfactory | Total No. of cases | Number physically verified during the month | Number in which possess-ion is satisfactory | Total No. of cases | Number physically verified during the month | Number in which possess-ion is satisfactory | Total No. of cases | Number physically verified during the month | Number in which possession is satisfactory | Total No. of cases | Number physically verified during the month | Number in which possession is satisfactory | Opening balance | No. of new cases taken up | Number in which legal assistance has been tied up | Section of law | No. of cases initiated during the month |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 | 14 | 15 | 16 | 17 | 18 | 19 | 20 | 21 | 22 |

**ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଉନ୍ନୟନ କମିଶନର୍,ଓଡିଶା ସରକାର, ଭୁବନେଶ୍ୱର**

**ଅଜିତ୍ କୁମାର ତ୍ରିପାଠୀ, ଆଇ.ଏ.ଏସ୍.**

**ପତ୍ରସଂଖ୍ୟା- No.LD-60/2007- 34284/ CS (R&DM), Bhubanswar, Dated the 12th August, 2008**

**ପ୍ରାପ୍ତେଷୁ,**

**ସମସ୍ତ ଜିଲ୍ଲାପାଳ**

## ବିଷୟ- 'ମୋ ଜମି – ମୋ ଡିହ' ଅଭିଯାନକୁ ଚାଲୁ ରଖିବା

ମହାଶୟ,

ଆପଣ ଅବଗତ ଥିବେ ଯେ, 'ମୋ ଜମି – ମୋ ଡିହ' ଅଭିଯାନ ସରକାରଙ୍କ ଦ୍ୱାରା ବର୍ତ୍ତମାନ ପ୍ରଚଳିତ ଥିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ମୁଁ ସମୀକ୍ଷା କଲାବେଳେ ଏହାର କେତେକ ଅଭାବ ମୋର ଦୃଷ୍ଟିଗୋଚର ହୋଇଛି ଏବଂ ସେହି କାରଣରୁ ବର୍ତ୍ତମାନ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଜାରି କରାଯାଉଛି । କ୍ଷେତ୍ରୀୟ ସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ଅଧିକ ଧ୍ୟାନ ଦେବା ତଥା ବଳିଷ୍ଠ ତଦାରଖ ବ୍ୟବସ୍ଥା ପାଇଁ  ଆପଣଙ୍କୁ ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଛି । ଗତବର୍ଷ ଜାରି କରାଯାଇଥିବା ତଥା ବର୍ତ୍ତମାନ ପ୍ରଚଳିତ ଥିବା ନିର୍ଦ୍ଦେଶାବଳୀକୁ ନୀତିନିଷ୍ଠ ଭାବେ ପାଳନ କରିବା ସହିତ ନିମ୍ନୋକ୍ତ ବିଷୟଗୁଡିକ ଉପରେ ସୁନିଶ୍ଚିତ ପଦକ୍ଷେପ ନେବା ପାଇଁ ଆପଣଙ୍କୁ ଏତଦ୍ୱାରା ବିଶେଷ ଭାବେ ନିର୍ଦ୍ଦେଶ ଦିଆଅଯାଉଛି ।

୧. ଆବଣ୍ଟିତ ହୋଇଥିବା ଭୂଦାନ ଜମିସମୂହ ତଥା ତାହାଁର ଦଖଲ ସ୍ଥିତିକୁ ଯାଞ୍ଚ କରିବା ଏହି ଅଭିଯାନର ଅଂଶବିଶେଷ ରୂପେ ପରିଗଣିତ ହେବା ଏବଂ ଏହା ଉପରେ ଅଗ୍ରାଧିକାର ପ୍ରଦାନ କରିବା ବାଂଛନୀୟ ।

୨. ସେପ୍ଟେମ୍ବରର ପ୍ରଥମାର୍ଦ୍ଧରେ ଚଳିତ ବର୍ଷର ମେଳାଗୁଡିକୁ ଆପଣ ଆରମ୍ଭ କରିଦେବା ଉଚିତ୍ । କ୍ଷେତରେ ଫସଲ ଥିବା ବେଳେ ସମସ୍ତ କ୍ଷେତ୍ରସ୍ତରୀୟ ଯାଞ୍ଚକାର୍ଯ୍ୟ ସମାପିତ ହେବା ଉଚିତ୍ ।

୩. ଯେଉଁସବୁ କ୍ଷେତ୍ରରେ ଜମି ଆବଣ୍ଟନର ହିତାଧିକାରୀମାନେ ସଂପୃକ୍ତ ଜମିକୁ ଦଖଲ କରି ପାରିନାହାନ୍ତି, ସେପରି ସ୍ଥଳେ ଉପଯୁକ୍ତ ଅନୁସନ୍ଧାନ ଓ ସଂଶୋଧନମୂଳକ ପଦକ୍ଷେପମାନ ନେବା ପରେ ଦଖଲ ହସ୍ତାନ୍ତର ପାଇଁ ଦ୍ୱିତୀୟ ପର୍ଯ୍ୟାୟର ମେଳାମାନ ସାରା ରାଜ୍ୟରେ ଡିସେମ୍ବର ପ୍ରଥମ ସପ୍ତାହରେ ଆରମ୍ଭ କରିଦେବା ଉଚିତ୍ ।

୪. ରାଜସ୍ୱ ବିଭାଗର ପରିପତ୍ର ସଂଖ୍ୟା ୨୮୭୩୩ ତା ୩.୭.୨୦୦୮ ଅନୁଯାୟୀ ବସୁନ୍ଧରା କାର୍ଯ୍ୟକ୍ରମ ଅଧୀନରେ ଗ୍ରାମାଞ୍ଚଳରେ ୧୦ ଡିସିମିଲ୍ ପର୍ଯ୍ୟନ୍ତ ଘରଡିହ ଜମି ପାଇଁ ନୂଆ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ପାରେ । ଆଇ.ଇ.ସି. (ସୂଚନା, ଶିକ୍ଷଣ ଓ ପ୍ରସାରଣ) ଅଭିଯାନ ମାଧ୍ୟମରେ ପ୍ରତି ମେଳା ଅନୁଷ୍ଠିତ ହେବା ପୂର୍ବରୁ ପର୍ଯ୍ୟାପ୍ତ ପ୍ରଚାରକାର୍ଯ୍ୟ ଆୟୋଜନ କରିବା ବିଧେୟ ।

୫. ମେଳା ଚାଲୁଥିବା ସମୟରେ ଯଦି ଅନ୍ୟ କୌଣସି ନୂଆ କେଶ୍ ଦୃଷ୍ଟିଗୋଚର ହୁଏ, ତେବେ ସେଗୁଡିକୁ ଓ.ପି.ଏଲ୍.ଇ. ଆଇନ୍ ଏବଂ ଓ.ଜି.ଏଲ୍.ଏସ୍. ଆଇନ୍‌ର ବ୍ୟବସ୍ଥାଗୁଡିକ ଅନୁଯାୟୀ ବିଚାର କରାଯିବା ଉଚିତ୍ ।

୬. ବିଶେଷ କରି ଅନୁସୂଚୀତ ଇଲାକାମାନଙ୍କରେ ଯୋଗ୍ୟ ବିବେଚିତ ଏସ.ଟି. ହିତାଧିକାରୀମାନଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ସେମାନଙ୍କୁ କୃଷି ଓ ଘରଡିହ ଜମି ଲିଜ୍ ସୂତ୍ରରେ ଯୋଗାଇ ଦେବା ପାଇଁ ନୂତନ ପଦକ୍ଷେପ ନିଆଯାଇ ପାରେ ।

୭. ରାଜ୍ୟର ଅନୁସୂଚୀତ ଇଲାକାମାନଙ୍କରେ ରେଗୁଲେସନ୍-୨, ୧୯୫୬କୁ କଡାକଡି ଭାବେ କାର୍ଯ୍ୟକାରୀ କରାଯିବା ଉଚିତ୍ । ସୂଚୀତ ରେଗୁଲେସନ୍‌ର ଧାରା ୩ବି (୨) ଓ ଧାରା ୩ବି (୩) ଅଧୀନରେ ଥିବା ବ୍ୟବସ୍ଥାଗୁଡିକ ପ୍ରତି ଏତଦ୍ୱାରା ବିଶେଷ ଭାବେ ଆପଣଙ୍କର ଧ୍ୟାନ ଆକର୍ଷଣ କରାଯାଉଛି ।

୮. ବିଭିନ୍ନ ପର୍ଯ୍ୟାୟରେ ଅଟକି ରହିଥିବା ସମସ୍ତ ବକେୟା ସିଲିଂ କେଶ୍‌ଗୁଡିକ ଭିତରୁ  ପ୍ରତି କେଶ୍‌କୁ ସମୀକ୍ଷା କରାଯିବା ଉଚିତ୍ ଏବଂ ଆବଶ୍ୟକ ମୁତାବକ ମଧ୍ୟବର୍ତ୍ତୀ କାଳୀନ ଆଦେଶଗୁଡିକର ପ୍ରତ୍ୟାହାର, ପୁନର୍ବାର କାଉଣ୍ଟର୍ ଆଫିଡେଭିଟ୍ ଦାଖଲ, ତୁରନ୍ତ ଶୁଣାଣି ପାଇଁ ଆବେଦନ ଦାଖଲ, ଅପିଲ୍ ଦାଖଲ ଇତ୍ୟାଦି ପାଇଁ କାନୁନୀ ପଦକ୍ଷେପମାନ ନିଆଯିବା ଉଚିତ୍ ।

୯. ଯେଉଁମାନଙ୍କୁ ଜମି ଆବଣ୍ଟିତ ହୋଇଛି, ସେମାନଙ୍କ ଦ୍ୱାରା ସଂପୃକ୍ତ ଜମିର ଦଖଲକୁ ବାଧାଗ୍ରସ୍ତ କରୁଥିବା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯେଉଁ ନିର୍ଦ୍ଦେଶ ଜାରି କରାଯାଇଥିଲା, ସେଥିପ୍ରତି ଧ୍ୟାନ ଦେବା ଉଚିତ୍ ।

ଉପରୋକ୍ତ ବିଷୟ ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗକୁ ମାସିକ ଅଗ୍ରଗତି ବିବରଣୀ ମାଧ୍ୟମରେ ନିଶ୍ଚିତ ଭାବେ ରିପୋର୍ଟ ଦାଖଲ କରାଯିବା ଆବଶ୍ୟକ । ଆପଣ ମଧ୍ୟ କାର୍ଯ୍ୟାନ୍ୱୟନକୁ ଅନୁଧ୍ୟାନ କରିବା ତଥା ନୀତି-ଗ୍ରହଣ କ୍ଷେତ୍ରରେ ସ୍ଥିତିକୁ ସୁଧାରିବା ଉଦ୍ଦେଶ୍ୟରେ ଗଠନମୂଳକ ପରାମର୍ଶମାନ ଦାଖଲ କରିବା ଉଚିତ୍ ।

**ଆପଣଙ୍କର ବିଶ୍ୱସ୍ତ,**

**ସ୍ୱା/ ମୁଖ୍ୟ ଶାସନ ସଚିବ, ଓଡିଶା**

**ମେମୋ ସଂଖ୍ୟା- ୩୪୨୮୫**/ଆର୍. ଏଣ୍ଡ ଡି.ଏମ୍. ତା ୧୨.୮.୨୦୦୮- ଏହାର ଏକକିତା ନକଲ ସଭ୍ୟ, ରାଜସ୍ୱ ପରିଷଦ, କଟକଙ୍କ ଅବଗତି ପାଇଁ ପ୍ରେରଣ କରାଗଲା । **ସ୍ୱା- ସରକାରଙ୍କ କମିଶନର୍ ଓ ସଚିବ ତା ୧୨.୦୮.୨୦୦୮**

**ମେମୋ ସଂଖ୍ୟା- ୩୪୨୮୬**/ଆର୍. ଏଣ୍ଡ ଡି.ଏମ୍. ତା ୧୨.୮.୨୦୦୮- ଏହାର ଏକକିତା ନକଲ ସଭ୍ୟ, ଆର୍.ଡି.ସି. (ସି.ଡି.) କଟକ / ଆର୍.ଡି.ସି. (ଏନ୍.ଡି.), ସମ୍ବଲପୁର/ ଆର୍.ଡି.ସି. (ଏସ୍.ଡି.) ବ୍ରହ୍ମପୁରଙ୍କ ଅବଗତି ପାଇଁ ପ୍ରେରଣ କରାଗଲା । **ସ୍ୱା- ସରକାରଙ୍କ କମିଶନର୍ ଓ ସଚିବ, ତା ୧୨.୦୮.୨୦୦୮**

## ୨୧: ଓଡିଶା ଅବକାରୀ ନୀତି ୨୦୦୧୦-୧୧

ପ୍ରତିବର୍ଷ ଓଡିଶା ସରକାରଙ୍କ ଅବକାରୀ ବିଭାଗ ସମଗ୍ର ରାଜ୍ୟ ପାଇଁ ଏକ ବାର୍ଷିକ ଅବକାରୀ ନୀତି ଘୋଷଣା କରିଥାଏ ଏବଂ ଏହାକୁ କାର୍ଯ୍ୟକାରୀ କରିଥାଏ ରାଜ୍ୟ ଅବକାରୀ କମିଶନର୍‌ଙ୍କ କାର୍ଯ୍ୟାଳୟ । ଏହି ନୀତି ଭିତରେ ସମ୍ମିଳିତ ଥାଏ ଅବକାରୀ ଶୁଳ୍କ, ଦେୟ ବ୍ୟବସ୍ଥା, ତଥା ଅବକାରୀ ଦୋକାନ ଓ ସଂସ୍ଥାସମୂହଙ୍କ ପାଇଁ ପ୍ରଯୁଜ୍ୟ ମାର୍ଗଦର୍ଶୀକା ଇତ୍ୟାଦି । ରାଜ୍ୟ ଅବକାରୀ ବିଭାଗର କମିଶନର୍-ସଚିବ ରାଜ୍ୟ ଅବକାରୀ କମିଶନର୍‌ଙ୍କ ନିକଟକୁ ପଠାଇଥିବା ତାଙ୍କର ପତ୍ର ସଂଖ୍ୟା ୯୨୯ ତାରିଖ ୨୫.୨.୨୦୧୦ ରେ ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ରାଜ୍ୟ ଅବକାରୀ ନୀତି ଘୋଷଣା କରିଛନ୍ତି । ଏଥିରେ ମୋଟ ୪୪ଟି ଅନୁଚ୍ଛେଦ ରହିଛି, ଯଥା-

୧- ବିୟର୍ ପ୍ରସ୍ତୁତି କାରଖାନା ଗୁଡିକ ପାଇଁ ଲାଇସେନ୍ସ ଫିସ୍
୨- ବୋତଲ ପିଛା (ବଟ୍‌ଲିଂ ଫିସ୍) ଫିସ୍
୩- ମଦପ୍ରସ୍ତୁତି କାରଖାନା ଏବଂ ବଟ୍‌ଲିଂ ସଂସ୍ଥାଗୁଡିକ ପାଇଁ ଲାଇସେନ୍ସ ଫିସ୍
୪- ଆଇ.ଏମ୍.ଏଫ୍.ଏଲ୍. (ଭାରତରେ ପ୍ରସ୍ତୁତ ବିଦେଶୀ ମଦ) ପାଇଁ ଲାଇସେନ୍ସ ଫିସ୍
୫- ଇ.ଏନ୍.ଏଲ୍. କଲମସ୍ ପାଇଁ ବାର୍ଷିକ ଲାଇସେନ୍ସ ଫିସ୍
୬- ଓ୍ୱାଇନ୍ ଉତ୍ପାଦକ ସଂସ୍ଥା ଗୁଡିକ ପାଇଁ ବାର୍ଷିକ ଲାଇସେନ୍ସ ଫିସ୍
୭- ବିଅର୍ ଓ ଓ୍ୱାଇନ୍ କାରଖାନା, ବଟ୍‌ଲିଂ ଏବଂ ମଦପ୍ରସ୍ତୁତି କାରଖାନା ଇତ୍ୟାଦି ପାଇଁ ଲାଇସେନ୍ସ ସକାଶେ ଦରଖାସ୍ତ ଫିସ୍ (ଅଣ-ଫେରସ୍ତ)
୮- ବିଅର୍ ଓ ଓ୍ୱାଇନ୍ କାରଖାନା, ବଟ୍‌ଲିଂ ଏବଂ ମଦପ୍ରସ୍ତୁତି କାରଖାନା ଇତ୍ୟାଦି ପାଇଁ ଲାଇସେନ୍ସର ନବୀକରଣ ସକାଶେ ଦରଖାସ୍ତ ଫିସ୍ (ଅଣ-ଫେରସ୍ତ)
୯- ମଦପ୍ରସ୍ତୁତି କାରଖାନାଗୁଡିକ ଆବଶ୍ୟକ କରୁଥିବା ଗୁଡଜାତୀୟ ସାମଗ୍ରୀ ସଂଗ୍ରହ ପାଇଁ ନିର୍ଦ୍ଧାରିତ ଏମ୍.ଜି.କ୍ୟୁ. (ସର୍ବାଧିକ ଗ୍ୟାରେଣ୍ଟି ପରିମାଣ) ବାବଦକୁ ଲାଇସେନ୍ସ ଫିସ୍
୧୦. ଆଇ.ଏମ୍.ଏଫ୍.ଏଲ୍. ଏବଂ ବିୟର୍ ପିଛା ଅବକାରୀ ଶୁଳ୍କ
୧୧. ଲେବୁଲ୍ ପଂଜିକରଣ, ବିଦେଶୀ ମଦ ଓ ବିଅର୍, ରେକ୍ଟିଫାଏଡ୍ ସ୍ପିରିଟ୍ ଓ ଡିନେଚର୍‌ଡ୍ ସ୍ପିରିଟ୍ , ତଥା ବିଦେଶୀ ମଦ ବ୍ୟବସାୟ ଓ ବିକ୍ରୀବଟା ପାଇଁ ଫ୍ରାଞ୍ଚାଇଜ୍ ଫିସ୍
୧୨. ଲେବୁଲ୍ ପଂଜିକରଣ ଫିସ୍
୧୩. ଡିପୋ ଲାଇସେନ୍ସ ଫିସ୍
୧୪. ଠିପିଖୋଲା ବିଦେଶୀ ମଦ ବିକ୍ରୟ କେନ୍ଦ୍ର ଓ ବିଅର୍ ପାର୍ଲର୍ ପାଇଁ ଲାଇସେନ୍ସ ଫିସ୍
୧୫. କ୍ଲବ୍ ଓ ମିଲିଟାରି କ୍ୟାଣ୍ଟିନ୍‌ରେ ଠିପିଖୋଲା ବିଦେଶୀ ମଦ ଯୋଗାଣ
୧୬. ଏମ୍. ଏଣ୍ଡ୍ ଟି.ପି. (ମେଡିକାଲ୍ ଏଣ୍ଡ୍ ଟଏଲେଟ୍ ପ୍ରିପେରେସନ୍‌ସ୍) ୟୁନିଟ୍ ଗୁଡିକ ପାଇଁ ଲାଇସେନ୍ସ ଫିସ୍
୧୭. ପ୍ରସ୍ତୁତିକାରୀ କମ୍ପାନୀମାନଙ୍କର ଚୁକ୍ତିବଦ୍ଧ ଗୋଦାମ ଘରଗୁଡିକ ପାଇଁ ଲାଇସେନ୍ସ ଫିସ୍
୧୮. ପାଇକାରୀ ଯୋଗାଣ ପାଇଁ ଲାଇସେନ୍ସ ଫିସ୍
୧୯. ଭାଙ୍ଗ/ତାଡି/ ରନ୍ଧାମଦ ଦୋକାନସମୂହ
୨୦. ଦେଶୀ ସ୍ପିରିଟ୍ ଦୋକାନସମୂହ
୨୧. ଭାଟି ଦୋକାନସମୂହ
୨୨. ଠିପି ବନ୍ଦ ବିଦେଶୀ ମଦ ଦୋକାନସମୂହ
୨୩. ସର୍ବୋଚ୍ଚ ଖୁଚୁରା ବିକ୍ରୟମୂଲ୍ୟ
୨୪. ବିଦେଶରେ ପ୍ରସ୍ତୁତ ବିଦେଶୀ ମଦ/ ବିଦେଶରୁ ଆମଦାନୀ ହୋଇଥିବା ଓ୍ୱାଇନ୍ ବିୟର୍
୨୫. ମଡେଲ୍ ଓ୍ୱାଇନ୍ ଦୋକାନ
୨୬. ମହୁଲି ଫୁଲର ଉପଯୋଗ, ଗଚ୍ଛିତ ରଖାଯିବା, ପରିବହନ ଓ ରପ୍ତାନୀ ଫିସ୍
୨୭. ଆଖୁ ଦୋରୁଅର ଉପଯୋଗ ଫିସ୍
୨୮. ସରକାରଙ୍କ ଅନୁମୋଦିତ ଲେବୁଲ୍ ଓ ପ୍ରତୀକ ବ୍ୟବହାର କରିବା ବାବଦ ଫିସ୍
୨୯. ଆଦିବାସୀ ଇଲାକା ପାଇଁ ଅବକାରୀ ନୀତି
୩୦. ଲାଇସେନ୍ସ ମଞ୍ଜୁରି ପାଇଁ ଜିଲ୍ଲାପାଳମାନଙ୍କୁ କ୍ଷମତା ଅର୍ପଣ
୩୧. ସୈନିକ ଏବଂ ମିଲିଟାରୀ ସଂଗଠନମାନଙ୍କୁ ଯୋଗାଣ କରାଯାଉଥିବା ବିଦେଶୀ ମଦ ଉପରେ ଅବକାରୀ ଶୁଳ୍କ
୩୨. ବିଦେଶୀ ମଦର ଆମଦାନୀ ଏବଂ ଏଥିପାଇଁ ସଂଯୋଗ ସ୍ଥାପନା
୩୩. ଉପଯୋଗ ଦେୟସମୂହ
୩୪. ଲେବୁଲ୍ ପଞ୍ଜିକରଣ
୩୫. ଅଗ୍ରୀମ ଦେୟ ଅର୍ଥରାଶି
୩୬. ଅନନ୍ୟ କାରବାର କ୍ଷେତ୍ର
୩୭. ବିଦେଶୀ ମଦ / ବିୟର୍ କ୍ଷେତ୍ରରେ ରପ୍ତାନୀ ନୀତି
୩୮. ମଦ ରନ୍ଧନ, ପ୍ରସ୍ତୁତି, ଓ୍ୱାଇନ୍ କାରବାର ତଥା ବୋତଲ ଉତ୍ପାଦନ ପାଇଁ ନୂତନ ଉଦ୍ୟୋଗ ପ୍ରତିଷ୍ଠାକୁ ପ୍ରୋତ୍ସାହନ

୩୯. ଅନନ୍ୟ କାରବାର କ୍ଷେତ୍ର ପାଇଁ ମଞ୍ଜୁରି ବା ମଞ୍ଜୁରିର ନବୀକରଣ ବେଳେ ବିହାର ଓ ଓଡିଶା ଅବକାରୀ ଆଇନ୍ ୧୯୧୫ର ଧାରା ୨୨ ଏବଂ ୨୬-ଏ ରେ ସର୍ବସାଧାରଣ ନୋଟିସ୍ ତଥା ଗ୍ରାମପଞ୍ଚାୟତର ଅନୁମୋଦନ ସଂବନ୍ଧରେ ଥିବା ବ୍ୟବସ୍ଥାଗୁଡିକର ଅନୁପାଳନ

୪୦. ଲାଇସେନ୍ସ ବା ଅନନ୍ୟ କାରବାର କ୍ଷେତ୍ର ପାଇଁ ଲାଇସେନ୍ସର ନବୀକରଣ କେବଳ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସନ୍ତୋଷବିଧାନ ହେଲାଭଳି ସର୍ତ୍ତାବଳୀର ପରିପୂରଣ ଉପରେ ପ୍ରାଧାନ୍ୟ

୪୧. ରାଜ୍ୟର ଯ' ଚାଷୀମାନଙ୍କୁ ପ୍ରୋତ୍ସାହନ ପାଇଁ ଶତକଡା ୭୫ଭାଗ ଯ' ବହନ କରିଥିବା ବିୟର୍ ଉପରେ ଅବକାରୀ ଶୁଳ୍କର ଶତକଡା ୨୫ଭାଗ ରିହାତି ପ୍ରଦାନ

୪୨. ଯଥୋଚିତ ଅନୁସନ୍ଧାନ ଭିତ୍ତିରେ ଯଦି କୌଣସି ଗୁରୁତର ଅଭିଯୋଗ ସାବ୍ୟସ୍ତ ହୋଇଥାଏ ତେବେ ଗୋଟିଏ ଦୋକାନର ଲାଇସେନ୍ସ ନବୀକରଣ ବେଳେ ଜିଲ୍ଲାପାଳ ଏହାର ସ୍ଥାନ ପରିବର୍ତ୍ତନ ଉପରେ ନିଷ୍ପତ୍ତି ନେଇପାରନ୍ତି ।

୪୩. ଯେଉଁସବୁ ଇଲାକରେ ଆବଶ୍ୟକତା ଥିବ ବା ଅଭାବ ଥିବ, ଜିଲ୍ଲାପାଳମାନଙ୍କ ଦ୍ୱାରା ସେ ବିଷୟରେ ଆକଳନ କରାଯାଇ ନୂତନ ଅବକାରୀ ଦୋକାନମାନ ଖୋଲାଯିବା ପାଇଁ ସୁପାରିଶ୍ କରାଯିବ ।

୪୪. ବେଆଇନ୍ ମଦ ରନ୍ଧନ ବା ବିଷାକ୍ତ ମଦ ପ୍ରସ୍ତୁତି ଇତ୍ୟାଦି ଅପରାଧ ଗୁଡିକୁ ଠାବ କରିବା ପାଇଁ ତଥା ଅବକାରୀ ରାଜସ୍ୱ ସଂଗ୍ରହ ପାଇଁ ଅବକାରୀ କମିଶନର୍ ନିୟମିତ ତନଖି ଏବଂ ଚଢଉ ଜାରି ରଖିବେ ତଥା ସଂପୃକ୍ତ ଅପରାଧୀ ମାନଙ୍କ ବିରୁଦ୍ଧରେ ଅବକାରୀ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଉପରୋକ୍ତ ବିନ୍ଦୁ-୨୯ରେ କୁହାଯାଇଛି ଯେ, "ଆଦିବାସୀ ଇଲାକାରେ ବ୍ୟବସାୟିକ କାରବାର ପାଇଁ ନୁହେଁ, କେବଳ ନିଜର ବ୍ୟବହାର ପାଇଁ ମଦ ରାନ୍ଧିବା ପାଇଁ ମଞ୍ଜୁର କରାଯାଇଥିବା ରିହାତି ବଳବତ୍ତର ରହିବ । ଅନୁସୂଚୀତ ଅଞ୍ଚଳରେ ଗ୍ରାମଶାସନର ଅନୁମୋଦନ ସଂଗ୍ରହ ପାଇଁ ବିହାର ଓ ଓଡିଶା ଅବକାରୀ ଆଇନ୍ ୧୯୧୫ର ଧାରା ୨୬-ଏ ଅଧୀନରେ ସ୍ଥାନିତ ବ୍ୟବସ୍ଥାକୁ କଡାକଡି ଅନୁସରଣ କରାଯିବ" ।

ବର୍ତ୍ତମାନ ଏହା ଉଲ୍ଲେଖନୀୟ ଯେ, ବିହାର ଓ ଓଡିଶା ଅବକାରୀ ଆଇନ୍ ୧୯୧୫ର ଧାରା ୨୬-ଏ ରେ ଅନୁସୂଚୀତ ଅଞ୍ଚଳମାନଙ୍କ ପାଇଁ ନିମ୍ନୋକ୍ତ ମତେ ବ୍ୟବସ୍ଥା କରାଯାଇଛି- "ପ୍ରସ୍ତୁତି, ମହଜୁଦ୍ ବା ବିକ୍ରୀ ଅଥବା ଅନନ୍ୟ କାରବାର କ୍ଷେତ୍ର ପାଇଁ ଲାଇସେନ୍ସ ମଞ୍ଜୁରି ପାଇଁ ଉଦ୍ଦିଷ୍ଟ କ୍ଷମତା ପୂର୍ବ ଭଳି ଅବକାରୀ ବିଭାଗ ପାଖରେ ନ୍ୟସ୍ତ ରହିବ, କିନ୍ତୁ ଉକ୍ତ କର୍ତ୍ତୃପକ୍ଷ ଲାଇସେନ୍ସ ମଞ୍ଜୁରି ପୂର୍ବରୁ ଗ୍ରାମଶସନର ସହମତି ହାସଲ କରିଥିବେ । କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଏପ୍ରକାର ସହମତି ଲୋଡି ଗ୍ରାମ ପଞ୍ଚାୟତକୁ ସୂଚୀତ କରିବା ପରେ ଗ୍ରାମ ପଞ୍ଚାୟତ ସେହି ସୂଚନା ପାଇବାର ୩୦ଦିନ ଭିତରେ ନିଜର ନିଷ୍ପତ୍ତି ଜଣାଇବେ, ନତୁବା ଏହା ଧରିନିଆଯିବ ଯେ ପ୍ରସ୍ତାବିତ ଲାଇସେନ୍ସ ସପକ୍ଷରେ ଗ୍ରାମ ପଞ୍ଚାୟତ ନିଜର ସହମତି ବ୍ୟକ୍ତ କରିଛନ୍ତି" । ଏହାର ସିଧା ଅର୍ଥ ହେଉଛି, ଥରେ ଯଦି ନୋଟିସ୍ ପାଇବାର ୩୦ଦିନ ଭିତରେ ଗ୍ରାମ ପଞ୍ଚାୟତ କୌଣସି କାରଣରୁ ନିଜର ନିଷ୍ପତ୍ତି ଜଣାଇ ନପାରେ, ତେବେ ପ୍ରସ୍ତାବିତ ଲାଇସେନ୍ସ ବିରୁଦ୍ଧରେ ପରେ ଯେତେ ପାଟିତୁଣ୍ଡ କଲେ ବି ତାହା ବିଚାରକୁ ନିଆଯିବ ନାହିଁ ।

ଏଠାରେ ଆଉ ଏକ ଉଲ୍ଲେଖନୀୟ ବିଷୟ ଏହିକି ଯେ, ଅନ୍ୟାନ୍ୟ ବହୁ ଉନ୍ନୟନ ଯୋଜନା କ୍ଷେତ୍ରରେ ଓଡିଶା ସରକାର ହୁଏତ୍ ପଛରେ ପଡିଥାଇ ପାରନ୍ତି, କିନ୍ତୁ ଅବକାରୀ ରାଜସ୍ୱ କ୍ଷେତ୍ରରେ ପ୍ରତିବର୍ଷ ସରକାର ନିଜର ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ ରାଜସ୍ୱ ସଂଗ୍ରହ କରିଚାଲିଛନ୍ତି । ଓଡିଶା ସରକାରଙ୍କ ଅବକାରୀ ବିଭାଗର ୱେବ୍ସାଇଟ୍ରୁ ସଂଗୃହୀତ ନିମ୍ନୋକ୍ତ ପରିସଂଖ୍ୟାନ ଏହି ସତ୍ୟକୁ ସାବ୍ୟସ୍ତ କରୁଛି-

| **ବର୍ଷ** | **ଧାର୍ଯ୍ୟ ଲକ୍ଷ୍ୟ** *(କୋଟି ଟଙ୍କା ଆକାରରେ)* | **ହାସଲ ପରିମାଣ** *(କୋଟି ଟଙ୍କା ଆକାରରେ)* | **ଶତକଡା ବୃଦ୍ଧି** |
|---|---|---|---|
| ୨୦୦୩-୦୪ | ୩୦୦ | ୩୨୬ | ୪.୩ |
| ୨୦୦୪-୦୫ | ୨୯୦.୧୬ | ୩୮୦.୪୬ | ୧୯.୪୫ |
| ୨୦୦୫-୦୬ | ୪୦୦ | ୪୭୫.୫୦ | ୨୬.୯୪ |
| ୨୦୦୬-୦୭ | ୪୯୦ | ୫୪୦.୫୫ | ୧୦.୫୧ |
| ୨୦୦୭-୦୮ | ୫୫୩.୭୦ | ୬୪୭ | ୨୨.୦୧ |
| ୨୦୦୮-୦୯ | ୬୧୦ | ୮୨୬.୧୨ | ୨୬ |

ଓଡିଶାରେ ପାଇକାରୀ ମଦ ବ୍ୟବସାୟକୁ ପରିଚାଳନା କରିବା ପାଇଁ ୧ ଜାନୁଆରୀ ୨୦୦୧ ମସିହା ଠାରୁ ଓଡିଶା ବିଅର୍ କର୍ପୋରେସନ୍ ପ୍ରତିଷ୍ଠା ଲାଭ କରିଛି । କିନ୍ତୁ ରାଜ୍ୟରେ ବିଷାକ୍ତ ମଦ ବିଭୀଷିକା ଘଟଣା ମଧ୍ୟ ସେବେଠାରୁ କ୍ରମାଗତ ଭାବେ ଲାଗି ରହିଛି । ରାଜ୍ୟ ଅବକାରୀ ବିଭାଗର ୱେବ୍ସାଇଟ୍ରେ ସ୍ଥାନିତ ତଥ୍ୟ ଅନୁଯାୟୀ ୨୦୦୧ରୁ ନିମ୍ନୋକ୍ତ ମଦ ବିଭୀଷିକା ରାଜ୍ୟର ବିଭିନ୍ନ ସ୍ଥାନରେ ଘଟି ଯାଇଛି-

*୨୦୦୧: ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ମଦ ବିଭୀଷିକା ଓ ୨୦ଜଣ ବ୍ୟକ୍ତିଙ୍କ ମୃତ୍ୟୁ*

*୨୦୦୬: ଗଞ୍ଜାମ ଜିଲ୍ଲାର ରମ୍ଭା ଓ ଗୋଳାବନ୍ଧ ଅଞ୍ଚଳରେ ମଦ ବିଭୀଷିକା ଓ ୨୯ଜଣଙ୍କ ମୃତ୍ୟୁ*

*୨୦୦୯: ଖୋର୍ଦ୍ଧା ଜିଲ୍ଲାର ବଡପୋଖରିଆ ଅଞ୍ଚଳରେ ମଦ ବିଭୀଷିକା ଓ ୪ଜଣଙ୍କ ମୃତ୍ୟୁ*

*୨୦୦୯: ବଲାଙ୍ଗିର ଜିଲ୍ଲାର ଗଣ୍ଡପାଲି ଓ ମୁଣ୍ଡାପାଲି ଅଞ୍ଚଳରେ ମଦ ବିଭୀଷିକା ଓ ୭ଜଣଙ୍କ ମୃତ୍ୟୁ*

*୨୦୧୦: କଟକ ଜିଲ୍ଲାର ସାଲେପୁର ଅଞ୍ଚଳରେ ମଦ ବିଭୀଷିକା ଏବଂ ୨ଜଣଙ୍କ ମୃତ୍ୟୁ*

---

***(Compiled by Chtta Behera, 4A Jubilee Tower, Choudhury Bazar, Cuttack-9, Email: chittabehera1@yahoo.co.in, Mobile: 9437577546, Dt 4th October, 2010)***